# ଧରିତ୍ରୀ
DHARITRI

ଭୁବନେଶ୍ୱର, ଶନିବାର, ମେ' ୧୩/୨୦୨୩ (୧୮ ପୃଷ୍ଠା+ପିଲାଙ୍କ ଧରିତ୍ରୀ) | Bhubaneswar, Saturday, May 13/2023 | Page 18 | ₹ 7.00

୪୯ଶ ଭାଗ ୧୬୭ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 49 ISSUE 167 | ମୂଲ୍ୟ ₹୭/-




**ସୂର୍ଯ୍ୟକୁମାରଙ୍କ ଶତକ**

ଗୁଜରାଟ ଟାଇଟନ୍ସ ବିପକ୍ଷ ଆଇପିଏଲ ମ୍ୟାଚରେ ମୁମ୍ବାଇ ଇଣ୍ଡିଆନ୍ସ ବ୍ୟାଟର ସୂର୍ଯ୍ୟକୁମାର ଯାଦବ ଶତକ ହାସଲ କରିଛନ୍ତି।

୧୮

୧୫

**ଅଭିମାନ କରିଛନ୍ତି ଅର୍ମାନ**

ଅନେକ ପ୍ରୋଜେକ୍ଟ ହାତଛଡ଼ା ହେବା ପରେ ବଲିଉଡ୍ ସିଙ୍ଗର ଅର୍ମାନ୍ ମଲ୍ଲିକ ଇଣ୍ଡଷ୍ଟ୍ରି ଛାଡ଼ିବାକୁ ଚାହୁଁଥିବା କହିଛନ୍ତି।



# ବାଚସ୍ପତି, ୨ ମନ୍ତ୍ରୀଙ୍କ ଇସ୍ତଫା

## ଖୁବ୍‌ଶୀଘ୍ର ହେବ ମନ୍ତ୍ରିମଣ୍ଡଳ ଅଦଳବଦଳ

**ଭୁବନେଶ୍ୱର, ୧୨।୫(ବ୍ୟୁରୋ)**

ଓଡ଼ିଶା ବିଧାନସଭା ବାଚସ୍ପତି ବିକ୍ରମ କେଶରୀ ଆରୁଖଙ୍କ ସମେତ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ଏବଂ ଶ୍ରମ ମନ୍ତ୍ରୀ ଶ୍ରୀକାନ୍ତ ସାହୁ ଶୁକ୍ରବାର ଅପରାହ୍ନରେ ଇସ୍ତଫା ଦେଇଛନ୍ତି। ଏଥିରୁ ସ୍ପଷ୍ଟ ହେଉଛି ଯେ, ଖୁବ୍‌ଶୀଘ୍ର ରାଜ୍ୟ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ହେବାକୁ ଯାଉଛି। ୨୦୨୪ ସାଧାରଣ ନିର୍ବାଚନକୁ ବର୍ଷେରୁ କମ୍ ସମୟ ଥିବାବେଳେ ବିଜେଡି ସରକାରର ୫ମ ପାଳିରେ ଦ୍ୱିତୀୟ ଥର ପାଇଁ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ହେବା ଚର୍ଚ୍ଚାର ବିଷୟ ହୋଇଛି।

ମିଳିଥିବା ସୂଚନା ଅନୁଯାୟୀ ମନ୍ତ୍ରୀ ସମୀର ଦାଶ ଏବଂ ଶ୍ରୀକାନ୍ତ ସାହୁଙ୍କୁ ଶୁକ୍ରବାର ସକାଳେ ଇସ୍ତଫା ଦେବା ପାଇଁ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଥିଲା। ଉଭୟ ନିଜ ନିଜର ଇସ୍ତଫାପତ୍ର ଅପରାହ୍ନ ୩ଟା ସୁଦ୍ଧା ପଠାଇଥିବାବେଳେ ବାଚସ୍ପତି ଆରୁଖ ମଧ୍ୟ ତାଙ୍କ ଇସ୍ତଫାପତ୍ର ଉପବାଚସ୍ପତିଙ୍କ



ବିକ୍ରମ କେଶରୀ ଆରୁଖ



ସମୀର ରଞ୍ଜନ ଦାଶ



ଶ୍ରୀକାନ୍ତ ସାହୁ

ନିକଟକୁ ପଠାଇ ଦେଇଛନ୍ତି। ବ୍ୟକ୍ତିଗତ କାରଣରୁ ଇସ୍ତଫା ଦେଇଥିବା ଆରୁଖ କହିଛନ୍ତି। ସେହିପରି ଶ୍ରୀକାନ୍ତ ସାହୁ କହିଛନ୍ତି, ନିର୍ବାଚନ ପାଇଁ ଆଉ କମ୍ ଦିନ ରହିଛି। ଦଳର ସାଙ୍ଗଠନିକ କାର୍ଯ୍ୟ ପାଇଁ ସେ ଇସ୍ତଫା ଦେଇଛନ୍ତି। ଧର୍ମେନ୍ଦ୍ର ସାହୁ ଆତ୍ମହତ୍ୟା ମାମଲାରେ ମନ୍ତ୍ରୀ ସମୀର ଦାଶଙ୍କ ସମ୍ପୃକ୍ତି ଅଭିଯୋଗ ନେଇ ସେ ବିବାଦୀୟ ହୋଇ ପଡ଼ିଥିଲେ। ସେହିପରି ଜଣେ ବିଜେଡି ନେତ୍ରୀଙ୍କ ଦ୍ୱାରା ମନ୍ତ୍ରୀ ଶ୍ରୀକାନ୍ତ ସାହୁଙ୍କ ବିରୋଧରେ ବଳାତ୍କାର ଅଭିଯୋଗ ମାମଲା ହୋଇଛି। ଏଥିଯୋଗୁ ଉଭୟଙ୍କୁ ମନ୍ତ୍ରିମଣ୍ଡଳରୁ ବାଦ୍ ଦିଆଯାଇଥିବା ନେଇ ଚର୍ଚ୍ଚା ହେଉଛି ।

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୪ଦିନିଆ ନୂଆଦିଲ୍ଲୀ ଗସ୍ତରେ ଅଛନ୍ତି। ଏହି ସମୟରେ ହଠାତ୍ ବାଚସ୍ପତି ଓ ମନ୍ତ୍ରୀମାନଙ୍କ ଇସ୍ତଫା ପରେ ମନ୍ତ୍ରିମଣ୍ଡଳ ଅଦଳବଦଳ ନେଇ ଚର୍ଚ୍ଚା ଜୋର ଧରିଛି। ଶନିବାର ଝାରସୁଗୁଡ଼ା ଉପନିର୍ବାଚନର ଫଳାଫଳ ପ୍ରକାଶ ପାଇବ। ସେହିଦିନ ପୂର୍ବାହ୍ନରେ ମୁଖ୍ୟମନ୍ତ୍ରୀ ନୂଆଦିଲ୍ଲୀରୁ ଫେରିବା କାର୍ଯ୍ୟକ୍ରମ ରହିଛି। ସାଧାରଣ ନିର୍ବାଚନକୁ ବର୍ଷେରୁ ☞ପୃଷ୍ଠା-୪

**ସିବିଏସ୍‌ଇ ପରୀକ୍ଷାଫଳ ପ୍ରକାଶ** ଦଶମ ପାସ୍ ହାର ୯୩.୧୨, ଦ୍ୱାଦଶ ୮୭.୩୩% ପୃଷ୍ଠା ୩

# ଝାରସୁଗୁଡ଼ା ଉପନିର୍ବାଚନ ଫଳାଫଳ ଆଜି

**ଭୁବନେଶ୍ୱର, ୧୨।୫(ବ୍ୟୁରୋ)**

ଝାରସୁଗୁଡ଼ା ଉପନିର୍ବାଚନ ପାଇଁ ଶନିବାର ଭୋଟ ଗଣତି ସହ ଫଳାଫଳ ପ୍ରକାଶ ପାଇବ। ଏ ନେଇ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ(ସିଇଓ)ଙ୍କ ପକ୍ଷରୁ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି। ଏଥିପାଇଁ ତ୍ରି-ସ୍ତରୀୟ ସୁରକ୍ଷା ବ୍ୟବସ୍ଥା କରାଯାଇଛି। ଶୁକ୍ରବାର ଗଣମାଧ୍ୟମକୁ ସୂଚନା ଦେଇ ମୁଖ୍ୟ ନିର୍ବାଚନ ଅଧିକାରୀ ନିକୁଞ୍ଜ ବିହାରୀ ଧଳ କହିଛନ୍ତି, ଝାରସୁଗୁଡ଼ାସ୍ଥିତ ଇଞ୍ଜିନିୟରିଂ କଲେଜରେ ଭୋଟ ଗଣନା କେନ୍ଦ୍ର କରାଯାଇଛି। ସକାଳ ୮ଟାରୁ ଭୋଟ ଗଣତି ଆରମ୍ଭ ହେବ। ଏଥିଲାଗି ୧୪ଟି କାଉଣ୍ଟିଂ ଟେବୁଲ ବ୍ୟବସ୍ଥା ହୋଇଛି। ଆଉ ଗୋଟିଏ କାଉଣ୍ଟିଂ ଟେବୁଲରେ ପୋଷ୍ଟାଲ ବାଲଟ ଗଣନା ହେବ। ୨୫୩ ବୁଥ୍ ଥିବାରୁ ୧୯ ରାଉଣ୍ଡ ଗଣନା ହେବ। ପ୍ରଥମେ ପୋଷ୍ଟାଲ ବାଲଟ ଗଣନା ହେବ। ସେହିପରି ୮ଟା ୩୦ରୁ ଇଭିଏମ୍ ଗଣନା ଆରମ୍ଭ ହେବ। ମତ ଗଣନାକୁ ତଦାରଖ କରିବା ଲାଗି ସେଣ୍ଟ୍ରାଲ ଅବ୍‌ଜରଭର ଉପସ୍ଥିତ ରହିବେ। ପ୍ରତ୍ୟେକ ଟେବୁଲରେ ଜଣେ ଲେଖାଏ କାଉଣ୍ଟିଂ ସୁପରଭାଇଜର, ଜଣେ ସହାୟକ ରହିବେ। ଏଥିସହ ଜଣେ ମାଇକ୍ରୋ ଅବ୍‌ଜରଭର ରହିବେ। ପ୍ରତ୍ୟେକ ଟେବୁଲରେ ପ୍ରାର୍ଥୀ ତାଙ୍କର ଏଜେଣ୍ଟ ଦେଇପାରିବେ। ସେହିପରି ପ୍ରାର୍ଥୀ କିମ୍ବା ତାଙ୍କ ଏଜେଣ୍ଟ କାଉଣ୍ଟିଂ ସେଣ୍ଟରରେ ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

## ପଦଯାତ୍ରା ଆକର୍ଷଣ







**୨୬ରେ ଉଦ୍‌ଘାଟନ ହୋଇପାରେ ନୂଆ ପାର୍ଲାମେଣ୍ଟ ବିଲ୍ଡିଂ**

ଭାରତର ନୂଆ ପାର୍ଲାମେଣ୍ଟ ଭବନ ଆସନ୍ତା ୨୬ ତାରିଖରେ ଉଦ୍‌ଘାଟନ ହୋଇପାରେ ବୋଲି ଏକ ସୂତ୍ରରୁ ଜଣାପଡ଼ିଛି। ତେବେ ସରକାରୀ ଭାବେ ଏହା ସ୍ପଷ୍ଟ ହୋଇନାହିଁ। ୨୦୧୪ ମେ' ୨୬ରେ ପ୍ରଧାନମନ୍ତ୍ରୀ ଭାବେ ନରେନ୍ଦ୍ର ମୋଦି ଶପଥ ନେଇଥିଲେ। ତେଣୁ ସେହିଦିନ ସେଣ୍ଟ୍ରାଲ ଭିଷ୍ଟା ବିଲ୍ଡିଂକୁ ପ୍ରଧାନମନ୍ତ୍ରୀ ଉଦ୍‌ଘାଟନ କରିବେ ବୋଲି ଆଶା କରାଯାଉଛି। ୨୦୨୧ ଜାନୁୟାରୀ ୧୫ରୁ ଏହି ତ୍ରିକୋଣୀୟ ଭବନ ନିର୍ମାଣ ଆରମ୍ଭ ହୋଇଥିଲା।

## ସଂକ୍ଷେପରେ

### ଜ୍ଞାନବାପି ମସ୍‌ଜିଦ 'ଶିବଲିଙ୍ଗ'ର ବିଜ୍ଞାନସମ୍ମତ ସର୍ଭେ ପାଇଁ ହାଇକୋର୍ଟଙ୍କ ନିର୍ଦ୍ଦେଶ

**ପ୍ରୟାଗରାଜ, ୧୨।୫(ଆଇଏଏନ୍‌ଏସ୍):** ଜ୍ଞାନବାପି ମସ୍‌ଜିଦ ପରିସରରେ ଥିବା 'ଶିବଲିଙ୍ଗ'ର ବୟସ ନିଶ୍ଚିତ କରିବା ଲାଗି ଏହାର ବିଜ୍ଞାନସମ୍ମତ ସର୍ବେକ୍ଷଣ କରାଇବାକୁ ଅଲ୍ଲାହାବାଦ ହାଇକୋର୍ଟ ଶୁକ୍ରବାର ଭାରତର ପ୍ରତ୍ନତାତ୍ତ୍ୱିକ ସର୍ବେଗଟ ସଂସ୍ଥା (ଏଏସ୍‌ଆଇ)କୁ ନିର୍ଦ୍ଦେଶ ଦେଇଛନ୍ତି। ସର୍ଭେ ବେଳେ ଉକ୍ତ ଢାଞ୍ଚାର ଯେପରି କୌଣସି କ୍ଷତି ନ ଘଟେ, ତାହା ସୁନିଶ୍ଚିତ କରିବାକୁ ଏଏସ୍‌ଆଇକୁ କୁହାଯାଇଛି। ଶିବଲିଙ୍ଗର କାର୍ବନ ଡେଟିଂ ପାଇଁ ହିନ୍ଦୁ ପକ୍ଷ ଏହାର ପିଟିଶନରେ ଦାବି କରିଥିଲା। ଗୁରୁବାର ଏଏସ୍‌ଆଇ ଏହାର ରିପୋର୍ଟ ଦାଖଲ କରିଥିଲା। ଏହାକୁ ଅନୁଧ୍ୟାନ କରିବା ପରେ ଜଷ୍ଟିସ୍ ଅରବିନ୍ଦ କୁମାର ମିଶ୍ରାଙ୍କ ଖଣ୍ଡପୀଠ ଉପରୋକ୍ତ ନିର୍ଦ୍ଦେଶ ଦେଇଛନ୍ତି।

### ଇ-ଫାଇଲିଂ ୨.୦ ଶୁଭାରମ୍ଭ କଲେ ସିଜେଆଇ

**ନୂଆଦିଲ୍ଲୀ, ୧୨।୫(ପି.ଟି.):** ଭାରତର ପ୍ରଧାନ ବିଚାରପତି (ସିଜେଆଇ) ଡି.ୱାଇ. ଚନ୍ଦ୍ରଚୂଡ଼ ଶୁକ୍ରବାର 'ଇ-ଫାଇଲିଂ ୨.୦'ର ଶୁଭାରମ୍ଭ କରିଛନ୍ତି। ଏହାଦ୍ୱାରା ବୈଦ୍ୟୁତିକ ମାଧମରେ ୨୪ ଘଣ୍ଟା ମାମଲା ଦାଏର କରିବା ସୁବିଧା ଉପଲବ୍ଧ ହେବ ବୋଲି ସେ ଆଇନଜୀବୀମାନଙ୍କୁ କହିଥିଲେ। ଏଥିସହିତ ସୁପ୍ରିମକୋର୍ଟ ପରିସରରେ ଏକ ଇ-ସେବା କେନ୍ଦ୍ରକୁ ସିଜେଆଇ ଉଦ୍‌ଘାଟନ କରିଛନ୍ତି। ସବୁ ଆଇନଜୀବୀ ଏହାର ସୁବିଧା ନେବାକୁ ସିଜେଆଇ ନିବେଦନ କରିଥିଲେ। କୋର୍ଟରୁମ୍‌ରେ ଅନ୍ୟ ଆଇନଜୀବୀମାନଙ୍କ ସହ ଉପସ୍ଥିତ ଥିବା ସଲିସିଟର ଜେନେରାଲ ତୁଷାର ମେହେଟ୍ଟା ଏହି ପଦକ୍ଷେପର ଉଚ୍ଚ ପ୍ରଶଂସା କରିଥିଲେ।

### ପାରାଶୁଟ୍ ଦୁର୍ଘଟଣା: ସେନା କମାଣ୍ଡୋଙ୍କ ମୃତ୍ୟୁ

**ଆଗ୍ରା, ୧୨।୫(ଆଇଏଏନ୍‌ଏସ୍):** ଉତ୍ତରପ୍ରଦେଶର ଆଗ୍ରା ଜିଲା ଅନ୍ତର୍ଗତ ମାଲପୁରା ଅଞ୍ଚଳରେ ଶୁକ୍ରବାର ଏକ ପାରାଶୁଟ୍ ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସିବାରୁ ସେନା କମାଣ୍ଡୋଙ୍କର ମୃତ୍ୟୁ ଘଟିଛି। କମାଣ୍ଡୋ ଅଙ୍କୁର ଶର୍ମା ପାରାଶୁଟ୍ ଯୋଗେ ଖସୁଥିବାବେଳେ ଏହା ହାଇଟେନ୍‌ଶନ ବିଦ୍ୟୁତ୍ ତାରରେ ଫସିଯାଇଥିଲେ। ଶର୍ମା ଖସିପଡ଼ି ଗୁରୁତର ଆହତ ହୋଇଥିଲେ। ତାଙ୍କୁ ମିଲିଟାରି ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲାବେଳେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଛି।



ଆମେରିକା ଅଭିମୁଖେ ବାହାରିଥିବା ଶରଣାର୍ଥୀମାନେ ରିଓ ଗ୍ରାଣ୍ଡେ ନଦୀ ପାରହେଉଛନ୍ତି।



ଜଣେ ପ୍ରବାସୀ ମହିଳା ନିଜ ଶିଶୁକୁ ଧରି ରିଓ ଗ୍ରାଣ୍ଡେ ନଦୀକୂଳରେ ଛିଡ଼ା ହୋଇଛନ୍ତି।

# ଆଶ୍ରୟ ଆଶାରେ ସୀମାରେ ପ୍ରବାସୀ

## ଟ୍ରମ୍ପଙ୍କ 'ଟାଇଟଲ ୪୨' ଅବଧି ଶେଷ, ବାଇଡେନ୍‌ଙ୍କ 'ଟାଇଟଲ ୮' ଆରମ୍ଭ

**ୱାଶିଂଟନ/ମେକ୍ସିକୋ ସିଟି, ୧୨।୫**

୨୦୨୦ ମାର୍ଚ୍ଚରେ ଆମେରିକାର ତତ୍କାଳୀନ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ କୋଭିଡ୍-୧୯ ଭୂତାଣୁ ସଂକ୍ରମଣ ରୋକିବା ପାଇଁ 'ଟାଇଟଲ ୪୨' ନୀତି ଆରମ୍ଭ କରିଥିଲେ। ଫଳରେ ଆମେରିକାକୁ ପ୍ରବେଶ ଆଶାରେ ଥିବା ୨.୮ ନିୟୁତ ଶରଣାର୍ଥୀ ମେକ୍ସିକୋ ସୀମା ଅତିକ୍ରମ କରିପାରି ନ ଥିଲେ। ମହାମାରୀ ମୁକାବିଲା କେବଳ ଏକ ବାହାନା, ପ୍ରବାସୀଙ୍କ ଅନୁପ୍ରବେଶ ଉପରେ କଟକଣା ଜାରି କରିବା ଟ୍ରମ୍ପଙ୍କ ଅସଲ ଉଦ୍ଦେଶ୍ୟ ବୋଲି ଅଧିକାର ଗୋଷ୍ଠୀଗୁଡ଼ିକ ପକ୍ଷରୁ ସେତେବେଳେ ସମାଲୋଚନା କରାଯାଇଥିଲା। ଏହି ବିବାଦୀୟ ଜନସ୍ୱାସ୍ଥ୍ୟ ନୀତିର ଅବଧି ଗୁରୁବାର ମଧ୍ୟରାତ୍ରିରେ ଶେଷ ହୋଇଛି। ଫଳରେ ପ୍ରବାସୀଙ୍କ ମନରେ ଆଶାର ନୂଆ କିରଣ ଜାଗ୍ରତ ହୋଇଛି। ମେକ୍ସିକୋର ପ୍ରବାସୀମାନେ ଉନ୍ନତ ଜୀବନ ଆଶାରେ ଆମେରିକାରେ ବସବାସ ପାଇଁ ବ୍ୟାକୁଳ ହୋଇ ଉଠିଛନ୍ତି। ତେବେ ସୀମାର ଉଭୟ ପାର୍ଶ୍ୱରେ ସେମାନଙ୍କୁ ଅନେକ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି। କାରଣ ବାଇଡେନ୍ ପ୍ରଶାସନ 'ଟାଇଟଲ ୪୨'କୁ ରଦ୍ଦ କରିବା ସହ 'ଟାଇଟଲ ୮' ନାମରେ ଏକ ନୂଆ ନୀତି ଆରମ୍ଭ କରଛନ୍ତି। ବେଆଇନ ଭାବେ ଅନୁପ୍ରବେଶ କଲେ ପ୍ରବାସୀଙ୍କ ବିରୋଧରେ ୫ ବର୍ଷ ପ୍ରବେଶ କଟକଣା



ଆମେରିକା–ମେକ୍ସିକୋ ସୀମାରେ ପ୍ରବେଶ ଅପେକ୍ଷାରେ ପ୍ରବାସୀ।

ସହ ଆପରାଧିକ ମାମଲା ଚାଲିବ ବୋଲି ଶୁକ୍ରବାର ହ୍ୱାଇଟ୍ ହାଉସ୍ ପକ୍ଷରୁ ପ୍ରବାସୀଙ୍କୁ କଡ଼ା ଚେତାବନୀ ଦିଆଯାଇଛି। ଆମ ସୀମା ଉନ୍ମୁକ୍ତ ନୁହେଁ ବୋଲି ଦେଶର ଆଭ୍ୟନ୍ତରୀଣ ସୁରକ୍ଷା ସଚିବ ଆଲେଜାଣ୍ଡ୍ରୋ ମାୟୋର୍କାସ୍ ଶରଣାର୍ଥୀଙ୍କ ଉଦ୍ଦେଶ୍ୟରେ କହିଛନ୍ତି।

ଆମେରିକାର ସେଣ୍ଟର ଫର୍ ଡିଜିଜ୍ କଣ୍ଟ୍ରୋଲ ଆଣ୍ଡ୍ ପ୍ରିଭେନ୍‌ଶନ ପକ୍ଷରୁ କୋଭିଡ୍-୧୯କୁ ଜନସ୍ୱାସ୍ଥ୍ୟ ବିପତ୍ତି ଭାବେ ବିବେଚନା ନ କରିବାକୁ ମେ' ୧୧ରେ ଘୋଷଣା କରାଯିବା ସହ ଟ୍ରମ୍ପଙ୍କ ଟାଇଟଲ ୪୨ର ଅବଧି ଗୁରୁବାର ସ୍ଥାନୀୟ ସମୟ ରାତି ୧୧ଟା ୫୯ ମିନିଟରେ ଶେଷ ହୋଇଛି। ଏଭଳି ସମୟରେ ଶରଣାର୍ଥୀଙ୍କ ଅନୁପ୍ରବେଶ ରୋକିବା ରାଷ୍ଟ୍ରପତି ଜୋ ବାଇଡେନ୍‌ଙ୍କ ପ୍ରଶାସନ ପାଇଁ ଚ୍ୟାଲେଞ୍ଜ ରୂପେ ଉଭା ହୋଇଛି। ୩,୨୦୦ କି.ମି. ବିଶିଷ୍ଟ ୟୁଏସ୍-ମେକ୍ସିକୋ ସୀମାରେ ପୂର୍ବରୁ ୨୪,୦୦୦ ସୁରକ୍ଷା ବଳ ମୁତୟନ ଥିବାବେଳେ ଏହାକୁ ଦୃଷ୍ଟିରେ ରଖି ବାଇଡେନ୍ ପ୍ରଶାସନ ପାଟ୍ରୋଲିଂ ପାଇଁ ଅତିରିକ୍ତ ୧,୫୦୦ ସୈନ୍ୟ ପ୍ରେରଣ କରିଛି। ୱାଶିଂଟନ୍ ମଧ୍ୟ ଚଳିତ ସପ୍ତାହରେ 'ଟାଇଟଲ ୮' ଶୀର୍ଷକ ଏକ ନୂଆ ନୀତି ଚୂଡ଼ାନ୍ତ କରିଛି। ଏହାଦ୍ୱାରା ଆମେରିକାର ଦକ୍ଷିଣାଞ୍ଚଳ ସଂଲଗ୍ନ ମେକ୍ସିକୋ ସୀମାରେ ପହଞ୍ଚୁଥିବା ଅଧିକାଂଶ ପ୍ରବାସୀ ଓ ଶରଣାର୍ଥୀ ଶରଣ ମାଗିବାକୁ ଅଯୋଗ୍ୟ ସାବ୍ୟସ୍ତ ହେବେ। 'ଟାଇଟଲ ୪୨'ର ଅବଧି ଶେଷ ହେବା ମାତ୍ରେ ତତ୍କାଳ ଏହି ନୂଆ ନୀତି ଲାଗୁ ହୋଇଛି।

ଅନ୍ୟପକ୍ଷେ ଟ୍ରମ୍ପଙ୍କ ଅମଳର କଟକଣା ହଟିବା ପୂର୍ବରୁ ଆମେରିକାରେ ରହିବା ପାଇଁ ଚାହୁଁଥିବା ଲୋକେ ସୀମାରେ ରୁଣ୍ଡ ହୋଇଛନ୍ତି, ନୂଆ ନୀତି ବଳରେ ପ୍ରବେଶ ଆହୁରି କାଠିକର ପାଠ ହୋଇଯିବା ଆଶଙ୍କାରେ। ଟେକ୍ସାସ୍‌ର ବ୍ରାଉନ୍‌ସଭିଲେ ଅପରପାର୍ଶ୍ୱରେ ଥିବା ମେକ୍ସିକାନ୍ ଟାଉନ୍ ମାଟାମୋରୋସ୍‌ରେ ବୁଧବାରଠାରୁ ଲୋକେ ନିଜ ପୋଷାକ ଭର୍ତ୍ତି ବ୍ୟାଗ୍ ଓ ଜରୁରୀ ଆସବାବପତ୍ର ଧରି ଭିଡ଼ ଜମାଇବା ଆରମ୍ଭ କରିଦେଇଛନ୍ତି। ସେମାନଙ୍କ ମଧ୍ୟରୁ ଅନେକେ ଧୀରେ ଧୀରେ ରିଓ ଗ୍ରାଣ୍ଡେ ନଦୀର ପାଣିରେ ପାଦ ଥାପିଛନ୍ତି। ଜଣେ ବ୍ୟକ୍ତି ନିଜ ଶିଶୁକୁ ଏକ ଖୋଲା ସୁଟ୍‌କେଶରେ ରଖି ମୁଣ୍ଡରେ ଧରି ନଦୀ ପାର ହୋଇଛନ୍ତି। ଆମେରିକା ପଟେ ସେମାନେ ଶୃଙ୍ଖଳା ବସ୍ତ୍ର ପିନ୍ଧି ଅଫିସରଙ୍କ ନିକଟରେ ପାସ୍‌ପୋର୍ଟ ଦାଖଲ ପୂର୍ବକ ଆତ୍ମସମର୍ପଣ କରୁଛନ୍ତି ମୁକ୍ତ ହୋଇ ଆଇନତଃ ଆଶ୍ରୟ ମିଳିବା ଆଶାରେ। କିନ୍ତୁ ଏଥିପାଇଁ ପ୍ରବାସୀଙ୍କୁ ଇମିଗ୍ରେଶନ୍ କୋର୍ଟକୁ ଅନେକ ବର୍ଷ ଧରି ଧାଇଁବାକୁ ପଡ଼ିବ।

ମେକ୍ସିକୋରୁ ଆସିଥିବା ଶତାଧିକ ଲୋକ କାଲିଫର୍ନିଆର ସାନ୍ ୟସିଡ୍ରୋରେ ଥିବା ସୀମାନ୍ତ ପ୍ରାଚୀର ଅତିକ୍ରମ କରି ଆମେରିକୀୟ କର୍ତ୍ତୃପକ୍ଷଙ୍କ ଯାଞ୍ଚକୁ ଅପେକ୍ଷା କରିଛନ୍ତି। ଶରଣାର୍ଥୀଙ୍କ ମଧ୍ୟରେ ରହିଛନ୍ତି ଭେନିଜୁଏଲା, କ୍ୟୁବା, ହାଇତି, କଲମ୍ବିଆ, ବ୍ରାଜିଲ, ଆଫଗାନିସ୍ତାନ ଓ ତୁର୍କୀ ବାସିନ୍ଦା। ଏପରି କି କେନ୍ଦ୍ରୀୟ ଓ ଦକ୍ଷିଣ ଆମେରିକା, ଚାଇନା ଓ ରୁଷିଆର ମଧ୍ୟ ଅନେକ ପ୍ରବାସୀ ନିଜ ଦେଶରେ ରାଜନୈତିକ ତଥା ସାମାଜିକ-ଆର୍ଥିକ ସଙ୍କଟଜନିତ ବ୍ୟାପକ ହିଂସା ଯୋଗୁ ଏଠାକୁ ପଳାୟନ କରି ଆସିଛନ୍ତି। ଆମେରିକାନ୍ ଫ୍ରେଣ୍ଡ୍ସ ସର୍ଭିସ୍ କମିଟି ସଦସ୍ୟମାନେ ସେମାନଙ୍କୁ ରାତିର ହାଡ଼ଭଙ୍ଗା ଶୀତରେ ଉଷ୍ମତାର ଅନୁଭବ ଦେବା ପାଇଁ କମ୍ବଳ ପ୍ରଦାନ କରିଛନ୍ତି। କେତେଜଣ ଶରଣାର୍ଥୀ ନିଜ ଶିବିରରେ ନିଆଁ ଜାଳି ତାପ ପାଉଛନ୍ତି। କେତେକ ଅଧିକାର ଗୋଷ୍ଠୀ 'ଟାଇଟଲ ୪୨'କୁ ଅମାନବୀୟ ଦର୍ଶାଇ ଏହାର ଉଚ୍ଛେଦ ଦାବି କରିଥିବାବେଳେ ସେମାନେ ଶରଣାର୍ଥୀଙ୍କୁ ପ୍ରବେଶ ଉପରେ କଟକଣା ନେଇ ବାଇଡେନ୍ ପ୍ରଶାସନର 'ଟାଇଟଲ ୮'କୁ ମଧ୍ୟ ସମାଲୋଚନା କରିଛନ୍ତି। ଆପ୍ରବାସନ ସପକ୍ଷବାଦୀ ଆଇନଜୀବୀମାନେ ନୂଆ ନୀତି ଆମେରିକୀୟ ଆଇନ ଓ ଅନ୍ତର୍ଜାତୀୟ ଚୁକ୍ତିନାମାର ଉଲ୍ଲଂଘନ କରୁଥିବା ଦର୍ଶାଇ ଏହାକୁ କୋର୍ଟରେ ଚ୍ୟାଲେଞ୍ଜ କରିଛନ୍ତି। ଅନ୍ୟପକ୍ଷେ ବାଇଡେନ୍ ପ୍ରଶାସନ ନିଜ ନୀତିକୁ ଯଥାର୍ଥ ଦର୍ଶାଇଛି। ପ୍ରବର୍ତ୍ତନ, ନିବାରଣ ଓ କୂଟନୀତି ଜରିଆରେ ଅନେକ ଏଜେନ୍ସିକୁ ନେଇ ଆମେ ଏକ ଦୃଢ଼ ମାନବୀୟ ଯୋଜନା କରିଛୁ ବୋଲି ହ୍ୱାଇଟ୍ ହାଉସ୍ ମୁଖପାତ୍ର କ୍ୟାରିନ୍ ଜିନ୍-ପିଏରେ ଗଣମାଧ୍ୟମକୁ କହିଛନ୍ତି। ଆମେରିକାକୁ ପ୍ରବେଶ ଲାଗି ୱାଶିଂଟନ୍ ସମ୍ଭାବ୍ୟ ଶରଣାର୍ଥୀମାନଙ୍କୁ ଆଇନଗତ ଉପାୟ ଆପଣାଇବାକୁ ପରାମର୍ଶ ଦେଇଛି। ଏହାକୁ ସୁଗମ କରିବା ପାଇଁ ସିବିପି ୱାନ୍ ନାମରେ ଏକ ଆପ୍ ବିକଶିତ କରାଯାଇଛି। ନିର୍ଦ୍ଦିଷ୍ଟ ସର୍ତ୍ତ ପୂରଣ କରୁଥିବା ସୀମିତ ପ୍ରବାସୀଙ୍କୁ ଏହା ଜରିଆରେ ପ୍ରବେଶ ଅନୁମତି ମିଳିବ ବୋଲି କୁହାଯାଇଛି।

> ୩,୨୦୦ କି.ମି. ବିଶିଷ୍ଟ ଆମେରିକା–ମେକ୍ସିକୋ ସୀମାରେ ଭେନିଜୁଏଲା, କ୍ୟୁବା, ହାଇତି, କଲମ୍ବିଆ, ବ୍ରାଜିଲ, ଆଫଗାନିସ୍ତାନ, ତୁର୍କୀ, ଚାଇନା ଓ ରୁଷିଆର ଲକ୍ଷାଧିକ ପ୍ରବାସୀ ପ୍ରବେଶ ଅପେକ୍ଷାରେ ସଂଘର୍ଷ କରୁଛନ୍ତି।

> ଆମ ସୀମା ଉନ୍ମୁକ୍ତ ନୁହେଁ। ବେଆଇନ ଅନୁପ୍ରବେଶକାରୀଙ୍କ ବିରୋଧରେ ୫ ବର୍ଷ ପ୍ରବେଶ କଟକଣା ସହ ଆପରାଧିକ ମାମଲା ଚାଲିବ: ହ୍ୱାଇଟ୍ ହାଉସ୍

> ବାଇଡେନ୍‌ଙ୍କ ନୂଆ ନୀତି ଆମେରିକୀୟ ଆଇନ ଓ ଅନ୍ତର୍ଜାତୀୟ ଚୁକ୍ତିନାମାର ଉଲ୍ଲଂଘନ କରୁଥିବା ଦର୍ଶାଇ ଅଧିକାର ଗୋଷ୍ଠୀ ପକ୍ଷରୁ 'ଟାଇଟଲ ୮'କୁ କୋର୍ଟରେ ଚ୍ୟାଲେଞ୍ଜ କରାଯାଇଛି।

### 'ଦି କେରଳା ଷ୍ଟୋରି' ବ୍ୟାନ୍ ପ୍ରସଙ୍ଗ

### ପଶ୍ଚିମବଙ୍ଗ, ତାମିଲନାଡୁ ସରକାରଙ୍କୁ ଜବାବ ମାଗିଲେ ସୁପ୍ରିମକୋର୍ଟ

**ନୂଆଦିଲ୍ଲୀ, ୧୨।୫ (ପି.ଟି.):** ପଶ୍ଚିମବଙ୍ଗରେ 'ଦି କେରଳା ଷ୍ଟୋରି'ର ପ୍ରଦର୍ଶନକୁ ନିଷିଦ୍ଧ କରାଯାଇଥିବାବେଳେ ଧମକକୁ ଡରି ତାମିଲନାଡୁର ପ୍ରେକ୍ଷାଳୟଗୁଡ଼ିକ ଏହାର ପ୍ରଦର୍ଶନକୁ ପ୍ରତ୍ୟାହାର କରିନେଇଛନ୍ତି। ଏହା ବିରୋଧରେ ଚଳଚ୍ଚିତ୍ରର ପ୍ରଯୋଜକ କରିଥିବା ଆବେଦନ ଉପରେ ସୁପ୍ରିମକୋର୍ଟ ଶୁକ୍ରବାର ଉଭୟ ରାଜ୍ୟ ସରକାରଙ୍କୁ ଜବାବ ମାଗିଛନ୍ତି। ଅନ୍ୟ ରାଜ୍ୟଗୁଡ଼ିକରେ ପ୍ରଦର୍ଶନରେ କୌଣସି ସମସ୍ୟା ଦେଖାଦେଇନାହିଁ। ତେଣୁ ଏହାକୁ ନିଷିଦ୍ଧ କରିବାର କାରଣ କ'ଣ ବୋଲି ସିଜେଆଇ ଡି.ୱାଇ. ଚନ୍ଦ୍ରଚୂଡ଼ଙ୍କ ଖଣ୍ଡପୀଠ ପଶ୍ଚିମବଙ୍ଗ ସରକାରଙ୍କୁ ପ୍ରଶ୍ନ କରିଛନ୍ତି। ପଶ୍ଚିମବଙ୍ଗରେ 'ଦି କେରଳା ଷ୍ଟୋରି' ପ୍ରଦର୍ଶିତ ହେଲେ ଆଇନଶୃଙ୍ଖଳା ସ୍ଥିତି ଉପୁଜିପାରେ ବୋଲି ଗୋଇନ୍ଦା ସୂଚନା ଥିବା ରାଜ୍ୟ ସରକାରଙ୍କ ଓକିଲ ଅଭିଷେକ ସିଂଘଭି କହିଥିଲେ। ଲୋକେ ଚଳଚ୍ଚିତ୍ରକୁ ପସନ୍ଦ କରୁ ନ ଥିଲେ ଦେଖିବାକୁ ଯିବେନାହିଁ ବୋଲି ଖଣ୍ଡପୀଠ ସିଂଘଭିଙ୍କୁ କହିଥିଲେ।

## ୱାଙ୍ଖେଡେଙ୍କ ବିରୋଧରେ ସିବିଆଇ ମାମଲା

**ନୂଆଦିଲ୍ଲୀ, ୧୨।୫**

**ଆର୍ଯ୍ୟନ ଖାନ୍‌ଙ୍କୁ ଗିରଫ କରିଥିଲେ**

ବଲିଉଡ୍ ସୁପରଷ୍ଟାର ଶାହରୁଖ୍ ଖାନ୍‌ଙ୍କ ପୁଅ ଆର୍ଯ୍ୟନ ଖାନ୍‌ଙ୍କୁ ଦୁଇବର୍ଷ ପୂର୍ବେ ଡ୍ରଗ୍ସ ମାମଲାରେ ଗିରଫ କରିଥିବା ନାର୍କୋଟିକ୍ସ କଣ୍ଟ୍ରୋଲ ବ୍ୟୁରୋ (ଏନ୍‌ସିବି)ର ତତ୍କାଳୀନ ମୁମ୍ବାଇ ଜୋନାଲ ମୁଖ୍ୟ ସମୀର ୱାଙ୍ଖେଡେଙ୍କ ବିରୋଧରେ ସିବିଆଇ ଶୁକ୍ରବାର ଦୁର୍ନୀତି ମାମଲା ରୁଜୁ କରିଛି। ଡ୍ରଗ୍ସ ମିଳିଥିବା ଅଭିଯୋଗରେ ଆର୍ଯ୍ୟନଙ୍କ ବିରୋଧରେ ମାମଲା ରୁଜୁ ନ କରିବା ପାଇଁ ୱାଙ୍ଖେଡେ ଓ ଅନ୍ୟମାନେ ୨୫ କୋଟି ଟଙ୍କା ଲାଞ୍ଚ ମାଗିଥିଲେ ବୋଲି ଅଭିଯୋଗ ହୋଇଥିଲା। ସିବିଆଇ ମୁମ୍ବାଇ, ଦିଲ୍ଲୀ, ରାଞ୍ଚି ଓ କାନପୁରରେ ତଦନ୍ତ କରିବା ପରେ ମାମଲା ରୁଜୁ କରିଛି। ସୂଚନାଯୋଗ୍ୟ, ୨୦୨୧ ଅକ୍ଟୋବର ୨ରେ ମୁମ୍ବାଇ ଉପକୂଳରେ ଥିବା କର୍ଡେଲିଆ କ୍ରୁଜ୍ ଜାହାଜରେ ରେଭ୍ ପାର୍ଟି ଚାଲୁଥିବାବେଳେ ୱାଙ୍ଖେଡେଙ୍କ ନେତୃତ୍ୱରେ ଏନ୍‌ସିବି ଚଢ଼ାଉ କରି ସେଠାରୁ ଆର୍ଯ୍ୟନଙ୍କ ସମେତ ତାଙ୍କ ସାଙ୍ଗ ଅର୍ବାଜ ମର୍ଚ୍ଚାଣ୍ଟ ଓ ଅନ୍ୟ ୬ ଜଣଙ୍କୁ ଗିରଫ



ସମୀର ୱାଙ୍ଖେଡେ

କରିଥିଲା। ଡ୍ରଗ୍ସ ମିଳିବା ଅଭିଯୋଗରେ ଆର୍ଯ୍ୟନ ୪ ସପ୍ତାହ ଜେଲରେ ରହିଥିଲେ। ପ୍ରମାଣ ଅଭାବରୁ ୨୦୨୨ ମେ'ରେ ତାଙ୍କୁ ଦୋଷମୁକ୍ତ କରାଯାଇଥିଲା। ୱାଙ୍ଖେଡେଙ୍କ ନେତୃତ୍ୱରେ କରାଯାଇଥିବା ତଦନ୍ତରେ ତ୍ରୁଟି ରହିଥିବା ପୂର୍ବରୁ ସ୍ୱତନ୍ତ୍ର ତଦନ୍ତକାରୀ ଟିମ୍ (ଏସ୍‌ଆଇଟି) ଦର୍ଶାଇଥିଲା। ଗତବର୍ଷ ମେ'ରେ ୱାଙ୍ଖେଡେଙ୍କୁ ଚେନ୍ନାଇର ଟିକସଦାତା ସେବା ମହା ନିର୍ଦ୍ଦେଶାଳୟକୁ ବଦଳି କରାଯାଇଥିଲା।

## ଆଦାନୀ–ହିଣ୍ଡେନବର୍ଗ ବିବାଦ: ତଦନ୍ତ ଶେଷ ପାଇଁ ସେବିକୁ ଆଉ ୩ ମାସ ସମୟ ମିଳିପାରେ

**ନୂଆଦିଲ୍ଲୀ, ୧୨।୫ (ପି.ଟି.):** ଆଦାନୀ ଗ୍ରୁପ୍ ଷ୍ଟକ୍ ମୂଲ୍ୟରେ ଜାଲିଆତି କରିବା ସହ ନିୟାମକକୁ ତଥ୍ୟ ପ୍ରଦାନ କରି ନ ଥିବା ଅଭିଯୋଗ ଉପରେ ତଦନ୍ତ ଶେଷ କରିବା ଲାଗି ସେବିକୁ ଅଧିକ ୩ ମାସ ସମୟ ମିଳିପାରେ। ସୁପ୍ରିମକୋର୍ଟ ଏହା ଉପରେ ବିଚାର କରୁଥିବା ଶୁକ୍ରବାର କହିଛନ୍ତି। ଆଦାନୀ–ହିଣ୍ଡେନ୍‌ବର୍ଗ ବିବାଦକୁ ନେଇ ଦାଏର ଏକାଧିକ ପିଆଇଏଲ୍ ଏବଂ ବଜାର ନିୟନ୍ତ୍ରକ ସେବିର ଆବେଦନ ଉପରେ ସୋମବାର ସୁପ୍ରିମକୋର୍ଟ ନିଷ୍ପତ୍ତି ନେବେ ବୋଲି କହିଛନ୍ତି। ଅଦାଲତଙ୍କ ଦ୍ୱାରା ନିଯୁକ୍ତ ଜଷ୍ଟିସ୍(ଅବସରପ୍ରାପ୍ତ) ଏ.ଏମ୍. ସାପ୍ରେ କମିଟି ରିପୋର୍ଟ ମିଳିଥିବା ପ୍ରଧାନ ବିଚାରପତି ଡି.ୱାଇ. ଚନ୍ଦ୍ରଚୂଡ଼ଙ୍କ ଖଣ୍ଡପୀଠ କହିଛନ୍ତି। ଷ୍ଟକ୍ ଜାଲିଆତି ଅଭିଯୋଗର ତଦନ୍ତ ଶେଷ କରିବା ଲାଗି ସେବି ୬ ମାସ ସମୟ ମାଗିଥିଲା। ତେବେ ଏହାକୁ ଆଉ ୩ ମାସ ସମୟ ଦିଆଯାଇପାରେ ବୋଲି ଖଣ୍ଡପୀଠ ସଲିସିଟର ଜେନେରାଲ ତୁଷାର ମେହେଟ୍ଟାଙ୍କୁ କହିଛନ୍ତି। ସେବି ତରଫରୁ କୌଣସି ନିୟାମକଗତ ବିଫଳତା ସମ୍ପର୍କରେ କୋର୍ଟ କିଛି କହିନାହାନ୍ତି। ଅଭିଯୋଗ କଲାବେଳେ ଏହା ଷ୍ଟକ୍ ବଜାର ଭାବାବେଗକୁ ପ୍ରଭାବିତ କରିବା ଆଶଙ୍କା ଥିବାରୁ ସତର୍କ ରହିବାକୁ ଖଣ୍ଡପୀଠ ଅଭିଯୋଗକାରୀ ଜୟା ଠାକୁରଙ୍କ ଓକିଲଙ୍କୁ କହିଥିଲେ।

## ସି.ବି.ଏସ୍.ଇ. ଦଶମ ଶ୍ରେଣୀ ପରୀକ୍ଷାରେ ଓଡ଼ିଶା ଷ୍ଟେଟ୍ ଟପ୍ପର ଓ.ଡି.ଏମ୍. ପବ୍ଲିକ୍ ସ୍କୁଲର ଛାତ୍ରୀ ସ୍ୱାତୀ ସୁଚରିତା ସାହୁ କ'ଣ କୁହନ୍ତି

କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ବୋର୍ଡ ଦ୍ୱାରା ପରିଚାଳିତ ଦଶମ ଶ୍ରେଣୀ ପରୀକ୍ଷାରେ ଓ.ଡି.ଏମ୍. ପବ୍ଲିକ୍ ସ୍କୁଲର ଛାତ୍ରୀ କୁମାରୀ ସ୍ୱାତୀ ସୁଚରିତା ସାହୁ ସମଗ୍ର ଓଡ଼ିଶାରେ ଷ୍ଟେଟ୍ ଟପ୍ପର ଓ ପୂର୍ବ ଭାରତର ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି ଏବଂ ନିଜକୁ, ତାଙ୍କ ପରିବାରକୁ, ନିଜ ବିଦ୍ୟାଳୟକୁ ତଥା ରାଜ୍ୟକୁ ଗୌରବାନ୍ୱିତ କରିଛନ୍ତି ତଥା ସମସ୍ତ ଛାତ୍ରଛାତ୍ରୀମାନଙ୍କ ପାଇଁ ଉତ୍ସାହର ଆଧାର ହୋଇପାରିଛନ୍ତି।



ତାଙ୍କର ଏହି ଉଦାହରଣୀୟ ସଫଳତାର ଶ୍ରେୟ ସେ ଦିଅନ୍ତି ଓ.ଡି.ଏମ୍. ପବ୍ଲିକ୍ ସ୍କୁଲର ଛାତ୍ରବତ୍ସଳ, ସମର୍ପିତ ଓ ପ୍ରଯତ୍ନଶୀଳ ଅଧ୍ୟକ୍ଷ ଡକ୍ଟର ସତ୍ୟବ୍ରତ ମୀନକେତନଙ୍କୁ, ପ୍ରବନ୍ଧିକା ଶ୍ରୀମତୀ ଇନ୍ଦୁମତି ରାୟଙ୍କୁ ତଥା ମୁଖ୍ୟ କାର୍ଯ୍ୟକାରିଣୀ ଅଧିକାରୀ ଶ୍ରୀ ସ୍ୱୟନ୍ ସତ୍ୟେନ୍ଦୁଙ୍କୁ, ବିଦ୍ୟାଳୟ ପ୍ରବନ୍ଧନର ଅନ୍ୟ କର୍ମକର୍ତ୍ତାମାନଙ୍କୁ, ନିଜର ଶ୍ରେଣୀ ଶିକ୍ଷିକା, ଶିକ୍ଷକ-ଶିକ୍ଷୟିତ୍ରୀଙ୍କୁ ତଥା ସର୍ବୋପରି ନିଜର ପିତାମାତାଙ୍କର ଅଗାଧ ପ୍ରଚେଷ୍ଟା ଓ ପ୍ରଯତ୍ନକୁ।

ସ୍ୱାତୀ ସୁଚରିତାଙ୍କ ପିତା ସୁବେଦାର ରମେଶ ଚନ୍ଦ୍ର ସାହୁ ଭାରତୀୟ ସେନାବାହିନୀର ଜଣେ ବୀର ସୈନିକ ଓ ଅଧୁନା ସେ ସ୍ଥଳସେନା ମୁଖ୍ୟାଳୟ, ଦିଲ୍ଲୀରେ କାର୍ଯ୍ୟ ନିଯୁକ୍ତ ଅଛନ୍ତି। ମା' ଶ୍ରୀମତୀ ସ୍ୱପ୍ନା ସାହୁ ଜଣେ ସମର୍ପିତା ଗୃହିଣୀ ଭାବେ ନିଜର ଦୁଇ ଝିଅଙ୍କୁ ସଫଳ ନାଗରିକ ଭାବରେ ତିଆରି କରିବା ପାଇଁ ନିରନ୍ତର ପ୍ରଚେଷ୍ଟାରତ।

ସ୍ୱାତୀ ସୁଚରିତାଙ୍କର ସ୍ୱପ୍ନ ରହିଛି ଜଣେ ଉଚ୍ଚକୋଟୀର ଡାକ୍ତର ହୋଇ ଦେଶ, ଦଶଙ୍କ ସେବା କରିବାକୁ । ଓ.ଡି.ଏମ.ର ନିଉକ୍ଲିୟସ୍ ବ୍ୟାଚ୍‌ରେ ଆଡ୍‌ମିସନ ନେଇ ସେ ନିଜର ସ୍ୱପ୍ନଖୁ ଉଜ୍ଜ୍ୱଳ କରିବେ ବୋଲି କହିଛନ୍ତି।

ସର୍ବୋପରି, ତାଙ୍କର ଏହି ଉଜ୍ଜ୍ୱଳ ସଫଳତା ପାଇଁ ସେ ନିଜର ଅତି ପ୍ରିୟ ବିଦ୍ୟାଳୟ ଓ.ଡି.ଏମ୍. ପବ୍ଲିକ୍ ସ୍କୁଲ ପାଖରେ ଚିର ଋଣୀ ଓ କୃତଜ୍ଞ ବୋଲି କହିଛନ୍ତି।

ଡ. ସତ୍ୟବ୍ରତ ମୀନକେତନ ତାଙ୍କ ମତପ୍ରକାଶ କରି କହିଛନ୍ତି ଯେ, ୨୭୪ କୃତିତ୍ୱ ପରୀକ୍ଷାର୍ଥୀମାନଙ୍କ ମଧ୍ୟରେ କୁମାରୀ ସ୍ୱାତୀ ସୁଚରିତା ସାହୁ ୯୯.୨ ପ୍ରତିଶତ ସହିତ ସମଗ୍ର ଓଡ଼ିଶାରେ ପ୍ରଥମ ସ୍ଥାନରେ ଅଛନ୍ତି, ଶ୍ରୀମାନ୍ ଶୁଭ୍ରମ୍ ଜ୍ୟୋତି ବେହେରା ୯୯ ପ୍ରତିଶତ ସହିତ ବିଦ୍ୟାଳୟରେ ଦ୍ୱିତୀୟ ସ୍ଥାନରେ ତଥା ଶ୍ରୀମାନ୍ ଆଦିତ୍ୟ କିରନ୍ ବଳ ୯୮.୮ ପ୍ରତିଶତ ରଖି ବିଦ୍ୟାଳୟରେ ତୃତୀୟ ସ୍ଥାନ ଅଳଙ୍କୃତ କରିଛନ୍ତି। ବିଶେଷ ଉଲ୍ଲେଖଯୋଗ୍ୟ ଯେ, ୯୮ ପ୍ରତିଶତ ଉପରେ ୯ ଜଣ ଛାତ୍ରଛାତ୍ରୀ, ୯୫ ପ୍ରତିଶତ ଉପରେ ୪୪ ଜଣ ଛାତ୍ରଛାତ୍ରୀ, ୯୦ ପ୍ରତିଶତ ଉପରେ ୧୦୭ ଜଣ ଛାତ୍ରଛାତ୍ରୀ କୃତିତ୍ୱ ଲାଭ କରି ବିଦ୍ୟାଳୟର ଗୁଣାତ୍ମକ ଗରିମା ଓ ସମ୍ମାନକୁ ଗୌରବମଣ୍ଡିତ କରିଅଛନ୍ତି। ଶତ ପ୍ରତିଶତ ପରିମାଣାତ୍ମକ ସଫଳତା ସହିତ ୮୩.୫ ପ୍ରତିଶତ ହାରାହାରି ଗୁଣାତ୍ମକ ଫଳାଫଳ ବିଦ୍ୟାଳୟକୁ ପ୍ରଶଂସନୀୟ କରିଛି। ବିଦ୍ୟାଳୟର ଅଧ୍ୟକ୍ଷ ଡ. ସତ୍ୟବ୍ରତ ମୀନକେତନ, ପ୍ରବନ୍ଧିକା ଶ୍ରୀମତୀ ଇନ୍ଦୁମତୀ ରାୟ ତଥା ମୁଖ୍ୟ କାର୍ଯ୍ୟକାରିଣୀ ଅଧିକାରୀ ଶ୍ରୀ ସ୍ୱୟନ୍ ସତ୍ୟେନ୍ଦୁ ସମସ୍ତ କୃତୀ ଛାତ୍ରଛାତ୍ରୀ, ତାଙ୍କର ଶିକ୍ଷକଶିକ୍ଷୟିତ୍ରୀ ଓ ପିତାମାତାଙ୍କୁ ହାର୍ଦ୍ଦିକ ସମ୍ବର୍ଦ୍ଧନା ଓ କୃତଜ୍ଞତା ଜଣାଇଛନ୍ତି।

## ଇମ୍ରାନ୍‌ଙ୍କୁ ୨ ସପ୍ତାହ ଜାମିନ

**ଇସ୍‌ଲାମାବାଦ, ୧୨।୫ (ପି.ଟି.)**

ପାକିସ୍ତାନର ପୂର୍ବତନ ପ୍ରଧାନମନ୍ତ୍ରୀ ଇମ୍ରାନ୍ ଖାନ୍‌ଙ୍କୁ ସାମୟିକ ଆଶ୍ୱସ୍ତି ମିଳିଛି। ଇସ୍‌ଲାମାବାଦ ହାଇକୋର୍ଟରେ ଏକ ସ୍ୱତନ୍ତ୍ର ଖଣ୍ଡପୀଠ ଶୁକ୍ରବାର ଇମ୍ରାନ୍‌ଙ୍କୁ ୨ ସପ୍ତାହ ସୁରକ୍ଷାମୂଳକ ଜାମିନ ପ୍ରଦାନ କରିଛନ୍ତି। ମଙ୍ଗଳବାର ପରେ ଦାଏର କୌଣସି ମାମଲାରେ ତାଙ୍କୁ ମେ' ୧୭ ପର୍ଯ୍ୟନ୍ତ ଗିରଫ କରାଯାଇପାରିବ ନାହିଁ ବୋଲି ଅଦାଲତ ନିର୍ଦ୍ଦେଶ ଦେଇଛନ୍ତି। ଇମ୍ରାନଙ୍କ ଗିରଫଦାରିକୁ ସୁପ୍ରିମକୋର୍ଟ ବେଆଇନ ଘୋଷଣା କରିବାର ଦିନକ ପରେ ଜଷ୍ଟିସ ମିଆଁଗୁଲ୍ ହାସନ ଔରଙ୍ଗଜେବ ଏବଂ ସମନ ରାଫତ ଇମ୍‌ତିଆଜଙ୍କ ଖଣ୍ଡପୀଠ ଅଲ୍-କାଦିର ଟ୍ରଷ୍ଟ ଦୁର୍ନୀତି ମାମଲାର ଶୁଣାଣି କରିଥିଲେ। ମେ' ୯ରୁ ୧୭ ପର୍ଯ୍ୟନ୍ତ କୌଣସି ମାମଲାରେ ପାକିସ୍ତାନ ତେହରିକ୍-ଇ-ଇନ୍‌ସାଫ ଅଧ୍ୟକ୍ଷ ଇମ୍ରାନଙ୍କୁ ଗିରଫ କରାଯାଇପାରିବ ନାହିଁ ବୋଲି ଅଦାଲତ ତାଙ୍କ ନିର୍ଦ୍ଦେଶନାମାରେ ସ୍ପଷ୍ଟ କରିଛନ୍ତି। ତାଙ୍କୁ ପୂର୍ଣ୍ଣ ସୁରକ୍ଷା ଯୋଗାଇଦେବା ଲାଗି ଖଣ୍ଡପୀଠ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।



ଇମ୍ରାନ୍ ଖାନ୍

## ସବୁ ବିଭାଗରେ ଯୌନ ଉତ୍ପୀଡ଼ନ କମିଟି ଗଢ଼

**ନୂଆଦିଲ୍ଲୀ, ୧୨।୫ (ପି.ଟି.)**

**କେନ୍ଦ୍ର, ରାଜ୍ୟ ସରକାରଙ୍କୁ ସୁପ୍ରିମକୋର୍ଟ ନିର୍ଦ୍ଦେଶ**



ସମସ୍ତ ମନ୍ତ୍ରଣାଳୟ ଏବଂ ବିଭାଗରେ ଯୌନ ଉତ୍ପୀଡ଼ନ କମିଟି ଗଢ଼ାଯାଇଛି କି ନାହିଁ, ତାହା ଯାଞ୍ଚ କରି ସୁନିଶ୍ଚିତ କରିବାକୁ ସୁପ୍ରିମକୋର୍ଟ ଶୁକ୍ରବାର କେନ୍ଦ୍ର ଓ ରାଜ୍ୟ ସରକାରମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ୨୦୧୩ ଯୌନ ନିର୍ଯାତନା ପ୍ରତିକାର ଆଇନ କାର୍ଯ୍ୟକାରିତାରେ ଗୁରୁତର ତ୍ରୁଟି ରହିଥିବା ସର୍ବୋଚ୍ଚ ଅଦାଲତ କହିଛନ୍ତି। ଉପଯୁକ୍ତ ଭାବେ ଯୌନ ଉତ୍ପୀଡ଼ନ କମିଟି ଗଢ଼ାଯାଇ ନ ଥିଲେ, କାର୍ଯ୍ୟସ୍ଥଳରେ ତଦନ୍ତ କରିବାରେ ବାଧା ସୃଷ୍ଟି ହେବ ବୋଲି ଜଷ୍ଟିସ୍ ଏ.ଏସ୍. ବୋପାନ୍ନା ଏବଂ ହିମା କୋହଲିଙ୍କ ଖଣ୍ଡପୀଠ କହିଛନ୍ତି। ଉପଯୁକ୍ତ ଭାବେ ପ୍ରସ୍ତୁତ ହୋଇ ନ ଥିବା କମିଟି ଦ୍ୱାରା ଅଧାପନ୍ତରିଆ ତଦନ୍ତର ପରିଣାମ ଗମ୍ଭୀର ହୋଇପାରେ ବୋଲି ସର୍ବୋଚ୍ଚ ଅଦାଲତ ସତର୍କ କରାଇ ଦେଇଛନ୍ତି। ତେଣୁ ସବୁ ମନ୍ତ୍ରଣାଳୟ, ବିଭାଗ, ସରକାରୀ ସଂସ୍ଥା, ରାଷ୍ଟ୍ରାୟତ୍ତ ଉଦ୍ୟୋଗ ଇତ୍ୟାଦିରେ ଉପଯୁକ୍ତ କମିଟି ଗଠନ ହୋଇଛି କି ନାହିଁ, ତାହା ଯାଞ୍ଚ କରି ଦେଖିବା ପାଇଁ କେନ୍ଦ୍ର ସରକାର, ସମସ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳକୁ କୁହାଯାଇଛି।




ସିବିଏସ୍‌ଇ ପକ୍ଷରୁ ଶୁକ୍ରବାର ଦଶମ ଓ ଦ୍ୱାଦଶ ପରୀକ୍ଷା ଫଳ ପ୍ରକାଶ ପାଇବା ପରେ ଭୁବନେଶ୍ୱରସ୍ଥିତ ସାଇ ଇଣ୍ଟରନ୍ୟାଶନାଲ ସ୍କୁଲ୍‌ର ଚେୟାରପର୍ସନ ଡ. ଶିଳ୍ପୀ ସାହୁ ଓ ପ୍ରିନ୍ସିପାଲ ନୀଳକଣ୍ଠ ପାଣିଗ୍ରାହୀଙ୍କ ସହ ଉତ୍ସାହିତ ଦ୍ୱାଦଶ ଶ୍ରେଣୀର ଛାତ୍ରୀଛାତ୍ର।




ଭୁବନେଶ୍ୱରସ୍ଥିତ ଓଡିଏମ୍ ପବ୍ଲିକ୍ ସ୍କୁଲ୍‌ର ଦଶମ ଶ୍ରେଣୀ କୃତୀ ଛାତ୍ରୀଛାତ୍ରମାନଙ୍କ ଗହଣରେ ସ୍କୁଲ ଅଧ୍ୟକ୍ଷ ସତ୍ୟବ୍ରତ ମୀନକେତନ ଓ ଶିକ୍ଷୟିତ୍ରୀଶିକ୍ଷକମାନେ। **(ଫଟୋ– ବିକାଶ ନାୟକ)**

# ଦଶମ ପାସ୍ ହାର ୯୩.୧୨, ଦ୍ୱାଦଶ ୮୭.୩୩%

## ସିବିଏସ୍‌ଇ ପରୀକ୍ଷାଫଳ ପ୍ରକାଶ

**ଭୁବନେଶ୍ୱର,୧୨।୫(ବ୍ୟୁରୋ)**

କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ବୋର୍ଡ (ସିବିଏସ୍‌ଇ) ପକ୍ଷରୁ ଶୁକ୍ରବାର ୨୦୨୨-୨୩ ଶିକ୍ଷାବର୍ଷର ଦଶମ ଓ ଦ୍ୱାଦଶ ପରୀକ୍ଷାଫଳ ପ୍ରକାଶ ପାଇଛି। ଚଳିତବର୍ଷ ସିବିଏସ୍‌ଇ ଦଶମ ପାସ୍ ହାର ୯୩.୧୨ ପ୍ରତିଶତ ରହିଛି। ତେବେ ୯୯.୯୧ ପ୍ରତିଶତ ପାସ୍ ହାର ସହ ତ୍ରିଭେନ୍ଦ୍ରମ ରିଜିଅନ ଶୀର୍ଷରେ ରହିଛି। ଭୁବନେଶ୍ୱର ରିଜିଅନରେ ପାସ୍ ହାର ୯୩.୬୪ ପ୍ରତିଶତ ଥିବାବେଳେ ଗୁଆହାଟୀ ରିଜିଅନ୍‌ରେ ସର୍ବନିମ୍ନ ପାସ୍ ହାର ୭୬.୯୦ ପ୍ରତିଶତ ରହିଛି। ସେହିପରି ଦ୍ୱାଦଶରେ ପାସ୍ ହାର ୮୭.୩୩ ପ୍ରତିଶତ ରହିଥିବାବେଳେ ସର୍ବାଧିକ ୯୯.୯୧ ପ୍ରତିଶତ ପାସ୍ ହାର ସହ ତ୍ରିଭେନ୍ଦ୍ରମ ରିଜିଅନ ମଧ୍ୟ ଶୀର୍ଷରେ ରହିଛି। ତେବେ ଭୁବନେଶ୍ୱର ରିଜିଅନ୍‌ରେ ପାସ୍ ହାର ୮୩.୩୬ ରହିଥିବାବେଳେ ପ୍ରୟାଗରାଜ ରିଜିଅନ୍‌ରେ ସର୍ବନିମ୍ନ ପାସ୍ ହାର ୭୮.୦୫ ରହିଛି। ଉଭୟ ଦଶମ ଓ ଦ୍ୱାଦଶରେ ପାସ୍ ହାର କମିଛି। ସିବିଏସ୍‌ଇ ଦଶମ ପାସ୍ ହାର ଗତବର୍ଷ ୯୪.୪୦ ପ୍ରତିଶତ ତୁଳନାରେ ଏବର୍ଷ ୧.୨୮ ପ୍ରତିଶତ କମିଛି। କିନ୍ତୁ କୋଭିଡ୍ ମହାମାରୀ ପୂର୍ବବର୍ତ୍ତୀ ଶିକ୍ଷାବର୍ଷ ଅର୍ଥାତ୍ ୨୦୧୯ ଶିକ୍ଷାବର୍ଷ ତୁଳନାରେ ପାସ୍ ହାର ୨.୦୨ ପ୍ରତିଶତ ବୃଦ୍ଧି ପାଇଛି। ଅନ୍ୟପକ୍ଷରେ ଛାତ୍ରୀଙ୍କ ପାସ୍ ହାର ଛାତ୍ରଙ୍କଠାରୁ ୨ ପ୍ରତିଶତ ଅଧିକ ରହିଛି। ଛାତ୍ରୀଙ୍କ ପାସ୍ ହାର ୯୪.୨୫ ପ୍ରତିଶତ ଥିବାବେଳେ ଛାତ୍ରଙ୍କ ପାସ୍ ହାର ୯୨.୨୭ ପ୍ରତିଶତ ରହିଛି। ସେହିପରି ଚଳିତବର୍ଷ ଦ୍ୱାଦଶ ପାସ୍ ହାର ୫ ପ୍ରତିଶତ କମିଛି। କିନ୍ତୁ କୋଭିଡ୍ ପୂର୍ବରୁ ଅର୍ଥାତ୍ ୨୦୧୯ ଶିକ୍ଷାବର୍ଷ ତୁଳନାରେ ପାସ୍ ହାର ୩.୯୩ ପ୍ରତିଶତ ବୃଦ୍ଧି ପାଇଛି। ଅନ୍ୟପକ୍ଷରେ ଦ୍ୱାଦଶ ପରୀକ୍ଷାରେ ମଧ୍ୟ ଛାତ୍ରୀମାନେ ଭଲ ପ୍ରଦର୍ଶନ କରିଛନ୍ତି। ଅର୍ଥାତ୍ ଛାତ୍ରଙ୍କ ତୁଳନାରେ ଏମାନଙ୍କ ପାସ୍ ହାର ୬ ପ୍ରତିଶତ ଅଧିକ ରହିଛି। ଛାତ୍ରୀଙ୍କ ପାସ ହାର ୯୦.୬୮ ପ୍ରତିଶତ ଥିବାବେଳେ ଛାତ୍ରଙ୍କ ପାସ୍ ହାର ୮୪.୬୭ ପ୍ରତିଶତ ରହିଛି।

ସିବିଏସଇ ଦଶମ ଓ ଦ୍ୱାଦଶ ପରୀକ୍ଷା ଚଳିତବର୍ଷ ଫେବୃୟାରୀ ୧୫ରୁ ଆରମ୍ଭ ହୋଇଥିବାବେଳେ ମାର୍ଚ୍ଚ ୨୧ରେ ଦଶମ ଓ ଏପ୍ରିଲ ୫ରେ ଦ୍ୱାଦଶ ପରୀକ୍ଷା ଶେଷ ହୋଇଥିଲା। ଭାରତ ସମେତ ୨୬ଟି ଦେଶର ୨୮,୪୭୧ ସ୍କୁଲର ୩୮ ଲକ୍ଷ ୮୩ ହଜାର ୭୧୦ ଛାତ୍ରୀଛାତ୍ର ଉଭୟ ଦଶମ ଓ ଦ୍ୱାଦଶ ପରୀକ୍ଷା ଦେଇଥିଲେ। ମୋଟ୍ ୩୮,୮୨,୮୩୪ଜଣ ପରୀକ୍ଷାର୍ଥୀ ପଞ୍ଜୀକରଣ କରିଥିବାବେଳେ ୭୨୪୧ ପରୀକ୍ଷା କେନ୍ଦ୍ରରେ ପରୀକ୍ଷା ଅନୁଷ୍ଠିତ ହୋଇଥିଲା। ଦଶମ ଶ୍ରେଣୀରେ ୨୧ ଲକ୍ଷ ୮୬ହଜାର ୯୪୦ ଜଣ ଏବଂ ଦ୍ୱାଦଶରେ ୧୬ ଲକ୍ଷ ୯୬ ହଜାର ୭୭୦ଜଣ ପରୀକ୍ଷାର୍ଥୀ ରହିଥିଲେ। ଶୁକ୍ରବାର ପରୀକ୍ଷା ଫଳ ପ୍ରକାଶ ପାଇବା ନେଇ ପ୍ରଥମେ ସୋସିଆଲ ମିଡିଆରେ ଚର୍ଚ୍ଚା ଜୋର୍ ଧରିଥିଲା। ହେଲେ ସିବିଏସ୍‌ଇ ପକ୍ଷରୁ ସୂଚନା ନ ମିଳିବାରୁ ଛାତ୍ରୀଛାତ୍ର ଓ ଅଭିଭାବକ ଦ୍ୱନ୍ଦ୍ୱରେ ପଡିଥିଲେ। ତେବେ ଶୁକ୍ରବାର ଉଭୟ ପରୀକ୍ଷା ଫଳ ପ୍ରକାଶ ପାଇବା ପରେ ସେମାନଙ୍କ ମଧ୍ୟରେ ଆନନ୍ଦ ପ୍ରକାଶ ପାଇଛି। ପ୍ରଥମେ ଦ୍ୱାଦଶ ଓ ପରେ ଦଶମ ପରୀକ୍ଷା ଫଳ ପ୍ରକାଶ କରିଥିଲା ସିବିଏସ୍‌ଇ। ଛାତ୍ରୀଛାତ୍ର ସେମାନଙ୍କ ପରୀକ୍ଷା ଫଳ www.cbse.govt.in, cbseresults.nic.in ମାଧ୍ୟମରେ ଦେଖିପାରିଥିଲେ।

### ଓଡ଼ିଶାରୁ ଦଶମରେ ୪୭,୯୩୮ ଓ ଦ୍ୱାଦଶରେ ୨୬,୮୨୯ ପାସ୍

ଚଳିତବର୍ଷ ଓଡ଼ିଶାରୁ ସିବିଏସ୍‌ଇ ପରିଚାଳିତ ୬୧୮ଟି ସ୍କୁଲର ଛାତ୍ରୀଛାତ୍ର ଦଶମ ପରୀକ୍ଷା ଦେଇଥିଲେ। ୫୧,୭୦୯ଜଣ ପଞ୍ଜୀକରଣ କରିଥିବାବେଳେ ୪୭,୯୩୮ଜଣ ପାସ୍ କରିଛନ୍ତି। କମ୍ପାର୍ଟମେଣ୍ଟାଲରେ ୩୧୬୧ଜଣ ପାସ୍‌କରିଥିବାବେଳେ ୨୬୪ଜଣ ଫେଲ୍‌ହୋଇଛନ୍ତି। ସେହିପରିଦ୍ୱାଦଶ ପରୀକ୍ଷା ପାଇଁରାଜ୍ୟର ୩୬୫ ସିବିଏସଇ ପରିଚାଳିତ ସ୍କୁଲର ମୋଟ୍ ୩୧,୮୮୪ଜଣ ଛାତ୍ରୀଛାତ୍ର ନାମ ପଞ୍ଜୀକରଣ କରିଥିବାବେଳେ ୨୬, ୮୨୯ ଜଣ ପାସ୍ କରିଛନ୍ତି। ୨୪୩୦ଜଣ କମ୍ପାର୍ଟମେଣ୍ଟାଲ ପରୀକ୍ଷା ଦେଇଥିବାବେଳେ ୨୩୨୩ଜଣ ଫେଲ୍ ହୋଇଛନ୍ତି।

### ଏଥର ଫେବୃୟାରୀ ୧୫ରୁ ଦଶମ ଓ ଦ୍ୱାଦଶ ପରୀକ୍ଷା

୨୦୨୩-୨୪ ଶିକ୍ଷାବର୍ଷରେ ଦଶମ ଓ ଦ୍ୱାଦଶ ପରୀକ୍ଷା ନେଇ ସିବିଏସ୍‌ଇ ପକ୍ଷରୁ ଗୁରୁତ୍ୱପୂର୍ଣ୍ଣ ସୂଚନା ପ୍ରକାଶ ପାଇଛି। ଏହି ଶିକ୍ଷାବର୍ଷ ପାଇଁ ଉଭୟ ଦଶମ ଓ ଦ୍ୱାଦଶ ଶ୍ରେଣୀ ବାର୍ଷିକ ପରୀକ୍ଷା ଫେବୃୟାରୀ ୧୫ରୁ ଆରମ୍ଭ ହେବ। ପରୀକ୍ଷାଫଳ ପ୍ରକାଶ ନେଇ ସିବିଏସ୍‌ଇ କାର୍ଯ୍ୟାଳୟ ପକ୍ଷରୁ ପ୍ରକାଶ ପାଇଥିବା ବିଜ୍ଞପ୍ତିରେ ଏନେଇ ସୂଚନା ରହିଛି। ସୂଚନା ଯୋଗ୍ୟ, ୨୦୨୨-୨୩ ଶିକ୍ଷାବର୍ଷରେ ଭାରତ ସମେତ ବିଦେଶରେ ସିବିଏସ୍‌ଇ ଦ୍ୱାରା ଅନୁବନ୍ଧିତ ବିଦ୍ୟାଳୟଗୁଡ଼ିକରେ ଫେବୃୟାରୀ ୧୫ରୁ ପରୀକ୍ଷା ଆରମ୍ଭ ହୋଇ ଭିନ୍ନ ଭିନ୍ନ ସମୟରେ ଶେଷ ହୋଇଥିଲା।

### ଶୁଭେଚ୍ଛା ଜଣାଇଲେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ

ଚଳିତବର୍ଷ କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ବୋର୍ଡ (ସିବିଏସ୍‌ଇ)ର ଦଶମ ଓ ଦ୍ୱାଦଶ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ରୀଛାତ୍ରଙ୍କୁ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଟୁଇଟ୍ ମାଧ୍ୟମରେ ଶୁଭେଚ୍ଛା ଜଣାଇବା ସହ ପିଲାଙ୍କ ଉତ୍ତମ ଓ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତ। ଧର୍ମେନ୍ଦ୍ର କହିଛନ୍ତି, ବର୍ଷ ସାରା କଠିନ ପରିଶ୍ରମର ଫଳ ଏବଂ ସଫଳତାକୁ ଉପଭୋଗ କରିବାର ଏକ ସ୍ମରଣୀୟ ଅବସର। କଠୋର ପରିଶ୍ରମ ଏବଂ ଉତ୍ସର୍ଗ ମନୋଭାବ ସମସ୍ତଙ୍କୁ ସଫଳତା ଆଣିଦେଇଛି। ଅନେକ ଛାତ୍ରୀଛାତ୍ର ହୁଏତ ନିଜ ଆଶାନୁରୂପକ ସଫଳତା ପାଇପାରିନାହାନ୍ତି। କିନ୍ତୁ ସେମାନେ ଧୈର୍ଯ୍ୟହରା ହୁଅନ୍ତୁ ନାହିଁ। ଗୋଟିଏ ପରୀକ୍ଷା ଜଣେ ବ୍ୟକ୍ତିର ସାମର୍ଥ୍ୟକୁ ନିର୍ଦ୍ଧାରଣ କରେ ନାହିଁ। ଆଗାମୀ ଦିନରେ ପରିଶ୍ରମ ଜାରି ରଖିବା ସହ ସ୍ୱପ୍ନ ପୂରଣ ପାଇଁ ଚେଷ୍ଟା କରିବା ଉଚିତ। ଯେଉଁମାନେ କେବେ ହାର୍ ମାନନ୍ତି ନାହିଁ, ସେମାନଙ୍କୁ ହିଁ ସଫଳତା ପ୍ରାପ୍ତ ହୋଇଥାଏ। ଚଳିତ ବର୍ଷ ମଧ୍ୟ ଛାତ୍ରୀମାନେ ଛାତ୍ରମାନଙ୍କଠାରୁ ଭଲ କରିଛନ୍ତି। ସମାଜରେ ଛାତ୍ରୀଙ୍କ ଶିକ୍ଷା ପ୍ରତିବନ୍ଧକ ଦୂରକରିବା ଦିଗରେ ଏହା ଏକ ଭଲ ସଙ୍କେତ ବୋଲି ଧର୍ମେନ୍ଦ୍ର କହିଛନ୍ତି।



କଟକ ସିଡିଏସ୍ଥିତ ଡିଏଭି ପବ୍ଲିକ୍ ସ୍କୁଲର କୃତୀ ଦ୍ୱାଦଶ ଶ୍ରେଣୀ ଛାତ୍ରୀଛାତ୍ରମାନେ ଶିକ୍ଷୟିତ୍ରୀଶିକ୍ଷକଙ୍କ ଉପସ୍ଥିତିରେ ଖୁସି ମନାଉଛନ୍ତି।

# ସ୍ୱାତୀ, ନବନୀତ ଦଶମ ରାଜ୍ୟ ଟପ୍ପର

## ଦ୍ୱାଦଶରେ ସ୍ନେହା ନାୟକ ରିଜିଓନାଲ ଓ ପ୍ରତିଷ୍ଠା ପାଲ୍ ବିଜ୍ଞାନରେ ରାଜ୍ୟ ଟପ୍ପର

**ଭୁବନେଶ୍ୱର,୧୨।୫(ବ୍ୟୁରୋ)**

କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ବୋର୍ଡ (ସିବିଏସଇ) ଦ୍ୱାରା ପରିଚାଳିତ ଦଶମ ଓ ଦ୍ୱାଦଶ ଶ୍ରେଣୀ ପରୀକ୍ଷାଫଳ ଶୁକ୍ରବାର ପ୍ରକାଶ ପାଇଛି। ଦଶମରେ ଭୁବନେଶ୍ୱର ଓଡିଏମ୍ ପବ୍ଲିକ୍ ସ୍କୁଲର ଛାତ୍ରୀ ସ୍ୱାତୀ ସୁଚରିତା ସାହୁ ଏବଂ ୟୁନିଟ୍-୮ ଡିଏଭି ପବ୍ଲିକ୍ ସ୍କୁଲର ନବନୀତ ପ୍ରିୟଦର୍ଶୀ ୯୯.୨ ପ୍ରତିଶତ (୪୯୬ ମାର୍କ)ସହ ରାଜ୍ୟରେ ଟପ୍ପର ହୋଇଛନ୍ତି। ଅନ୍ୟପଟେ ଦ୍ୱାଦଶରେ କିଟ୍ ଇଣ୍ଟରନ୍ୟାଶନାଲ ସ୍କୁଲର ଛାତ୍ରୀ ସ୍ନେହା ନାୟକ କଳାରେ ରାଜ୍ୟ ଟପ୍ପର ହେବାର ଗୌରବ ଅର୍ଜନ କରିଛନ୍ତି। ଏହାସହ ସେ ମଧ୍ୟ ରିଜିଓନାଲ ଟପ୍ପର ହୋଇଛନ୍ତି। କଳା, ବାଣିଜ୍ୟ ଓ ବିଜ୍ଞାନରେ କିଟ୍ ଇଣ୍ଟରନ୍ୟାଶନାଲ ସ୍କୁଲର ଛାତ୍ରୀଛାତ୍ର ପ୍ରଥମ ଶ୍ରେଣୀରେ ପାସ୍ କରିବା ସହ ଶତ ପ୍ରତିଶତ ସଫଳତା ଲାଭ କରିଛନ୍ତି। ସେହିପରି ସାଇ ଇଣ୍ଟରନ୍ୟାଶନାଲ୍ ସ୍କୁଲ ଛାତ୍ରୀ ପ୍ରତିଷ୍ଠା ପାଲ୍ ୯୯.୬ ପ୍ରତିଶତ ମାର୍କ ରଖି ବିଜ୍ଞାନରେ ରାଜ୍ୟ ଟପ୍ପର ହୋଇଛନ୍ତି। ୟୁନିଟ୍-୮ ଡିଏଭି ପବ୍ଲିକ୍ ସ୍କୁଲର ପ୍ରଗତି ଅଗ୍ରୱାଲ ୯୮% ମାର୍କ ରଖି ବାଣିଜ୍ୟରେ ରାଜ୍ୟ ଟପ୍ପର ହୋଇଛନ୍ତି।



ସ୍ୱାତୀ ସୁଚରିତା ସାହୁ



ନବନୀତ ପ୍ରିୟଦର୍ଶୀ

### ଡାକ୍ତର ହୋଇ ଦେଶସେବା କରିବାକୁ ଚାହିଁବି

ବାପା ମା' ମୋତେ ଜଣେ ସଫଳ ନାଗରିକ କରିବାକୁ ସବୁବେଳେ ପ୍ରୟାସ କରୁଛନ୍ତି। ଦଶମରେ ରାଜ୍ୟ ଟପ୍ପର ହେବା ଏହି ସଫଳତାର ଏକ ପାହାଚ। ତାଙ୍କର ସ୍ୱପ୍ନକୁ ସଫଳ କରିବା ପାଇଁ ଖୁବ୍ ପରିଶ୍ରମ କରିଛି, ଅନୁରୂପ ଫଳ ବି ମିଳିଛି। ଭବିଷ୍ୟତରେ ଜଣେ ଭଲ ଡାକ୍ତର ହୋଇ ଦେଶସେବା କରିବାକୁ ଚାହିଁବି। ମୋ ସଫଳତାର ଶ୍ରେୟ ବାପା ରମେଶ ଚନ୍ଦ୍ର ସାହୁ, ମା' ସ୍ୱପ୍ନା ସାହୁ, ଆମ ବିଦ୍ୟାଳୟ ଅଧ୍ୟକ୍ଷ ସତ୍ୟବ୍ରତ ମୀନକେତନ, ପ୍ରବନ୍ଧିକା ଇନ୍ଦୁମତୀ ରୟ ଓ ସମସ୍ତ ଶୁଭାକାଂକ୍ଷୀକୁ ଦେବାକୁ ଚାହିଁବି।

**- ସ୍ୱାତୀ ସୁଚରିତା ସାହୁ,**
**ଦ୍ୱାଦଶ ବିଜ୍ଞାନ ରାଜ୍ୟ ଟପ୍ପର, ଓଡିଏମ୍ ସ୍କୁଲ**

### ଲକ୍ଷ୍ୟ ପୂରଣ ପାଇଁ ଆହୁରି ପରିଶ୍ରମ କରିବି

ସ୍କୁଲ ପାଠପଢ଼ା ପରେ ୬ରୁ ୭ ଘଣ୍ଟା ପରିଶ୍ରମ କରୁଥିଲି। ୯୧ ପ୍ରତିଶତ ମାର୍କ ରଖିଛି। ପରିଶ୍ରମ ଅନୁସାରେ ଫଳ ପାଇଛି। ଡାକ୍ତରୀ ପଢ଼ିବାକୁ ଇଚ୍ଛା ରହିଛି। ସେହି ହିସାବରେ ଆଗକୁ ପରିଶ୍ରମ ବଢ଼ାଇବାକୁ ପଡ଼ିବ। ସ୍କୁଲରେ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ପରାମର୍ଶ ଓ ଅଭିଭାବକଙ୍କ ଆଶୀର୍ବାଦ ନେଇ ଆଗକୁ ବଢ଼ିବି।



**- ପ୍ରତୀକ୍ଷା ପାଣି, ଦଶମ, ଜୟଦେବ ଶିକ୍ଷା କେନ୍ଦ୍ର**

### ଚାର୍ଟାର୍ଡ ଆକାଉଣ୍ଟାଣ୍ଟ ହେବି

ମୁଁ ବାଣିଜ୍ୟ ବିଭାଗର ଛାତ୍ର। ଆଗକୁ ଚାର୍ଟାର୍ଡ ଆକାଉଣ୍ଟାଣ୍ଟ୍ ହେବାକୁ ଲକ୍ଷ୍ୟ ରହିଛି। ବହୁତ ପରିଶ୍ରମ କରିଥିଲି, ସେହି ଅନୁସାରେ ଫଳ ମିଳିଛି। ବିଦ୍ୟାଳୟରେ ସମସ୍ତେ ନିଜ ନିଜ ପରିଶ୍ରମ ଅନୁସାରେ ଫଳ ପାଇଥିବାରୁ ସବୁ ସାଙ୍ଗ ଖୁସି ଅଛୁ। ପିତାମାତା ଓ ବିଦ୍ୟାଳୟର ସହଯୋଗ ବିନା ଏହା ସମ୍ଭବ ହୋଇ ନ ଥାନ୍ତା।



**-ଅବିନାଶ ସାହୁ, ଦ୍ୱାଦଶ(ବାଣିଜ୍ୟ), ଡିଏଭି ପବ୍ଲିକ ସ୍କୁଲ, ୟୁନିଟ୍-୮**

### ସ୍କୁଲ ଟପ୍ପର ହୋଇଥିବାରୁ ଖୁସି ଲାଗୁଛି

୯୯ ପ୍ରତିଶତ ମାର୍କ ରଖିବି ଭାବିଥିଲି, କିନ୍ତୁ ୯୮.୨ ପ୍ରତିଶତ ରହିଲା। ତଥାପି ସ୍କୁଲ ଟପ୍ପର ହୋଇଥିବାରୁ ବେଶ୍ ଆନନ୍ଦିତ ଲାଗୁଛି। ପ୍ରତିଦିନ ୫ରୁ ୬ ଘଣ୍ଟା ପରିଶ୍ରମ କରୁଥିଲି। ପାଠପଢ଼ାରେ ସାଙ୍ଗସାଥୀଙ୍କ ସହ ପ୍ରତିଯୋଗିତା ଥିବାରୁ ସଫଳତା ପାଇବା ବେଶି ସହଜ ହୋଇଛି। ଶିକ୍ଷୟିତ୍ରୀଶିକ୍ଷକ ଓ ମୋ ଅଭିଭାବକ ମଧ୍ୟ ଏହି ଶ୍ରେୟର ହକ୍‌ଦାର।



**- ପକ୍ଷଲିକା ରାଉତରାୟ, ଛାତ୍ରୀ, ଦଶମ, ସାଇ ଇଣ୍ଟରନ୍ୟାଶନାଲ ସ୍କୁଲ**



ଧରିତ୍ରୀ
DHARITRI
ଭୁବନେଶ୍ୱର, ଶନିବାର, ୧୩ ମେ’, ୨୦୨୩

**ଆଜିର ମନ୍ତବ୍ୟ** ‘ଦି କେରଳା ଷ୍ଟୋରି’କୁ ବ୍ୟାନ୍ କରିଥିବା ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ କାର୍ଯ୍ୟଶୈଳୀ ଯୋଗୁ ପଶ୍ଚିମବଙ୍ଗରେ ଗଣତନ୍ତ୍ର ଅସ୍ତିତ୍ୱ ହରାଇଛି। **-ଜେ.ପି. ନଡ୍ଡା, ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ**





## ଉଗଡ଼ମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଉଗଡ଼ମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**କଣା କହେ ଦୋହରାରେ**
**ଦେଖ ଖଲିଆ ଚାଲିକି,**
**ତୁ ମୁଁ ଦିହେଁ ସାଙ୍ଗ ହେଲେ**
**ଗୋସେଇଁ ଖାଇବା କାଲିକି।**

ସାଧାରଣତଃ କଣା ବଳଦ ଓ ଖଲିଆ ବଳଦ କୌଣସି କାମରେ ଲାଗନ୍ତି ନାହିଁ। ଏଭଳି ବଳଦ ନିଜ ମାଲିକଙ୍କ ଉପରେ ବୋଝ ହୋଇଥିବା ଜଣାଯାଇଥାଏ। ତେଣୁ ଏଭଳି ବଳଦ ପାଇଁ ମାଲିକ ବିଚରା ହନ୍ତସନ୍ତ ହେବା ହିଁ ସାର ହୁଏ ବୋଲି ଏଠାରେ ପ୍ରକାଶ କରାଯାଇଛି।

**କୁସୁମ ପରଶରେ**
**ପଟ ନିସ୍ତରେ।**

ଯେମିତି କଦଳୀ ପାଟୁକା ସାମାନ୍ୟ ଉପାଦାନ ହେଲେ ମଧ୍ୟ ଏହା ଯେଉଁପରି ଫୁଲ ସଂସ୍ପର୍ଶରେ ଆସି ଦେବତାଙ୍କ ଶିର ମଣ୍ଡନ କରେ, ସେମିତି ସାଧାରଣ ବ୍ୟକ୍ତି ଅସାଧାରଣ ବ୍ୟକ୍ତିଙ୍କ ସଂସ୍ପର୍ଶରେ ଆସି ବଡ଼ ହୋଇଥିବାର ଜଣାଯାଇଥାଏ। ତେଣୁ ମହତ ଲୋକ ସାଙ୍ଗ ଯୋଗୁ ନୀଚ ଲୋକଟି ମଧ୍ୟ ଉଚ୍ଚ ସ୍ଥାନ ପାଏ ବୋଲି ଏଠାରେ ଉଲ୍ଲେଖ କରାଯାଇଛି।

ନିର୍ବାଚିତ ଉଗଡ଼ମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ - ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

# ୧୫ରୁ ଦୁବାଇକୁ ସିଧାସଳଖ ଉଡ଼ିବ ବିମାନ

- **ପ୍ରଥମ ଦିନରେ ଯାତ୍ରା କରିବେ ୧୫ ବିଧାୟକ**
- **ଓଡ଼ିଶାରୁ ଯିବେ ୧୭୦ ଯାତ୍ରୀ**

**ଭୁବନେଶ୍ୱର, ୧୨।୫ (ବ୍ୟୁରୋ)**

ଆସନ୍ତା ୧୫ ତାରିଖ ସୋମବାରଠାରୁ ଭୁବନେଶ୍ୱରରୁ ଦୁବାଇକୁ ସିଧାସଳଖ ବିମାନ ଉଡ଼ିବ। ଏଥିପାଇଁ ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦରରେ ସମସ୍ତ ପ୍ରକ୍ରିୟା ଶେଷ ହୋଇଛି। ସୋମବାର ସନ୍ଧ୍ୟା ୬ଟା ୪୫ରେ ବିମାନଟି ଭୁବନେଶ୍ୱର ଛାଡ଼ିବ ଏବଂ ରାତି ୯ଟା ୪୫ରେ ଦୁବାଇ ବିମାନବନ୍ଦରରେ ପହଞ୍ଚିବ। ୧୮୦ ସିଟ୍ ବିଶିଷ୍ଟ ଇଣ୍ଡିଗୋର ଏହି ବିମାନରେ ପ୍ରଥମ ଦିନରେ ଓଡ଼ିଶାରୁ ୧୭୦ଜଣ ଯାତ୍ରୀ ଦୁବାଇ ଅଭିମୁଖେ ଯାତ୍ରା କରିବା ନେଇ ସୂଚନା ଦିଆଯାଇଛି। ଏମାନଙ୍କ ମଧ୍ୟରେ ୭୦ଜଣ ସ୍ୱତନ୍ତ୍ର ପ୍ରତିନିଧି ମଣ୍ଡଳୀ ରହିଥିବାବେଳେ ୧୫ଜଣ ବିଧାୟକ ରହିଛନ୍ତି। ଏହି ବିମାନ ସେବାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପତାକା ଦେଖାଇ ଉଦ୍‌ଘାଟନ କରିବାର କାର୍ଯ୍ୟକ୍ରମ ରହିଛି। ପର୍ଯ୍ୟଟନ ବିଭାଗ ପକ୍ଷରୁ ବିମାନବନ୍ଦରରେ ସମସ୍ତ ଯାତ୍ରୀଙ୍କୁ ଫୁଲରେ ସ୍ୱାଗତ କରାଯିବା ସହ ଅନ୍ୟାନ୍ୟ ବ୍ୟବସ୍ଥା ରହିଛି। ସପ୍ତାହରେ ୩ଦିନ ଯଥା ସୋମବାର, ବୁଧବାର ଏବଂ ଶୁକ୍ରବାର ଭୁବନେଶ୍ୱରରୁ ଦୁବାଇକୁ ସିଧାସଳଖ ବିମାନ ଉଡ଼ିବ ବୋଲି ବିମାନବନ୍ଦର କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି। ଅପରପକ୍ଷେ ଦୁବାଇ କନ୍‌ସୁଲେଟ୍ ପକ୍ଷରୁ ପ୍ରଥମ ବିମାନଯାତ୍ରୀଙ୍କ ପାଇଁ ୧୬ରେ ଲଞ୍ଚ ହୋଷ୍ଟ କରିବାର ଯୋଜନା ରହିଛି। ସୂଚନାଯୋଗ୍ୟ, ଏପ୍ରିଲ ୧ ଓଡ଼ିଶା ଦିବସରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏଥିପାଇଁ ଅନ୍‌ଲାଇନ୍ ଟିକେଟ ବିକ୍ରିର ଶୁଭାରମ୍ଭ କରିଥିଲେ। ଏଥିସହ ମୁଖ୍ୟମନ୍ତ୍ରୀ ପ୍ରଥମ ୮ଟି ଟିକେଟ ମିଶନ୍ ଶକ୍ତି ମହିଳା, ଖେଳାଳି, ଜନଜାତି ନେତା, କଳାକାରଙ୍କୁ ପ୍ରଦାନ କରିଥିଲେ। ପୂର୍ବରୁ ଭୁବନେଶ୍ୱରରୁ ଦୁବାଇକୁ ଯିବା ପାଇଁ ସିଧାସଳଖ ବିମାନ ନ ଥିବାବେଳେ ଏହା ଅଧିକ ସମୟ ସାପେକ୍ଷ ହେଉଥିଲା। ମାତ୍ର ଏବେ ଖୁବ୍ କମ୍ ସମୟ ମଧ୍ୟରେ ଦୁବାଇରେ ପହଞ୍ଚି ହେବ।



ଭାରତ ରାଷ୍ଟ୍ର ସମିତି (ବିଆର୍‌ଏସ୍)ର ସବୁଜ ଅଭିଯାନ ଏବଂ ଗ୍ରୀନ୍ ଇଣ୍ଡିଆ ଫାଉଣ୍ଡେଶନ ପକ୍ଷରୁ ଶୁକ୍ରବାର ଏକ ମେଗା ଚାରାରୋପଣ କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଛି। ଏହି ପରିପ୍ରେକ୍ଷୀରେ ଗ୍ରୀନ୍ ଇଣ୍ଡିଆ ଫାଉଣ୍ଡେଶନର ପ୍ରତିଷ୍ଠାତା ତଥା ବିଆର୍‌ଏସ୍‌ର ଏମ୍‌ପି ଜେ. ସନ୍ତୋଷ କୁମାର ଏବଂ ବଲିଉଡ୍ ଅଭିନେତା କପିଲ ଶର୍ମା ମୁମ୍ବାଇର ଦାଦା ସାହେବ ଫାଲ୍‌କେ ଚିତ୍ରନଗରୀ ଫିଲ୍ମ ସିଟି ଗୋରେଗାଁଓଠାରେ ଆନୁଷ୍ଠାନିକ ଭାବେ ଏହାର ଶୁଭାରମ୍ଭ କରୁଛନ୍ତି।

## ମେରାଇନ ଇଞ୍ଜିନିୟରରୁ ହାଇପ୍ରୋଫାଇଲ ଠକ

**ଡାକ୍ତର ପରିଚୟ ଦେଇ ଠକେଇ ଘଟଣା**

**ଭୁବନେଶ୍ୱର,୧୨।୫ (ବ୍ୟୁରୋ)**

ନିଜକୁ ଡାକ୍ତର ପରିଚୟ ଦେଇ ଲୋକଙ୍କୁ ଠକିବା ଘଟଣା ଏବେ ମଧ୍ୟ ରାଜଧାନୀରେ ଚର୍ଚ୍ଚା ଲାଗିରହିଛି। ଏହି ହାଇପ୍ରୋଫାଇଲ ଅଭିଯୁକ୍ତ ଠକକୁ ଧରିବା ପାଇଁ କ୍ରାଇମବ୍ରାଞ୍ଚ ଓ କମିଶନରେଟ ପୋଲିସ ବିଭିନ୍ନ ସ୍ଥାନରେ ଖୋଜୁଥିବା ବେଳେ ଶୁକ୍ରବାର ଉକ୍ତ ଠକଙ୍କ ପରିଚୟ ମିଳିଛି। ଏହାସହ ଘଟଣାର ନୂଆ ତଥ୍ୟ ପାଇଛି ପୋଲିସ। ନନ୍ଦନକାନନ ଥାନା ଅଞ୍ଚଳରେ ଠକେଇ ହୋଇଥିବା ଜାଣି ଉକ୍ତ ଠକ ଯୁବକଙ୍କ ମାଆ ବାପା ଶୁକ୍ରବାର ସେଠାରେ ହାଜର ହୋଇ ପୋଲିସର ସହଯୋଗ ଲୋଡ଼ିଛନ୍ତି। ଏପରିକି ପୁଅର ମାମଲାକୁ ରଫାଦଫା କରିବାକୁ ଥାନା ଅଧିକାରୀଙ୍କୁ ଅନୁରୋଧ କରିବା ସହ ଠକିଥିବା ଦୋକାନୀମାନଙ୍କ ସହ ପେମେଣ୍ଟ କରିବା ନେଇ ଆଲୋଚନା କରିଛନ୍ତି ଠକ ଯୁବକଙ୍କ ବାପା। ହେଲେ ଥାନା ଅଧିକାରୀଙ୍କଠାରୁ ପୁଅର ଠକେଇର ଅଭିଯୋଗ ଫର୍ଦ୍ଦ ଶୁଣିବା ପରେ ମାବାପା ଘରକୁ ଚାଲିଯାଇଛନ୍ତି। ଖବର ଅନୁସାରେ, ଡାକ୍ତର ପରିଚୟ ଦେଉଥିବା ଯୁବକଙ୍କ ଘର ଭଦ୍ରକ ଜିଲା ବସନ୍ତିଆ ଅଞ୍ଚଳରେ ହୋଇଥିବା ବେଳେ ତାଙ୍କ ନାମ ବିପ୍ଲବ ପ୍ରଧାନ (ବିକାଶ)। ସେ ଫୋନ ସୁଇଚ୍ ଅଫ୍ କରି ଏବେବି ଫେରାର ଅଛନ୍ତି। ବିକାଶଙ୍କ ବାପାଙ୍କ କହିବାନୁସାରେ ବିକାଶ ପୂର୍ବରୁ ବାହାର ଦେଶରେ ମେରାଇନ ଇଞ୍ଜିନିୟର ଥିଲେ। କୋଭିଡ୍ ସମୟରେ ଚାକିରି ଛାଡ଼ି ଭାରତ ଆସି ୟୁପିଏସ୍‌ସି ପାଇଁ ପଢୁଥିଲେ। ଗତ କିଛିବର୍ଷ ହେଲା ଭୁବନେଶ୍ୱର ଆସି ପଢୁଥିଲେ। ଏପରିକି ବିକାଶର ମାନସିକ ଠିକ ନ ଥିବା ସେ କହିଛନ୍ତି। ଏହାସହ ପୂର୍ବରୁ ମଧ୍ୟ ସେ କିଛି ଦୋକାନୀଙ୍କୁ ଠକିଥିବା ନେଇ ବାପା ସ୍ୱୀକାର କରିଛନ୍ତି। ସୂଚନାନୁସାରେ ହାତରେ ଆଇଫୋନ, ବେକରେ ସୁନାଚେନ ପକାଇ ଦୋକାନକୁ ଆସି ଟିଭି, ଆକ୍ୱାଗାର୍ଡ ଆଦି ନେଇ ଗରିବ ସଂସ୍ଥା କରିବାକୁ କହି ଚନ୍ଦ୍ରଶେଖରପୁର ଥାନା ଅଞ୍ଚଳର ୨ଟି ଦୋକାନୀଙ୍କୁ ଟଙ୍କା ନଦେଇ ପେମେଣ୍ଟ ହୋଇଯାଇଥିବା କହି ଜିନିଷ ନେଇଯାଇ ଦୋକାନୀମାନଙ୍କୁ ଠକିଥିଲେ।

## ଚନ୍ଦନଯାତ୍ରାରେ ବାଣ ବିସ୍ଫୋରଣ: ୮ରୁ ଊର୍ଦ୍ଧ୍ୱ ଆହତ

**ତିର୍ତ୍ତୋଲ,୧୨।୫ (ଡିଏନ.ଏ.)**

ଜଗତ୍‌ସିଂହପୁର ଜିଲା ତିର୍ତ୍ତୋଲ ଥାନା ଅନ୍ତର୍ଗତ କନକପୁରସ୍ଥିତ ଶାରଳା ମନ୍ଦିର ଚନ୍ଦନଯାତ୍ରା ଅବସରରେ ଶୁକ୍ରବାର ରାତ୍ରି ଚନ୍ଦନ ପୂର୍ବରୁ ବାଣ ବିସ୍ଫୋରଣ ଘଟି ୮ରୁ ଊର୍ଦ୍ଧ୍ୱ ଆହତ ହୋଇଛନ୍ତି। ଆହତମାନଙ୍କୁ ପ୍ରଥମେ ମଣିଜଙ୍ଗା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେମାନଙ୍କ ମଧ୍ୟରୁ ଗୁରୁତରମାନଙ୍କୁ କଟକ ବଡ଼ ଡାକ୍ତରଖାନା ସ୍ଥାନାନ୍ତର କରାଯାଇଛି। ସେମାନଙ୍କ ମଧ୍ୟରେ ୩ଜଣ ଶିଶୁ ଥିବା ଜଣାପଡ଼ିଛି। ଶୁକ୍ରବାର ଚନ୍ଦନଯାତ୍ରାର ବିଂଶ ଦିବସରେ ରାତିରେ ଭଉଁରୀ ପୂର୍ବରୁ ଚନ୍ଦନ ପୋଖରୀ ନିକଟରେ ବାଣ ଫୁଟାଯାଇଥିଲା। ଏହି ସମୟରେ ନିକଟରେ ଥିବା ବାଣ ଗୋଛାରେ ନିଆଁ ଲାଗି ଏହି ଅଘଟଣ ଘଟିଥିବା ସୂଚନା ମିଳିଛି।

**ପ୍ରଥମ ପୃଷ୍ଠାରୁ...**

## ବାଚସ୍ପତି, ୨ ମନ୍ତ୍ରୀଙ୍କ ...

କମ ରହିଛି। ଏହା ପୂର୍ବରୁ ମନ୍ତ୍ରିମଣ୍ଡଳ ଅଦଳବଦଳ କରି ନବୀନ ଦଳ ପାଇଁ କାମ କରିଥିବା କିଛି ନେତାଙ୍କୁ ମନ୍ତ୍ରୀପଦ ଦେବା ସହିତ କେତେକ ମନ୍ତ୍ରୀଙ୍କର ବିଭାଗ ଅଦଳବଦଳ କରିବେ ବୋଲି ଜଣାପଡ଼ିଛି । ନବ ଦାସଙ୍କ ମୃତ୍ୟୁ ପରେ ଅର୍ଥମନ୍ତ୍ରୀ ନିରଞ୍ଜନ ପୂଜାରୀଙ୍କୁ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ଅତିରିକ୍ତ ଦାୟିତ୍ୱ ଦିଆଯାଇଛି। ନବ ଦାସଙ୍କ ହତ୍ୟା ଯୋଗୁ ମନ୍ତ୍ରିମଣ୍ଡଳରେ ଗୋଟିଏ ପଦବୀ ଖାଲି ରହିଥିବା ବେଳେ ଉକ୍ତ ଦୁଇ ମନ୍ତ୍ରୀଙ୍କ ଇସ୍ତଫା ପରେ ମୋଟ ୩ଟି ମନ୍ତ୍ରୀପଦ ଖାଲି ହୋଇଛି । ଝାରସୁଗୁଡ଼ା ଉପନିର୍ବାଚନ ପ୍ରକ୍ରିୟା ଶେଷ ହେବା ପରେ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ହେବା ନେଇ ପୂର୍ବରୁ ଚର୍ଚ୍ଚା ହେଉଥିଲା। ତେବେ ନୂଆ ମନ୍ତ୍ରୀମାନଙ୍କ ଶପଥ ଗ୍ରହଣ କେବେ ହେବ ସେ ନେଇ ସ୍ପଷ୍ଟ ହୋଇନାହିଁ। ରାଜ୍ୟପାଳ ଗଣେଶୀ ଲାଲ ମେ’ ୧୧ରୁ ୨୨ ତାରିଖ ଯାଏ ନିଜ ବାସସ୍ଥାନ ହରିୟାଣାକୁ ଯାଇଛନ୍ତି। ଏଥିଯୋଗୁ ମନ୍ତ୍ରିମଣ୍ଡଳ ଶପଥ ଗ୍ରହଣ ଉତ୍ସବ ବିଳମ୍ବ ହେବା ସମ୍ଭାବନା ରହିଛି।

## ଝାରସୁଗୁଡ଼ା ଉପନିର୍ବାଚନ ...

ଉପସ୍ଥିତ ରହିପାରିବେ। ସାଧାରଣ ଲୋକ ସିଧାସଳଖ ଫଳାଫଳ ଜାଣିପାରିବେ। ସେହିପରି www.result.eci.gov.inକୁ ଲଗ୍‌ଇନ କରି ପ୍ରତ୍ୟେକ ରାଉଣ୍ଡର ଫଳାଫଳ ଜାଣି ହେବ। ଭୋଟ ଗଣତି କେନ୍ଦ୍ରର ଚାରିପାଖରେ ସମ୍ଭାବ୍ୟ ଜନଗହଳିକୁ ଦୃଷ୍ଟିରେ ରଖି ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ଏସ୍‌ପିଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ମେ’ ୧୦ରେ ଝାରସୁଗୁଡ଼ା ଉପନିର୍ବାଚନ ପାଇଁ ଭୋଟ ଗ୍ରହଣ ହୋଇଥିଲା। ନିର୍ବାଚନ ମଇଦାନରେ ମୋଟ ୯ ଜଣ ପ୍ରାର୍ଥୀ ରହିଥିବାବେଳେ ୩ ପ୍ରମୁଖ ଦଳ ବିଜେଡିର ଦୀପାଳି ଦାସ, ଭାଜପାର ଟଙ୍କଧର ତ୍ରିପାଠୀ ଓ କଂଗ୍ରେସର ତରୁଣ ପାଣ୍ଡେଙ୍କ ମଧ୍ୟରେ ଟକ୍କର ହେବାର ସମ୍ଭାବନା ରହିଛି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି ପ୍ରତ୍ୟେକ କାମ ବିଳମ୍ବ ଓ ଝମେଲା ଭିତରେ ସମ୍ପନ୍ନ ହେବ। ବିଭିନ୍ନ ସମସ୍ୟାକୁ କେନ୍ଦ୍ରକରି ବ୍ୟବସାୟ ଓ ପରିବହନ ବାଧାପ୍ରାପ୍ତ ହୋଇପାରେ। ସମୟାନୁବର୍ତ୍ତିତା ଓ କର୍ମଦକ୍ଷତା ହେତୁ କର୍ମକ୍ଷେତ୍ରରେ ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟରୁ ଉପକୃତ ହେବେ। ପାରିବାରିକ କ୍ଷେତ୍ରରେ ସ୍ଥଗିତ କାମ ବନ୍ଧୁଙ୍କ ଦ୍ୱାରା ସମ୍ପନ୍ନ ହେବ।

**ବୃଷ** ସମୟର ପ୍ରତିକୂଳତାଜନିତ ବିଭିନ୍ନ ଘରୋଇ ଝମେଲା କାରଣରୁ ମନ ଭଲ ରହିବ ନାହିଁ। ଶିଳ୍ପ, ବାଣିଜ୍ୟ, ଲେଖାପଢ଼ା ଓ ପ୍ରଶାସନ ତଥା ପ୍ରକାଶନ କ୍ଷେତ୍ରରେ ଶୁଭଫଳ ପାଇବେ। ଯାତ୍ରାରେ ଜିନିଷପତ୍ର ପ୍ରତି ସତର୍କ ନ ରହିଲେ ହଜିଯିବାର ଆଶଙ୍କା ରହିଛି। ପରିବାରରେ ଅତୀତ ଘଟଣାକୁ କେନ୍ଦ୍ରକରି ବିବାଦୀୟ ପରିସ୍ଥିତି ସୃଷ୍ଟି ହୋଇପାରେ।

**ମିଥୁନ** କାମ କରିବାର ମାନସିକତା ରହିଥିଲେ ମଧ୍ୟ ଦୈହିକ ଦୁର୍ବଳତା କର୍ମକ୍ଷେତ୍ରକୁ ମନ୍ଥର କରିପାରେ। ଦ୍ୱନ୍ଦ୍ୱରେ ପଡ଼ି ବନ୍ଧୁମାନଙ୍କର କଥାକୁ ଓଲଟା ବୁଝି ମନକୁ ଭାରାକ୍ରାନ୍ତ କରିପାରନ୍ତି। ଆର୍ଥିକ ପରିସ୍ଥିତି ବଦଳାଇବା ପାଇଁ କିଛି କରିବା ସକାଶେ ମନବଳାଇ କର୍ମମୁଖର ହେବେ। କଳା, ସାହିତ୍ୟ, ଶିଳ୍ପ, ବାଣିଜ୍ୟ ଓ ପରିବହନରେ ଉନ୍ନତି କରିବେ।

**କର୍କଟ** କର୍ମକ୍ଷେତ୍ରରେ ପରିସ୍ଥିତିକୁ ଯେତେଟା ଜଟିଳ ମନେ କରୁଛନ୍ତି ସେମିତି କିଛି ହେବନି। ବାଣିଜ୍ୟ ଓ ପରିବହନ ତଥା ନିର୍ମାଣରେ ପ୍ରତିବନ୍ଧକ ସୃଷ୍ଟି ହୋଇପାରେ। ଅର୍ଥହାନି ଯୋଗୁ ଚିନ୍ତିତ ରହିବେ। କାହା ଉପରେ ରାଗି ଅନର୍ଥ ଓ ଶତ୍ରୁତା ସୃଷ୍ଟି କରିପାରନ୍ତି। ନୂତନ ଯୋଜନା କିମ୍ବା ମାଙ୍ଗଳିକ କାମ ଲାଗି ଗୁରୁଜନଙ୍କ ପରାମର୍ଶ ଗ୍ରହଣ କରିବା ଭଲ।

**ସିଂହ** କର୍ମକ୍ଷେତ୍ରରେ କଠିନ ପରିଶ୍ରମଜନିତ କ୍ଳାନ୍ତିବୋଧ କରିବେ। ପ୍ରତିଦ୍ୱନ୍ଦ୍ୱିତା, ପ୍ରତିଯୋଗିତାରେ ସଫଳତା ଯୋଗୁ ମନ ଖୁସି ରହିବ। ବନ୍ଧୁଗହଣରେ ଆଲୋଚନା କାଳରେ ଅପ୍ରିୟ ସତ୍ୟ କହି ସହକର୍ମୀଙ୍କ ଚକ୍ଷୁଶୂଳ ହୋଇପାରନ୍ତି। ମାଲିମକଦ୍ଦମା, ରଚନାତ୍ମକ କାର୍ଯ୍ୟ, ଯାତ୍ରା, ଗବେଷଣା ତଥା ପରିବହନରେ ଲାଭବାନ ହେବେ।

**କନ୍ୟା** ସକାଳୁ ବନ୍ଧୁଙ୍କ ପରାମର୍ଶରେ କୌଣସି କାମ ସକାଶେ ମନ ବଳାଇବେ। ଯାତ୍ରା କାଳରେ କୌଣସି ଖଳ ଲୋକଙ୍କ କଥାରେ ପଡ଼ି ଭୁଲ ମାର୍ଗ ଅନୁସରଣ କରି ହଇରାଣ ହେବେ। କେତେକ କାମ ସକାଶେ ଅନ୍ୟର ସାହାଯ୍ୟ ନେବାକୁ ବାଧହେବେ। ମାଲିମକଦ୍ଦମା, ତର୍କ ବିତର୍କ, ସଂଗଠନ, ନିର୍ମାଣ ଓ ପରିବହନ କ୍ଷେତ୍ରରୁ ଶୁଭଫଳ ପାଇବେ।

**ତୁଳା** ଛୋଟ କଥାକୁ ନେଇ ପରିବାରରେ ବିରକ୍ତି ପ୍ରକାଶ କାରଣରୁ ମତଭେଦ ଓ ବିବାଦ ବଢ଼ିବ। ସାମାଜିକ ଓ ଆନୁଷ୍ଠାନିକ କାମରେ ସହଯୋଗ ମନୋଭାବରୁ ପ୍ରଶଂସିତ ହେବେ। ଶିଳ୍ପ, ବାଣିଜ୍ୟ, ରାଜନୀତି, କଳା, ସାହିତ୍ୟ, ସାମ୍ବାଦିକତାରେ ବ୍ୟତିକ୍ରମ ପରିଲକ୍ଷିତ ହୋଇପାରେ। ଆକସ୍ମିକ ଭାବରେ ବନ୍ଧୁ ମିଳନକୁ ଆହୂତ ହୋଇପାରନ୍ତି।

**ବିଛା** ପରିବର୍ତ୍ତିତ ପରିସ୍ଥିତିରେ ଦୀର୍ଘ ଦିନର ଅଭିଳାଷ ପୂରଣ ହେବ। ବିଶାଖା ନକ୍ଷତ୍ରର କିଏ କଥାରେ ବନ୍ଧୁଙ୍କ ସହ ମନୋମାଳିନ୍ୟ ହୋଇପାରେ। ଯାତ୍ରା ସମୟରେ ଦ୍ରବ୍ୟ ନଷ୍ଟ ହେବା କାରଣରୁ ଅନ୍ୟ ଉପରେ ରାଗି ପାରନ୍ତି। କଳା, ସାହିତ୍ୟ, ପ୍ରକାଶନ, ପ୍ରଶାସନ, ସାମ୍ବାଦିକତା, ରାଜନୀତି, ସଂଗଠନ, କ୍ଷେତ୍ରରେ ସମସ୍ୟା ସମାଧାନ କରିବେ।

**ଧନୁ** କର୍ମକ୍ଷେତ୍ରରେ ସହକର୍ମୀଙ୍କଠାରୁ ଭୁଲ୍ ଖବର ପାଇ ବିବ୍ରତ ହୋଇପାରନ୍ତି। ବନ୍ଧୁଙ୍କ ସମ୍ମୁଖରେ ପ୍ରିୟ କଥା କହି ଭୁଲ୍ ବୁଝାମଣାକୁ ସୁଧାରି ନେବେ। ପଡ଼ୋଶୀମାନେ କିମ୍ବା ଈର୍ଷାପରାୟଣ ବ୍ୟକ୍ତିମାନେ ପରୋକ୍ଷ ଶତ୍ରୁତା କରିପାରନ୍ତି। ବନ୍ଧୁଙ୍କ ନିକଟରେ ବହୁତ ଦିନରୁ ରହିଥିବା ବାକି ଟଙ୍କା ପାଇବାରେ ଅସୁବିଧା ହେବ ନାହିଁ।

**ମକର** ମତାନ୍ତରଜନିତ ମାନସିକ ଅଶାନ୍ତି ବୃଦ୍ଧି କାରଣରୁ ମନରେ ସରସତା ରହିବ ନାହିଁ। ସତର୍କତାର ସହ କାମ ନ କଲେ କଳହର ସମ୍ମୁଖୀନ ହୋଇପାରନ୍ତି। ଅନ୍ୟମାନଙ୍କ ଦ୍ୱାରା ପ୍ରଭାବିତ ହୋଇ ପଡ଼ୋଶୀ କ୍ରୋଧ ପ୍ରକାଶ କରିପାରନ୍ତି। ରପ୍ତାନି, ଜମିଜମା କ୍ରୟ ବିକ୍ରୟ, ସାଂସ୍କୃତିକ କାମ,ଏଜେନ୍ସି ଓ ସାମ୍ବାଦିକତାରେ ପ୍ରଶଂସିତ ହେବେ।

**କୁମ୍ଭ** ଆଶା କରୁଥିବା ଜିନିଷଟି ବନ୍ଧୁଙ୍କ ମାଧ୍ୟମରେ ଅତି ସୁବିଧାରେ ପାଇଯିବେ। କଚେରି ମାମଲା କ୍ଷେତ୍ରରେ ଆଶାଜନକ ଫଳ ପାଇବେ। ଦୀର୍ଘ ଆଲୋଚନା ପରେ ନୂତନ ଚୁକ୍ତିପତ୍ର ବନ୍ଧୁଙ୍କ ଜରିଆରେ ସ୍ୱାକ୍ଷରିତ ହୋଇପାରେ। ପ୍ରତ୍ୟେକ କ୍ଷେତ୍ରରେ ଭାବି ଚିନ୍ତି କାମ କରିବା ଭଲ ନଚେତ୍ ସମସ୍ୟାଗ୍ରସ୍ତ ହୋଇପାରନ୍ତି।

**ମୀନ** ଅଟକି ରହିଥିବା କାମ ସୁବିଧାରେ ସମ୍ପନ୍ନ ହେବାରେ ପ୍ରତିବନ୍ଧକ ରହିବ ନାହିଁ। ଆଲୋଚନା ପରିସରରେ ମିଥ୍ୟା ଭାଷଣରୁ ସମାଲୋଚନାର ପାତ୍ର ହେବାକୁ ପଡ଼ିପାରେ। ପରିବାରର ଖର୍ଚ୍ଚ ପରିମାଣ ବୃଦ୍ଧି ହେତୁ ମନରେ ସରସତା ରହିବ ନାହିଁ। ସାହିତ୍ୟ, ସଙ୍ଗୀତ, ଚଳଚ୍ଚିତ୍ର, ନିର୍ମାଣ, ପରିବହନ, ସଭାସମିତି କ୍ଷେତ୍ରରେ ଆଶାତୀତ ସଫଳତା ହାସଲ କରିବେ।

ଆଜି ଜ୍ୟେଷ୍ଠ କୃଷ୍ଣ ନବମୀ, ଶନିବାର, ଉତ୍କଳେ ଭଉଁରି, ଶ୍ରୀକ୍ଷେତ୍ରେ ହଳଦୀପାଣି, ମେ ୧୩ ତାରିଖ, ରାଷ୍ଟ୍ରୀୟ ଏକତା ଦିବସ, ରାଶି ନକ୍ଷତ୍ର- ଦିବା ଘ.୧୧।୩୫ ପର୍ଯ୍ୟନ୍ତ ଧନିଷ୍ଠା/କୁମ୍ଭ, ନବମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୧୦।୦୬ ଗତେ ଘ.୦୧।୦୦ ମଧ୍ୟେ ଶୁଦ୍ଧ ଶୁଭ ବେଳା। ଦିବା ଘ.୦୮।୨୯ ଗତେ ଘ.୧୦।୦୬ ମଧ୍ୟେ ରାହୁକାଳ।

# ମାଲକାନଗିରିରେ ହଁ, କୋରାପୁଟରେ ନା

## ଆଦିବାସୀ ମାନ୍ୟତା: ଦୋଛକିରେ ଦୁରୁଆ



ସାଂସ୍କୃତିକ ମେଳାରେ ସାମିଲ ହୋଇଥିବା ବୈପାରିଗୁଡ଼ା ବ୍ଲକର ଦୁରୁଆ ଲୋକଙ୍କ କାର୍ଯ୍ୟକ୍ରମ।



Kiosk Operator: MANAS BEHERA, S. DALAPATIGUDA MATHILI
GOVERNMENT OF ODISHA
Office of the Tahasildar, Mathili. Miscellaneous Certificate Case No: e-CAS/2102 of 2017
CASTE CERTIFICATE
[Rule 8 (i) of the Odisha Caste Certificate (for Scheduled Caste and Scheduled Tribe) Rules, 1980]
Date: 18-10-2017

This is to certify that Smt CHAMPABATI DURUA Daughter of Shri GHANCHU DURUA of Village/Town BARA P.S MATHILI in the district Malkangiri in the State of Odisha belongs to DURUVA tribe which is recognized as Scheduled Tribe under the constitution (scheduled Caste / Scheduled Tribe) order 1950 as amended by the scheduled Caste and Scheduled Tribe List (Modification) order 1956 and Scheduled Caste and Scheduled Tribe Order (Amendment) Act, 1976.

Smt CHAMPABATI DURUA and she/her family ordinarily reside(s) in Village/Town BARA of Malkangiri District in the State of Odisha.

Place: Mathili
Date: 18-10-2017

Signature of the Applicant

KARTAMI JAGADISH
Signature of the Revenue Officer
Date: 18-10-2017

NOTE:
- It is a digitally signed electronically generated certificate and therefore needs no ink-signed signature.
- This certificate is issued as per section 4,5&6 of Information Technology Act 2000 and its subsequent amendments in 2008 and as per Revenue & Disaster Management Department notification numbers IMU-13/10-42518/R&DM dated 21.10.2010, RDM-IMU-EGOV-0001-12/41244 dated 10.09.2012 and RDM-IMU-EGOV-0001-2012/35042 dated 12.09.2013
- For any query or verification, Agency/Department/Office may visit http://edistrictodisha.gov.in
- Tampering of this certificate will attract penal action.

ମାଲକାନଗିରି ଜିଲା ମାଥିଲି ତହସିଲ ପକ୍ଷରୁ ମିଳୁଥିବା ଜାତିଗତ ପ୍ରମାଣପତ୍ର।

**ବନବାସୀ ଲୋକସଂସ୍କୃତିର ପ୍ରଚାରପ୍ରସାର କଥା ଉଠିଲେ ଖୋଜାପଡ଼ନ୍ତି ଦୁରୁଆ। ନିଆରା ପରମ୍ପରା, ଚଳଣି ପାଇଁ ରାଜ୍ୟ ସରକାର ସେମାନଙ୍କ ସଂସ୍କୃତିକୁ ଆଦିବାସୀ ମାନ୍ୟତା ଦେଇଛନ୍ତି। ରାଜ୍ୟ ଓ ଜାତୀୟସ୍ତରୀୟ ଜନଜାତି ମେଳାରେ ସେମାନଙ୍କୁ ସାମିଲ ମଧ୍ୟ କରାଯାଉଛି। ହେଲେ ପ୍ରଶାସନିକ ଅବହେଳା ଯୋଗୁ କୋରାପୁଟ ଜିଲାର ଦୁରୁଆ ସମ୍ପ୍ରଦାୟ ନିଜକୁ ଆଦିବାସୀ ବୋଲି ପ୍ରମାଣ କରିବାକୁ ଦଶନ୍ଧି ଦଶନ୍ଧି ଧରି ସଂଘର୍ଷ କରୁଛନ୍ତି। ସୀମାନ୍ତ ମାଲକାନଗିରି ଜିଲାରେ ଏହି ବର୍ଗକୁ ସୁବିଧାରେ ଜନଜାତି ପ୍ରମାଣପତ୍ର ମିଳିଯାଉଥିବାବେଳେ ମୂଳଭୂଖଣ୍ଡ କୋରାପୁଟରେ ମାନ୍ୟତାକୁ ଅପେକ୍ଷା କରିଛନ୍ତି ପ୍ରାୟ ୧୫,୦୦୦ ଦୁରୁଆ।**

**କଳ୍ପତରୁ ମହାନ୍ତି**
**ବୈପାରିଗୁଡ଼ା, ୧୨।୫**

ଦୀର୍ଘବର୍ଷର ଦାବି ସତ୍ତ୍ୱେ କୋରାପୁଟ ଜିଲାରେ ବସବାସ କରୁଥିବା ‘ଦୁରୁଆ’ଙ୍କୁ ମିଳୁନାହିଁ ଆଦିବାସୀ ମାନ୍ୟତା। ପଡ଼ୋଶୀ ମାଲକାନଗିରି ଜିଲାରେ ସମାନ ବର୍ଗର ଲୋକଙ୍କୁ ଜନଜାତି ପ୍ରମାଣପତ୍ର ପ୍ରଦାନ କରାଯାଉଥିବାବେଳେ ପ୍ରଶାସନିକ ଅବହେଳାରୁ କୋରାପୁଟରେ ଦୁରୁଆ ସମ୍ପ୍ରଦାୟ ନ୍ୟାଯ୍ୟଦାବିରୁ ବଞ୍ଚିତ ହୋଇ ରହିଥିବା ଅଭିଯୋଗ ହେଉଛି।

କୋରାପୁଟ ଜିଲା ବୈପାରିଗୁଡ଼ା ବ୍ଲକର ଗୁପ୍ତେଶ୍ୱର ପଞ୍ଚାୟତ, କୁନ୍ଦୁରା ବ୍ଲକର କେରିମିଟି, ଆସନା, ବାଗ୍‌ଦେରୀ, କୋଟପାଡ୍ ବ୍ଲକର ଚତର୍ଲ୍ଲା, କେରିମିଟି, କୋଟପାଡ଼ ଏବଂ ମାଲକାନଗିରି ଜିଲାର ମାଥିଲି ବ୍ଲକରେ ଦୁରୁଆ ସମ୍ପ୍ରଦାୟ ଲୋକେ ବସବାସ କରୁଛନ୍ତି। ସୀମାନ୍ତ ଛତିଶଗଡ଼ ରାଜ୍ୟ ବନବାସୀ ଗୋଷ୍ଠୀରେ ଏହି ସମ୍ପ୍ରଦାୟକୁ ଧୁରୁବା ଏବଂ ଧୁର୍‌ଭା ଭାବେ ତାଲିକାଭୁକ୍ତ କରାଯାଇଛି। ତେବେ ଉଚ୍ଚାରଣଗତ ପାର୍ଥକ୍ୟ ଏବଂ ବିଧିବଦ୍ଧ ଭାବେ ତାଲିକାଭୁକ୍ତ ହୋଇ ନ ଥିବାରୁ କୋରାପୁଟରେ ‘ଦୁରୁଆ’ ଆଦିବାସୀ ମାନ୍ୟତାରୁ ବଞ୍ଚିତ ହୋଇରହିଛନ୍ତି। ଅନ୍ୟ ଜନଜାତିଙ୍କ ପରି ଦୁରୁଆଙ୍କ ଭାଷା, ସଂସ୍କୃତି, ପରମ୍ପରା, ପର୍ବପର୍ବାଣିରେ ସ୍ୱତନ୍ତ୍ରତା ରହିଛି। ମାତ୍ର ଜାତିଗତ ପ୍ରମାଣପତ୍ର ପ୍ରଦାନ ବେଳେ ନିୟମ ଆଳ ଦେଖାଇ ପ୍ରଶାସନ ପଛଘୁଞ୍ଚା ଦେଉଥିବା ଅଭିଯୋଗ ହେଉଛି। ‘ଦୁରୁଆ’ଙ୍କୁ ଆଦିବାସୀ ମାନ୍ୟତା ପ୍ରସଙ୍ଗ ବିବାଦୀୟ ରହିଆସିଥିବାବେଳେ ଏଥିଲାଗି ୨୦୦୨ରେ ଉଦ୍ୟମ କରିଥିଲେ ତତ୍କାଳୀନ ଜିଲାପାଳ ଉଷା ପାଢ଼ୀ। ଏଥିପୂର୍ବରୁ ଜୟପୁର ତହସିଲଦାରଙ୍କ ଦ୍ୱାରା ସେମାନଙ୍କ ଉପରେ ବିଧିବଦ୍ଧ ରିପୋର୍ଟ ସଂଗ୍ରହ କରାଯାଇଥିଲା। ୨୦୦୨ ଏପ୍ରିଲ୍ ୯ରେ ଏ ସଂକ୍ରାନ୍ତ ସବିଶେଷ ରିପୋର୍ଟ ଦାଖଲ କରାଯାଇଥିଲା। ଏଥିରେ ଦର୍ଶାଯାଇଥିଲା ଯେ, ବୈପାରିଗୁଡ଼ା ଅଞ୍ଚଳରେ ବସବାସ କରୁଥିବା ‘ଦୁରୁଆ’ ସମ୍ପ୍ରଦାୟର ସଂସ୍କୃତି, ପ୍ରଥା, ପରମ୍ପରା, ଜୀବନଜୀବିକା ଜନଜାତି ସମ୍ପ୍ରଦାୟ ଭଳି। ଛତିଶଗଡ଼ ଏବଂ ଓଡ଼ିଶାରେ ବାସ କରୁଥିବା ଦୁରୁଆ ଭିନ୍ନ ନୁହନ୍ତି। ତେଣୁ ସେମାନଙ୍କୁ ଜନଜାତି ତାଲିକାଭୁକ୍ତ କରିବାକୁ ଉକ୍ତ ରିପୋର୍ଟରେ ଅନୁରୋଧ କରାଯାଇଥିଲା। ଏହାପରେ ସ୍ୱଳ୍ପସଂଖ୍ୟକ ଦୁରୁଆଙ୍କୁ ଆଦିବାସୀ ପ୍ରମାଣପତ୍ର, ଜଙ୍ଗଲ ଜମି ପଟ୍ଟା ମିଳିଥିଲା। ଉକ୍ତ ଜମି ସାଧାରଣବର୍ଗ ଲୋକଙ୍କୁ ହସ୍ତାନ୍ତର କରିବା ଉପରେ କଟକଣା ଜାରି କରାଯାଇଥିଲା। ତେବେ ପରବର୍ତ୍ତୀ ସମୟରେ ପ୍ରଶାସନିକ ବ୍ୟବସ୍ଥାରେ ପରିବର୍ତ୍ତନ ପରେ ନୂଆ ସମସ୍ୟା ମୁଣ୍ଡ ଟେକିଲା। ବିଧିବଦ୍ଧ ଭାବେ ଡକ୍ୟୁମେଣ୍ଟେଶନ ହୋଇ ନ ଥିବାରୁ ‘ଦୁରୁଆ’ ସମ୍ପ୍ରଦାୟ ଆଦିବାସୀ ତାଲିକାରେ ନ ଥିବା ଦର୍ଶାଇ ଜାତିଗତ ପ୍ରମାଣପତ୍ର ବନ୍ଦ କରି ଦିଆଗଲା। ପୂର୍ବରୁ ମିଳିଥିବା ହାତଲେଖା ପ୍ରମାଣପତ୍ର ବିଶେଷ କାମରେ ଆସିଲାନାହିଁ। ଫଳରେ ଆଦିବାସୀଙ୍କୁ ମିଳୁଥିବା ସୁବିଧା ସେମାନେ ପାଇପାରୁନାହାନ୍ତି। ବୈପାରିଗୁଡ଼ା ବ୍ଲକ ଗୁପ୍ତେଶ୍ୱର ପଞ୍ଚାୟତରେ ପ୍ରାୟ ୯୦% ପରିବାର ‘ଦୁରୁଆ’। ହେଲେ ଆଦିବାସୀ ପ୍ରମାଣପତ୍ର ନ ଥିବାରୁ ସମ୍ପୃକ୍ତ ପରିବାରର ପିଲାଙ୍କୁ ଆବାସିକ ବିଦ୍ୟାଳୟରେ ରହି ପାଠ ପଢ଼ିବା ସୁବିଧା ମିଳୁନାହିଁ। ସଂରକ୍ଷଣର ଲାଭ ମିଳୁ ନ ଥିବାରୁ ସେମାନଙ୍କ ରାଜନୈତିକ ଅଧିକାର କ୍ଷୁଣ୍ଣ ହେଉଛି। ହାତଲେଖା ଜନଜାତି ପ୍ରମାଣପତ୍ର ପାଇଥିବା ବ୍ୟକ୍ତିମାନେ ହିଁ ନିର୍ବାଚନରେ ଅଂଶଗ୍ରହଣ କରିପାରୁଥିବାବେଳେ ଅନେକେ ଏବେ ବି ଏଥିରୁ ବଞ୍ଚିତ ହେଉଛନ୍ତି। ସରକାରୀ କାଗଜପତ୍ରରେ ଆଦିବାସୀ ବୋଲି ପ୍ରମାଣ ନ ଥିବାରୁ ସେମାନଙ୍କ ଜମିକୁ ସାଧାରଣ ବର୍ଗର ଲୋକେ ଶାଗମାଛ ଦରରେ କିଣି ନେଉଥିବା ଅଭିଯୋଗ ହେଉଛି।

ସମସ୍ୟା ସମ୍ପର୍କରେ କୋରାପୁଟ ଜିଲା ଦୁରୁଆ ସମାଜ ସଭାପତି ମୀରା ଚାଲାଣ କୁହନ୍ତି, ୨୦୨୦-୨୧ରେ ବେସରକାରୀ ଭାବେ ହୋଇଥିବା ଜନଗଣନାରୁ ଜିଲାରେ ‘ଦୁରୁଆ’ଙ୍କ ସଂଖ୍ୟା ୧୪,୭୨୫ ଥିଲା। ଦୁରୁଆଙ୍କୁ ଆଦିବାସୀ ତାଲିକାଭୁକ୍ତ କରିବା ପାଇଁ ବିଭିନ୍ନ ସମୟରେ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ନିକଟରେ ଦାବି କରାଯାଇଛି। ୨୦୨୧ରେ ଜିଲା ଗସ୍ତରେ ଆସିଥିବା ଏସ୍‌ଟି କମିଶନର ଅନନ୍ତ ନାୟକ ସମସ୍ତ ତଥ୍ୟ ସଂଗ୍ରହ କରି ସରକାରଙ୍କୁ ରିପୋର୍ଟ ଦେବେ ବୋଲି କହିଥିଲେ। ଅଦ୍ୟାବଧି କୌଣସି ପଦକ୍ଷେପ ନିଆଯାଇନାହିଁ। ଦାବି ପୂରଣ ନ ହେଲେ ବଡ଼ଧରଣର ଆନ୍ଦୋଳନ କରାଯିବ ବୋଲି ସେ ଚେତାବନୀ ଦେଇଛନ୍ତି। ଏ ନେଇ ବୈପାରିଗୁଡ଼ା ତହସିଲଦାର ସ୍ନିଗ୍ଧା ଚୌଧୁରୀ କୁହନ୍ତି, ଆଦିବାସୀ ତାଲିକାରେ ‘ଦୁରୁଆ’ ନାହିଁ। ସେମାନଙ୍କ ପାଖରେ ଡକୁମେଣ୍ଟାରି ଏଭିଡେନ୍ସ ନ ଥିବାରୁ ଜାତି ପ୍ରମାଣପତ୍ର ଦେବା ସମ୍ଭବ ହେଉନାହିଁ। ଜୟପୁର ଉପଜିଲାପାଳ ବେଦବର ପ୍ରଧାନ କୁହନ୍ତି, ଧାରୁଆ, ଧୁରୁବା ଏବଂ ଧୁର୍‌ଭାଙ୍କୁ ଆଦିବାସୀ ପ୍ରମାଣପତ୍ର ମିଳୁଛି। ଯେହେତୁ ‘ଦୁରୁଆ’ ସମ୍ପ୍ରଦାୟ ଆଦିବାସୀ ତାଲିକାରେ ନାହିଁ, ତେଣୁ ପ୍ରମାଣପତ୍ର ଦେଇହେବନାହିଁ।

ଅନ୍ୟପଟେ ମାଲକାନଗିରି ଜିଲା ମାଥିଲି ତହସିଲଦାର ଚନ୍ଦନ ଭୋଇ ଏ ନେଇ ଭିନ୍ନ ମତ ଦେଇଛନ୍ତି। ସେ କହିଛନ୍ତି, ଦୁରୁଆଙ୍କୁ ଆଦିବାସୀ ପ୍ରମାଣପତ୍ର ଦେବାରେ କୌଣସି ସମସ୍ୟା ନାହିଁ। ସାଙ୍ଗିଆ ସହିତ ଜାତିର କୌଣସି ସମ୍ପର୍କ ନାହିଁ। ଅନେକଙ୍କ ଜମି ପଟ୍ଟା ନ ଥିଲେ ମଧ୍ୟ ସେମାନଙ୍କ ପରମ୍ପରା, ସଂସ୍କୃତିକୁ ଆଧାରକରି ଜାତିଗତ ପ୍ରମାଣପତ୍ର ପ୍ରଦାନ କରାଯାଉଛି।

## କ୍ଷୀର ଟ୍ରକ୍‌ରୁ ବାହାରିଲା ୨୯୦ ପେଟି ମଦ




# ବିଦ୍ୟୁତ୍ ଆଘାତରେ ୪ ହାତୀ ମୃତ

**ଗୁଣପୁର/ପାରଳାଖେମୁଣ୍ଡି, ୧୨।୫(ଡି.ଏନ୍.ଏ.)**





ଓଡ଼ିଶା ସୀମାନ୍ତ ଆନ୍ଧ୍ରପ୍ରଦେଶ ପାର୍ବତୀପୁର ମାନ୍ୟମ ଜିଲା କାତ୍ରାଗାଡ଼ା ନିକଟରେ ଶୁକ୍ରବାର ୪ଟି ହାତୀଙ୍କ ମୃତଦେହ ଠାବ ହୋଇଛି। ହାତୀ ମୃତଦେହଗୁଡ଼ିକ ଏକ ବିଦ୍ୟୁତ୍ ଟ୍ରାନ୍ସଫର୍ମର ନିକଟରେ ପଡ଼ି ରହିଛି। ତେଣୁ ବିଦ୍ୟୁତ୍ ଆଘାତରେ ହାତୀ ମୃତ୍ୟୁ ଘଟିଥିବା ସ୍ପଷ୍ଟ ହୋଇଛି। ପଲରେ ଥିବା ଆଉ ଦୁଇଟି ହାତୀ ଜଙ୍ଗଲ ଭିତରକୁ ପଳାଇଥିବା ଆନ୍ଧ୍ର ବନ ବିଭାଗ ପକ୍ଷରୁ କୁହାଯାଇଛି। ଘଟଣାସ୍ଥଳରେ ଆନ୍ଧ୍ର ପୋଲିସ ଓ ବନ ବିଭାଗର ଅଧିକାରୀମାନେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ଟ୍ରାନ୍ସଫର୍ମରଟି ଖୋଲାରେ ରହିଛି। ଚାରିପଟେ ତାରବାଡ଼ କିମ୍ବା ପାଚେରି କରାଯାଇନାହିଁ। ଆନ୍ଧ୍ର ସରକାର, ସ୍ଥାନୀୟ ପ୍ରଶାସନ, ବିଦ୍ୟୁତ୍ ବିଭାଗର ଖାମଖିଆଲ ଯୋଗୁ ଏଭଳି ଅଘଟଣ ଘଟିଥିବା ଆଲୋଚନା ହେଉଛି।

ସୂଚନାଯୋଗ୍ୟ, କିଛିମାସ ତଳେ ୬ ଟିକିଆ ହାତୀପଲ ରାୟଗଡ଼ା ଜିଲା ଗୁଣପୁର ଓ ଗଜପତି ଜିଲା ଅଞ୍ଚଳରେ ଥିଲେ। ଏଠାରେ ବ୍ୟାପକ ଫସଲ ନଷ୍ଟ କରିବାରୁ ଲୋକେ ଘଉଡ଼ାଇବାରୁ ହାତୀପଲ ଆନ୍ଧ୍ରମୁହାଁ ହୋଇଥିଲେ। ଗୁରୁବାର ରାତିରେ ଖାଦ୍ୟ ଅନ୍ୱେଷଣରେ ଯାଉଥିବା ବେଳେ ଉଚ୍ଚକ୍ଷମତାସମ୍ପନ୍ନ ବିଦ୍ୟୁତ୍ ଟ୍ରାନ୍ସଫର୍ମର ସଂସ୍ପର୍ଶରେ ଆସିଯିବାରୁ ୪ ହାତୀଙ୍କ ଜୀବନ ଯାଇଛି। ସେଥିମଧ୍ୟରେ ୨ଟି ମାଈ ହାତୀ ରହିଥିବା ଜଣାପଡ଼ିଛି। ସ୍ଥାନୀୟ ଲୋକଙ୍କଠାରୁ ଖବରପାଇ ପାର୍ବତୀପୁରମ-ମାନ୍ୟମ୍ ଡିଏଫ୍‌ଓ ଜିଏପି ପ୍ରସନ୍ନା, ଶ୍ରୀକାକୁଲମ ଡିଏଫ୍‌ଓ ନିଶା କୁମାରୀ ଏବଂ ବନ ବିଭାଗର ଅନ୍ୟ ଅଧିକାରୀମାନେ ଘଟଣାସ୍ଥଳରେ ପହଞ୍ଚି ହାତୀ ମୃତଦେହ ଯାଞ୍ଚ କରିଥିଲେ। ପ୍ରାଣୀ ଚିକିତ୍ସକ ତଥା ଜଙ୍ଗଲର ମୁଖ୍ୟ ସଂରକ୍ଷଣକାରୀ, ବିଶାଖାପାଟଣାଙ୍କ ସହାୟତାରେ ବ୍ୟବଚ୍ଛେଦ କରାଯାଇଥିଲା। ଡିଏଫ୍‌ଓ ପ୍ରସନ୍ନା କହିଛନ୍ତି, ୪ ହାତୀଙ୍କ ମୃତ୍ୟୁ ବନ ବିଭାଗ ପାଇଁ ଏକ ବଡ଼ କ୍ଷତି। ବିଦ୍ୟୁତ୍ ଖୁଣ୍ଟକୁ ଉପାଡ଼ିବା ପାଇଁ ହାତୀପଲ ଚେଷ୍ଟା କରିବା ବେଳେ ଏହି ଦୁର୍ଘଟଣା ଘଟିଥାଇପାରେ। ତଦନ୍ତ ଓ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ପ୍ରକୃତ ଘଟଣା ଜଣାପଡ଼ିବ ବୋଲି ଜଣାଇଛନ୍ତି।

## ଓଟିଇଟି ନିୟମ ବଦଳିଲା
### ଥରେ ପାସ୍ କଲେ ଆଉ ଦେବାକୁ ପଡ଼ିବନି ପରୀକ୍ଷା

**ଭୁବନେଶ୍ୱର, ୧୨।୫(ବ୍ୟୁରୋ):** ରାଜ୍ୟ ସରକାର ଓଡ଼ିଶା ଟିଚର ଏଲିଜିବିଲିଟି ଟେଷ୍ଟ (ଓଟିଇଟି) ବୈଧତା ସୀମା ବୃଦ୍ଧି କରିଛନ୍ତି। ଥରେ ଓଟିଇଟି ପାସ୍ କଲେ ଆଉ ପରୀକ୍ଷା ଦେବାକୁ ପଡ଼ିବ ନାହିଁ। ପୂର୍ବରୁ ଓଟିଇଟି ପାସ୍ କଲେ ଏହାର ବୈଧତା ୭ ବର୍ଷ ରହୁଥିଲା। ଏବେ ଏହାକୁ ଜୀବନବ୍ୟାପୀ କରାଯାଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି ନିଷ୍ପତ୍ତିରେ ପରିବର୍ତ୍ତନ କରିଛନ୍ତି। ୭ ବର୍ଷ ଭିତରେ ଚାକିରି ନ ପାଇଲେ ପୁଣି ପରୀକ୍ଷା ଦେବାକୁ ପଡୁଥିଲା। ଏବେ ଥରେ ଓଟିଇଟି ପାସ୍ କଲେ ଆଉ ଜୀବନବ୍ୟାପୀ ପରୀକ୍ଷା ଦେବାକୁ ପଡ଼ିବ ନାହିଁ ଓ ସେମାନେ ନିଯୁକ୍ତି ପାଇଁ ଯୋଗ୍ୟ ବିବେଚିତ ହେବେ।

## ଆଜି ଓଡ଼ିଶା ଫେରିବେ ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର, ୧୨।୫(ବ୍ୟୁରୋ):** ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶନିବାର ଦିଲ୍ଲୀରୁ ଓଡ଼ିଶା ଫେରିବେ। ମଧ୍ୟାହ୍ନ ୧ଟା ସମୟରେ ମୁଖ୍ୟମନ୍ତ୍ରୀ ଭୁବନେଶ୍ୱର ବିମାନ ବନ୍ଦରରେ ପହଞ୍ଚିବେ। ଗତ ୧୦ ତାରିଖରେ ମୁଖ୍ୟମନ୍ତ୍ରୀ ଦିଲ୍ଲୀ ଗସ୍ତ କରିଥିଲେ। ଏହି ସମୟରେ ସେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ସାକ୍ଷାତ କରି ବିଳମ୍ବ ହେଉଥିବା ଓ ପଡ଼ିରହିଥିବା ରାଜ୍ୟର ସ୍ୱାର୍ଥ ସମ୍ବଳିତ ବିଭିନ୍ନ ପ୍ରକଳ୍ପର କାର୍ଯ୍ୟକାରିତାକୁ ନେଇ ଆଲୋଚନା କରିଥିଲେ।

# ଲିଣ୍ଡା ଟୁଇଟରର ନୂଆ ସିଇଓ

**ୱାଶିଂଟନ୍, ୧୨।୫**

ମାଇକ୍ରୋବ୍ଲଗିଂ ଆପ୍ ଟୁଇଟରର ନୂଆ ସିଇଓ ଭାବେ ଲିଣ୍ଡା ୟାକାରିନୋଙ୍କ ନାମ ଘୋଷଣା କରାଯାଇଛି। ଟୁଇଟର ମାଲିକ ଏଲନ ମସ୍କ ଶୁକ୍ରବାର ଟୁଇଟ୍ କରି ଏହି ସୂଚନା ଦେଇଛନ୍ତି। ସେ କହିଛନ୍ତି, ଟୁଇଟରର ନୂଆ ସିଇଓ ଭାବେ ଲିଣ୍ଡାଙ୍କୁ ସ୍ୱାଗତ ଜଣାଉଛି।



ଲିଣ୍ଡା ୟାକାରିନୋ

ଲିଣ୍ଡା କମ୍ପାନୀର ବ୍ୟବସାୟିକ କାରବାରର ତଦାରଖ କରିବାକୁ ଥିବାବେଳେ ନିଜେ ମସ୍କ ପ୍ରଡକ୍ଟ ଡିଜାଇନ୍ ଓ ନୂଆ ଟେକ୍‌ନୋଲୋଜି ବିଷୟରେ ଅନୁଧ୍ୟାନ କରିବେ। ଲିଣ୍ଡାଙ୍କ ସହ କାମ କରିବାକୁ ନେଇ ସେ ଉତ୍ସାହିତ ଥିବା କହିଛନ୍ତି। ଟୁଇଟର ସିଇଓ ହେବା ପୂର୍ବରୁ ଲିଣ୍ଡା ଏନ୍‌ବିସିୟୁନିଭର୍ସାଲ ମିଡିଆ କମ୍ପାନୀର ଏକ୍‌ଜିକ୍ୟୁଟିଭ୍ ଭାବେ କାର୍ଯ୍ୟ କରୁଥିଲେ। ଲିଣ୍ଡା ଏହି ଜଣାଶୁଣା ଆମେରିକୀୟ ଗଣମାଧ୍ୟମ କମ୍ପାନୀର ଗ୍ଲୋବାଲ୍ ଆଡ୍‌ଭାର୍ଟାଇଜିଂ ଏବଂ ପାର୍ଟନେରଶିପ୍‌ର ଦାୟିତ୍ୱରେ ଥିଲେ। ଅନ୍ୟପକ୍ଷେ ୧୨ ବର୍ଷରେ ଲିଣ୍ଡା ଏନ୍‌ବିସିୟୁନିଭର୍ସିଟି ମିଡିଆ କମ୍ପାନୀ ଛାଡୁଥିବା ନେଇ କମ୍ପାନୀ ପକ୍ଷରୁ କୁହାଯାଇଛି। ତେବେ ଟୁଇଟରର ନୂଆ ସିଇଓ ପଦ ଲାଗି ଗୁରୁବାର ମସ୍କ ଏକ ଟୁଇଟ୍ କରିବା ପରେ ଲିଣ୍ଡାଙ୍କ ନାମ ଚର୍ଚ୍ଚାକୁ ଆସିଥିଲା। କିନ୍ତୁ ଏ ନେଇ ସେ କୌଣସି ପ୍ରତିକ୍ରିୟା ଦେଇ ନ ଥିଲେ। ଏନ୍‌ବିସିୟୁନିଭର୍ସାଲର ଆଡ୍‌ଭାର୍ଟାଇଜିଂ ବିଭାଗ ମୁଖ୍ୟ ଦାୟିତ୍ୱରେ ଲିଣ୍ଡା ୧୦ରୁ ଊର୍ଦ୍ଧ୍ୱ ବର୍ଷ କାର୍ଯ୍ୟ କରିଛନ୍ତି। ସେ ପେନ୍ ଷ୍ଟେଟ୍ ୟୁନିଭର୍ସିଟିରେ ଲିବେରାଲ୍ ଆର୍ଟସ୍ ଏବଂ ଟେଲିକମ୍ୟୁନିକେଶନ୍ସରେ ଡିଗ୍ରୀ ହାସଲ କରିଛନ୍ତି। ଏପ୍ରିଲରେ ମିଆମିରେ ଅନୁଷ୍ଠିତ ଏକ ଆଡ୍‌ଭାର୍ଟାଇଜିଂ କନ୍‌ଫରେନ୍ସରେ ଲିଣ୍ଡା ମସ୍କଙ୍କ ସାକ୍ଷାତ୍‌କାର ନେଇଥିବାବେଳେ ଲିଣ୍ଡା ମସ୍କଙ୍କ ପ୍ରଶଂସା କରିଥିଲେ, ଯାହାକୁ ନେଇ ଖୁବ୍ ଚର୍ଚ୍ଚା ହୋଇଥିଲା। କିଛିଦିନ ପୂର୍ବେ ମସ୍କ ଏକ କୁକୁର ଫଟୋ ଶେୟାର କରି ଟୁଇଟରର ନୂଆ ସିଇଓ ବୋଲି କ୍ୟାପ୍‌ଶନରେ ଲେଖିଥିଲେ। ଗତବର୍ଷ ଅକ୍ଟୋବରରେ ମସ୍କ ୪୪ ବିଲିୟନ୍ ଡଲାରରେ ମାଇକ୍ରୋବ୍ଲଗିଂ ଜାଏଣ୍ଟ ଟୁଇଟରକୁ କିଣିଥିଲେ। କମ୍ପାନୀର ମାଲିକାନା ହାସଲ କରିବା ପରେ ବହୁ ଉଚ୍ଚପଦଧାରୀ କର୍ମଚାରୀଙ୍କୁ ସେ ଚାକିରିରୁ ବାହାର କରିବା ସହ କମ୍ପାନୀ ନିୟମରେ ଅନେକ ପରିବର୍ତ୍ତନ କରିଛନ୍ତି।

# ଖଗେଶ୍ୱରଙ୍କ ଜାମିନ ଖାରଜ
### ବହୁଚର୍ଚ୍ଚିତ ହନିଟ୍ରାପ୍ ଓ ବେଆଇନ ଅର୍ଥ କାରବାର ମାମଲା

**ଭୁବନେଶ୍ୱର, ୧୨।୫(ବ୍ୟୁରୋ)**

ବହୁଚର୍ଚ୍ଚିତ ହନିଟ୍ରାପ୍ ଓ ବେଆଇନ ଅର୍ଥ କାରବାର ମାମଲାରେ ଅର୍ଚ୍ଚନା ନାଗ, ସ୍ୱାମୀ ଜଗବନ୍ଧୁ ଚାନ୍ଦ ଓ ବ୍ୟବସାୟିକ ସହଯୋଗୀ ଖଗେଶ୍ୱର ପାତ୍ର ଦୀର୍ଘଦିନ ହେବ ଝାରପଡ଼ା ଜେଲରେ ରହିଛନ୍ତି। ଏଭଳିସ୍ଥିତିରେ ଖଗେଶ୍ୱରଙ୍କ ପାଇଁ ଅଡୁଆ ବଢ଼ିଛି। ଇଡି ମାମଲାରେ ତାଙ୍କ ଜାମିନ ଆବେଦନକୁ ଶୁକ୍ରବାର ହାଇକୋର୍ଟ ଖାରଜ କରିଦେଇଛନ୍ତି। ଅନ୍ୟପକ୍ଷରେ ନୟାପଲ୍ଲୀ ଥାନା ମାମଲାରେ ପୂର୍ବରୁ ଅର୍ଚ୍ଚନାଙ୍କୁ ହାଇକୋର୍ଟରୁ ସର୍ତ୍ତମୂଳକ ଜାମିନ ମିଳିଥିବାବେଳେ ଖଣ୍ଡଗିରି ଥାନା ଓ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ମାମଲାରେ ଜାମିନ ମିଳିନାହିଁ। ଇଡି ମାମଲାରେ ଅର୍ଚ୍ଚନାଙ୍କ ପକ୍ଷରୁ ହାଇକୋର୍ଟରେ ହୋଇଥିବା ଜାମିନ ଆବେଦନର ଶୁଣାଣି ତାରିଖ ଆଗାମୀ ଜୁନ ୨୬ରେ ରହିଛି। ସେହିପରି ଜଗବନ୍ଧୁଙ୍କ ପକ୍ଷରୁ ହାଇକୋର୍ଟରେ ହୋଇଥିବା ଜାମିନ ଆବେଦନର ଶୁଣାଣି ବାକି ଅଛି।

ଶ୍ରଦ୍ଧାଞ୍ଜଳିଙ୍କ ଦ୍ୱାରା ଅର୍ଚ୍ଚନା ବ୍ଲାକ୍‌ମେଲ କରୁଥିବା ନେଇ ଅକ୍ଷୟ ପରିଜା ନୟାପଲ୍ଲୀ ଥାନାରେ ଏତଲା ଦେବା ପରେ ପୋଲିସ ଅର୍ଚ୍ଚନା ଓ ଶ୍ରଦ୍ଧାଞ୍ଜଳିଙ୍କୁ ଅଭିଯୁକ୍ତ ଦର୍ଶାଇଥିଲା। ସେପଟେ ଅର୍ଚ୍ଚନା, ଜଗବନ୍ଧୁ ଓ ଖଗେଶ୍ୱର ନିଶା ଦେଇ ଭିଡିଓ କରିବା ପରେ ବ୍ଲାକ୍‌ମେଲ୍ କରି ଫସାଇବାକୁ ବାଧ୍ୟ କରୁଥିଲେ ବୋଲି ଶ୍ରଦ୍ଧାଞ୍ଜଳି ଖଣ୍ଡଗିରି ଥାନାରେ ଏତଲା ଦେଇଥିଲେ। ପୋଲିସ ଅର୍ଚ୍ଚନା ଓ ପରେ ଜଗବନ୍ଧୁଙ୍କୁ ଗିରଫ କରିଥିଲା। ପରବର୍ତ୍ତୀ ସମୟରେ ବେଆଇନ ଅର୍ଥ କାରବାର ନେଇ ଇଡି ଖଗେଶ୍ୱରଙ୍କୁ ଗିରଫ କରିବା ସହ ଜେଲରେ ଥିବା ଅର୍ଚ୍ଚନାଙ୍କୁ ଓ ଜଗବନ୍ଧୁଙ୍କୁ ରିମାଣ୍ଡରେ ଆଣି ଗିରଫ ଦର୍ଶାଇଥିଲା। ହେଲେ ଶ୍ରଦ୍ଧାଞ୍ଜଳିଙ୍କୁ ପୋଲିସ କିମ୍ବା ଇଡି ଗିରଫ ନ କରିଥିବାରୁ ଅର୍ଚ୍ଚନା ବିଭିନ୍ନ ସମୟରେ ପ୍ରଶ୍ନ ଉଠାଉଛନ୍ତି।

## ୧୦୦ କଲେଜରେ ହେବ ମାନସିକ ସଚେତନତା କାର୍ଯ୍ୟକ୍ରମ
### ମୋ କଲେଜ ଅଭିଯାନ ଓ ଇଣ୍ଡିଆନ ସାଇକିଆଟ୍ରିକ୍ ସୋସାଇଟି ମଧ୍ୟରେ ଏମ୍‌ଓୟୁ ସ୍ୱାକ୍ଷରିତ

**ଭୁବନେଶ୍ୱର, ୧୨।୫(ବ୍ୟୁରୋ):** ମୋ କଲେଜ ଅଭିଯାନ ପରିଚାଳନା ସଂଗଠନ ଓ ଇଣ୍ଡିଆନ ସାଇକିଆଟ୍ରିକ୍ ସୋସାଇଟି ଓଡ଼ିଶା ଶାଖା ମଧ୍ୟରେ ଶୁକ୍ରବାର ବୁଝାମଣାପତ୍ର (ଏମ୍‌ଓୟୁ) ସ୍ୱାକ୍ଷରିତ ହୋଇଛି। ଏହି ଏମ୍‌ଓୟୁ ଅନୁସାରେ ରାଜ୍ୟର ବିଭିନ୍ନ ସରକାରୀ ବିଶ୍ୱବିଦ୍ୟାଳୟ, ମହାବିଦ୍ୟାଳୟ ଓ ସରକାରୀ ଅନୁଦାନପ୍ରାପ୍ତ ମହାବିଦ୍ୟାଳୟରେ ଉଚ୍ଚଶିକ୍ଷା ଲାଭ କରୁଥିବା ଛାତ୍ରୀଛାତ୍ରଙ୍କ ମାନସିକ ସ୍ୱାସ୍ଥ୍ୟର ବିକାଶ ସହ ସଚେତନ କରାଯିବ। ଛାତ୍ରୀଛାତ୍ର ଯେଭଳି ଚାପଗ୍ରସ୍ତ ନ ହୋଇ ଶିକ୍ଷାଗ୍ରହଣ କରିବେ ସେନେଇ ପିଲାଙ୍କୁ ମାନସିକ ସ୍ତରରେ ବିଭିନ୍ନ ପ୍ରଶିକ୍ଷଣ ଦିଆଯିବ। ମୋ କଲେଜ ଅଭିଯାନ ଅଧ୍ୟକ୍ଷ ଆକାଶ ଦାସନାୟକ ଓ ଇଣ୍ଡିଆନ ସାଇକିଆଟ୍ରିକ୍ ସୋସାଇଟି ଓଡ଼ିଶା ଶାଖା ସଭାପତି ଡ. ଅମ୍ରିତ ପାଢୀଯୋଶୀ ଏହି ଏମ୍‌ଓୟୁ ସ୍ୱାକ୍ଷର କରିଥିଲେ। ସାଇକିଆଟ୍ରିକ୍ ସୋସାଇଟିର ଡ. ପ୍ରଫେସର ଅଂଶୁମୋଚନ ସାହୁ, ଡ. ପ୍ରଫେସର ଶୁଭେନ୍ଦୁ ମିଶ୍ର ଓ ମୋ କଲେଜ ପକ୍ଷରୁ ଆଦିତ୍ୟ ଚୌଧୁରୀ ମଧ୍ୟ ଉପସ୍ଥିତ ଥିଲେ। ଏହି ଅବସରରେ ଦାସନାୟକ କହିଲେ, ବର୍ତ୍ତମାନର ଛାତ୍ରୀଛାତ୍ର ଅନେକ ସମୟରେ ଚାପଗ୍ରସ୍ତ ହୋଇ ଆତ୍ମହତ୍ୟା ପରି ଭୁଲ ରାସ୍ତାକୁ ବାଛି ନିଅନ୍ତି। ତେଣୁ ବର୍ତ୍ତମାନ ସମୟରେ ସମାଜରେ ମାନସିକ ସଚେତନତା ଏକ ପ୍ରମୁଖ ଆହ୍ୱାନ ପାଲଟିଛି। ଏହି ମାନସିକ ସଚେତନତା କାର୍ଯ୍ୟକ୍ରମ ପ୍ରାୟ ୧୦୦ଟି କଲେଜରେ ଅନୁଷ୍ଠିତ ହେବ। ଡ. ପାଢୀଯୋଶୀ କହିଲେ, ଯୁବପିଢ଼ି ବା ଛାତ୍ରୀଛାତ୍ର କିପରି ଭାବରେ ନିଜର ମାନସିକ ସୁସ୍ଥତାକୁ ଗୁରୁତ୍ୱ ଦେବେ ତାହା ହେଉଛି ଏହି ଏମ୍‌ଓୟୁର ମୂଳଲକ୍ଷ୍ୟ। ବିଶ୍ୱବିଦ୍ୟାଳୟ ଓ ମହାବିଦ୍ୟାଳୟରେ ପଢୁଥିବା ଛାତ୍ରୀଛାତ୍ରଙ୍କ ମାନସିକ ଚାପ କିଭଳି ଦୂର ହେବ, ସେମାନେ ପାଠପଢ଼ା ଓ ଚାକିରିକୁ ନେଇ ଯେମିତି ଅଧିକ ଚାପରେ ରହିବେ ନାହିଁ ତାହା ଉପରେ ଗୁରୁତ୍ୱ ଦିଆଯିବ। ପିଲାମାନେ ନିଜ ମନ ଓ ମସ୍ତିଷ୍କକୁ ଦୃଢ଼ ରଖି ପ୍ରତିଟି ପରିସ୍ଥିତିର ଯେଭଳି ସାମ୍ନା କରିପାରିବେ ସେ କ୍ଷେତ୍ରରେ ମାନସିକ ବିଶେଷଜ୍ଞମାନେ ପିଲାଙ୍କୁ ଦିଗ୍‌ଦର୍ଶନ ଦେବେ। ଏହାଦ୍ୱାରା ଛାତ୍ରୀଛାତ୍ର ବର୍ତ୍ତମାନର ପ୍ରତିଯୋଗିତାମୂଳକ ସମାଜରେ ଆତ୍ମବିଶ୍ୱାସର ସହ ଆଗକୁ ବଢ଼ିପାରିବେ ବୋଲି ସେ କହିଛନ୍ତି।

# ସୀମାରେ ଗୁଳି ବିନିମୟ, ମାଓବାଦୀ ମୃତ

**ମାଲକାନଗିରି, ୧୨।୫(ଡି.ଏନ୍.ଏ.)**

ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡ଼ର ସୁକ୍‌ମା ଜିଲାରେ ପୋଲିସ-ମାଓବାଦୀ ଗୁଳି ବିନିମୟ ହୋଇଛି। ଏଥିରେ ଜଣେ ମାଓବାଦୀଙ୍କ ମୃତ୍ୟୁ ଘଟିଥିବା ବେଳେ ବହୁ ମାଓବାଦୀ ସାମଗ୍ରୀ ଜବତ ହୋଇଛି। ସୁକ୍‌ମା ଜିଲାର ଡିଆର୍‌ଜି ଓ ସିଆର୍‌ପିଏଫ୍ ଯବାନମାନେ ସିରସିଟି ଜଙ୍ଗଲରେ ସର୍ଚ୍ଚ ଅପରେଶନ କରିଥିଲେ। ଏହି ସମୟରେ ଜଙ୍ଗଲରେ ଲୁଚି ରହିଥିବା ମାଓବାଦୀ ସେମାନଙ୍କ ଉପରକୁ ଗୁଳି ଚଳାଇଥିଲେ। ଯବାନ ଏହାର ପାଲଟା ଜବାବ ଦେଇଥିଲେ। ଦୀର୍ଘ ସମୟ ଗୁଳି ବିନିମୟ ପରେ ମାଓବାଦୀମାନେ ଛତ୍ରଭଙ୍ଗ ଦେଇଥିଲେ। ପରେ ଯବାନମାନେ ସର୍ଚ୍ଚ ଅପରେଶନ ଆରମ୍ଭ କରିଥିବା ବେଳେ ଜଣେ ମାଓବାଦୀଙ୍କ ମୃତଦେହ ମିଳିଥିଲା। ଘଟଣାସ୍ଥଳରୁ ବହୁ ପରିମାଣର ଅସ୍ତ୍ରଶସ୍ତ୍ର ଏବଂ ମାଓ ସାମଗ୍ରୀ ଜବତ ହୋଇଛି। ସେଠାରେ ସର୍ଚ୍ଚ ଅପରେଶନ ଜାରି ରହିଥିବା ସୂଚନା ମିଳିଛି।

CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

LS
WANTED FRP MOULDERS
ଚାହୁଁଥିଲେ FRP ମୌଲଡେଶ
for M/s Fiberr Xel, Bangalore, Karnataka
M/s ଫିବେର୍ର୍ ଜ୍ଞେଲ, ବାଙ୍ଗାଲୋର, କର୍ଣାଟକ

| Experience: 3 years | ଅଭିଜ୍ଞତା: ୩ ଏୟାର୍ସ |
|---|---|
| Facility Provided: | ସୁବିଧା: |
| 1. Accomodation | 1. ଆକୋମୋଡେସନ୍ |
| 2. Lunch | 2. ମଧ୍ୟାହ୍ନ ଭୋଜନ |
| 3. PF and ESI | 3. PF ,ଏଂ ESI |

Contact: 9880012505 / 080-41461805 / 41106409
Mail: fiberrxel@hotmail.com

See Career Appointment on every Wednesday & Saturday

WANTED
Computer Hardware & Networking Engineer and Computer/DTP Operator with Knowledge in their field.
MICROCOSMIC
Plot No. 397(P), Garage Chhack, Lewis Road, BBSR - 02
Cont.: 9861036602, 8249022043

WANTED
Two SALES BOYS/ GIRLS for Hardware Store at Cuttackroad, Bhubaneswar. Salary 8-10k.
Contact: 7008010650

OrissaPOST
English daily
WANTED
LAYOUT DESIGNERS
• Minimum 3 years+ experience in print media.
• Proficiency in Indesign 11, Photoshop cs3, PageMaker 7.0, CorelDRAW, QuarkXPress is a must.
Apply within 7 days to:
recruitment@orissapost.com
Pay & perks will be the best in the industry for deserving candidates.

FORM NO. 13
BEFORE THE DEBTS RECOVERY TRIBUNAL, CUTTACK
C-71, SECTOR-7, CDA, CUTTACK, ODISHA.
O.A No. 733 / 2022
STATE BANK OF INDIA ...APPLICANT
VRS
SMT. SANJUKTA SAHOO, AGED ABOUT 39 YEARS, W/O.:SURENDRA SAHOO, AT/PO.: DUBURI, NADIABHANGA, KALINGA NAGAR, DIST.:JAJPUR-755026,PAN NO.: HDFPS9833C ..........DEFENDANT
SUMMON BY PAPER PUBLICATION FOR SHOWING CAUSE AS TO WHY THE RELIEF PRAYED SHOULD NOT BE GRANTED
Take notice that the applicant has instituted an **O.A. No. 733/2022** in the Court of Debts Recovery Tribunal, Cuttack for recovery of **Rs.43,81,809/- (Rupees Forty Three Lakhs Eighty One Thousand Eight Hundred and Nine)** together with current and future interest, cost and other reliefs. The above mentioned Defendant is therefore directed to appear before the tribunal in person or through Advocate or duly authorized agent in support of his defense to show cause within thirty days from the date of publication or on **22/06/2023** at **10.30 A.M.** as to why relief prayed for should not be granted.
Take notice that in case of default, the application will be heard and determined in his absence given under my hand and seal of this tribunal on this **06 day of 05 2023.**
Sd/- S.K. Rath
REGISTRAR(I/C)

SMiLE+ JAYADURGA CHEMICALS
(AN ISO 9001-2015 Certified)
Deals Raw Materials of:
• White Phenyle
• Black Phenyle
• Green Phenyle
• Liquid detergent
• Detergent Powder
• Packaging Materials
Free Training on all products
Other Chemicals
• Hand Wash • Bleaching Powder • Alum
• Dish Wash • Castic Soda • Acetic Acid
• Toilet Cleaner • HCL Acid • Dolomite Powder
• Glass Cleaner • Sulphuric Acid • French chalk powder
• Sanitizer
• Agarbati
Plot No.843, Palasuni, Bhubaneswar-751010
Mob.No.-9938069796, 9861049796

ବ୍ୟାଙ୍କ ଅଫ୍ ବରୋଦା Bank of Baroda
 କ୍ଷେତ୍ରୀୟ କାର୍ଯ୍ୟାଳୟ, ଭୁବନେଶ୍ୱର
୧ମ ମହଲା, ବିଭବ ଗୁଲ୍‌ମୋହର, ବେହେରା ସାହି, ନୟାପଲ୍ଲୀ, ଭୁବନେଶ୍ୱର-୭୫୧୦୧୨
ଗାଡ଼ି ବିକ୍ରୟ ଇ-ନିଲାମ

ଆପେଣ୍ଡିକ୍ସ-୪-ଏ ରୁଲ୍ସ ୬(୨) ଏବଂ ଆପେଣ୍ଡିକ୍ସ-୨-ଏ ରୁଲ୍ସ ୮(୬) ଅନୁଯାୟୀ ପ୍ରଦତ୍ତ ବନ୍ଧକପ୍ରାପ୍ତ ଗାଡ଼ିଗୁଡିକର ନିଲାମ ନିମନ୍ତେ ବିକ୍ରୟ ନୋଟିସ
ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକ୍‌ସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍‌ସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟୀ ଇଣ୍ଟରେଷ୍ଟ ଆକ୍ଟ ୨୦୦୨ ଏବଂ ସିକ୍ୟୁରିଟୀ ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ନିୟମ ୮(୬)ଅନୁଯାୟୀ ସ୍ଥାବର ଏବଂ ୬(୨) ଅନୁଯାୟୀ ବନ୍ଧକପ୍ରାପ୍ତ ଗାଡ଼ିଗୁଡ଼ିକର ଇ-ନିଲାମ ବିକ୍ରୟ ବିଜ୍ଞପ୍ତି ।
ଏତଦ୍ୱାରା ସର୍ବସାଧାରଣ, ରଣଗ୍ରହୀତା (ବନ୍ଧକଦାତା) ଏବଂ ଜାମିନ୍‌ଦାରମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ **ବ୍ୟାଙ୍କ ଅଫ୍ ବରୋଦା** ର କ୍ଷମତାପ୍ରାପ୍ତ ଅଧିକାରୀ (ସୁରକ୍ଷିତ ଋଣଦାତା) ଙ୍କ ଦ୍ୱାରା ବ୍ୟାଙ୍କର ବକେୟା ଦେୟ ବାବଦକୁ ନିମ୍ନରେ ପ୍ରଦତ୍ତ ବନ୍ଧକପ୍ରାପ୍ତ ଗାଡ଼ିଗୁଡ଼ିକୁ ଦଖଲକୁ ନେଇଛନ୍ତି ଏବଂ ନିମ୍ନ ସ୍ୱାକ୍ଷରକାରୀ ବ୍ୟାଙ୍କ ଦେୟ ଆଦାୟକରଣ ନିମନ୍ତେ ନିମ୍ନଦର୍ଶିତ ବନ୍ଧକ ଗାଡ଼ିଗୁଡିକୁ "ଯେଉଁଠାରେ ଯେପରି ଅଛି", "ଯାହା ଯେପରି ଅଛି" ଏବଂ "ସେଠାରେ ଯାହା ଅଛି" ଭିତ୍ତିରେ ଇ-ନିଲାମ ମାଧ୍ୟମ ରେ ବିକ୍ରୟ କରିବା ପାଇଁ ସ୍ଥିର କରିଛନ୍ତି । **ରଣଗ୍ରହୀତା, ବନ୍ଧକଦାତା,** ଜାମିନ୍‌ଦାର, ସୁରକ୍ଷିତ ସମ୍ପତ୍ତି, ଦେୟ, ସଂରକ୍ଷିତ ମୂଲ୍ୟ, ଅମାନତ ରାଶି, ବିଡ୍ ବର୍ଦ୍ଧିତ ରାଶି, ଇ-ନିଲାମ ତାରିଖ ଏବଂ ସମୟର ବିସ୍ତୃତ ବିବରଣୀ ନିମ୍ନରେ ପ୍ରଦତ୍ତ ।

| କ୍ର ନଂ. | ଶାଖା / ଯୋଗାଯୋଗ ନଂ. | ରଣଗ୍ରହୀତା ଏବଂ ଜାମିନ୍‌ଦାରଙ୍କ ନାମ ଏବଂ ଠିକଣା | ଗାଡ଼ିର ନଂ. | ନିର୍ମାଣ ଏବଂ ମଡେଲ୍ | ସଂରକ୍ଷିତ ମୂଲ୍ୟ / EMD (ରାଶି) / ବିଡ୍ ବର୍ଦ୍ଧିତ ରାଶି | EMD ଦାଖଲ ଆକାଉଣ୍ଟ ନଂ., IFSC Code | ଗାଡ଼ି ରହିଥିବା ଷ୍ଟକ୍‌ୟାର୍ଡ଼ର ଠିକଣା |
|---|---|---|---|---|---|---|---|
| ୦୧. | ଖଣ୍ଡଗିରି ଶାଖା / ୭୦୭୭୭୨୭୧୦୭ | ରଣଗ୍ରହୀତା: ଶ୍ରୀ ଜିତେନ୍ଦ୍ର କୁମାର ସ୍ୱାଇଁ, ପ୍ଲଟ୍ ନଂ.: ଏନ୍‌୬/ ୨୧୧, ନୟାପଲ୍ଲୀ, ଆଇଆର୍‌ସି ଭିଲେଜ୍, ଭୁବନେଶ୍ୱର-୭୫୧୦୧୫ / ଜାମିନ୍‌ଦାର: ଶ୍ରୀ ସତ୍ୟ କୁମାର ଦାସ, ପ୍ଲଟ୍ ନଂ.: ଏନ୍‌୧/ ୧୪୫, ନୟାପଲ୍ଲୀ, ଆଇଆର୍‌ସି ଭିଲେଜ୍, ଭୁବନେଶ୍ୱର-୭୫୧୦୧୫ | OD 02 BC 7300 | Maruti Suzuki VXI | ଟ. ୧,୯୧,୦୦୦/- / ଟ. ୨୦,୦୦୦/- / ଟ. ୨,୦୦୦/- | 31460015181219 BARB0KHANDG | ପାତ୍ରପଡ଼ା ସନ୍ତୋଷୀ ମା' ମନ୍ଦିର ମୋ.: ୯୯୩୮୨୦୨୭୬୬ |
| ୦୨. | ଖଣ୍ଡଗିରି ଶାଖା / ୭୦୭୭୭୨୭୧୦୭ | ରଣଗ୍ରହୀତା: ଶ୍ରୀ ରାଜେନ୍ଦ୍ର ପ୍ରଧାନ, ପିତା: ଅଜୟ ପ୍ରଧାନ, ପ୍ଲଟ୍ ନଂ.: ଏନ୍‌୩/ ୨୯୪, ଆଇଆର୍‌ସି ଭିଲେଜ୍, ଭୁବନେଶ୍ୱର-୭୫୧୦୧୫ / ଜାମିନ୍‌ଦାର: ଶ୍ରୀ ରଜିତ୍ କୁମାର ବେଉରା, ପ୍ଲଟ୍ ନଂ.: ଏନ୍‌୬/ ୨୧୧, ଆଇଆର୍‌ସି ଭିଲେଜ୍, ନୟାପଲ୍ଲୀ, ଭୁବନେଶ୍ୱର-୭୫୧୦୧୫ | OD 02 BE 9007 | HYUNDAI VERNA 1.6 VTVT SX | ଟ. ୩,୬୫,୦୦୦/- / ଟ. ୩୭,୦୦୦/- / ଟ. ୨,୦୦୦/- | 31460015181219 BARB0KHANDG | ପାତ୍ରପଡ଼ା ସନ୍ତୋଷୀ ମା' ମନ୍ଦିର ମୋ.: ୯୯୩୮୨୦୨୭୬୬ |
| ୦୩. | ଖଣ୍ଡଗିରି ଶାଖା / ୭୦୭୭୭୨୭୧୦୭ | ରଣଗ୍ରହୀତା: ଶ୍ରୀମତୀ ମମତା ରଥ, ପ୍ଲଟ୍ ନଂ.: ୪୫, ଜିଜିପି କଲୋନୀ, ପାଣ୍ଡରା ରୋଡ଼, ୟୁନିଟ୍: ୩୮, ଭୁବନେଶ୍ୱର-୭୫୧୦୨୬ | OR 02 BL 5499 | TATA MOTORS SAFARI VX 2.2 | ଟ. ୧,୮୪,୦୦୦/- / ଟ. ୨୦,୦୦୦/- / ଟ. ୨,୦୦୦/- | 31460015181219 BARB0KHANDG | ପାତ୍ରପଡ଼ା ସନ୍ତୋଷୀ ମା' ମନ୍ଦିର ମୋ.: ୯୯୩୮୨୦୨୭୬୬ |
| ୦୪. | ପଟିଆ ଶାଖା / ୭୦୭୭୭୨୨୧୪୨ | ରଣଗ୍ରହୀତା: ଶ୍ରୀ ତ୍ରିନାଥ ଖମାରି, ପିତା: କେଳୁ ସୁନ୍ଦରାୟ, ସା/ପୋ: ଦାରୁଠେଙ୍ଗ, ଚନ୍ଦକା, ଖୋର୍ଦ୍ଧା-୭୫୪୦୦୫ | OD 33 AC 5723 | NEXA CIAZ ALPHA BS V1 MT | ଟ. ୫,୦୦,୦୦୦/- / ଟ. ୫୦,୦୦୦/- / ଟ. ୨,୦୦୦/- | 8563001518219 BARB0DBPTIA | ଶ୍ରୀ ସତ୍ୟଜିତ ମହାନ୍ତି, ଜଗତ୍‌ସିଂହପୁର ମୋ.: ୮୪୫୬୯୦୭୧୮୧ |
| ୦୫. | ପଟିଆ ଶାଖା / ୭୦୭୭୭୨୨୧୪୨ | ରଣଗ୍ରହୀତା: ଶ୍ରୀ ଟୁଟୁ ସୁନ୍ଦରାୟ, ପିତା: କେଳୁ ସୁନ୍ଦରାୟ, ସା/ପୋ: ଦାରୁଠେଙ୍ଗ, ଚନ୍ଦକା, ଖୋର୍ଦ୍ଧା-୭୫୪୦୦୫ | OD 02 AL 1927 | PIAGGIO APE AUTO | ଟ. ୩୩,୦୦୦/- / ଟ. ୪,୦୦୦/- / ଟ. ୫୦୦/- | 8563001518219 BARB0DBPTIA | ପାତ୍ରପଡ଼ା ସନ୍ତୋଷୀ ମା' ମନ୍ଦିର ମୋ.: ୯୯୩୮୨୦୨୭୬୬ |
| ୦୬. | କାକଟପୁର ଶାଖା / ୭୦୭୭୭୨୭୧୦୧ | ରଣଗ୍ରହୀତା: ଶ୍ରୀ ପୁଷ୍ପଜିତ୍ ମହାରଣା, ପିତା: ବନ୍ଧୁ ମହାରଣା, ସା: ବନ୍ତିଲୋ, ପୋ: ଉଦୟପୁର, ଅସ୍ତରଙ୍ଗ, ପୁରୀ, ଓଡ଼ିଶା, ପିନ୍-୭୫୨୧୦୯ | OD 02 AJ 3317 | Maruti Suzuki ALTO K10 VXI | ଟ. ୧,୫୩,୦୦୦/- / ଟ. ୧୬,୦୦୦/- / ଟ. ୨,୦୦୦/- | 52700015181219 BARB0KAKATP | ପାତ୍ରପଡ଼ା ସନ୍ତୋଷୀ ମା' ମନ୍ଦିର ମୋ.: ୯୯୩୮୨୦୨୭୬୬ |

ଗାଡ଼ି ତନଖି ତାରିଖ: ତା.୦୫.୦୬.୨୦୨୩ ରିଖ, ସମୟ: ପୂର୍ବାହ୍ନ ୧୦.୦୦ ଘଟିକା ଠାରୁ ଅପରାହ୍ନ ୫.୦୦ ଘଟିକା
ଅନ୍‌ଲାଇନ୍ ମାଧ୍ୟମରେ ଅମାନତ ଜମା (EMD) ଦାଖଲ କରିବାର ଅନ୍ତିମ ତାରିଖ: ୦୮.୦୬.୨୦୨୩ ଅପରାହ୍ନ ୨.୦୦ ଘଟିକା ସୁଦ୍ଧା
ଇ-ନିଲାମ ତାରିଖ: ୧୩.୦୬.୨୦୨୩ ପୂର୍ବାହ୍ନ ୧୧.୦୦ ଘଟିକା ଠାରୁ ଅପରାହ୍ନ ୨.୦୦ ଘଟିକା ପର୍ଯ୍ୟନ୍ତ
ୟୁଜର ଆଡି ଏବଂ ପାସ୍‌ୱାର୍ଡ଼ Auction Tiger ଙ୍କ ଠାରୁ ପାଇବାପାଇଁ ତା.୦୫.୦୬.୨୦୨୩ ରିଖ କିମ୍ବା ତତ୍ ପୂର୍ବରୁ ବିଡ୍ ଏବଂ ଘୋଷଣାପତ୍ର ସହିତ ନିଜସ୍ୱ ସ୍ୱାକ୍ଷର ଥିବା ଆଧାର, ପାନ୍, ଅମାନତ ଜମା ସହିତ ୟୁଟିଆର୍ ନଂ. କ୍ଷମତାପ୍ରାପ୍ତ ଅଧିକାରୀଙ୍କ ନିକଟରେ ଦାଖଲ କରିବା ଆବଶ୍ୟକ । (Help Desk No.: 9265562821 / 9265562819)
ନିଲାମର ସବିଶେଷ ନିୟମ ଓ ସର୍ତ୍ତାବଳୀ ନିମନ୍ତେ ୱେବ୍‌ସାଇଟ୍ ଲିଙ୍କ୍ https://www.bankofbaroda.com/e-auction.htm ଏବଂ https://bob.auctiontiger.net/EPROC/ ରେ ଦେଖନ୍ତୁ ଏବଂ ଇଚ୍ଛୁକ ବିଡର୍ କ୍ଷମତାପ୍ରାପ୍ତ ଅଧିକାରୀଙ୍କୁ ମୋବାଇଲ୍ ଫୋନ୍‌ରେ ଯୋଗାଯୋଗ କରିପାରିବେ ।
ସ୍ଥାନ : ଭୁବନେଶ୍ୱର, ତାରିଖ : ୧୨.୦୫.୨୦୨୩
ସ୍ୱା/- ଶାଖା ପରିଚାଳକ, ବ୍ୟାଙ୍କ ଅଫ୍ ବରୋଦା

# ବାପା ଭୂମିକା ତୁଲାଇବେ ଦୂତୀ

**ଭୁବନେଶ୍ୱର, ୧୨।୫**
**(କ୍ରୀଡ଼ା ପ୍ରତିନିଧି)**

ସମଲିଙ୍ଗୀ ବିବାହକୁ ନେଇ ତର୍କବିତର୍କ ଲାଗି ରହିଥିବାବେଳେ ଭାରତର ସ୍ପ୍ରିଣ୍ଟ୍ କୁଇନ୍ ଓଡ଼ିଶାର ଦୂତୀ ଚାନ୍ଦ ଏବେ ପୁଣି ଚର୍ଚ୍ଚାକୁ ଆସିଛନ୍ତି। ୪ ବର୍ଷ ତଳେ ସମଲିଙ୍ଗୀ ବିବାହ ସମ୍ପର୍କରେ ପ୍ରକାଶ କରି କ୍ରୀଡ଼ା ମହଲରେ ଚର୍ଚ୍ଚିତ ହୋଇଥିବା ଦୂତୀ ଏବେ ଜାତୀୟ ସ୍ତରର ଏକ ମାଗାଜିନର ପ୍ରଚ୍ଛଦପଟରେ ସ୍ଥାନ ପାଇଛନ୍ତି। ସେଥିରେ ସେ ନିଜ ବାନ୍ଧବୀ ମୋନାଲିସା ଦାସଙ୍କ ମଥାରେ ସିନ୍ଦୂର ପିନ୍ଧାଉଥିବା ଫଟୋ ରହିଛି। ସ୍ପଷ୍ଟବାଦୀ ଦୂତୀ ସମଲିଙ୍ଗୀ ସମ୍ପର୍କକୁ ନେଇ ସମାଜରେ ଲୋକଙ୍କର ଚିନ୍ତାଧାରା ବଦଳିଛି ବୋଲି କହିଛନ୍ତି। "ପୂର୍ବରୁ ଏପରି ସମ୍ପର୍କକୁ ନେଇ ସମସ୍ତେ ବିଭିନ୍ନ କଥା କହୁଥିଲେ। ମାତ୍ର ଏବେ ବିଭିନ୍ନ ମହଲରୁ ସମର୍ଥନ ମିଳିବାରେ ଲାଗିଛି। ଆମେରିକା, କାନାଡ଼ା, ଅଷ୍ଟ୍ରେଲିଆ, ତୁର୍କୀ ଆଦି ଦେଶରେ ଏହା ବୈଧ। ଅନ୍ୟ ଦେଶଗୁଡ଼ିକରେ ମଧ୍ୟ ଏଥିପ୍ରତି ସମର୍ଥନ ବଢ଼ିବାରେ ଲାଗିଛି। ଭବିଷ୍ୟତରେ ଯଦି ବି ଆମେ ପୋଷ୍ୟସନ୍ତାନ ଗ୍ରହଣ କରୁ କିମ୍ବା ସେପରି କିଛି ହୁଏ ତେବେ ଜଣେ ବାପାର ସମସ୍ତ କର୍ତ୍ତବ୍ୟ ମୁଁ ନିଶ୍ଚିତ ସମ୍ପାଦନ କରିବି" ବୋଲି ସେ ପ୍ରକାଶ କରିଛନ୍ତି। ଦୂତୀ ଆହୁରି କହିଛନ୍ତି ଯେ, ୨୦୧୯ରେ ଆମେ ଚଣ୍ଡିଖୋଲସ୍ଥିତ ମହାବିନାୟକ ମନ୍ଦିରରେ ମାଳ ବଦଳକରି ବିବାହ କରି ସାରିଛୁ। ସେତେବେଳେ ପରିବାରରୁ ବିରୋଧ ହୋଇଥିଲା। ମାତ୍ର ଧୀରେ ଧୀରେ ସମସ୍ତେ ସବୁକିଛି ବୁଝି ପାରିଥିଲେ। ଏବେ ଆଉ ସେ ସ୍ଥିତି ନାହିଁ। ତେଣୁ ମୋ ମନରେ ମଧ୍ୟ ଭୟ ନାହିଁ। ମୋ ବିବାହକୁ ନେଇ ବିଭିନ୍ନ ସମୟରେ ଚର୍ଚ୍ଚା ହେଉଛି। ମାତ୍ର ୨୦୨୪ ପ୍ୟାରିସ ଅଲିମ୍ପିକ୍ସ ଉପରେ ମୁଁ ଫୋକସ କରୁଛି। ଏଥିପାଇଁ ମୁଁ ନିଜକୁ ପ୍ରସ୍ତୁତ କରୁଛି। ଅଲିମ୍ପିକ୍ସ ପରେ ମୁଁ ଆଇନଗତଭାବେ ବିବାହ କରିବି ବୋଲି ସେ ପ୍ରକାଶ କରିଛନ୍ତି।



ବାନ୍ଧବୀ ମୋନାଲିସା ଦାସଙ୍କ ସହ ଦୂତୀ ଚାନ୍ଦ।

ବିଶ୍ୱସୃଷ୍ଟି ଆରମ୍ଭରେ ଥିଲା ପ୍ରେମ ଏବଂ ପ୍ରେମ ହିଁ ଭଗବାନ। ... ପ୍ରେମ ହିଁ କେବଳ ପୃଥିବୀର ଦୁଃଖ ଯନ୍ତ୍ରଣା ଉପଶମ କରିବା ପାଇଁ ସମର୍ଥ। ... ଏ ବିଶ୍ୱରେ ଯେତେ ପ୍ରକାର ଶକ୍ତି କାର୍ଯ୍ୟ କରୁଛନ୍ତି- ସେମାନଙ୍କ ଭିତରେ ପ୍ରେମ ହିଁ ସବୁଠାରୁ ଅପ୍ରତିରୋଧ ଓ ସବୁଠାରୁ କ୍ଷମତାଶାଳୀ। -ଶ୍ରୀମା

# ପଦଯାତ୍ରା ଆକର୍ଷଣ



## ଦିଲ୍ଲୀକା ବାବୁ

ଦିଲୀପ ଚେରିଏନ୍

ନିର୍ବାଚନ ରଣନୀତିଜ୍ଞରୁ ନେତା ପାଲଟିଥିବା ପ୍ରଶାନ୍ତ କିଶୋରଙ୍କର ଭାଜପା, କଂଗ୍ରେସ ଓ ତୃଣମୂଳ କଂଗ୍ରେସ ସମେତ ଭାରତର କେତେକ ବୃହତ୍ତମ ରାଜନୈତିକ ଦଳ ସହ କାର୍ଯ୍ୟ କରିବାରେ ଭଲ ରେକର୍ଡ ଅଛି। ଏବେ ତାଙ୍କ ସହ ଅବସରପ୍ରାପ୍ତ ଆଇଏଏସ୍ ଓ ଆଇପିଏସ୍ ଅଧିକାରୀମାନେ ଯୋଗଦେଉଛନ୍ତି। ତାଙ୍କ ଦ୍ୱାରା ବିହାରର ୭ଟି ଜିଲାରେ ଆୟୋଜିତ ଜନ ସୁରଜ ଅଭିଯାନର ଦୀର୍ଘ ପଦଯାତ୍ରା ପରେ କିଛି ସମ୍ଭାବନା ସୃଷ୍ଟି ହୋଇଛି। କେତେଜଣ ପର୍ଯ୍ୟବେକ୍ଷକ ବିଶ୍ୱାସ କରନ୍ତି ଯେ, ପୁନର୍ବାର ତାଙ୍କ କାର୍ଯ୍ୟକଳାପକୁ ଫେରିବା ପୂର୍ବରୁ ସେ ନିଜକୁ ଉପସ୍ଥାପନ କରିବା ଲାଗି ଉପଯୁକ୍ତ ସୁଯୋଗ ଅପେକ୍ଷାରେ ଥାଇପାରନ୍ତି। ଆଉ ଏକ ସମ୍ଭାବନା ହେଉଛି, କିଶୋର ରାଜନୈତିକ ଅଭିଯାନ ମାଧ୍ୟମରେ ରାଜନୀତିରେ ଜଡ଼ିତ ହେବା ପାଇଁ ନୂଆ ପଥ ସନ୍ଧାନରେ ଥାଇପାରନ୍ତି। ଆର୍.କେ ମିଶ୍ର, ଅଜୟ କୁମାର ଦ୍ୱିବେଦୀ, ଅରବିନ୍ଦ କୁମାର ସିଂ, ଲାଲନ ଯାଦବ, ତୁଳସୀ ହାଜରା, ସୁରେଶ କୁମାର ଏବଂ ଗୋପାଳ ନାରାୟଣ ସିଂ ପ୍ରମୁଖ ଅବସରପ୍ରାପ୍ତ ଆଇଏଏସ୍ ଅଧିକାରୀଙ୍କ ଖବର ନିଶ୍ଚିତ କରିଛି ଯେ, କିଶୋର ତାଙ୍କ ପଦଯାତ୍ରା ମାଧ୍ୟମରେ ଲଗାତର ଦୃଷ୍ଟି ଆକର୍ଷଣ କରୁଛନ୍ତି ଓ ଏବେ ବି ତାହା ଜାରି ରହିଛି। ଜନ ସୁରଜ ଅଭିଯାନରେ ଯୋଗ ଦେଇଥିବା ଅବସରପ୍ରାପ୍ତ ୧୨ ଜଣ ଆଇପିଏସ୍ ଅଧିକାରୀଙ୍କ ଯୋଗୁ କିଶୋର ଅଧିକ ଶକ୍ତି ପାଇଛନ୍ତି। ଏହି ଆଇପିଏସ୍ ଅଧିକାରୀମାନଙ୍କ ମଧ୍ୟରେ ରହିଛନ୍ତି ଗୃହରକ୍ଷୀ ବାହିନୀର ପୂର୍ବତନ ଡିଜି ଆର.କେ. ମିଶ୍ର ଅବସରପ୍ରାପ୍ତ ଜେଲ ଡିଜି ଏସ୍.କେ. ପାଶ୍ୱାନ, କେ.କେ. ବର୍ମା ଏବଂ କେ.ବି. ସିଂ। ପ୍ରଶ୍ନ ହେଉଛି, ମୁଖ୍ୟମନ୍ତ୍ରୀ ନୀତୀଶ କୁମାରଙ୍କ ଜେଡିୟୁ ଏବଂ ଦୁଇ ପ୍ରମୁଖ ରାଜନୈତିକ ଦଳ ଭାଜପା ଏବଂ ଆର୍‌ଜେଡିର କଡ଼ା ବିରୋଧୀ ଭାବେ କିଶୋର ଉଭା ହେବେ କି।

### ମଣିପୁର ଫେରିଲେ ଜୋଷୀ

ମଣିପୁରରେ ଏବେ ଜାତିଗତ ହିଂସା ଚିନ୍ତାର କାରଣ ପାଲଟିଛି। ଏହି ସମୟରେ ସରକାର ୧୯୯୨ ବ୍ୟାଚ୍ ଆଇଏଏସ୍ ଅଧିକାରୀ ବିନୀତ ଜୋଷୀଙ୍କୁ ନୂଆ ମୁଖ୍ୟ ଶାସନ ସଚିବ ଭାବେ ନିଯୁକ୍ତି ଦେଇଛନ୍ତି। ରାଜ୍ୟର ଚିନ୍ତାଜନକ ସ୍ଥିତିକୁ ଦେଖି ସରକାର ବୃଦ୍ଧି କରାଯାଇଥିବା ଡ. ରାଜେଶ କୁମାରଙ୍କ କାର୍ଯ୍ୟକାଳକୁ ଶେଷ କରିଦେଇଛନ୍ତି। ଚଳିତ ବର୍ଷ ଜାନୁୟାରୀରେ ମୁଖ୍ୟ ଶାସନ ସଚିବ ଭାବେ କୁମାରଙ୍କ କାର୍ଯ୍ୟକାଳ ଦ୍ୱିତୀୟ ଥର ପାଇଁ ବୃଦ୍ଧି କରାଯାଇଥିଲା। ଏହି ପଦବୀ ଲାଗି ଜୋଷୀ ୩ ଆଇଏଏସ୍ ଅଧିକାରୀ ଏମ୍.ଏଚ୍. ଖାନ୍, ଏ. ମୋସେସ୍ ଛାଲାଇ ଏବଂ ଭି.ଭାଇଫେଇଙ୍କୁ ପଛରେ ପକାଇ ଦେଇଛନ୍ତି। ସୂତ୍ରରୁ ପ୍ରକାଶ, ଆପଏଣ୍ଟମେଣ୍ଟ କମିଟି ଅଫ୍ କ୍ୟାବିନେଟ ସଚିବ ଦୀପ୍ତି ଉମାଶଙ୍କର କହିଛନ୍ତି ଯେ କମିଟି ମୁଖ୍ୟମନ୍ତ୍ରୀ ଏନ୍.ବୀରେନ୍ ସିଂଙ୍କ ଅନୁରୋଧକ୍ରମେ ଜୋଷୀଙ୍କୁ ତାଙ୍କ ମୂଳ କ୍ୟାଡରକୁ ପୁନଃ ପ୍ରତ୍ୟାବର୍ତ୍ତନକୁ ସ୍ୱୀକୃତି ଦେଇଥିଲା। ଜୋଷୀ ସେଣ୍ଟ୍ରାଲ ଡେପୁଟେଶନରେ ନ୍ୟାଶନାଲ ଟେଷ୍ଟିଂ ଏଜେନ୍ସି (ଏନ୍‌ଟିଏ)ର ନେତୃତ୍ୱ ନେଉଥିଲେ। ସେଣ୍ଟ୍ରାଲ ଡେପୁଟେଶନରେ ଯିବା ପୂର୍ବରୁ ଜୋଷୀ ମୁଖ୍ୟମନ୍ତ୍ରୀଙ୍କ ପ୍ରମୁଖ ସଚିବ ଥିଲେ। ଜୋଷୀଙ୍କ ପ୍ରତ୍ୟାବର୍ତ୍ତନର ପ୍ରକୃତ କାରଣ ଏ ପର୍ଯ୍ୟନ୍ତ ଜଣା ପଡ଼ି ନ ଥିବାବେଳେ ଏହା ସ୍ପଷ୍ଟ ଯେ, ଏବେ ମଣିପୁରର ଗମ୍ଭୀର ଜାତିଗତ ହିଂସା ସ୍ଥିତିରେ ରାଜନୈତିକ ଓ ସାମାଜିକ ସମସ୍ୟାର ସମାଧାନ କରିବାକୁ ରାଜ୍ୟ ସରକାର ଅଭିଜ୍ଞ ବାବୁଙ୍କୁ ଫେରାଇ ଆଣିବାର ଆବଶ୍ୟକତା ଉପଲବ୍ଧି କରିଛନ୍ତି। ରାଜନୀତିଜ୍ଞମାନଙ୍କ ଦ୍ୱାରା ଲଗାଯାଇଥିବା ନିଆଁକୁ ଜୋଷୀ ନିର୍ବାପିତ କରିବେ ବୋଲି ଆଶା କରାଯାଉଛି। କେତେଜଣ ବିଶ୍ୱାସ କରନ୍ତି ଯେ, 'ଡବଲ ଇଞ୍ଜିନ' ଭାଜପା ସରକାର ଅବସର ପରେ ଜୋଷୀଙ୍କ ସେବାକୁ ଉପଯୋଗ କରିବାର ପଥ ଆପଣାଇପାରେ।

### ଟ୍ୟାଲେଣ୍ଟ ଅଭାବର ସମ୍ଭାବନା

କେବଳ ଗୁଜରାଟ ଆଇଏଏସ୍ ଅଧିକାରୀଙ୍କର ମୋଦି ସରକାରଙ୍କ ସହିତ ଭଲ ସମ୍ପର୍କ ରହିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କର ତାଙ୍କ ରାଜ୍ୟ ପ୍ରତି ଥିବା ମୋହକୁ ଦେଖିଲେ, ସେଣ୍ଟ୍ରାଲ ଡେପୁଟେଶନରେ କାର୍ଯ୍ୟ କରିବା ଦୃଷ୍ଟିକୋଣରୁ ସେହି ରାଜ୍ୟର ଅନ୍ୟ ସର୍ଭିସର ଅଧିକାରୀମାନେ ମଧ୍ୟ ଅନ୍ୟ ରାଜ୍ୟରେ ଥିବା ସେମାନଙ୍କ ସମକକ୍ଷମାନଙ୍କୁ ଟପି ଯାଇଛନ୍ତି। ନିକଟରେ ୩ ଗୁଜରାଟ କ୍ୟାଡର ଆଇପିଏସ୍ ଅଧିକାରୀ ଡେପୁଟେଶନରେ ରିସର୍ଚ୍ଚ ଆଣ୍ଡ ଆନାଲିସିସ୍ ୱିଙ୍ଗ (ଆର୍ ଆଣ୍ଡ ଏଡବ୍ଲ୍ୟୁ)ରେ ଯୋଗ ଦେଇଛନ୍ତି। ଆଉ ଦୁଇଜଣ ଅଧିକାରୀ ମଧ୍ୟ ସରକାରଙ୍କ ସ୍ୱୀକୃତି ଅପେକ୍ଷାରେ ଅଛନ୍ତି। ଗୁଜରାଟ ଆଇପିଏସ୍ ଅଧିକାରୀମାନଙ୍କର ଆର୍ ଆଣ୍ଡ ଏଡବ୍ଲ୍ୟୁରେ ପ୍ରବେଶ ମାର୍ଚ୍ଚ ୨୦୨୦ରେ ଆରମ୍ଭ ହୋଇଥିବା ସୂତ୍ରରୁ ଜଣାପଡ଼ିଛି। ସେତେବେଳେ ୨୦୧୦ ବ୍ୟାଚ୍‌ର ଜଣେ ଆଇପିଏସ୍ ଅଧିକାରୀଙ୍କୁ ଇଣ୍ଟେଲିଜେନ୍ସ ଏଜେନ୍ସି ସହ କାର୍ଯ୍ୟ କରିବାକୁ ଚୟନ କରାଯାଇଥିଲା ଏବଂ ତାଙ୍କୁ କ୍ୟାବିନେଟ ସେକ୍ରେଟାରିଏଟକୁ ପଠାଯାଇଥିଲା। ତାଙ୍କ ପରେ ଡିସେମ୍ବର ୨୦୨୦ରେ ସନ୍ଦୀପ ଚୌଧୁରୀଙ୍କୁ ଡେପୁଟେଶନରେ ନିଆଯାଇଥିଲା। ଦୁଇବର୍ଷ ପରେ ଆଇପିଏସ୍ ଅଧିକାରୀ ହିମାଂଶୁ ଶୁକ୍ଳାଙ୍କୁ ଆର୍ ଆଣ୍ଡ ଏଡବ୍ଲ୍ୟୁକୁ କ୍ୟାବିନେଟ୍ ସେକ୍ରେଟାରିଏଟ ନିର୍ଦ୍ଦେଶକ ଭାବେ ପଠାଯାଇଥିଲା। ଏବେ ଆମେ ଜାଣିବାକୁ ପାଇଛୁ ଯେ, ଦୀପନ ଭଦ୍ରାନ ଏବଂ ସୌରଭ ସିଂ ଆର୍ ଆଣ୍ଡ ଏଡବ୍ଲ୍ୟୁ ନିଯୁକ୍ତି ପାଇଁ ଚୟନ ହେବା ସମ୍ଭାବନା ରହିଛି। ଏହା ସ୍ପଷ୍ଟ ଯେ, ମୋଦି ଓ ସ୍ୱରାଷ୍ଟ୍ରମନ୍ତ୍ରୀ ଶାହା ସବୁବେଳେ ସେମାନଙ୍କ ରାଜ୍ୟର ଅଧିକାରୀମାନଙ୍କ ସହ କାର୍ଯ୍ୟ କରିବାକୁ ପସନ୍ଦ କରିଚନ୍ତି। ହେଲେ ଗୋଟିଏ ସମସ୍ୟା ଅଛି। ଅନେକ ଦକ୍ଷ ଅଧିକାରୀଙ୍କୁ ଡେପୁଟେଶନରେ ପଠାଇବା ଦ୍ୱାରା ଗୁଜରାଟ ସରକାରଙ୍କର ନୀତି ନିର୍ଦ୍ଧାରକ ଟାଲେଣ୍ଟର ଅଭାବ ଦେଖାଦେଇପାରେ।

Email: dilipcherian@gmail.com

## ସୁ-ଡୋ-କୁ

su|do|ku
Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | 8 | | | | | | | |
| | | 4 | | 6 | | | | 3 |
| | | 2 | | | 9 | | | |
| | | | 3 | | | 6 | | |
| 7 | | | | 5 | | | 1 | |
| 6 | | | | | 1 | 8 | | 4 |
| 3 | | | 9 | | | | | 7 |
| | | | | 3 | | 2 | | 9 |
| | 4 | | 6 | 7 | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 5 | 2 | 9 | 1 | 7 | 4 | 6 | 8 | 3 |
| 6 | 7 | 1 | 3 | 8 | 2 | 9 | 4 | 5 |
| 4 | 8 | 3 | 6 | 5 | 9 | 2 | 1 | 7 |
| 7 | 1 | 6 | 8 | 4 | 5 | 3 | 2 | 9 |
| 9 | 5 | 2 | 7 | 3 | 1 | 4 | 6 | 8 |
| 8 | 3 | 4 | 2 | 9 | 6 | 5 | 7 | 1 |
| 1 | 4 | 5 | 9 | 6 | 8 | 7 | 3 | 2 |
| 2 | 9 | 7 | 4 | 1 | 3 | 8 | 5 | 6 |
| 3 | 6 | 8 | 5 | 2 | 7 | 1 | 9 | 4 |

ଗତକାଲିର ଉତ୍ତର

# ହିଂସା ପାଇଁ ଦାୟୀ କିଏ



ଭାଲଚନ୍ଦ୍ର ଷଡ଼ଙ୍ଗୀ

ମଣିପୁର ଆଜି ଅଚାନକ ଅଶାନ୍ତ ହୋଇ ଉଠିଛି। ରାଜ୍ୟର ବିଭିନ୍ନ ଅଞ୍ଚଳରେ ମେତେଇ ଓ ଅନ୍ୟ ଆଦିବାସୀ ସମ୍ପ୍ରଦାୟ ଲୋକଙ୍କ ମଧ୍ୟରେ ସଂଘର୍ଷ ଘଟି ଏଯାଏ ଶତାଧିକ ଲୋକ ପ୍ରାଣ ହରାଇଥିବା କୁହାଯାଉଥିବା ବେଳେ ଶହ ଶହ ସଂଖ୍ୟାରେ ଆହତ ହୋଇଛନ୍ତି। କେନ୍ଦ୍ର ସରକାର ରାଜ୍ୟର ସୁରକ୍ଷା ଦାୟିତ୍ୱ ଗ୍ରହଣ କରି ସୈନ୍ୟବାହିନୀକୁ ମୁତୟନ କରିଛନ୍ତି ଏବଂ ଉପଦ୍ରବକାରୀଙ୍କୁ ଦେଖିବା ମାତ୍ରେ ଗୁଳି ଚଳାଇବାକୁ ନିର୍ଦ୍ଦେଶ ଦେଇଛନ୍ତି।

ମଣିପୁରରେ ସଂଗଠିତ ଏହି ହିଂସାକାଣ୍ଡ ଏପ୍ରିଲ ୧୯ରେ ମଣିପୁର ହାଇକୋର୍ଟର ଏକ ବିବାଦୀୟ ରାୟ ପରେ ଆରମ୍ଭ ହୋଇଛି। ହାଇକୋର୍ଟ ନିଜର ରାୟରେ ସଂଖ୍ୟାଗରିଷ୍ଠ ମେତେଇ ସମ୍ପ୍ରଦାୟକୁ ଆଦିବାସୀର ମାନ୍ୟତା ଦେବାକୁ ପ୍ରକ୍ରିୟା ଆରମ୍ଭ କରିବାକୁ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ତେବେ କୁକି ଓ ନାଗା ପରି ରାଜ୍ୟରେ ବସବାସ କରୁଥିବା ମୋଟ ୩୪ଟି ଜନଜାତି ସମ୍ପ୍ରଦାୟର ଲୋକେ କୋର୍ଟର ରାୟକୁ ତୀବ୍ର ବିରୋଧ କରିବା ସହ ପ୍ରତିବାଦ କରିଛନ୍ତି। ମଣିପୁରର ଏହି ଭୟାନକ ଘଟଣାବଳୀ ଉଭୟ ରାଜ୍ୟ ଓ କେନ୍ଦ୍ରରେ କ୍ଷମତାରେ ଥିବା ଭାଜପାର ଡବଲ ଇଞ୍ଜିନ୍ ସରକାରଙ୍କ ଅପାରଗତା ଓ ସାମ୍ପ୍ରଦାୟିକ ଆଭିମୁଖ୍ୟକୁ ଉଜାଗର କରିଛି। ରାଜ୍ୟରେ ରାଜନୈତିକ, ସାମାଜିକ ଓ ଆର୍ଥିକ ଭାବେ ଆଧିପତ୍ୟ ରଖିଆସିଥିବା ମେତେଇ ସମ୍ପ୍ରଦାୟ ଓ ଅନ୍ୟ ଆଦିବାସୀ ସମ୍ପ୍ରଦାୟଙ୍କ ମଧ୍ୟରେ ଆଦିବାସୀ ମାନ୍ୟତାକୁ ନେଇ ବହୁଦିନରୁ ବିବାଦ ଚାଲିଥିବା ବେଳେ ଭାଜପା ମେତେଇମାନଙ୍କୁ ଆଧାର କରି ସମଗ୍ର ରାଜ୍ୟରେ ନିଜର ରାଜନୈତିକ ଆଧିପତ୍ୟ ବିସ୍ତାର କରିବାକୁ ଚାହୁଁଛି। ଜାତି ଓ ଜନଜାତିମାନଙ୍କ ମଧ୍ୟରେ ରହିଥିବା ବିବାଦରେ ସାମ୍ପ୍ରଦାୟିକ ରାଜନୀତି ପଶିବାରୁ ଚଳିତ ସଂଘର୍ଷରେ ଖ୍ରୀଷ୍ଟିଆନ ଧର୍ମାବଲମ୍ବୀ ରୂପେ ପରିଚିତ ଆଦିବାସୀମାନଙ୍କ ଚର୍ଚ୍ଚ ଓ ଅନ୍ୟ ମିଶନାରୀ ଅନୁଷ୍ଠାନ ଉପରେ ଆକ୍ରମଣ ଓ ପୋଡ଼ାଜଳା ହୋଇଛି। ଏପରିକି ଖ୍ରୀଷ୍ଟଧର୍ମ ଗ୍ରହଣ କରିଥିବା ସେଠାକାର ମେତେଇ ସମ୍ପ୍ରଦାୟର କିଛି ଲୋକଙ୍କ ଚର୍ଚ୍ଚ ବି ଆକ୍ରମଣରୁ ବାଦ୍ ପଡ଼ିନି। ଉଲ୍ଲେଖଯୋଗ୍ୟ ଯେ ମଣିପୁରର ଅଧିକାଂଶ ଆଦିବାସୀ ଖ୍ରୀଷ୍ଟ ଧର୍ମାବଲମ୍ବୀ ଥିବା ବେଳେ ସଂଖ୍ୟାଧିକ ମେତେଇ ସମ୍ପ୍ରଦାୟର ଲୋକେ ହିନ୍ଦୁ ଧର୍ମାବଲମ୍ବୀ ରହିଛନ୍ତି।

ମେତେଇ ସମ୍ପ୍ରଦାୟ, ମଣିପୁର ଜନସଂଖ୍ୟାର ସିଂହଭାଗ (୫୩%) ହେବା ଯୋଗୁ ସେଠାକାର ରାଜନୀତି ଓ ପ୍ରଶାସନ ଉପରେ ସେମାନଙ୍କ ଆଧିପତ୍ୟ ରହିଆସିଛି। ରାଜ୍ୟ ବିଧାନସଭାର ୬୦ ଜଣ ବିଧାୟକଙ୍କ ମଧ୍ୟରୁ ୪୦ ଜଣ (ଦୁଇ ତୃତୀୟାଂଶ) କେବଳ ଏହି ସମ୍ପ୍ରଦାୟରୁ ଆସିଛନ୍ତି। ତେବେ ସମସ୍ୟାଟି ହେଲା, ଯଦିଓ ମେତେଇମାନେ ଜନସଂଖ୍ୟାର ୫୩% କିନ୍ତୁ ସେମାନେ ରାଜ୍ୟର ମୋଟ ଭୂଭାଗର ମାତ୍ର ୧୦%କୁ ବୁଝାଉଥିବା ଇମ୍ଫାଲ ଉପତ୍ୟକାରେ ରହିଛନ୍ତି। ଅନ୍ୟପଟେ ଜନସଂଖ୍ୟାର ୩୬% କୁହାଯାଉଥିବା ଆଦିବାସୀମାନେ ବାକି ୯୦% ଭୂଭାଗରେ ରହିଛନ୍ତି। ଆଦିବାସୀମାନେ ବସବାସ କରୁଥିବା ପାହାଡ଼ ଓ ଜଙ୍ଗଲଭରା ଅଞ୍ଚଳ ସମ୍ବିଧାନର ଷଷ୍ଠ ଅନୁସୂଚୀର ଅନ୍ତର୍ଭୁକ୍ତ ହୋଇଥିବାରୁ ତଥା ସେଠାରେ ଧାରା ୩୭୧ଲାଗୁ ହୋଇଥିବାରୁ ନିଜର ବର୍ଦ୍ଧିତ ଜନସଂଖ୍ୟା ସତ୍ତ୍ୱେ ସେସବୁ ଅଞ୍ଚଳରେ ମେତେଇମାନେ ଜମିର ମାଲିକାନା ହାସଲ କରିବା ସମ୍ଭବ ହେଉନି। ଏଭଳି ପରିସ୍ଥିତିରେ ଇମ୍ଫାଲ ଉପତ୍ୟକା ବାହାରେ ରାଜ୍ୟର ଅନୁସୂଚିତ ଅଞ୍ଚଳ ବୋଲି କୁହାଯାଉଥିବା ପାହାଡ଼ ଓ ଜଙ୍ଗଲ ଅଞ୍ଚଳରେ ଜମି ହାସଲ କରିବାର ଅଧିକାର ପାଇଁ ମେତେଇମାନେ ନିଜକୁ ଆଦିବାସୀ ରୂପେ ମାନ୍ୟତା ପାଇବାକୁ ଚାହୁଁଛନ୍ତି। ଅତଏବ ରାଜ୍ୟରେ ଜନସଂଖ୍ୟା ଓ ଜମିକୁ ନେଇ ରହିଥିବା ଏହି ଅସଙ୍ଗତି ହିଁ ବର୍ତ୍ତମାନ ସମସ୍ୟାର ପ୍ରମୁଖ କାରଣ ବୋଲି ଜଣାପଡ଼ିଛି।



ମେତେଇମାନଙ୍କୁ ଆଦିବାସୀ ଭାବେ ମାନ୍ୟତା ଦେବାକୁ ମଣିପୁର ହାଇକୋର୍ଟ ଯେଉଁ ନିର୍ଦ୍ଦେଶ ଦେଇଛନ୍ତି, ତା'ପଛରେ ଯୁକ୍ତିଟି ହେଲା, ସେମାନଙ୍କ "ପୂର୍ବପୁରୁଷର ଜମି, ପରମ୍ପରା, ସଂସ୍କୃତି ଏବଂ ଐତିହ୍ୟର ସୁରକ୍ଷା"। କିନ୍ତୁ ପ୍ରଶ୍ନ ଉଠେ, ଯେଉଁ ମେତେଇ ସମ୍ପ୍ରଦାୟ ଦଶନ୍ଧି ଦଶନ୍ଧି ଧରି ରାଜ୍ୟରେ ରାଜନୀତି, ପ୍ରଶାସନ ଓ ଅର୍ଥନୀତିରେ ପ୍ରମୁଖ ଭୂମିକାରେ ରହି ଆସିଛନ୍ତି ସେମାନଙ୍କ ପୂର୍ବପୁରୁଷର ଜମି, ପରମ୍ପରା, ସଂସ୍କୃତି ଏବଂ ଐତିହ୍ୟ ପ୍ରତି କାହାଠାରୁ ବିପଦ ରହିଛି ? ଆଉ ଏକ ଯୁକ୍ତି ହେଲା, ମଣିପୁର ଭାରତରେ ବିଧିବଦ୍ଧ ଭାବେ ମିଶିବା ପୂର୍ବରୁ ଅର୍ଥାତ୍ ମଣିପୁର ରାଜାଙ୍କ ଦ୍ୱାରା ଶାସିତ ହେଉଥିବା ସମୟରେ ସେମାନଙ୍କୁ ଆଦିବାସୀର ମାନ୍ୟତା ମିଳିଥିଲା। କିନ୍ତୁ ସେତେବେଳେ ବି ରାଜ୍ୟର ପାହାଡ଼ ଅଞ୍ଚଳରେ ବସବାସ କରୁଥିବା ଆଦିବାସୀ ଓ ଇମ୍ଫାଲ ଉପତ୍ୟକାର ସମତଳ ଅଞ୍ଚଳରେ ବସବାସ କରୁଥିବା ମେତେଇ ସମ୍ପ୍ରଦାୟ ପାଇଁ ଅଲଗା ଅଲଗା ଆଇନ ରହିଥିଲା। ଆଦିବାସୀମାନଙ୍କ ଜମି ଓ ସ୍ୱାତନ୍ତ୍ର୍ୟକୁ ବଜାୟ ରଖିବାକୁ ସ୍ୱତନ୍ତ୍ର ବ୍ୟବସ୍ଥାରେ ଅନୁରୂପ ମେତେଇମାନଙ୍କୁ ପାହାଡ଼ରେ ଜମି କିଣିବାକୁ ଅନୁମତି ନ ଥିଲା।

ଅନ୍ୟପଟେ ଆଦିବାସୀ ମାନ୍ୟତା ପାଇ ନ ଥିଲେ ବି ମେତେଇମାନେ ବର୍ତ୍ତମାନ ଓବିସି ଓ ଏସ୍‌ଇବିସି ସଂରକ୍ଷଣ ସୁବିଧା ପାଉଛନ୍ତି। ସମ୍ବିଧାନର ଅଷ୍ଟମ ଅନୁସୂଚୀରେ ସାମିଲ ହୋଇଥିବା ଯୋଗୁ ସେମାନଙ୍କ ଭାଷା ବି ସୁରକ୍ଷିତ ରହିଛି। ଏଭଳି ପରିସ୍ଥିତିରେ ସେମାନଙ୍କ ପରି ରାଜ୍ୟର ସଂଖ୍ୟାଗରିଷ୍ଠ ଓ ସାମାଜିକ ତଥା ଶିକ୍ଷାଗତ ଭାବେ ଆଗୁଆ ସମ୍ପ୍ରଦାୟକୁ ଆଦିବାସୀର ମାନ୍ୟତା ଦେବା ଯୁକ୍ତିସଙ୍ଗତ ମନେହୁଏନା। ଯଦି ସେମାନଙ୍କୁ ଆଦିବାସୀ ମାନ୍ୟତା ଦିଆଯିବ ତା'ହେଲେ ବାକି ଆଦିବାସୀମାନେ ଶିକ୍ଷା ଓ ଚାକିରିରେ ବର୍ତ୍ତମାନ ପାଉଥିବା ସୁବିଧା ଓ ସୁଯୋଗରୁ ଆଦିବାସୀମାନେ ବଞ୍ଚିତ ହେବେ। ବର୍ତ୍ତମାନ ରାଜ୍ୟ ବିଧାନସଭାରେ ଦୁଇ ତୃତୀୟାଂଶ ବିଧାୟକ ମେତେଇ ସମ୍ପ୍ରଦାୟର ହୋଇଥିବା ବେଳେ ଆଦିବାସୀ ମାନ୍ୟତା ମିଳିଲା ପରେ ଆଦିବାସୀଙ୍କ ପାଇଁ ସଂରକ୍ଷିତ ଥିବା ୧୯ଟି ଆସନରୁ ବି ସେମାନେ ବିଧାୟକ ହେବାର ସମ୍ଭାବନା ଦେଖାଦେବ। ବଡ଼ କଥା ହେଲା, ସମ୍ବିଧାନର ଷଷ୍ଠ ଅନୁସୂଚୀରେ ଆସୁଥିବା ଯୋଗୁ ସେଠାକାର ଆଦିବାସୀମାନଙ୍କ ଜମି ଓ ଜଙ୍ଗଲ ଉପରେ ବର୍ତ୍ତମାନ ଯେଉଁ ଅଧିକାର ରହିଛି, ତାହା ମେତେଇମାନେ ଆଦିବାସୀ ମାନ୍ୟତା ପାଇବା ପରେ ପ୍ରଭାବିତ ହେବ।

ସେଠାକାର ଆଦିବାସୀଙ୍କ ମନରେ ଯେଉଁ ଅସନ୍ତୋଷ ସୃଷ୍ଟି ହୋଇଛି, ତାହା ଅନେକ ଦିନର। ସେମାନେ ବସବାସ କରୁଥିବା ମଣିପୁରର ୯୦% ଭୂଭାଗରେ ଥିବା ପାହାଡ଼ ଓ ଜଙ୍ଗଲ ଅଞ୍ଚଳରେ କ୍ରୋମାଇଟ୍, ତମ୍ବା, ଚୂନପଥର ପରି ବିପୁଳ ପରିମାଣର ଖଣିଜ ସମ୍ପଦ ରହିଥିବା ଜଣାପଡ଼ିବା ପରେ ତା'ଉପରେ ଦେଶୀ ବିଦେଶୀ ବୃହତ୍ କମ୍ପାନୀଙ୍କ ନଜର ପଡ଼ିଛି। ଯେହେତୁ ସମ୍ବିଧାନର ଧାରା ୩୭୧ ଅନୁଯାୟୀ ସେଠାକାର ଆଦିବାସୀ ବସବାସ କରୁଥିବା ଷଷ୍ଠ ଅନୁସୂଚୀର ଅଞ୍ଚଳରେ କୌଣସି ଅଣ ଆଦିବାସୀ ଜମି କିଣିପାରିବ ନାହିଁ ବୋଲି ସ୍ପଷ୍ଟ କଟକଣା ରହିଛି ଏବଂ ଖଣି ଖନନ ପାଇଁ ଆଦିବାସୀଙ୍କୁ ସିଧାସଳଖ ଉଚ୍ଛେଦ କରିବା ବି ସମ୍ଭବ ହେଉନି, ତେଣୁ ରାଜ୍ୟର ଭାଜପା ସରକାର ଆଦିବାସୀଙ୍କ ଜମି ଏବଂ ପ୍ରାକୃତିକ ସମ୍ପଦକୁ ନିଜ ନିୟନ୍ତ୍ରଣକୁ ନେବାକୁ ଅନେକ ବନ୍ୟପ୍ରାଣୀ ଅଭୟାରଣ୍ୟ ଘୋଷଣା କରିଛନ୍ତି।

ଆଦିବାସୀମାନଙ୍କ ପାଇଁ ରହିଥିବା ସଂରକ୍ଷଣ ଏବଂ ଅନ୍ୟାନ୍ୟ ଆଇନଗତ ସୁରକ୍ଷାରେ କୌଣସି ପ୍ରକାର ହ୍ରାସ କରାଯିବା ଉଚିତ୍ ନୁହେଁ। କୌଣସି ପରିସ୍ଥିତିରେ ବି ଜଙ୍ଗଲରେ ପାରମ୍ପରିକ ଭାବେ ବସବାସ କରିବାକୁ ଆଦିବାସୀମାନଙ୍କର ରହିଥିବା ଅଧିକାରକୁ ଦୁର୍ବଳ ନ କରି ତାକୁ ସଂରକ୍ଷିତ କରାଯିବା ଉଚିତ୍। ଆଦିବାସୀମାନଙ୍କ ବିରୋଧରେ ଶାସକ ଶ୍ରେଣୀର ଷଡ଼ଯନ୍ତ୍ରକୁ ଦୃଷ୍ଟିରେ ରଖି ଆଦିବାସୀ ତଥା ଅଣ-ଆଦିବାସୀ ଗରିବ ତଥା ବିଭିନ୍ନ ଜନଜାତି ମଧ୍ୟରେ ବିବାଦ ସୃଷ୍ଟି ନ କରିବା ପାଇଁ କେବଳ ସମାନ ଆଦିବାସୀ ଗୋଷ୍ଠୀରେ ଜମି ହସ୍ତାନ୍ତର ଅନୁମତି ଦିଆଯିବା ଉଚିତ।

ମୋ: ୯୪୩୭୧୭୬୩୭୪

# ଜାପାନ ସହ ସମ୍ପର୍କ ଜରୁରୀ କାହିଁକି



ଲଳିତେନ୍ଦୁ ପଲାଉରୀ

ବିଶ୍ୱର ବୃହତ୍ ଗଣତାନ୍ତ୍ରିକ ଦେଶ ଭାରତ ଏସିଆର ଦ୍ରୁତ ବିକଶିତ ରାଷ୍ଟ୍ର ଜାପାନ ମଧ୍ୟରେ ସାଂସ୍କୃତିକ, ସାମାଜିକ ଓ ଅର୍ଥନୈତିକ ସମ୍ପର୍କ ବହୁ ପୁରୁଣା। ବୁଦ୍ଧଙ୍କ ଉପାସନାର ଦେଶ ଜାପାନରେ ବୁଦ୍ଧଂ ସରଣମ୍ ଗଚ୍ଛାମିର ବାର୍ତ୍ତା ପ୍ରଥମେ ଭାରତୀୟଙ୍କ ଦ୍ୱାରା ହିଁ ପହଞ୍ଚିଥିଲା। କଳିଙ୍ଗ ସମ୍ରାଟ ଅଶୋକଙ୍କ ସୁପୁତ୍ର ମହେନ୍ଦ୍ର ହୁଅନ୍ତୁ ବା କନ୍ୟା ସଂଘମିତ୍ରା କିମ୍ବା ଜାପାନର ନାରା ସହରରେ ୭୫୨ ଖ୍ରୀଷ୍ଟାବ୍ଦରେ ପ୍ରତିଷ୍ଠିତ ଟୋଡାଇଜି ବୁଦ୍ଧ ମନ୍ଦିରରେ ଭାରତୀୟ ବୁଦ୍ଧ ସନ୍ନ୍ୟାସୀଙ୍କ ଦ୍ୱାରା ସ୍ଥାପିତ ବୁଦ୍ଧ ମୂର୍ତ୍ତିକୁ ପ୍ରମାଣ ଭାବେ ନିଆଯାଇପାରେ। ସେହିଭଳି ସ୍ୱାମୀ ବିବେକାନନ୍ଦଙ୍କଠାରୁ ଆରମ୍ଭକରି ରବୀନ୍ଦ୍ରନାଥ ଟାଗୋର, ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କଠାରୁ ଶିଳ୍ପପତି ଜେ.ଆର.ଡି ଟାଟାଙ୍କ ପର୍ଯ୍ୟନ୍ତ ଭାରତୀୟ ବିଦ୍ୱାନ୍‌ମାନେ ଜାପାନ ସହ ଘନିଷ୍ଠ ସମ୍ପର୍କ ଯୋଡ଼ିଛନ୍ତି। ତେଣୁ ଭାରତ ଓ ଜାପାନ ମଧ୍ୟରେ ସମ୍ପର୍କ ୧୪ଶହ ବର୍ଷର ପୁରୁଣା। ଏଭଳି ଦୀର୍ଘ ଶତାବ୍ଦୀର ସମ୍ପର୍କ ମଧ୍ୟରେ ଉଭୟ ଦେଶ ମଧ୍ୟରେ ମତାନ୍ତର ନଗଣ୍ୟ ବରଂ ମିତ୍ରତାର ପରିଭାଷା ବିସ୍ତୀର୍ଣ୍ଣ । ଶକ୍ତିଶାଳୀ ଆମେରିକା ଓ ଅଷ୍ଟ୍ରେଲିଆ ସହ ମିଶି ଭାରତ ଓ ଜାପାନ କ୍ୱାଡ୍ ସଂଗଠନରେ ରହିବା ସହ ଏସିଆ ପ୍ରଶାନ୍ତ କ୍ଷେତ୍ରରେ ବିସ୍ତାରବାଦୀ ଚାଇନାକୁ ରୋକିବାରେ ସକ୍ଷମ ହୋଇଛି। ଜାପାନ ଓ ଭାରତ ମଧ୍ୟରେ ୧୯୦୩ ରେ ପ୍ରତିଷ୍ଠା ହୋଇଥିବା ଜାପାନ-ଇଣ୍ଡିଆ ଆସୋସିଏଶନ ବର୍ତ୍ତମାନ ସମୟରେ ଜାପାନର ସବୁଠାରୁ ପୁରୁଣା ଅନ୍ତର୍ଜାତୀୟ ବନ୍ଧୁତା ସଂଗଠନ ଭାବେ ଗଣାଯାଉଛି। ଜାପାନ ଭାରତରେ ତୃତୀୟ ବୃହତ୍ ନିବେଶକାରୀ ଦେଶ । ପ୍ରତ୍ୟକ୍ଷ ପୁଞ୍ଜି ନିବେଶ ୨୦୦୦-୨୦୧୯ ମଧ୍ୟରେ ୩୦.୨୭ ବିଲିୟନ ଡଲାର ରହିଛି। ଭାରତରେ ମୋଟ ପ୍ରତ୍ୟକ୍ଷ ପୁଞ୍ଜିନିବେଶର ୭.୫ପ୍ରତିଶତ ଜାପାନରୁ ହିଁ ଆସିଛି। ଭାରତର ସାମରିକ ବିକାଶ କ୍ଷେତ୍ରରେ ଜାପାନର ସହଯୋଗ, ଅନ୍ତର୍ଜାତୀୟ ସମୁଦ୍ର ପଥରେ ଅପରାଧ ରୋକିବା, ନକଲି ଚାଲାଣ, ଆତଙ୍କବାଦ ପ୍ରତିରୋଧ କ୍ଷେତ୍ରରେ ଉଭୟ ଦେଶ ମିଳିତ ସମରାଭ୍ୟାସ ନିୟମିତ ଜାରି ରଖିଛନ୍ତି।

୨୦୧୪ରୁ ଭାରତୀୟଙ୍କ ପାଇଁ ଜାପାନ ପକ୍ଷରୁ ମଲ୍ଟି ଏଣ୍ଟ୍ରି ଭିଜା ବ୍ୟବସ୍ଥା, ୨୦୧୭ରେ ଉତ୍ତରପୂର୍ବ ରାଜ୍ୟର ବିକାଶ ପାଇଁ ଜାପାନ-ଇଣ୍ଡିଆ କୋ-ଅପରେଶନର ଫୋରମ କାର୍ଯ୍ୟ କରୁଛି। ୨୦୦୭ରେ ଉଭୟ ଦେଶ ମଧ୍ୟରେ ଇଣ୍ଡୋ ଜାପାନ ସାଂସ୍କୃତିକ ରାଜିନାମା ସ୍ୱରୂପ ପର୍ଯ୍ୟଟନ ବିକାଶ ଓ ପ୍ରୋତ୍ସାହନ, ସାଂସ୍କୃତିକ ଆଦାନ ପ୍ରଦାନ ରାଜିନାମା ସ୍ୱାକ୍ଷର ହୋଇଛି। ୨୦୧୪ରେ ଜାପାନର ପୂର୍ବତନ ପ୍ରଧାନମନ୍ତ୍ରୀ ସିଞ୍ଜୋ ଆବେ ରାଷ୍ଟ୍ରୀୟ ଅତିଥି ହେବା, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମଧ୍ୟ ୨୦୧୪ରେ ଜାପାନ ଗସ୍ତରେ ଯାଇ ସ୍ୱତନ୍ତ୍ର ଦ୍ୱିପାକ୍ଷିକ ବିଶ୍ୱ ସହମତି ରାଜିନାମାରେ ସ୍ୱାକ୍ଷର କରିବା ଓ ୨୦୧୬ରେ ପୁଣି ପ୍ରଧାନମନ୍ତ୍ରୀ ଜାପାନ ଗସ୍ତରେ ଯାଇ ଉଭୟ ଦେଶ ମଧ୍ୟରେ ସିଭିଲ ନ୍ୟୁକ୍ଲିୟର ରାଜିନାମା ସ୍ୱାକ୍ଷର ଦ୍ୱିପାକ୍ଷିକ ସମ୍ପର୍କର ଗୋଟିଏ ଗୋଟିଏ ଉଦାହରଣ। ଏହାସହ ଦୁଇ ଦେଶ ମିଳିତ ଭାବେ ମହାକାଶ ଗବେଷଣା, ଭୂବିଜ୍ଞାନ, କୃଷି, ଜଙ୍ଗଲ ବିକାଶ, ଉନ୍ନତ ସହରୀକରଣ ନେଇ ରାଜିନାମା ସ୍ୱାକ୍ଷର କରିଥିଲେ। ୨୦୨୩ ମାର୍ଚ୍ଚ ୧୯ ନୂଆଦିଲ୍ଲୀରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ଜାପାନ ପ୍ରଧାନମନ୍ତ୍ରୀ ଫୁମିଓ କିସିଡାଙ୍କ ମଧ୍ୟରେ ୪୨ ବିଲିୟନ ଡଲାର ଭାରତରେ ନିବେଶ ନେଇ ଚୁକ୍ତି ସ୍ୱାକ୍ଷର ହୋଇଛି। ୧୯୫୭ରେ ଜାପାନର ପ୍ରଧାନମନ୍ତ୍ରୀ ନୋବୁସୁକେ କିସିଙ୍କ ଭାରତ ଗସ୍ତଠାରୁ ଆରମ୍ଭ କରି ବର୍ତ୍ତମାନ ଜାପାନ ପ୍ରଧାନମନ୍ତ୍ରୀ ଫୁମିଓ କିସିଦାଙ୍କ ଭାରତ ଗସ୍ତ ଉଭୟ ଦେଶର ସମ୍ପର୍କକୁ ଅଧିକ ମଜଭୁତ କରିଛି। ଜାପାନ ହିରୋସୀମାରେ ହେବାକୁ ଥିବା ଜି-୭ ବୈଠକରେ ଯୋଗଦେବାକୁ ମୋଦିଙ୍କୁ ନିମନ୍ତ୍ରଣ ମିଳିଛି। ୧୯୮୦ରେ ଜାପାନ-ଭାରତ ମିଳିତ ସହଯୋଗରେ ମାରୁତି ସୁଜୁକିର ମେଗା ନିବେଶ ଭାରତୀୟ ଅଟୋ ମୋବାଇଲ ଶିଳ୍ପକୁ ବିକାଶର ନବଦିଗନ୍ତ ଦେଇଛି। ୧୯୯୧ ମସିହା ଭାରତୀୟ ଦୁର୍ବଳ ଅର୍ଥନୀତି ସ୍ଥିତିକୁ ସୁଧାର ଆଣିବାରେ ଜାପାନ ହିଁ ଏକମାତ୍ର ଦେଶ, ଯେକି ପ୍ରଚୁର ଅନୁଦାନ ପ୍ରଦାନ କରିଥିଲା। ୨୦୧୭ରେ ଜାପାନର ପ୍ରଧାନମନ୍ତ୍ରୀ ସିଞ୍ଜୋ ଆବେ ମୁମ୍ବାଇ ଅହମଦାବାଦ ମଧ୍ୟରେ ବୁଲେଟ୍ ଟ୍ରେନ ଚଳାଚଳ ପାଇଁ ଐତିହାସିକ ରାଜିନାମା ସ୍ୱାକ୍ଷର କରିଛନ୍ତି। ଭାରତ ବିକାଶ କାର୍ଯ୍ୟରେ ଜାପାନ ଅଫିସିଆଲ ଡେଭଲପମେଣ୍ଟର ସହଭାଗିତା ଓ ଋଣ ଅନୁଦାନ ୪,୧୦,୪୯୩ କୋଟି ରହିଛି। ଏହା ଭାରତର ୩୧୦ଟି ସର୍ବସାଧାରଣ ପରିଯୋଜନାରେ ବିନିଯୋଗ ହୋଇଛି। ଭାରତର ଦ୍ରୁତ ଅର୍ଥନୈତିକ ବିକାଶ, ଗରିବୀ ନିରାକରଣ ଏବଂ ପରିବେଶ ସୁରକ୍ଷା ପାଇଁ ଜାପାନ ପ୍ରଦତ୍ତ ଅଫିସିଆଲ ଡେଭଲପମେଣ୍ଟର ସହଭାଗିତା ଋଣ ଜିକା (ଜେଆଇସିଏ) ଯୋଜନା ମାଧ୍ୟମରେ କାର୍ଯ୍ୟକାରୀ ହେଉଛି। ଜାପାନର ଅଫିସିଆଲ ଡେଭଲପମେଣ୍ଟର ଅର୍ଥ ପାଖାପାଖି ୫୦,୦୦୦ କୋଟି ୩୦ ମିଲିୟନ ଭାରତୀୟଙ୍କୁ ପରିମଳ ଓ ପାନୀୟ ଜଳ ଯୋଗାଇବାରେ ଖର୍ଚ୍ଚ ହୋଇଛି। ଜାପାନ ସହ ଆମ ରାଜ୍ୟର ସମ୍ପର୍କ ମଧ୍ୟ ନିବିଡ଼। ନିକଟରେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଜାପାନ ଗସ୍ତ ବେଳେ ଜାପାନରୁ ୨୬ହଜାର କୋଟି ଟଙ୍କାର ପୁଞ୍ଜି ଓଡ଼ିଶାରେ ପ୍ରବେଶ ନେଇ ସମ୍ଭାବନା ସୃଷ୍ଟି ହୋଇଛି। ବିଶେଷ କରି ଜାପାନର ଷ୍ଟିଲ ଜ୍ୟାଣ୍ଡ ନିପନ୍ ଷ୍ଟିଲ କେନ୍ଦ୍ରାପଡ଼ା ଓ ଜଗତସିଂହପୁରରେ ସର୍ବବୃହତ୍ ଷ୍ଟିଲ କାରଖାନା ପ୍ରତିଷ୍ଠା କରିବାକୁ ରାଜିନାମା ସ୍ୱାକ୍ଷର ହୋଇଛି



୪୨ ହଜାରରୁ ଅଧିକ ଭାରତୀୟ କୁଶଳୀ ବର୍ତ୍ତମାନ ଜାପାନର ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ସଂସ୍ଥାନରେ କାର୍ଯ୍ୟ କରୁଛନ୍ତି। ଟୋକିଓର ନିଶିକାସେଇ ଅଞ୍ଚଳରେ ଏତେ ସଂଖ୍ୟାରେ ଭାରତୀୟ ବାସ କରୁଛନ୍ତି ଯେ, ଏହାକୁ ଜାପାନର ମିନି ଇଣ୍ଡିଆର ମାନ୍ୟତା ଦିଆଯାଇଛି। ଶେଷରେ ଏତିକି କୁହାଯାଇପାରେ ଭାରତ ଓ ଜାପାନ ମଧ୍ୟରେ ସହଯୋଗିତା ଓ ସହଭାଗିତାର ଦୀର୍ଘ ସମ୍ପର୍କ ଏକ ଉଦାହରଣ ସୃଷ୍ଟି କରିଥିବା ବେଳେ ସମସ୍ତ ଏସୀୟ ରାଷ୍ଟ୍ର ଏହାକୁ ଉଦାହରଣ ଭାବେ ନେଇ ମିଳିତ ସହଯୋଗିତାର ହାତ ବଢ଼ାଇଲେ ଏସିଆ ୟୁରୋପଠାରୁ ଅଧିକ ଶକ୍ତିଶାଳୀ ହୋଇପାରନ୍ତା।

ବାଲିପନ୍ତାଳ ନଗର, ଅସ୍ତରଙ୍ଗ, ପୁରୀ
ମୋ-୬୩୭୨୭୬୪୯୧୩

## ଏଇ ଭାରତରେ

ସ୍ୱାସ୍ଥ୍ୟ ଦୃଷ୍ଟିକୋଣରୁ ଜୈବିକ ପନିପରିବାର ଚାହିଦା ଏବେ କାହିଁରେ କ'ଣ। କିନ୍ତୁ ଏହାକୁ ବାଡ଼ିବଗିଚାରେ ଉତ୍ପାଦନ କରିବାରେ ଲୋକେ ପ୍ରାୟତଃ ଆଗ୍ରହ ପ୍ରକାଶ କରୁ ନ ଥିବାବେଳେ ହାଇଦ୍ରାବାଦର ଚନ୍ଦନା ଗାଡେ ଏ କ୍ଷେତ୍ରରେ ଅନ୍ୟମାନଙ୍କ ପାଇଁ ପ୍ରେରଣା ସାଜିଛନ୍ତି। ୩୮ ବର୍ଷୀୟା ଚନ୍ଦନା ଜୈବିକ ପଦ୍ଧତିରେ ଘରେ ଚାଷ କରି ନିଜ ପରିବାରର ଆବଶ୍ୟକତା ପୂରଣ କରିବା ସହ ସେଥିରୁ ମଞ୍ଜି ସଂଗ୍ରହ କରୁଛନ୍ତି। ଏଥିରୁ ସେ ବର୍ଷକୁ ପ୍ରାୟ ୧୦୦ରୁ ଊର୍ଦ୍ଧ୍ୱ ଦେଶୀ କିସମର ମଞ୍ଜି ସଂରକ୍ଷଣ କରିପାରିଛନ୍ତି। ଏହିସବୁ ମଞ୍ଜିକୁ ବାଣ୍ଟି ଅନ୍ୟମାନଙ୍କୁ ଉଦ୍ୟାନ କୃଷି ଲାଗି ପ୍ରେରିତ କରୁଛନ୍ତି। ଏହାସହ ବ୍ୟବସାୟିକଭିତ୍ତିରେ ବି ତାହାକୁ ବିକ୍ରିକରି ବର୍ଷକୁ ପାଖାପାଖି ୫୦ ଲକ୍ଷ ଟଙ୍କା ରୋଜଗାର କରୁଛନ୍ତି। ୨୦୧୪ରେ ତାଙ୍କ ଝିଅର ଜନ୍ମ ପରେ ସେ ନିଜ ବଗିଚାରେ ଦେଶୀ ବିହନର ଜୈବିକ ପନିପରିବା ଉତ୍ପାଦନ ଆରମ୍ଭ କରିଥିଲେ। ଦୀର୍ଘ ୯ ବର୍ଷ ମଧ୍ୟରେ ଏବେ ତାଙ୍କ ବଗିଚାରୁ ପାଖାପାଖି ୧୦୦ ପ୍ରକାରର ଉତ୍ପାଦ ପାଇପାରୁଛନ୍ତି। ସେ ଏହି ଚାଷ ଗ୍ରୋବ୍ୟାଗରେ କରୁଛନ୍ତି । ରୋଷେଇ ଘର ବର୍ଜ୍ୟ ଓ ଗୋବରରୁ ଖତ ପ୍ରସ୍ତୁତ ଏବଂ ସମ୍ପୂର୍ଣ୍ଣ ପ୍ରାକୃତିକ ପଦ୍ଧତିରେ କୀଟନାଶକ ପ୍ରସ୍ତୁତ କରି ପ୍ରୟୋଗ କରୁଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

୧୩ ମେ ୧୯୯୮

- ବିହାରର ଭୋଜପୁର ଜିଲାରେ ବିଦ୍ରୋହୀ ରଣବୀର ସେନାର କର୍ମୀଙ୍କ ଆକ୍ରମଣରେ ୧୦ ବ୍ୟକ୍ତି ନିହତ।
- କେନ୍ଦ୍ର ସରକାରୀ କର୍ମଚାରୀଙ୍କ ଅବସର ବୟସ ୫୮ରୁ ୬୦ ବର୍ଷକୁ ବୃଦ୍ଧି କରାଯିବା ନେଇ କେନ୍ଦ୍ର ମନ୍ତ୍ରିମଣ୍ଡଳ ବୈଠକରେ ଏକ ପ୍ରସ୍ତାବ ଗୃହୀତ।
- ବିଶିଷ୍ଟ ଚଳଚ୍ଚିତ୍ର ପ୍ରଯୋଜକ ତଥା ଓଡ଼ିଆ ଚଳଚ୍ଚିତ୍ର ନିର୍ମାତା ସୁରେନ୍ଦ୍ର ଦାସ (ସୁରୀ ବାବୁ)ଙ୍କ ୮୫ ବର୍ଷ ବୟସରେ ପରଲୋକ।

## ଚିରନ୍ତନୀ

ତେଜଇ ନବୀନ ଯେବେ ଆଜି ସେହି
ପରମ୍ପରା ପଥ
ଦିଅ ତାକୁ ଆଶୀର୍ବାଦ ହେଉ ଧନ୍ୟ
ହେଉ ସତ୍ୟବ୍ରତ।
-(ପ୍ରାଚୀନ ଓ ନବୀନ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ



### ମାନସିକ ରୋଗୀ ସେବା ଏକ ପ୍ରହସନ

ମହାଶୟ,

ମାର୍ଚ୍ଚ ୧୯ ରବିବାର ବିଭିନ୍ନ ଓଡ଼ିଆ ଖବରକାଗଜରେ ଓଡ଼ିଶା ସରକାରଙ୍କର ସ୍ୱାସ୍ଥ୍ୟ ବିଭାଗ ତରଫରୁ ପ୍ରକାଶିତ ବିଜ୍ଞାପନରେ ଏକ ଟୋଲ୍ ଫି' ମୋବାଇଲ ନମ୍ବର ଦିଆଯାଇଥିଲା। ସେହି ନମ୍ବରରେ ଯୋଗାଯୋଗ କଲେ ମାନସିକ ରୋଗୀଙ୍କୁ କିପରି ଉପଯୁକ୍ତ ଚିକିତ୍ସା କରାଯିବ ଓ କେଉଁ ଔଷଧ ସେବନ କରାଯିବ ତାହା ଅଭିଜ୍ଞ ଚିକିତ୍ସକ କହିବେ ବୋଲି ଦର୍ଶାଯାଇଥିଲା। ଉଲ୍ଲେଖଯୋଗ୍ୟ କି ଲୋକଙ୍କ ମଧ୍ୟରେ ବର୍ତ୍ତମାନ ଧାରଣା ରହିଛି ଯଦି କୌଣସି ବ୍ୟକ୍ତି ପାଗଳ ହୋଇଯାଏ, ତା' ହେଲେ ସେ ଭଲ ହେବ ନାହିଁ। ତେଣୁ ସଚେତନତା ପାଇଁ ସରକାର ଗ୍ରାମାଞ୍ଚଳରେ ଥିବା ସ୍ୱାସ୍ଥ୍ୟକର୍ମୀଙ୍କ ମାଧ୍ୟମରେ ମାନସିକ ରୋଗୀଙ୍କ ଅନୁସନ୍ଧାନ କରନ୍ତୁ । ସବୁ ଜିଲାର ମୁଖ୍ୟ ଚିକିତ୍ସାଳୟରେ ମାନସିକ ରୋଗର ଚିକିତ୍ସକଙ୍କୁ ନିଯୁକ୍ତି ଦିଅନ୍ତୁ।

-କହ୍ନେଇ ଚରଣ ନନ୍ଦୀ, ସାଆନ୍ତା, ଶେରଗଡ଼, ବାଲେଶ୍ୱର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

**ସଂକ୍ଷେପରେ**

## ଭିଜିଲାନ୍ସ ଜାଲରେ ରାଜସ୍ୱ ସହାୟକ

### ୫ ହଜାର ଟଙ୍କା ଲାଞ୍ଚ ନେଉଥିଲେ



ଛତ୍ରପୁର,୧୨।୫(ଡି.ଏନ୍.ଏ.): ଗଞ୍ଜାମ ଜିଲା ଛତ୍ରପୁର ତହସିଲ କାର୍ଯ୍ୟାଳୟର ବରିଷ୍ଠ ରାଜସ୍ୱ ସହାୟକ ସ୍ୱାତି ସୁଚରିତା ପାତ୍ର ଘରବାରି ପଟ୍ଟା କରିଦେବା ଲାଗି ୫ ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ଶୁକ୍ରବାର ଭିଜିଲାନ୍ସ ହାତରେ ଧରାପଡିଛନ୍ତି। ତାଙ୍କୁ ବ୍ରହ୍ମପୁରସ୍ଥିତ ଭିଜିଲାନ୍ସ କାର୍ଯ୍ୟାଳୟକୁ ନିଆଯାଇଛି। ଛତ୍ରପୁର ତହସିଲ କାର୍ଯ୍ୟାଳୟ ରେକର୍ଡ ରୁମ୍‌ରେ ସେ କାର୍ଯ୍ୟକରୁଥିଲେ। ଉକ୍ତ ଲାଞ୍ଚ ଟଙ୍କା ସହ ବିଭିନ୍ନ କାଗଜପତ୍ର ଭିଜିଲାନ୍ସ ଟିମ୍ ଜବତ କରିଛି। ଛତ୍ରପୁରର ଦିଲୀପ କୁମାରଙ୍କଠାରୁ ଘରବାରି ପଟ୍ଟା କରିଦେବା ଲାଗି ଲାଞ୍ଚ ନେଉଥିବା ବେଳେ ସେ ଧରାପଡ଼ିଥିଲେ।

## ଦୁଇ ଅଭିଯୁକ୍ତଙ୍କୁ ୨୦ ବର୍ଷ ଲେଖାଏ ଜେଲ

### ନାବାଳିକାଙ୍କୁ ଗଣବଳାତ୍କାର ମାମଲା

**ବ୍ରହ୍ମପୁର ଅଫିସ,୧୨।୫:** ବ୍ରହ୍ମପୁର ସ୍ୱତନ୍ତ୍ର ଫାଷ୍ଟ ଟ୍ରାକ୍ କୋର୍ଟ ବିଚାରପତି ଗଣେଶ୍ୱର ପତି ଶୁକ୍ରବାର ନାବାଳିକା ଗଣବଳାତ୍କାର ମାମଲାର ଚୂଡ଼ାନ୍ତ ରାୟ ପ୍ରକାଶ କରିଛନ୍ତି। ଦୁଇ ଅଭିଯୁକ୍ତ ଗୋଳନ୍ଥରା ଥାନା ଅଞ୍ଚଳର ଫକୀର ଦାସ ଓ ନୀଳମଣି ଦାସଙ୍କୁ ୨୦ ବର୍ଷ ଲେଖାଏ ସଶ୍ରମ ଜେଲଦଣ୍ଡରେ ଦଣ୍ଡିତ କରିଛନ୍ତି। ଏହାସହ ୫୦ ହଜାର ଟଙ୍କା ଲେଖାଏ ଜରିମାନା ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଜରିମାନା ଅନାଦାୟେ ଅତିରିକ୍ତ ୩ ମାସ ଲେଖାଏ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରାଯିବାକୁ ରାୟରେ ଉଲ୍ଲେଖ କରିଛନ୍ତି। ସେହିପରି ପୀଡ଼ିତାଙ୍କୁ ୫ଲକ୍ଷ ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରିବା ପାଇଁ ଜିଲା ଆଇନ ସେବା ପ୍ରାଧିକରଣ ସଚିବଙ୍କୁ ବିଚାରପତି ନିର୍ଦ୍ଦେଶ ଦେଇଛନ୍ତି। ପ୍ରକାଶ ଯେ, କରୋନାର ପ୍ରଥମ ଲହର ଚାଲିଥିବା ବେଳେ ୨୦୨୦ ଜୁଲାଇ ୨୭ ରାତି ୮ଟାରେ ଗୋଳନ୍ଥରା ଥାନା ଅନ୍ତର୍ଗତ ଏକ ଗ୍ରାମର ଜଣେ ୧୩ ବର୍ଷର ନାବାଳିକା ତାଙ୍କ ଘର ନିକଟସ୍ଥ ମାଉସୀ ଘରକୁ ଯାଉଥିଲେ। ରାସ୍ତା ଶୂନଶାନର ସୁଯୋଗ ନେଇ ସେହି ଗ୍ରାମର ଦୁଇ ଅଭିଯୁକ୍ତ ଫକୀର ଦାସ ଓ ନୀଳମଣି ଦାସ ନାବାଳିକାଙ୍କୁ ଅପହରଣ କରି ଗାଁ ମୁଣ୍ଡରେ ଥିବା ଏକ ପରିତ୍ୟକ୍ତ ଘରକୁ ନେଇଯାଇ ବାରମ୍ବାର ବଳାତ୍କାର କରିଥିଲେ। ଘଟଣା ସମ୍ପର୍କରେ କାହାକୁ କହିଲେ ଜୀବନରେ ମାରି ଦେବାକୁ ଧମକ ଦେଇଥିଲେ। ପରେ ଅଭିଯୁକ୍ତ ଦ୍ୱୟ ଫେରାର ହୋଇଯାଇଥିଲେ। ନାବାଳିକାଙ୍କ ଶରୀରର ବିଭିନ୍ନ ସ୍ଥାନରେ ଆଞ୍ଚୁଡ଼ା ଦାଗ ଦେଖି ପରିବାର ଲୋକେ ସନ୍ଦେହ କରିଥିଲେ। ଏହାପରେ ନାବାଳିକା ଜଣକ ପରିବାର ଲୋକଙ୍କୁ ସମସ୍ତ ଘଟଣା କହିଥିଲେ। ପରିବାର ଲୋକେ ଗୋଳନ୍ଥରା ଥାନାରେ ଏତଲା ଦେଇଥିଲେ। ପୋଲିସ ବଳାତ୍କାର ମାମଲା ରୁଜୁ କରିଥିଲା। ଗୋଳନ୍ଥରା ଥାନା ସବ୍‌ଇନ୍ସପେକ୍ଟର ସ୍ମିତା ଜେନା ଜୁଲାଇ ୩୧ରେ ଅଭିଯୁକ୍ତ ଦ୍ୱୟଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲେ। ସେପ୍ଟେମ୍ବର ୨୯ରେ କୋର୍ଟରେ ଅଭିଯୋଗ ଫର୍ଦ୍ଦ ଦାଖଲ କରାଯାଇଥିଲା। ୧୦ ଜଣଙ୍କ ସାକ୍ଷ୍ୟପ୍ରମାଣ, ତଦନ୍ତ ରିପୋର୍ଟକୁ ଭିତ୍ତିକରି ବିଚାରପତି ଉପରୋକ୍ତ ରାୟ ପ୍ରଦାନ କରିଛନ୍ତି। ସରକାରୀ ପିପି ମୋହନା ସିଙ୍ଗାରି ମାମଲା ପରିଚାଳନା କରୁଥିଲେ।

# ରାଜ୍ୟପାଳଙ୍କୁ ରିପୋର୍ଟ ଦେଲେ କୁଳପତି

### ରାଷ୍ଟ୍ରପତିଙ୍କ ଅଭିଭାଷଣ ବେଳେ ବିଦ୍ୟୁତ୍ ବିଭ୍ରାଟ ପ୍ରସଙ୍ଗ

ବାରିପଦା ଅଫିସ, ୧୨।୫

ମୟୂରଭଞ୍ଜ ଜିଲା ବାରିପଦାର ତକତପୁରସ୍ଥିତ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର ସମାବର୍ତ୍ତନ ଉତ୍ସବରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଅଭିଭାଷଣ ବେଳେ ବିଦ୍ୟୁତ୍ ବିଭ୍ରାଟ ଘଟଣାକୁ ନେଇ ଶୁକ୍ରବାର କୁଳପତି ସନ୍ତୋଷ କୁମାର ତ୍ରିପାଠୀ ରାଜ୍ୟପାଳଙ୍କୁ ରିପୋର୍ଟ ପ୍ରଦାନ କରିଛନ୍ତି। ଇଡ୍‌କୋ କର୍ମଚାରୀମାନେ ଠିକ୍ ସମୟରେ ବିଦ୍ୟୁତ୍ ପ୍ୟାନେଲ ପାଖରେ ପହଞ୍ଚି ପାରି ନ ଥିବାରୁ ଏଭଳି ସ୍ଥିତି ଉପୁଜିଥିଲା। ସୁରକ୍ଷା ବ୍ୟବସ୍ଥା ଦୃଷ୍ଟିକୋଣରୁ ଜରୁରିକାଳୀନ ବ୍ୟବସ୍ଥା ପାଇଁ ମୋବାଇଲ କଟକଣା ଏହି ବିଭ୍ରାଟ ପାଇଁ ଦାୟୀ ବୋଲି କୁଳପତି ତାଙ୍କ ରିପୋର୍ଟରେ ଉଲ୍ଲେଖ କରିଛନ୍ତି।

କୁଳପତି ପ୍ରଫେସର ତ୍ରିପାଠୀ ଗଣମାଧ୍ୟମକୁ ଦେଇଥିବା ସୂଚନା ଅନୁଯାୟୀ, ୯ମିନିଟ୍ ବିଦ୍ୟୁତ୍ ବିଭ୍ରାଟ ନେଇ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ୭ଦିନ ମଧ୍ୟରେ ରିପୋର୍ଟ ମାଗିଥିଲେ। ବିଶ୍ୱବିଦ୍ୟାଳୟର କୁଳସଚିବ, ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ ଓ ଡେଭଲପମେଣ୍ଟ ଅଫିସର ଅଧ୍ୟକ୍ଷଙ୍କୁ ନେଇ ୩ଜଣିଆ କମିଟି ପକ୍ଷରୁ ତଦନ୍ତ କରାଯାଇଥିଲା। ଏହି କମିଟି ସହିତ ବରିଷ୍ଠ ଇଲେକ୍ଟ୍ରିକାଲ ଅଫିସରଙ୍କୁ ମଧ୍ୟ ସାମିଲ କରାଯାଇଥିଲା। ସମାବର୍ତ୍ତନ ଉତ୍ସବ ଚାଲିଥିବା ବେଳେ ସୁରକ୍ଷା ଦୃଷ୍ଟିରୁ କର୍ମଚାରୀଙ୍କ ମୋବାଇଲକୁ ବାରଣ କରାଯାଇଥିଲା। ଉତ୍ସବ ସ୍ଥଳରେ ତଦାରଖ ପାଇଁ ଇଡ୍‌କୋର ୮ଜଣ ଓ ଟାଟା ପାୱାରର ୪ଜଣ କର୍ମଚାରୀଙ୍କୁ ପ୍ରବେଶ ନିମନ୍ତେ ଅନୁମତିପତ୍ର ଯୋଗାଇ ଦିଆଯାଇଥିଲା। ମାତ୍ର ବିଦ୍ୟୁତ୍ ବିଭ୍ରାଟ ସମୟରେ ପ୍ରେକ୍ଷାଳୟ ମଧ୍ୟରେ କୌଣସି କର୍ମଚାରୀ ଉପସ୍ଥିତ ନ ଥିବା ରିପୋର୍ଟରେ ଦର୍ଶାଯାଇଛି। ସେହିପରି ବିଶ୍ୱବିଦ୍ୟାଳୟର ବିଦ୍ୟୁତ୍ କର୍ମଚାରୀ ପାସ୍ ନେଇ ପ୍ରେକ୍ଷାଳୟ ମଧ୍ୟରେ ବସିଥିବା ସମୟରେ ଲାଇନ କଟିଯିବାରୁ ସେ ଅନ୍ଧାର ମଧ୍ୟରେ ବାହାରକୁ ଆସିପାରି ନ ଥିଲେ। ଏପରିକି ଉତ୍ସବ ସମାପନ ହେବା ପୂର୍ବରୁ କୌଣସି ବ୍ୟକ୍ତିଙ୍କୁ ବାହାରକୁ ଛାଡ଼ିବାର ଅନୁମତି ପ୍ରଦାନ କରାଯାଇ ନ ଥିଲା। ଫଳରେ ବାହାରେ ରହିଥିବା କର୍ମଚାରୀମାନେ ଧାଁ ଦଉଡ କରି ପୁନର୍ବାର ମରାମତି କରି ବିଦ୍ୟୁତ୍ ସଂଯୋଗ ଦେଇଥିଲେ।

ତେବେ ସମାବର୍ତ୍ତନ ଉତ୍ସବ ପୂର୍ବରୁ ମେ ୪ତାରିଖରୁ ପ୍ରେକ୍ଷାଳୟର ତଦାରଖ ଦାୟିତ୍ୱ ଇଡ୍‌କୋକୁ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ହସ୍ତାନ୍ତର କରିଥିଲେ। ୩ଦିନ ଧରି ଇଡ୍‌କୋ ପକ୍ଷରୁ ପ୍ରେକ୍ଷାଳୟରେ ମକ୍‌ଡ୍ରିଲ୍ ମଧ୍ୟ କରାଯାଇଥିଲା। ଇଡ୍‌କୋର ବେପରୁଆ ମନୋଭାବ ଯୋଗୁ ବିଶ୍ୱବିଦ୍ୟାଳୟ ବଦ୍‌ନାମ ମୁଣ୍ଡାଇଛି ବୋଲି କୁଳପତି ତ୍ରିପାଠୀ ପ୍ରକାଶ କରିଛନ୍ତି। ସେହିପରି ଉତ୍ସବରେ କେବଳ ମଞ୍ଚ ଓ ଅଭିଭାଷଣ ସ୍ଥାନର ଦାୟିତ୍ୱରେ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ରହିଥିବା ବେଳେ ଅନ୍ୟ ସମସ୍ତ ଦାୟିତ୍ୱ ଜିଲା ପ୍ରଶାସନ ହାତରେ ରହିଥିଲା। ଏହି ଘଟଣାରେ ବିଶ୍ୱବିଦ୍ୟାଳୟର ଜଣେ ବିଦ୍ୟୁତ୍ କର୍ମଚାରୀଙ୍କୁ ନିଲମ୍ବନ କରାଯାଇଥିବା ବେଳେ ଜିଲା ପ୍ରଶାସନ ଓ ପୋଲିସ ସମାନ ଭାବେ ଦାୟୀ ବୋଲି କୁଳପତି କହିଛନ୍ତି।

# ରାଜଧାନୀ ସୁପରଫାଷ୍ଟରେ ନିଆଁ



ରାଜଧାନୀ ସୁପରଫାଷ୍ଟରେ ନିଆଁ ଲାଗିବା ପରେ ଲୋକମାନେ ଟ୍ରେନ୍‌ରୁ ଓହ୍ଲାଇ ପଡ଼ିଛନ୍ତି।

ବାଲେଶ୍ୱର ଅଫିସ/ ଜଳେଶ୍ୱର,୧୨।୫(ଡି.ଏନ.ଏ.)

ନୂଆଦିଲ୍ଲୀରୁ ଭୁବନେଶ୍ୱର ଅଭିମୁଖେ ଯାଉଥିବା ୨୨୮୨୪ ଡାଉନ୍ ରାଜଧାନୀ ଟ୍ରେନ୍‌ର ପେଣ୍ଟ୍ରିକାର୍ ଚକରେ ଶୁକ୍ରବାର ନିଆଁ ଲାଗିଯାଇଥିଲା। ହେଲେ ଲୋକୋ ପାଇଲଟଙ୍କ ଉପସ୍ଥିତ ବୁଦ୍ଧି ଯୋଗୁ ଟ୍ରେନ୍‌କୁ ବ୍ରେକ୍ ଦେଇ ଜଳେଶ୍ୱର ଷ୍ଟେଶନର ଅନତି ଦୂରରେ ଅଟକା ଯାଇଥିଲା। କେତେକ ଯାତ୍ରୀ ଭୟଭୀତ ହୋଇ ବଗିରୁ ଓହ୍ଲାଇ ଏଣେତେଣେ ଦୌଡୁଥିବା ଦେଖିବାକୁ ମିଳିଥିଲା। ସେମାନଙ୍କ ମଧ୍ୟରୁ କେତେକ ଆହତ ହୋଇଥିବା ସୂଚନା ମିଳିଛି।

ଟ୍ରେନ୍ ଦ୍ରୁତଗତିରେ ଚାଲିଥିବା ବେଳେ ପେଣ୍ଟ୍ରିକାର୍ ତଳେ ଥିବା ବ୍ରେକ୍‌ରେ ଘର୍ଷଣ ଯୋଗୁ ନିଆଁ ଲାଗିଥିବା କୁହାଯାଇଛି। ପ୍ରବଳ ରୌଦ୍ରତାପ ଓ ରେଳଧାରଣା ସହିତ ଘର୍ଷଣ ଯୋଗୁ ଏଭଳି ପରିସ୍ଥିତି ଉପୁଜିଥିବା ରେଲୱେ ସୂତ୍ରରୁ ଜଣାପଡ଼ିଛି। ଟ୍ରେନ୍ ୩ଟା ୩୪ମିନିଟରେ ଛିଡ଼ା ହୋଇ ପୁଣି ୩ଟା ୫୦ରେ ଯାତ୍ରା ଆରମ୍ଭ କରିଥିଲା। ଟ୍ରେନ ଗାର୍ଡ, ଡ୍ରାଇଭର ଓ ଜଳେଶ୍ୱର ଷ୍ଟେଶନ ସୁପରିଣ୍ଟେଣ୍ଡେଣ୍ଟଙ୍କ ସହିତ ରେଲୱେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଯାଞ୍ଚ କଲା ପରେ ଟ୍ରେନ୍ ଗନ୍ତବ୍ୟସ୍ଥଳରେ ଯାତ୍ରା ଆରମ୍ଭ କରିଥିଲା। ଷ୍ଟେଶନ ସୁପରିଣ୍ଟେଣ୍ଡେଣ୍ଟ ଖଗେନ୍ଦ୍ର କୁମାର ମଣ୍ଡଳଙ୍କୁ ପଚାରିବାରୁ ଗ୍ରୀଷ୍ମଦିନ ଯୋଗୁ ଦ୍ରୁତଗାମୀ ଟ୍ରେନ୍‌ଗୁଡିକରେ ଏପରି ନିଆଁ ଲାଗୁଥିବା ସୂଚନା ଦେଇଛନ୍ତି।

## ଆଦିବାସୀ ମହିଳାଙ୍କୁ ବଳାତ୍କାର, ଯୁବକ ଗିରଫ

କୁଆଁରମୁଣ୍ଡା,୧୨।୫(ଡି.ଏନ୍.ଏ.)

ଜଣେ ବିବାହିତା ଆଦିବାସୀ ମହିଳାଙ୍କୁ ଧମକଚମକ ଦେଇ ୪ ମାସ ହେଲା ବିଭିନ୍ନ ସମୟରେ ବଳାତ୍କାର କରୁଥିବା ଅଭିଯୋଗରେ କୁଆଁରମୁଣ୍ଡା ଫାଣ୍ଡି ପୋଲିସ ଅଭିଯୁକ୍ତ ଯୁବକଙ୍କୁ ଶୁକ୍ରବାର ଗିରଫ କରିଛି। ସେ ହେଲେ ରାଜକୁମାର ଯାଦବ(୨୭)। ଶନିବାର ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯିବ ବୋଲି ଫାଣ୍ଡି ଅଧିକାରୀ ଶ୍ୟାମଲାଲ ଓରାମ ସୂଚନା ଦେଇଛନ୍ତି। ପୋଲିସ ଏକ ମାମଲା(ନଂ ୧୦୬/୨୩) ରୁଜୁ କରିଛି। ସୂଚନା ଅନୁଯାୟୀ, କୁଆଁରମୁଣ୍ଡା ଫାଣ୍ଡି ଅଞ୍ଚଳରେ ପୀଡ଼ିତାଙ୍କ ପରିବାର ରହୁଥିଲେ। ପୀଡ଼ିତାଙ୍କ ପାଖାପାଖି ଅଭିଯୁକ୍ତ ରାଜକୁମାର ମଧ୍ୟ ରହୁଥିଲେ। ପୀଡ଼ିତାଙ୍କ ସ୍ୱାମୀ କାମ କରିବାକୁ ବାହାରକୁ ଗଲାପରେ ଅଭିଯୁକ୍ତ ତାଙ୍କ ଘରେ ଜୋରଜବରଦସ୍ତି ପଶି ଉକ୍ତ ମହିଳାଙ୍କୁ ବଳାତ୍କାର କରୁଥିଲେ। ଏ ନେଇ କାହାରିକୁ ଜଣାଇଲେ ଜୀବନରୁ ମାରି ଦେବାକୁ ଧମକ ମଧ୍ୟ ଦେଉଥିଲେ। ବାରମ୍ବାର ବଳାତ୍କାରରେ ଅତିଷ୍ଠ ହୋଇ ପୀଡ଼ିତା ନିଜ ସ୍ୱାମୀଙ୍କୁ ଘଟଣା ସମ୍ପର୍କରେ ଜଣାଇଲା ପରେ ଉଭୟେ ଗୁରୁବାର ରାତିରେ କୁଆଁରମୁଣ୍ଡା ଫାଣ୍ଡିକୁ ଯାଇ ଲିଖିତ ଅଭିଯୋଗ କରିଥିଲେ।

## ୪୦ ଭରି ସୁନାଗହଣା, ଟଙ୍କା ନେଇଗଲେ ଦୁର୍ବୃତ୍ତ

**ବ୍ରହ୍ମପୁର ଅଫିସ, ୧୨।୫:** ଟାଉନ୍ ଥାନା ଲୋଚାପଡ଼ା ବ୍ୟାଙ୍କ କଲୋନି ୭ମ ଲାଇନରେ ଥିବା ଏକ ତାଲାବନ୍ଦ ଘରୁ କେତେକ ଦୁର୍ବୃତ୍ତ ତାଲାଭାଙ୍ଗି ୪୦ ଭରି ସୁନା ଗହଣା ଓ ଟଙ୍କା ଲୁଟି ନେଇଛନ୍ତି। ଘର ମାଲିକ ସୀମାଞ୍ଚଳ ମିଶ୍ର ଟାଉନ୍ ଥାନାରେ ଅଭିଯୋଗ କରିବା ପରେ ପୋଲିସ କେସ୍ ନମ୍ବର ୧୮୭/୨୩ରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଗତ ୧୦ତାରିଖରେ ସୋରଡ଼ାରେ ରହୁଥିବା ସୀମାଞ୍ଚଳଙ୍କ ଶାଶୁଙ୍କର ବିୟୋଗ ଘଟିଥିଲା। ସୀମାଞ୍ଚଳ ସପରିବାର ସୋରଡ଼ା ଯାଇଥିଲେ। ଅନ୍ତିମ ସଂସ୍କାର ସରିବା ପରେ ସେମାନେ ଗୁରୁବାର ଘରକୁ ଫେରିଥିଲେ। ଘର ତାଲା ଭଙ୍ଗା ଯାଇଥିବା ବେଳେ ଜିନିଷପତ୍ର ଫିଙ୍ଗା ଫୋପଡ଼ା ହୋଇଥିବା ଦେଖିବାକୁ ମିଳିଥିଲା। ଆଲମିରାରେ ଥିବା ୨୫ଭରି ଗହଣା ଗାଏବ ରହିଥିଲା। ସେହିପରି ତାଙ୍କ ଝିଅର ପ୍ରାୟ ୧୫ଭରି ସୁନା ଗହଣା ମଧ୍ୟ ଚୋରି ହୋଇଥିବା ଦେଖିବାକୁ ପାଇଥିଲେ। ନଗଦ ୧୦ହଜାର ଟଙ୍କା ଓ ୫ଟି ଦାମୀ ପାଟ ଶାଢ଼ୀ ମଧ୍ୟ ଚୋରି ହୋଇଥିବା ଜଣାପଡ଼ିଥିଲା। ସେ ଥାନାରେ ଅଭିଯୋଗ କରିବା ପରେ ପୋଲିସ ସାଇଣ୍ଟିଫିକ୍ ଟିମ୍ ସହାୟତାରେ ତଦନ୍ତ ଆରମ୍ଭ କରିଛି।

# ପୂର୍ବତନ ପାକ୍ସ ସଭାପତିଙ୍କୁ ହତ୍ୟା

### ପରକୀୟା ପ୍ରୀତି, ପୂର୍ବ ଶତ୍ରୁତା ସନ୍ଦେହ

ସମ୍ବଲପୁର,୧୨।୫(ବ୍ୟୁରୋ)

ସମ୍ବଲପୁର ଜିଲା ସଦର ଥାନା ହପ୍ରିୟାବାହାଲ ଗ୍ରାମରେ ଗୁରୁବାର ବିଳମ୍ବିତ ରାତିରେ ଏକ ହତ୍ୟାକାଣ୍ଡ ଘଟିଛି। ଘେନୁପାଲି ସମବାୟ ସମିତିର ପୂର୍ବତନ ସଭାପତି ତଥା ବର୍ତ୍ତମାନର ନିର୍ଦ୍ଦେଶକ ସୁରଥ ବରୀର୍ଡଙ୍କୁ ହତ୍ୟା କରାଯାଇଛି। ଓରାମପଡ଼ା ନିକଟ କମ୍ୟୁନିଟି ସେଣ୍ଟର ସମ୍ମୁଖରେ ସଂଘବଦ୍ଧ ଭାବେ ଆକ୍ରମଣ କରି ତାଙ୍କୁ ମାରିଦିଆଯାଇଥିବା ଅଭିଯୋଗ ହୋଇଛି। ସଦର ଥାନା ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଘଟଣାସ୍ଥଳରୁ ରକ୍ତଲଗା ଗାମୁଛା ଓ ଅନ୍ୟାନ୍ୟ ସାମଗ୍ରୀ ପୋଲିସ ଜବତ କରିଛି। ଗିରଫ ଭୟରେ ଓରାମପଡ଼ା ଗାଁ ପୁରୁଷଶୂନ୍ୟ ହୋଇଯାଇଛି। ହତ୍ୟାକାଣ୍ଡର କାରଣ ପରକୀୟା ପ୍ରୀତି କିମ୍ବା ପୂର୍ବ ଶତ୍ରୁତା ହୋଇଥାଇପାରେ ବୋଲି ପୋଲିସ ସନ୍ଦେହ କରୁଛି। ତଦନ୍ତ ପରେ ହତ୍ୟାକାଣ୍ଡର କାରଣ ଓ ଏଥିରେ କେଉଁମାନଙ୍କ ସମ୍ପୃକ୍ତି ରହିଛି ଜଣାପଡିବ ବୋଲି ସଦର ଏସ୍‌ଡିପିଓ ପ୍ରଦୀପ କୁମାର ସାହୁ କହିଛନ୍ତି।



ସୁରଥ ବରୀର୍ଡ

ମୃତ ସୁରଥଙ୍କ ଭାଇ ଶତ୍ରୁଘନଙ୍କ କହିବା ଅନୁସାରେ ପ୍ରତିଦିନ ଭଳି ସୁରଥ ରାତି ଭୋଜନ ପରେ ଘରୁ ବାହାରିଥିଲେ। ହେଲେ ରାତି ପ୍ରାୟ ୧୧ଟା ସମୟରେ ଗାଁ ଦାଣ୍ଡରେ ହୋ ହଲ୍ଲା ହେଉଥିବା ଶୁଣିଥିଲା। ହାତୀପଲ ଗାଁକୁ ପଶିଥିବେ ବୋଲି ଭାବିଥିଲୁ। ଏପରି ସମୟରେ ମୋ ପୁଅ ଫୋନକୁ ଏକ କଲ୍ ଆସିଥିଲା। ସେଥିରେ ସୁରଥଙ୍କୁ ଓରାମପଡା କମ୍ୟୁନିଟି ସେଣ୍ଟର ସମ୍ମୁଖରେ ସଂଘବଦ୍ଧ ଆକ୍ରମଣ କରିଥିବା ନେଇ ଜଣେ ଯୁବକ ସୂଚନା ଦେଇଥିଲେ। ଏହି ଖବର ଶୁଣିବା ପରେ ପୁଅ ଅଚେତ ହୋଇ ତଳେ ପଡିଯାଇଥିଲା। ସଙ୍ଗେ ସଙ୍ଗେ ତାକୁ ଡାକ୍ତରଖାନା ନେଇଥିଲୁ। ଅନ୍ୟପଟେ ଗାଁରେ ସୁରଥ ପଡି ରହିଥିଲେ। ଖବର ପାଇ ପୋଲିସ ଓ ଅନ୍ୟମାନେ ପହଞ୍ଚି ଡାକ୍ତରଖାନାକୁ ନେଇଥିଲେ। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଭାଇକୁ ପିଟି ପିଟି ମାରି ଦିଆଯାଇଥିବା ନେଇ ଥାନାରେ ଅଭିଯୋଗ କରିଥିବା ସେ କହିଥିଲେ। ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ବର୍ଗଙ୍କୁ ହସ୍ତାନ୍ତର କରାଯାଇଛି। ଖବର ଲେଖାହେବା ପର୍ଯ୍ୟନ୍ତ ପୋଲିସ ବିଭିନ୍ନ ସ୍ଥାନରେ ଚଢାଉ ଜାରି ରଖିଛି। ହେଲେ ଅଭିଯୁକ୍ତମାନେ ଫେରାର ଥିବା ଜଣାପଡିଛି।

# ହାତୀ ଆକ୍ରମଣରେ ବୃଦ୍ଧାଙ୍କ ମୃତ୍ୟୁ

ଅନୁଗୋଳ ଅଫିସ, ୧୨।୫

ଅନୁଗୋଳ ବନଖଣ୍ଡ ବନ୍ତଲା ରେଞ୍ଜ ଜାମୁଣ୍ଡା ଅଞ୍ଚଳରେ ଶୁକ୍ରବାର ହାତୀ ଆକ୍ରମଣରେ ବୈଦେହୀ ପ୍ରଧାନ(୬୮)ଙ୍କ ମୃତ୍ୟୁ ହୋଇଛି। ବୈଦେହୀ ଭୋର ସମୟରେ ଆମ୍ବ ତୋଳିବାକୁ ଗାଁ ବଗିଚାକୁ ଯାଉଥିବା ବେଳେ ବନ ବିଭାଗ କର୍ମଚାରୀମାନେ ତାଙ୍କୁ ବାରଣ କରିଥିଲେ। ବଗିଚାରେ ହାତୀ ଥିବାରୁ ବିପଦ ରହିଥିବା ନେଇ ଚେତାଇ ଦେଇଥିଲେ। କିନ୍ତୁ ବୈଦେହୀ ସେମାନଙ୍କ କଥା ନ ମାନି ଆମ୍ବ ତୋଳିବାକୁ ଯାଇଥିଲେ। ଫଳରେ ସେଠାରେ ଥିବା ୨ଟି ଦନ୍ତା ହାତୀ ହାବୁଡ଼ରେ ସେ ପଡ଼ିଯାଇଥିଲେ। ଗୋଟିଏ ଦନ୍ତା ହାତୀ ତାଙ୍କୁ ପାଦରେ ଦଳି ଦେବାରୁ ଘଟଣାସ୍ଥଳରେ ବୈଦେହୀଙ୍କ ମୃତ୍ୟୁ ହୋଇଥିଲା। ହାତୀ ଅବସ୍ଥିତି ସମ୍ପର୍କରେ ବନ ବିଭାଗ ତରଫରୁ ବାରମ୍ବାର ସଚେତନ କରାଯାଉଥିଲେ ମଧ୍ୟ ଆମ୍ବ ଗୋଟାଇବାକୁ ଯାଇ ଜଣକ ପରେ ଜଣେ ଏପରି ମୃତ୍ୟୁ ମୁଖରେ ପଡୁଥିବା ବନ୍ତଲା ବନାଞ୍ଚଳ ଅଧିକାରୀ ନୀଳାଦ୍ରିନାଥ ସାହୁ ସୂଚନା ଦେଇଛନ୍ତି।


ୟୁନିୟନ ବ୍ୟାଙ୍କ ଅଫ ଇଣ୍ଡିଆ Union Bank of India | Andhra | Corporation

ଆସେଟ୍ ରିକଭରି ଶାଖା ୨୬/୨୮-ଡି, କନ୍ନଟ୍ ପ୍ଲେସ୍, ନୂଆଦିଲ୍ଲୀ - ୧୧୦୦୦୧ (ଏମ୍-୩୫, ପ୍ରଥମ ମହଲା, ଆଉଟର୍ ସର୍କଲ୍, କନ୍ନଟ୍ ପ୍ଲେସ୍, ନୂଆଦିଲ୍ଲୀ - ୧୧୦୦୦୧ଠାରେ କାର୍ଯ୍ୟରତ), ଇ-ମେଲ୍ - arbdelhi@unionbankofindia.bank

**ପରିଶିଷ୍ଟ IV [ନିୟମ ୮ (୧)] ଦଖଲ ନୋଟିସ (ସ୍ଥାବର ସମ୍ପତ୍ତି ନିମନ୍ତେ)**

ଯେହେତୁ, ନିମ୍ନ ସ୍ୱାକ୍ଷରକାରୀ **ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ, ଆସେଟ୍ ରିକଭରି ଶାଖା, ସ୍ଥାନ ଏମ୍-୩୫, ପ୍ରଥମ ମହଲା, ଆଉଟର୍ ସର୍କଲ୍, କନ୍ନଟ୍ ପ୍ଲେସ୍, ନୂଆଦିଲ୍ଲୀ - ୧୧୦୦୦୧**ର ପ୍ରାଧିକୃତ ଅଧିକାରୀ ସିକ୍ୟୁରିଟାଇଜେଶନ୍ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍ସିଆଲ୍ ଆସେଟ୍‌ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ସିକ୍ୟୁରିଟି ଇଣ୍ଟରେଷ୍ଟ ଅଧିନିୟମ, ୨୦୦୨ (୨୦୦୨ର ୫୪) ଅଧୀନରେ ଏବଂ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ନିୟମାବଳୀ, ୨୦୦୨ର ଧାରା ୧୩(୧୨) ସହିତ ପଠନପୂର୍ବକ ନିୟମ ୩ ଅଧୀନରେ ପ୍ରଦତ୍ତ କ୍ଷମତାକୁ ପ୍ରୟୋଗ କରି ଏକ ଡିମାଣ୍ଡ ନୋଟିସ **ରେଫରେନ୍ସ ନଂ. ଓଆର୍/ଓଭିଏସ୍/ୟୁଏସ୍/୦୩୮/୨୦୧୯-୨୦ ତାରିଖ ୦୪।୧୦।୨୦୧୯** ଜାରି କରି ଋଣଗ୍ରହୀତା **ମେସର୍ସ ସରଳ ସର୍ଜିକାଲ୍ ପ୍ରଡକ୍ଟସ୍ ପ୍ରାଇଭେଟ ଲିମିଟେଡ୍,** ବି-୨/୭୩୧, ଏକତା ଗାର୍ଡେନ୍, ଆଇପି ଏକ୍ସଟେନ୍‌ସନ୍, ନୂଆଦିଲ୍ଲୀ-୧୧୦୦୯୨ଙ୍କୁ ଉକ୍ତ ନୋଟିସ ପ୍ରାପ୍ତି ତାରିଖରୁ ୬୦ ଦିନ ମଧ୍ୟରେ ନୋଟିସରେ ଦର୍ଶିତ ଅର୍ଥରାଶି ଅର୍ଥାତ୍ **ଟ.୪,୪୮,୮୨,୦୪୧.୮୦ (ଚାରିକୋଟି ଅଠଚାଳିଶ ଲକ୍ଷ ବୟାଅଶୀ ହଜାର ଏକଚାଳିଶ ଟଙ୍କା ଅଶୀ ପଇସା ମାତ୍ର)** ପରିଶୋଧ କରିବା ପାଇଁ ଆଦେଶ ଦେଇଥିଲେ।

ଋଣଗ୍ରହୀତା ଅର୍ଥରାଶିକୁ ପରିଶୋଧ କରିବାରେ ବିଫଳ ହୋଇଥିବାରୁ, ଏତଦ୍ୱାରା ଋଣଗ୍ରହୀତା ଏବଂ ସାଧାରଣ ଭାବେ ସର୍ବସାଧାରଣଙ୍କୁ ସୂଚିତ କରାଯାଉଛି ଯେ ନିମ୍ନ ସ୍ୱାକ୍ଷରକାରୀ କଥିତ ଅଧିନିୟମର ଧାରା ୧୩(୪) ସହିତ ପଠନପୂର୍ବକ କଥିତ ନିୟମାବଳୀର ନିୟମ ୮ ଅଧୀନରେ ପ୍ରଦତ୍ତ କ୍ଷମତାକୁ ପ୍ରୟୋଗ କରି ୧୦ ମେ, ୨୦୨୩ ଦିନ ନିମ୍ନବର୍ଣ୍ଣିତ ସମ୍ପତ୍ତିର ବାସ୍ତବିକ ଦଖଲ ନେଇଛନ୍ତି।

ବିଶେଷକରି ଋଣଗ୍ରହୀତା ଏବଂ ସାଧାରଣ ଭାବେ ସର୍ବସାଧାରଣଙ୍କୁ ଏତଦ୍ୱାରା ସମ୍ପୃକ୍ତ ସମ୍ପତ୍ତି ସହିତ କୌଣସି କାରବାର ନ କରିବା ପାଇଁ ସତର୍କ କରିଦିଆଯାଉଛି ଏବଂ ସମ୍ପତ୍ତି ସହିତ କୌଣସି କାରବାର କରାଗଲେ **ୟୁନିୟନ ବ୍ୟାଙ୍କ ଅଫ୍ ଇଣ୍ଡିଆ, ସ୍ଥାନ ଏମ୍-୩୫, ପ୍ରଥମ ମହଲା, ଆଉଟର୍ ସର୍କଲ୍, କନ୍ନଟ୍ ପ୍ଲେସ୍, ନୂଆଦିଲ୍ଲୀ - ୧୧୦୦୦୧ଙ୍କ ଦ୍ୱାରା ଟ.୪,୪୮,୮୨,୦୪୧.୮୦ (ଚାରିକୋଟି ଅଠଚାଳିଶ ଲକ୍ଷ ବୟାଅଶୀ ହଜାର ଏକଚାଳିଶ ଟଙ୍କା ଅଶୀ ପଇସା ମାତ୍ର) ଏବଂ ତାହା ଉପରେ ଲାଗୁ ସୁଧର ଚାର୍ଜ ଲାଗୁ କରାଯିବ।**

**ସ୍ଥାବର ସମ୍ପତ୍ତିର ବର୍ଣ୍ଣନା**

**ସ୍ଥାବର ସମ୍ପତ୍ତି ଅର୍ଥାତ୍ ଆବାସିକ ଜମି ଓ ଭବନ ଶ୍ରୀ ଶୁଭ୍ରାଂଶୁ ଶେଖର ମହାପାତ୍ରଙ୍କ ନାମରେ ମୌଜା ଭୁବନେଶ୍ୱର ସହର, ୟୁନିଟ୍ ନଂ.୨୩, କପିଳପ୍ରସାଦରେ ଖାତା ନଂ.୮୩୮ର ବିୟରିଂ ନଂ.୧୫୫୬, ରକବା ୦.୦୬୪ ଡେସିମିଲ, କିସମ- ଘରବାରି-୨ ଏବଂ ଉକ୍ତ ସମ୍ପତ୍ତିର ଚୌହଦୀ ନିମ୍ନ ଅନୁଯାୟୀ ଅଟେ:** ପୂର୍ବ- ପ୍ଲଟ୍ ନଂ. ୧୫୫୭ ଓ ୧୫୫୮, ପଶ୍ଚିମ- ପ୍ଲଟ୍ ନଂ. ୧୫୫୫, ଉତ୍ତର- ସରହଦ ଫର୍ଦ୍ଦ ନଂ. ୧୧, ଦକ୍ଷିଣ- ପ୍ଲଟ୍ ନଂ. ୧୫୫୫

**ତାରିଖ: ୧୦।୦୫।୨୦୨୩, ସ୍ଥାନ: ଖୋର୍ଦ୍ଧା** **ପ୍ରାଧିକୃତ ଅଧିକାରୀ, ୟୁନିୟନ ବ୍ୟାଙ୍କ ଅଫ୍ ଇଣ୍ଡିଆ**



DBS

**ନିଲାମ ବିଜ୍ଞପ୍ତି**

ଏହା ଦ୍ୱାରା ସୂଚନା ଦିଆଯାଇଛି ଯେ ଆମର କିଛି ସୁନା ଋଣ ଗ୍ରାହକ ସେମାନଙ୍କ ଋଣ ପରିଶୋଧ କରିବାରେ ବିଫଳ ହୋଇଛନ୍ତି ଏବଂ ଏହା ପୋଷ୍ଟ ମାଧ୍ୟମରେ ଏକାଧିକ ସ୍ମାରକପତ୍ର/ ନୋଟିସ୍ ବ୍ୟାଙ୍କରେ ପଞ୍ଜୀକୃତ ହୋଇଥିବା ଠିକଣାରେ ପ୍ରଦାନ କରାଯାଇଛି।

ନିମ୍ନଲିଖିତ ବ୍ୟକ୍ତି / ମାନଙ୍କୁ ଏଠାରେ ସୂଚିତ କରାଯାଇଛି ଯେ ଯେହେତୁ ସେମାନେ ଋଣ ରାଶି ପରିଶୋଧ କରିବାରେ ବିଫଳ ହୋଇଛନ୍ତି, ବ୍ୟାଙ୍କ 17-04-2023 ରେ କିମ୍ବା ପୂର୍ବରୁ ସମ୍ପୂର୍ଣ୍ଣ ଦେୟ ନଦେଲେ ସେମାନଙ୍କ ବନ୍ଧକ ସୁନା ନିଲାମ କରିବାକୁ ବାଧ୍ୟ ହେବ |

ଉପରୋକ୍ତ ତାରିଖ ସୁଦ୍ଧା ଦେୟ ଗ୍ରହଣ ନକରିବା କ୍ଷେତ୍ର ରେ, ସର୍ବସାଧାରଣ ସାମ୍ନାରେ , ଋଣ କର୍ତ୍ତାଙ୍କ ବ୍ୟୟରେ, ବ୍ୟାଙ୍କ ପରିସରରେ କିମ୍ବା https://egold.auctiontiger.net, ଏକ ଇ-ନିଲାମ ପ୍ଲାଟଫର୍ମ ମାଧ୍ୟମରେ ବ୍ୟାଙ୍କ ଦ୍ୱାରା 18-04-2023 ,11.00 AM ରେ ସୁନା ନିଲାମ /ବିକ୍ରି ହେବ କିମ୍ବା ତା'ପରେ ଅନ୍ୟ କୌଣସି ସୁବିଧାଜନକ ତାରିଖ, ବିନା ବିଜ୍ଞପ୍ତିରେ ଏବଂ ବ୍ୟାଙ୍କର ସମ୍ପୂର୍ଣ୍ଣ ବିବେଚନା ଅନୁଯାୟୀ ହେଇପାରିବ |

| ଅନନ୍ୟ ରେଫ୍ # | ଗ୍ରାହକଙ୍କ ନାମ | ଶାଖା ନାମ | ସମୁଦାୟ ଓଜନ | ଶୁଦ୍ଧ ଓଜନ |
|---|---|---|---|---|
| 34531832 | ସାଣ୍ଟୋଶ କୁମାର ଦାଶ | ଜାମୁକୋଲି | 12.30 | 9.64 |

ତାରିଖ: 10-04-2023 ଶାଖା ପରିଚାଳକ |
ସ୍ଥାନ: ଚେନ୍ନାଇ DBS ବ୍ୟାଙ୍କ ଇଣ୍ଡିଆ ଲିମିଟେଡ୍ |

*DBS ବ୍ୟାଙ୍କ ଇଣ୍ଡିଆ ଲିମିଟେଡ୍ ହେଉଛି ସିଙ୍ଗାପୁରର DBS ବ୍ୟାଙ୍କ ଲିମିଟେଡ୍ ର ଏକ ସମ୍ପୂର୍ଣ୍ଣ ମାଲିକାନା ସହାୟକ କମ୍ପାନୀ |



**OFFICE OF THE NOTIFIED AREA COUNCIL, CHATRAPUR**

Letter No. 934 Date: 11.05.2023

**"e" Procurement Notice**

Tender Reference No. CTP-NAC-02/2023-24

Bid documents consisting of work, estimated cost, cost of tender paper, EMD, time of completion, class of contractor and the set of term and conditions of contract and other necessary documents can be seen in Govt. website i.e. **www.tendersorissa.gov.in.**

1. Name of the work : Civil work mentioned in DTCN
2. No. of work : 01
3. Estimated Cost : Rs.19.92 Lakhs
4. Date & time of availability of bid document in the portal : From 10.00 A.M. of 12.05.2023 to 20.05.2023 upto 4.00 P.M.
5. Last date/time for receipt of Bids in the portal : 20.05.2023 upto 4.00 P.M.
6. Bids received online shall be Opened on : 20.05.2023 at 4.30 P.M.

Further details can be seen from the e-procurement portal **https://tendersorissa.gov.in.**

Sd./- Executive Officer
NAC, Chatrapur


# ମହୁଲ ପୋଚ ଖାଇ ହାତୀ ମାତାଲ



ନିଶାସକ୍ତ ହାତୀ କାଦୁଅରେ ଗଡୁଛି।

ଅନୁଗୋଳ ଅଫିସ, ୧୨।୫

ଅନୁଗୋଳ ବନଖଣ୍ଡ ବନ୍ତଲା ରେଞ୍ଜ ପୋକତୁଙ୍ଗା ଅଞ୍ଚଳରେ ଶୁକ୍ରବାର ଏକ ଦନ୍ତା ହାତୀ ମହୁଲ ପୋଚ ଖାଇ ମାତାଲ ହୋଇଯାଇଥିବା ଦେଖିବାକୁ ମିଳିଥିଲା। ମାତାଲ ଦନ୍ତାଟି ପୋକତୁଙ୍ଗା ଦେହୁରୀ ନାଳ ନିକଟ କାଦୁଅରେ ଦୀର୍ଘ ସମୟ ଧରି ଗଡ଼ିଥିଲା। ଏହା ଦେଖି ସ୍ଥାନୀୟ ଲୋକମାନେ ବନ ବିଭାଗକୁ ଖବର ଦେଇଥିଲେ। ବିଭାଗୀୟ କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ଅନୁଧ୍ୟାନ କରିବା ପରେ ମହୁଲ ପୋଚ ଖାଇ ହାତୀକୁ ନିଶା ହୋଇଯାଇଥିବା ଜାଣିବାକୁ ପାଇଥିଲେ। ନିଶାସକ୍ତ ଥିବା ହାତୀର ବୟସ ୧୫ ବର୍ଷ ହେବ ବୋଲି ବନାଞ୍ଚଳ ଅଧିକାରୀ ନୀଳାଦ୍ରିନାଥ ସାହୁ କହିଛନ୍ତି। ସୂଚନାଯୋଗ୍ୟ, ବନ୍ତଲା ରେଞ୍ଜ ପୋକତୁଙ୍ଗା ଅଞ୍ଚଳରେ ମହୁଲ ପୋଚରୁ ଚୋରାରେ ଦେଶୀ ମଦ ପ୍ରସ୍ତୁତ କରାଯାଉଛି। ମଦ ପ୍ରସ୍ତୁତ ହେବା ପରେ ପୋଚକୁ ପୋତିବା ବଦଳରେ ଫିଙ୍ଗି ଦିଆଯାଉଛି। ଜଙ୍ଗଲରେ ବୁଲୁଥିବା ହାତୀ ଏହାକୁ ଖାଇ ନିଶାସକ୍ତ ହେଉଥିବା ଜଣାପଡ଼ିଛି।


**e-Proccurement Cell**
**ENERGY DEPARTMENT GOVT.OF JHARKHAND**
**Electrical Executive Engineer Electric Works Division, Dhanbad**

**e- Procurement cell**

Very Short E-Tender Reference No- Energy/EWD/Dhanbad/**04/2023-24**

| Sl. No | Name of work | Estimated Cost (Rs) | Tender Fee (BID Document Fee) | Bid Security (EMD Fee) | Completion Date |
|---|---|---|---|---|---|
| 1 | S.I.T.C of street light along the road from Surichua N.H 114 A to Sharma Chowk with 5 years Comprehensive Maintenanceat at Malooti, Dumka. | 1,65,43,962.00 | 10000.00 | 3,31,000.00 | Part- "A" 4 months Part – "B" Five years After completion of part-A |
| 2 | S.I.T.C with 5 year comprehensive annual maintenance of street light along the road from Sharma chowk to Helipad, Sharma chowk to chandanghaat Nala, Maa Molikasha chowk to Patraanga Bhagabandh at Malooti and Different street around the Malooti, Mandir, Dumka. | 2,10,91,821.00 | 10000.00 | 4,22,000.00 | Part- "A" 4 months Part – "B" Five years After completion of part-A |
| 3 | S/R to E.I. in Administrative building in Homoeopathic Medical college & Hospital at Praspani, Godda. | 1,24,08,903.00 | 10000.00 | 2,48,500.00 | 4 month |
| 4 | Date of Publication of tender on website | 19.05.2023 | | | |
| 5 | Online bid submission period | From 20.05.2023 at 10:30 am to 27.05.2023 at 2:00 pm | | | |
| 6 | Date of submission of hard copy | 29.05.2023 up to 1.00 pm | | | |
| 7 | Technical Bid Opening Date | 30.05. 2023 at 3:00 pm | | | |
| 8 | Name and address of the office inviting tender | Electrical Executive Engineer, Electric Works Division, Dhanbad | | | |
| 9 | Contact no. of Procurement officer | 0326-2311382 | | | |
| 10 | Helpline number of e- Procurement cell | 0651-2490069 | | | |

Note- Only online tender will be accepted.
Any change in B.O.Q can be see on website http://jharkhandtenders.gov.in
Further details can be seen on website http://jharkhandtenders.gov.in

PR 297290 Energy(23-24)#D

Electrical Executive Engineer
Electric Works Division, Dhanbad.



**OFFICE OF THE CHIEF DISTRICT AGRICULTURE OFFICER, KENDRAPARA**

At: Town Balarampur (Near Kendrapara Block)
e-mail: ddaken.dag@nic.in

**EXPRESSION OF INTEREST (EOI) FOR KRUSHI RATH**

**Order No. 1506//Ken. Agril. Date: 11.05.2023**

No. L-27: Expression of Interest (EOI) is invited by Chief District Agriculture Officer, Kendrapara from intending bidders, reputed firms for preparation of Krushi Rath under IEC, State Plan during Kharif - 2023 in all 9 Blocks of the district. The firm should send the EOI documents in sealed cover to the O/o. the Chief District Agriculture Officer, Kendrapara on or before 25.05.2023 at 11.00 A.M. through Regd. Post/Speed Post/Couriers or Spl. Messenger so as to receive at the office during office hour and it will be opened in the same day at 11.30 A.M. in presence of the Committee Members constituted by the CDAO, Kendrapara & representative/authorized agents of the participating firms. The details of the EOI is available in the Office of the Chief District Agriculture Officer, Kendrapara during office hours from 7.00 A.M. to 1.00 P.M. on working days only up to 23.05.2023. The CDAO, Kendrapara will not be liable for any delay by Post or not offering the EOI in the stipulated date & time mentioned above.

Sd./- (Sri Himansu Mohan Mishra)
Chief District Agriculture Officer,
Kendrapara

OIPR-01497/11/0001/2324

**ଗାଇଡାନ୍ସ ଇଂଲିଶ ମିଡିୟମ ସ୍କୁଲ୍‌ର ଶତପ୍ରତିଶତ ଫଳାଫଳ**

ଭୁବନେଶ୍ୱର,(ବ୍ୟୁରୋ)- ସିବିଏସ୍‌ଇ ଦଶମ ଓ ଦ୍ୱାଦଶ ପରୀକ୍ଷାରେ ଡୁମୁଡୁମାସ୍ଥିତ ଗାଇଡାନ୍ସ ଇଂଲିଶ ମିଡିୟମ ସ୍କୁଲ୍‌ର ଛାତ୍ରୀଛାତ୍ର ଶତପ୍ରତିଶତ ପାସ୍ କରିଛନ୍ତି। ଦଶମ ଶ୍ରେଣୀର ହାପ୍‌ସା ସୟେଦ୍ ଅଲ୍ଲା ୯୫ ପ୍ରତିଶତ, ସୁମନ ସାମନ୍ତରାୟ ୯୪.୮ ପ୍ରତିଶତ ଏବଂ ଦ୍ୱାଦଶରେ ଦିଶାନ୍ତ ପୀୟୁଷ ପାଣିଗ୍ରାହୀ ୯୭.୨ ପ୍ରତିଶତ, ଶାଶ୍ୱତ ସାହୁ ୯୬.୨ ପ୍ରତିଶତ, ଅଭୟ ଅଭିଜିତ୍ ସାହୁ ୯୫.୬ ପ୍ରତିଶତ ମାର୍କ ରଖିଛନ୍ତି। ବିଦ୍ୟାଳୟର ସମ୍ପାଦକ, ଅଧ୍ୟକ୍ଷା, ଶିକ୍ଷକ, ଶିକ୍ଷୟିତ୍ରୀ ଏବଂ ସମସ୍ତ କର୍ମଚାରୀମାନେ ଶୁଭେଚ୍ଛା ଜଣାଇବା ସହ ସେମାନଙ୍କ ଉଜ୍ୱଳ ଭବିଷ୍ୟତ କାମନା କରିଛନ୍ତି।

# ଉତ୍ସାହ ଭରିଲା ସିବିଏସ୍‌ଇ ପରୀକ୍ଷାଫଳ

## ୟୁନିଟ୍-୮ ଡିଏଭି ପାସ୍ ହାର ୮୬.୪୮%

ଭୁବନେଶ୍ୱର,୧୨।୫(ବ୍ୟୁରୋ)

ସିବିଏସ୍‌ଇ ଦଶମ ଓ ଦ୍ୱାଦଶ ଶ୍ରେଣୀ ପରୀକ୍ଷାରେ ୟୁନିଟ-୮ସ୍ଥିତ ଡିଏଭି ପବ୍ଲିକ ସ୍କୁଲର ସମସ୍ତ ୨୭୩ ଜଣ ଛାତ୍ରୀଛାତ୍ର ସଫଳତାର ସହିତ ଉତ୍ତୀର୍ଣ୍ଣ ହୋଇଥିବାବେଳେ ୨୬୨ଜଣ ପ୍ରଥମ ଶ୍ରେଣୀ ଓ ବିଦ୍ୟାଳୟର ପାସ୍‌ହାର ୮୬.୪୮ ପ୍ରତିଶତ ରହିଛି। ୧୩୬ ଛାତ୍ରୀଛାତ୍ର ୯୦%ରୁ ଅଧିକ ଓ ୨୧୧ ଜଣ ୮୦%ରୁ ଅଧିକ ନମ୍ବର ରଖିଛନ୍ତି। ୪୯୬ ନମ୍ବର (୯୯.୨%) ସହିତ ନବନୀତ ପ୍ରିୟଦର୍ଶୀ ପ୍ରଥମସ୍ଥାନ ଲାଭ କରିଛନ୍ତି। ଏକତା ମହାନ୍ତି ୯୮.୮% ଦ୍ୱିତୀୟ, ଅଂଶୁମାନ ରଣସିଂ ଓ ସ୍ୱାରକ ଦାସ ୯୮.୪% ସହିତ ତୃତୀୟ ହୋଇଛନ୍ତି। ସେହିପରି ଦ୍ୱାଦଶ ଶ୍ରେଣୀ ବିଜ୍ଞାନରେ ରୋହିତ ମିଶ୍ର ୯୮.୨% ନମ୍ବର ରଖି ପ୍ରଥମ, ରୁହିକା ଦାସ ୯୮% ସହିତ ଦ୍ୱିତୀୟ ଏବଂ ବରୁଣ ମିଶ୍ର ୯୭.୮ % ସହିତ ତୃତୀୟରେ ରହିଛନ୍ତି। ବିଜ୍ଞାନରେ ୨୬୪ ଛାତ୍ରୀଛାତ୍ର ପ୍ରଥମ ଶ୍ରେଣୀ ଓ ୭ଜଣ ଦ୍ୱିତୀୟ ଶ୍ରେଣୀରେ ପାସ୍ କରିଛନ୍ତି। ୨୯ ଜଣ ୯୫%ରୁ ଅଧିକ ଓ ୮୦ଜଣ ୯୦%ରୁ ଅଧିକ ନମ୍ବର ରଖିଛନ୍ତି। ବାଣିଜ୍ୟରେ ୫୫ଜଣ ପ୍ରଥମ ଶ୍ରେଣୀ ଓ ୨ଜଣ ଦ୍ୱିତୀୟ ଶ୍ରେଣୀରେ ପାସ୍ କରିଛନ୍ତି। ପ୍ରଗତି ଅଗ୍ରୱାଲ ୯୮% ନମ୍ବର ରଖି ରାଜ୍ୟରେ ପ୍ରଥମ, ଏସ. ଶ୍ରୀବଲି ୯୭% ନମ୍ବର ରଖି ବିଦ୍ୟାଳୟରେ ଦ୍ୱିତୀୟ ଏବଂ ଅବିନାଶ ସାହୁ ୯୬% ନମ୍ବର ରଖି ତୃତୀୟ ସ୍ଥାନ ହାସଲ କରିଛନ୍ତି। କଳା ବିଭାଗରେ ଶ୍ରଦ୍ଧା ସୁମନ ସାହୁ ୯୬.୨% ନମ୍ବର ରଖି ପ୍ରଥମ, ଆୟାନା ରାଉତରାୟ ଓ ଆୟୁଷ୍ମାନ ୯୬% ନମ୍ବର ରଖି ଦ୍ୱିତୀୟ ଓ ଶ୍ୱେତାରାଣୀ ସେନାପତି ୯୫.୬% ନମ୍ବର ରଖି ତୃତୀୟ ସ୍ଥାନ ହାସଲ କରିଛନ୍ତି। ବିଦ୍ୟାଳୟ ପରିଚାଳନା ସମିତି ସଭାପତି ସନ୍ତୋଷ ଉପାଧ୍ୟାୟ, ଆଞ୍ଚଳିକ ନିର୍ଦ୍ଦେଶକ, ମ୍ୟାନେଜର ଡ. କେ. ସି. ଶତପଥୀ ଓ ଅଧ୍ୟକ୍ଷା ଈପ୍ସିତା ଦାସ କୃତୀ ଛାତ୍ରୀଛାତ୍ରଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

## ଅଲିଭ ସାହୁ ପ୍ରଭୁଜୀ ସ୍କୁଲ ଟପ୍ପର

ଭୁବନେଶ୍ୱର,୧୨।୫(ବ୍ୟୁରୋ)

ସିବିଏସ୍ ଦଶମ ଓ ଦ୍ୱାଦଶରେ ପ୍ରଭୁଜୀ ଇଂଲିଶ ମିଡିୟମ ସ୍କୁଲ୍‌ର ଛାତ୍ରୀଛାତ୍ର ଶତ ପ୍ରତିଶତ ସଫଳତା ହାସଲ କରିଛନ୍ତି। ଦ୍ୱାଦଶ ବିଜ୍ଞାନ ବିଭାଗରେ ଅଲିଭ ସାହୁ ସର୍ବାଧିକ ୯୭.୬ ପ୍ରତିଶତ ନମ୍ବର ରଖି ସ୍କୁଲ ଟପ୍ପର ହୋଇଛନ୍ତି। ଦ୍ୟୁତିକାନ୍ତ ମହାନ୍ତି ଓ ମୁରଲୀ ମନୋହର ସ୍ୱାଇଁ ୯୬ ପ୍ରତିଶତ ନମ୍ବର ରଖି ଯୁଗ୍ମ ଭାବେ ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ସେହିପରି ଦ୍ୱାଦଶ ବାଣିଜ୍ୟ ବିଭାଗରେ ଶୁଭାପ୍ରସନ୍ନା ୯୨.୬୭ ପ୍ରତିଶତ ମାର୍କ ରଖି ପ୍ରଥମ ହୋଇଥିବାବେଳେ ଜଗନ ପ୍ରକାଶ ୯୨.୩୩ ପ୍ରତିଶତ ମାର୍କ ରଖି ଦ୍ୱିତୀୟ ସ୍ଥାନରେ ରହିଛନ୍ତି। କଳା ବିଭାଗରେ ସାନିଆ ଖାଁ ୯୦.୩୩ ପ୍ରତିଶତ ନମ୍ବର ରଖି ପ୍ରଥମ ହୋଇଥିବାବେଳେ ପ୍ରିୟାଲୀ ପ୍ରିୟମ୍ୱଦା ୯୦ ପ୍ରତିଶତ ମାର୍କ ରଖି ଦ୍ୱିତୀୟ ହୋଇଛନ୍ତି। ଦଶମ ଶ୍ରେଣୀ ପରୀକ୍ଷାରେ ଶାଶ୍ୱତ ରଥ ଶତକଡ଼ା ୯୯.୨ ନମ୍ବର ରଖି ବିଦ୍ୟାଳୟରେ ପ୍ରଥମ ସ୍ଥାନ ଅଧିକାର କରିଥିବାବେଳେ ସୌମ୍ୟାଶ୍ରୀ ପ୍ରିୟଦର୍ଶିନୀ ୯୮.୮ ପ୍ରତିଶତ ମାର୍କ ରଖି ଦ୍ୱିତୀୟ ଏବଂ ଓମ୍‌କାର ମିଶ୍ର ୯୮.୨ ପ୍ରତିଶତ ମାର୍କ ରଖି ତୃତୀୟ ସ୍ଥାନରେ ଅଛନ୍ତି। ଛାତ୍ରୀଛାତ୍ରଙ୍କ ସଫଳତାରେ ବିଦ୍ୟାଳୟ ଅଧ୍ୟକ୍ଷ ଅଭୟ କୁମାର ରଥ ଶୁଭେଚ୍ଛା ଜଣାଇଛନ୍ତି।



ପରୀକ୍ଷା ଫଳ ଜାଣିବା ପରେ ଓଡିଏମ୍ ପବ୍ଲିକ୍ ସ୍କୁଲ୍‌ରେ ଉତ୍ସାହିତ ଦ୍ୱାଦଶ ଶ୍ରେଣୀର ଛାତ୍ରୀଛାତ୍ର।

କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ବୋର୍ଡ (ସିବିଏସ୍‌ଇ) ପକ୍ଷରୁ ଦଶମ ଓ ଦ୍ୱାଦଶ ପରୀକ୍ଷା ଫଳାଫଳ ଶୁକ୍ରବାର ପ୍ରକାଶ ପାଇଛି। ଅଧିକାଂଶ ସ୍କୁଲରେ ଶତପ୍ରତିଶତ ରେଜଲ୍ଟ ହୋଇଛି। ପରୀକ୍ଷାଫଳ ପ୍ରକାଶ ପାଇବା ପରେ ଛାତ୍ରୀଛାତ୍ର, ଅଭିଭାବକ ଓ ଶିକ୍ଷୟିତ୍ରୀଶିକ୍ଷକଙ୍କ ମଧ୍ୟରେ ଖୁସିର ଲହରି ଖେଳିଯାଇଥିଲା। ବିଦ୍ୟାଳୟରେ ଛାତ୍ରୀଛାତ୍ର ଓ ଅନ୍ୟମାନେ ଏକାଠି ହୋଇ ପରସ୍ପରକୁ ମିଠା ଖୁଆଇ ଖୁସି ମନାଇଥିଲେ। ଏଥିପାଇଁ ରାଜଧାନୀରେ ଥିବା କେତେକ ସିବିଏସ୍‌ଇ ସ୍କୁଲ୍‌ରେ ଉତ୍ସବର ପରିବେଶ ଦେଖିବାକୁ ମିଳିଥିଲା। ପିତାମାତା ପିଲାଙ୍କୁ ନେଇ ଦେଖିଥିବା ସ୍ୱପ୍ନ ପୂରଣ ହେଉଥିବା ଅନୁଭବ କରିଥିଲେ। ରାଜଧାନୀର ପ୍ରାୟ ସମସ୍ତ ବିଦ୍ୟାଳୟକୁ ଶତପ୍ରତିଶତ ସଫଳତା ମିଳିଥିବାରୁ ଚାରିଆଡ଼େ ଖୁସି ଦେଖିବାକୁ ମିଳିଛି। ଏନେଇ ଛାତ୍ରୀ ଛାତ୍ର ନିଜ ନିଜର ମତାମତ ରଖିଛନ୍ତି।

## ଓଡିଏମ୍ ପବ୍ଲିକ୍ ସ୍କୁଲର କୃତିତ୍ୱ

ଭୁବନେଶ୍ୱର,୧୨।୫(ବ୍ୟୁରୋ)

୨୦୨୨-୨୩ ଶିକ୍ଷାବର୍ଷ ପାଇଁ କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ବୋର୍ଡ (ସିବିଏସ୍‌ଇ) ଦ୍ୱାରା ପରିଚାଳିତ ଦଶମ ଶ୍ରେଣୀ ପାଇଁ ସର୍ବଭାରତୀୟସ୍ତରୀୟ ମାଧ୍ୟମିକ ପରୀକ୍ଷାରେ ଓଡିଏମ୍ ପବ୍ଲିକ୍ ସ୍କୁଲ୍‌ର ଛାତ୍ରୀଛାତ୍ର କୃତିତ୍ୱ ହାସଲ କରିଛନ୍ତି। ୨୭୪ କୃତୀ ଛାତ୍ରୀଛାତ୍ରଙ୍କ ମଧ୍ୟରେ କୁମାରୀ ସ୍ୱାତୀ ସୁଚରିତା ସାହୁ ୯୯.୨ ପ୍ରତିଶତ ସହିତ ରାଜ୍ୟରେ ପ୍ରଥମ ସ୍ଥାନରେ ଅଛନ୍ତି। ଏଥିସହ ଶୁଭ୍ରମ୍ ଜ୍ୟୋତି ବେହେରା ୯୯ ପ୍ରତିଶତ ସହିତ ବିଦ୍ୟାଳୟରେ ଦ୍ୱିତୀୟ ସ୍ଥାନରେ ରହିଥିବାବେଳେ ଆଦିତ୍ୟ କିରନ୍

**ସ୍ୱାତୀଙ୍କୁ ଶୁଭେଚ୍ଛା ଜଣାଇଲେ ଅଧ୍ୟକ୍ଷ**

ବଳ ୯୮.୮ ପ୍ରତିଶତ ରଖି ତୃତୀୟ ସ୍ଥାନ ହାସଲ କରିଛନ୍ତି। ୯୮ ପ୍ରତିଶତ ଉପରେ ୯ଜଣ ଛାତ୍ରୀଛାତ୍ର, ୯୫ ପ୍ରତିଶତ ଉପରେ ୪୪ଜଣ ଛାତ୍ରୀଛାତ୍ର, ୯୦ ପ୍ରତିଶତ ଉପରେ ୧୦୭ ଜଣ ଛାତ୍ରୀଛାତ୍ର କୃତିତ୍ୱ ଲାଭ କରିଛନ୍ତି। ବିଦ୍ୟାଳୟ ଅଧ୍ୟକ୍ଷ ଡ. ସତ୍ୟବ୍ରତ ମୀନକେତନ, ପ୍ରବନ୍ଧିକା ଇନ୍ଦୁମତୀ ରାୟ, ମୁଖ୍ୟ କାର୍ଯ୍ୟକାରିଣୀ ଅଧିକାରୀ ସ୍ୱୟନ୍ ସତ୍ୟେନ୍ଦୁ ସମସ୍ତ ପରୀକ୍ଷାର୍ଥୀ, ଶିକ୍ଷୟିତ୍ରୀ ଶିକ୍ଷକ ଓ ଅଭିଭାବକଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

## କଳାରେ ସ୍ନେହା, ବିଜ୍ଞାନରେ ଶୁଭମ, ବାଣିଜ୍ୟରେ ପ୍ରାଚୁର୍ଯ୍ୟ ଟପ୍ପର

ଭୁବନେଶ୍ୱର,୧୨।୫(ବ୍ୟୁରୋ)

**କିଟ୍ ଇଣ୍ଟରନ୍ୟାଶନାଲ ସ୍କୁଲ**

ସିବିଏସ୍‌ଇ ଦ୍ୱାଦଶ କଳା, ବାଣିଜ୍ୟ ଓ ବିଜ୍ଞାନରେ କିଟ୍ ଇଣ୍ଟରନ୍ୟାଶନାଲ ସ୍କୁଲର ଛାତ୍ରୀଛାତ୍ର ପ୍ରଥମ ଶ୍ରେଣୀରେ ପାସ କରିବା ସହ ଶତ ପ୍ରତିଶତ ସଫଳତା ଲାଭ କରିଛନ୍ତି। ଛାତ୍ରୀ ସ୍ନେହା ନାୟକ କଳାରେ ରାଜ୍ୟ ଟପ୍ପର ହେବା ସହ ରିଜିଓନାଲ ଟପ୍ପର ମଧ୍ୟ ହୋଇଛନ୍ତି। ୩୫ ପ୍ରତିଶତ ଛାତ୍ରୀଛାତ୍ର ୯୦ ପ୍ରତିଶତରୁ ଅଧିକ ନମ୍ବର ରଖି ଉତ୍ତୀର୍ଣ୍ଣ ହୋଇଛନ୍ତି। ଶୁଭମ ସୋହନ ବିଜ୍ଞାନରେ ଓ ପ୍ରାଚୁର୍ଯ୍ୟ ମହାନ୍ତି ବାଣିଜ୍ୟରେ ସର୍ବାଧିକ ୯୮ ପ୍ରତିଶତ ନମ୍ବର ରଖିଛନ୍ତି। ସେହିପରି ବିଜ୍ଞାନରେ ସମସ୍ତ ଛାତ୍ରୀଛାତ୍ର ପ୍ରଥମ ଶ୍ରେଣୀ ଉତ୍ତୀର୍ଣ୍ଣ ହୋଇଥିବାବେଳେ ୬୦ ପ୍ରତିଶତରୁ ଅଧିକ ଛାତ୍ରୀଛାତ୍ର ୯୦ ପ୍ରତିଶତରୁ ଅଧିକ ନମ୍ବର ରଖିଛନ୍ତି। ମନିଷା ମଲ୍ଲିକ, ଅସ୍ମୁ ନାୟକ ଓ ଅଦିତି ନାୟକ ସର୍ବାଧିକ ୯୭ ପ୍ରତିଶତ ନମ୍ବର ରଖିଛନ୍ତି। ସ୍କୁଲର ଏହି ସଫଳତାରେ କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ସଫଳତା ପାଇଥିବା ସମସ୍ତ ଛାତ୍ରୀଛାତ୍ରଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ସ୍କୁଲର ଚେୟରପର୍ସନ ଡ. ମୋନାଲିସା ବଳ, ଅଧ୍ୟକ୍ଷ ଡ. ସଞ୍ଜୟ ସୁଆର ତଥା ଶିକ୍ଷୟିତ୍ରୀଶିକ୍ଷକଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ସେହିପରି କଲରାବାଙ୍କ ସ୍ମାର୍ଟ ଭିଲେଜସ୍ଥିତ କଳିଙ୍ଗ ଇଂଲିଶ ମିଡିୟମ ସ୍କୁଲ ଓ କିସ-ଦିଲ୍ଲୀର ଛାତ୍ରୀଛାତ୍ର ମଧ୍ୟ ଶତପ୍ରତିଶତ ସଫଳତା ହାସଲ କରିଛନ୍ତି।

## ବିଜେଇଏମ୍ ସ୍କୁଲ: ଦଶମରେ କାଞ୍ଚି ଭୂମିକା ଟପ୍ପର

ଭୁବନେଶ୍ୱର,୧୨।୫(ବ୍ୟୁରୋ)

ସିବିଏସ୍‌ଇ ଦଶମରେ ବକ୍ସି ଜଗବନ୍ଧୁ ଇଂଲିଶ ମିଡିୟମ ସ୍କୁଲ(ବିଜେଇଏମ୍)ର ମୋଟ ୨୪୨ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିବାବେଳେ ୭୪ଜଣ ୯୦ ପ୍ରତିଶତରୁ ଅଧିକ ନମ୍ବର ରଖି ବିଦ୍ୟାଳୟ ପାଇଁ ଗୌରବ ଆଣିଛନ୍ତି। କାଞ୍ଚି ଭୂମିକା ସର୍ବମୋଟ ୫୦୦ରୁ ସର୍ବାଧିକ ୪୮୯ (୯୭.୮%) ନମ୍ବର ରଖି ସ୍କୁଲ୍ ଟପ୍ପର ହୋଇଛନ୍ତି। ଦ୍ୱିତୀୟରେ ଆକାଂକ୍ଷା ପଣ୍ଡା ୪୮୭ (୯୭.୪% ), ତୃତୀୟରେ ପ୍ରିୟାଂଶୁ ନନ୍ଦ ୪୮୬(୯୭.୨%) ନମ୍ବର ରଖିଛନ୍ତି। ସେହିଭଳି ଦ୍ୱାଦଶ ବିଜ୍ଞାନରେ ଆକାଶ କୁମାର ସିଂ ସର୍ବାଧିକ ୯୭.୪% ନମ୍ବର ରଖିଛନ୍ତି। ୪ଜଣ ଛାତ୍ରୀଛାତ୍ର ୯୫%ରୁ ଅଧିକ ଏବଂ ୨୨ଜଣ ଛାତ୍ରୀଛାତ୍ର ୯୦%ରୁ ଅଧିକ ନମ୍ବର ରଖିଛନ୍ତି। ଯୁକ୍ତ୨ ବାଣିଜ୍ୟରେ ୫ଜଣ ୯୦ପ୍ରତିଶତରୁ ଉର୍ଦ୍ଧ୍ୱ ନମ୍ବର ରଖିଛନ୍ତି। ରିୟା ଆଚାର୍ଯ୍ୟ ସର୍ବାଧିକ ୯୩.୬ ପ୍ରତିଶତ ନମ୍ବର ରଖିନ୍ତି। ବିଦ୍ୟାଳୟ ଚେୟାରମ୍ୟାନ ରଘୁନାଥ ମିଶ୍ର, ମ୍ୟାନେଜର ପ୍ରତାପ ଜେନା ପ୍ରମୁଖ ଛାତ୍ରୀଛାତ୍ରଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।



ସାଇ ଇଣ୍ଟରନ୍ୟାଶନାଲ ସ୍କୁଲ୍ ପରିସରରେ ଦଶମ ପରୀକ୍ଷାର୍ଥୀ ଖୁସି ପ୍ରକାଶ କରୁଛନ୍ତି।

## ସାଇ ଇଣ୍ଟରନ୍ୟାଶନାଲ ସ୍କୁଲର ଉଲ୍ଲେଖନୀୟ ସଫଳତା

ଭୁବନେଶ୍ୱର,୧୨।୫(ବ୍ୟୁରୋ)

**ଦ୍ୱାଦଶରେ ସମସ୍ତେ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ**

ସାଇ ଇଣ୍ଟରନ୍ୟାଶନାଲ୍ ସ୍କୁଲର ଛାତ୍ରୀଛାତ୍ର ସିବିଏସ୍‌ଇ ଦଶମ ଓ ଦ୍ୱାଦଶ ପରୀକ୍ଷାରେ ଉଲ୍ଲେଖନୀୟ ପ୍ରଦର୍ଶନ କରିଛନ୍ତି। ଦ୍ୱାଦଶ ବିଜ୍ଞାନରେ ୯୯.୮ପ୍ରତିଶତ ମାର୍କ ରଖି ପ୍ରତିଷ୍ଠା ପାଲ୍ ରାଜ୍ୟ ଟପ୍ପର ହୋଇଥିବା ବେଳେ ହ୍ୟୁମାନିଟିଜ୍‌ରେ ୯୮ ପ୍ରତିଶତ ମାର୍କ ରଖି ଦିବ୍ୟା ମାଝି, ଇରିଜୟା ଦାଶ ଏବଂ ହରିଓମ୍ ପତି ସ୍କୁଲ୍ ଟପ୍ପର ହୋଇଛନ୍ତି। ସେହିପରି ବାଣିଜ୍ୟରେ ୯୭.୨ ପ୍ରତିଶତ ମାର୍କ ରଖି ଆଦର୍ଶ ଅଗ୍ରୱାଲ୍ ସ୍କୁଲ୍ ଟପ୍ପର ହୋଇଛନ୍ତି। ଚଳିତ ଦ୍ୱାଦଶ ବୋର୍ଡ଼ ପରୀକ୍ଷାରେ ସମସ୍ତ ଛାତ୍ରୀଛାତ୍ର ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଥିବାବେଳେ ସେଥିମଧ୍ୟରୁ ୨୫ ପ୍ରତିଶତ ଛାତ୍ରୀଛାତ୍ର ୯୫ ପ୍ରତିଶତ ମାର୍କରୁ ଅଧିକ ରଖିଛନ୍ତି। ଏହାସହ ୪୫ ପ୍ରତିଶତ ଛାତ୍ରୀଛାତ୍ର ୯୦ ପ୍ରତିଶତ ମାର୍କରୁ ଅଧିକ ଏବଂ ୯୩ ପ୍ରତିଶତ ଛାତ୍ରୀଛାତ୍ର ୭୫ ପ୍ରତିଶତ ମାର୍କରୁ ଅଧିକ ରଖିଛନ୍ତି। ସ୍କୁଲର ପାସ୍ ହାର ୮୮.୩ ପ୍ରତିଶତ ରହିଛି। ବିଜ୍ଞାନରେ ପାସ୍ ହାର ୮୮.୦୨ ପ୍ରତିଶତ, ବାଣିଜ୍ୟରେ ୮୭.୮ ପ୍ରତିଶତ ଏବଂ ହ୍ୟୁମାନିଟିଜ୍‌ରେ ୮୯.୧୬ ପ୍ରତିଶତ ରହିଛି।

ସେହିପରି ଦଶମ ବୋର୍ଡ଼ରେ ସାଇ ଇଣ୍ଟରନ୍ୟାଶନାଲ ସ୍କୁଲ ପ୍ରତିବର୍ଷ ପରି ଚଳିତବର୍ଷ ମଧ୍ୟ ଶତ ପ୍ରତିଶତ ଫଳାଫଳ କରିଛି। ୯୮.୨ ପ୍ରତିଶତ ମାର୍କ ରଖି ପକ୍ଷଲିକା ରାଉତରାୟ ସ୍କୁଲ୍ ଟପ୍ପର ହୋଇଥିବା ବେଳେ ୯୮ ପ୍ରତିାତ ମାର୍କ ରଖି ଦ୍ୱିତୀୟ ସ୍ଥାନରେ ଅନନ୍ୟା ପାଢ଼ୀ ଏବଂ ୯୭.୮ ପ୍ରତିଶତ ମାର୍କ ସହ ପ୍ରିୟାଂଶୀ ବେହେରା ଏବଂ ସୋନାଲି ରଥ ତୃତୀୟ ସ୍ଥାନରେ ରହିଛନ୍ତି। ଚଳିତ ବର୍ଷ ୨୦ ପ୍ରତିଶତ ଛାତ୍ରୀଛାତ୍ର ୯୫ ପ୍ରତିଶତ ମାର୍କରୁ ଉର୍ଦ୍ଧ୍ୱ ରଖିଥିବା ଓ ୫୦ ପ୍ରତିଶତ ଛାତ୍ରୀଛାତ୍ର ୯୦ ପ୍ରତିଶତ ମାର୍କରୁ ଅଧିକ ରଖିଛନ୍ତି। ଶିକ୍ଷକଙ୍କ କଠିନ ପରିଶ୍ରମ ଓ ଅଭିଭାବକଙ୍କ ସହଯୋଗ ଯୋଗୁ ଆମେ ସଫଳତା ପାଇଛୁ ବୋଲି ସ୍କୁଲର ଚେୟାରପର୍ସନ ଡ. ଶିଳ୍ପୀ ସାହୁ କହିଛନ୍ତି।

## ବୈଜ୍ଞାନିକ ହେବି: ପ୍ରତିଷ୍ଠା



ସିବିଏସ୍‌ଇ ଦ୍ୱାଦଶ ବିଜ୍ଞାନ ପରୀକ୍ଷାରେ ସାଇ ଇଣ୍ଟରନ୍ୟାଶନାଲ ସ୍କୁଲ ଛାତ୍ରୀ ପ୍ରତିଷ୍ଠା ପାଲ୍ ରାଜ୍ୟରେ ଟପ୍ପର ହୋଇଛନ୍ତି। ସେ ୯୯.୬% ମାର୍କ ରଖିଛନ୍ତି। ଏହି ସଫଳତାକୁ ନେଇ ତାଙ୍କ ସହ କେଇପଦ କଥା।

**ପ୍ର : ଫଳାଫଳ ଶୁଣିବା ପରେ ଅନୁଭବ କିପରି ଥିଲା?**

ଉ : ମୁଁ ୯୯% ରୁ ଅଧିକ ରଖିବାର ଆଶା ରଖିଥିଲି। ଏହାଠାରୁ ବହୁତ ଭଲ ହୋଇଥିବାରୁ ମୁଁ ବହୁତ ଖୁସି। ରାଜ୍ୟ ଟପ୍ପର ହୋଇଥିବାରୁ ମୋର ଖୁସି ଦ୍ୱିଗୁଣିତ ହୋଇଯାଇଛି।

**ପ୍ର : ପାଠପଢ଼ାରେ କେତେ ସମୟ ଦେଉଥିଲ?**

ଉ : ମୁଁ ପ୍ରତିଦିନ ପାଖାପାଖି ୧୨ ଘଣ୍ଟା ଅଧ୍ୟୟନ କରୁଥିଲି।

**ପ୍ର : ପରୀକ୍ଷା ପ୍ରସ୍ତୁତି କେମିତି ଥିଲା? କାହାକୁ ଶ୍ରେୟ ଦେବେ?**

ଉ : କରୋନା ସମୟରେ ଦଶମ ବୋର୍ଡ଼ ପରୀକ୍ଷା ଅନ୍‌ଲାଇନ୍‌ରେ ହୋଇଥିଲା। ତେଣୁ ଏହା ଆମ ପାଇଁ ପ୍ରଥମ ବୋର୍ଡ଼ ଥିଲା। ତେଣୁ ଦ୍ୱାଦଶ ବୋର୍ଡ଼ ପାଇଁ କଠିନ ପରିଶ୍ରମ କରିଥିଲି। ବିଶେଷକରି ଶିକ୍ଷକଙ୍କ ସହଯୋଗ ସହ ମାତାପିତାଙ୍କ ପ୍ରେରଣା ପାଇଁ ମୋତେ ଏହି ସଫଳତା ମିଳିଛି।

**ପ୍ର : ପାଠପଢ଼ା ସହ ଆଉକ'ଣ କରିବାକୁ ଭଲ ଲାଗେ?**

ଉ : ମୁଁ ଜଣେ ଓଡ଼ିଶୀ ନୃତ୍ୟଶିଳ୍ପୀ। ପାଠପଢ଼ା ସହ ନୃତ୍ୟ, ବକ୍ତୃତା ଓ ଲେଖାଲେଖିକୁ ଅଧିକ ପସନ୍ଦ କରେ।

**ପ୍ର : ଭବିଷ୍ୟତ ଲକ୍ଷ୍ୟ କ'ଣ?**

ଉ : ଭବିଷ୍ୟତରେ ଜଣେ ବୈଜ୍ଞାନିକ ହେବା ପାଇଁ ଆଶା ରଖିଛି। ସେହି ଅନୁସାରେ ନିଜକୁ ବି ପ୍ରସ୍ତୁତ କରୁଛି।

## ଟିଏସ୍‌ଜି ଗୁରୁକୁଳର ୧୦୦% ରେଜଲ୍ଟ

ଭୁବନେଶ୍ୱର,୧୨।୫ (ବ୍ୟୁରୋ)

ସିବିଏସ୍‌ଇ ଦଶମ ଓ ଦ୍ୱାଦଶ ବାର୍ଷିକ ପରୀକ୍ଷାରେ ଟିଏସ୍‌ଜି ଗୁରୁକୁଳର ଛାତ୍ରୀଛାତ୍ର ବାଜିମାତ୍ କରିଛନ୍ତି। ପାସ୍ ହାର ଶତପ୍ରତିଶତ ରହିଛି। ଦଶମରେ ୨୦ଜଣ ଛାତ୍ରୀଛାତ୍ର ଏବଂ ଦ୍ୱାଦଶରେ ୨୪ ଜଣ ୯୦%ରୁ ଅଧିକ ନମ୍ବର ରଖିଥିବାବେଳେ ଦଶମ ଶ୍ରେଣୀର ଛାତ୍ର ସ୍ମୃତିରଞ୍ଜନ ଘୋଷ ଏବଂ ଦ୍ୱାଦଶ ଶ୍ରେଣୀର ଛାତ୍ରୀ ଆଦ୍ୟାଶା ମହାନ୍ତି ୯୭% ନମ୍ବର ସହ ସ୍କୁଲ ଟପ୍ପର ହୋଇଛନ୍ତି। ସେହିପରି ସମସ୍ତ ଛାତ୍ରୀଛାତ୍ର ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇ ସ୍କୁଲର ମାନ ବୃଦ୍ଧି କରିବା ସହ ସଫଳତାର ଆଉଏକ ନୂଆ ଅଧ୍ୟାୟ ସୃଷ୍ଟି କରିଛନ୍ତି। ଏ ସମ୍ପର୍କରେ ଗୁରୁକୁଳ ମୁଖ୍ୟ ଡ. ସାରଦା ପ୍ରସାଦ ମିଶ୍ର କହିଛନ୍ତି, ଛାତ୍ରୀଛାତ୍ରଙ୍କ ଏହି ସଫଳତା ପାଇଁ ସ୍କୁଲ ବେଶ୍ ଗର୍ବ ଅନୁଭବ କରୁଛି। ସ୍କୁଲର ସମସ୍ତ ଶିକ୍ଷୟିତ୍ରୀଶିକ୍ଷକ, ଛାତ୍ରୀଛାତ୍ର ଓ ଅଭିଭାବକଙ୍କୁ ସେ ଶୁଭେଚ୍ଛା ଜଣାଇବା ସହ ଛାତ୍ରୀଛାତ୍ରଙ୍କ ଉଜ୍ୱଳ ଭବିଷ୍ୟତ କାମନା କରିଛନ୍ତି।



ଆଦ୍ୟାଶା ମହାନ୍ତି



ସ୍ମୃତିରଞ୍ଜନ ଘୋଷ



ବିଜେଇଏମ୍ ସ୍କୁଲ୍‌ରେ କୃତୀ ଦଶମ ଏବଂ ଦ୍ୱାଦଶ ଶ୍ରେଣୀର ଛାତ୍ରୀଛାତ୍ରଙ୍କ ସହ ଶିକ୍ଷୟିତ୍ରୀଶିକ୍ଷକ ଓ ସ୍କୁଲ୍ କର୍ମଚାରୀ।



ୟୁନିଟ୍-୧ ମଦର୍ସ ପବ୍ଲିକ୍ ସ୍କୁଲ୍‌ରେ କୃତୀ ଦ୍ୱାଦଶ ଶ୍ରେଣୀର ପିଲାମାନେ ଶିକ୍ଷୟିତ୍ରୀଶିକ୍ଷକଙ୍କ ସହ ଖୁସି ମନାଉଛନ୍ତି।

## ସଂକ୍ଷେପରେ

### ନମ୍ବରବିହୀନ ରଙ୍ଗବୋଲା ପିକ୍‌ଅପ୍ ଜବତ, ଚାଳକ ଫେରାର

ଭୁବନେଶ୍ୱର,୧୨।୫(ବ୍ୟୁରୋ): ଚନ୍ଦ୍ରଶେଖରପୁର ଥାନା ପୋଲିସ ଗୁରୁବାର ବିଳମ୍ବିତ ରାତିରେ ଏକ ନମ୍ବରବିହୀନ ରଙ୍ଗବୋଲା ପିକ୍‌ଅପ୍‌କୁ ଜବତ କରିଛି। ତେବେ କେହି ଦୁର୍ବୃତ୍ତ ଗାଡି ଚୋରି କରିନେଉଥିବା ପୋଲିସ ସନ୍ଦେହ କରିଛି । ଅନ୍ୟପଟେ ଚାଳକ ଗାଡି ଛାଡି ଫେରାର ହୋଇଯାଇଛି। ସୂଚନାନୁସାରେ, ଗୁରୁବାର ରାତିରେ ଭିଏସ୍‌ଏସ ନଗର ରାସ୍ତାରେ ଏକ ପିକ୍‌ଅପ୍ ଭ୍ୟାନ ଯାଉବେଳେ ଗାଡିର ନମ୍ବର ପ୍ଲେଟ ନ ଥିଲା ଏବଂ ଗାଡିଟିରେ ବିଭିନ୍ନ ପ୍ରକାର ରଙ୍ଗବୋଲା ଯାଇଥିଲା। ଯାହାକୁ ଦେଖି ପିସିଆର ଭ୍ୟାନ କର୍ମଚାରୀଙ୍କ ସନ୍ଦେହ ବଢ଼ିଥିଲା। ତେଣୁ ଗାଡିକୁ ଅଟକାଇବା ପାଇଁ କହିବାରୁ ଚାଳକ ଦ୍ରୁତଗତିରେ ସୈନିକ ସ୍କୁଲ ପଟକୁ ନେଇଯାଇଥିଲେ। ପିସିଆର୍ ଗାଡି ମଞ୍ଚେଶ୍ୱର ରେଳୱେ କଲୋନୀ ପର୍ଯ୍ୟନ୍ତ ଯିବାରୁ ଭ୍ୟାନର ଚାଳକ ଚନ୍ଦ୍ରଶେଖରପୁର ଅଞ୍ଚଳ ଆଡକୁ ନେଇଥିଲେ। ଏପରିକି ପରେ ପ୍ରତି ଛକରେ ଥିବା ପିସିଆର୍‌କୁ କହି ୭ଟି ପିସିଆର ଉକ୍ତ ଗାଡ଼ିଟିକୁ ପିଛା କରିଥିଲେ। ଶେଷରେ ଉକ୍ତ ଗାଡିଟିକୁ ପଣ୍ଡାପାର୍କରେ ରହି ଚାଳକ ଫେରାର ହୋଇଯାଇଥିଲା। ଏହାପରେ ଚନ୍ଦ୍ରଶେଖରପୁର ପୋଲିସ ଗାଡିକୁ ଜବତକରି ଥାନାକୁ ଆଣିଛି। ଗାଡିରେ ମାରଣାସ୍ତ୍ର ସହିତ ଏକ ଗ୍ୟାସ କଟର ରହିଛି। ଚେଚିସ ନମ୍ବରକୁ ଆଧାରକରି ପୋଲିସ ତଦନ୍ତ ଆରମ୍ଭ କରିଛି।

### ପ୍ରଧାନମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇଲେ ସୁଦୀପ୍ତ ରାୟ

ଜଟଣୀ,୧୨।୫(ଡି.ଏନ୍.ଏ.): ଜଟଣୀସ୍ଥିତ ନାଇଜର କ୍ୟାମ୍ପସ ପରିସରରେ ନିର୍ମାଣ ହେବ ହୋମି ଭାଭା କର୍କଟ ରୋଗ ଚିକିତ୍ସାଳୟ ଓ ଗବେଷଣା କେନ୍ଦ୍ର। ଗୁରୁବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଭିଡିଓ କନଫରେନ୍ସ ମାଧମରେ ଏହାର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ୨ଶହ ଶଯ୍ୟା ବିଶିଷ୍ଟ ଏହି ହସ୍ପିଟାଲ ୬୫୦ କୋଟି ଟଙ୍କା ବିନିଯୋଗରେ ନିର୍ମାଣ ହେବ। ଏନେଇ ଭାଜପା ରାଜ୍ୟ ପ୍ରବକ୍ତା ସୁଦୀପ୍ତ ରାୟ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଜଟଣୀ, ଖୋର୍ଦ୍ଧା ଏବଂ ଓଡିଶାବାସୀଙ୍କ ପକ୍ଷରୁ କୃତଜ୍ଞତା ଜ୍ଞାପନ କରିଛନ୍ତି। କ୍ୟାନ୍ସର ରୋଗର ଚିକିତ୍ସା କ୍ଷେତ୍ରରେ ବିଶ୍ୱସ୍ତରୀୟ ଓ ଅତ୍ୟାଧୁନିକ ସେବା ପାଇପାରିବେ ବୋଲି ରାୟ କହିଛନ୍ତି।

### ପରିସଂଖ୍ୟାନ ଅଧିକାରୀ ନିତ୍ୟାନନ୍ଦଙ୍କ ସ୍ମୃତିଚାରଣ ସଭା

ଟାଙ୍ଗୀ(ଖୋର୍ଦ୍ଧା),୧୨।୫(ଡି.ଏନ୍.ଏ.): ପରିସଂଖ୍ୟାନ ଅଧିକାରୀ ନିତ୍ୟାନନ୍ଦ ବେହେରାଙ୍କ ଦ୍ୱାଦଶାହ ଦିବସରେ ଏକ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଯାଇଛି। ଶିକ୍ଷାବିତ ଲକ୍ଷ୍ମୀଧର ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଅବସରପ୍ରାପ୍ତ ଶିକ୍ଷକ କିଶୋର ପଟ୍ଟନାୟକ, ଆଇନଜୀବୀ ତଥା ସହପାଠୀ ନିରଞ୍ଜନ ଦାସ, ଅଶ୍ୱିନୀ କୁମାର ମହାନ୍ତି, ସାହିତ୍ୟ ଘର ସଭାପତି ବିଜୟ କୁମାର ରାଉତ, ଶିକ୍ଷକ ପ୍ରସନ୍ନ କୁମାର ଶ୍ରୀଚନ୍ଦନ, ମାଧବ ଚନ୍ଦ୍ର ମହାରଣା, ଗୋପାଳ ସେଣ, ରବୀନ୍ଦ୍ର ବେହେରା, ସମରେଶ ବେହେରା, ଗୌରାଙ୍ଗ ବେହେରା ପ୍ରମୁଖ ଯୋଗଦେଇ ସ୍ମୃତିଚାରଣ କରିଥିଲେ। ପ୍ରାରମ୍ଭରେ ଆତ୍ମାର ସଦ୍‌ଗତି ନିମନ୍ତେ ଏକ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ସନ୍ତୋଷ କୁମାର ବେହେରା ଧନ୍ୟବାଦ ଦେଇଥିଲେ।

# ଶିଳାନ୍ୟାସକୁ ୫ବର୍ଷ, ପାଇକ ସ୍ମାରକୀ କାମ ଆଗଉନି

ଖୋର୍ଦ୍ଧା ଅଫିସ,୧୨।୫



ବୈଠକରେ ଯୋଗଦେଇଥିବା କଳିଙ୍ଗ ପାଇକ ସଂଗଠନର ସଦସ୍ୟମାନେ।

ଓଡ଼ିଆ ଜାତିର ଅସ୍ମିତା ପାଇକ ବିଦ୍ରୋହ। ଭାରତ ସ୍ୱାଧୀନତା ଆନ୍ଦୋଳନରେ ଖୋର୍ଦ୍ଧା ପାଇକ ବୀରଙ୍କ ତ୍ୟାଗ, ବଳିଦାନ ଅତୁଳନୀୟ। ପାଇକ ବୀରଙ୍କ ସ୍ମୃତିରେ ପାଇକ ସ୍ମାରକୀ ନିର୍ମାଣ ପାଇଁ ୨୦୧୮ ଡିସେମ୍ବରରେ ବରୁଣେଇ ପାହାଡ଼ ପାଦଦେଶରେ ତତ୍କାଳୀନ ରାଷ୍ଟ୍ରପତି ରାମନାଥ କୋବିନ୍ଦ ଶିଳାନ୍ୟାସ କରିଥିଲେ। ତେବେ ଶିଳାନ୍ୟାସକୁ ୫ବର୍ଷ ବିତିଥିଲେ ମଧ ଏପର୍ଯ୍ୟନ୍ତ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇପାରି ନାହିଁ। ଏନେଇ କଳିଙ୍ଗ ପାଇକ ସଙ୍ଗଠନ ପକ୍ଷରୁ ଅସନ୍ତୋଷ ପ୍ରକାଶ ପାଇଛି। ସ୍ମାରକୀ ନିର୍ମାଣ ତ୍ୱରାନ୍ୱିତ ଲାଗି ଦାବି କରିଛନ୍ତି। ଏଥିସହିତ ପଞ୍ଚପାଇକଙ୍କ ମୂର୍ତ୍ତି ସ୍ଥଳର ସୌନ୍ଦର୍ଯ୍ୟକରଣ, ଖୋର୍ଦ୍ଧା ଦୁର୍ଗର ପୁନରୁଦ୍ଧାର, ବରୁଣେଇ ପାହାଡ଼ ଶୀର୍ଷରେ ଥିବା ପାଣ୍ଡବ ଖୋଲ ଓ ସୀତାକୁଣ୍ଡ ପର୍ଯ୍ୟନ୍ତ ରାସ୍ତାର ବିକାଶ, ପର୍ବତ ଶୀର୍ଷରୁ ଖୋର୍ଦ୍ଧା ଦୁର୍ଗ ପର୍ଯ୍ୟନ୍ତ ରୋପ ୱେ ନିର୍ମାଣ ପାଇଁ ଦାବି ଉପସ୍ଥାପନ କରାଯାଇଛି।

ଶୁକ୍ରବାର ସଙ୍ଗଠନ ପକ୍ଷରୁ ନବୀନାବାଗ ସ୍ଥିତ କାର୍ଯ୍ୟାଳୟ ପରିସରରେ ସଭାପତି ଭୀମସେନ ପ୍ରଧାନଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକାରୀ କମିଟି ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା ହୋଇଥିଲା। ସ୍ମାରକୀ ନିର୍ମାଣରେ ବିଳମ୍ବକୁ ନେଇ ଉଦ୍‌ବେଗ ପ୍ରକାଶ ପାଇଥିଲା। ରାଜ୍ୟ ସରକାର ସ୍ମାରକୀ ନିର୍ମାଣ ପାଇଁ ୧୦ଏକର ଜମି ଯୋଗାଇ ଦେଇଥିଲେ। ପ୍ରଥମ ପର୍ଯ୍ୟାୟରେ ପ୍ରସ୍ତାବିତ ଜମିକୁ ନେଇ ବିବାଦ ମୁଣ୍ଡ ଟେକିଥିଲା। ପ୍ରସ୍ତାବିତ ଜମିର ଅର୍ଦ୍ଧାଧିକ ସ୍ଥାନ ଘରୋଇ ଅନୁଷ୍ଠାନ, କମ୍ପାନୀ ଅକ୍ତିଆର କରି ରଖିଥିବା ନେଇ ବିଭିନ୍ନ ପାଇକ ସଙ୍ଗଠନ ବିରୋଧ କରିଥିଲେ। ପରେ ପ୍ରସ୍ତାବିତ ସ୍ଥଳ

- ଅଟକିଛି ପାଚେରି ନିର୍ମାଣ
- ଗଡ଼ଖୋର୍ଦ୍ଧାର ପୁନରୁଦ୍ଧାର କରାଯାଉ
- ପଞ୍ଚପାଇକ ସ୍ଥଳ ସୌନ୍ଦର୍ଯ୍ୟକରଣ ଦାବି

ଜଙ୍ଗଲ ବିଭାଗ ଅଧୀନରେ ରହିଥିବା ଜଣାପଡିଥିଲା। ବହୁ ବାଦ ବିବାଦ ପରେ ପ୍ରସ୍ତାବିତ ଜମି ରାଜସ୍ୱ ବିଭାଗର ବୋଲି ଜିଲା ପ୍ରଶାସନ ପକ୍ଷରୁ କୁହାଯାଇଥିଲା। ତେବେ ଜମି ବିବାଦ ତୁଟିବା ପରେ ପ୍ରସ୍ତାବିତ ଜମିର ଫ୍ରି ପ୍ରିମିୟମ ନେଇ ବିବାଦ ଉଠିବା ପରେ ରାଜ୍ୟ ସରକାର କେନ୍ଦ୍ର ସଂସ୍କୃତି ମନ୍ତ୍ରଣାଳୟକୁ ୪୦ଲକ୍ଷ ଟଙ୍କା ଫ୍ରି ପ୍ରିମିୟମରେ ଜମି ଯୋଗାଇ ଦେଇଥିଲେ। ସ୍ମାରକୀ ନିର୍ମାଣ ଦାୟିତ୍ୱରେ ସଂସ୍କୃତି ମନ୍ତ୍ରଣାଳୟ ପକ୍ଷରୁ ଅୟଲ ଇଣ୍ଡିଆ ଫାଉଣ୍ଡେଶନ ରହିଛି। ଗତ ସେପ୍ଟେମ୍ବର ମାସରେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ପ୍ରସ୍ତାବିତ ସ୍ଥାନ ପରିଦର୍ଶନ କରିଥିଲେ। ଏହି ସମୟରେ ଅୟଲ ଇଣ୍ଡିଆ ଫାଉଣ୍ଡେଶନ କର୍ମକର୍ତ୍ତା ଏବଂ ତତ୍କାଳୀନ ଜିଲାପାଳ ସଂଗ୍ରାମ ମହାପାତ୍ର ଏହାର ସମ୍ପୂର୍ଣ୍ଣ ନକ୍ସା ଦେଖାଇଥିଲେ। କେନ୍ଦ୍ରମନ୍ତ୍ରୀ ପ୍ରଧାନ ପ୍ରଥମ ପର୍ଯ୍ୟାୟରେ ପାଚେରି ନିର୍ମାଣ ଲାଗି ପରାମର୍ଶ ଦେଇଥିଲେ। ଗତ ଡିସେମ୍ବରରେ ଶିଳାନ୍ୟାସ ଦିଆଯାଇଥିବା ସ୍ଥାନରେ ଭୂମି ପୂଜନ ପରେ ଖନନ ହୋଇଥିଲା। ତେବେ ପାଚେରି ନିର୍ମାଣ ଅଟକି ରହିଛି। ଗତ ଜାନୁୟାରୀରୁ ଜଙ୍ଗଲ ବିଭାଗ ହସ୍ତକ୍ଷେପ ଯୋଗୁ ତାରବାଡ଼ ପାଚେରି କାମ ଅଟକି ରହିଛି। ଜମି ରାଜସ୍ୱ ବିଭାଗର ବୋଲି ପ୍ରଶାସନ ପକ୍ଷରୁ ଘୋଷଣା ପରେ ଜଙ୍ଗଲ ବିଭାଗର ହସ୍ତକ୍ଷେପ ଯୋଗୁ ବିଭିନ୍ନ ସଙ୍ଗଠନ ପ୍ରମୁଖ ଉଦ୍‌ବେଗ ପ୍ରକାଶ କରିଛନ୍ତି। ସ୍ମାରକୀ କାର୍ଯ୍ୟ ତୁରନ୍ତ ନିର୍ମାଣ ଆରମ୍ଭ କରିବାକୁ କଳିଙ୍ଗ ପାଇକ ସଙ୍ଗଠନ ଦାବି କରିଛି। ଏହି ଅବସରରେ ସଙ୍ଗଠନର ମୁଖ୍ୟ ଉପଦେଷ୍ଟା ସତ୍ୟବାଦୀ ବଳିୟାରସିଂହଙ୍କୁ ଅଭିନନ୍ଦନ ଜ୍ଞାପନ କରାଯାଇଛି। ଅନ୍ୟମାନଙ୍କ ମଧ୍ୟରେ କାର୍ଯ୍ୟକାରୀ ସଭାପତି ଦଳବେହେରା ମୃତ୍ୟୁଞ୍ଜୟ ଛୋଟରାୟ, ମୁଖ୍ୟ ସଞ୍ଚାଳକ ଇଂ.ଶିଶିର ନାୟକ, ଉପଦେଷ୍ଟା ଅମରେନ୍ଦ୍ର ମହାପାତ୍ର, ଉପସଭାପତି ପ୍ରଫୁଲ୍ଲ ସାମନ୍ତରାୟ, ରମେଶ ଚନ୍ଦ୍ର ପାତାଳସିଂହ, ରାମ ନାରାୟଣ ଦାଶ, ଗତିକୃଷ୍ଣ ଉତ୍ତରକବାଟ, ଡ. ନିରଞ୍ଜନ ମହାନ୍ତି, ସମରେନ୍ଦ୍ର ବଳିୟାରସିଂହ, ଧରଣୀଧର ଛୋଟରାୟ, ସୁଷମା ପ୍ରଧାନ, ସମ୍ଭବ ବଳିଆରସିଂହ ଯୋଗଦେଇଥିଲେ। ଅନୁଷ୍ଠାନର ସାଧାରଣ ସମ୍ପାଦକ କୃଷ୍ଣଚନ୍ଦ୍ର ହରିଚନ୍ଦନ ସଂଯୋଜନା କରିଥିଲେ।

### ପୂର୍ବଶତ୍ରୁତାରୁ ଭୀମପୁରରେ ହତ୍ୟା ଘଟଣା: ଅଭିଯୁକ୍ତ ଗିରଫ

ଗମ୍ଭାରୀମୁଣ୍ଡା,୧୨।୫(ଡି.ଏନ୍.ଏ.)

ବାଣପୁର ଥାନା ଅଧୀନ ଭୀମପୁର ଗ୍ରାମର ହରିଜନ ସାହିରେ ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ବୀଭତ୍ସ ହତ୍ୟାକାଣ୍ଡ ଘଟିଥିଲା। ଏଥିରେ ଉକ୍ତ ସାହିର ରବୀନ୍ଦ୍ର ନାଥ ନାୟକ(୭୦)ଙ୍କ ମୃତ୍ୟୁ ହୋଇଥିବା ବେଳେ ସାନଭାଇ ସୋମନାଥ ନାୟକ(୬୫) ଗୁରୁତର ଆହତ ହୋଇଥିଲେ। ଏନେଇ ଅଭିଯୋଗ ପରେ ପୋଲିସ ଏକ ମାମଲା (ନଂ.୧୭୯/୨୨) ରୁଜୁକରି ତଦନ୍ତ ଚଳାଇଥିଲା। ଶୁକ୍ରବାର ପୋଲିସ ଏହି ଘଟଣାରେ ଭୀମପୁର ହରିଜନ ସାହିର ବସନ୍ତ ନାୟକ ଓରଫ କେଲୁ ନାୟକଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ପ୍ରକାଶ ଯେ, ଗୁରୁବାର ରାତି ପ୍ରାୟ ୯ଟାରେ ଦୁଇ ଭାଇ ରବୀନ୍ଦ୍ର ଓ ସୋମନାଥ ଘର ଆଗ ବାରଣ୍ଡାରେ ବସି କଥା ହେଉଥିଲେ। ଏହି ସମୟରେ କେଲୁ ସେଠାରେ ପହଞ୍ଚି ହଠାତ୍ ଏକ କଟୁରିରେ ଦୁଇଭାଇଙ୍କୁ ଆକ୍ରମଣ କରିଥିଲେ। ଚିତ୍କାର ଶୁଣି ସ୍ଥାନୀୟ ଲୋକେ ପହଞ୍ଚିଯିବାରୁ କେଲୁ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ଗୁରୁତର ଅବସ୍ଥାରେ ଦୁଇଭାଇଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରି ବାଣପୁର ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ରବୀନ୍ଦ୍ରଙ୍କୁ ମୃତ ଘୋଷଣା କରିଥିଲେ।

# ଶୃଙ୍ଖଳିତ ରଥଟଣା, ଭିଡ଼ ନିୟନ୍ତ୍ରଣ ଉପରେ ଗୁରୁତ୍ୱ


ବୈଠକରେ ଉପସ୍ଥିତ ଅଧିକାରୀ ଏବଂ ଅନ୍ୟମାନେ।

ଖୋର୍ଦ୍ଧା ଅଫିସ,୧୨।୫

### ରଥଯାତ୍ରା ପ୍ରସ୍ତୁତି ବୈଠକ

ଜୁନ ୨୦ରେ ଘୋଷଯାତ୍ରା। ଶ୍ରୀକ୍ଷେତ୍ର ସମେତ ରାଜ୍ୟର ସମସ୍ତ ଜଗନ୍ନାଥ ମନ୍ଦିରରେ ରଥଯାତ୍ରା ଆୟୋଜନ କରାଯାଇଥାଏ। ଖୋର୍ଦ୍ଧାର ଦୁଇ ପ୍ରମୁଖ ସ୍ଥାନ ମହାପ୍ରଭୁଙ୍କ ଲୀଳାକ୍ଷେତ୍ର ଭାବେ ପରିଚିତ ଗଡ଼ଖୋର୍ଦ୍ଧା ଏବଂ ଜାଗୁଲିପାଟଣା ସ୍ଥିତ ଶ୍ରୀ ଅନନ୍ତ ପୁରୁଷୋତ୍ତମ(ପୂର୍ଣ୍ଣ ବିଗ୍ରହ)ଙ୍କ ଘୋଷଯାତ୍ରା ଆୟୋଜିତ ହୋଇଥାଏ। ଏଥିଲାଗି ଶୁକ୍ରବାର ଜିଲା ପ୍ରଶାସନ ପକ୍ଷରୁ ଏକ ପ୍ରସ୍ତୁତି ବୈଠକ ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଶୃଙ୍ଖଳିତ ରଥଟଣା, ଭିଡ଼ ଓ ଟ୍ରାଫିକ ନିୟନ୍ତ୍ରଣ ଉପରେ ଆଲୋଚନା ହୋଇଥିଲା। ରଥଯାତ୍ରା ପୂର୍ବରୁ ବିଦ୍ୟୁତ୍ ବିଭାଗ ଆବଶ୍ୟକ ବିଦ୍ୟୁତ୍ ମରାମତି କରିବେ। ଖୋର୍ଦ୍ଧା ପୌର ପରିଷଦ ଏବଂ ବ୍ଲକ ପ୍ରଶାସନ, ସରପଞ୍ଚ ସ୍ଥାନୀୟ ଅଞ୍ଚଳରେ ସ୍ୱଚ୍ଛତା, ପାନୀୟଜଳ, ଅନ୍ୟାନ୍ୟ ବ୍ୟବସ୍ଥା କରିବେ। ଜନସ୍ୱାସ୍ଥ୍ୟ ବିଭାଗ ପାଣି ଟ୍ୟାଙ୍କର ପଠାଇବେ। ଜିଲା ମୁଖ୍ୟ ଚିକିତ୍ସାଧିକାରୀ ପ୍ରାଥମିକ ଚିକିତ୍ସା, ଆମ୍ବୁଲାନ୍ସ ବ୍ୟବସ୍ଥା କରିବେ। ରଥ ଗଡ଼ିବା ସ୍ଥାନକୁ ତହସିଲଦାର ଜବରଦଖଲ ମୁକ୍ତ କରିବେ। ଆଇନଶୃଙ୍ଖଳା ଦୃଷ୍ଟିରୁ ପୋଲିସ ମୁତୟନ ରହିବେ। ଜିଲା ସଂସ୍କୃତି ବିଭାଗ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯିବ। ଅଗ୍ନିଶମ ସେବା ସଂସ୍ଥା କର୍ମଚାରୀ ନିୟୋଜିତ ରହିବେ। ପ୍ରାଣନାଥ ସ୍ୱୟଂଶାସିତ ମହାବିଦ୍ୟାଳୟ ଏନ୍‌ସିସି କ୍ୟାଡେଟ ଆଇନଶୃଙ୍ଖଳା ଦାୟିତ୍ୱରେ ସହଯୋଗ କରିବେ। ଉପଜିଲାପାଳ ଦିପ୍ତୀରଞ୍ଜନ ସେଠୀଙ୍କ ସଭାପତିତ୍ୱରେ ଆୟୋଜିତ ଏହି ବୈଠକରେ ବିଭିନ୍ନ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ।

### ୨ ଛାତ୍ରୀଙ୍କୁ ଶ୍ରୀରାମ ଦାସ ମେମୋରିଆଲ ଆୱାର୍ଡ ପ୍ରଦାନ

ଜଟଣୀ,୧୨।୫(ଡି.ଏନ୍.ଏ.)

ଜଟଣୀ ମହାବିଦ୍ୟାଳୟ ରାଜନୀତି ବିଭାଗ ଶେଷ ବର୍ଷ ଛାତ୍ରୀଛାତ୍ରଙ୍କ ଉଦ୍ଦେଶ୍ୟରେ ବିଦାୟୀକାଳୀନ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ମହାବିଦ୍ୟାଳୟ ସମ୍ମିଳନୀ କକ୍ଷରେ ଅଧ୍ୟକ୍ଷ ରାଜୀବ କରଙ୍କ ପୌରୋହିତ୍ୟରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ପ୍ରାରମ୍ଭରେ ଅଧ୍ୟାପକ ବାଳକୃଷ୍ଣ ଚୌଧୁରୀ ଉପଢୌକନ ଦେଇ ଅଧ୍ୟକ୍ଷ କରଙ୍କୁ ସମ୍ମାନିତ କରିଥିଲେ। ୨୦୨୧-୨୨ ମସିହା ରାଜନୀତି ବିଜ୍ଞାନ ସମ୍ମାନରେ ସର୍ବୋଚ୍ଚ ନମ୍ବର ରଖିଥିବା ଛାତ୍ରୀ ସ୍ଥିତିପ୍ରଜ୍ଞା ସାହୁ ଏବଂ ପ୍ରିୟମ୍ବଦା ସାହୁଙ୍କୁ ମହାବିଦ୍ୟାଳୟ ପକ୍ଷରୁ ପ୍ରଫେସର ଶ୍ରୀରାମଚନ୍ଦ୍ର ଦାସ ମେମୋରିଆଲ ଆୱାର୍ଡ ପ୍ରଦାନ କରାଯାଇଥିଲା। ଶ୍ରୀରାମଚନ୍ଦ୍ର ଦାସଙ୍କ ଜୀବନୀ ଓ ଦର୍ଶନ ଉପରେ ଅଧ୍ୟାପକ ବାଳକୃଷ୍ଣ ଚୌଧୁରୀ ଆଲୋକପାତ କରିଥିଲେ। ଅଧ୍ୟାପକ ଦୀପସୁନ୍ଦର ବେହେରା ଧନ୍ୟବାଦ ଦେଇଥିଲେ। ବାସୁଦେବ ବାରିକ, ସ୍ୱପ୍ନାରାଣୀ ପରିଡା, ସତ୍ୟସନ୍ଧାନ ପରିଡା, ପ୍ରିୟଦର୍ଶିନୀ ସାହାଣୀ ପ୍ରମୁଖ ସଭା କାର୍ଯ୍ୟ ପରିଚାଳନାରେ ସହଯୋଗ କରିଥିଲେ।

### ନାଦବ୍ରହ୍ମ ସଙ୍ଗୀତ ଉତ୍ସବ ଉଦ୍‌ଯାପିତ

ଭୁବନେଶ୍ୱର,୧୨।୫(ବ୍ୟୁରୋ)

ସାମାଜିକ ଓ ସାଂସ୍କୃତିକ ଅନୁଷ୍ଠାନ ନାଦବ୍ରହ୍ମ ପକ୍ଷରୁ ଆୟୋଜିତ ନାଦବ୍ରହ୍ମ ସଙ୍ଗୀତ ଉତ୍ସବର ଅନ୍ତିମ ସନ୍ଧ୍ୟା ଶୁକ୍ରବାର ଉତ୍କଳ ରଙ୍ଗମଞ୍ଚରେ ଅନୁଷ୍ଠିତ ହୋଇଯାଇଛି। ଶିଶୁ ସାହିତ୍ୟିକ ଦାଶ୍ ବେନେହୁର ଉଦ୍‌ଯାପନୀ ସନ୍ଧ୍ୟାକୁ ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମରେ ଅତିଥି ଭାବେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ଅତିରିକ୍ତ ଶାସନ ସଚିବ ମଧୁସୂଦନ ଦାସ, ସୁବୋଧ ଚନ୍ଦ୍ର ଆଚାର୍ଯ୍ୟ, ପ୍ରବୋଧ ରଥ, ସଚ୍ଚିଦାନନ୍ଦ ଦାସ, ବ୍ରହ୍ମାନନ୍ଦ ରାଉତ, ପ୍ରଦୀପ ବେହେରା, ନୀଳାଦ୍ରି ମୋହନ ଶତପଥୀ ପ୍ରମୁଖ ଯୋଗଦେଇଥିଲେ। ଜଗନ୍ନାଥ କୁଅଁର ଧନ୍ୟବାଦ ଓ ମୃତ୍ୟୁଞ୍ଜୟ ରଥ ମଞ୍ଚ ପରିଚାଳନା କରିଥିଲେ।

### ଯୋଗମାୟା ଉଚ୍ଚ ବିଦ୍ୟାଳୟ ପରିଦର୍ଶନ କଲେ ବିଧାୟକ


ବିଧାୟକ ରାଜେନ୍ଦ୍ର କୁମାର ସାହୁ ସ୍ଥିତି ଅନୁଧ୍ୟାନ କରୁଛନ୍ତି।

ବୋଲଗଡ଼,୧୨।୫(ଡି.ଏନ୍.ଏ.)

କାଳବୈଶାଖୀ ପ୍ରଭାବରେ ଗତ ମଙ୍ଗଳବାର ପ୍ରବଳ ବର୍ଷା ସହ ପବନ ହେବାରୁ ବୋଲଗଡ଼ର ବିଭିନ୍ନ ଅଞ୍ଚଳରେ ବ୍ୟାପକ କ୍ଷୟକ୍ଷତି ଘଟିଥିଲା। ଏଥିରେ ବଡ଼କୁମାରୀ ପଞ୍ଚାୟତ ଅନ୍ତର୍ଗତ ହାଟବସ୍ତ ଗ୍ରାମସ୍ଥିତ ମା'ଯୋଗମାୟା ପଞ୍ଚାୟତ ଉଚ୍ଚ ବିଦ୍ୟାଳୟର ଶ୍ରେଣୀଗୃହ ଭାଙ୍ଗି ମାଟିରେ ମିଶିଯାଇଛି। ପ୍ରଧାନ ଶିକ୍ଷକ ନିରଞ୍ଜନ ସାମନ୍ତରାୟଙ୍କଠାରୁ ସୂଚନା ପାଇ ବିଧାୟକ ରାଜେନ୍ଦ୍ର ସାହୁ ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରଛନ୍ତି। ଗ୍ରୀଷ୍ମ ଛୁଟି ପରେ ଛାତ୍ରୀଛାତ୍ରଙ୍କ ଅଧ୍ୟୟନକୁ ଦୃଷ୍ଟିରେ ରଖି

#### ଖୁବ୍‌ଶୀଘ୍ର ଶ୍ରେଣୀଗୃହ ନିର୍ମାଣ କରାଯିବ

ପ୍ରଶାସନ ପକ୍ଷରୁ ଯୁଦ୍ଧକାଳୀନ ଭିତ୍ତିରେ ଗୃହ ନିର୍ମାଣ ପାଇଁ ପଦକ୍ଷେପ ନିଆଯିବ ବୋଲି ବିଧାୟକ କହିଛନ୍ତି। ଏନେଇ ବିଧାୟକ ସାହୁ ସ୍ଥାନୀୟ ଗୋଷ୍ଠୀ ଶିକ୍ଷାଧିକାରୀ, ବିଡିଓ, ତହସିଲଦାର ଓ ଜିଲାପାଳଙ୍କ ସହ ଆଲୋଚନା କରିଛନ୍ତି। ଅନ୍ୟପକ୍ଷରେ ବିଦ୍ୟାଳୟ ଖୋଲିବା ପୂର୍ବରୁ ଶ୍ରେଣୀଗୃହ ପୁନଃନିର୍ମାଣ ନ ହେଲେ ଛାତ୍ରୀଛାତ୍ରମାନେ କେଉଁଠି ଅଧ୍ୟୟନ କରିବେ ଚିନ୍ତାରେ ପଡ଼ିଛନ୍ତି ଅଭିଭାବକ ଓ ଶିକ୍ଷକ।

# ନନ୍ଦଳାରେ ରାଜ୍ୟସ୍ତରୀୟ କବିତା ଆସର

କୃଷ୍ଣପ୍ରସାଦ,୧୨।୫(ଡି.ଏନ୍.ଏ.)

ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ଅନ୍ତର୍ଗତ ନନ୍ଦଳାଠାରେ ସଭାପତି ବିଷ୍ଣୁ ପ୍ରସାଦ ଦଳେଇଙ୍କ ସଭାପତିତ୍ୱରେ ମାନସିଂହ ସାହିତ୍ୟ ସଂସଦ ଆନୁକୂଲ୍ୟରେ ୨୯ତମ ରାଜ୍ୟସ୍ତରୀୟ କବିତା ଆସର ଅନୁଷ୍ଠିତ ହୋଇଯାଇଛି। ଉପଦେଷ୍ଟା ପ୍ରେମାନନ୍ଦ ବେହେରା କବିତା ଆସରର ଆଭିମୁଖ୍ୟ ପ୍ରକାଶ କରିଥିଲେ। ସମ୍ପାଦକ ଲଳିତ କୁମାର ସ୍ୱାଇଁ ସମସ୍ତଙ୍କୁ ସ୍ୱାଗତ କରିଥିଲେ। ମୁଖ୍ୟ ଅତିଥିଭାବେ ସୁସାହିତ୍ୟିକା ତଥା ଖରିଆର ସ୍ୱୟଂଶାସିତ ମହାବିଦ୍ୟାଳୟର ଶିକ୍ଷା ବିଭାଗ ଅଧ୍ୟାପିକା ଡ. ଗୀତାଶ୍ରୀ ପ୍ରିୟମ୍ବଦା ସାରଗର୍ଭକ ଭାଷଣ ପ୍ରଦାନ କରି ସାହିତ୍ୟର ବିକାଶ ପାଇଁ ସାହିତ୍ୟିକମାନଙ୍କୁ ଐକ୍ୟ ମନୋଭାବ ପୋଷଣ କରିବା ପାଇଁ ଉଦ୍‌ବୋଧନ ଦେଇଥିଲେ। ଓଡ଼ିଶାର ବିଭିନ୍ନ ସ୍ଥାନ, ଛତିଶଗଡ଼ ଏବଂ ଆମେରିକାରୁ ୫୦ରୁ ଊର୍ଦ୍ଧ୍ୱ କବି କବୟିତ୍ରୀମାନେ ଯୋଗଦେଇ ସ୍ୱରଚିତ କବିତା ପାଠ କରିଥିଲେ। ପୁରୀ ସାମନ୍ତ ଚନ୍ଦ୍ରଶେଖର ମହାବିଦ୍ୟାଳୟର ସୁସାହିତ୍ୟିକା ତଥା ଅଧ୍ୟାପିକା ସୁଶ୍ରୀ ଶିବାନୀ ଜେନା ସଂଯୋଜନା କରିଥିଲେ। ବ୍ରହ୍ମପୁର ତ୍ରିଧାରା ସାହିତ୍ୟ ସଂସଦର ସମ୍ପାଦକ ଲକ୍ଷ୍ମୀନାରାୟଣ ଦାସ ସମସ୍ତ କବିତା ସମୀକ୍ଷା କରିଥିଲେ। ସଂଯୋଜକ ବିଦ୍ୟାଧର ଦଳବେହେରା ଧନ୍ୟବାଦ ଦେଇଥିଲେ। ଜୁନ ୧୦ରେ ଆସନ୍ତା ଆସର ହେବା ନେଇ ସମ୍ପାଦକ ଲଳିତ କୁମାର ସ୍ୱାଇଁ ଘୋଷଣା କରିଥିଲେ।

# ଅନ୍ତର୍ଜାତୀୟ ସେବିକା ଦିବସ

ଜଟଣୀ,୧୨।୫(ଡି.ଏନ୍.ଏ.)

ଖୋର୍ଦ୍ଧାରୋଡ୍ ରେଳମଣ୍ଡଳ ପକ୍ଷରୁ ଅନ୍ତର୍ଜାତୀୟ ସେବିକା ଦିବସ ପାଳିତ ହୋଇଯାଇଛି। ସ୍ୱାସ୍ଥ୍ୟ ସେବା ତଥା ସମାଜରେ ନର୍ସମାନଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ। ଏହି ଅବସରରେ ଫ୍ଲୋରେନ୍ସ ନାଇଟେଙ୍ଗେଲଙ୍କ ଜନ୍ମ ବାର୍ଷିକୀ ଖୋର୍ଦ୍ଧାରୋଡ୍ ମଣ୍ଡଳ ମୁଖ୍ୟ ଚିକିତ୍ସାଳୟରେ ପାଳିତ ହୋଇଯାଇଛି। ମୁଖ୍ୟ ଚିକିତ୍ସା ଅଧୀକ୍ଷକ(ସିଏମ୍‌ଏସ୍) ଡ.ଶରତ ବାବୁ ଓ ତାଙ୍କ ସହଧର୍ମିଣୀ ଡି.ଏସ୍.ୱାନି, ଡା. ପି.କେ. ଦାସ, ଉର୍ମିଳା ଦାସଙ୍କ ସମେତ ରେଲୱେ ହସ୍ପିଟାଲର ଅନ୍ୟ ଡାକ୍ତର, ନର୍ସ ଏବଂ ପାରାମେଡିକାଲ କର୍ମଚାରୀ ଉପସ୍ଥିତ ଥିଲେ। ନିଜ ବୃତ୍ତିକୁ ବିଶ୍ୱସ୍ତ ଭାବେ ଅଭ୍ୟାସ କରିବେ ଏବଂ ସମାଜର କଲ୍ୟାଣ ପାଇଁ ସର୍ବଦା କାର୍ଯ୍ୟ କରିବେ ବୋଲି ନର୍ସମାନେ ପ୍ରତିଶ୍ରୁତି ଦେଇଥିଲେ। ଏହି ଅବସରରେ ଡ. ଶରତ ବାବୁ କହିଥିଲେ, ନର୍ସମାନଙ୍କ ନିଃସ୍ୱାର୍ଥପରତା ଏବଂ ନିଷ୍ଠା ସମଗ୍ର ମାନବ ସମାଜ ପାଇଁ ଏକ ପ୍ରେରଣା। ଡିଭିଜନାଲ ରେଲୱେ ହସ୍ପିଟାଲରେ କାର୍ଯ୍ୟ କରୁଥିବା ନର୍ସମାନେ ଡାକ୍ତରଖାନାର ରୋଗୀମାନଙ୍କୁ ଫଳ ବଣ୍ଟନ କରିଥିଲେ। ସନ୍ଧ୍ୟାରେ ନର୍ସମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା।


ଅନ୍ତର୍ଜାତୀୟ ସେବିକା ଦିବସ ଅବସରରେ ଉପସ୍ଥିତ ନର୍ସ ଓ ଡାକ୍ତର।

# ମା'ତାରିଣୀ ଫାଇଟର୍ସ କ୍ଲବ ବିଜୟୀ



ଟୁର୍ନାମେଣ୍ଟ ଉଦ୍‌ଘାଟନୀ ଉତ୍ସବରେ ଉପସ୍ଥିତ ଅତିଥି, ଖେଳାଳି ଏବଂ ଅନ୍ୟମାନେ।

ଖୋର୍ଦ୍ଧା ଅଫିସ,୧୨।୫

### ହଙ୍ଗମା ଲିଗ୍ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟିତ

ଖୋର୍ଦ୍ଧା ମୁକୁନ୍ଦପ୍ରସାଦ କ୍ଲବ ଆନୁକୂଲ୍ୟରେ ହଙ୍ଗମା ଲିଗ୍ କ୍ରିକେଟ ଟୁର୍ନାମେଣ୍ଟ ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି। ସ୍ଥାନୀୟ ଖେଳପଡିଆରେ ଆୟୋଜିତ ପ୍ରଥମ ମ୍ୟାଚରେ ମା'ତାରିଣୀ ଫାଇଟର୍ସ କ୍ଲବ ବିଜୟୀ ହୋଇଛି। ପ୍ରଥମ ମ୍ୟାଚ୍ ମା' ତାରିଣୀ ଓ ପାଇକ ଇଲେଭେନ ଟିମ୍ ମଧ୍ୟରେ ହୋଇଥିଲା। ଟସ୍ ଜିତି ମା'ତାରିଣୀ ଟିମ୍ ନିର୍ଦ୍ଧାରିତ ଓଭରରେ ୯୩ରନ ସଂଗ୍ରହ କରିଥିଲା। ଜବାବରେ ପାଇକ ଇଲେଭେନ ଟିମ୍ ୫୦ରନ ସଂଗ୍ରହ କରି ପରାଜିତ ହୋଇଥିଲା। ନିଖିଲ ନାୟକ ମ୍ୟାନ ଅଫ୍ ଦି ମ୍ୟାଚ ହୋଇଥିଲେ। ଅନୁଜ ବିଶ୍ୱାଳ ଓ ହରେକୃଷ୍ଣ ଦାସ ମ୍ୟାଚ୍ ପରିଚାଳନା କରିଥିଲେ। ଉଦ୍‌ଘାଟନୀ ମ୍ୟାଚରେ ବିଜେଡି ରାଜ୍ୟ ମହିଳା ଉପାଧ୍ୟକ୍ଷ ବାସନ୍ତି ମହାପାତ୍ର ମୁଖ୍ୟ ଅତିଥିଭାବେ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଖେଳରେ ବିଜୟୀ ହେବାକୁ ହେଲେ ଶୃଙ୍ଖଳା ଜରୁରୀ। ଜଣେ ଜିତିଲେ, ଅନ୍ୟ ଜଣେ ହାରିବ। ବିଜୟ ମନୋଭାବ ଜରୁରୀ, ତେବେ ଉଭୟ ଦଳ ମଧ୍ୟରେ ପରସ୍ପର ପ୍ରତି ସ୍ନେହ, ଶ୍ରଦ୍ଧାଭାବ, ସମନ୍ୱୟ ରଖିବାକୁ ମହାପାତ୍ର ପରାମର୍ଶ ଦେଇଥିଲେ। ଆୟୋଜକ କମିଟିର ସଦସ୍ୟମାନେ ଉପସ୍ଥିତ ଥିଲେ।

# ଅନ୍ତର୍ବିଭାଗୀୟ କ୍ରିକେଟ୍ ଟୁର୍ନାମେଣ୍ଟ ଉଦ୍‌ଘାଟିତ

ଜଟଣୀ,୧୨।୫(ଡି.ଏନ୍.ଏ.)

ଖୋର୍ଦ୍ଧାରୋଡ୍ ରେଳମଣ୍ଡଳ ସ୍ପୋର୍ଟ୍ସ ଆସୋସିଏଶନ ପକ୍ଷରୁ ଶୁକ୍ରବାର ସ୍ଥାନୀୟ ରେଲୱେ ଖେଳପଡ଼ିଆରେ ଅନ୍ତର୍ବିଭାଗୀୟ ଦିବାରାତ୍ର ଟେନିସ୍ ବଲ୍ କ୍ରିକେଟ୍ ଟୁର୍ନାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି। ଖୋର୍ଦ୍ଧା ରୋଡ୍ ମଣ୍ଡଳ ରେଳ ପ୍ରବନ୍ଧକ ରିଙ୍କେଶ ରୟ, ପୂର୍ବତଟ ରେଳପଥ ମହିଳା କଲ୍ୟାଣ ସଙ୍ଗଠନର ସଭାନେତ୍ରୀ ଶୁଭଲକ୍ଷ୍ମୀ ଜେନା, ଅତିରିକ୍ତ ମଣ୍ଡଳ ରେଳ ପ୍ରବନ୍ଧକ (ଓପି) କଲ୍ୟାଣ ପଟ୍ଟନାୟକ, ଅତିରିକ୍ତ ମଣ୍ଡଳ ରେଳ ପ୍ରବନ୍ଧକ (ଇନ୍‌ଫ୍ରା) ଶୁଭ୍ରଜ୍ୟୋତି ମଣ୍ଡଳ, ବରିଷ୍ଠ ମଣ୍ଡଳ ବିତ୍ତ ପ୍ରବନ୍ଧକ ହିମାଦ୍ରି ଭୂଷଣ ବିଶ୍ୱାଳ ପ୍ରମୁଖ ଅତିଥିଭାବେ ଯୋଗଦେଇ ଟୁର୍ନାମେଣ୍ଟକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ରେଳ ପ୍ରବନ୍ଧକ ରୟ ରେଲୱେ ଷ୍ଟାଡିୟମର ସ୍ଥାୟୀ ଉଜ୍ଜଳ ଆଲୋକ ବ୍ୟବସ୍ଥାର ଉଦ୍‌ଘାଟନ କରିଥିଲେ। ପ୍ରଥମ ମ୍ୟାଚ୍ ବାଣିଜ୍ୟ ଏବଂ ବିତ୍ତ ବିଭାଗ ଟିମ୍ ମଧ୍ୟରେ ମ୍ୟାଚ୍ ହୋଇଥିଲା। ବାଣିଜ୍ୟ ବିଭାଗ ଟିମ୍ ୧୫.୩ ଓଭରରେ ୮୮ ରନ ସଂଗ୍ରହ କରିଥିଲା। ଜବାବରେ ବିତ୍ତ ବିଭାଗ ଟିମ୍ ୮୯ରନ ସଂଗ୍ରହ କରି ବିଜୟୀ ହୋଇଥିଲା। ଦ୍ୱିତୀୟ ମ୍ୟାଚ୍ ମେଡିକାଲ ଖୋର୍ଦ୍ଧାରୋଡ୍ ଏବଂ ମେକାନିକାଲ ଖୋର୍ଦ୍ଧାରୋଡ ଟିମ୍ ମଧ୍ୟରେ ହୋଇଥିଲା। ଏଥିରେ ମେକାନିକାଲ ଟିମ୍ ବିଜୟୀ ହୋଇଛି।


ଖୋର୍ଦ୍ଧା ରୋଡ୍ ମଣ୍ଡଳ ରେଳ ପ୍ରବନ୍ଧକ ରିଙ୍କେଶ ରୟ ଖେଳାଳିଙ୍କ ସହ ହାତ ମିଳାଉଛନ୍ତି।

## ସଂକ୍ଷେପରେ

### ଚନ୍ଦନ ବେଶରେ ଅଲାରନାଥଙ୍କ ଦର୍ଶନ



ବ୍ରହ୍ମଗିରି,୧୨।୫(ଡି.ଏନ୍.ଏ.): ପବିତ୍ର ଭଉଁରୀ ଯାତ ଉପଲକ୍ଷେ ଶୁକ୍ରବାର ବ୍ରହ୍ମଗିରିର ପ୍ରଭୁ ଅଲାରନାଥ ସର୍ବାଙ୍ଗ ଚନ୍ଦନ ବେଶ ଅନୁଷ୍ଠିତ ହୋଇଯାଇଛି। ପ୍ରଭୁ ଅଲାରନାଥଙ୍କ ବିଭିନ୍ନ ବେଶ ମଧରୁ ଏହି ସର୍ବାଙ୍ଗ ଚନ୍ଦନ ବେଶ ଅନ୍ୟତମ। ଶ୍ରୀକ୍ଷେତ୍ର ଭଉଁରି ଦିନ ପ୍ରଭୁ ଅଲାରନାଥ ସର୍ବାଙ୍ଗ ଚନ୍ଦନ ବେଶ ହୋଇ ଶ୍ରଦ୍ଧାଳୁଙ୍କୁ ଦର୍ଶନ ଦେଇଥାନ୍ତି। ଅଲାରନାଥଙ୍କ ଭଉଁରି ଯାତ ବା ୨୧ଦିନ ଚାପ ଖେଳ ପରେ ଶୁକ୍ରବାର ହେଉଛି ଶେଷ ଚାପଖେଳ। ସକାଳର ସମସ୍ତ ନୀତିକାନ୍ତି ସରିବା ପରେ ୯ କିଲୋ ଚନ୍ଦନ କାଠକୁ ସେବାୟତମାନେ ଘୋରି ସେଥିରେ କର୍ପୂର, ଅଗୁର ଆଦି ସୁବାସିତ ଦ୍ରବ୍ୟମାନ ପକାଇ ଶ୍ରୀଜୀଉଙ୍କୁ ଚନ୍ଦନ ବେଶ କରାଇଥିଲେ। ପରେ ସନ୍ଧ୍ୟାରେ ମହାପ୍ରଭୁଙ୍କ ଚଳନ୍ତି ପ୍ରତିମା ମଦନ ମୋହନଙ୍କୁ ଏକ ବିରାଟ ଶୋଭାଯାତ୍ରାରେ ଚନ୍ଦନ ପୋଖରୀକୁ ନେଇ ଜଳକ୍ରୀଡ଼ା ଅନୁଷ୍ଠିତ ହୋଇଥିଲା। ମହାପ୍ରଭୁଙ୍କ ଚନ୍ଦନ ବେଶ ଓ ଜଳକ୍ରୀଡା ଦେଖିବାକୁ ବହୁ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା।

### ମନ୍ଦିର ପ୍ରତିଷ୍ଠା, ବିଗ୍ରହ ସ୍ଥାପନ

ଡେଲାଙ୍ଗ,୧୨।୫(ଡି.ଏନ୍.ଏ.) ଡେଲାଙ୍ଗ ବ୍ଲକର ରେଞ୍ଚ ପଞ୍ଚାୟତ ଅନ୍ତର୍ଗତ ପିଢ଼ପାଟଣା ଗ୍ରାମରେ ଗ୍ରାମଦେବତୀ ମା' ନାହାକାଣୀଙ୍କ ମନ୍ଦିର ପ୍ରତିଷ୍ଠା ଓ ବିଗ୍ରହ ସ୍ଥାପନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ୨୧ ଜଣ ମାନସିକଧାରୀ ମହିଳା ଓ ପୁରୁଷ ନିକଟସ୍ଥ ରତ୍ନଚିରା ନଦୀରେ କଳସ ବୁଡାଇ ଯଜ୍ଞମଣ୍ଡପରେ ସ୍ଥାପନ କରିଥିଲେ। ଦେବମଣ୍ଡଳପୂଜା, ଅଗ୍ନିସ୍ଥାପନ, ସୂର୍ଯ୍ୟପୂଜା, ଦେବଦେବୀ ଆବାହନ, ଚଣ୍ଡୀପାଠ, ଗୀତାପାଠ ଓ ପୂର୍ଣ୍ଣାହୁତି ଅନୁଷ୍ଠିତ ହୋଇଥିଲା। ଭାଗୀରଥି ଜେନା କର୍ତ୍ତା ଓ ବାସନ୍ତୀ ଜେନା କର୍ତ୍ରୀ ଭାବରେ କାର୍ଯ୍ୟନିର୍ବାହ କରିଥିବା ବେଳେ ପଣ୍ଡିତ ଭାସ୍କର ରଥ ମୁଖ୍ୟ ପୂଜକ ଭାବେ ପୂଜାର୍ଚ୍ଚନା କରିଥିଲେ। ଅପରାହ୍ନରେ ଘଣ୍ଟ, ଘଣ୍ଟା, ମୃଦଙ୍ଗ, ହରିବୋଲ, ହୁଳହୁଳିରେ ମା'ଙ୍କ ବିଗ୍ରହ ମନ୍ଦିର ମଧରେ ସ୍ଥାପନ କରାଯାଇଥିଲା। ଏହି କାର୍ଯ୍ୟରେ ପ୍ରଶାନ୍ତ କୁମାର ଜେନା, ଗୌରାଙ୍ଗ ଚରଣ ଜେନା, ରବୀନ୍ଦ୍ର ଜେନା, ଶ୍ରୀଧର ଜେନା, ମହେଶ୍ୱର ସାହାଣୀ, ସ୍ୱର୍ଣ୍ଣମୟୀ ଜେନା ପ୍ରମୁଖଙ୍କ ସମେତ ଗ୍ରାମବାସୀ ସହଯୋଗ କରିଥିଲେ।

### ଭଉଁରି ଯାତ୍ରାରେ ଜଳଦାନ ଶିବିର

ପୁରୀ ଅଫିସ, ୧୨।୫: ଶ୍ରୀକ୍ଷେତ୍ର ଭଉଁରି ଯାତ୍ରା ଉପଲକ୍ଷେ ସାମାଜିକ କର୍ମୀ ଓମ୍ ମହାନ୍ତିଙ୍କ ନେତୃତ୍ୱରେ ସେବା ଓ ସଂସ୍କାର ଅନୁଷ୍ଠାନ ପକ୍ଷରୁ ଏସ୍‌ସିଏସ୍ କଲେଜ ପରିସରରେ ଜଳଦାନ ଶିବିର ଆରମ୍ଭ ହୋଇଛି। ଏହାକୁ ଜାତୀୟ ସେବା ସଂସ୍ଥାର ପ୍ରଥମ ଗ୍ରୁପ ଲିଡର ବଦ୍ରି ମିଶ୍ର ଉଦଘାଟନ କରିଥିଲେ। ଅଭିଲାଷ ମିଶ୍ର, ପ୍ରିୟଙ୍କା ପଣ୍ଡା, କଲ୍ୟାଣୀ ସେଠୀ, ଶୁଭଶ୍ରୀ ଜେନା, ସୁମନ ଶର୍ମା, ପ୍ରୀତିଲିସା ପାଇକରାୟ, ହେମନ୍ତ ଦାସ ଏବଂ ବାସୁଦେବ ସେନାପତି ପ୍ରମୁଖ କାର୍ଯ୍ୟକ୍ରମରେ ସାମିଲ ଥିଲେ। ସେହିପରି ଅକ୍ଷୟ ତୃତୀୟଠାରୁ ଭାରତ ସ୍କାଉଟ୍ସ ଆଣ୍ଡ ଗାଇଡ, ଓଡ଼ିଶା ରାଜ୍ୟ ଶାଖା ଦ୍ୱାରା ପରିଚାଳିତ ଶ୍ରୀକ୍ଷେତ୍ର ରୋଭରକ୍ରିଉ ଆଣ୍ଡ ରେଞ୍ଜର ଟିମ ପକ୍ଷରୁ ଆରମ୍ଭ ହୋଇଥିବା ଜଳଛତ୍ର ଶିବିର ଭଉଁରି ଯାତ୍ରା ଅବସରରେ ଉଦ୍‌ଯାପିତ ହୋଇଯାଇଛି। ୟୁନିଟ୍ ଲିଡର ରାଜେନ୍ଦ୍ର ନାରାୟଣ ହରିଚନ୍ଦନଙ୍କ ତତ୍ତ୍ୱାବଧାନରେ ମେଡିକାଲ ଛକ ନିକଟ ଜେଲ୍ ରୋଡ୍‌ଠାରେ ୨୦ ଦିନ ଧରି ଏହି ଜଳଛତ୍ର ଖୋଲାଯାଇଥିଲା। ଜନସାଧରଣ, ପର୍ଯ୍ୟଟକ, ତୀର୍ଥଯାତ୍ରୀ ଓ ସହରବାସୀ ଟଙ୍କତୋରାଣି, ବିଶୁଦ୍ଧ ପାନୀୟଜଳ, ଦହି, ଲେମ୍ବୁପାଣି, ସର୍ବତ ପ୍ରଭୃତି ବଣ୍ଟନ କରାଯାଇଥିଲା। କାର୍ଯ୍ୟକ୍ରମରେ ରେଞ୍ଜର ରେଖା ମାନସିଂ, ପ୍ରଶାନ୍ତ ମୁଦୁଲି, ପ୍ରହ୍ଲାଦ ଖୁଣ୍ଟିଆ, ସୂର୍ଯ୍ୟନାରାୟଣ ମହାପାତ୍ର, ଆଦିତ୍ୟ ନାରାୟଣ ପ୍ରତିହାରୀ, ଶୁଭମ କୁମାର ସାହୁ, ପ୍ରୟାସ ମହାପାତ୍ର, ସ୍ମିତିରଞ୍ଜନ ପ୍ରଧାନ, ମନୋଜ କୁମାର ସାମନ୍ତ, କୈଳାସ ଚନ୍ଦ୍ର ଜେନା, ସିମରନ୍ ଜେନା, କିରଣ ଚୌଧୁରୀ, ଆରତି ମହାନ୍ତି, ଶୁଭାଶିନୀ ପରିଡ଼ା ପ୍ରମୁଖ ସାମିଲ ଥିଲେ। କାର୍ଯ୍ୟକ୍ରମକୁ ଅନ୍ତର୍ଜାତୀୟ କମିଶନର ସ୍କାଉଟ୍ସ ମଧୁସୂଦନ ଆଲ୍ଲୀ ଏବଂ ଭାରତ ସ୍କାଉଟ୍ସ ଆଣ୍ଡ ଗାଇଡ୍ସର ଜାତୀୟ ନିର୍ଦ୍ଦେଶକ ରାଜ କୁମାର କୌଶିକ ଉଦଘାଟନ କରିଥିଲେ।

# ସାକ୍ଷୀଗୋପାଳ ଠାକୁରଙ୍କ ଭଉଁରି ଯାତ୍ରା

**ସାକ୍ଷୀଗୋପାଳ, ୧୨।୫(ଡି.ଏନ୍.ଏ./ସ୍ୱ.ପ୍ର.)**

ସାକ୍ଷୀଗୋପାଳ ଠାକୁରଙ୍କ ଭଉଁରି ଯାତ୍ରା ଉପଲକ୍ଷେ ଶୁକ୍ରବାର ମନ୍ଦିରଠାରୁ ଚନ୍ଦନ ପୁଷ୍କରିଣୀ ପର୍ଯ୍ୟନ୍ତ ଶ୍ରଦ୍ଧାଳୁଙ୍କ ସମାବେଶକୁ ନେଇ ଚଳଚଞ୍ଚଳ ହୋଇଥିଲା। ମଧ୍ୟାହ୍ନରେ ବୀରକେଶରୀ ବଲ୍ଲଭ ଭୋଗ, ଆଲଟଲାଗି, ଚନ୍ଦନବେଢା, କାଛିଲାଗି, ଚନ୍ଦନ ଚର୍ଚ୍ଚିତ ବେଶ ଓ ପଣାଭୋଗ କରାଯାଇ ବିଜେ ପ୍ରତିମା ମଦନ ମୋହନ ସୁସଜ୍ଜିତ ବିମାନରେ ଚନ୍ଦନ ମଣ୍ଡପକୁ ବିଜେ କରିଥିଲେ। ଦିନ ଚାପରେ ତିନି ଘେରା ଓ ପୁଷ୍କରିଣୀର ପ୍ରତ୍ୟେକ କୋଣରେ ୭ ଘେରା ଲେଖାଏଁ ଭଉଁରି ଖେଳିଥିଲେ। ପରେ ମଦନ ମୋହନଙ୍କ ଚନ୍ଦନସ୍ନାନ ନୀତି ଅନୁଷ୍ଠିତ ହୋଇଥିଲା। ଦ୍ୱିପ୍ରହର ଧୂପ, ପଣାଭୋଗ, ସନ୍ଧ୍ୟା ଆଳତି, ଗୋଧନ ବାହୁଡାଭୋଗ, ସନ୍ଧ୍ୟାଧୁପ ବେଶ, ଚନ୍ଦନ ମଣ୍ଡପରେ ମଦନ ମୋହନଙ୍କ ବେଶ, ଟାହିଆଲାଗି, ଯାତଭୋଗ, ଗୋଟିପୁଅ ନୃତ୍ୟ ପରିବେଷଣ କରାଯାଇଥିଲା। ସନ୍ଧ୍ୟାଧୂପ, ବଡସିଂହାର ନୀତି ପରେ



ଭଉଁରିଯାତ୍ରା ଅବସରରେ ଠାକୁର ଚାପ ଖେଳୁଛନ୍ତି।

### ଆକର୍ଷଣ ସାଜିଲା ଚନ୍ଦନ ଚର୍ଚ୍ଚିତ ବେଶ, ସାହିଯାତ

ରାତିଚାପ ଆରମ୍ଭ ହୋଇଥିଲା। ରାତିଚାପ ୭ ଘେରା ଓ ପ୍ରତ୍ୟେକ କୋଣରେ ୨୧ ଘେରା ଲେଖାଏ ଭଉଁରି ଖେଳ ଅନୁଷ୍ଠିତ ହୋଇଥିଲା। ଠାକୁରଙ୍କ ଭଉଁରି ଖେଳ ଦେଖିବାକୁ ଚନ୍ଦନ ପୋଖରୀ ନିକଟରେ ଶ୍ରଦ୍ଧାଳୁମାନଙ୍କର ସମାଗମ ଲାଗିଥିଲା। ଚାପଖେଳ ପରେ ସାହିଜାତରେ ପାରମ୍ପରିକ ନାଗା, ଗାଦି ଗୋସାଇଁ, ବନାଟି, ମେଢ଼ ନୃତ୍ୟ ଆଦି ପଟୁଆର ଅନୁଷ୍ଠିତ ହୋଇଥିଲା। ସେବାୟତ ସଂଘର ପନ୍ତିଭୋଗ ପରେ ମଦନ ମୋହନ ବିଳମ୍ବିତ ରାତିରେ ମନ୍ଦିରକୁ ପ୍ରତ୍ୟାବର୍ତ୍ତନ କରିଥିଲେ। ଉଜାଗା ପକ୍ଷରୁ ସାହିଯାତ, ମନ୍ଦିର ପ୍ରଶାସନର ଶ୍ରୀରାମ ଲୀଳା ପରିବେଷଣ କରାଯାଇଥିଲା।

# ସଙ୍ଗୀତ, ନୃତ୍ୟରେ ଝୁମିଲେ ଦର୍ଶକ



କାର୍ଯ୍ୟକ୍ରମରେ ସତ୍ୟବାଦୀ ସଙ୍ଗୀତ ମହାବିଦ୍ୟାଳୟର ଛାତ୍ରୀଛାତ୍ର ନୃତ୍ୟ ପରିବେଷଣ କରୁଛନ୍ତି।

**ସାକ୍ଷୀଗୋପାଳ, ୧୨।୫(ସ୍ୱ.ପ୍ର./ଡି.ଏନ୍.ଏ.)**

ସାକ୍ଷୀଗୋପାଳଙ୍କ ଭଉଁରି ଯାତ୍ରା ଉପଲକ୍ଷେ ସ୍ଥାନୀୟ ସତ୍ୟବାଦୀ ସଙ୍ଗୀତ ମହାବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ ନେଇ ବିଦ୍ୟାଳୟ ସମ୍ମୁଖରେ ପ୍ରତିବର୍ଷ ଭଳି ଚଳିତ ବର୍ଷ ଚନ୍ଦନ ଯାତ୍ରା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଥମେ ସାକ୍ଷୀଗୋପାଳ ମନ୍ଦିର କାର୍ଯ୍ୟନିର୍ବାହୀ ଅଧିକାରୀ ବିଶ୍ୱବାସୀ ତ୍ରିପାଠୀ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ପରେ ଅନୁଷ୍ଠାନର ଛାତ୍ରୀଛାତ୍ରଙ୍କୁ ନେଇ ସାଂସ୍କୃତିକ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଥିଲା। ଅପର୍ଣ୍ଣା, ସୋନାଲି, କାଦମ୍ବିନୀ, ସୋମ୍ୟା, ରିତିକୃଷ୍ଣା, ସୁଭମ, ଅଯୁସା, ରୁଦ୍ର, ପ୍ରୀତିରେଖା, ସାଇସମୃଦ୍ଧ, ଆରାଧ୍ୟ, ପଲଭି, ଦେବାଂଶୀ,ସୁହନା, ସୁଭାସ୍ମିତା, ଲିଟି ପ୍ରମୁଖ ନୃତ୍ୟ, ସଙ୍ଗୀତ ପରିବେଷଣ କରିଥିଲେ। ଛାନ୍ଦ, ଚମ୍ପୁ ଓ ସମ୍ବଲପୁରୀ ଗୀତର ତାଳେ ତାଳେ ମନଭରି ଉପଭୋଗ କରିଥିଲେ ଦର୍ଶକ। ଅନୁଷ୍ଠାନର ସମ୍ପାଦକ ବଦ୍ରିନାରାୟଣ ଖୁଣ୍ଟିଆ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# 'ନର୍ସମାନେ ସମାଜ ଲାଗି ଦର୍ପଣ ସଦୃଶ'



ଗୋପସ୍ଥିତ ମାଟିଆଖାତ ନିକଟସ୍ଥ ମୁକ୍ତି ଗ୍ରୁପ ଅଫ୍ ଇନଷ୍ଟିଚ୍ୟୁଟରେ ଆୟୋଜିତ ବିଶ୍ୱ ନର୍ସ ଦିବସ କାର୍ଯ୍ୟକ୍ରମରେ ଅତିଥି ଏବଂ ଅନ୍ୟମାନେ।

**ଗୋପ,୧୨।୫(ଡି.ଏନ୍.ଏ.)**

### ମୁକ୍ତି ଗ୍ରୁପ ଅଫ୍ ଇନଷ୍ଟିଚ୍ୟୁଟରେ ବିଶ୍ୱ ନର୍ସ ଦିବସ

ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ନର୍ସମାନଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଯେକୌଣସି ରୋଗରେ ପୀଡିତ ହୋଇ ରୋଗୀମାନେ ସ୍ୱାସ୍ଥ୍ୟ ସେବା ପାଇଁ ଡାକ୍ତରଖାନା ଆସନ୍ତି, ପ୍ରାଥମିକ ସେବା ଭାବେ ନର୍ସମାନେ ହିଁ ସେବା କରିଥାନ୍ତି। ତେଣୁ ସେମାନେ ନର୍ସମାନେ ସମାଜ ଲାଗି ଦର୍ପଣ ସଦୃଶ ବୋଲି ଶୁକ୍ରବାର ଗୋପସ୍ଥିତ ମାଟିଆଖାତ ନିକଟସ୍ଥ ମୁକ୍ତି ଗ୍ରୁପ ଅଫ୍ ଇନଷ୍ଟିଚ୍ୟୁଟରେ ଆୟୋଜିତ ବିଶ୍ୱ ନର୍ସ ଦିବସ ଅବସରରେ ଯୋଗଦେଇ ଥିବା ମୁଖ୍ୟ ଅତିଥି ଇ ଟେଣ୍ଟି ଫୋର୍‌ର ଅଧକ୍ଷ ରାଜେଶ କୁମାର ମିଶ୍ର କହିଥିଲେ। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ବକ୍ତା ଭାବେ ବିକାଶ ଅନୁଷ୍ଠାନର ପ୍ରତିଷ୍ଠାତା ଅଶୋକ କୁମାର ନନ୍ଦ, ଗୋପ ବ୍ଲକ ଉପାଧକ୍ଷ ବନରଞ୍ଜନ ପଟ୍ଟନାୟକ ଯୋଗଦେଇ ସମାଜସେବା କ୍ଷେତ୍ରରେ ଓ ସମାଜ ଲାଗି ନର୍ସମାନଙ୍କ ଭୂମିକା କେତେ ଗୁରୁତ୍ୱପୂର୍ଣ୍ଣ ତା'ଉପରେ ମତ ରଖିଥିଲେ। କାର୍ଯ୍ୟକ୍ରମ ଆରମ୍ଭରେ ଅତିଥିମାନେ ବିଶ୍ୱ ନର୍ସ ଦିବସ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଶେଷରେ ଅଧୟନରତ ନର୍ସ ଛାତ୍ରୀଛାତ୍ରମାନେ ସମାଜ ସେବାରେ ନିଜକୁ ଉତ୍ସର୍ଗ କରିବା ପାଇଁ ଶପଥ ଗ୍ରହଣ କରିଥିଲେ। ନର୍ସ ଅଧୟନରତ ଛାତ୍ରୀ ସେବାର ମନୋଭାବ ଓ ସମାଜରେ ନର୍ସମାନଙ୍କ ଭୂମିକା ଓ ରୋଗୀ ସେବାକୁ ନେଇ ବିଭିନ୍ନ ପ୍ରକାରର ସାଂସ୍କୃତିକ କାର୍ଯ୍ୟକ୍ରମ ବେଶ୍ ହୃଦୟସ୍ପର୍ଶୀ ହୋଇଥିଲା। ଏହି କାର୍ଯ୍ୟକ୍ରମକୁ ମୁକ୍ତି ଗ୍ରୁପ ଅଫ ଇନଷ୍ଟିଚ୍ୟୁଟ ଅଧକ୍ଷ ଗଣେଶ ଚନ୍ଦ୍ର ଦାସ, ସ୍ନିଗ୍ଧା ସୁରଚିତା ପାତ୍ର, ଗୀତାଞ୍ଜଳି କାଣ୍ଡି, ରଶ୍ମିରେଖା ବେହେରା, ଦୀପକ କୁମାର ରାଉତ, ବର୍ଷା ପ୍ରିୟଦର୍ଶିନୀ ପଣ୍ଡାଙ୍କ ସହିତ ଅନ୍ୟମାନେ ପରିଚାଳନା କରିଥିଲେ।

### ବିଜେଡିର ୱାର୍ଡସ୍ତରୀୟ ଜନ ଅଭିଯୋଗ ଶୁଣାଣି

**ଡେଲାଙ୍ଗ,୧୨।୫(ଡି.ଏନ୍.ଏ.)**

ଡେଲାଙ୍ଗ ବ୍ଲକ ଗୁଆଳିପଡା ପଞ୍ଚାୟତ ଅଧୀନ ଗୁଡୁପାଇଲୋ ଗ୍ରାମର ବାତ୍ୟା ଆଶ୍ରୟସ୍ଥଳୀ ପରିସରରେ ଶୁକ୍ରବାର ବିଜୁ ଜନତା ଦଳର ଜନଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଡେଲାଙ୍ଗ ବିଜେଡି ବ୍ଲକ ସଭାପତି ବୈରାଗୀ ଜେନାଙ୍କ ସଭାପତିତ୍ୱରେ ବିଧାୟକ ରୁଦ୍ରପ୍ରତାପ ମହାରଥୀ, ବ୍ଲକ ଅଧ୍ୟକ୍ଷା ବାସନ୍ତୀ ସାହୁ, ଉପାଧକ୍ଷ ଦୁର୍ବାଶା ନିଶଙ୍କ, ପୂର୍ବତନ ସରପଞ୍ଚ କାଳନ୍ଦୀଚରଣ ଜେନା ପ୍ରମୁଖଙ୍କ ସହିତ ଶତାଧିକ ବିଜେଡି କର୍ମୀ ଉପସ୍ଥିତ ରହି ପଞ୍ଚାୟତର ସମସ୍ତ ୱାର୍ଡର ସମସ୍ୟା ଓ ତା'ର ସମାଧାନ ସମ୍ପର୍କରେ ଆଲୋଚନା କରିଥିଲେ। ନୂତନ ରାସ୍ତା ନିର୍ମାଣ, ପୁରୁଣା ରାସ୍ତା ମରାମତି, ପାନୀୟ ଜଳ ଯୋଗାଣ, ଆବାସ ଯୋଜନା, ରାଶନ କାର୍ଡ, ୪ମାସ ହେଲାଣି ଭତ୍ତା ନ ମିଳିବା ପ୍ରମୁଖ ବିଷୟରେ ଆଲୋଚନା କରାଯାଇଥିଲା। ମହଜୁଦ ଥିବା ଏମ୍‌ପି, ଏମ୍‌ଏଲ୍‌ଏ, ଜିଲା ପରିଷଦ ଲ୍ୟାଡରୁ ଅର୍ଥ ଖର୍ଚ୍ଚ କରି ଖୁବ୍‌ଶୀଘ୍ର ସାଧାରଣ ସମସ୍ୟାର ସମାଧାନ କରାଯିବ ବୋଲି ବିଧାୟକ ମହାରଥୀ କହିଥିଲେ। କର୍ମୀ ସରୋଜ ମିଶ୍ର ଡେଲାଙ୍ଗ-ବ୍ରହ୍ମଗିରି ରାସ୍ତାକୁ ସଂଯୋଗ କରୁଥିବା ଗ୍ରାମ୍ୟ ରାସ୍ତାଗୁଡ଼ିକର ମରାମତି, ନଳକୂପର ମରାମତି, ମାଛପଡା ଗ୍ରାମରେ ପାନୀୟ ଜଳ ସମସ୍ୟା ସମାଧାନ, ଚକରାସ୍ତାର ଦୋହରୀକରଣ, ଗୁଡୁପାଇଲୋ ଗ୍ରାମ ସନ୍ନିକଟରେ ଆନିକଟ ନିର୍ମାଣ ଆଦି କରିବା ନେଇ ଅଭିଯୋଗ କରିଥିଲେ। ସମସ୍ତ ସମସ୍ୟାର ତୁରନ୍ତ ସମାଧାନ କରାଯିବ ବୋଲି ଅଧକ୍ଷା ସାହୁ ମତବ୍ୟକ୍ତ କରିଥିଲେ।

# ନିଖୋଜ ମହିଳାଙ୍କ ମୃତଦେହ ଜବତ

**ବ୍ରହ୍ମଗିରି,୧୨।୫(ଡି.ଏନ୍.ଏ):**

### ହତ୍ୟା ଅଭିଯୋଗ ଆଣିଲେ ବାପଘର

ବ୍ରହ୍ମଗିରି ଥାନା ଅନ୍ତର୍ଗତ କାଣ୍ଡଗୋଦା ନିକଟସ୍ଥ ମନାପୁର ଗହିରରେ ଶୁକ୍ରବାର ନିଖୋଜ ହୋଇଯାଇଥିବା ଜଣେ ମହିଳାଙ୍କ ଗଳିତ ମୃତଦେହକୁ ବ୍ରହ୍ମଗିରି ପୋଲିସ ଜବତ କରିଛି। ସେ ହେଲେ ଉକ୍ତ ଥାନା ଅନ୍ତର୍ଗତ ଜାଡିପୁର ଗ୍ରାମର ଲିପାଞ୍ଜଳି ବରାଳ(୨୩)। ତେବେ ଝିଅକୁ ଶାଶୁଘର ଲୋକେ ହତ୍ୟା କରିଥିବା ନେଇ ଲିପାଞ୍ଜଳିଙ୍କ ବାପଘର ପକ୍ଷରୁ ଥାନାରେ ଅଭିଯୋଗ କରାଯାଇଛି। ଏ ନେଇ ପୋଲିସ ଏକ ମାମଲା (ନଂ.୧୦୧/୨୩) ରୁଜୁ କରି ମୃତାଙ୍କ ସ୍ୱାମୀଙ୍କୁ ଅଟକ ରଖି ପଚରାଉଚରା ଚଳାଇଛି। ସୂଚନାଯୋଗ୍ୟ, ୪ ବର୍ଷ ତଳେ ଚନ୍ଦନପୁର ଥାନା ଅନ୍ତର୍ଗତ ସିକତନୂଆପଡ଼ା ଅଞ୍ଚଳର ଲିପାଞ୍ଜଳି ଜାଡ଼ିପୁର ଗ୍ରାମରେ ବିବାହ କରିଥିଲେ। ବିବାହର କିଛି ବର୍ଷ ପରେ ପାରିବାରିକ କଳହ ହେଉଥିବା ନେଇ ଲିପାଞ୍ଜଳି ବାପଘରକୁ ଜଣାଇଥିଲେ। ଏପରିକି ଗତ କିଛିଦିନ ତଳେ ଏହି ବିବାଦ ନେଇ ଲିପାଞ୍ଜଳି ନିଖୋଜ ଥିବା ନେଇ ରବିବାର ତାଙ୍କ ବାପଘର ଓ ଶ୍ୱଶୁର ଘର ତରଫରୁ ବ୍ରହ୍ମଗିରି ଥାନାରେ ଅଭିଯୋଗ ହୋଇଥିଲା। କିନ୍ତୁ ଏହି ଅଭିଯୋଗର ୬ ଦିନ ପରେ ଅର୍ଥାତ ଶୁକ୍ରବାର ସକାଳୁ ଲିପାଞ୍ଜଳିଙ୍କ କ୍ଷତବିକ୍ଷତ ଗଳିତ ମୃତଦେହ ମନାପୁର ଗହିରରେ ପଡ଼ିଥିବାର ଦେଖି ସ୍ଥାନୀୟ ଲୋକେ ବ୍ରହ୍ମଗିରି ପୋଲିସକୁ ଖବର ଦେଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିଛି। ଅପରପକ୍ଷେ ଲିପାଞ୍ଜଳିଙ୍କ ନିଖୋଜ ଓ ପରେ ତାଙ୍କ କ୍ଷତବିକ୍ଷତ ଶବ ମିଳିବା ପରେ ବାପଘର ପକ୍ଷରୁ ଶ୍ୱଶୁର ଘର ଲୋକେ ହତ୍ୟା କରିଥିବା ଅଭିଯୋଗ କରିଛନ୍ତି।

# ମଦ କିଣାକୁ ନେଇ ଗଣ୍ଡଗୋଳ, ୨ ଆହତ

**ସାକ୍ଷୀଗୋପାଳ, ୧୨।୫(ସ୍ୱ.ପ୍ର./ଡି.ଏନ୍.ଏ.)**

ସାକ୍ଷୀଗୋପାଳର ବସୁକେରା ଗ୍ରାମରେ ଥିବା ଏକ ମଦ ଦୋକାନରେ ମଦ କିଣାବିକାକୁ ନେଇ ଦୋକାନ କର୍ମଚାରୀ ଓ ଗ୍ରାହକଙ୍କ ମଧ୍ୟରେ ପ୍ରଥମେ କଥା କଟାକଟି ହୋଇ ପରେ ଗଣ୍ଡଗୋଳର ରୂପ ନେଇଥିଲା। ଏଥିରେ ଦୋକାନ କର୍ମଚାରୀଙ୍କ ଆକ୍ରମଣରେ ୨ ଗ୍ରାହକ ଆହତ ହୋଇଛନ୍ତି। ସୂଚନା ମୁତାବକ, ସତ୍ୟବାଦୀ ବ୍ଲକ କାଦୁଆ ପଞ୍ଚାୟତ ଭଟପୁର ଗ୍ରାମର ୨ଜଣ ବ୍ୟକ୍ତି ବାଙ୍କା ଛାଟୋଇ ଓ ସୁଦର୍ଶନ ସ୍ୱାଇଁ ଉକ୍ତ ମଦ ଦୋକାନରୁ ମଦ ପିଇ ସାରିବା ପରେ ଟଙ୍କା ଦେଇଥିଲେ। ଟଙ୍କା ଦେବା ସମୟରେ ଗୋଟିଏ ମଦର ହିସାବକୁ ନେଇ ପାଟିତୁଣ୍ଡ ହୋଇଥିଲା। ଦୋକାନରେ ଥିବା କର୍ମଚାରୀଙ୍କ କହିବାନୁଯାୟୀ ଗୋଟିଏ ମଦ ଏହି ବ୍ୟକ୍ତିମାନେ ଅଧିକ ନେଇଛନ୍ତି କିନ୍ତୁ ଉଭୟ ବ୍ୟକ୍ତି ଏହାକୁ ପିଇ ମଧ୍ୟ ମାନି ନଥିଲେ। ଉଭୟଙ୍କ ମଧ୍ୟରେ ଗଣ୍ଡଗୋଳ ଘଟି ହାତାହାତି ହେବାରେ ୨ ଗ୍ରାହକ ଆହତ ହୋଇ ସାକ୍ଷୀଗୋପାଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହେଉଛନ୍ତି। ଏହି ଗଣ୍ଡଗୋଳକୁ ନେଇ ସତ୍ୟବାଦୀ ଥାନାରେ ଉଭୟ ପକ୍ଷରୁ ଅଭିଯୋଗ ହୋଇଛି। ଏ ନେଇ ସତ୍ୟବାଦୀ ପୋଲିସ ଅଧିକ ତଦନ୍ତ ଜାରି ରଖିଥିବା ବେଳେ ଦୋକାନରେ ଥିବା ସିସିଟିଭି ଯାଞ୍ଚ କରାଯିବ ବୋଲି ପୋଲିସ କହିଛି। ଅନ୍ୟପଟେ ଏହି ଦୋକାନଟି ବସୁକେରା ଗାଁର ମୁଣ୍ଡରେ ରାସ୍ତାପାର୍ଶ୍ୱରେ ରହିଥିବାରୁ ଏହି ବାଟ ଦେଇ କଲେଜ ଓ ସ୍କୁଲ ଛାତ୍ରୀଛାତ୍ର ଯିବାଆସିବା କରିଥାନ୍ତି। ତେଣୁ ଉକ୍ତ ରାସ୍ତାରେ ଥିବା ଏହି ପାର୍ଲରଟିକୁ ଅନ୍ୟ ସ୍ଥାନାନ୍ତର କରିବା ପାଇଁ ବୁଦ୍ଧିଜୀବୀ ଜିଲା ପ୍ରଶାସନକୁ ଅନୁରୋଧ କରିଛନ୍ତି।

# 'କଂଗ୍ରେସକୁ ତୃଣମୂଳ ସ୍ତରରୁ ମଜଭୁତ କରାଯିବ'

**ପୁରୀ ଅଫିସ, ୧୨।୫:**

ପୁରୀ ଜିଲା କଂଗ୍ରେସ କମିଟି ତରଫରୁ ସଙ୍ଗଠନକୁ ତୃଣମୂଳ ତଥା ବୁଥ୍‌ସ୍ତରରୁ ମଜଭୁତ କରିବା ନିମନ୍ତେ ବିହିତ ପଦକ୍ଷେପ ନିଆଯାଉଛି। ସେହିପରି ଦଳବିରୋଧୀ କାର୍ଯ୍ୟରେ ଲିପ୍ତ ଥିବା ବ୍ୟକ୍ତିବିଶେଷଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଶୁକ୍ରବାର ବଳଗଣ୍ଡିଛକସ୍ଥିତ ଭକ୍ତ ସାଲବେଗ ପୀଠ ପରିସରରେ ଜିଲା କଂଗ୍ରେସ କମିଟି ପକ୍ଷରୁ ଆୟୋଜିତ ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଛି। ଏହି ଅବସରରେ ପୂର୍ବତନ କାର୍ଯ୍ୟକାରୀ ସଭାପତି ଚିରଞ୍ଜିବୀ ବିଶ୍ୱାଳଙ୍କ ଦଳ ବିରୋଧୀ ମନ୍ତବ୍ୟକୁ ଦୃଢ ନିନ୍ଦା କରାଯାଇଛି। ପିସିସି ସଭାପତି ଶରତ ପଟ୍ଟନାୟକଙ୍କ ନିର୍ଦ୍ଦେଶ ଓ ଦୃଢ ନେତୃତ୍ୱରେ ଓଡ଼ିଶାରେ କଂଗ୍ରେସ ଏକ ନୂଆ ଦିଗରେ ଗତି କରୁଛି। ଲୋକଙ୍କ ଆସ୍ଥାଭାଜନ ହେବାରେ ଲଗିଛି। ପୁରୀ ଜିଲାରେ କଂଗ୍ରେସ ପୂର୍ବ ଗୌରବ ଫେରିପାଇବା ନେଇ ପିସିସି ସଭାପତି ଦୃଢ ପଦକ୍ଷେପ ଗ୍ରହଣ କରୁଛନ୍ତି। ଏଥିପାଇଁ କଂଗ୍ରେସ କମିଟି ପକ୍ଷରୁ ଆସନ୍ତା ମାସରୁ ପ୍ରତ୍ୟେକ ବୁଥସ୍ତରକୁ ଯାଇ ଲୋକ ସମ୍ପର୍କ ସୃଷ୍ଟି କରିବାକୁ ପରାମର୍ଶ ଦିଆଯାଇଛି। ଝାରସୁଗୁଡ଼ା ବିଧାନସଭା ଉପନିର୍ବାଚନରେ ଦଳ ଭଲ କରିବା ସହ ୨୦୨୪ ସାଧାରଣ ନିର୍ବାଚନରେ ସରକାର ଗଠନ କରିବ ବୋଲି କଂଗ୍ରେସ କର୍ମକର୍ତ୍ତା ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। ଖବରଦାତା ସମ୍ମିଳନୀରେ ଜିଲା କଂଗ୍ରେସ କମିଟିର କାର୍ଯ୍ୟକାରୀ ସଭାପତି ଲଲାଟେନ୍ଦୁ ଦାସ, ପିସିସି ସାଧାରଣ ସମ୍ପାଦକ ଜ୍ଞାନରଞ୍ଜନ ପଟ୍ଟନାୟକ, ପୂର୍ବତନ ଯୁବ କଂଗ୍ରେସ ସଭାପତି ସୁକାନ୍ତ ପ୍ରଧାନ, ପ୍ରଦେଶ କମିଟି ସଦସ୍ୟ ବିଦ୍ୟୁତ ଲତା ଆଚାର୍ଯ୍ୟ, ସଦର ବ୍ଲକ ସଭାପତି ଅବିନାଶ ମିଶ୍ର, ବରିଷ୍ଠ ନେତା ବିନାୟକ ଦାସ ମହାପାତ୍ର, ଜୟ ନାରାୟଣ ପଟ୍ଟନାୟକ, ନିରଞ୍ଜନ ରଥ ଏବଂ ସଞ୍ଜୟ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# ଦୁର୍ଘଟଣାରେ ଆହତଙ୍କୁ ମେଡିକାଲ ନେଲେ ବିଧାୟକ



ଆହତଙ୍କୁ ବିଧାୟକ ସମୀର ରଞ୍ଜନ ଦାଶ ନିଜ ଗାଡିରେ ନେଉଛନ୍ତି।

**ନିମାପଡ଼ା,୧୨।୫(ଡି.ଏନ୍.ଏ.)**

ନିମାପଡ଼ା- ପିପିଲି ରାସ୍ତାର ଓଗାଡ଼ିମାଳ ମହାଦେବଙ୍କ ମନ୍ଦିର ନିକଟରେ ଶୁକ୍ରବାର ଅପରାହ୍ନରେ ଏକ ସଡ଼କ ଦୁର୍ଘଟଣା ଘଟିଥିଲା। ପିପିଲି ପଟୁ ଖୋଲାର ଅଭିମୁଖେ ଆସୁଥିବା ଏକ ଟାଟା ଏସିଇ ଗାଡ଼ି ଭାରସାମ୍ୟ ହରାଇ ରାସ୍ତାକଡ଼ ବିଲକୁ ଓଲଟି ପଡ଼ିଥିଲା। ଫଳରେ ଡ୍ରାଇଭର ଜଣକ ସାମାନ୍ୟ ଆହତ ହୋଇଥିବା ବେଳେ ଗାଡ଼ି ଆଗରେ ବସିଥିବା ଜଣେ ଯାତ୍ରୀ ଗୁରୁତର ହୋଇ ବିଲରେ ପଡ଼ିଥିଲେ। ଠିକ୍ ସେହି ସମୟରେ ବିଧାୟକ ସମୀର ରଞ୍ଜନ ଦାଶ ଭୁବନେଶ୍ୱରରୁ ନିମାପଡ଼ା ଅଭିମୁଖେ ଆସୁଥିବା ବେଳେ ଦୁର୍ଘଟଣାସ୍ଥଳରେ ଅଟକାଇ ଆହତ ଯାତ୍ରୀଙ୍କୁ ନିଜ ଗାଡ଼ିରେ ନିମାପଡ଼ା ମେଡିକାଲକୁ ଆଣିଥିଲେ। ଡାକ୍ତରଙ୍କ ସହ ପରାମର୍ଶ କରି ବିଧାୟକ ଦାଶ ଆହତ ବ୍ୟକ୍ତି ଚିକିତ୍ସା ବ୍ୟବସ୍ଥା କରିଥିଲେ। ଆହତ ବ୍ୟକ୍ତି ଜଣକ ହେଲେ ନୟାହାଟ ଫାଣ୍ଡି ଅନ୍ତର୍ଗତ ଦେଉଳି ଗ୍ରାମର ପ୍ରଦୀପ ମଲ୍ଲିକ। ବିଧାୟକଙ୍କ ଏଭଳି କାର୍ଯ୍ୟକୁ ବିଭିନ୍ନ ମହଲରେ ପ୍ରଶଂସା କରାଯାଇଛି।

# ପୟରା ସ୍ପୋର୍ଟିଂକୁ ହରାଇ ମହଲପଡ଼ା ସ୍ପୋର୍ଟିଂ ଚାମ୍ପିୟନ

### ଗୋପ ପ୍ରିମିୟର ଲିଗ୍‌ର ଫାଇନାଲ ମ୍ୟାଚ

**ଗୋପ,୧୨।୫(ଡି.ଏନ୍.ଏ.)**

ସମୟାନୁବର୍ତ୍ତିତା ଓ ଶୃଙ୍ଖଳା ଶିଖାଏ କ୍ରୀଡ଼ା। ତତ୍‌ସହିତ ଯୁବଗୋଷ୍ଠୀଙ୍କ ମଧ୍ୟରେ ମଧ ଭାଇଚାରା ସୃଷ୍ଟି କରେ ବୋଲି ଶୁକ୍ରବାର ଗୋପ ବ୍ଲକ ଅଧୀନ ଏରବଙ୍ଗ ଉଚ୍ଚ ବିଦ୍ୟାଳୟ ଖେଳପଡ଼ିଆରେ ଅନୁଷ୍ଠିତ ଗୋପ ପ୍ରିମିୟମ୍ ଲିଗ୍‌ର ଶୁକ୍ରବାର ଫାଇନାଲ ମ୍ୟାଚ୍‌ରେ ମୁଖ୍ୟ ଅତିଥିଭାବେ ସ୍ଥାନୀୟ ବିଧାୟକ ସମୀର ରଞ୍ଜନ ଦାଶ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିବା ସହ ମତବ୍ୟକ୍ତ କରିଥିଲେ। ଆଇପିଏଲ୍ କ୍ରିକେଟ ଭଳି ପ୍ରଥମ କରି ଗ୍ରାମାଞ୍ଚଳରେ କ୍ରିକେଟ ଖେଳ ଗୋପରେ ଅନୁଷ୍ଠିତ ହୋଇଛି। ଏରବଙ୍ଗ ଉଚ୍ଚ ବିଦ୍ୟାଳୟ ଖେଳ ପଡ଼ିଆଠାରେ ଗୋପ ପ୍ରିମିୟମ୍ ଲିଗ୍ କ୍ରିକେଟ ଖେଳ ଅନୁଷ୍ଠିତ ହୋଇଥିବାବେଳେ ଏଥିରେ ୧୪ଟି ଦଳ ଅଂଶ ଗ୍ରହଣ କରିଥିଲେ। ଫାଇନାଲ ମ୍ୟାଚ ପୟରା ସ୍ପୋର୍ଟିଂ ଓ ମହଲପଡ଼ା ସ୍ପୋର୍ଟିଂ ମଧ୍ୟରେ ଅନୁଷ୍ଠିତ ହୋଇଥିବାବେଳେ ପ୍ରଥମେ ଟସ୍ ଜିତି ପୟରା ସ୍ପୋର୍ଟିଂ ନିର୍ଦ୍ଧାରିତ ୧୭ ଓଭରରେ ୮ଟି ଉଇକେଟ୍ ହରାଇ ୧୨୭ ରନ୍ ସଂଗ୍ରହ କରିଥିଲା। ଜବାବରେ ମହଲପଡ଼ା ସ୍ପୋର୍ଟିଂ ୧୬ ଓଭର ୨ଟି ବଲ୍‌ରେ ୯ ଉଇକେଟ ହରାଇ ନିର୍ଦ୍ଧାରିତ ରନ୍ ସଂଗ୍ରହ କରି ଚାମ୍ପିୟନ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଅତିଥିଭାବେ ସରପଞ୍ଚ ରଶ୍ମିରେଖା ଦାସ, ମହଲପଡ଼ା ସରପଞ୍ଚ ଶୀର୍ଷରଞ୍ଜନ ନାୟକ, ପୂର୍ବତନ ସରପଞ୍ଚ ବିଭୂତି ଭୂଷଣ ସାହୁ, ସମବାୟ ସମିତି ସଭାପତି ନରେଶ ଚନ୍ଦ୍ର ପ୍ରଧାନ, ଏରବଙ୍ଗ ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷୟିତ୍ରୀ ସଙ୍ଗୀତା ମଲ୍ଲିକ୍, କ୍ରୀଡ଼ା ଶିକ୍ଷକ କାର୍ତ୍ତିକ ନାୟକ, ପ୍ରଶାନ୍ତ ରାଉତରାୟ, ସଚିଦାନନ୍ଦ ମାଝି, ଗଣେଶ ଚନ୍ଦ୍ର ଜେନା, ବିଦ୍ୟାଧର ବାରିକ ପ୍ରମୁଖ ଉପସ୍ଥିତ ରହି ଖେଳାଳିମାନଙ୍କୁ ଉତ୍ସାହିତ କରିଥିବାବେଳେ ରନର୍ସ ଅପ୍ ପୟରା ସ୍ପୋର୍ଟିଂକୁ ୫୦ ହଜାର ଟଙ୍କା ସହ ଟ୍ରଫି ପ୍ରଦାନ କରାଯାଇଥିବାବେଳେ ଚାମ୍ପିୟନ ଦଳ ମହଲପଡ଼ା ସ୍ପୋର୍ଟିଂକୁ ୮୦ ହଜାର ଟଙ୍କା ସହ ଟ୍ରଫି ପ୍ରଦାନ କରାଯାଇଥିଲା। ଅମ୍ପାୟର ଭାବେ ପ୍ରମୋଦ କୁମାର ସିହ୍ନା, ଦେବରାଜ ବେହେରା ପ୍ରମୁଖ କାର୍ଯ୍ୟ ତୁଲାଇଥିବାବେଳେ କାର୍ଯ୍ୟକ୍ରମକୁ ସେବକ ସଂଗଠନ ସଭାପତି ଆଲୋକ ଜେନା ଓ ସମସ୍ତ କର୍ମକର୍ତ୍ତା ପରିଚାଳନାରେ ସହଯୋଗ କରିଥିଲେ।




ଅତିଥିମାନେ ଚାମ୍ପିୟନ ଦଳକୁ ଟ୍ରଫି ସହ ପୁରସ୍କାର ପ୍ରଦାନ କରୁଛନ୍ତି।

## ସଂକ୍ଷେପରେ

### ବାଇକ୍ ଚୋରି ଘଟଣା, ୨ ଗିରଫ

**କଟକ ଅଫିସ,୧୨।୫:** ବାଇକ୍ ଚୋରି ଘଟଣାରେ ବାଦାମବାଡ଼ି ପୋଲିସ ୨ ଜଣଙ୍କୁ ଗିରଫ କରି ଶୁକ୍ରବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ବାଲେଶ୍ୱର ଜିଲା ବସ୍ତା ଥାନା ଅନ୍ତର୍ଗତ ଡୁବୁଲାଗୁଡ଼ିର ରାଜା ଓରଫ ଭକ୍ତ କୁମାର ଦାସ (୨୪) ଓ ଯାଜପୁର ଜିଲା ବଡ଼ଚଣା ଥାନା ଅଧୀନ ଅରିଲୋ ଗ୍ରାମର ସିଲୁ ଓରଫ ବିଶ୍ୱଜିତ୍ ସ୍ୱାଇଁ(୨୦)। ସେମାନଙ୍କ ନିକଟରୁ ଗୋଟିଏ ବାଇକ ଓ ଗୋଟିଏ ମୋବାଇଲ୍ ଫୋନ୍ ଜବତ କରାଯାଇଛି। ଗତ ଏପ୍ରିଲ ୨୬ ତାରିଖ ରାତି ପ୍ରାୟ ସାଢ଼େ ୯ଟାରେ ବାଲିକୁଦା ଥାନା ଅନ୍ତର୍ଗତ ଅରିଲୋ ଗ୍ରାମର ଦ୍ରୌପଦୀ ମଲ୍ଲିକ(୫୫)ଙ୍କ ପୁଅ ବାଦାମବାଡ଼ି ବସ୍‌ଷ୍ଟାଣ୍ଡରେ ବାଇକ୍ ରଖି ପ୍ରତୀକ୍ଷାଳୟ ଭିତରକୁ ଯାଇଥିଲେ। ସେଠାରୁ ଫେରି ବାଇକ୍ ଚୋରି ହୋଇଥିବା ଦେଖିବାକୁ ପାଇଥିଲେ। ଏ ନେଇ ଦ୍ରୌପଦୀ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା(ନଂ. ୧୬୩/୨୩) ରୁଜୁ କରିଛି।

### ଝିଅକୁ ମାଡ଼ମାରି ବାପା ଗିରଫ

**ମଙ୍ଗୁଳି-ଜଗତପୁର,୧୨।୫(ଡି.ଏନ୍.ଏ.):** ନିଜ ନାବାଳିକା ଝିଅକୁ ମାଡ଼ ମାରିବା ଅଭିଯୋଗରେ ଜଗତପୁର ପୋଲିସ ସ୍ଥାନୀୟ ଗୁଜରପୁରର ଶେଖ୍ ଅବ୍‌ଦୁଲ ସାଗର(୩୫)ଙ୍କୁ ଗିରଫ କରି ଶୁକ୍ରବାର କୋର୍ଟଚାଲାଣ କରିଛି। ପୋଲିସ ସୂତ୍ରରୁ ପ୍ରକାଶ, ଅବ୍‌ଦୁଲଙ୍କ ସ୍ତ୍ରୀଙ୍କର ୩ ମାସ ହେବ ମୃତ୍ୟୁ ଘଟିଛି। ଏହାପରେ ଅବ୍‌ଦୁଲ ଛୋଟ ଛୋଟ କଥାରେ ତାଙ୍କର ୩ଟି ସନ୍ତାନଙ୍କୁ ନିର୍ଯାତନା ଦେବା ସହ ଘରର ସମସ୍ତ କାମ କରିବାକୁ ବାଧ କରୁଥିଲେ। ପ୍ରତିଦିନ ସକାଳେ ତାଙ୍କ ଝିଅ ଛେଳି ଚରେଇବାକୁ ଯାଏ। ଗୁରୁବାର ଝିଅ ଛେଳି ଚରେଇବା ପାଇଁ ଯାଇ ନ ଥିବା ଜାଣିବା ପରେ ଅବ୍‌ଦୁଲ ତାଙ୍କୁ ମାଡ଼ ମାରିଥିଲେ। ଫଳରେ ସେ ଚେତାଶୂନ୍ୟ ହୋଇପଡିଥିଲେ। ପାଟି ଶୁଣି ପଡୋଶୀ ମହିଳାମାନେ ଆସି ଝିଅଟିକୁ ଅବ୍‌ଦୁଲଙ୍କ କବଳରୁ ରକ୍ଷା କରି ଚିକିତ୍ସା ପାଇଁ ସ୍ଥାନୀୟ ମେଡିକାଲରେ ଭର୍ତ୍ତି କରିଥିଲେ। ଏ ନେଇ ଅବ୍‌ଦୁଲଙ୍କ ବଡ଼ ଭାଇ ଶେଖ୍ ଜାବିର ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା (ନଂ.୨୨୯/୨୩) ରୁଜୁ କରିଛି।

### କ୍ରିକେଟ ଟିମ୍ ପକ୍ଷରୁ ଜଳଛତ୍ର ଖୋଲିଲା

**ମଙ୍ଗୁଳି-ଜଗତପୁର,୧୨।୫(ଡି.ଏନ୍.ଏ.):** ଟାଙ୍ଗୀ ଥାନା ଅଧୀନ ଭଟିମୁଣ୍ଡା ପଞ୍ଚାୟତ ସାରଙ୍ଗା ଗ୍ରାମର ସତ୍‌ସଙ୍ଗ ମଠ ସମ୍ମୁଖରେ ସ୍କାଏ ଷ୍ଟାର କ୍ରିକେଟ ଟିମ୍ ପକ୍ଷରୁ ଜଳଛତ୍ର ଖୋଲାଯାଇଛି। କ୍ରିକେଟ ଟିମ୍‌ର ଅଧିନାୟକ ଟୁଟୁନ ରାଉଳ ଏହାକୁ ଉଦ୍‌ଘାଟନ କରି କହିଥିଲେ, ଗ୍ରୀଷ୍ମ ପ୍ରବାହ ଶେଷ ପର୍ଯ୍ୟନ୍ତ ଏଠାରେ ସମସ୍ତଙ୍କୁ ଦହି ଓ ଥଣ୍ଡା ପାଣି ଯୋଗାଇ ଦିଆଯିବ। ଏହି କାର୍ଯ୍ୟକ୍ରମରେ ଟିମ୍‌ର ନଳିନୀକାନ୍ତ ବାରିକ, ସୋନୁ ଦଲେଇ, ରାଜେଶ ସାହୁ, ଶୁଭ ପ୍ରକାଶ ବେହେରା, ସୁଶାନ୍ତ ବେହେରା, ଶୁଭ୍ରାଂଶୁ ମହାନ୍ତି, ନୃସିଂହ ଦାସ, ଚିକୁ ସାହୁ, ସାଗର ମହାନ୍ତି, କାଳନ୍ଦୀ ସାହୁ, ତ୍ରିନାଥ ପୃଷ୍ଟିଙ୍କ ସମେତ ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ।

### ସଫେଇ କାର୍ଯ୍ୟ ତଦାରଖ କଲେ ପୂର୍ବତନ ବିଧାୟକ



**ଚୌଦ୍ୱାର,୧୨।୫(ଡି.ଏନ୍.ଏ.):** ପୂର୍ବତନ ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳ ଶୁକ୍ରବାର ଚୌଦ୍ୱାର ପୌରପାଳିକାର ବିଭିନ୍ନ ୱାର୍ଡ ପରିକ୍ରମା କରି ସଫେଇ କାର୍ଯ୍ୟ ତଦାରଖ କରିଛନ୍ତି। ବିଶେଷକରି ୯ନଂ. ୱାର୍ଡର ତେଲୁଗୁ ବସ୍ତି ଅଞ୍ଚଳ ପରିଦର୍ଶନବେଳେ ଲୋକମାନେ ଜଳ ନିଷ୍କାସନ ସମସ୍ୟା ସମ୍ପର୍କରେ ବିଶ୍ୱାଳଙ୍କୁ ଅବଗତ କରାଇଥିଲେ। ତୁରନ୍ତ ଡ୍ରେନ ନିର୍ମାଣ କରି ଏହାର ସମାଧାନ କରିବାକୁ ନିର୍ବାହୀ ଅଧିକାରୀଙ୍କୁ ବିଶ୍ୱାଳ ପରାମର୍ଶ ଦେଇଥିଲେ। ଏଥିସହ ବସ୍ତିରେ ସଫେଇ କାର୍ଯ୍ୟ ତ୍ୱରାନ୍ୱିତ କରିବା ସହିତ ଗୋଷ୍ଠୀ ଶୌଚାଳୟଗୁଡିକ ଖୁବ୍‌ଶୀଘ୍ର କାର୍ଯ୍ୟକ୍ଷମ କରିବାକୁ ପୌରଧକ୍ଷା ମାନସୀ ସ୍ୱର୍ଣ୍ଣପ୍ରଭା ସାମଲଙ୍କ ସହିତ ଆଲୋଚନା କରିଥିଲେ। ସେହିପରି ବସ୍ତିରେ ବିପର୍ଯ୍ୟସ୍ତ ହୋଇପଡିଥିବା ଆଲୋକ ବ୍ୟବସ୍ଥାରେ ସୁଧାର ଆଣିବା ପାଇଁ ଉପରିସ୍ଥ ଅଧିକାରୀଙ୍କ ସହିତ ଆଲୋଚନା କରାଯିବ ବୋଲି ବିଶ୍ୱାଳ କହିଥିଲେ। ଏହି ପରିଦର୍ଶନ ବେଳେ ସ୍ଥାନୀୟ କାଉନସିଲର ରଙ୍ଗଲତା ସାହୁ ଓ ଅର୍ଜୁନ ପଣ୍ଡାଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ।



ସିବିଏସ୍‌ଇ ଦଶମ, ଦ୍ୱାଦଶ ପରୀକ୍ଷାଫଳ ପ୍ରକାଶ ପାଇବା ପରେ କଟକସ୍ଥିତ ଏଲ୍‌.ଆର୍‌. ଡିଏଭି ପବ୍ଲିକ ସ୍କୁଲର ଶିକ୍ଷକଙ୍କ ଗହଣରେ ଛାତ୍ରୀଛାତ୍ରମାନେ ଖୁସି ମନାଉଛନ୍ତି।

# ଜିଲାରେ ୧୦୦% ପାସ୍ ହାର

**କଟକ ଅଫିସ,୧୨।୫**

**ସିବିଏସ୍‌ଇ ଦଶମ, ଦ୍ୱାଦଶ ପରୀକ୍ଷାଫଳ ପ୍ରକାଶିତ**

କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ବୋର୍ଡ(ସିବିଏସ୍‌ଇ) ଦ୍ୱାରା ପରିଚାଳିତ ଦଶମ ଓ ଦ୍ୱାଦଶ ଶ୍ରେଣୀ ପରୀକ୍ଷାଫଳ ଶୁକ୍ରବାର ପ୍ରକାଶ ପାଇଛି। ଏଥିରେ କଟକ ଜିଲାରେ ଥିବା ବିଭିନ୍ନ ସ୍କୁଲରେ ପାସ୍ ହାର ଶତ ପ୍ରତିଶତ ରହିଛି। ଲଜପତ ରାୟ (ଏଲ୍‌ଆର୍) ଡିଏଭି ପବ୍ଲିକ ସ୍କୁଲର ୨୫୩ ଜଣ ଛାତ୍ରୀଛାତ୍ର ଦଶମ ପରୀକ୍ଷା ଦେଇଥିବାବେଳେ ସମସ୍ତେ କୃତକାର୍ଯ୍ୟ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ଔରଜ୍ୟୋତି ଚମ୍ପତିରାୟ ସର୍ବାଧିକ ୯୭. ୮୦ ପ୍ରତିଶତ ନମ୍ବର ରଖି ସ୍କୁଲ ଟପ୍ପର ହୋଇଛନ୍ତି। ଅନ୍ୟପକ୍ଷରେ ଦ୍ୱାଦଶ ଶ୍ରେଣୀରେ ମଧ୍ୟ ଭଲ ରେଜଲ୍ଟ ହୋଇଛି। ୧୭୯ ଜଣ ଛାତ୍ରୀଛାତ୍ର କୃତକାର୍ଯ୍ୟ ହୋଇଥିବାବେଳେ ୫୭ ଜଣ ୯୦ ପ୍ରତିଶତରୁ ଅଧିକ ନମ୍ବର ରଖିଛନ୍ତି। ଶ୍ରୁତିସୁଧା ଓଝା ୯୮.୨ ପ୍ରତିଶତ ମାର୍କ ରଖି ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ଏଥିପାଇଁ ବିଦ୍ୟାଳୟର ଅଧ୍ୟକ୍ଷ ନିରଞ୍ଜନ ସ୍ୱାଇଁ କୃତୀ ଛାତ୍ରୀଛାତ୍ରଙ୍କୁ ଶୁଭେଚ୍ଛା ଜଣାଇବା ସହ ଅଭିଭାବକଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

ସିଡିଏସ୍ଥିତ ଡିଏଭି ପବ୍ଲିକ ସ୍କୁଲର ଦଶମ ଶ୍ରେଣୀ ପରୀକ୍ଷାରେ ୬୨୭ ଜଣ ଛାତ୍ରୀଛାତ୍ର କୃତକାର୍ଯ୍ୟ ହୋଇଛନ୍ତି। ଶ୍ରେୟା ଅମୋଲିକା ସର୍ବାଧିକ ୯୮. ୮ ପ୍ରତିଶତ ମାର୍କ ରଖି ସ୍କୁଲ ଟପ୍ପର ହୋଇଛନ୍ତି। ସେହିପରି ଦ୍ୱାଦଶ ଶ୍ରେଣୀ ପରୀକ୍ଷାରେ ସମସ୍ତ ଛାତ୍ରୀଛାତ୍ର କୃତକାର୍ଯ୍ୟ ହୋଇଛନ୍ତି। ବିଜ୍ଞାନରେ ଦ୍ରିଶିକ ଦାସ, ବାଣିଜ୍ୟରେ ଆକାଶ ଅଗ୍ରୱାଲ ଓ କଳା ବିଭାଗରେ ମିଶା କୁମାରୀ ସ୍କୁଲ ଟପ୍ପର ହୋଇଛନ୍ତି। ବିଦ୍ୟାଳୟ ଅଧ୍ୟକ୍ଷା ନମିତା ମହାନ୍ତି ଛାତ୍ରୀଛାତ୍ରମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

ସିଡିଏସ୍ଥିତ କେନ୍ଦ୍ରୀୟ ବିଦ୍ୟାଳୟ-୧ରେ ଦଶମ ଶ୍ରେଣୀ ପରୀକ୍ଷାର ପାସ୍‌ହାର ୯୯. ୪୨ ପ୍ରତିଶତ ରହିଛି। ଛାତ୍ରୀ ଦେବସ୍ମିତା ବିଶ୍ୱାଳ ୯୮ ପ୍ରତିଶତ ମାର୍କ ରଖି ସ୍କୁଲ ଟପ୍ପର ହୋଇଛନ୍ତି। ସେହିପରି ଦ୍ୱାଦଶ ପରୀକ୍ଷାରେ ୧୫୨ ଜଣ ଛାତ୍ରୀଛାତ୍ରଙ୍କ ମଧ୍ୟରୁ ୧୪୭ ଜଣ ପାସ୍ କରିଛନ୍ତି। ପାସ୍ ହାର ୯୬. ୭୧ ପ୍ରତିଶତ ହୋଇଛି। ଛାତ୍ରୀ କୋମଳ ସାହୁ ୯୬ ପ୍ରତିଶତ ରଖି ପ୍ରଥମ ହୋଇଛନ୍ତି।

ନୂଆପଡ଼ାସ୍ଥିତ କେନ୍ଦ୍ରୀୟ ବିଦ୍ୟାଳୟ-୨ରେ ଦଶମ ପରୀକ୍ଷାରେ ୧୦୦ ପ୍ରତିଶତ ପରୀକ୍ଷା ଫଳ ହୋଇଛି। ସମସ୍ତ ୫୪ ଜଣ ଛାତ୍ରୀଛାତ୍ର କୃତକାର୍ଯ୍ୟ ହୋଇଛନ୍ତି। ଶିବରଞ୍ଜନ ଦାସ ୯୫.୪ ପ୍ରତିଶତ ମାର୍କ ରଖି ବିଦ୍ୟାଳୟରେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ସେହିପରି ଦିବ୍ୟଦତ୍ତ ପରିଜା ୪୭୩ ମାର୍କ ରଖି ଦ୍ୱିତୀୟ ଓ ପ୍ରିୟାଂଶୁ ପଣ୍ଡା ୯୨. ୮ % ମାର୍କ ରଖି ତୃତୀୟ ହୋଇଛନ୍ତି।

ବାରବାଟୀ ଷ୍ଟାଡିୟମସ୍ଥିତ ଜାଭିୟର୍ସ ବିଦ୍ୟାଳୟରେ ଶତପ୍ରତିଶତ ପରୀକ୍ଷା ଫଳ ହୋଇଛି। ଦଶମ ଶ୍ରେଣୀ ପରୀକ୍ଷାରେ ତନିଷ୍ଠା ରାଉତ ୯୭.୬ ପ୍ରତିଶତ ମାର୍କ ରଖି ବିଦ୍ୟାଳୟରେ ଟପ୍ପର ହୋଇଛନ୍ତି। ସେହିପରି ଦ୍ୱାଦଶ ଶ୍ରେଣୀ ପରୀକ୍ଷାରେ ପଲକ ସାହୁ ୯୫ ପ୍ରତିଶତ ମାର୍କ ରଖି ବିଦ୍ୟାଳୟ ଟପ୍ପର ହୋଇଛନ୍ତି। ଏହି ସଫଳତା ପାଇଁ ବିଦ୍ୟାଳୟର ମହାନିର୍ଦ୍ଦେଶକ ଡ. ଜି.ଏସ୍. ପଟ୍ଟନାୟକ, ନିର୍ଦ୍ଦେଶକ ଡ. ପ୍ରଭୁଚରଣ ମହାନ୍ତି, କର୍ପୋରେଟ୍ ମୁଖ୍ୟ ସମ୍ୟକ ମହାନ୍ତି, ଅଧ୍ୟକ୍ଷ ପ୍ରେମରାଜ ପାତ୍ର, ଉପାଧ୍ୟକ୍ଷ ବିୟତ ବିହାରୀ ମିଶ୍ର ଛାତ୍ରୀଛାତ୍ରଙ୍କୁ ଅଭିନନ୍ଦନ ଜଣାଇଛନ୍ତି।



ସିଡିଏ ସେକ୍ଟର-୭ସ୍ଥିତ ସହରାଞ୍ଚଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ବାହାରିଥିବା ସ୍ୱଚ୍ଛତା ସଚେତନତା ଶୋଭାଯାତ୍ରା।

## ଚୌଦ୍ୱାର ପୌରପାଳିକାର ବଡ଼ାଖାନା କାର୍ଯ୍ୟକ୍ରମ

**ଚୌଦ୍ୱାର,୧୨।୫(ଡି.ଏନ୍.ଏ.)**

ସଫେଇ କର୍ମଚାରୀଙ୍କୁ ଉତ୍ସାହିତ କରିବା ଉଦ୍ଦେଶ୍ୟରେ ଚୌଦ୍ୱାର ପୌରପାଳିକା ପକ୍ଷରୁ ବଡାଖାନା କାର୍ଯ୍ୟକ୍ରମ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ପୌର ଉପାଧ୍ୟକ୍ଷ ଶୁଭେନ୍ଦୁ ସାମଲଙ୍କ ପୌରୋହିତ୍ୟରେ ପୌର ଟାଉନହଲ୍ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ଅତିଥି ଭାବେ ପୂର୍ବତନ ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳ ଯୋଗଦେଇ ଉପରକୁ ଅନାଇଲେ ଉଜ୍ଜ୍ୱଳ ଆଲୋକ ଓ ତଳକୁ ଦେଖିଲେ ସ୍ୱଚ୍ଛ ବାର୍ତ୍ତାକୁ ସମସ୍ତେ ଆପଣାଇବା ପାଇଁ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୌରାଧକ୍ଷା ମାନସୀ ସ୍ୱର୍ଣ୍ଣପ୍ରଭା ସାମଲ, ନିର୍ବାହୀ ଅଧିକାରୀ ସଞ୍ଜୀବ କୁମାର ମହାପାତ୍ର, ଅକ୍ଷୟ ମିଶ୍ର, ଚୌଦ୍ୱାର ନଗର ସଭାପତି ବିଷ୍ଣୁ ଚରଣ ପରିଡା, କାଉନସିଲର ବିଜୟ ମଲ୍ଲିକ, ରଞ୍ଜୁଲତା ଦାସ, ରଙ୍ଗଲତା ସାହୁଙ୍କ ସମେତ ପୌରପାଳିକାର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ। ଏହି ଅବସରରେ ସଫେଇ କର୍ମଚାରୀ, ସ୍ୱଚ୍ଛସାଥୀ, ସ୍ୱଚ୍ଛ ସୁପରଭାଇଜର ଓ ମଳପଙ୍କ ବିଶୋଧନାଗାରର କର୍ମୀଙ୍କୁ ସମ୍ବର୍ଦ୍ଧିତ କରାଯିବା ସହ ବଡାଖାନାର ଆୟୋଜନ କରାଯାଇଥିଲା। ପୌରପାଳିକାର ସାନିଟାରି ଏକ୍ସପର୍ଟ ବିଚିତ୍ରାନନ୍ଦ ସ୍ୱାଇଁ ଓ ପୀୟୂଷ ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଅଭିଯୁକ୍ତଙ୍କୁ ୧୪ ବର୍ଷ ଜେଲଦଣ୍ଡ

**କଟକ ଅଫିସ,୧୨।୫**

**ନାବାଳିକା ବଳାତ୍କାର ମାମଲା**

■ପୀଡ଼ିତାଙ୍କୁ ୪ ଲକ୍ଷ କ୍ଷତିପୂରଣ ନିର୍ଦ୍ଦେଶ

ନାବାଳିକା ବଳାତ୍କାର ମାମଲାରେ କଟକ ସ୍ୱତନ୍ତ୍ର ପୋକ୍‌ସୋ କୋର୍ଟ ଶୁକ୍ରବାର ଜଣେ ଅଭିଯୁକ୍ତଙ୍କୁ ୧୪ ବର୍ଷ ଜେଲଦଣ୍ଡ ସହ ୧୫ ହଜାର ଟଙ୍କା ଜରିମାନା ଆଦେଶ ଦେଇଛନ୍ତି। ଜରିମାନା ଅନାଦାୟେ ଅଭିଯୁକ୍ତଙ୍କୁ ଅଧିକ ୧ ବର୍ଷ ଜେଲଦଣ୍ଡ ଭୋଗିବାକୁ ପଡିବ ବୋଲି ବିଚାରପତି ଅଶୋକ କୁମାର ପହି ରାୟରେ ଉଲ୍ଲେଖ କରିଛନ୍ତି। ଏଥିସହ ରାଜ୍ୟ ଆଇନସେବା ପ୍ରାଧିକରଣ ପୀଡ଼ିତାଙ୍କୁ ୪ ଲକ୍ଷ ଟଙ୍କା କ୍ଷତିପୂରଣ ପ୍ରଦାନ କରିବାକୁ ଅଦାଲତ ନିର୍ଦ୍ଦେଶ ଦେଇଛନ୍ତି। ଅଭିଯୁକ୍ତ ଜଣଙ୍କ ହେଲେ ଆଠଗଡ଼ ଥାନା ଅନ୍ତର୍ଗତ ରାଜନଗର ଶବରସାହିର ସୁଶାନ୍ତ ନାଇକ(୩୦)।

ମାମଲାର ବିବରଣୀରୁ ପ୍ରକାଶ, ୨୦୧୭ ଡିସେମ୍ବର ୨୫ ତାରିଖ ଅପରାହ୍ନ ପ୍ରାୟ ସାଢେ ୧ଟାରେ ନାବାଳିକା ଜଣଙ୍କ ଗାଁ ପୋଖରୀ ଆଡ଼କୁ ଯାଇଥିବାବେଳେ ସୁଶାନ୍ତ ତାଙ୍କୁ ବଳପୂର୍ବକ ନିକଟସ୍ଥ ଜଙ୍ଗଲକୁ ନେଇ ବଳାତ୍କାର କରିଥିଲେ। ଏ ସମ୍ପର୍କରେ କାହାରିକୁ ଜଣାଇଲେ ମାରିଦେବା ପାଇଁ ଧମକ ଦେଇଥିଲେ। ପରେ ନାବାଳିକା ଜଣକ କାନ୍ଦି କାନ୍ଦି ଘରେ ପହଞ୍ଚି ପରିବାର ଲୋକଙ୍କୁ ଘଟଣା ସମ୍ପର୍କରେ ଜଣାଇଥିଲେ। ଏନେଇ ନାବାଳିକାଙ୍କ ପରିବାର ଲୋକେ ଆଠଗଡ଼ ଥାନାରେ ଏତଲା ଦେବା ପରେ ପୋଲିସ ଏକ ମାମଲା(ନଂ. ୨୮୮/୨୦୧୭) ରୁଜୁ କରିଥିଲା। ଏଥିସହ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ୨୦୧୮ ଫେବୃୟାରୀ ୧୬ରେ ପୋଲିସ ମାମଲାର ଚାର୍ଜଶିଟ୍ ଦାଖଲ କରିଥିଲା। କଟକ ସ୍ୱତନ୍ତ୍ର ପୋକ୍ସୋ କୋର୍ଟ ବିଚାରପତି ୨୮ ଜଣ ସାକ୍ଷୀ ଓ ୨୧ଟି ପ୍ରମାଣ ଆଧାରରେ ମାମଲାର ଶୁଣାଣି ଶେଷ କରି ରାୟ ସଂରକ୍ଷିତ ରଖିଥିଲେ। ପୀଡ଼ିତାଙ୍କ ପକ୍ଷରୁ ସରକାରୀ ଓକିଲ ରମେଶ ଚନ୍ଦ୍ର ମହାନ୍ତି ମାମଲା ପରିଚାଳନା କରୁଥିଲେ। ସୂଚନାଯୋଗ୍ୟ, ଅଦାଲତ ଜାମିନ ମଞ୍ଜୁର ନ କରିବାରୁ ଅଭିଯୁକ୍ତ ଅଦ୍ୟାବଧି ୫ ବର୍ଷ ୪ ମାସ ୧୦ ଦିନ ଜେଲ୍‌ରେ କଟାଇ ବନ୍ଦୀ ଭାବେ ଅଛନ୍ତି।

# ଯୁବପିଢ଼ିଙ୍କୁ ଦିଆଯିବ ଉନ୍ନତମାନର ପ୍ରଶିକ୍ଷଣ

**କଟକ ଅଫିସ, ୧୨।୫**

**ସିପେଟ ସହ ଏମ୍‌ଓୟୁ ସ୍ୱାକ୍ଷର କରିବ ସିଏମ୍‌ସି**

■୮୦ ବିଦ୍ୟାର୍ଥୀଙ୍କୁ ମିଳିବ ସୁଯୋଗ

ଛାତ୍ରୀଛାତ୍ରଙ୍କ ଦକ୍ଷତା ବିକାଶ ନିମନ୍ତେ ପ୍ରଶିକ୍ଷଣ ଦେବା ପାଇଁ କଟକ ମହାନଗର ନିଗମ(ସିଏମସି) ପକ୍ଷରୁ ଯୋଜନା ପ୍ରସ୍ତୁତ କରାଯାଇଛି। ଏଥିପାଇଁ ସେଣ୍ଟ୍ରାଲ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ପେଟ୍ରୋକେମିକାଲସ୍ ଇଞ୍ଜିନିୟରିଂ ଆଣ୍ଡ୍ ଟେକ୍ନୋଲୋଜି(ସିପେଟ) ସହ ବୁଝାମଣାପତ୍ର(ଏମ୍‌ଓୟୁ) ସ୍ୱାକ୍ଷର କରିବ ସିଏମ୍‌ସି। ଯୁବପିଢ଼ିଙ୍କୁ ଅଧିକ ଦକ୍ଷ ଓ ସ୍ୱାବଲମ୍ବୀ କରିବା ଉଦ୍ଦେଶ୍ୟରେ ଉନ୍ନତମାନର ପ୍ରଶିକ୍ଷଣ ଦିଆଯିବ। ଦଶମ, ଦ୍ୱାଦଶ, ଆଇଟିଆଇ ପାଠପଢ଼ା ଶେଷ କରିଥିବା ଛାତ୍ରୀଛାତ୍ରମାନେ ଏଥିରେ ସାମିଲ ହେବେ। ଇଲେକ୍ଟ୍ରିକାଲ, ୱେଲ୍ଡିଂ, ପ୍ଲମ୍ବର, ସୋଲାର ବିଷୟ ଉପରେ ସେମାନଙ୍କୁ ପ୍ରଶିକ୍ଷଣ ଦିଆଯିବ। ପ୍ରଥମ ପର୍ଯ୍ୟାୟରେ ୮୦ ଜଣ ପିଲାଙ୍କୁ ଏଥିପାଇଁ ମନୋନୀତ କରାଯିବ। ସେମାନଙ୍କ ମଧ୍ୟରୁ ମଲ୍ଟିସ୍କିଲ୍‌ରେ ୪୦ ଓ ସ୍କିଲ୍ ଡେଭଲପମେଣ୍ଟରେ ୪୦ ଜଣ ପିଲାଙ୍କୁ ନିଆଯିବ। ଏହି ଏମ୍‌ଓୟୁ ସ୍ୱାକ୍ଷରିତ ଦ୍ୱାରା ସହରରୁ ୮୦ ଜଣ ପିଲାଙ୍କୁ ମାଗଣା ପ୍ରଶିକ୍ଷଣ ସହିତ ନିଯୁକ୍ତି ପାଇଁ କ୍ୟାମ୍ପସ ସୃଷ୍ଟି କରାଯିବ। ଏଥିପାଇଁ ସିଏମ୍‌ସି ସମସ୍ତ ଖର୍ଚ୍ଚ ବହନ କରିବ। ମଲ୍ଟି ସ୍କିଲ୍ ଟ୍ରେନିଂ ପ୍ରୋଗ୍ରାମ୍ ଜରିଆରେ ଏହି ଯୋଜନା କାର୍ଯ୍ୟକାରୀ କରାଯିବ। ବସ୍ତି ଉନ୍ନୟନ ଅଧିକାରୀ ଶ୍ୱେତପଦ୍ମା ଡି. ଶତପଥୀଙ୍କ ନେତୃତ୍ୱରେ ଏହି କାର୍ଯ୍ୟକ୍ରମ ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଛି।

# ‘ଉତ୍ସର୍ଗୀକୃତ ସେବା ମନୋଭାବ ନେଇ କାର୍ଯ୍ୟ କର’



**କଟକ ଅଫିସ, ୧୨।୫**

**ଅନ୍ତର୍ଜାତୀୟ ସେବିକା ଦିବସ**

ଟାଙ୍ଗୀସ୍ଥିତ ପଦ୍ମିନୀ କେୟାର ହସ୍ପିଟାଲ ପକ୍ଷରୁ ଅନ୍ତର୍ଜାତୀୟ ସେବିକା ଦିବସ ଶୁକ୍ରବାର ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ଡ୍ରିମ୍‌ସ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ହେଲଥ୍ ସାଇନ୍ସ ଆଣ୍ଡ୍ ହସ୍ପିଟାଲ ସମ୍ମିଳନୀ କକ୍ଷରେ ଆୟୋଜିତ ଉତ୍ସବ ପ୍ରାରମ୍ଭରେ ଆଧୁନିକ ନର୍ସିଂର ପ୍ରତିଷ୍ଠାତା ଫ୍ଲୋରେନ୍ସ ନାଇଟିଙ୍ଗେଲଙ୍କ ଫଟୋଚିତ୍ରରେ ଶ୍ରଦ୍ଧାସୁମନ ଅର୍ପଣ ସହିତ ସେବିକାମାନେ ଶପଥପାଠ କରିଥିଲେ। ଡ୍ରିମ୍‌ସ ଶିକ୍ଷାନୁଷ୍ଠାନ ସମୂହର ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥ କାର୍ଯ୍ୟକ୍ରମରେ ଯୋଗଦେଇ ନର୍ସିଂ ଭଳି ମହନୀୟ ବୃତ୍ତିକୁ ଜୀବନର ବ୍ରତ ଭାବରେ ଗ୍ରହଣ କରିଥିବା ଛାତ୍ରୀଛାତ୍ରଙ୍କୁ ଅଭିନନ୍ଦନ ଜଣାଇଥିଲେ। ଏଥିସହ ଉତ୍ସର୍ଗୀକୃତ ସେବା ମନୋଭାବ ନେଇ କାର୍ଯ୍ୟ କରିବାକୁ କହିଥିଲେ। ହସ୍ପିଟାଲର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଡା. ଜ୍ୟୋତିପ୍ରକାଶ ପରିଜାଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ପ୍ରଫେସର ଡା. ରଞ୍ଜନ କୁମାର ଦାସ, ଧୀରେନ୍ଦ୍ର ନାଥ ମହାରଣା, ନିରୂପମା ଚୟନୀ, ପ୍ରଫେସର ଡା. ମନ୍ମଥ କୁମାର ମଣ୍ଡଳ, କଲ୍ୟାଣୀ ମହାନ୍ତି ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ସେବିକା ପ୍ରିୟଦର୍ଶନୀ ମହାରଣା କାର୍ଯ୍ୟକ୍ରମ ସଂଯୋଜନା ଓ ପ୍ରବନ୍ଧକ ସଞ୍ଜୀବ ପ୍ରହରାଜ ଅତିଥି ପରିଚୟ ପ୍ରଦାନ କରିଥିଲେ। ସିଲି ଦାସ ସଙ୍ଗୀତ ଏବଂ ଅନ୍ୟମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରଦ୍ୟୁତ୍ କୁମାର ଷଡ଼ଙ୍ଗୀ, ପ୍ରଶାସନିକ ଅଧିକାରୀ ଆଶୁତୋଷ ଦ୍ୱିବେଦୀ, ଚିନ୍ମୟୀ ମହାନ୍ତି, ସାରଦା ପଣ୍ଡା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଡ୍ରିମ୍‌ସ ସ୍କୁଲ ଆଣ୍ଡ୍ କଲେଜ ଅଫ୍ ନର୍ସିଂରେ ଆୟୋଜିତ ଅନ୍ତର୍ଜାତୀୟ ସେବିକା ଦିବସ ଉତ୍ସବରେ ନିର୍ଦ୍ଦେଶକ ଲୋକନାଥ ବେହେରା ପୌରୋହିତ୍ୟ କରିଥିଲେ।

# ୨୮ରେ ହକର ଦିବସ ପାଳିବ ସଂଘ

**କଟକ ଅଫିସ, ୧୨।୫**

**ସମ୍ବାଦପତ୍ର ବିକ୍ରେତା ସଂଘ ବୈଠକ**

କଟକ ବାରବାଟୀ ଷ୍ଟାଡିୟମରେ ସମ୍ବାଦପତ୍ର ବିକ୍ରେତା ସଂଘର ବୈଠକ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଂଘ ସଭାପତି ବିଜୟ କୁମାର ପଢିହାରୀ ସଭାପତିତ୍ୱ କରିଥିଲେ। ବୈଠକରେ ସଂଘର ଆୟବ୍ୟୟ ହିସାବ କରାଯାଇଥିଲା। ଏଥିସହ ଆସନ୍ତା ୨୮ରେ ହକର ଦିବସ ଏବଂ ସମ୍ବାଦପତ୍ର ବିକ୍ରେତା ସଂଘର ୫୫ତମ ଜନ୍ମଦିନ ପାଳନ କରାଯିବାକୁ ନିଷ୍ପତ୍ତି ନିଆଯାଇଥିଲା। ଏଥିରେ ସଂଘ ଉପସଭାପତି ପୀତାମ୍ବର ବେହେରା, ସାଧାରଣ ସମ୍ପାଦକ ବିଷ୍ଣୁଚରଣ ଦାଶ, ସହସମ୍ପାଦକ ରତ୍ନାକର ପ୍ରଧାନ, କୋଷାଧ୍ୟକ୍ଷ ଅକ୍ଷୟ ମହାନ୍ତି, ପ୍ରଭାସ ପ୍ରଧାନ, ହିମାଂଶୁ ମହାପାତ୍ର, ପ୍ରଶାନ୍ତ ସାହୁ, ମନୋଜ ପାଲ୍, ପ୍ରଦ୍ୟୁମ୍ନ ବିଶୋଇ, ଦୁର୍ଗା ପ୍ରସାଦ ଛାଟୋଇ, ରବି ପାଲ, ହୃଷୀକେଶ ପଢିହାରୀ, ଦୀପ୍ତିରଞ୍ଜନ ପଟ୍ଟନାୟକ, ଦିବାକର ଭୋଳ, ବଂଶୀଧର ସାହୁ ଓ ଉତ୍ତମ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

# ଆମିଷ ମାର୍କେଟ୍‌ରେ ଚଢ଼ାଉ, ଜରିମାନା ଆଦାୟ

**କଟକ ଅଫିସ,୧୨।୫**

କଟକ ମହାନଗର ନିଗମ(ସିଏମ୍‌ସି) ଏନ୍‌ଫୋର୍ସମେଣ୍ଟ ବିଭାଗ ପକ୍ଷରୁ ଶୁକ୍ରବାର ଖାନ୍‌ନଗରସ୍ଥିତ ଆମିଷ ମାର୍କେଟରେ ଚଢାଉ କରାଯାଇଛି। ନିୟମ ଉଲ୍ଲଂଘନ କରି ବ୍ୟବସାୟ କରୁଥିବା ଦୋକାନୀଙ୍କଠାରୁ ୧୯,୨୦୦ ଟଙ୍କା ଜରିମାନା ଆଦାୟ କରାଯାଇଛି। ସେହିପରି ରାସ୍ତା ପାର୍ଶ୍ୱରେ ବ୍ୟବସାୟ କରୁଥିବା ଆଖୁରସ, ପଇଡ, ପରିବା ଦୋକାନୀମାନେ ସ୍ୱଚ୍ଛତା ଉପରେ ଗୁରୁତ୍ୱ ଦେଉ ନ ଥିବାରୁ ସେମାନଙ୍କଠାରୁ ମଧ୍ୟ ଜରିମାନା ଆଦାୟ କରାଯାଇଛି। ଏଥିସହ ଆଗାମୀ ଦିନରେ ସ୍ୱଚ୍ଛତା ବଜାୟ ରଖିବାକୁ ସେମାନଙ୍କୁ ତାଗିଦ୍ କରାଯାଇଥିଲା।

ସହରରେ ଆମିଷ ବ୍ୟବସାୟୀମାନେ ଦୋକାନୀ ପାର୍ଶ୍ୱକୁ ସଫା ନ ରଖିବା, ପଲିଥିନ ବ୍ୟବହାର କରିବା, ଆବର୍ଜନା ଏଣେତେଣେ ପକାଇବା ଓ ଡଷ୍ଟବିନ୍ ବ୍ୟବହାର କରୁ ନ ଥିବାରୁ ସିଏମ୍‌ସି ପାଇଁ ମୁଣ୍ଡବିନ୍ଧାର କାରଣ ପାଲଟିଥିଲା। କଠିନ ବର୍ଜ୍ୟବସ୍ତୁ ପରିଚାଳନା ନିୟମ ମାନି ବ୍ୟବସାୟ କରିବା ପାଇଁ ସିଏମ୍‌ସି ପକ୍ଷରୁ ବ୍ୟବସାୟୀଙ୍କୁ ତାଗିଦ୍ କରାଯାଇଥିଲା। ଏହାସତ୍ତ୍ୱେ ବ୍ୟବସାୟୀମାନେ ନିୟମ ଉଲ୍ଲଂଘନ କରି ପରିବେଶ ପ୍ରଦୂଷଣ କରୁଥିବା ଅଭିଯୋଗ ହେବା ପରେ ସିଏମ୍‌ସି ଏନ୍‌ଫୋର୍ସମେଣ୍ଟ ଟିମ୍ ପକ୍ଷରୁ ଚଢ଼ାଉ କରାଯାଇଥିଲା। ସିଏମ୍‌ସି ଡେପୁଟି କମିଶନର ଅଜୟ କୁମାର ମହାନ୍ତି, ଅମିୟ ପଣ୍ଡା, ସହକାରୀ କମିଶନର(ସାନିଟେଶନ) ତ୍ରିନାଥ ବେହେରା ଏହି ଚଢାଉର ନେତୃତ୍ୱ ନେଇଥିଲେ। ନିୟମ ଉଲ୍ଲଂଘନକାରୀଙ୍କୁ ନୋଟିସ୍ ଜାରି କରାଯାଇଥିବାବେଳେ ଆଗାମୀ ଦିନରେ ଡଷ୍ଟବିନ୍ ବ୍ୟବହାର କରିବାକୁ ମହାନ୍ତି କହିଛନ୍ତି। ନଚେତ୍ ବ୍ୟବସାୟ ପ୍ରତିଷ୍ଠାନକୁ ସିଲ୍ କରାଯିବ ବୋଲି ସେ କଡ଼ା ଚେତାବନୀ ଦେଇଛନ୍ତି। ଏହି ଚଢ଼ାଉରେ ପରିମଳ ବିଶେଷଜ୍ଞ ଶୁଭ୍ରଜିତ୍ ମହାପାତ୍ରଙ୍କ ସମେତ ଏନ୍‌ଫୋର୍ସମେଣ୍ଟ ସ୍କ୍ୱାଡ ଓ ଅନ୍ୟମାନେ ସାମିଲ ହୋଇଥିଲେ ।

# କୃଷି ଓ କୃଷକ ସଶକ୍ତୀକରଣ ପ୍ରକ୍ରିୟାକୁ କାର୍ଯ୍ୟକାରୀ କର

**କଟକ ଅଫିସ, ୧୨।୫**




ବୈଠକରେ ଅତିରିକ୍ତ ଜିଲାପାଳ ଶିବ ଟପୋଙ୍କ ସହ ଅନ୍ୟମାନେ।

**ଖରିଫ ଫସଲ ନୀତି ନିର୍ଦ୍ଧାରଣ କମିଟି ବୈଠକ**

■୧,୮୮,୧୫୦ ହେକ୍ଟର ଜମିରେ ଫସଲ ଉତ୍ପନ୍ନ ଲକ୍ଷ୍ୟଧାର୍ଯ୍ୟ

■ଖରିଫ ଫସଲ ନିମନ୍ତେ ହେକ୍ଟର ପ୍ରତି ୬୦ କିଗ୍ରା ସାର ଦିଆଯିବ

କୃଷି ଓ କୃଷକ ସଶକ୍ତୀକରଣ ପ୍ରକ୍ରିୟାକୁ କୃଷି ଅଧିକାରୀମାନେ ଆନ୍ତରିକତାର ସହିତ କାର୍ଯ୍ୟକାରୀ କରନ୍ତୁ। କାର୍ଯ୍ୟାନ୍ୱୟନରେ ଉପଲବ୍ଧ ସମସ୍ୟାର ତ୍ୱରିତ ସମାଧାନ ସହ କୃଷକମାନଙ୍କୁ ସଶକ୍ତ କରିବା ନିମନ୍ତେ ପଦକ୍ଷେପ ଗ୍ରହଣ କରିବା ଆବଶ୍ୟକ। ପ୍ରାକୃତିକ ବିପର୍ଯ୍ୟୟର ଆକଳନ ଓ ଏହାଦ୍ୱାରା ନଷ୍ଟ ହେଉଥିବା ଉତ୍ପାଦକୁ ସୁରକ୍ଷିତ ରଖିବା ଦିଗରେ ସମ୍ପୃକ୍ତ ଅଧିକାରୀମାନେ ପ୍ରଯତ୍ନ ହୁଅନ୍ତୁ। ଏଥିସହ ଚଳିତ ଆର୍ଥିକ ବର୍ଷରେ ଖରିଫ ଫସଲ ନିମନ୍ତେ କାର୍ଯ୍ୟପନ୍ଥା ନିର୍ଦ୍ଧାରଣ ପୂର୍ବକ କୃଷି ଉତ୍ପାଦର ଅଭିବୃଦ୍ଧି ଦିଗରେ କାର୍ଯ୍ୟ କରିବାକୁ ଅତିରିକ୍ତ ଜିଲାପାଳ ଶିବ ଟପୋ କହିଛନ୍ତି।

ଚଳିତ ଆର୍ଥିକବର୍ଷ ନିମନ୍ତେ ଖରିଫ ଫସଲ ନୀତି ନିର୍ଦ୍ଧାରଣ କମିଟି ବୈଠକ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅତିରିକ୍ତ ଜିଲାପାଳ ଅଧ୍ୟକ୍ଷତା କରି କହିଥିଲେ, ଜୈବିକ କୃଷିକୁ ପ୍ରୋତ୍ସାହନ ଏବଂ ସମନ୍ୱିତ କୃଷିର ପ୍ରଚଳନ ଦ୍ୱାରା କୃଷକମାନେ କୃଷି କ୍ଷେତ୍ରରେ ଲାଭଦାୟକ ହୋଇପାରିବେ। ସେହିପରି କୃଷକମାନଙ୍କୁ ମୃତ୍ତିକା ସ୍ୱାସ୍ଥ୍ୟକାର୍ଡ ପ୍ରଦାନ ସହ ମୃତ୍ତିକା ପରୀକ୍ଷା ପାଇଁ ପ୍ରୋତ୍ସାହିତ କରାଯାଉଛି। ଏଥିସହ ଉତ୍ପାଦ ସାମଗ୍ରୀର ଦର ହ୍ରାସ ନିମନ୍ତେ ଯନ୍ତ୍ରପାତିର ପ୍ରଚଳନକୁ ସରକାର ଗୁରୁତ୍ୱାରୋପ କରୁଛନ୍ତି ବୋଲି ସେ କହିଥିଲେ। ସେହିପରି ଜିଲା ମୁଖ୍ୟ କୃଷି ଅଧିକାରୀ ସୁଦାମ ନାୟକ ଯୋଗଦେଇ ଗତ ଖରିଫ ଫସଲ ନୀତି ନିର୍ଦ୍ଧାରଣ ପଦ୍ଧତି ବିଚାରକୁ ନେଇ ଚଳିତବର୍ଷ କାର୍ଯ୍ୟପନ୍ଥା ନିର୍ଦ୍ଧାରଣ କରାଯାଇଛି ବୋଲି କହିଥିଲେ। ୨୦୨୨-୨୩ ବର୍ଷରେ ଫସଲ ଯୋଜନାରେ ଡାଲିଜାତୀୟ ତଥା ତୈଳ, ଆଖୁ ଓ ଧାନକୁ ନେଇ ୧,୮୬,୪୫୪ ହେକ୍ଟର ଜମିରେ ଫସଲ ଉତ୍ପନ୍ନ ହୋଇଥିଲା। ଚଳିତ ଆର୍ଥିକବର୍ଷ ଫସଲ ଯୋଜନାରେ ଡାଲି, ତୈଳ, ଆଖୁ ଓ ଧାନ ଆଦି ଶସ୍ୟକୁ ନେଇ ୧,୮୮,୧୫୦ ହେକ୍ଟର ଜମିରେ ଫସଲ ଉତ୍ପନ୍ନ କରାଯିବାକୁ ଲକ୍ଷ୍ୟଧାର୍ଯ୍ୟ କରାଯାଇଛି। ସେହିପରି ଖରିଫ ଫସଲ ନିମନ୍ତେ ହେକ୍ଟର ପ୍ରତି ୬୦ କିଗ୍ରା ରାସାୟନିକ ସାର ଚଳିତ ଋତୁରେ ଯୋଗାଇ ଦେବାକୁ ବୈଠକରେ ନିଷ୍ପତ୍ତି ନିଆଯାଇଛି। ଏହି ବୈଠକରେ ପ୍ରକଳ୍ପ ନିର୍ଦ୍ଦେଶକ ଜଳଛାୟା ମିଶନର ଉମେଶ ଚନ୍ଦ୍ର ଜେନା, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଲଲାଟେନ୍ଦୁ ମହାପାତ୍ର, ସମବାୟ ସମିତି ସମୂହର ଉପନିବନ୍ଧକ ଲକ୍ଷ୍ମୀଧର ସୁବୁଦ୍ଧି, ଉଠାଜଳସେଚନ ବିଭାଗର ନିର୍ବାହୀ ଯନ୍ତ୍ରୀ ପବିତ୍ର ପରିଡା, ଅଗ୍ରୀଣ ବ୍ୟାଙ୍କ ପରିଚାଳକ ରାଜେଶ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

**ମହାପ୍ରଭୁଙ୍କ ଜଳକ୍ରୀଡ଼ାରେ ସାମିଲ ହେଲେ ମୁଖ୍ୟ ପ୍ରଶାସକ**

ମହାପ୍ରଭୁଙ୍କ ପବିତ୍ର ଭଉଁରି ଯାତ୍ରା ଶୁକ୍ରବାର ଅନୁଷ୍ଠିତ ହୋଇଛି। ଭଉଁରି ଯାତ୍ରାରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ରଞ୍ଜନ କୁମାର ଦାସ ସାମିଲ ହୋଇଥିଲେ। ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଦାସ, ନୀତି ପ୍ରଶାସକ ଜିତେନ୍ଦ୍ର କୁମାର ସାହୁ ଏବଂ ଅନ୍ୟ ବରିଷ୍ଠ ଅଧିକାରୀମାନେ ଦିନଚାପ ଅବସରରେ ବୈଜୟନ୍ତୀ ଡଙ୍ଗାରେ ବସି ନରେନ୍ଦ୍ର ପୁଷ୍କରିଣୀରେ ବୁଲିଥିଲେ।

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୧୨।୦୫।୨୦୨୩

| | |
|---|---|
| ୪,୫୪, ୭୬୦ ଟଙ୍କା | |
| ସୁନା | ୧୦୦ ମିଲିଗ୍ରାମ୍ |
| ରୁପା | ୧୧୨.୧୦୦ ଗ୍ରାମ୍ |

## ଆଜି କ’ଣ କେଉଁଠି

ଭୁବନେଶ୍ୱର

- ଉତ୍କଳ ଗ୍ୟାଲେରିଆ ପକ୍ଷରୁ ମିଷ୍ଟର ଆଣ୍ଡ ମିସ୍ ଉତ୍କଳ ମେଗା ଫାଇନାଲ, ଉତ୍କଳ କନିକା ଗ୍ୟାଲେରିଆ, କଳ୍ପନା ଛକ, ସନ୍ଧ୍ୟା ୬ଟା।
- ଶବ୍ଦରଙ୍ଗ ନାଟକ ମହୋତ୍ସବର ଶେଷ ଦିନ, ରବୀନ୍ଦ୍ର ମଣ୍ଡପ, ସନ୍ଧ୍ୟା ୭ଟା।

ବାଲିଅନ୍ତା

- ଶ୍ରୀ ସପ୍ତେଶ୍ୱର ମହାଦେବଙ୍କ ଚନ୍ଦନ ଯାତ୍ରା ମହୋତ୍ସବ ଉପଲକ୍ଷେ ମାଗଣାରେ ଅପେରା ପରିବେଷଣ, ହରିଦାସପୁର -ନହରକଣ୍ଟା ମନ୍ଦିର ପରିସର, ରାତି -୧୧ଟା ।

କଟକ

- ଭୁବନେଶ୍ୱର-କଟକ କମିଶନରେଟ ପୋଲିସ ପକ୍ଷରୁ ରକ୍ତଦାନ ଶିବିର, ତୁସୀ ମୋଟର୍ସ, ମଙ୍ଗଳାବାଗ, ସକାଳ ୯ଟା ୩୦।
- ନୂତନ ଭାବେ ପ୍ରତିଷ୍ଠା ହୋଇଥିବା ୫ଟି ଆଞ୍ଚଳିକ ଜୁଡିସିଆଲ ଏକାଡେମୀର ଉଦ୍‌ଘାଟନ, ଓଡ଼ିଶା ଜୁଡିସିଆଲ ଏକାଡେମୀ, ପୂର୍ବାହ୍ନ ୧୦ଟା ।
- ହାଇକୋର୍ଟ ଲିଗାଲ ସର୍ଭିସେସ୍ କମିଟି ତତ୍ତ୍ୱାବଧାନରେ ଦ୍ୱିତୀୟ ଜାତୀୟ ଲୋକ ଅଦାଲତ, ହାଇକୋର୍ଟ ପରିସର, ପୂର୍ବାହ୍ନ ୧୧ଟା ।
- ସାରଳା ସାହିତ୍ୟ ସଂସଦ ପକ୍ଷରୁ ପଦ୍ମଶ୍ରୀ ସଚ୍ଚି ରାଉତରାୟଙ୍କ ସ୍ମୃତି ଉତ୍ସବ, ସାରଳା ଭବନ, ବିଜୁ ପଟ୍ଟନାୟକ ଛକ, ସନ୍ଧ୍ୟା ୬ଟା ।
- ସୁବୋଧକୃଷ୍ଣ ମିଶନ ପକ୍ଷରୁ ଶ୍ରୀମଦ୍ ଭାଗବତ ସପ୍ତାହ ପାରାୟଣ ଓ ପ୍ରବଚନର ଷଷ୍ଠ ସନ୍ଧ୍ୟା, ମା’ ଶ୍ରୀଦୁର୍ଗା ଦେବୀ ମଣ୍ଡପ, ସେକ୍ଟର-୯, ସିଡିଏ, ସନ୍ଧ୍ୟା ୬ଟା ୩୦ ।

# ୩ ରଥର ଚକ-ଅଖ ଡେରା ନୀତି ସମ୍ପନ୍ନ

**ପୁରୀ ଅଫିସ, ୧୨।୫**

ମହାପ୍ରଭୁଙ୍କ ଭଉଁରି ଯାତ୍ରା ଅବସରରେ ଶୁକ୍ରବାର ଶ୍ରୀକ୍ଷେତ୍ରରେ ତିନି ରଥର ଚକ-ଅଖ ଡେରା ନୀତି ସମ୍ପନ୍ନ ହୋଇଛି। ଶ୍ରୀମନ୍ଦିରରୁ ତିନିଜଣ ପୂଜାପଣ୍ଡା ସାମନ୍ତ ସେବକ ମହାପ୍ରଭୁଙ୍କ ଆଜ୍ଞାମାଳ ରଥଖଳାକୁ ବିଜେ କରାଇବା ପରେ ତିନି ରଥର ଦୁଇଟି ଲେଖାଏ ଚକ ସହ ଗୋଟିଏ ଲେଖାଏ ଅଖ ଡେରାଯାଇଥିଲା। ଏହି ନୀତି ସମ୍ପନ୍ନ ହେବା ସହ ରଥଯାତ୍ରାର ଆଉ ଏକ ପର୍ଯ୍ୟାୟ ଆରମ୍ଭ ହୋଇଛି।

ଶ୍ରୀମନ୍ଦିର ସ୍ୱତ୍ତ୍ୱଲିପି ଏବଂ ରଥ ସଂହିତା ଅନୁଯାୟୀ, ଭଉଁରି ଯାତ୍ରା ଦିନ ତିନି ରଥର ଚକ-ଅଖ ଡେରା କାର୍ଯ୍ୟ ସମ୍ପନ୍ନ କରାଯାଇଥାଏ। ଏହି କ୍ରମରେ ଶୁକ୍ରବାର ଭୋରରୁ ଶ୍ରୀମନ୍ଦିର ଦ୍ୱାରଫିଟା ନୀତି ହୋଇ ଭିତର ଶୋଧ ଓ ମଙ୍ଗଳ ଆଳତି ପରେ ମହାପ୍ରଭୁଙ୍କ ଅନ୍ୟାନ୍ୟ ନୀତି ବଢି ସକାଳ ଧୂପ ଶେଷହୋଇ ପାଣି ପଡ଼ିଥିଲା। ତିନିଜଣ ପାଳିଆ ପୂଜାପଣ୍ଡା ସାମନ୍ତ ରତ୍ନସିଂହାସନ ଉପରକୁ ଯାଇ ତିନିବାଡ଼ରୁ ତିନୋଟି ଆଜ୍ଞାମାଳ ଆଣିଥିଲେ।



ଭୋଇ ସେବକମାନେ ରଥଚକରେ ଅଖ ସଂଯୋଗ କରୁଛନ୍ତି।

ପୂଜାପଣ୍ଡା ସାମନ୍ତ ଆଜ୍ଞାମାଳ ଧରି ଘଣ୍ଟ, ଛତା, କାହାଳୀ ପଟୁଆରରେ ରଥଖଳା ଅଭିମୁଖେ ଯାତ୍ରା କରିଥିଲେ। ପ୍ରଥମେ ତିନିବାଡ଼ର ପୂଜାପଣ୍ଡା ସାମନ୍ତ ଶ୍ରୀନଅରକୁ ଯାଇଥିଲେ। ପୂର୍ବରୁ ରଥଖଳା ନିକଟରୁ ୬ଟି ଚକକୁ ଭୋଇ ସେବକମାନେ ଆଣି ତିନିରଥର ଗୋଟିଏ ଲେଖାଏ ଅଖ ନିକଟରେ ରଖିଥିଲେ। ପାଣିଆ ଆପଟ ସେବକମାନେ ଚକ ଓ ଅଖଗୁଡ଼ିକୁ ଧୋଇଥିଲେ। କମାର ସେବକମାନେ ଚକ ପଦାରୀଗୁଡ଼ିକରେ ଯୋଖିଆ କଣ୍ଟା ବାଡ଼େଇଥିଲେ। ରଥଖଳାରେ ଆଜ୍ଞାମାଳ ପହଞ୍ଚିବା ପରେ ଭୋଇସେବକମାନେ ଚକରେ ଅଖ ସଂଯୋଗ କରିଥିଲେ। ପରମ୍ପରା ଅନୁଯାୟୀ, ପ୍ରଥମେ ପ୍ରଭୁ ଶ୍ରୀବଳଭଦ୍ରଙ୍କ ତାଳଧ୍ୱଜ ରଥର ଚକ-ଅଖ ସଯୋଂଗ କରାଯାଇଥିଲା। ପରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନନ୍ଦିଘୋଷ ଏବଂ ଶେଷରେ ମା’ ସୁଭଦ୍ରାଙ୍କ ଦେବଦଳନ ରଥର ଚକ- ଅଖ ସଂଯୋଗ କରାଯାଇଥିଲା। ଭୋଇସେବକମାନେ ପ୍ରଥମ ହରିବୋଲ ପକାଇଥିଲେ। ପରେ ରାଜନଅରଠାରେ ଆଜ୍ଞାମାଳ ଧରିଥିବା ପୂଜାପଣ୍ଡା ସାମନ୍ତ ଘଣ୍ଟ, ଛତା, କାହାଳୀ ସହ ଚକଡେରା ସ୍ଥାନକୁ ଆସିଥିଲେ। ସେ ପ୍ରଥମେ ତାଳଧ୍ୱଜ, ପରେ ନନ୍ଦିଘୋଷ ଏବଂ ଶେଷରେ ଦେବଦଳନ ରଥରେ ସଂଯୋଗ ହୋଇଥିବା ଚକ ଓ ଅଖରେ ଆଜ୍ଞାମାଳ ପ୍ରଦାନ କରିଥିଲେ। ପରେ ସେ ତିନି ରଥର ମୁଖ୍ୟ ବିଶ୍ୱକର୍ମାଙ୍କୁ ଆଜ୍ଞାମାଳ ପ୍ରଦାନ କରିଥିଲେ। ଏହି ନୀତି ସମୟରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ରଞ୍ଜନ କୁମାର ଦାସ, ଉନ୍ନୟନ ପ୍ରଶାସକ ଅଜୟ ଜେନା, ନୀତି ପ୍ରଶାସକ ଜିତେନ୍ଦ୍ର ସାହୁ, ଜିଲା ଆରକ୍ଷୀ ଅଧୀକ୍ଷକ କନୱର ବିଶାଲ ସିଂହଙ୍କ ସମେତ ବରିଷ୍ଠ ଅଧିକାରୀ ଏବଂ ସେବାୟତମାନେ ଉପସ୍ଥିତ ଥିଲେ। ରଥଯାତ୍ରା ଶୃଙ୍ଖଳିତ ଭାବେ ସମ୍ପନ୍ନ ହେବା ନେଇ ସମସ୍ତେ ମହାପ୍ରଭୁଙ୍କ ନିକଟରେ ପ୍ରାର୍ଥନା କରିଥିଲେ। ମହାପ୍ରଭୁଙ୍କ କରୁଣାରୁ ଚକ-ଅଖ ଡେରା ନୀତି ଭଲରେ ସରିଥିବାବେଳେ ରଥଯାତ୍ରା ମଧ୍ୟ ଶୃଙ୍ଖଳିତ ଭାବେ ଓ ନିର୍ବିଘ୍ନରେ ଶେଷ ହେବ ବୋଲି ସେବାୟତ ଏବଂ ଅଧିକାରୀମାନେ ଆଶା ପ୍ରକାଶ କରିଛନ୍ତି।



ରଥଚକରେ ଲାଗିହୋଇଥିବା ଆଜ୍ଞାମାଳକୁ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ରଞ୍ଜନ କୁମାର ଦାସ ପ୍ରଣାମ କରୁଛନ୍ତି।

## ଖ୍ରୀଷ୍ଟ କଲେଜରେ ୩ ସ୍ନାତକୋତ୍ତର ପାଠ୍ୟକ୍ରମ ଖୋଲିଲା

**କଟକ ଅଫିସ,୧୨।୫**

କଟକ ଖ୍ରୀଷ୍ଟ କଲେଜରେ ଚଳିତ ଶିକ୍ଷାବର୍ଷ (୨୦୨୩-୨୦୨୪)ରୁ ବାଣିଜ୍ୟ, ପ୍ରାଣୀବିଜ୍ଞାନ ଓ ରାଜନୀତି ବିଜ୍ଞାନରେ ସ୍ନାତକୋତ୍ତର ପାଠ୍ୟକ୍ରମ ଆରମ୍ଭ ହେବ। ବାଣିଜ୍ୟରେ ୩୨ ସିଟ୍, ପ୍ରାଣୀବିଜ୍ଞାନରେ ୧୬ ସିଟ୍ ଓ ରାଜନୀତି ବିଜ୍ଞାନର ୧୬ ସିଟ୍‌ରେ ନାମ ଲେଖାଇବା ଓ ଶିକ୍ଷାଦାନ ପାଇଁ ରାଜ୍ୟ ସରକାରଙ୍କ ଉଚ୍ଚଶିକ୍ଷା ବିଭାଗ ଅନୁମତି ପ୍ରଦାନ କରିଛି। ଏହାକୁ ନେଇ କଲେଜ ପରିଚାଳନା ସମିତି, ଅଧ୍ୟକ୍ଷା, ଅଧ୍ୟାପକମାନେ ରାଜ୍ୟ ସରକାରଙ୍କୁ କୃତଜ୍ଞତା ଜଣାଇଛନ୍ତି। ସୂଚନାଯୋଗ୍ୟ, ଖ୍ରୀଷ୍ଟ କଲେଜରେ ପୂର୍ବରୁ ଉଦ୍ଭିଦ ବିଜ୍ଞାନ, ରସାୟନ ବିଜ୍ଞାନ ଓ ଶିକ୍ଷା ବିଭାଗରେ ସ୍ନାତକୋତ୍ତର ପାଠ୍ୟକ୍ରମ ଖୋଲାଯାଇ ଶିକ୍ଷାଦାନ ଜାରି ରହିଛି।

## ଅଟୋ ଚାଳକଙ୍କୁ ଭୁଜାଲି ଚୋଟ

**ଟାଙ୍ଗୀ(ଖୋର୍ଦ୍ଧା),୧୨।୫(ଡି.ଏନ୍.ଏ.):** ଖୋର୍ଦ୍ଧା ଜିଲା ଟାଙ୍ଗୀ ଥାନା ଅଧୀନ ହାଟବରଡ଼ିରେ ଶୁକ୍ରବାର ଭୁଜାଲି ଚୋଟରେ ଜଣେ ଅଟୋ ଚାଳକ ଗୁରୁତର ଆହତ ହୋଇଛନ୍ତି। ସେ ହେଲେ ଏହି ଥାନା ଅଧୀନ ହାଟବରଡ଼ି ପଞ୍ଚାୟତ ଗଇନଡ଼ା ଗ୍ରାମର ଦିପୁ ସାହୁ(୨୮)। ଗୁରୁତର ଅବସ୍ଥାରେ ତାଙ୍କୁ ଭୁବନେଶ୍ୱରର ଏକ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ତେବେ ଆକ୍ରମଣର କାରଣ ଅସ୍ପଷ୍ଟ ରହିଛି। ସୂଚନା ମୁତାବକ, ଦିପୁ ଅଟୋ ଚଳାଇ ଗୁଜୁରାଣ ମେଣ୍ଟାନ୍ତି। ଶୁକ୍ରବାର ଜଣେ ବ୍ୟକ୍ତିଙ୍କ ଭଉଣୀ ଘରକୁ ଅଟୋରେ ସାବତ୍ରୀ ଭାର ନେଇ ହାଟବରଡ଼ି ଗ୍ରାମର ରାମ ନବମୀ ପଡ଼ିଆ ନିକଟକୁ ଯାଇଥିଲେ। ସେଠାରେ ଦିପୁ ଗାଡ଼ିରୁ ଭାର ଖାଲି କରୁଥିବା ବେଳେ ଜଣେ ଯୁବକ ପହଞ୍ଚି ହଠାତ୍ ତାଙ୍କୁ ଭୁଜାଲିରେ ଆକ୍ରମଣ କରିଥିଲା। ଫଳରେ ତାଙ୍କ ଛାତି, ପେଟ, ଅଣ୍ଟା, ହାତରେ ଗଭୀର କ୍ଷତ ଲାଗିଛି। ସ୍ଥାନୀୟ ଲୋକେ ପହଞ୍ଚି ଦିପୁଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଟାଙ୍ଗୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପନ୍ନ ଥିବାରୁ ତାଙ୍କୁ ଭୁବନେଶ୍ୱରର ଏକ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି। ଏନେଇ ଅଭିଯୋଗ ପରେ ପୋଲିସ ତଦନ୍ତ ଆରମ୍ଭ କରିଛି।

# ପାରମ୍ପରିକ ନୃତ୍ୟ, ବାଦ୍ୟ, ସଂକୀର୍ତ୍ତନରେ ଭଉଁରି ଯାତ୍ରା







ପ୍ରଭୁ ମଦନମୋହନ, ଭୂଦେବୀ ଏବଂ ଶ୍ରୀଦେବୀଙ୍କୁ ଚାପକୁ ବିଜେ କରାଯାଉଛି।

**ପୁରୀ ଅଫିସ, ୧୨।୫**

**ନରେନ୍ଦ୍ର ପୁଷ୍କରିଣୀରେ ଚାପ ଖେଳିଲେ ଠାକୁର**

- ମହାପ୍ରଭୁଙ୍କ ନୀତି ବିଳମ୍ବ
- ଆଜି ହଳଦୀପାଣି ନୀତି

ପବିତ୍ର ଅକ୍ଷୟ ତୃତୀୟାଠାରୁ ଆରମ୍ଭ ହୋଇଥିବା ମହାପ୍ରଭୁଙ୍କ ବାହାର ଚନ୍ଦନ ଯାତ୍ରାର ବିଂଶତମ ଦିବସକୁ ଭଉଁରି କୁହାଯାଏ। ମାନବୀୟ ଲୀଳାଖେଳା କରୁଥିବା ମହାପ୍ରଭୁ ସାଧାରଣ ମଣିଷ ପରି ପ୍ରଚଣ୍ଡ ରୌଦ୍ରତାପରୁ ରକ୍ଷା ପାଇବା ପାଇଁ ଜଳକ୍ରୀଡ଼ା କରିଥାନ୍ତି। ୨୧ଦିନିଆ ବାହାର ଚନ୍ଦନଯାତ୍ରାର ବିଂଶତମ ଦିବସରେ ଶୁକ୍ରବାର ନରେନ୍ଦ୍ର ପୁଷ୍କରିଣୀରେ ଭଉଁରୀ ନୀତି ଅନୁଷ୍ଠିତ ହୋଇଯାଇଛି। ଶ୍ରୀମନ୍ଦିରରେ ଯାତଭୋଗ ସରିବା ପରେ ମହାପ୍ରଭୁଙ୍କ ଚଳନ୍ତି ପ୍ରତିମା ଶ୍ରୀମଦନମୋହନ, ରାମକୃଷ୍ଣ, ଭୂଦେବୀ, ଶ୍ରୀଦେବୀ ଏବଂ ଶ୍ରୀକ୍ଷେତ୍ରର ପଞ୍ଚପାଣ୍ଡବ ପାଲିଙ୍କି ଓ ବିମାନରେ ନରେନ୍ଦ୍ର ପୁଷ୍କରିଣୀକୁ ବିଜେ କରିଥିଲେ। ସେଠାରେ ଭିତରଛ ସେବକଙ୍କ ଦ୍ୱାରା ଜଳଲାଗି ନୀତି ସମ୍ପନ୍ନ କରାଯାଇଥିଲା। ପରେ ଠାକୁରମାନେ ଦିନଚାପ ଖେଳିବା ନିମନ୍ତେ ନନ୍ଦା ଓ ଭଦ୍ରା ଚାପଡଙ୍ଗାକୁ ବିଜେ କରିଥିଲେ। ଦିନଚାପ ସରିବା ପରେ ଠାକୁରମାନେ ଚକଡ଼ା ପରିସରସ୍ଥ ଚନ୍ଦନକୁଣ୍ଡକୁ ବିଜେ କରିଥିଲେ। ପରେ ବେଶ ଓ ଭୋଗ ମଣୋହି କରାଯାଇଥିଲା। ବିଡିଆ ମଣୋହି ହୋଇ ଠାକୁରମାନେ ଭଉଁରି ଯାତ୍ରା କରିବା ପାଇଁ ଚାପକୁ ବିଜେ କରିଥିଲେ। ପୁଷ୍କରିଣୀର ସମସ୍ତ କୋଣ ଓ ଦିପିଦାଣ୍ଡି ନିକଟରେ ଠାକୁରମାନେ ଚାପଡଙ୍ଗାରେ ୨୧ ଘେରା ଲେଖାଏ ବୁଲିଥିଲେ। ଭଉଁରୀ ନୀତି ସରିବା ପରେ ଠାକୁରମାନେ ଶ୍ରୀମନ୍ଦିରକୁ ବାହୁଡ଼ା ବିଜେ କରିଥିଲେ।

ଭଉଁରି ଯାତ୍ରା ଉପଲକ୍ଷେ ଚନ୍ଦନ ଚକଡ଼ାକୁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ବିଭିନ୍ନ ପୁଷ୍ପରେ ସୁସଜ୍ଜିତ କରାଯାଇଥିଲା। ଶ୍ରୀମନ୍ଦିରଠାରୁ ନରେନ୍ଦ୍ର ପୁଷ୍କରିଣୀ ଓ ନରେନ୍ଦ୍ର ପୁଷ୍କରିଣୀ ଚତୁଃପାର୍ଶ୍ୱରେ ଭକ୍ତଙ୍କ ଗହଳି ଦେଖିବାକୁ ମିଳିଥିଲା। ପାରମ୍ପରିକ ବାଦ୍ୟ ତଥା ଭଜନ କୀର୍ତ୍ତନ ପଟୁଆରରେ ମଦନମୋହନ, ରାମକୃଷ୍ଣ, ଭୂଦେବୀ, ଶ୍ରୀଦେବୀ ଏବଂ ପଞ୍ଚମହାଦେବ ନରେନ୍ଦ୍ର ପୁଷ୍କରିଣୀକୁ ବିଜେ କରିଥିଲେ। ମହାପ୍ରଭୁଙ୍କ ପାଲିଙ୍କି ଓ ବିମାନ ଆଗେ ଆଗେ ପୁରୀର ବିଭିନ୍ନ ଯାଗା ଆଖଡ଼ା ପକ୍ଷରୁ ପାରମ୍ପରିକ ସମରକଳା ନୃତ୍ୟ ଯଥା-କାର୍ତ୍ତିକ ମେଢ, ବାଡ଼ିଖେଳ, ନାଗା, ନବଶିରା, ହନୁମାନ, କାଳୀମେଢ, ଖୋଲା ମେଢ ଆଦି ବାହାରିଥିଲା। ବିଶେଷକରି କୁନି କୁନି ପିଲାଙ୍କ ମେଢ଼ ନୃତ୍ୟ ମନ ମୋହିଥିଲା। ସେହିପରି ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଗୋଟିପୁଅ, ଓଡ଼ିଶୀ ନୃତ୍ୟ ଆଦି ପରିବେଷଣ କରାଯାଇଥିଲା। ବରଗଡ଼ରୁ ଆସିଥିବା ସମ୍ବଲପୁରୀ ନୃତ୍ୟ ଓ ବାଦ୍ୟ, ରାଜ୍ୟର ବିଭିନ୍ନ ଅଞ୍ଚଳରୁ ଆସିଥିବା ସଂକୀର୍ତ୍ତନ ମଣ୍ଡଳୀଙ୍କ ସଂକୀର୍ତ୍ତନ ବଡ଼ଦାଣ୍ଡରେ ଭକ୍ତିମୟ ପରିବେଶ ସୃଷ୍ଟି କରିଥିଲା। ସିଂହଦ୍ୱାର, ବଡ଼ଦାଣ୍ଡ, ମାର୍କେଟଛକ ଓ ନରେନ୍ଦ୍ର ପୁଷ୍କରିଣୀ ସମେତ ବିଭିନ୍ନ ପ୍ରବେଶ ପଥରେ ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ପୋଲିସ ମୁତୟନ କରାଯାଇଥିଲା। ଶନିବାର ଠାକୁରଙ୍କ ହଳଦୀପାଣି ନୀତି ଅନୁଷ୍ଠିତ ହେବ। ତେବେ ଭଉଁରୀ ଦିନ ମହାପ୍ରଭୁଙ୍କ ନୀତିରେ ବିଳମ୍ବ ପରିଲକ୍ଷିତ ହୋଇଥିଲା। ତେବେ ଠାକୁର ବିମାନକୁ ବିଜେ ହେବା ଓ ବିଜେ କାହାଳୀ ବାଜିବା ପରେ ମଧ୍ୟ ଅନେକ ସମୟ ଧରି ଠାକୁର ପାଲିଙ୍କିରେ ବସି ରହିଥିଲେ। ଅପରପକ୍ଷରେ ଆବଶ୍ୟକ ସଂଖ୍ୟକ ବିମାନବଡୁ ସେବକ ନ ଥିବା ଦର୍ଶାଇ ବିମାନବଡୁ ସେବକମାନେ ବିମାନ ଉଠାଇ ନ ଥିଲେ। ଫଳରେ ନୀତି ବିଳମ୍ବ ହୋଇଥିବା ଜଣାପଡ଼ିଛି।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

**ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି**

metroselfie@gmail.com



@ ଭରତ



@ ଅଶୋକ



@ ରଞ୍ଜିତା



@ ସୌମ୍ୟ



@ କେତନ



@ ଶ୍ରୀକାନ୍ତ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟ ବିବେଚିତ ଫଟୋ ପ୍ରକାଶ ପାଇବ।



**ପୁରୀ:** ପଞ୍ଚୁପାଣ୍ଡବଙ୍କ ସହ ମହାପ୍ରଭୁ ଚାପ ଖେଳିବା ପାଇଁ ଶୋଭାଯାତ୍ରାରେ ଚନ୍ଦନ ଚକଡ଼ାକୁ ବିଜେ କରୁଛନ୍ତି।



ଠାକୁରଙ୍କ ଶୋଭାଯାତ୍ରାରେ ସଂକୀର୍ତ୍ତନ ପରିବେଷଣ ସହ ମେଢ଼ନୃତ୍ୟ ପ୍ରଦର୍ଶନ କରାଯାଉଛି।



ଚାପ ଖେଳ ଦେଖିବା ପାଇଁ ଚନ୍ଦନ ଚକଡ଼ାରେ ଶ୍ରଦ୍ଧାଳୁଙ୍କ ସମାଗମ।

## ସଂକ୍ଷେପରେ

### ବିଦ୍ୟୁତ୍ ଆଘାତରେ ଭାଇ ଉଭଣୀ ମୃତ

**କଳିଙ୍ଗନଗର,୧୨।୫(ଡି.ଏନ୍.ଏ.):** ଶୁକ୍ରବାର ବିଦ୍ୟୁତ୍ ଆଘାତରେ ଜଣେ ପ୍ରଧାନ ଶିକ୍ଷୟିତ୍ରୀ ଓ ତାଙ୍କ ସମ୍ପର୍କୀୟ ଭାଇଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ପ୍ରଧାନ ଶିକ୍ଷୟିତ୍ରୀ ନିତୁ ମାରାଣ୍ଡି( ୩୨) ଓ ତାଙ୍କ ସମ୍ପର୍କୀୟ ଭାଇ ତଥା ରେଲୱେ ପୋଲିସ ବିଭାଗର କନ୍‌ଷ୍ଟେବଲ ଶ୍ୟାମସୁନ୍ଦର ମାରାଣ୍ଡି। ନିତୁ ରାଇଘାଟି ସରକାରୀ ପ୍ରାଥମିକ ବିଦ୍ୟାଳୟରେ ପ୍ରଧାନ ଶିକ୍ଷୟିତ୍ରୀ ଥିଲେ। ତାଙ୍କ ଘର କେନ୍ଦୁଝର ଜିଲା ଟାଙ୍ଗିରିଆପାଳ ଥାନା ଦୈତାରୀ ଗ୍ରାମରେ। ସେହିପରି ଶ୍ୟାମସୁନ୍ଦରଙ୍କ ଘର ଚକ୍ରଧରପୁର ଗ୍ରାମରେ ବୋଲି ସୂଚନା ମିଳିଛି। ନିତୁ ରାଇଘାଟିରେ ଘର ଭଡ଼ା ନେଇ ରହୁଥିଲେ। ଶୁକ୍ରବାର ସେ କୋଠା ଉପରେ ବନ୍ଧା ଯାଇଥିବା ଜିଆଇ ତାରରେ କପଡ଼ା ଶୁଖାଉଥିଲେ। ହେଲେ ସେହି ତାର ବିଦ୍ୟୁତ୍ ସଂସ୍ପର୍ଶରେ ଆସିଯାଇଥିଲା। ଫଳରେ ନିତୁ ବିଦ୍ୟୁତ୍ ଆଘାତରେ ଛଟପଟ ହେଉଥିବା ବେଳେ ଶ୍ୟାମସୁନ୍ଦର ତାଙ୍କୁ ବଞ୍ଚାଇବାକୁ ଚେଷ୍ଟା କରିଥିଲେ। ସେ ମଧ ବିଦ୍ୟୁତ୍ ଆଘାତରେ ଗୁରୁତର ହୋଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ନିକଟସ୍ଥ ଡାକ୍ତରଖାନାକୁ ନେଇଥିଲେ। ସେଠାରେ ଡାକ୍ତର ଉଭୟଙ୍କୁ ମୃତ ଘୋଷଣା କରିଥିଲେ।

### ରଙ୍ଗମିସ୍ତ୍ରିଙ୍କୁ ନିର୍ମମ ହତ୍ୟା

**ଅଖା ଭିତରୁ ମୃତଦେହ ଜବତ**

**ସିମୁଳିଆ, ୧୨।୫(ଡି.ଏନ.ଏ.):** ବାଲେଶ୍ୱର ଜିଲା ଖଇରା ବ୍ଲକ ସିମୁଳିଆ ଥାନା ଅଧୀନ ରପେୟା ପଞ୍ଚାୟତ ବଳରାମପୁର ଗ୍ରାମ ନିକଟସ୍ଥ ରାଣୀତାଲ ମାଇନର କେନାଲ ପାର୍ଶ୍ୱରୁ ଶୁକ୍ରବାର ଜଣେ ରଙ୍ଗମିସ୍ତ୍ରୀଙ୍କ ମୃତଦେହକୁ ଅଖା ମଧ୍ୟରୁ ଜବତ କରାଯାଇଛି। ମୃତକ ହେଲେ ବରୋଦା ପଞ୍ଚାୟତ ନିରଞ୍ଜନବିନ୍ଧା ଗ୍ରାମର ରମେଶ ଦାସ (୪୦)। ଅତି ନିର୍ମମ ଭାବେ ତାଙ୍କ ଗଳା କଟାଯିବା ସହିତ ଦେହରେ ଏସିଡ୍ ଢଳାଯାଇଥିବା ସୂଚନା ମିଳିଛି। ସ୍ଥାନୀୟ ଲୋକମାନେ ରକ୍ତ ଲାଗିଥିବା ଅଖା ଦେଖି ପୋଲିସକୁ ସୂଚନା ଦେଇଥିଲେ। ସିମୁଳିଆ ପୋଲିସ, ଡଗ ସ୍କ୍ୱାଡ୍ ଏବଂ ସାଇଣ୍ଟିଫିକ ଟିମ୍ ପହଞ୍ଚି ତଦନ୍ତ କରିଥିଲେ। ରମେଶ ଦାସ ସ୍ଥାନୀୟ ଅଞ୍ଚଳରେ ଘର ଜ୍ୱାଇଁ ଭାବେ ରହିବା ସହିତ ଜଣେ ରଙ୍ଗ ମିସ୍ତ୍ରୀ ଭାବେ କାର୍ଯ୍ୟ କରୁଥିଲେ। ଗତ ରବିବାର ୩ରୁ ୪ ଜଣ ଅପରିଚିତ ବ୍ୟକ୍ତି ତାଙ୍କ ଘରେ ପହଞ୍ଚି ରମେଶଙ୍କୁ ଟଙ୍କା ମାଗିଥିଲେ। ଏହାକୁ ନେଇ କଥା କଟାକଟି ହୋଇଥିବା ରମେଶଙ୍କ ସ୍ତ୍ରୀ ମନୋରମା ସୂଚନା ଦେଇଛନ୍ତି। ପୋଲିସ ଘଟଣାର ତଦନ୍ତ ଚଳାଇଛି। ଶନିବାର ଶବ ବ୍ୟବଚ୍ଛେଦ କରାଯିବ।

### ପୋଲିସ କର୍ମଚାରୀଙ୍କ ସନ୍ଦେହଜନକ ମୃତ୍ୟୁ

**ନିଶ୍ଚିନ୍ତକୋଇଲି, ୧୨।୫ (ସ୍ୱ.ପ୍ର.):** ଡ୍ୟୁଟି କରିବାକୁ ଆସିଥିବା ଜଣେ ପୋଲିସ କର୍ମଚାରୀଙ୍କ ସନ୍ଦେହଜନକ ମୃତ୍ୟୁ ଘଟିଛି। ଏନେଇ ପରିବାର ଲୋକେ ତଦନ୍ତ ଦାବି କରିଛନ୍ତି। କଟକ ଜିଲା ନିଶ୍ଚିନ୍ତକୋଇଲି ବ୍ଲକର ଜିଗ୍ନିପୁରଠାରେ ଶୁକ୍ରବାର ଏହି ଘଟଣା ଘଟିଛି। ମୃତକ ହେଲେ ବାଙ୍କୀ ଥାନା ବିଲିପଡ଼ା ଗ୍ରାମର ଶ୍ରୀନିବାସ ରାଉତ(୫୫)। ସେ କଟକସ୍ଥିତ ପୋଲିସ ହେଡ୍ କ୍ୱାର୍ଟର୍ସରେ କନ୍‌ଷ୍ଟେବଲ ଭାବେ କାର୍ଯ୍ୟ କରୁଥିଲେ। ଗତ ୩ ଦିନ ପୂର୍ବେ ମାହାଙ୍ଗା ମହୋତ୍ସବକୁ ଡ୍ୟୁଟି କରିବାକୁ ଆସି ପୋଲିସ କ୍ୟାମ୍ପରେ ଥିଲେ। ସକାଳେ ତାଙ୍କୁ ସେଠାରେ ଚେତାଶୂନ୍ୟ ଅବସ୍ଥାରେ ଦେଖି ପୋଲିସ ସହକର୍ମୀମାନେ ସାଲେପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ଶ୍ରୀନିବାସଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ହଠାତ୍ ଏଭଳି ମୃତ୍ୟୁକୁ ପରିବାର ଲୋକେ ସହଜରେ ଗ୍ରହଣ କରିପାରିନାହାନ୍ତି। ସେମାନେ ଏହାର ତଦନ୍ତ ଦାବି କରିଛନ୍ତି। ସାଲେପୁର ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ରିପୋର୍ଟ ଆସିଲେ ଏ ସମ୍ପର୍କରେ ଅଧିକ ତଥ୍ୟ ଜଣାପଡ଼ିବ ବୋଲି ଥାନା ଅଧିକାରୀ ଗିରିଜା ଶଙ୍କର ପଟ୍ଟନାୟକ ସୂଚନା ଦେଇଛନ୍ତି।

### ବଳାତ୍କାର ଅଭିଯୁକ୍ତଙ୍କୁ ୧୦ ବର୍ଷ ଜେଲ

**ଛତ୍ରପୁର,୧୨।୫(ଡି.ଏନ୍.ଏ.):** ଗଞ୍ଜାମ ବ୍ଲକ ମାଳି ଜଗନ୍ନାଥପୁର ଗାଁରେ ୨୦୧୮ ମେ' ୫ ତାରିଖରେ ଘଟିଥିବା ଏକ ବଳାତ୍କାର ମାମଲାର ବିଚାର କରି ଛତ୍ରପୁର ଏଡିଜେ ମନୋରଞ୍ଜନ ଦାଶ ଅଭିଯୁକ୍ତଙ୍କୁ ୧୦ ବର୍ଷ କାରାଦଣ୍ଡାଦେଶ ପ୍ରଦାନ କରିଛନ୍ତି। ଏଥିସହ ୫ ହଜାର ଟଙ୍କା ଜରିମାନା ଦେବାକୁ ରାୟ ଶୁଣାଇଛନ୍ତି। ଜରିମାନା ଅନାଦାୟେ ଅତିରିକ୍ତ ୬ ମାସ ଜେଲଦଣ୍ଡ ଭୋଗିବାକୁ ପଡିବ ବୋଲି ରାୟରେ ଉଲ୍ଲେଖ ରହିଛି। ଅଭିଯୁକ୍ତ ଜଣଙ୍କ ହେଲେ ମାଳିଜଗନ୍ନାଥପୁର ଗାଁର ସୁଦର୍ଶନ ମହାପାତ୍ର ଓ ସେ ବିବାହିତ ବୋଲି ଜଣାପଡ଼ିଛି। ସରକାରଙ୍କ ପକ୍ଷରୁ ଓକିଲ ଡମିନାଥ ସାହୁ ମାମଲା ପରିଚାଳନା କରୁଥିଲେ।

# ଯୋରନ୍ଦା ହେବ ବିଶ୍ୱସ୍ତରୀୟ ପର୍ଯ୍ୟଟନସ୍ଥଳୀ

**ଢେଙ୍କାନାଳ ଅଫିସ, ୧୨।୫**


ବୈଠକରେ ଜିଲାପାଳ, ଏସ୍‌ପିଙ୍କ ସମେତ ଅନ୍ୟମାନେ।

■ ୧୩୦ ବର୍ଷ ଧରି ଲାଗି ରହିଥିବା ବିବାଦର ଅନ୍ତ

■ ୧୦ କୋଟିରେ ହେବ ପାରିପାର୍ଶ୍ୱିକ ବିକାଶମୂଳକ କାର୍ଯ୍ୟ

ବିଶ୍ୱପ୍ରସିଦ୍ଧ ମହିମା ଧର୍ମପୀଠ ଯୋରନ୍ଦାରେ ବଳ୍କଳଧାରୀ ଏବଂ କୌପୀନଧାରୀ ସନ୍ନ୍ୟାସୀ ଗୋଷ୍ଠୀ ମଧ୍ୟରେ ଦୀର୍ଘ ୧୩୦ବର୍ଷ ଧରି ଲାଗି ରହିଥିବା ବିବାଦର ଅନ୍ତ ଘଟିଛି। ଏହାପରେ ଯୋରନ୍ଦା ମହିମାଗାଦିକୁ ବିଶ୍ୱସ୍ତରୀୟ ପର୍ଯ୍ୟଟନସ୍ଥଳୀରେ ପରିଣତ କରିବା ଲାଗି ରାଜ୍ୟ ସରକାରଙ୍କ ପକ୍ଷରୁ ଉଦ୍ୟମ ଆରମ୍ଭ ହୋଇଛି। ପ୍ରାୟ ୧୦ କୋଟି ଟଙ୍କା ବ୍ୟୟରେ ପୀଠର ପାରିପାର୍ଶ୍ୱିକ ବିକାଶମୂଳକ କାର୍ଯ୍ୟ ହେବ। ଉଭୟ ଗୋଷ୍ଠୀର ନିଷ୍ପତ୍ତିକୁ ଅଗ୍ରାଧିକାର ଦିଆଯିବ। ଖୁବ୍‌ଶୀଘ୍ର ୫-ଟି ସଚିବ ମହିମାଗାଦି ପରିଦର୍ଶନ କରି ଉନ୍ନୟନ କାର୍ଯ୍ୟର ସମୀକ୍ଷା କରିବେ। ଶୁକ୍ରବାର ଯୋରନ୍ଦାରେ ଅନୁଷ୍ଠିତ ଏକ ସ୍ୱତନ୍ତ୍ର ବୈଠକରେ ଅଧ୍ୟକ୍ଷତା କରି ଜିଲାପାଳ ସରୋଜ କୁମାର ସେଠୀ ଏହି ସୂଚନା ଦେଇଛନ୍ତି।

ଢେଙ୍କାନାଳ ଜିଲାର ପର୍ଯ୍ୟଟନ କ୍ଷେତ୍ରର ଉନ୍ନତି ଲାଗି ରାଜ୍ୟ ସରକାର ମଞ୍ଜୁର କରିଥିବା ୫୦ କୋଟି ଟଙ୍କା ମଧ୍ୟରୁ ୧୦ କୋଟି ଯୋରନ୍ଦା ମହିମାଗାଦି ଉନ୍ନୟନ କାର୍ଯ୍ୟରେ ଖର୍ଚ୍ଚ କରାଯିବାକୁ ଯୋଜନା କରାଯାଇଛି। ଆବଶ୍ୟକ ପଡ଼ିଲେ ଅଧିକ ଅନୁଦାନ ଅର୍ଥ ଲୋଡ଼ାଯିବ। ପୀଠକୁ ଆକର୍ଷଣୀୟ କରିବା ଲାଗି ସମସ୍ତ ପଦକ୍ଷେପ ନିଆଯିବ। ପାର୍କ, ପୋଖରୀ ପୁନରୁଦ୍ଧାର ସାଙ୍ଗକୁ ରାସ୍ତା ଚଉଡ଼ା କରାଯିବ। ମଠ ସମ୍ପର୍କରେ ଜାଣିବା ପାଇଁ ସୂଚନା ଫଳକ ଲଗାଯିବ। ଉନ୍ନତମାନର ଶୌଚାଳୟ, ବନୀକରଣ, ପ୍ରାର୍ଥନା ଗୃହ, କଠିନ ବର୍ଜ୍ୟବସ୍ତୁ ପରିଚାଳନା ଲାଗି ସ୍ୱତନ୍ତ୍ର ଯୋଜନା କରାଯାଉଛି। ପୀଠକୁ ସମ୍ପୂର୍ଣ୍ଣ ଆଲୋକୀକରଣ କରାଯିବ। ମିଟିଂ ହଲ୍, ପର୍ଯ୍ୟଟକଙ୍କ ରହଣି ପାଇଁ ପାନ୍ଥଶାଳା ନିର୍ମାଣ ହେବ। ଯୋରନ୍ଦାକୁ ବର୍ଷତମାମ ପର୍ଯ୍ୟଟକ ଆସୁଥିବାରୁ ବ୍ୟବସ୍ଥିତ ପାର୍କିଂ ବ୍ୟବସ୍ଥା କରିବାକୁ ପ୍ରସ୍ତାବ ଦିଆଯାଇଛି। ଏସବୁ କାର୍ଯ୍ୟ ଲାଗି ଆର୍କିଟେକ୍‌ମାନେ ଡିଜାଇନ ଦେବେ। ଜିଲାର ସ୍ୱର୍ଣ୍ଣ ତ୍ରିଭୁଜ ଭାବେ ପରିଚିତ ଯୋରନ୍ଦା, କପିଳାସ ଓ ସପ୍ତଶଯ୍ୟା। ତନ୍ମଧ୍ୟରୁ ବିଶ୍ୱ ପ୍ରସିଦ୍ଧ ମହିମାଧର୍ମ ପୀଠ ଯୋରନ୍ଦାର ଉନ୍ନୟନ ଲାଗି ସରକାର ଯୋଜନା କରିଛନ୍ତି।

ମୁଖ୍ୟ ମନ୍ଦିରରେ ସମସ୍ତଙ୍କ ପାଇଁ ସମାନ ନୀତିକାନ୍ତି ହେବ ବୋଲି ନିଷ୍ପତ୍ତି ହୋଇଛି। ଢେଙ୍କାନାଳରେ ମହିମାଧର୍ମର ପ୍ରଚାରକ ସନ୍ଥକବି ଭୀମ ଭୋଇଙ୍କ ଏକ ପ୍ରତିମୂର୍ତ୍ତି ସ୍ଥାପନ, ବ୍ରାହ୍ମଣୀ ନଦୀର କାଲୁରିଆ-ଦିଘିକୁ ସଂଯୋଗ ଲାଗି ନିର୍ମାଣାଧୀନ ବ୍ରିଜ୍‌କୁ ମହିମା ସେତୁ ନାମରେ ନାମିତ କରିବା ପାଇଁ ପ୍ରସ୍ତାବ ଦିଆଯାଇଛି।

ସହଯୋଗିତା ମନୋଭାବ ନେଇ ପୀଠର ସୌନ୍ଦର୍ଯ୍ୟକରଣରେ ସାଧୁସନ୍ଥ, ଅଞ୍ଚଳବାସୀ ଆଗେଇ ଆସିବାକୁ ଏସ୍‌ପି ଜ୍ଞାନରଞ୍ଜନ ମହାପାତ୍ର ନିବେଦନ କରିଛନ୍ତି। ବଳ୍କଳଧାରୀ ସାଧୁ ନିତ୍ୟାନନ୍ଦ ବାବା, କୌପୀନଧାରୀ ସାଧୁ ଶ୍ରୀମଦ୍ ରଘୁନାଥ ବାବା, ଅବିନାଶୀ ବାବା ଆଲୋଚନାରେ ଭାଗନେଇ ପୀଠରେ ଥିବା ସମସ୍ତ ୩ ପୋଖରୀର ପୁନଃରୁଦ୍ଧାର କରିବାକୁ ଦାବି କରିଥିଲେ। ମହିମାଗାଦିର ଉନ୍ନତି ପାଇଁ ଦୁଇ ସାଧୁଗୋଷ୍ଠୀ ବିଶାଳ ହୃଦୟର ପରିଚୟ ଦେଇଛନ୍ତି। ବିବାଦୀୟ ମାମଲାଗୁଡ଼ିକୁ ପ୍ରତ୍ୟାହାର କରିନେବା ପାଇଁ ସେମାନେ ନିଷ୍ପତ୍ତି ନେଇଛନ୍ତି, ଯାହାକୁ ସବୁବର୍ଗ ସ୍ୱାଗତ କରିଛନ୍ତି। ଏଥିଲାଗି ସାଧୁସନ୍ୟାସୀମାନେ ମୁଖ୍ୟମନ୍ତ୍ରୀ, ଜିଲାର ଜନପ୍ରତିନିଧି, ପ୍ରଶାସନ, ପୋଲିସକୁ କୃତଜ୍ଞତା ଜ୍ଞାପନ କରିଛନ୍ତି। ବୈଠକରେ ଢେଙ୍କାନାଳ ଉପଜିଲାପାଳ ସ୍ନିଗ୍ଧାରାଣୀ ଧଳ, ଜିଲା ପର୍ଯ୍ୟଟନ ଅଧିକାରୀ ଜଗଦୀଶ ରାୟ ପ୍ରମୁଖ ଉପସ୍ଥିତ ଥିଲେ।

# ଲୁହାପଥର ବୋଝେଇ ଟ୍ରକ୍ ଲୁଟ୍

**ବଡ଼ବିଲ,୧୨।୫(ସ୍ୱ.ପ୍ର.)**

**ଚଳନ୍ତା ଗାଡ଼ିରୁ ଚାଳକଙ୍କୁ ଠେଲିଦେଲେ**

କେନ୍ଦୁଝର ଜିଲା ବଡ଼ବିଲ ଥାନା ଅନ୍ତର୍ଗତ ଜାତୀୟ ରାଜପଥର ଭଦ୍ରାସାହି-ଯୋଡ଼ା ରାସ୍ତାର ରୋଇଡ଼ା ଛକ ନିକଟରେ ଚାଳକଙ୍କୁ ଚଳନ୍ତା ଗାଡ଼ିରୁ ଠେଲି ୩ ଦୁର୍ବୃତ୍ତ ଲୁହାପଥର ବୋଝେଇ ଟ୍ରକ୍ ଲୁଟି ନେଇଛନ୍ତି। ଘଟଣାରେ ଅଭିଯୋଗ ପରେ ପୋଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

ସୂଚନା ଅନୁଯାୟୀ, ଗତ ବୁଧବାର ବିଳମ୍ବିତ ରାତିରେ କଳିଙ୍ଗନଗର ଅଞ୍ଚଳରେ ରହୁଥିବା ଅଂଶୁମାନ ପ୍ରଧାନଙ୍କ (ଓଡି ୦୯ ପି ୪୩୮୯)୧୦ ଚକିଆ ଟ୍ରକ୍ ଯୋଗେ ଚାଳକ ଶିବୁ ମୁଣ୍ଡା ସୁନ୍ଦରଗଡ଼ ଜିଲା ସାନିନ୍ଦପୁର ଖଣିରୁ ପ୍ରାୟ ୧୮ ଟନ୍ ସାଇଜ ଲୁହାପଥର ବୋଝେଇ କରି ବଡ଼ବିଲ ଅଭିମୁଖେ ଆସୁଥିଲେ। ଟଂଟୋ ନିକଟରେ ଚାଳକ କୌଣସି କାରଣରୁ ତଳକୁ ଓହ୍ଲାଇଥିଲେ। ତେବେ ଟ୍ରକ୍ ଉପରକୁ ଚଢ଼ିବା ସମୟରେ ୩ ଯୁବକ ତାଙ୍କୁ ମାଡ଼ ମାରିଥିଲେ। ଟ୍ରକ୍‌ଟିକୁ ଯୋଡ଼ା ଆଡ଼କୁ ନେଇଯାଇଥିଲେ। ରୋଇଡ଼ା ଛକ ନିକଟରେ ଦୁର୍ବୃତ୍ତମାନେ ଚାଳକଙ୍କ ମୋବାଇଲ ଲୁଟି ତାଙ୍କୁ ଚଳନ୍ତା ଗାଡ଼ିରୁ ଠେଲି ଦେଇ ପଳାଇଥିଲେ। ଏ ନେଇ ଚାଳକଙ୍କଠାରୁ ସୂଚନା ପାଇ ଟ୍ରକ୍ ମାଲିକ ଅଂଶୁମାନ ପହଞ୍ଚି ପୋଲିସକୁ ସୂଚନା ଦେଇଥିଲେ। ବଡ଼ବିଲ ଥାନାରେ (ନଂ. ୧୩୪/୨୩) ଏକ ମାମଲା ରୁଜୁ ହୋଇଛି। ତଦନ୍ତକାରୀ ରହିଥିବା ଥାନା ଅଧିକାରୀ ପ୍ରମୋଦିନୀ ସାହୁ ସୂଚନା ଦେଇଛନ୍ତି।

# ପୂର୍ବତନ ପ୍ରଧାନ ଶିକ୍ଷକଙ୍କ ସହ ୨ ଜଣଙ୍କୁ ଜେଲ

**ଫୁଲବାଣୀ ଅଫିସ,୧୨।୫**

**ସରକାରୀ ଅର୍ଥ ଆତ୍ମସାତ ମାମଲା**

ସରକାରୀ ଅର୍ଥ ଆତ୍ମସାତ ଅଭିଯୋଗ ମାମଲାର ବିଚାର କରି ଶୁକ୍ରବାର ଫୁଲବାଣୀ ସ୍ୱତନ୍ତ୍ର ଭିଜିଲାନ୍ସ ଜଜ୍ ସମର ବିଳାସ ବେହେରା ଏହି ଘଟଣାରେ ସମ୍ପୃକ୍ତ ଜଣେ ପୂର୍ବତନ ପ୍ରଧାନ ଶିକ୍ଷକଙ୍କ ସମେତ ୨ ଜଣଙ୍କୁ ୪ ବର୍ଷ ଜେଲ ଦଣ୍ଡାଦେଶ ଶୁଣାଇଛନ୍ତି। ଏଥିସହ ପ୍ରତ୍ୟେକଙ୍କୁ ୧୦ ହଜାର ଟଙ୍କା ଲେଖାଏ ଜରିମାନା କରିଛନ୍ତି। ଏହା ଅନାଦେୟ ସେମାନଙ୍କୁ ଅଧିକ ୬ ମାସ ଜେଲ ଭୋଗିବାକୁ ପଡିବ ବୋଲି ରାୟରେ ଉଲ୍ଲେଖ କରିଛନ୍ତି। ଅଭିଯୁକ୍ତମାନେ ହେଲେ ଖଜୁରିପଡ଼ା ବ୍ଲକ ଘାଟିତଳ ନୂତନ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ତତ୍କାଳୀନ ପ୍ରଧାନ ଶିକ୍ଷକ କିଶୋର କୁମାର ଦାସ, ସର୍ବଶିକ୍ଷା ଅଭିଯାନର ବୈଷୟିକ ପରାମର୍ଶଦାତା ପୃଥ୍ୱୀରାଜ ଲେଙ୍କା ଓ ବିଦ୍ୟାଳୟ କମିଟି ସଭାପତି ସୁବୀନ୍ଦ୍ର କହଁର।

୨୦୧୪ରେ ବିଦ୍ୟାଳୟ ଗୃହ ନିର୍ମାଣ ପାଇଁ ସର୍ବଶିକ୍ଷା ଅଭିଯାନ ପକ୍ଷରୁ ୯ ଲକ୍ଷ ୯୬ ହଜାର ଟଙ୍କା ମଞ୍ଜୁର ହୋଇଥିଲା। ଏହି ଅର୍ଥରୁ ୮ ଲକ୍ଷ ୯୬ ହଜାର ଟଙ୍କା ଉଠାଯାଇଥିଲା। ହେଲେ ଗୃହ ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇ ନ ଥିଲା। ଅଭିଯୁକ୍ତମାନେ କାମ ନ କରି ଏହି ଅର୍ଥ ଆତ୍ମସାତ କରିବା ଅଭିଯୋଗ ହୋଇଥିଲା। ଏ ନେଇ ଭିଜିଲାନ୍ସରେ ଅଭିଯୋଗ ହେବା ପରେ ଡିଏସ୍‌ପି ହରେକୃଷ୍ଣ ବେହେରା ଏହାର ତଦନ୍ତ କରିଥିଲେ । ବ୍ରହ୍ମପୁର ଭିଜିଲାନ୍ସ ଥାନାରେ ନଂ. ୩/୧୪ରେ ଏକ ମାମଲା ରୁଜୁ କରାଯାଇଥିଲା। ମୋଟ ୨୧ ଜଣଙ୍କ ସାକ୍ଷ୍ୟ ପ୍ରମାଣକୁ ଆଧାର କରି ବିଚାରପତି ଉପରୋକ୍ତ ଦଣ୍ଡାଦେଶ ଶୁଣାଇଛନ୍ତି। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପିପି ଭି.ଭି ରାମଦାସ ମାମଲା ପରିଚାଳନା କରୁଥିଲେ।

# ସବୁ ଜିଲାରେ ଫଳଚାଷ କରି ଚାଷୀଙ୍କ ଆୟ ବୃଦ୍ଧିକୁ ଗୁରୁତ୍ୱ ଦିଆଯିବ: ମନ୍ତ୍ରୀ

**ଭୁବନେଶ୍ୱର, ୧୨।୫(ବ୍ୟୁରୋ)**

ସ୍ଥାନୀୟ ମୃତ୍ତିକା ଓ ଜଳବାୟୁ ଅନୁସାରେ ରାଜ୍ୟରେ ସମସ୍ତ ଜିଲାରେ ଫଳଚାଷ କରି ଚାଷୀଙ୍କ ଆୟବୃଦ୍ଧି କରିବା ପ୍ରକ୍ରିୟାକୁ ବ୍ୟାପକ କରାଯିବ। ରାଜ୍ୟରେ ଖାଇବାତେଲ ଚାହିଦା ମେଣ୍ଟାଇବା ଦିଗରେ ଅଏଲ୍‌ପାମ୍ ଚାଷକୁ ପ୍ରୋତ୍ସାହିତ କରାଯିବା ସହିତ ଓଏମ୍‌ବିଏଡିସି ଅନ୍ତର୍ଗତ ଜିଲାଗୁଡ଼ିକରେ ଘରଦୁଆରେ ପୁଷ୍ଟି କାର୍ଯ୍ୟକ୍ରମକୁ ଅଧିକ ବ୍ୟାପକ କରାଯାଉଛି ବୋଲି କୃଷିମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ କହିଛନ୍ତି।

କୃଷି ଭବନଠାରେ ଶୁକ୍ରବାର ଆୟୋଜିତ ବୈଠକରେ ମନ୍ତ୍ରୀ ସ୍ୱାଇଁ କହିଛନ୍ତି, ରାଜ୍ୟରେ ଉଦ୍ୟାନ କୃଷି ମାଧ୍ୟମରେ ବିଭିନ୍ନ ଫଳ ଓ ପନିପରିବା ଚାଷ ନିମନ୍ତେ ରାଜ୍ୟ ସରକାର ଅନେକ ଯୋଜନା ମାଧ୍ୟମରେ ଚାଷୀଙ୍କୁ ପ୍ରୋତ୍ସାହନ ଯୋଗାଇ ଦେଇଛନ୍ତି। ଯୋଜନାଗୁଡ଼ିକ ଯେପରି ହିତାଧିକାରୀ ଚାଷୀଙ୍କ ନିକଟରେ ଠିକ୍ ଭାବରେ ପହଞ୍ଚିପାରିବ ସେନେଇ କ୍ଷେତ୍ର ଅଧିକାରୀମାନେ ଅଧିକ ତତ୍ପରତା ପ୍ରକାଶ କରିବା ଆବଶ୍ୟକ। କୃଷି ଉତ୍ପାଦନରେ ଉଦ୍ୟାନକୃଷିର ମହତ୍ତ୍ୱପୂର୍ଣ୍ଣ ଯୋଗଦାନ ରହିଥିବାରୁ ଭିତ୍ତିଭୂମିର ବିକାଶ ନିମନ୍ତେ ପଦକ୍ଷେପ ନିଆଯାଉଛି। ୨୦୨୨-୨୩ ବର୍ଷରେ ରାଜ୍ୟରେ ଫଳ ଓ ପନିପରିବା ଆଦି ଉଦ୍ୟାନକୃଷି ଉତ୍ପାଦନ ମୋଟ ୧୩.୬୯ ମିଲିୟନ ଟନ୍‌ରୁ ଉର୍ଦ୍ଧ୍ୱ ବୋଲି ଉଦ୍ୟାନ କୃଷି ନିର୍ଦ୍ଦେଶାଳୟର ଦ୍ୱିତୀୟ ଆଗୁଆ ଆକଳନରୁ ଜଣାପଡ଼ିଛି ବୋଲି ମନ୍ତ୍ରୀ ସ୍ୱାଇଁ କହିଛନ୍ତି। ଉଦ୍ୟାନକୃଷି ଅଧିକାରୀ ଓ କର୍ମଚାରୀଙ୍କୁ ଫଳ ଓ ପନିପରିବା ଚାଷର ନୂତନ ଜ୍ଞାନକୌଶଳ ସମ୍ପର୍କରେ ଅବଗତ କରାଇବା ନିମନ୍ତେ ନିୟମିତ ବ୍ୟବଧାନରେ ରିଫ୍ରେସର ଟ୍ରେନିଂର ବ୍ୟବସ୍ଥା କରିବା ପାଇଁ ମନ୍ତ୍ରୀ ପରାମର୍ଶ ଦେଇଛନ୍ତି।


ବୈଠକରେ ଉପସ୍ଥିତ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଓ ଅନ୍ୟ ଅଧିକାରୀ।

# ଓଏସ୍‌ଆଇସି ଏମ୍‌ଡି ଭାବେ ଦୀପଙ୍କର ମହାପାତ୍ରଙ୍କ ଦାୟିତ୍ୱ ଗ୍ରହଣ


ଓଏସ୍‌ଆଇସିର ଏମ୍‌ଡି ଦୀପଙ୍କର ମହାପାତ୍ରଙ୍କୁ ଅଧ୍ୟକ୍ଷ ଚିନ୍ମୟ ସାହୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରୁଛନ୍ତି।

**କଟକ ଅଫିସ, ୧୨।୫:** ଓଡ଼ିଶା କ୍ଷୁଦ୍ର ଶିଳ୍ପ ନିଗମ (ଓଏସ୍‌ଆଇସି)ର ପରିଚାଳନା ନିର୍ଦ୍ଦେଶକ (ଏମ୍‌ଡି) ଭାବେ ଆଇଏଏସ୍ ଅଧିକାରୀ ଦୀପଙ୍କର ମହାପାତ୍ର ଶୁକ୍ରବାର ଦାୟିତ୍ୱ ଗ୍ରହଣ କରିଛନ୍ତି। ଏହି ଅବସରରେ ଓଏସ୍‌ଆଇସି କାର୍ଯ୍ୟାଳୟରେ ଏକ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଓଏସ୍‌ଆଇସି ଅଧ୍ୟକ୍ଷ ଚିନ୍ମୟ ସାହୁ ପୁଷ୍ପଗୁଚ୍ଛ ଦେଇ ମହାପାତ୍ରଙ୍କୁ ସ୍ୱାଗତ କରିଥିଲେ। ଏହି ଅବସରରେ ମହାପାତ୍ର ନିଗମର ବିଭିନ୍ନ କାର୍ଯ୍ୟଶୈଳୀ ଉପରେ ଅଧିକାରୀମାନଙ୍କ ସହ ଆଲୋଚନା କରିଥିଲେ। ଏଥିସହ ନିଗମର କାର୍ଯ୍ୟଶୈଳୀରେ ପରିବର୍ତ୍ତନ ଆଣି ଶିଳ୍ପାଭିମୁଖୀ କରିବା ପାଇଁ ଗୁରୁତ୍ୱ ଦେଇଥିଲେ। ସୂଚନାଯୋଗ୍ୟ, ମହାପାତ୍ର ଏହାପୂର୍ବରୁ କୋଷାଗାର ଏବଂ ନିରୀକ୍ଷଣ ନିର୍ଦ୍ଦେଶାଳୟର ଅତିରିକ୍ତ ନିର୍ଦ୍ଦେଶକ ଭାବେ ଦାୟିତ୍ୱ ନିର୍ବାହ କରୁଥିଲେ।

# ଅଧିକ କଳାପଥର ଖନନ, ୨ ଲିଜ୍‌ଧାରୀଙ୍କୁ ୧୩ କୋଟି ଟଙ୍କା ଜରିମାନା

**ଧର୍ମଶାଳା,୧୨।୫(ଡି.ଏନ.ଏ.)**

ଧର୍ମଶାଳା ତହସିଲ ଅନ୍ତର୍ଗତ ଆରୁହା ଓ ସାହାଣୀଡିହ କଳାପଥର ଖାଦାନରେ ଲିଜ୍ ପରିମାଣରୁ ଅଧିକ ପରିମାଣର କଳାପଥର ଉତ୍ତୋଳନ କରିଥିବା ଯୋଗୁ ତହସିଲ ପକ୍ଷରୁ ୨ ଲିଜ୍‌ଧାରୀଙ୍କ ଉପରେ ୧୩ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ଜରିମାନା କରାଯାଇଛି। ଆରୁହା କଳାପଥର ଖାଦାନର ଇଜରାଦାର ମନୋଜ କୁମାର ସାମଲ ଅଧିକ କଳାପଥର ଖନନ କରିଥିବାରୁ ଜିଲା ପ୍ରଶାସନ ପକ୍ଷରୁ ମାପଚୁପ କରାଯାଇ ତାଙ୍କ ଉପରେ ୮ କୋଟି ୬୩ଲକ୍ଷ ୩୩ହଜାର ୯୧୯ଟଙ୍କା ପଇଠ କରିବାକୁ ଧର୍ମଶାଳା ତହସିଲ ପକ୍ଷରୁ ନୋଟିସ କରାଯାଇଛି। ସେହିପରି ସାହାଣୀଡିହ କଳାପଥର ଖାଦାନର ଇଜରାଦାର ପିଆର୍‌ପିଏଲ୍ କମ୍ପାନୀ ଚୁକ୍ତିନାମାଠାରୁ ଅଧିକ ଖନନ କରିଥିବାରୁ ୪ କୋଟି୭୬ ଲକ୍ଷ ୯୬ ହଜାର ୯୨୬ଟଙ୍କା ଜରିମାନା କରାଯାଇଛି। ପୂର୍ବରୁ ଧର୍ମଶାଳା ତହସିଲ ପକ୍ଷରୁ ୨୨ଜଣ ଲିଜ୍‌ଧାରୀ ମାତ୍ରାଧିକ ଖନନ ଅଭିଯୋଗରେ ୩୨୦ କୋଟି ଟଙ୍କା ଜରିମାନା ଦେବା ପାଇଁ ସମ୍ପୃକ୍ତ ଇଜରାଦାରଙ୍କୁ ନୋଟିସ ହୋଇଛି। ମାତ୍ର ଲିଜ୍‌ଧାରୀମାନେ ଜରିମାନା ଟଙ୍କା ପଇଠ କରିବା ପରିବର୍ତ୍ତେ ଆଇନର ଆଶ୍ରୟ ନେଇଛନ୍ତି।

# ୧୫ରେ ୭ ଜିଲାରେ ମାଓବାଦୀଙ୍କ ବନ୍ଦ ଡାକରା

**ଅଡିଓ ଟେପ୍ ଜାରିକଲା ସଙ୍ଗଠନ**

**ରାୟଗଡ଼ା,୧୨।୫(ସ୍ୱ.ପ୍ର.)**

ଆସନ୍ତା ୧୫ ତାରିଖରେ ଓଡ଼ିଶାର ୭ ଜିଲାରେ ବନ୍ଦ ପାଳନ କରାଯିବ ବୋଲି ସିପିଆଇ ମାଓବାଦୀ ସଙ୍ଗଠନ ପକ୍ଷରୁ ଶୁକ୍ରବାର ଏକ ଅଡିଓ ଟେପ୍ ଜାରି କରାଯାଇଛି। ମାଓବାଦୀ ସଙ୍ଗଠନର ପ୍ରବକ୍ତା ଚକରା ବିଷୋୟୀ ଜାରି କରିଥିବା ଏହି ଅଡିଓରେ ୧୨ ଦଫା ଦାବି ନେଇ ୭ ଜିଲା ଯଥା ରାୟଗଡ଼ା, ବୌଦ୍ଧ, ଗଞ୍ଜାମ, କନ୍ଧମାଳ, କଳାହାଣ୍ଡି, ଗଜପତି ଓ ନୟାଗଡ଼ରେ ବନ୍ଦ ପାଳନ ନିମନ୍ତେ ଆହ୍ୱାନ କରିଛନ୍ତି। ୧୫ ତାରିଖରେ ମେଡିକାଲ, ଔଷଧ ଦୋକାନ, ଆମ୍ବୁଲାନ୍ସ, କ୍ଷୀର ଗାଡ଼ି ଓ ପରୀକ୍ଷା କେନ୍ଦ୍ରକୁ ବନ୍ଦରୁ ବାଦ୍ ଦିଆଯିବ ବୋଲି ଚକରା କହିଛନ୍ତି। ୧୫ ତାରିଖରେ ବନ୍ଦ ସଫଳ କରିବା ପାଇଁ ସମସ୍ତ ବର୍ଗର ଲୋକ ସହଯୋଗ କରିବାକୁ ମାଓବାଦୀ ସଙ୍ଗଠନ ପ୍ରବକ୍ତା ଚକରା ନିବେଦନ କରିଛନ୍ତି।

# ଗଁଡିଆରୁ ଦୁବାଇ ଯିବେ ନିର୍ମଳା

**ଢେଙ୍କାନାଳ ଅଫିସ, ୧୨।୫**

ଆସନ୍ତା ୧୫ ତାରିଖରେ ଭୁବନେଶ୍ୱରରୁ ଦୁବାଇକୁ ଆରମ୍ଭ ହେବାକୁ ଯାଉଛି ବିମାନସେବା। ଏଥିରେ ଯାତ୍ରା କରିବେ ଢେଙ୍କାନାଳ ଜିଲା ମିଶନ ଶକ୍ତି ମହାସଂଘ ସମ୍ପାଦିକା ନିର୍ମଳା ସାହୁ। ନାରୀ ସଶକ୍ତୀକରଣ କ୍ଷେତ୍ରରେ ଉଦାହରଣ ସୃଷ୍ଟି କରିଥିବା ନିର୍ମଳା ରାଜ୍ୟ ସରକାରଙ୍କ ଦ୍ୱାରା ଦୁବାଇ ଯାତ୍ରା ଲାଗି ଚୟନ ହେବା ଜିଲା ପାଇଁ ଗୌରବର ବିଷୟ। ଜିଲା କାର୍ଯ୍ୟାଳୟ ସଦ୍‌ଭାବନା ଗୃହରେ ଆୟୋଜିତ ଏକ


ନିର୍ମଳା ସାହୁ।

ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଶୁକ୍ରବାର ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରି ଜିଲାପାଳ ସରୋଜ କୁମାର ସେଠୀ ଜିଲାର ମିଶନ ଶକ୍ତି କାର୍ଯ୍ୟକ୍ରମକୁ ନେଇ ସନ୍ତୋଷ ବ୍ୟକ୍ତ କରିଥିଲେ। ସୂଚନାଯୋଗ୍ୟ, ଗଁଡିଆ ବ୍ଲକ ଅନ୍ନପୁରର ମାୟାଧର ସାହୁଙ୍କ ସ୍ତ୍ରୀ ନିର୍ମଳା ୨୦୦୧ରେ ଶକ୍ତି ରାଧାକୃଷ୍ଣ ସ୍ୱୟଂ ସହାୟକ ଗୋଷ୍ଠୀ ଗଢ଼ିଥିଲେ। ୨୦୦୮ରେ ବ୍ଲକସ୍ତରୀୟ ଫେଡେରେଶନ ଗଠନ କରିଥିଲେ। ପରବର୍ତ୍ତୀ ସମୟରେ ଜିଲାସ୍ତରୀୟ ମିଶନ ଶକ୍ତି ମହାସଂଘର ସମ୍ପାଦିକା ହୋଇଥିଲେ। କୋଭିଡ୍ ସମୟରେ ନିର୍ମଳାଙ୍କ ସେବାମୂଳକ କାର୍ଯ୍ୟ ଦୃଷ୍ଟି ଆକର୍ଷଣ କରିଥିଲା।


ଭୁବନେଶ୍ୱର ରବୀନ୍ଦ୍ର ମଣ୍ଡପରେ ଚାଲିଥିବା ଶବ୍ଦରଙ୍ଗ ନାଟକ ମହୋତ୍ସବର ଶୁକ୍ରବାର ଦ୍ୱିତୀୟ ସନ୍ଧ୍ୟାରେ ପରିବେଷିତ ନାଟକ 'ଆବୁ'ର ଏକ ଦୃଶ୍ୟ।

# ଦୁର୍ଗମ ତୁଳସୀ ଗାଁରେ ବରିଷ୍ଠ ପୋଲିସ ଅଧିକାରୀ

**ମାଲକାନଗିରି,୧୨।୫(ଡି.ଏନ୍.ଏ.)**


ତୁଳସୀ ଗାଁକୁ ଯାଇଥିବା ପୋଲିସ ଅଧିକାରୀମାନେ।

ମାଲକାନଗିରି ଜିଲା ମାଥିଲି ବ୍ଲକରେ ଥିବା ଦୁର୍ଗମ ତୁଳସୀ ଘାଟିରେ ଗତ ମାସଠାରୁ ଅସ୍ଥାୟୀ ବିଏସ୍‌ଏଫ୍ କ୍ୟାମ୍ପ ଖୋଲାଯାଇଛି। ଶୁକ୍ରବାର ଗୋଇନ୍ଦା ବିଭାଗ ନିର୍ଦ୍ଦେଶକ ସଞ୍ଜୀବ ପଣ୍ଡା, ଏଡିଜି ଅପରେଶନ ଅମିତାଭ ଠାକୁର, କୋରାପୁଟ ଡିଆଇଜି ରାଜେଶ ପଣ୍ଡିତ, ବିଏସ୍‌ଏଫ୍‌ର ବହୁ ବରିଷ୍ଠ ଅଧିକାରୀ ସେଠାକୁ ଯାଇ ମାଓବାଦୀଙ୍କ ସ୍ଥିତି ସମୀକ୍ଷା କରିଛନ୍ତି। ପରେ ଅଧିକାରୀମାନେ ତୁଳସୀ ଗାଁର ଲୋକଙ୍କ ସହ ମିଶି ବିଭିନ୍ନ ବିଷୟରେ ଆଲୋଚନାକରି ସ୍ଥାନୀୟ ଅଞ୍ଚଳର ବିକାଶ ପାଇଁ ଆଶା ସୃଷ୍ଟି କରାଇଛନ୍ତି। ଏଥିସହ ବିଭିନ୍ନ ସାମଗ୍ରୀ ମଧ୍ୟ ବଣ୍ଟନ କରିଛନ୍ତି।

ସରକାରଙ୍କ ଉଦ୍ୟମରେ ବିଏସ୍‌ଏଫ୍ ଯବାନ ଓ ପୋଲିସ ପକ୍ଷରୁ ଘନ ଘନ ଅପରେଶନ ହେବା ଦ୍ୱାରା ଅଞ୍ଚଳରେ ମାଓବାଦୀଙ୍କ ଗଡ଼ ଭାଙ୍ଗିଛି। ସୁରକ୍ଷାକୁ ଆହୁରି ମଜଭୁତ କରିବା ପାଇଁ ବିଏସ୍‌ଏଫ୍ କ୍ୟାମ୍ପ ଖୋଲି ଲୋକଙ୍କ ମନୋବଳ ବଢ଼ାଇଛି ଜିଲା ପୋଲିସ ପ୍ରଶାସନ। ରାଜ୍ୟ ସରକାରଙ୍କ ଜନକଲ୍ୟାଣ ଯୋଜନାଗୁଡ଼ିକ କିପରି ପହଞ୍ଚିବ ଏବଂ ଏହା ସମ୍ପୂର୍ଣ୍ଣ ମାଓବାଦୀମୁକ୍ତ ହେବ ସେନେଇ ପୋଲିସ ପ୍ରଶାସନର ଏହି ବରିଷ୍ଠ ଅଧିକାରୀମାନେ ଆଲୋଚନା କରିଛନ୍ତି। ମାଓବାଦୀଙ୍କୁ ସମୂଳେ ନାଶ ପାଇଁ ସ୍ୱତନ୍ତ୍ର ବ୍ଲୁପ୍ରିଣ୍ଟ ପ୍ରସ୍ତୁତ କରିବାକୁ ଅଧିକାରୀମାନେ ମତ ରଖି ଯବାନଙ୍କ ମନୋବଳ ବଢ଼ାଇଛନ୍ତି। ଗସ୍ତ ସମୟରେ ମାଲକାନଗିରି ଏସ୍‌ପି ନୀତେଶ ୱାଧୱାନିଙ୍କ ସମେତ ମାଥିଲି ଥାନା ଅଧିକାରୀ ଓ ଅନ୍ୟ ପୋଲିସ କର୍ମଚାରୀମାନେ ଉପସ୍ଥିତ ଥିଲେ।

ଧରିତ୍ରୀ DHARITRI

ଭୁବନେଶ୍ୱର, ଶନିବାର, ୧୩ ମେ, ୨୦୨୩




## ସଂକ୍ଷେପରେ

### ବଚସାକୁ ନେଇ ଛୁରାମାଡ଼: ଯୁବକ ମୃତ



**ସାଲେପୁର,୧୨।୫(ଡି.ଏନ୍.ଏ.):** ସାଲେପୁର ଥାନା ବାଲିସାହି ପଞ୍ଚାୟତ ଅନ୍ତର୍ଗତ ମାଛୁଆତିଠାରେ କୌଣସି କାରଣ ନେଇ ୨ଜଣ ଯୁବକଙ୍କ ମଧ୍ୟରେ ବଚସା ପରେ ଛୁରାମାଡ଼ ହୋଇଛି। ଫଳରେ ଜଣଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ମାଛୁଆତି ଗ୍ରାମର ମନୁଆ କାଣ୍ଡିଙ୍କ ପୁତ୍ର ଲିକୁ କାଣ୍ଡି(୨୫)। ଘଟଣା ପରେ ଅଭିଯୁକ୍ତ ବୁଦ୍ଧିଆ ସ୍ୱାଇଁ ଘଟଣାସ୍ଥଳରୁ ଫେରାର ହୋଇଯାଇଛନ୍ତି। ଏନେଇ ଗ୍ରାମରେ ଉତ୍ତେଜନା ପ୍ରକାଶ ପାଇଛି। ବୁଦ୍ଧିଆ ଓ ଲିକୁ ମାଛୁଆତି ଦୁର୍ଗାମଣ୍ଡପ ନିକଟରେ ଅପରାହ୍ନ ସମୟରେ ଠିଆ ହୋଇଥିଲେ। କୌଣସି କାରଣରୁ ସେମାନଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ଏଥିରେ ବୁଦ୍ଧିଆ ଉତ୍କ୍ଷିପ୍ତ ହୋଇ ପାଖରେ ରଖିଥିବା ଛୁରା ସାହାଯ୍ୟରେ ଲିକୁଙ୍କ ଛାତିରେ ଭୁସି ଦେଇଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ପ୍ରଥମେ ସାଲେପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ କଟକ ବଡ଼ ଡାକ୍ତରଖାନା ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଲିକୁଙ୍କ ମୃତ୍ୟୁ ଘଟିଛି। ପୋଲିସ ବୁଦ୍ଧିଆଙ୍କ ଭାଇଙ୍କୁ ଅଟକ ରଖି ପଚାରଉଚରା କରୁଛନ୍ତି।

### ଇସ୍ତଫା ଦେଲେ ନାଏବ ସରପଞ୍ଚ

**ବାରଙ୍ଗ,୧୨।୫(ଡି.ଏନ୍.ଏ.):** ବାରଙ୍ଗ ବ୍ଲକ ୩୨ ନମ୍ବର ଜୋନର ମୁଣ୍ଡଳୀ ପଞ୍ଚାୟତର ନାଏବ ସରପଞ୍ଚ ସସ୍ମିତା ଦଳାଇ ବ୍ୟକ୍ତିଗତ କାରଣକୁ ନେଇ ନିଜ ପଦରୁ ଇସ୍ତଫା ଦେଇଛନ୍ତି। ସେ ତାଙ୍କ ଇସ୍ତଫାପତ୍ର ବାରଙ୍ଗ ବ୍ଲକ ବିଡିଓଙ୍କୁ ଭେଟି ପ୍ରଦାନ କରିଛନ୍ତି। ସୂଚନାଯୋଗ୍ୟ, ମୁଣ୍ଡଳି ପଞ୍ଚାୟତର ୨ ନମ୍ବର ୱାର୍ଡ ସଭ୍ୟା ସସ୍ମିତା ଦଳାଇ ନିଜର ବ୍ୟକ୍ତିଗତ କାରଣ ଓ ପାରିବାରିକ ସମସ୍ୟା ଦର୍ଶାଇଥିବା ଇସ୍ତଫା ଦେଇଥିବା ନେଇ ଇସ୍ତଫା ପତ୍ରରେ ଉଲ୍ଲେଖ କରିଛନ୍ତି।

### ମା', ପୁଅ ନିଖୋଜ: ଥାନାରେ ଅଭିଯୋଗ

**ନିଶ୍ଚିନ୍ତକୋଇଲି,୧୨।୫(ସ୍ୱ.ପ୍ର.):** ନିଶ୍ଚିନ୍ତକୋଇଲି ଥାନା ବୁହାଲୋ ପଞ୍ଚାୟତ ଅନ୍ତର୍ଗତ ବରପଡା ଗ୍ରାମରୁ ଗୁରୁବାର ରାତିରେ ଶିଶୁପୁତ୍ର ସହ ମହିଳା ନିଖୋଜ ହୋଇଯାଇଛନ୍ତି। ଏନେଇ ଥାନାରେ ମହିଳାଙ୍କ ବାପା ଅଭିଯୋଗ କରିଛନ୍ତି। ତାଙ୍କ ଅଭିଯୋଗ ଅନୁଯାୟୀ, ଶାଶୁଘର ସହ ବିବାଦ ଯୋଗୁ ଗୌରାଙ୍ଗ ପଣ୍ଡାଙ୍କ ଝିଅ ଝୁନି କିଛି ଦିନ ହେବ ଶିଶୁପୁତ୍ର ସହ ବାପଘରେ ରହି ଆସୁଥିଲେ। ଗୁରୁବାର ରାତିରେ ଦୁହେଁ ରହସ୍ୟଜନକ ଭାବେ ନିଖୋଜ ହୋଇଯାଇଥିଲେ। ପରିବାର ଲୋକେ ବହୁ ଖୋଜାଖୋଜି ପରେ ମଧ ମା' ପୁଅଙ୍କ କୌଣସି ପତ୍ତା ନ ମିଳି ନଥିଲା। ଶେଷରେ ଥାନାରେ ଅଭିଯୋଗ କରାଯାଇଥିଲା। ଏନେଇ ତଦନ୍ତ ଜାରି ରହିଛି ବୋଲି ଥାନା ଆଇଆଇସି ଚିନ୍ମୟୀ ସାହୁ କହିଛନ୍ତି।

# ନିୟମ ପାଳୁ ନ ଥିବା ୧୯୩ ମଣ୍ଡପକୁ ନୋଟିସ

**କଟକ ଅଫିସ,୧୨।୫**




କଟକ ମହାନଗର ନିଗମ (ସିଏମ୍‌ସି) ସୀମା ଭିତରେ ବିନା ଅନୁମତି ଓ ଆବଶ୍ୟକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ ନ କରି ମଣ୍ଡପ ପରିଚାଳିତ ହେଉଛି। ଏଥିପାଇଁ ସିଏମ୍‌ସି ପକ୍ଷରୁ କ୍ଷେତ୍ର ପରିଦର୍ଶନ କରାଯିବା ପରେ ଏକାଧିକ ମଣ୍ଡପ ବେଆଇନ ଭାବେ ଚାଲୁଥିବା ଜଣାପଡ଼ିଛି। ତେବେ ଆବଶ୍ୟକ କାଗଜପତ୍ର ଦାଖଲ ନ କଲେ ମଣ୍ଡପକୁ ବନ୍ଦ କରିଦିଆଯିବ ବୋଲି ସିଏମ୍‌ସି କମିଶନର ନିଖିଲ ପଵନ କଲ୍ୟାଣ ଶୁକ୍ରବାର ଏକ ବିଜ୍ଞପ୍ତି ଜାରି କରିଛନ୍ତି। ବେଆଇନ କଲ୍ୟାଣ ମଣ୍ଡପ ବନ୍ଦ କରିବାକୁ ହାଇକୋର୍ଟରେ ମାମଲା ରୁଜୁ ହୋଇଥିଲା। ଏହି କ୍ରମରେ ଦୃଢ଼ ପଦକ୍ଷେପ ନେବାକୁ ଅଦାଲତ ନିର୍ଦ୍ଦେଶ ଦେବା ପରେ ସିଏମ୍‌ସି କର୍ତ୍ତୃପକ୍ଷ ବେଆଇନ ଭାବେ ମଣ୍ଡପ ଚଳାଉଥିବା ମାଲିକଙ୍କୁ ମାସେ ଭିତରେ ସମସ୍ତ କାଗଜପତ୍ର ଦାଖଲ କରିବାକୁ ମହଲତ ଦେଇଛନ୍ତି। ଅଦାଲତଙ୍କ ନିର୍ଦ୍ଦେଶ ମୁତାବକ ଆବଶ୍ୟକ ନିୟମ ପାଳନ କରୁ ନ ଥିବା ୧୯୩ଟି ମଣ୍ଡପକୁ ନୋଟିସ୍ ଜାରି କରାଯାଇଛି। ଆସନ୍ତା ଜୁନ୍ ୧୫ ସୁଦ୍ଧା ମଣ୍ଡପ ମାଲିକମାନେ ଅନୁମତିପତ୍ର, ଲାଇସେନ୍ସ, ହୋଲ୍ଡିଂ ଟିକସ ରିସିପ୍ଟ, ୟୁଜର୍ସ ଫି', ବିଲ୍ଡିଂ ପ୍ଲାନ ଅନୁମୋଦନ ପ୍ରଭୃତି ସିଏମ୍‌ସିରେ ଦାଖଲ କରିବେ। ନଚେତ୍ ଆଇନ ଅନୁଯାୟୀ ପଦକ୍ଷେପ ଗ୍ରହଣ କରାଯିବ। ସେହିପରି

### ଜୁନ୍ ୧୫ ସୁଦ୍ଧା କାଗଜପତ୍ର ଦାଖଲ କର

ଜୁନ୍ ୧୫ ପରେ ଯେଉଁ ବ୍ୟକ୍ତି କଲ୍ୟାଣ ମଣ୍ଡପ/ବିବାହ ମଣ୍ଡପ ବୁକିଂ କରିବେ, ସେମାନେ ଉକ୍ତ ମଣ୍ଡପର ଆଇନଗତ ପ୍ରମାଣପତ୍ର ଅଛି କି ନାହିଁ ଯାଞ୍ଚ କରିବାକୁ ସିଏମ୍‌ସି କମିଶନର ଅନୁରୋଧ କରିଛନ୍ତି। ବେଆଇନ ମଣ୍ଡପଗୁଡ଼ିକ ବନ୍ଦ କରିବାକୁ ଡେପୁଟି କମିଶନର ଅମିୟ ପଣ୍ଡା ପ୍ରକ୍ରିୟା ଆରମ୍ଭ କରିଛନ୍ତି। ଏନେଇ ସବିଶେଷ ତାଲିକା ପ୍ରସ୍ତୁତ କରାଯାଇଛି। ୧୫ ତାରିଖ ପରେ ମଣ୍ଡପ ମାଲିକମାନେ କାଗଜପତ୍ର ଦାଖଲ ନ କଲେ ଆଇନ ଅନୁଯାୟୀ ତାଲା ପକାଇବାକୁ ପଣ୍ଡା କର୍ମଚାରୀଙ୍କୁ ନିର୍ଦ୍ଦେଶ ଦେଇଥିବା ଜଣାପଡ଼ିଛି।

# ବିଭିନ୍ନ ପ୍ରକଳ୍ପ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ



ଭିତ୍ତିପ୍ରସ୍ତର ସ୍ଥାପନ ଅବସରରେ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଓ ଅନ୍ୟମାନେ।

**ତିଗିରିଆ,୧୨।୫ (ଡି. ଏନ. ଏ )**

ତିଗିରିଆ ବ୍ଲକ ଅନ୍ତର୍ଗତ ବିଭିନ୍ନ ପଞ୍ଚାୟତରେ ନୂତନ ପଞ୍ଚାୟତ କାର୍ଯ୍ୟାଳୟ, ସ୍ୱାସ୍ଥ୍ୟ ଉପକେନ୍ଦ୍ର ଏବଂ ବ୍ଲକ କାର୍ଯ୍ୟାଳୟ ପରିସରରେ ସରପଞ୍ଚ, ସମିତି ସଭ୍ୟଙ୍କ ପାଇଁ ବୈଠକ ଗୃହ ନିମନ୍ତେ ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। କୃଷି ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁଙ୍କ ଦ୍ୱାରା ଏସବୁ ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଥିଲା। ଭୋଗଡା ପଞ୍ଚାୟତ କାର୍ଯ୍ୟାଳୟ ପାଇଁ ୩୫ ଲକ୍ଷ, ଗଦାଧରପୁର ପଞ୍ଚାୟତର କଳିବିର ଠାରେ ଓ ପୁରୁଣା ତିଗିରିଆଠାରେ ନୂତନ କାର୍ଯ୍ୟାଳୟ ପାଇଁ ୨୮ ଲକ୍ଷ ଟଙ୍କା ଲେଖାଏ ବ୍ୟୟ ଅଟକଳ କରାଯାଇଛି। ସେହିପରି ତିଗିରିଆ ବ୍ଲକ କାର୍ଯ୍ୟାଳୟ ପରିସରରେ ନୂତନ ବୈଠକ ଗୃହ ପାଇଁ ୧୧ ଲକ୍ଷ ଟଙ୍କା ବ୍ୟୟ ଅଟକଳ କରାଯାଇଛି। ଏହି କାର୍ଯ୍ୟରେ ତିଗିରିଆ ସମିତି ଅଧ୍ୟକ୍ଷା ସନ୍ଧ୍ୟାରାଣୀ ନାୟକ, ଉପାଧ୍ୟକ୍ଷ ମାନସ ସାହୁ, ଜିଲା ପରିଷଦ ସଭ୍ୟା ସସ୍ମିତା ରାଉତ, ସଭ୍ୟ ସଞ୍ଜୟ ମଲ୍ଲିକ, ସହକାରୀ ଯନ୍ତ୍ରୀ ଅଶୋକ ନନ୍ଦ, ପାଞ୍ଚଗାଁ ସରପଞ୍ଚ ନିରଞ୍ଜନ ଦଳେଇ, ଭୋଗଡା ସରପଞ୍ଚ ଶର୍ମିଳା ନାୟକ, ଗଦାଧରପୁର ସରପଞ୍ଚ ପୁଷ୍ପିତା ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।

# କୃତ୍ରିମ ହାତୀରେ ମଦନମୋହନଙ୍କ ଗ୍ରାମ ପରିକ୍ରମା



ମଦନମୋହନଙ୍କ ଚଳନ୍ତି ପ୍ରତିମା କୃତ୍ରିମ ହାତୀ ଉପରେ ଗ୍ରାମ ପରିକ୍ରମା କରୁଛନ୍ତି।

**ତିଗିରିଆ, ୧୨।୫(ଡି.ଏନ.ଏ.)**

ତିଗିରିଆ ବ୍ଲକ ଅନ୍ତର୍ଗତ ହସ୍ତତନ୍ତ ଗ୍ରାମ ନୂଆପାଟଣାର ଆରାଧ୍ୟ ମଦନମୋହନଙ୍କ ୩ଦିନିଆ ଚନ୍ଦନ ଯାତ୍ରା ଶୁକ୍ରବାର ସନ୍ଧ୍ୟାରୁ ଆରମ୍ଭ ହୋଇଛି। ଏହି ଅବସରରେ ଶତାଧିକ ବହୁରୂପୀଙ୍କ ପଟୁଆରରେ ଓ କୃତ୍ରିମ ହାତୀରେ ମଦନମୋହନଙ୍କ ଚଳନ୍ତି ପ୍ରତିମା ଗ୍ରାମ ପରିକ୍ରମା କରିବା ସହ ଚନ୍ଦନ ପୋଖରୀରେ ଚାପ ଖେଳିଛନ୍ତି। ଯାତ୍ରା ଉପଲକ୍ଷେ ନୂଆପାଟଣା ୨୨ ସାହିରେ ୧୯ ମୂର୍ତ୍ତି ନିର୍ମାଣ କରାଯାଇଛି।

### ନୂଆପାଟଣାରେ ଚନ୍ଦନ ଯାତ୍ରା ଆରମ୍ଭ

ରବିବାର ସନ୍ଧ୍ୟାରେ ଯାତ୍ରା ଉଦ୍‌ଯାପିତ ହେବା ସହ ମାଛବିନ୍ଧା ଯାତ୍ରା ପରମ୍ପରା ଅନୁଯାୟୀ ହେବ ବୋଲି ଗ୍ରାମ କମିଟି ସଭାପତି ପ୍ରକାଶ ଦାସ କହିଛନ୍ତି। ଏଥିପାଇଁ ଗ୍ରାମର ସବୁ ସାହି ଗଳିରେ ଉଜ୍ଜ୍ୱଳ ଆଲୋକ ସହ ୭ ମଣ୍ଡପରେ ସାମାଜିକ ନାଟକ ମଞ୍ଚସ୍ଥ ହେବ। ମଦନମୋହନଙ୍କ ମାର୍ଫତଦାର ସଚ୍ଚିଦାନନ୍ଦ ଦାସ, ଗ୍ରାମ୍ୟ କମିଟି ସମ୍ପାଦକ ବିଦ୍ୟାଧର ଗୁରୁ, ସରପଞ୍ଚ ସୋମନାଥ ଦାସ, ପ୍ରଦୀପ ବର୍ଦ୍ଧନ, ମହେନ୍ଦ୍ର କୁଣ୍ଠ ଓ ଯାତ୍ରା ଆୟୋଜନ କରୁଥିବା ସମସ୍ତ ସାହି ମୁରବୀମାନେ ଏଥିରେ ସହଯୋଗ କରୁଛନ୍ତି। ଯାତ୍ରା ଉପଲକ୍ଷେ ଟ୍ରାଫିକ ବ୍ୟବସ୍ଥା କଡ଼ାକଡ଼ି କରାଯାଇଥିବା ବେଳେ ଡିଜେ ସାଉଣ୍ଡକୁ ସମ୍ପୂର୍ଣ୍ଣ ବାରଣ କରାଯାଇଛି। ତିଗିରିଆ ପୋଲିସ ତରଫରୁ ଯାତ୍ରାକୁ ଶୃଙ୍ଖଳିତ କରିବା ପାଇଁ ବ୍ୟବସ୍ଥା କରାଯାଇଛି ବୋଲି ତିଗିରିଆ ଥାନା ଆଇଆଇସି ସୁଚିତ୍ରା ଜେନା ପ୍ରକାଶ କରିଛନ୍ତି।

# ନମ୍ବରବିହୀନ ରଙ୍ଗବୋଳା ପିକ୍‌ଅପ୍ ଜବତ, ଚାଳକ ଫେରାର

**ଭୁବନେଶ୍ୱର,୧୨।୫(ବ୍ୟୁରୋ)**

ଚନ୍ଦ୍ରଶେଖରପୁର ଥାନା ପୋଲିସ ଗୁରୁବାର ବିଳମ୍ବିତ ରାତିରେ ଏକ ନମ୍ବରବିହୀନ ରଙ୍ଗବୋଳା ପିକ୍‌ଅପ୍‌କୁ ଜବତ କରିଛି। ତେବେ ଗାଡି କେହି ଦୁର୍ବୃତ୍ତ ଚୋରି କରିନେଉଥିବା ପୋଲିସ ସନ୍ଦେହ କରିଛି । ଅନ୍ୟପଟେ ପୋଲିସକୁ ଦେଖି ଚାଳକ ଗାଡି ଛାଡି ଫେରାର ହୋଇଯାଇଛି। ସୂଚନାନୁସାରେ ଗୁରୁବାର ବିଳମ୍ବିତ ରାତିରେ ଭିଏସ୍ଏସ ନଗର ରାସ୍ତାରେ ଏକ ପିକ୍‌ଅପ୍ ଭ୍ୟାନ ଯାଉଥିବାବେଳେ ଗାଡିର ନମ୍ବର ପ୍ଲେଟ ନ ଥିଲା ଏବଂ ଗାଡିଟିରେ ବିଭିନ୍ନ ପ୍ରକାର ରଙ୍ଗବୋଳା ଯାଇଥିଲା। ଯାହାକୁ ଦେଖି ପିସିଆର ଭ୍ୟାନ କର୍ମଚାରୀଙ୍କ ସନ୍ଦେହ ବଢ଼ିଥିଲା। ତେଣୁ ଗାଡିକୁ ଅଟକାଇବା ପାଇଁ କହିବାରୁ ଚାଳକ ଦ୍ରୁତଗତିରେ ସୈନିକ ସ୍କୁଲ ପଟକୁ ନେଇଯାଇଥିଲେ। ପିସିଆର୍ ଗାଡି ମଞ୍ଚେଶ୍ୱର ରେଳୱେ କଲୋନୀ ପର୍ଯ୍ୟନ୍ତ ଯିବାରୁ ଭ୍ୟାନର ଚାଳକ ଚନ୍ଦ୍ରଶେଖରପୁର ଅଞ୍ଚଳ ଆଡକୁ ନେଇଥିଲେ। ଏପରିକି ପରେ ପ୍ରତି ଛକରେ ଥିବା ପିସିଆର୍‌କୁ କହି ୭ଟି ପିସିଆର ଉକ୍ତ ଗାଡ଼ିଟିକୁ ପିଛା କରିଥିଲେ। ଦୀର୍ଘ ସମୟର ଛକାପଞ୍ଝା ପରେ ଶେଷରେ ଉକ୍ତ ଗାଡିଟିକୁ ପଣ୍ଡାପାର୍କରେ ରହି ଚାଳକ ଫେରାର ହୋଇଯାଇଥିଲା। ଏହାପରେ ଚନ୍ଦ୍ରଶେଖରପୁର ଥାନା ପୋଲିସ ଉକ୍ତ ଗାଡିକୁ ଜବତକରି ଥାନାକୁ ଆଣିଛି। ଗାଡିରେ ମାରଣାସ୍ତ୍ର ସହିତ ଏକ ଗ୍ୟାସ କଟର ରହିଛି। ଗାଡିର ଚେଚିସ ନମ୍ବରକୁ ଆଧାରକରି ପୋଲିସ ତଦନ୍ତ ଆରମ୍ଭ କରିଛି। ତେବେ ଗାଡିଟି କାହାର ରିପୋର୍ଟ ଲେଖା ହେଲା ବେଳକୁ ଜଣାପଡି ନାହିଁ।



ଜବତ ପିକ୍‌ଅପ୍ ଭ୍ୟାନ।

# ସଦ୍‌ଗୁରୁ ହସ୍ପିଟାଲରେ ଆନ୍ତର୍ଜାତିକ ସେବିକା ଦିବସ

**କଟକ ଅଫିସ, ୧୨।୫**

କଟକସ୍ଥିତ ସଦ୍‌ଗୁରୁ ହସ୍ପିଟାଲ ପରିସରରେ ଆନ୍ତର୍ଜାତିକ ସେବିକା ଦିବସ ଶୁକ୍ରବାର ପାଳିତ ହୋଇଯାଇଛି। ସଦ୍‌ଗୁରୁ ହସ୍ପିଟାଲର ନର୍ସମାନଙ୍କ ଦ୍ୱାରା କୁଇଜ୍, ଝୋଟି ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। ଟ୍ରେନର ଆୟୁଷ ମୋଡା ନର୍ସମାନଙ୍କୁ ମେଡିଟେସନ ପ୍ରଶିକ୍ଷଣ ଦେଇଥିବାବେଳେ ଜୁମ୍ବା ପ୍ରଶିକ୍ଷକ ଶୁଭମ୍ ଅରୋରାଙ୍କ ଦ୍ୱାରା ଦୁଇଟି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଶେଷରେ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ଡା. ପ୍ରଦୀପ କୁମାର ମହାନ୍ତି ଯୋଗଦେଇ ହସ୍ପିଟାଲ ପ୍ରତି ନର୍ସମାନଙ୍କ ଭୂମିକା ଓ ସେମାନଙ୍କ ସହଯୋଗକୁ ପ୍ରଶଂସା କରିଥିଲେ। ସେହିପରି ଡା. ସମୀତା ମହାନ୍ତି ଡାକ୍ତରଙ୍କ ସହିତ ନର୍ସଙ୍କ ଅକ୍ଲାନ୍ତ ପରିଶ୍ରମ ଯୋଗୁ ସୁଚାରୁ ରୂପେ ରୋଗୀ ସେବା ଯୋଗାଇବାରେ ସମ୍ଭବପର ହୋଇଛି ବୋଲି କହିଛନ୍ତି। ନିର୍ଦ୍ଦେଶକ ରାହୁଳ ପ୍ରତ୍ୟୁଷ ମହାନ୍ତି କହିଥିଲେ, କୋଭିଡ ସମୟରେ ଚିକିତ୍ସା କ୍ଷେତ୍ରରେ ନର୍ସଙ୍କ ଭୂମିକା ଅଧିକ ରହିଥିଲା। ଏହି କାର୍ଯ୍ୟକ୍ରମରେ ସଦ୍‌ଗୁରୁ ହସ୍ପିଟାଲର ନର୍ସିଂ ସୁପରିଣ୍ଟେଣ୍ଡେଣ୍ଟ ଯଶବନ୍ତି ନାୟକ, ମ୍ୟାନେଜର ଜଗନ୍ନାଥ ପାତ୍ର, ସୋସିଆଲ ମିଡିଆ କୋର୍ଡିନେଟର କଶିସ୍ ଅଗ୍ରୱାଲ୍, ସୁପରଭାଇଜର କାର୍ସିଆ ନାୟକ, ରାଜଶ୍ରୀ ଦିଗଲ, ଭାରତୀ ଗୁରୁ, ଆଲୋକ ରଞ୍ଜନ ସେନାପତିଙ୍କ ସମେତ ସମସ୍ତ ନର୍ସ ଓ କର୍ମଚାରୀ ଉପସ୍ଥିତ ଥିଲେ। ସରେନ ନାୟକ ମଞ୍ଚ ପରିଚାଳନା କରିଥିଲେ।

# ତଦନ୍ତ କରିବାକୁ ରେଳ ଅଧିକାରୀଙ୍କ ପ୍ରତିଶ୍ରୁତି



ବାଙ୍କୀ ଦେଇ ଯିବାକୁ ଥିବା ନୂତନ ରେଳ ଲାଇନ ସମ୍ପର୍କରେ କଟକ ଏମ୍‌ପି ଭର୍ତ୍ତୃହରି ମହତାବ ରେଳ ଅଧିକାରୀଙ୍କ ସହ ଆଲୋଚନା କରୁଛନ୍ତି।

**ବାଙ୍କୀ,୧୨।୫ (ସ୍ୱ.ପ୍ର.)**

ତାଳଚେର-ଗୋପାଳପୁର ମଧ୍ୟରେ ନୂତନ ରେଲ୍‌ଲାଇନ ସଂଯୋଗୀକରଣ ହେବ। ଏନେଇ ଢେଙ୍କାନାଳ, କଟକ, ନୟାଗଡ଼ ଓ ଗଞ୍ଜାମ ଜିଲା ଦେଇ ଏକ ସର୍ଭେ କାର୍ଯ୍ୟ ଆରମ୍ଭ ହୋଇଛି । କଟକ ଜିଲା ବାଙ୍କୀ ନିର୍ବାଚନ ମଣ୍ଡଳୀ ମଧ ଦେଇ ଯାଉଥିବାରୁ କେତେଜଣ ଜନସାଧାରଣ ଏହାକୁ ସ୍ୱାଗତ କରିଥିବାବେଳେ ଡମପଡ଼ା ବ୍ଲକ ନିସ୍ତିପୁର, ଢଁସର ତାରାପୁର ଓ ବ୍ରାହ୍ମଣିଆ ଲୋକେ ବିରୋଧ କରିଛନ୍ତି। ଏସମ୍ପର୍କରେ ସେମାନେ କଟକ ଏମ୍‌ପି ଭର୍ତ୍ତୃହରି ମହାତାବଙ୍କ ନିକଟରେ ଅଭିଯୋଗ କରିଥିଲେ। ଏନେଇ ମହତାବ ଶୁକ୍ରବାର ମଧ୍ୟାହ୍ନରେ ଭୁବନେଶ୍ୱର ଇଷ୍ଟ କୋଷ୍ଟ ରେଲ ଜୋନ ଜେନେରାଲ ମ୍ୟାନେଜର ମନୋଜ ଶର୍ମା ଓ ଚିଫ ଇଞ୍ଜିନିୟର ସକ୍ସସେନାଙ୍କ ସହ ଆଲୋଚନା କରିଛନ୍ତି। ଏହାର ସରଜମିନ ତଦନ୍ତ ସହ ଉଚ୍ଚସ୍ତରୀୟ ପ୍ରତିନିଧି ଦଳ ଘଟଣାସ୍ଥଳକୁ ଯାଇ ସମୀକ୍ଷା କରିବେ ବୋଲି ମହତାବଙ୍କୁ ଶର୍ମା ଓ ସକ୍ସସେନା ପ୍ରତିଶ୍ରୁତି ଦେଇଛନ୍ତି। ଏହି ଆଲୋଚନାବେଳେ ଡମପଡ଼ା ଜୋନ ଜିଲା ପରିଷଦ ସଭ୍ୟ ଆଶିଷ କୁମାର ସାହୁ ଉପସ୍ଥିତ ଥିଲେ।

# ପରୀକ୍ଷା ଖାତା ମୂଲ୍ୟାୟନରୁ ଅଧ୍ୟାପିକା, ଅଧ୍ୟାପକ ବଞ୍ଚିତ

**ବାଙ୍କୀ,୧୨।୫ (ସ୍ୱ.ପ୍ର.)**

ଉତ୍କଳ ବିଶ୍ୱବିଦ୍ୟାଳୟ ଆନୁକୂଲ୍ୟରେ ଯୁକ୍ତ ୩ ପରୀକ୍ଷା ଖାତା ମୂଲ୍ୟାଙ୍କନ କରିବା ପାଇଁ ସମସ୍ତ ମହାବିଦ୍ୟାଳୟର ଅଧ୍ୟାପକ ଓ ଅଧ୍ୟାପିକାମାନଙ୍କୁ ବରିଷ୍ଠତା ଭିତ୍ତିରେ ସୁଯୋଗ ଦିଆଯାଉଥିଲା। କିନ୍ତୁ ଚଳିତ ବର୍ଷ ଯୁକ୍ତ ୩ ଷଷ୍ଠ ସେମିଷ୍ଟାର୍ ପରୀକ୍ଷା ଖାତା ମୂଲ୍ୟାଙ୍କନ ପାଇଁ ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟସ ଅଧ୍ୟାପିକା ଓ ଅଧ୍ୟାପକମାନଙ୍କୁ ସୁଯୋଗ ଦିଆଯାଇନାହିଁ। ଏନେଇ ସେମାନେ ପରୀକ୍ଷା ନିୟନ୍ତ୍ରକଙ୍କ ନିକଟରେ ଲିଖିତ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ପୁନଃ ବିଚାର କରିବା, ପରୀକ୍ଷା ଖାତା ମୂଲ୍ୟାଙ୍କନରେ ସ୍ୱଚ୍ଛତା ଆଣିବା ଏବଂ ବରିଷ୍ଠ ଅଧ୍ୟାପକିକା ଓ ଅଧ୍ୟାପିକାମାନଙ୍କୁ ସୁଯୋଗ ଦେବା ପାଇଁ ଅନୁରୋଧ କରାଯାଇଛି। ମହାବିଦ୍ୟାଳୟର ଅଧ୍ୟାପକ ନିରଞ୍ଜନ ରାଉତରାୟ, ଆଶିଷ କୁମାର ପାଢ଼ୀ, ଯୁଗଳକିଶୋର ମଣ୍ଡଳ, ଶ୍ରୀକାନ୍ତ ଦାଶ, ମୁରଲୀ ରଥ ଓ ଶୈଳେନ୍ଦ୍ର ଚନ୍ଦ୍ର ଦେଓ ପ୍ରମୁଖ ପକ୍ଷରୁ ଏହି ଅଭିଯୋଗ କରାଯାଇଛି। ଏ ସମ୍ପର୍କରେ ପରୀକ୍ଷା ନିୟନ୍ତ୍ରକ ଡ. ଶରତ କୁମାର ମାଝୀଙ୍କ ସହ ଯୋଗାଯୋଗ କରାଯାଇଥିଲେ ମଧ ସେ ଫୋନ ଉଠାଇ ନ ଥିଲେ।

### ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟ

# ମନ୍ତ୍ରମୁଗ୍ଧ କଲା ଓଡ଼ିଶୀ ନୃତ୍ୟ



ବଡ଼ମ୍ବା ଚନ୍ଦନ ମହୋତ୍ସବରେ କଳାକାରମାନେ ଓଡ଼ିଶୀ ନୃତ୍ୟ ପରିବେଷଣ କରୁଛନ୍ତି।

**ବଡ଼ମ୍ବା,୧୨।୫(ଡି.ଏନ.ଏ)**

ବଡ଼ମ୍ବା ଗାନ୍ଧୀ ଛକସ୍ଥିତ ଟେନିସ ପଡ଼ିଆରେ ଚାଲିଥିବା ବଡ଼ମ୍ବା ଦ୍ୱାଦଶ ଚନ୍ଦନ ମହୋତ୍ସବ ଶୁକ୍ରବାର ଚତୁର୍ଥ ସନ୍ଧ୍ୟାରେ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଶେଷ କରି ବଲାଙ୍ଗୀରର ଦୁଲୁଦୁଲି ଓ ଭୁବନେଶ୍ୱର କଳାକାରଙ୍କ ଓଡ଼ିଶୀ ନୃତ୍ୟରେ ମଞ୍ଚ ଦୁଲୁକି ଥିଲା। ଏଥିସହ ମେଲୋଡି ଓ ଡ୍ୟାନ୍ସ ଦର୍ଶକଙ୍କ ମନ ମୋହିଥିଲା। ବଡ଼ମ୍ବାର ଅଗ୍ରଣୀ ସାଂସ୍କୃତିକ ଅନୁଷ୍ଠାନ କଳାତୀର୍ଥର ଶିଶୁ କଳାକାରମାନଙ୍କ ଚମତ୍କାର ଅଭିନୟ ମହୋତ୍ସବକୁ ସରସସୁନ୍ଦର କରିଥିଲା। ମହୋତ୍ସବ ପଡିଆରେ ଦର୍ଶକମାନେ ବିଭିନ୍ନ ଷ୍ଟଲ ବୁଲି ମଜା ନେଇଥିଲେ। ବିଦ୍ୟୁତ୍ ଚାଳିତ ଦୋଳି, ଶିଶୁଙ୍କ ପାଇଁ ଖୋଲାଯାଇଥିବା ଆରାମଦାୟକ ଖେଳ ସାଙ୍ଗକୁ ଖୋଲାଯାଇଥିବା ଖାଦ୍ୟ ଦୋକାନରେ ଲୋକଙ୍କ ଭିଡ଼ ଜମିଥିଲା। ଅପରପକ୍ଷେ ପ୍ରଭୁ ଗୋପୀନାଥ ଦେବଙ୍କ ଚନ୍ଦନ ଯାତ୍ରା ଶୁକ୍ରବାର ୨୦ ଦିନରେ ପହଞ୍ଚିଛି। ଶନିବାର ମହୋତ୍ସବ ତଥା ଚନ୍ଦନ ଯାତ୍ରା ଉଦ୍‌ଯାପିତ ହେବ। ଏହି ଅବସରରେ ଠାକୁରଙ୍କ ଚାପ ଖେଳ ଦେଖିବା ପାଇଁ ଅଧିକ ଭିଡ ପରିଲକ୍ଷିତ ହୋଇଥିଲା। ଶ୍ରୀ ଗୋପୀନାଥ ଦେବଙ୍କ ସହ ଅନ୍ୟ ଦେବଦେବୀଙ୍କ ଚାପ ଖେଳ ଦୃଶ୍ୟ ଦର୍ଶକଙ୍କ ମନରେ ଆନନ୍ଦ ଭରି ଦେଇଥିଲା ।

### ବଡ଼ମ୍ବା ଚନ୍ଦନ ମହୋତ୍ସବ

# ସାଂସ୍କୃତିକ କାର୍ଯ୍ୟକ୍ରମ ମନ ମୋହିଲା

**ନିଶ୍ଚିନ୍ତକୋଇଲି,୧୨।୫ (ସ୍ୱ.ପ୍ର.)**

କଟକ ଜିଲା ନିଶ୍ଚିନ୍ତକୋଇଲି ବ୍ଲକ ପ୍ରସିଦ୍ଧ ବ୍ରହ୍ମକ୍ଷେତ୍ର ଜିମ୍ପିପୁରରେ ଶ୍ରୀଶ୍ରୀ ବଳଦେବ ଜୀଉଙ୍କ ଚନ୍ଦନ ଯାତ୍ରା ଓ ମାହାଙ୍ଗା ମହୋତ୍ସବ ଚତୁର୍ଥ ସନ୍ଧ୍ୟା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବହ୍ମପୁର କଳାକାରଙ୍କ ଦ୍ୱାରା ଚିତାକର୍ଷକ ବାଘ ନାଚ ମହୋତ୍ସବକୁ ଋଦ୍ଧିମନ୍ତ କରିଥିଲା। ଆରିୟାନ କ୍ରିଏଟିଭ ଡ୍ରାମ୍ସ ଗ୍ରୁପ୍‌ର କଳାକାରମାନେ ମଧ ମନୋଲୋଭା ନୃତ୍ୟ ଓ ସଙ୍ଗୀତ ପରିବେଷଣ କରିଥିଲେ। ସେହିପରି ରାଇରଙ୍ଗପୁର ଶରଣ ମାର୍ସଲ ଗ୍ରୁପ୍‌ର କଳାକାରଙ୍କ ଦ୍ୱାରା ଚିତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଟ୍ରାକ ସିଙ୍ଗର ପ୍ରଦିପ ପଲାଇ ସୁମଧୁର ସଙ୍ଗୀତ ଗାନ କରି ଦର୍ଶକଙ୍କଙ୍କ ହୃଦୟ ଜିଣିଥିଲେ। ଆୟୋଜିତ ସଭାରେ ପୂର୍ବତନ ମନ୍ତ୍ରୀ ତଥା ମାହାଙ୍ଗା ବିଧାୟକ ପ୍ରତାପ ଜେନା ସଭାପତିତ୍ୱ କରିଥିଲେ। ଏଥିରେ ମୁଖ୍ୟ ଅତିଥିଭାବେ ବାଙ୍କୀ ପୂର୍ବତନ ବିଧାୟକ ପ୍ରଭାତ କୁମାର ତ୍ରିପାଠୀ, ସମ୍ମାନିତ ଅତିଥିଭାବେ କଟକ ଜିଲା ବିଜୁ ଜନତା ଦଳ ସଭାପତି ତଥା ପୂର୍ବତନ ବିଧାୟକ ଦେବାଶିଷ ସାମନ୍ତରାୟ, ପୂର୍ବତନ ମନ୍ତ୍ରୀ ପୁଷ୍ପେନ୍ଦ୍ର ସିଂଦେଓ, ପୂର୍ବତନ ମନ୍ତ୍ରୀ ତଥା କଟକ ସଦର ବିଧାୟକ ଚନ୍ଦ୍ର ସାରଥି ବେହେରା, ବିଜେଡି ଆଇନଗତ ଫର୍ଣ୍ଡ ସଭାପତି ମିଲନ କାନୁନଗୋ, ରାଜ୍ୟ ନିରାମୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଉପଦେଷ୍ଟା ରଞ୍ଜନ କୁମାର ବିଶ୍ୱାଳ, କଟକ ମହାନଗର ଡେପୁଟି ମେୟର ସୁଶ୍ରୀ ଦମୟନ୍ତୀ ମାଝି, ସାଲେପୁର ଏସ୍‌ଡିପିଓ ବିମଳ କୁମାର ବାରିକ, ମାହାଙ୍ଗା ଆଇଆଇସି ବିଜୟ କୁମାର ମଲିକ ପ୍ରମୁଖ ଯୋଗଦେଇ ସଂସ୍କୃତି ସମ୍ପନ୍ନ ମାହାଙ୍ଗା ସବୁବେଳେ କଳା,ସାହିତ୍ୟ ଓ ପରମ୍ପରା ଉପରେ ଗୁରୁତ୍ୱ ଦେଇଆସିଛି ବୋଲି ମତବ୍ୟକ୍ତ କରିଥିଲେ। ମହୋତ୍ସବ କମିଟି କାର୍ଯ୍ୟକାରୀ ସଭାପତି ଅଶୋକ ଓଝା, ସମ୍ପାଦକ ଜ୍ଞାନ ରଞ୍ଜନ ରାଉତ, ଉପସଭାପତି ଗିରିଶ ରଞ୍ଜନ ମହାପାତ୍ର, ସରପଞ୍ଚ ରମାକାନ୍ତ ମହାନ୍ତି, ତିଳୋତ୍ତମା ରାଉତ, ଧିରେନ୍ଦ୍ରନାଥ ବେହେରା, ପୂର୍ବତନ ଜିଲାପରିଷଦ ସଭ୍ୟା ସବିତା ସାମଲ, ଜିଲାପରିଷଦ ସଭ୍ୟ ବିପ୍ଳବ କାପ ପ୍ରମୁଖ କାର୍ଯ୍ୟକ୍ରମରେ ପରିଚାଳନାରେ ସହଯୋଗ କରିଥିଲେ।



### ମାହାଙ୍ଗା ମହୋତ୍ସବ, ଚନ୍ଦନଯାତ୍ରାର ଚତୁର୍ଥ ସନ୍ଧ୍ୟା

## ସଂକ୍ଷେପରେ

### ଚନ୍ଦନ ବେଶରେ ଅଲାରନାଥଙ୍କ ଦର୍ଶନ



ବ୍ରହ୍ମଗିରି,୧୨ା୫(ଡି.ଏନ୍.ଏ.): ପବିତ୍ର ଭଉଁରୀ ଯାତ ଉପଲକ୍ଷେ ଶୁକ୍ରବାର ବ୍ରହ୍ମଗିରିର ପ୍ରଭୁ ଅଲାରନାଥ ସର୍ବାଙ୍ଗ ଚନ୍ଦନ ବେଶ ଅନୁଷ୍ଠିତ ହୋଇଯାଇଛି। ପ୍ରଭୁ ଅଲାରନାଥଙ୍କ ବିଭିନ୍ନ ବେଶ ମଧ୍ୟରୁ ଏହି ସର୍ବାଙ୍ଗ ଚନ୍ଦନ ବେଶ ଅନ୍ୟତମ। ଶ୍ରୀକ୍ଷେତ୍ର ଭଉଁରି ଦିନ ପ୍ରଭୁ ଅଲାରନାଥ ସର୍ବାଙ୍ଗ ଚନ୍ଦନ ବେଶ ହୋଇ ଶ୍ରଦ୍ଧାଳୁଙ୍କୁ ଦର୍ଶନ ଦେଇଥାନ୍ତି। ଅଲାରନାଥଙ୍କ ଭଉଁରି ଯାତ ବା ୨୧ଦିନ ଚାପ ଖେଳ ପରେ ଶୁକ୍ରବାର ହେଉଛି ଶେଷ ଚାପଖେଳ। ସକାଳର ସମସ୍ତ ନୀତିକାନ୍ତି ସରିବା ପରେ ୯ କିଲୋ ଚନ୍ଦନ କାଠକୁ ସେବାୟତମାନେ ଘୋରି ସେଥିରେ କର୍ପୂର, ଅଗୁରୁ ଆଦି ସୁବାସିତ ଦ୍ରବ୍ୟମାନ ପକାଇ ଶ୍ରୀଜୀଉଙ୍କୁ ଚନ୍ଦନ ବେଶ କରାଇଥିଲେ। ପରେ ସନ୍ଧ୍ୟାରେ ମହାପ୍ରଭୁଙ୍କ ଚଳନ୍ତି ପ୍ରତିମା ମଦନ ମୋହନଙ୍କୁ ଏକ ବିରାଟ ଶୋଭାଯାତ୍ରାରେ ଚନ୍ଦନ ପୋଖରୀକୁ ନେଇ ଜଳକ୍ରୀଡ଼ା ଅନୁଷ୍ଠିତ ହୋଇଥିଲା। ମହାପ୍ରଭୁଙ୍କ ଚନ୍ଦନ ବେଶ ଓ ଜଳକ୍ରୀଡା ଦେଖିବାକୁ ବହୁ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା।

### ମନ୍ଦିର ପ୍ରତିଷ୍ଠା, ବିଗ୍ରହ ସ୍ଥାପନ

ଡେଲାଙ୍ଗ,୧୨ା୫(ଡି.ଏନ୍.ଏ.) ଡେଲାଙ୍ଗ ବ୍ଲକର ରେଞ୍ଚ ପଞ୍ଚାୟତ ଅନ୍ତର୍ଗତ ପିଢପାଟଣା ଗ୍ରାମରେ ଗ୍ରାମଦେବତୀ ମା' ନାହାକାଣୀଙ୍କ ମନ୍ଦିର ପ୍ରତିଷ୍ଠା ଓ ବିଗ୍ରହ ସ୍ଥାପନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ୨୧ ଜଣ ମାନସିକଧାରୀ ମହିଳା ଓ ପୁରୁଷ ନିକସ୍ଥ ରତ୍ନଚିରା ନଦୀରେ କଳସ ବୁଡାଇ ଯଜ୍ଞମଣ୍ଡପରେ ସ୍ଥାପନ କରିଥିଲେ। ଦେବମଣ୍ଡଳପୂଜା, ଅଗ୍ନିସ୍ଥାପନ, ସୂର୍ଯ୍ୟପୂଜା, ଦେବଦେବୀ ଆବାହନ, ଚଣ୍ଡୀପାଠ, ଗୀତାପାଠ ଓ ପୂର୍ଣ୍ଣାହୁତି ଅନୁଷ୍ଠିତ ହୋଇଥିଲା। ଭାଗୀରଥି ଜେନା କର୍ତ୍ତା ଓ ବାସନ୍ତୀ ଜେନା କର୍ତ୍ତ୍ରୀ ଭାବରେ କାର୍ଯ୍ୟନିର୍ବାହ କରିଥିବା ବେଳେ ପଣ୍ଡିତ ଭାସ୍କର ରଥ ମୁଖ୍ୟ ପୂଜକ ଭାବେ ପୂଜାର୍ଚ୍ଚନା କରିଥିଲେ। ଅପରାହ୍ନରେ ଘଣ୍ଟ, ଘଣ୍ଟା, ମୃଦଙ୍ଗ, ହରିବୋଲ, ହୁଳହୁଳିରେ ମା'ଙ୍କ ବିଗ୍ରହ ମନ୍ଦିର ମଧ୍ୟରେ ସ୍ଥାପନ କରାଯାଇଥିଲା। ଏହି କାର୍ଯ୍ୟରେ ପ୍ରଶାନ୍ତ କୁମାର ଜେନା, ଗୌରାଙ୍ଗ ଚରଣ ଜେନା, ରବୀନ୍ଦ୍ର ଜେନା, ଶ୍ରୀଧର ଜେନା, ମହେଶ୍ୱର ସାହାଣୀ, ସ୍ୱର୍ଣ୍ଣମୟୀ ଜେନା ପ୍ରମୁଖଙ୍କ ସମେତ ଗ୍ରାମବାସୀ ସହଯୋଗ କରିଥିଲେ।

### ଭଉଁରି ଯାତ୍ରାରେ ଜଳଦାନ ଶିବିର

ପୁରୀ ଅଫିସ, ୧୨ା୫: ଶ୍ରୀକ୍ଷେତ୍ର ଭଉଁରୀ ଯାତ୍ରା ଉପଲକ୍ଷେ ସାମାଜିକ କର୍ମୀ ଓମ୍ ମହାନ୍ତିଙ୍କ ନେତୃତ୍ୱରେ ସେବା ଓ ସଂସ୍କାର ଅନୁଷ୍ଠାନ ପକ୍ଷରୁ ଏସ୍‌ସିଏସ୍ କଲେଜ ପରିସରରେ ଜଳଦାନ ଶିବିର ଆରମ୍ଭ ହୋଇଛି। ଏହାକୁ ଜାତୀୟ ସେବା ସଂସ୍ଥାର ପ୍ରଥମ ଗ୍ରୁପ ଲିଡର ବଦ୍ରି ମିଶ୍ର ଉଦଘାଟନ କରିଥିଲେ। ଅଭିଲାଷ ମିଶ୍ର, ପ୍ରିୟଙ୍କା ପଣ୍ଡା, କଲ୍ୟାଣୀ ସେଠୀ, ଶୁଭଶ୍ରୀ ଜେନା, ସୁମନ ଶର୍ମା, ପ୍ରୀତିଲିସା ପାଇକରାୟ, ହେମନ୍ତ ଦାସ ଏବଂ ବାସୁଦେବ ସେନାପତି ପ୍ରମୁଖ କାର୍ଯ୍ୟକ୍ରମରେ ସାମିଲ ଥିଲେ। ସେହିପରି ଅକ୍ଷୟ ତୃତୀୟଠାରୁ ଭାରତ ସ୍କାଉଟ ଆଣ୍ଡ ଗାଇଡ, ଓଡ଼ିଶା ରାଜ୍ୟ ଶାଖା ଦ୍ୱାରା ପରିଚାଳିତ ଶ୍ରୀକ୍ଷେତ୍ର ରୋଭରକ୍ରିଉ ଆଣ୍ଡ ରେଞ୍ଜର ଟିମ ପକ୍ଷରୁ ଆରମ୍ଭ ହୋଇଥିବା ଜଳଛତ୍ର ଶିବିର ଭଉଁରୀ ଯାତ୍ରା ଅବସରରେ ଉଦ୍‌ଯାପିତ ହୋଇଯାଇଛି। ୟୁନିଟ୍ ଲିଡର ରାଜେନ୍ଦ୍ର ନାରାୟଣ ହରିଚନ୍ଦନଙ୍କ ତତ୍ତ୍ୱାବଧାନରେ ମେଡିକାଲ ଛକ ନିକଟ ଜେଲ୍ ରୋଡ୍‌ଠାରେ ୨୦ ଦିନ ଧରି ଏହି ଜଳଛତ୍ର ଖୋଲାଯାଇଥିଲା। ଜନସାଧରଣ, ପର୍ଯ୍ୟଟକ, ତୀର୍ଥଯାତ୍ରୀ ଓ ସହରବାସୀ ଟଙ୍କତୋରାଣି, ବିଶୁଦ୍ଧ ପାନୀୟଜଳ, ଦହି, ଲେମ୍ବୁପାଣି, ସର୍ବତ ପ୍ରଭୃତି ବଣ୍ଟନ କରାଯାଇଥିଲା। କାର୍ଯ୍ୟକ୍ରମରେ ରେଞ୍ଜର ରେଖା ମାନସିଂ, ପ୍ରଶାନ୍ତ ମୁଦୁଲି, ପ୍ରହ୍ଲାଦ ଖୁଣ୍ଟିଆ, ସୂର୍ଯ୍ୟନାରାୟଣ ମହାପାତ୍ର, ଆଦିତ୍ୟ ନାରାୟଣ ପ୍ରତିହାରୀ, ଶୁଭମ କୁମାର ସାହୁ, ପ୍ରୟାସ ମହାପାତ୍ର, ସ୍ମୃତିରଞ୍ଜନ ପ୍ରଧାନ, ମନୋଜ କୁମାର ସାମନ୍ତ, କୈଳାସ ଚନ୍ଦ୍ର ଜେନା, ସିମରନ୍ ଜେନା, କିରଣ ଚୌଧୁରୀ, ଆରତି ମହାନ୍ତି, ଶୁଭାଶିନୀ ପରିଡ଼ା ପ୍ରମୁଖ ସାମିଲ ଥିଲେ। କାର୍ଯ୍ୟକ୍ରମକୁ ଆନ୍ତର୍ଜାତୀୟ କମିଶନର ସ୍କାଉଟ ମଧୁସୂଦନ ଆଭ୍ଲା ଏବଂ ଭାରତ ସ୍କାଉଟ ଆଣ୍ଡ ଗାଇଡର ଜାତୀୟ ନିର୍ଦ୍ଦେଶକ ରାଜ କୁମାର କୌଶିକ ଉଦଘାଟନ କରିଥିଲେ।

# ସାକ୍ଷୀଗୋପାଳ ଠାକୁରଙ୍କ ଭଉଁରି ଯାତ୍ରା

ସାକ୍ଷୀଗୋପାଳ, ୧୨ା୫ (ଡି.ଏନ୍.ଏ./ସ୍ୱ.ପ୍ର.)

ସାକ୍ଷୀଗୋପାଳ ଠାକୁରଙ୍କ ଭଉଁରି ଯାତ୍ରା ଉପଲକ୍ଷେ ଶୁକ୍ରବାର ମନ୍ଦିରଠାରୁ ଚନ୍ଦନ ପୁଷ୍କରିଣୀ ପର୍ଯ୍ୟନ୍ତ ଶ୍ରଦ୍ଧାଳୁଙ୍କ ସମାବେଶକୁ ନେଇ ଚଳଚଞ୍ଚଳ ହୋଇଥିଲା। ମଧ୍ୟାହ୍ନରେ ବୀରକେଶରୀ ବଲ୍ଲଭ ଭୋଗ, ଆଲଟଲାଗି, ଚନ୍ଦନବେଢା, କାଛିଲାଗି, ଚନ୍ଦନ ଚର୍ଚ୍ଚିତ ବେଶ ଓ ପଣାଭୋଗ କରାଯାଇ ବିଜେ ପ୍ରତିମା ମଦନ ମୋହନ ସୁସଜ୍ଜିତ ବିମାନରେ ଚନ୍ଦନ ମଣ୍ଡପକୁ ବିଜେ କରିଥିଲେ। ଦିନ ଚାପରେ ତିନି ଘେରା ଓ ପୁଷ୍କରିଣୀର ପ୍ରତ୍ୟେକ କୋଣରେ ୭ ଘେରା ଲେଖାଏଁ ଭଉଁରି ଖେଳିଥିଲେ। ପରେ ମଦନ ମୋହନଙ୍କ ଚନ୍ଦନସ୍ନାନ ନୀତି ଅନୁଷ୍ଠିତ ହୋଇଥିଲା। ଦ୍ୱିପ୍ରହର ଧୂପ, ପଣାଭୋଗ, ସନ୍ଧ୍ୟା ଆଳତି, ଗୋଧନ ବାହୁଡାଭୋଗ, ସନ୍ଧ୍ୟାଧୂପ ବେଶ, ଚନ୍ଦନ ମଣ୍ଡପରେ ମଦନ ମୋହନଙ୍କ ବେଶ, ଟାହିଆଲାଗି, ଯାତଭୋଗ, ଗୋଟିପୁଅ ନୃତ୍ୟ ପରିବେଷଣ କରାଯାଇଥିଲା। ସନ୍ଧ୍ୟାଧୂପ, ବଡସିଂହାର ନୀତି ପରେ



ଭଉଁରିଯାତ୍ରା ଅବସରରେ ଠାକୁର ଚାପ ଖେଳୁଛନ୍ତି ।

### ଆକର୍ଷଣ ସାଜିଲା ଚନ୍ଦନ ଚର୍ଚ୍ଚିତ ବେଶ, ସାହିଯାତ

ରାତିଚାପ ଆରମ୍ଭ ହୋଇଥିଲା। ରାତିଚାପ ୭ ଘେରା ଓ ପ୍ରତ୍ୟେକ କୋଣରେ ୨୧ ଘେରା ଲେଖାଏ ଭଉଁରି ଖେଳ ଅନୁଷ୍ଠିତ ହୋଇଥିଲା। ଠାକୁରଙ୍କ ଭଉଁରି ଖେଳ ଦେଖିବାକୁ ଚନ୍ଦନ ପୋଖରୀ ନିକଟରେ ଶ୍ରଦ୍ଧାଳୁମାନଙ୍କର ସମାଗମ ଲାଗିଥିଲା। ଚାପଖେଳ ପରେ ସାହିଜାତରେ ପାରମ୍ପରିକ ନାଗା, ଗାଦି ଗୋସାଇଁ, ବନାଟି, ମେଢ଼ ନୃତ୍ୟ ଆଦି ପଟୁଆର ଅନୁଷ୍ଠିତ ହୋଇଥିଲା। ସେବାୟତ ସଂଘର ପଣ୍ଡିଭୋଗ ପରେ ମଦନ ମୋହନ ବିଳମ୍ବିତ ରାତିରେ ମନ୍ଦିରକୁ ପ୍ରତ୍ୟାବର୍ତ୍ତନ କରିଥିଲେ। ଉଜାଗା ପକ୍ଷରୁ ସାହିଯାତ, ମନ୍ଦିର ପ୍ରଶାସନର ଶ୍ରୀରାମ ଲୀଳା ପରିବେଷଣ କରାଯାଇଥିଲା।

# ସଙ୍ଗୀତ, ନୃତ୍ୟରେ ଝୁମିଲେ ଦର୍ଶକ



କାର୍ଯ୍ୟକ୍ରମରେ ସଙ୍ଗୀତ ମହାବିଦ୍ୟାଳୟର ଛାତ୍ରୀଛାତ୍ର ନୃତ୍ୟ ପରିବେଷଣ କରୁଛନ୍ତି।

ସାକ୍ଷୀଗୋପାଳ, ୧୨ା୫ (ସ୍ୱ.ପ୍ର./ଡି.ଏନ୍.ଏ.)

ସାକ୍ଷୀଗୋପାଳଙ୍କ ଭଉଁରି ଯାତ୍ରା ଉପଲକ୍ଷେ ସ୍ଥାନୀୟ ସତ୍ୟବାଦୀ ସଙ୍ଗୀତ ମହାବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ ନେଇ ବିଦ୍ୟାଳୟ ସମ୍ମୁଖରେ ପ୍ରତିବର୍ଷ ଭଳି ଚଳିତ ବର୍ଷ ଚନ୍ଦନ ଯାତ୍ରା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଥମେ ସାକ୍ଷୀଗୋପାଳ ମନ୍ଦିର କାର୍ଯ୍ୟନିର୍ବାହୀ ଅଧିକାରୀ ବିଶ୍ୱବାସୀ ତ୍ରିପାଠୀ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ପରେ ଅନୁଷ୍ଠାନର ଛାତ୍ରୀଛାତ୍ରଙ୍କୁ ନେଇ ସାଂସ୍କୃତିକ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଥିଲା। ଅପର୍ଣ୍ଣା, ସୋନାଲି, କାଦମ୍ବିନୀ, ସୋମ୍ୟା, ଗିତିକୃଷ୍ଣା, ସୁଭମ, ଅୟୁସା, ରୁଦ୍ର, ପ୍ରୀତିରେଖା, ସାଇସମୃଦ୍ଧ, ଆରାଧ୍ୟ, ପଲଭି, ଦେବଂଶୀ,ସୁହନା, ସୁଭାସ୍ମିତା, ଲିଟି ପ୍ରମୁଖ ନୃତ୍ୟ, ସଙ୍ଗୀତ ପରିବେଷଣ କରିଥିଲେ। ଛାନ୍ଦ, ଚମ୍ପୁ ଓ ସମ୍ବଲପୁରୀ ଗୀତର ତାଳେ ତାଳେ ମନଭରି ଉପଭୋଗ କରିଥିଲେ ଦର୍ଶକ। ଅନୁଷ୍ଠାନର ସମ୍ପାଦକ ବଦ୍ରିନାରାୟଣ ଖୁଣ୍ଟିଆ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# 'ନର୍ସମାନେ ସମାଜ ଲାଗି ଦର୍ପଣ ସଦୃଶ'

ଗୋପ,୧୨ା୫(ଡି.ଏନ୍.ଏ.)

### ମୁକ୍ତି ଗ୍ରୁପ ଅଫ୍ ଇନଷ୍ଟିଚ୍ୟୁଟରେ ବିଶ୍ୱ ନର୍ସ ଦିବସ

ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ନର୍ସମାନଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଯେକୌଣସି ରୋଗରେ ପୀଡିତ ହୋଇ ରୋଗୀମାନେ ସ୍ୱାସ୍ଥ୍ୟ ସେବା ପାଇଁ ଡାକ୍ତରଖାନା ଆସନ୍ତି, ପ୍ରାଥମିକ ସେବା ଭାବେ ନର୍ସମାନେ ହିଁ ସେବା କରିଥାନ୍ତି। ତେଣୁ ସେମାନେ ନର୍ସମାନେ ସମାଜ ଲାଗି ଦର୍ପଣ ସଦୃଶ ବୋଲି ଶୁକ୍ରବାର ଗୋପସ୍ଥିତ ମାଟିଆଖାତ ନିକଟସ୍ଥ ମୁକ୍ତି ଗ୍ରୁପ ଅଫ୍ ଇନଷ୍ଟିଚ୍ୟୁଟରେ ଆୟୋଜିତ ବିଶ୍ୱ ନର୍ସ ଦିବସ ଅବସରରେ ଯୋଗଦେଇ ଥିବା ମୁଖ୍ୟ ଅତିଥି ଇ ଟୋଣ୍ଟି ଫୋର୍‌ର ଅଧ୍ୟକ୍ଷ ରାଜେଶ କୁମାର ମିଶ୍ର କହିଥିଲେ। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ବକ୍ତା ଭାବେ ବିକାଶ ଅନୁଷ୍ଠାନର ପ୍ରତିଷ୍ଠାତା ଅଶୋକ କୁମାର ନନ୍ଦ, ଗୋପ ବ୍ଲକ ଉପାଧ୍ୟକ୍ଷ ବନରଞ୍ଜନ ପଟ୍ଟନାୟକ ଯୋଗଦେଇ ସମାଜସେବା କ୍ଷେତ୍ରରେ ଓ ସମାଜ ଲାଗି ନର୍ସମାନଙ୍କ ଭୂମିକା କେତେ ଗୁରୁତ୍ୱପୂର୍ଣ୍ଣ ତା'ଉପରେ ମତ ରଖିଥିଲେ। କାର୍ଯ୍ୟକ୍ରମ ଆରମ୍ଭରେ ଅତିଥିମାନେ ବିଶ୍ୱ ନର୍ସ ଦିବସ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଶେଷରେ ଅଧ୍ୟୟନରତ ନର୍ସ ଛାତ୍ରୀଛାତ୍ରମାନେ ସମାଜ ସେବାରେ ନିଜକୁ ଉତ୍ସର୍ଗ କରିବା ପାଇଁ ଶପଥ ଗ୍ରହଣ କରିଥିଲେ। ନର୍ସ ଅଧ୍ୟୟନରତ ଛାତ୍ରୀ ସେବାର ମନୋଭାବ ଓ ସମାଜରେ ନର୍ସମାନଙ୍କ ଭୂମିକା ଓ ରୋଗୀ ସେବାକୁ ନେଇ ବିଭିନ୍ନ ପ୍ରକାରର ସାଂସ୍କୃତିକ କାର୍ଯ୍ୟକ୍ରମ ବେଶ୍ ହୃଦୟସ୍ପର୍ଶୀ ହୋଇଥିଲା। ଏହି କାର୍ଯ୍ୟକ୍ରମକୁ ମୁକ୍ତି ଗ୍ରୁପ ଅଫ ଇନଷ୍ଟିଚ୍ୟୁଟ ଅଧ୍ୟକ୍ଷ ଗଣେଶ ଚନ୍ଦ୍ର ଦାସ, ସ୍ନିଗ୍ଧା ସୁରଚିତା ପାତ୍ର, ଗୀତାଞ୍ଜଳି କାଣ୍ଡି, ରଶ୍ମିରେଖା ବେହେରା, ଦୀପକ କୁମାର ରାଉତ, ବର୍ଷା ପ୍ରିୟଦର୍ଶିନୀ ପଣ୍ଡାଙ୍କ ସହିତ ଅନ୍ୟମାନେ ପରିଚାଳନା କରିଥିଲେ।



ଗୋପସ୍ଥିତ ମାଟିଆଖାତ ନିକଟସ୍ଥ ମୁକ୍ତି ଗ୍ରୁପ ଅଫ୍ ଇନଷ୍ଟିଚ୍ୟୁଟରେ ଆୟୋଜିତ ବିଶ୍ୱ ନର୍ସ ଦିବସ କାର୍ଯ୍ୟକ୍ରମରେ ଅତିଥି ଏବଂ ଅନ୍ୟମାନେ ।

## ଜନ ଅଭିଯୋଗ ଶୁଣାଣି

ଡେଲାଙ୍ଗ,୧୨ା୫(ଡି.ଏନ୍.ଏ.)

ଡେଲାଙ୍ଗ ବ୍ଲକ ଗୁଆଳିପଡା ପଞ୍ଚାୟତ ଅଧୀନ ଗୁଡୁପାଇଲୋ ଗ୍ରାମର ବାତ୍ୟା ଆଶ୍ରୟସ୍ଥଳୀ ପରିସରରେ ଶୁକ୍ରବାର ବିଜୁ ଜନତା ଦଳର ଜନଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଡେଲାଙ୍ଗ ବିଜେଡି ବ୍ଲକ ସଭାପତି ବୈରାଗୀ ଜେନାଙ୍କ ସଭାପତିତ୍ୱରେ ବିଧାୟକ ରୁଦ୍ରପ୍ରତାପ ମହାରଥୀ, ବ୍ଲକ ଅଧ୍ୟକ୍ଷା ବାସନ୍ତୀ ସାହୁ, ଉପାଧ୍ୟକ୍ଷ ଦୁର୍ବାଶା ନିଶଙ୍କ, ପୂର୍ବତନ ସରପଞ୍ଚ କାଳନ୍ଦୀଚରଣ ଜେନା ପ୍ରମୁଖଙ୍କ ସହିତ ଶତାଧିକ ବିଜେଡି କର୍ମୀ ଉପସ୍ଥିତ ରହି ପଞ୍ଚାୟତର ସମସ୍ତ ୱାର୍ଡର ସମସ୍ୟା ଓ ତା'ର ସମାଧାନ ସମ୍ପର୍କରେ ଆଲୋଚନା କରିଥିଲେ। ନୂତନ ରାସ୍ତା ନିର୍ମାଣ, ପୁରୁଣା ରାସ୍ତା ମରାମତି, ପାନୀୟ ଜଳ ଯୋଗାଣ, ଆବାସ ଯୋଜନା, ରାଶନ କାର୍ଡ, ୪ମାସ ହେଲାଣି ଭତ୍ତା ନ ମିଳିବା ପ୍ରମୁଖ ବିଷୟରେ ଆଲୋଚନା କରାଯାଇଥିଲା। ମହଜୁଦ ଥିବା ଏମ୍‌ପି, ଏମ୍‌ଏଲ୍‌ଏ, ଜିଲା ପରିଷଦ ଲ୍ୟାଡରୁ ଅର୍ଥ ଖର୍ଚ୍ଚ କରି ଖୁବ୍‌ଶୀଘ୍ର ସାଧାରଣ ସମସ୍ୟାର ସମାଧାନ କରାଯିବ ବୋଲି ବିଧାୟକ ମହାରଥୀ କହିଥିଲେ। କର୍ମୀ ସରୋଜ ମିଶ୍ର ଡେଲାଙ୍ଗ-ବ୍ରହ୍ମଗିରି ରାସ୍ତାକୁ ସଂଯୋଗ କରୁଥିବା ଗ୍ରାମ୍ୟ ରାସ୍ତାଗୁଡିକର ମରାମତି, ନଳକୂପର ମରାମତି, ମାଛପଡା ଗ୍ରାମରେ ପାନୀୟ ଜଳ ସମସ୍ୟା ସମାଧାନ, ଚକରାସ୍ତାର ଦୋହରୀକରଣ, ଗୁଡୁପାଇଲୋ ଗ୍ରାମ ସନ୍ନିକଟରେ ଆନିକଟ ନିର୍ମାଣ ଆଦି କରିବା ନେଇ ଅଭିଯୋଗ କରିଥିଲେ। ସମସ୍ତ ସମସ୍ୟାର ତୁରନ୍ତ ସମାଧାନ କରାଯିବ ବୋଲି ଅଧ୍ୟକ୍ଷା ସାହୁ ମତବ୍ୟକ୍ତ କରିଥିଲେ।

# ନିଖୋଜ ମହିଳାଙ୍କ ମୃତଦେହ ଜବତ

ବ୍ରହ୍ମଗିରି,୧୨ା୫(ଡି.ଏନ୍.ଏ):

### ହତ୍ୟା ଅଭିଯୋଗ ଆଣିଲେ ବାପଘର

ବ୍ରହ୍ମଗିରି ଥାନା ଅନ୍ତର୍ଗତ କାଣ୍ଡଗୋଦା ନିକଟସ୍ଥ ମନାପୁର ଗହିରରେ ଶୁକ୍ରବାର ନିଖୋଜ ହୋଇଯାଇଥିବା ଜଣେ ମହିଳାଙ୍କ ଗଳିତ ମୃତଦେହକୁ ବ୍ରହ୍ମଗିରି ପୋଲିସ ଜବତ କରିଛି। ସେ ହେଲେ ଉକ୍ତ ଥାନା ଅନ୍ତର୍ଗତ ଜାଡିପୁର ଗ୍ରାମର ଲିପାଞ୍ଜଳି ବରାଳ(୨୩)। ତେବେ ଝିଅକୁ ଶାଶୁଘର ଲୋକେ ହତ୍ୟା କରିଥିବା ନେଇ ଲିପାଞ୍ଜଳିଙ୍କ ବାପଘର ପକ୍ଷରୁ ଥାନାରେ ଅଭିଯୋଗ କରାଯାଇଛି। ଏ ନେଇ ପୋଲିସ ଏକ ମାମଲା (ନଂ.୧୦୧/୨୩) ରୁଜୁ କରି ମୃତାଙ୍କ ସ୍ୱାମୀଙ୍କୁ ଅଟକ ରଖି ପଚରାଉଚରା ଚଳାଇଛି। ସୂଚନାଯୋଗ୍ୟ, ୪ ବର୍ଷ ତଳେ ଚନ୍ଦନପୁର ଥାନା ଅନ୍ତର୍ଗତ ସିକତନୂଆପଡ଼ା ଅଞ୍ଚଳର ଲିପାଞ୍ଜଳି ଜାଡ଼ିପୁର ଗ୍ରାମରେ ବିବାହ କରିଥିଲେ। ବିବାହର କିଛି ବର୍ଷ ପରେ ପାରିବାରିକ କଳହ ହେଉଥିବା ନେଇ ଲିପାଞ୍ଜଳି ବାପଘରକୁ ଜଣାଇଥିଲେ। ଏପରିକି ଗତ କିଛିଦିନ ତଳେ ଏହି ବିବାଦ ନେଇ ଲିପାଞ୍ଜଳି ନିଖୋଜ ଥିବା ନେଇ ରବିବାର ତାଙ୍କ ବାପଘର ଓ ଶ୍ୱଶୁର ଘର ତରଫରୁ ବ୍ରହ୍ମଗିରି ଥାନାରେ ଅଭିଯୋଗ ହୋଇଥିଲା। କିନ୍ତୁ ଏହି ଅଭିଯୋଗର ୬ ଦିନ ପରେ ଅର୍ଥାତ ଶୁକ୍ରବାର ସକାଳୁ ଲିପାଞ୍ଜଳିଙ୍କ କ୍ଷତବିକ୍ଷତ ଗଳିତ ମୃତଦେହ ମନାପୁର ଗହିରରେ ପଡ଼ିଥିବାର ଦେଖି ସ୍ଥାନୀୟ ଲୋକେ ବ୍ରହ୍ମଗିରି ପୋଲିସକୁ ଖବର ଦେଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିଛି। ଅପରପକ୍ଷେ ଲିପାଞ୍ଜଳିଙ୍କ ନିଖୋଜ ଓ ପରେ ତାଙ୍କ କ୍ଷତବିକ୍ଷତ ଶବ ମିଳିବା ପରେ ବାପଘର ପକ୍ଷରୁ ଶ୍ୱଶୁର ଘର ଲୋକେ ହତ୍ୟା କରିଥିବା ଅଭିଯୋଗ କରିଛନ୍ତି।

# ମଦ କିଣାକୁ ନେଇ ଗଣ୍ଡଗୋଳ: ୨ ଆହତ

ସାକ୍ଷୀଗୋପାଳ, ୧୨ା୫ (ସ୍ୱ.ପ୍ର./ଡି.ଏନ୍.ଏ.)

ସାକ୍ଷୀଗୋପାଳର ବସୁକେରା ଗ୍ରାମରେ ଥିବା ଏକ ମଦ ଦୋକାନରେ ମଦ କିଣାବିକାକୁ ନେଇ ଦୋକାନ କର୍ମଚାରୀ ଓ ଗ୍ରାହକଙ୍କ ମଧ୍ୟରେ ପ୍ରଥମେ କଥା କଟାକଟି ହୋଇ ପରେ ଗଣ୍ଡଗୋଳର ରୂପ ନେଇଥିଲା। ଏଥିରେ ଦୋକାନ କର୍ମଚାରୀଙ୍କ ଆକ୍ରମଣରେ ୨ ଗ୍ରାହକ ଆହତ ହୋଇଛନ୍ତି। ସୂଚନା ମୁତାବକ, ସତ୍ୟବାଦୀ ବ୍ଲକ କାଦୁଆ ପଞ୍ଚାୟତ ଭଟପୁର ଗ୍ରାମର ୨ଜଣ ବ୍ୟକ୍ତି ବାଙ୍କା ଛାଟୋଇ ଓ ସୁଦର୍ଶନ ସ୍ୱାଇଁ ଉକ୍ତ ମଦ ଦୋକାନରୁ ମଦ ପିଇ ସାରିବା ପରେ ଟଙ୍କା ଦେଇଥିଲେ। ଟଙ୍କା ଦେବା ସମୟରେ ଗୋଟିଏ ମଦର ହିସାବକୁ ନେଇ ପାଟିତୁଣ୍ଡ ହୋଇଥିଲା। ଦୋକାନରେ ଥିବା କର୍ମଚାରୀଙ୍କ କହିବାନୁଯାୟୀ ଗୋଟିଏ ମଦ ଏହି ବ୍ୟକ୍ତିମାନେ ଅଧିକ ନେଇଛନ୍ତି କିନ୍ତୁ ଉଭୟ ବ୍ୟକ୍ତି ଏହାକୁ ପିଇ ମଧ ମାନି ନଥିଲେ। ଉଭୟଙ୍କ ମଧ୍ୟରେ ଗଣ୍ଡଗୋଳ ଘଟି ହାତାହାତି ହେବାରେ ୨ ଗ୍ରାହକ ଆହତ ହୋଇ ସାକ୍ଷୀଗୋପାଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହେଉଛନ୍ତି। ଏହି ଗଣ୍ଡଗୋଳକୁ ନେଇ ସତ୍ୟବାଦୀ ଥାନାରେ ଉଭୟ ପକ୍ଷରୁ ଅଭିଯୋଗ ହୋଇଛି। ଏ ନେଇ ସତ୍ୟବାଦୀ ପୋଲିସ ଅଧିକ ତଦନ୍ତ ଜାରି ରଖିଥିବା ବେଳେ ଦୋକାନରେ ଥିବା ସିସିଟିଭି ଯାଞ୍ଚ କରାଯିବ ବୋଲି ପୋଲିସ କହିଛି। ଅନ୍ୟପଟେ ଏହି ଦୋକାନଟି ବସୁକେରା ଗାଁର ମୁଣ୍ଡରେ ରାସ୍ତାପାର୍ଶ୍ୱରେ ରହିଥିବାରୁ ଏହି ବାଟ ଦେଇ କଲେଜ ଓ ସ୍କୁଲ ଛାତ୍ରୀଛାତ୍ର ଯିବାଆସିବା କରିଥାନ୍ତି। ତେଣୁ ଉକ୍ତ ରାସ୍ତାରେ ଥିବା ଏହି ପାର୍ଲରଟିକୁ ଅନ୍ୟ ସ୍ଥାନାନ୍ତର କରିବା ପାଇଁ ବୁଦ୍ଧିଜୀବୀ ଜିଲା ପ୍ରଶାସନକୁ ଅନୁରୋଧ କରିଛନ୍ତି।

# 'କଂଗ୍ରେସକୁ ତୃଣମୂଳ ସ୍ତରରୁ ମଜଭୁତ କରାଯିବ'

ପୁରୀ ଅଫିସ, ୧୨ା୫:

ପୁରୀ ଜିଲା କଂଗ୍ରେସ କମିଟି ତରଫରୁ ସଙ୍ଗଠନକୁ ତୃଣମୂଳ ତଥା ବୁଥ୍‌ସ୍ତରରୁ ମଜଭୁତ କରିବା ନିମନ୍ତେ ବିହିତ ପଦକ୍ଷେପ ନିଆଯାଉଛି। ସେହିପରି ଦଳବିରୋଧୀ କାର୍ଯ୍ୟରେ ଲିପ୍ତ ଥିବା ବ୍ୟକ୍ତିବିଶେଷଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଶୁକ୍ରବାର ବଳଗଣ୍ଡିଛକସ୍ଥିତ ଭକ୍ତ ସାଲବେଗ ପୀଠ ପରିସରରେ ଜିଲା କଂଗ୍ରେସ କମିଟି ପକ୍ଷରୁ ଆୟୋଜିତ ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଛି। ଏହି ଅବସରରେ ପୂର୍ବତନ କାର୍ଯ୍ୟକାରୀ ସଭାପତି ଚିରଞ୍ଜିବୀ ବିଶ୍ୱାଳଙ୍କ ଦଳ ବିରୋଧୀ ମନ୍ତବ୍ୟକୁ ଦୃଢ ନିନ୍ଦା କରାଯାଇଛି। ପିସିସି ସଭାପତି ଶରତ ପଟ୍ଟନାୟକଙ୍କ ନିର୍ଦ୍ଦେଶ ଓ ଦୃଢ ନେତୃତ୍ୱରେ ଓଡ଼ିଶାରେ କଂଗ୍ରେସ ଏକ ନୂଆ ଦିଗରେ ଗତି କରୁଛି। ଲୋକଙ୍କ ଆସ୍ଥାଭାଜନ ହେବାରେ ଲଗିଛି। ପୁରୀ ଜିଲାରେ କଂଗ୍ରେସ ପୂର୍ବ ଗୌରବ ଫେରିପାଇବା ନେଇ ପିସିସି ସଭାପତି ଦୃଢ ପଦକ୍ଷେପ ଗ୍ରହଣ କରୁଛନ୍ତି। ଏଥିପାଇଁ କଂଗ୍ରେସ କମିଟି ପକ୍ଷରୁ ଆସନ୍ତା ମାସରୁ ପ୍ରତ୍ୟେକ ବୁଥସ୍ତରକୁ ଯାଇ ଲୋକ ସମ୍ପର୍କ ସୃଷ୍ଟି କରିବାକୁ ପରାମର୍ଶ ଦିଆଯାଇଛି। ଝାରସୁଗୁଡ଼ା ବିଧାନସଭା ଉପନିର୍ବାଚନରେ ଦଳ ଭଲ କରିବା ସହ ୨୦୨୪ ସାଧାରଣ ନିର୍ବାଚନରେ ସରକାର ଗଠନ କରିବ ବୋଲି କଂଗ୍ରେସ କର୍ମକର୍ତ୍ତା ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। ଖବରଦାତା ସମ୍ମିଳନୀରେ ଜିଲା କଂଗ୍ରେସ କମିଟିର କାର୍ଯ୍ୟକାରୀ ସଭାପତି ଲଲାଟେନ୍ଦୁ ଦାସ, ପିସିସି ସାଧାରଣ ସମ୍ପାଦକ ଜ୍ଞାନରଞ୍ଜନ ପଟ୍ଟନାୟକ, ପୂର୍ବତନ ଯୁବ କଂଗ୍ରେସ ସଭାପତି ସୁକାନ୍ତ ପ୍ରଧାନ, ପ୍ରଦେଶ କମିଟି ସଦସ୍ୟ ବିଦ୍ୟୁତ ଲତା ଆଚାର୍ଯ୍ୟ, ସଦର ବ୍ଲକ ସଭାପତି ଅବିନାଶ ମିଶ୍ର, ବରିଷ୍ଠ ନେତା ବିନାୟକ ଦାସ ମହାପାତ୍ର, ଜୟ ନାରାୟଣ ପଟ୍ଟନାୟକ, ନିରଞ୍ଜନ ରଥ ଏବଂ ସଞ୍ଜୟ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# ଦୁର୍ଘଟଣାରେ ଆହତଙ୍କୁ ମେଡିକାଲ ନେଲେ ବିଧାୟକ



ଆହତଙ୍କୁ ବିଧାୟକ ସମୀର ରଞ୍ଜନ ଦାଶ ନିଜ ଗାଡିରେ ନେଉଛନ୍ତି ।

ନିମାପଡ଼ା,୧୨ା୫(ଡି.ଏନ୍.ଏ.)

ନିମାପଡ଼ା- ପିପିଲି ରାସ୍ତାର ଓଗାଡ଼ିମାଳ ମହାଦେବଙ୍କ ମନ୍ଦିର ନିକଟରେ ଶୁକ୍ରବାର ଅପରାହ୍ନରେ ଏକ ସଡ଼କ ଦୁର୍ଘଟଣା ଘଟିଥିଲା। ପିପିଲି ପଟୁ ଖେଲାର ଅଭିମୁଖେ ଆସୁଥିବା ଏକ ଟାଟା ଏସିଇ ଗାଡ଼ି ଭାରସାମ୍ୟ ହରାଇ ରାସ୍ତାକଡ଼ ବିଲକୁ ଓଲଟି ପଡ଼ିଥିଲା। ଫଳରେ ଡ୍ରାଇଭର ଜଣକ ସାମାନ୍ୟ ଆହତ ହୋଇଥିବା ବେଳେ ଗାଡ଼ି ଆଗରେ ବସିଥିବା ଜଣେ ଯାତ୍ରୀ ଗୁରୁତର ହୋଇ ବିଲରେ ପଡ଼ିଥିଲେ। ଠିକ୍ ସେହି ସମୟରେ ବିଧାୟକ ସମୀର ରଞ୍ଜନ ଦାଶ ଭୁବନେଶ୍ୱରରୁ ନିମାପଡ଼ା ଅଭିମୁଖେ ଆସୁଥିବା ବେଳେ ଦୁର୍ଘଟଣାସ୍ଥଳରେ ଅଟକାଇ ଆହତ ଯାତ୍ରୀଙ୍କୁ ନିଜ ଗାଡ଼ିରେ ନିମାପଡ଼ା ମେଡିକାଲକୁ ଆଣିଥିଲେ। ଡାକ୍ତରଙ୍କ ସହ ପରାମର୍ଶ କରି ବିଧାୟକ ଦାଶ ଆହତ ବ୍ୟକ୍ତି ଚିକିତ୍ସା ବ୍ୟବସ୍ଥା କରିଥିଲେ। ଆହତ ବ୍ୟକ୍ତି ଜଣକ ହେଲେ ନୟାହାଟ ଫାଣ୍ଡି ଅନ୍ତର୍ଗତ ଦେସ୍ଥଳି ଗ୍ରାମର ପ୍ରଦୀପ ମଲ୍ଲିକ। ବିଧାୟକଙ୍କ ଏଭଳି କାର୍ଯ୍ୟକୁ ବିଭିନ୍ନ ମହଲରେ ପ୍ରଶଂସା କରାଯାଇଛି।

# ପୟରା ସ୍ପୋର୍ଟିଂକୁ ହରାଇ ମହଲପଡ଼ା ସ୍ପୋର୍ଟିଂ ଚାମ୍ପିୟନ

### ଗୋପ ପ୍ରିମିୟର ଲିଗ୍‌ର ଫାଇନାଲ ମ୍ୟାଚ

ଗୋପ,୧୨ା୫(ଡି.ଏନ୍.ଏ.)

ସମୟାନୁବର୍ତ୍ତିତା ଓ ଶୃଙ୍ଖଳା ଶିଖାଏ କ୍ରୀଡ଼ା। ତତ୍‌ସହିତ ଯୁବଗୋଷ୍ଠୀଙ୍କ ମଧ୍ୟରେ ମଧ ଭାଇଚାରା ସୃଷ୍ଟି କରେ ବୋଲି ଶୁକ୍ରବାର ଗୋପ ବ୍ଲକ ଅଧୀନ ଏରବଙ୍ଗ ଉଚ୍ଚ ବିଦ୍ୟାଳୟ ଖେଳପଡ଼ିଆରେ ଅନୁଷ୍ଠିତ ଗୋପ ପ୍ରିମିୟମ୍ ଲିଗ୍‌ର ଶୁକ୍ରବାର ଫାଇନାଲ ମ୍ୟାଚ୍‌ରେ ମୁଖ୍ୟ ଅତିଥିଭାବେ ସ୍ଥାନୀୟ ବିଧାୟକ ସମୀର ରଞ୍ଜନ ଦାଶ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିବା ସହ ମତବ୍ୟକ୍ତ କରିଥିଲେ। ଆଇପିଏଲ୍ କ୍ରିକେଟ ଭଳି ପ୍ରଥମ କରି ଗ୍ରାମାଞ୍ଚଳରେ କ୍ରିକେଟ ଖେଳ ଗୋପରେ ଅନୁଷ୍ଠିତ ହୋଇଛି। ଏରବଙ୍ଗ ଉଚ୍ଚ ବିଦ୍ୟାଳୟ ଖେଳ ପଡ଼ିଆଠାରେ ଗୋପ ପ୍ରିମିୟମ୍ ଲିଗ୍ କ୍ରିକେଟ ଖେଳ ଅନୁଷ୍ଠିତ ହୋଇଥିବାବେଳେ ଏଥିରେ ୧୪ଟି ଦଳ ଅଂଶ ଗ୍ରହଣ କରିଥିଲେ। ଫାଇନାଲ ମ୍ୟାଚ ପୟରା ସ୍ପୋର୍ଟିଂ ଓ ମହଲପଡ଼ା ସ୍ପୋର୍ଟିଂ ମଧ୍ୟରେ ଅନୁଷ୍ଠିତ ହୋଇଥିବାବେଳେ ପ୍ରଥମେ ଟସ୍ ଜିତି ପୟରା ସ୍ପୋର୍ଟିଂ ନିର୍ଦ୍ଧାରିତ ୧୭ ଓଭରରେ ୮ଟି ଉଇକେଟ୍ ହରାଇ ୧୨୭ ରନ୍ ସଂଗ୍ରହ କରିଥିଲା। ଜବାବରେ ମହଲପଡ଼ା ସ୍ପୋର୍ଟିଂ ୧୬ ଓଭର ୨ଟି ବଲ୍‌ରେ ୯ ଉଇକେଟ ହରାଇ ନିର୍ଦ୍ଧାରିତ ରନ୍ ସଂଗ୍ରହ କରି ଚାମ୍ପିୟନ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଅତିଥିଭାବେ ସରପଞ୍ଚ ରଶ୍ମିରେଖା ଦାସ, ମହଲପଡ଼ା ସରପଞ୍ଚ ଶୀର୍ଷରଞ୍ଜନ ନାୟକ, ପୂର୍ବତନ ସରପଞ୍ଚ ବିଭୂତି ଭୂଷଣ ସାହୁ, ସମବାୟ ସମିତି ସଭାପତି ନରେଶ ଚନ୍ଦ୍ର ପ୍ରଧାନ, ଏରବଙ୍ଗ ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷୟିତ୍ରୀ ସଙ୍ଗୀତା ମଲ୍ଲିକ୍, କ୍ରୀଡ଼ା ଶିକ୍ଷକ କାର୍ତ୍ତିକ ନାୟକ, ପ୍ରଶାନ୍ତ ରାଉତରାୟ, ସଚିଦାନନ୍ଦ ମାଝି, ଗଣେଶ ଚନ୍ଦ୍ର ଜେନା, ବିଦ୍ୟାଧର ବାରିକ ପ୍ରମୁଖ ଉପସ୍ଥିତ ରହି ଖେଳାଳିମାନଙ୍କୁ ଉତ୍ସାହିତ କରିଥିବାବେଳେ ରନର୍ସ ଅପ୍ ପୟରା ସ୍ପୋର୍ଟିଂକୁ ୫୦ ହଜାର ଟଙ୍କା ସହ ଟ୍ରଫି ପ୍ରଦାନ କରାଯାଇଥିବାବେଳେ ଚାମ୍ପିୟନ ଦଳ ମହଲପଡ଼ା ସ୍ପୋର୍ଟିଂକୁ ୮୦ ହଜାର ଟଙ୍କା ସହ ଟ୍ରଫି ପ୍ରଦାନ କରାଯାଇଥିଲା। ଅମ୍ପାୟର ଭାବେ ପ୍ରମୋଦ କୁମାର ସିହ୍ନା, ଦେବରାଜ ବେହେରା ପ୍ରମୁଖ କାର୍ଯ୍ୟ ତୁଲାଇଥିବାବେଳେ କାର୍ଯ୍ୟକ୍ରମକୁ ସେବକ ସଂଗଠନ ସଭାପତି ଆଲୋକ ଜେନା ଓ ସମସ୍ତ କର୍ମକର୍ତ୍ତା ପରିଚାଳନାରେ ସହଯୋଗ କରିଥିଲେ।




ଅତିଥିମାନେ ଚାମ୍ପିୟନ ଦଳକୁ ଟ୍ରଫି ସହ ପୁରସ୍କାର ପ୍ରଦାନ କରୁଛନ୍ତି ।

**ନାଟକ 'ଆକାଶଦୀପ' ଉନ୍ମୋଚିତ**

କଣାସ,(ସ୍ୱ.ପ୍ର.)- ତିନି ଦିନ ବ୍ୟାପୀ ଚାଲିଥିବା ସରକାରୀ ଉଚ୍ଚ ବିଦ୍ୟାଳୟ କଣାସର ୭୫ତମ ଜୟନ୍ତୀ ଉତ୍ସବ ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ବିଦ୍ୟାଳୟ ପରିସରରେ ଆୟୋଜିତ ଏହି ଉତ୍ସବରେ ବରିଷ୍ଠ ନାଟ୍ୟକାର ନାଟ୍ୟଗୌରବ ବିଭୂତି ଭୂଷଣ ପଟ୍ଟନାୟକଙ୍କ ନାଟକ 'ଆକାଶଦୀପ' ଉନ୍ମୋଚିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ବିଶିଷ୍ଟ ଶିକ୍ଷାବିତ୍ ଡ. ଅଚ୍ୟୁତ ସାମନ୍ତ ଯୋଗଦେଇ ଏହି ପୁସ୍ତକକୁ ଉନ୍ମୋଚନ କରିଥିଲେ। ଡ. ମୃତ୍ୟୁଞ୍ଜୟ ରଥ ପୁସ୍ତକର ସମୀକ୍ଷା କରିବା ସହିତ ନାଟ୍ୟଗୌରବଙ୍କ ବିଭିନ୍ନ କୃତି ଉପରେ ଆଲୋକପାତ କରିଥିଲେ। ପ୍ରକାଶ ଥାଉକି, ପଟ୍ଟନାୟକ ୨୦୧୯ ମସିହାରେ ଓଡ଼ିଶା ସାହିତ୍ୟ ଏକାଡେମୀ ଦ୍ୱାରା ସମ୍ବର୍ଦ୍ଧିତ ହୋଇଥିଲେ। ଏହି ଉତ୍ସବର ଦ୍ୱିତୀୟ ଦିବସରେ ପଟ୍ଟନାୟକଙ୍କ ରଚିତ ନାଟକ ସୀତା ବିବାହ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ଦ୍ୱାରା ପରିବେଷିତ ହୋଇଥିଲା।

## ସଂକ୍ଷେପରେ

### ବାଇକ୍ ଡିକି ଖୋଲି ୫୦ହଜାର ଟଙ୍କା ଲୁଟ୍

ନିମାପଡ଼ା,୧୨।୫(ଡି.ଏନ୍.ଏ.)- ନିମାପଡ଼ାର ବିଦ୍ୟୁତ ବିଭାଗ ଅଫିସ ଛକ ନିକଟରେ ଏକ ସ୍କୁଟି ଗାଡ଼ିର ଡିକି ଖୋଲି କେହି ଦୁର୍ବୃତ୍ତ ଜଣେ ବ୍ୟକ୍ତିଙ୍କର ୫୦ହଜାର ଟଙ୍କା ଲୁଟି ନେଇଛନ୍ତି। ନିମାପଡ଼ା ଥାନା ଅନ୍ତର୍ଗତ ଭିଲିଦେଉଳି ଗ୍ରାମର କ୍ଷେତ୍ରମୋହନ ବେହେରା(୬୪) ଗୁରୁବାର ବିଦ୍ୟୁତ ବିଭାଗ ନିକଟରେ ଥିବା ଏକ ଫଳ ଦୋକାନ ପାଖରେ ତାଙ୍କର ସ୍କୁଟି ଗାଡ଼ିଟି ରଖି ଆମ୍ବ କିଣୁଥିଲେ। ଏହି ସମୟରେ କେହି ଦୁର୍ବୃତ୍ତ କ୍ଷେତ୍ରମୋହନଙ୍କ ସ୍କୁଟି ଡିକି ଖୋଲି ୫୦ହଜାର ଟଙ୍କା, ବ୍ୟାଙ୍କ ପାସବୁକ, ଏଟିଏମ୍ କାର୍ଡ, ପାନକାର୍ଡ, ଆଧାର କାର୍ଡ, ଡ୍ରାଇଭିଙ୍ଗ ଲାଇସେନ୍ସ ଆଦି ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ଲୁଟି ନେଇ ଚମ୍ପଟ ମାରିଥିଲେ। କ୍ଷେତ୍ରମୋହନ ଫେରିବା ବେଳେ ସ୍କୁଟି ଡିକି ଖୋଲାଥିବା ବେଳେ ଟଙ୍କା ନ ଥିବା ଦେଖି ଥାନାର ଦ୍ୱାରସ୍ଥ ହୋଇଛନ୍ତି। ଏ ନେଇ ପୋଲିସ ଏକ ମାମଲା (ନଂ.୧୪୭/୨୩) ରୁଜୁ କରି ଘଟଣାର ତଦନ୍ତ ଚଳାଇଛି।

### 'ଆମ ଜମି ଆମକୁ ଫେରାଅ ଅଭିଯାନ'

ପୁରୀ ଅଫିସ, ୧୨।୫: ଗଇଡଲଠାରେ ଶୁକ୍ରବାର ବେଦାନ୍ତ ବିଶ୍ୱବିଦ୍ୟାଳୟ ବିରୋଧୀ ସଂଘର୍ଷ ସମିତି ପକ୍ଷରୁ 'ଆମ ଜମି ଆମକୁ ଫେରାଅ ଅଭିଯାନ' ଅନୁଷ୍ଠିତ ହୋଇଯାଇଛି। ସଭାରେ ସଂଘର୍ଷ ସମିତିର ଆବାହକ ତଥା ପୂର୍ବତନ ବିଧାୟକ ଉମାବଲ୍ଲଭ ରଥ ଯୋଗଦେଇ କହିଥିଲେ, ପୁରୀ-କୋଣାର୍କ ବେଳାଭୂମିରେ ବେଦାନ୍ତ ବିଶ୍ୱବିଦ୍ୟାଳୟ ସ୍ଥାପନରେ ସୁପ୍ରିମକୋର୍ଟ ପୂର୍ଣ୍ଣଚ୍ଛେଦ ପକାଇଛନ୍ତି। ବିଗତ ଦିନର ଲଢେଇରେ ଗଇଡଲ ସମେତ ବାଇଶି ମୌଜାବାସୀଙ୍କ ଦାୟିତ୍ୱବୋଧ ପାଇଁ ଆଜି ବିଜୟ ମିଳିଛି। ଗୋଟିଏ ପଟେ ଓଡ଼ିଶା ସରକାରଙ୍କ ପ୍ରଶାସନିକ ଦମନ ଲୀଳା ଓ ଧମକଚମକ ସାଙ୍ଗକୁ ଅନ୍ୟପଟେ କମ୍ପାନୀର ଗୁଣ୍ଡାରାଜ ଓ ଆର୍ଥିକ ପ୍ରଲୋଭନକୁ ଅଞ୍ଚଳବାସୀ ପ୍ରତ୍ୟାଖ୍ୟାନ କରି ଦେଶରେ ନୂଆ ଇତିହାସ ସୃଷ୍ଟି କରିଛନ୍ତି। ସଭାରେ ସଂଘର୍ଷ ସମିତି ସଭାପତି ଦାମୋଦର ପ୍ରଧାନ, ଦାମୋଦର ନାୟକ, ମଧୁସୂଦନ ରାଉତରାୟ, ପ୍ରଭାକର ସ୍ୱାଇଁ, ବିଷ୍ଣୁ ପ୍ରସାଦ ମିଶ୍ର, ପର୍ଶୁରାମ ପ୍ରଧାନ, ଉମ୍ବରୁଧର ପ୍ରଧାନ, ପ୍ରକାଶ ପ୍ରଧାନ, କାଳୁ ପ୍ରଧାନ, ଲକ୍ଷ୍ମୀଧର ପ୍ରଧାନ, କୈଳାଶ ସ୍ୱାଇଁ, ଭାସ୍କର ରାଉତରାୟ, ଜମ୍ବେଶ୍ୱର ନାୟକ ଏବଂ ହରପ୍ରସାଦ ଜେନା ପ୍ରମୁଖ ଯୋଗଦେଇଥିଲେ।

### ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ସରୋଜ ତ୍ରିପାଠୀ ସମ୍ବର୍ଦ୍ଧିତ

ଅସ୍ତରଙ୍ଗ,୧୨।୫(ଡି.ଏନ୍.ଏ.)- କାକଟପୁର ମଙ୍ଗଳା ମହାବିଦ୍ୟାଳୟର ରାଜନୀତି ବିଜ୍ଞାନ ବିଭାଗର ମୁଖ୍ୟ ତଥା କଲେଜର ମୁଖ୍ୟ ପ୍ରଶାସନିକ ଅଧିକାରୀ ପ୍ରାଧାପକ ସରୋଜ କୁମାର ନାୟକଙ୍କ ଅବସର ପରିପ୍ରେକ୍ଷୀରେ ବିଭାଗର ଛାତ୍ରୀଛାତ୍ରଙ୍କ ତରଫରୁ ଏକ ବିଦାୟକାଳୀନ ସମ୍ବର୍ଦ୍ଧନା ସଭା କାକଟପୁରର ଖୁଣ୍ଟିଆ ଟାୱାରରେ ଆୟୋଜିତ କରାଯାଇଥିଲା। ଏହି ସଭାରେ କଲେଜର ଅଧକ୍ଷ ଡ. ଅଶୋକ କୁମାର ତ୍ରିପାଠୀ ଅଧକ୍ଷତା କରିଥିଲେ। ଏହି ସଭାରେ ଅବସରପ୍ରାପ୍ତ ପ୍ରାଧାପକ ରାଧୁଚରଣ ପଣ୍ଡା, ଅଧାପକ ଅନ୍ତର୍ଯାମୀ ଡାଲୁଆ, ଅଧାପକ ବିନେଶ ଦାସ, ଅଧାପକ ଶଶୀଭୂଷଣ ମୁଦୁଲି, ଅଧାପକ ପ୍ରଫୁଲ୍ଲ ନାୟକ, ଅଧାପିକା ଜାଗୃତି ରାୟ, ଅଧାପିକା ସୁଶ୍ରୀ ସମୀକ୍ଷା ପ୍ରିୟଦର୍ଶିନୀ ଯୋଗଦେଇ ସରୋଜଙ୍କ କାର୍ଯ୍ୟଶୈଳୀ ଓ ଛାତ୍ରୀଛାତ୍ରଙ୍କ ପ୍ରତି ଶିକ୍ଷାଦାନର ପ୍ରଣାଳୀ ସମ୍ପର୍କରେ କହିଥିଲେ। ରାଜନୀତି ବିଜ୍ଞାନ ବିଭାଗର ନୂତନ ମୁଖ୍ୟ ଅଧାପକ ଲଲାଟେନ୍ଦୁ ସ୍ୱାଇଁ, ଅଧାପକ ଡ.ଜ୍ୟୋତି ପ୍ରକାଶ ପଲେଇ, ଅଧାପକ ଜିତେନ୍ଦ୍ର କୁମାର ଦାସ କାର୍ଯ୍ୟକ୍ରମକୁ ଆୟୋଜନ କରିଥିଲେ। ଶୁଭଶ୍ରୀ, ପୂଜାଲିନ, ଅର୍ଚ୍ଚନା, ଇପ୍ସିତା, ଦୁର୍ଗାଚରଣ, ପିତାମ୍ବର, ସଂଘମିତ୍ରା ଓ ଅଭିପ୍ସା ପ୍ରମୁଖ ଶତାଧିକ ଛାତ୍ରୀଛାତ୍ର ପ୍ରାଧାପକ ନାୟକଙ୍କ ଗୁଣାବଳୀ ବର୍ଣ୍ଣନା କରି ତାଙ୍କର ଦୀର୍ଘ ନିରାମୟ ଅବସର ଜୀବନ କାମନା କରିଥିଲେ।

# ସମସ୍ୟା ଘେରରେ ଚାରିଛକ ସରକାରୀ ସ୍ୱାସ୍ଥ୍ୟକେନ୍ଦ୍ର

- ମେଡିକାଲରେ ବିଶେଷଜ୍ଞ ଡାକ୍ତର ନାହାନ୍ତି
- ବହୁ ଡାକ୍ତର ପଦବୀ ଖାଲି
- ୨ଥର ମିଳିଛି କାୟାକଳ୍ପ ପୁରସ୍କାର

ନିମାପଡ଼ା,୧୨।୫(ଡି.ଏନ୍.ଏ.)




ସ୍ୱାସ୍ଥ୍ୟକେନ୍ଦ୍ରଗୁଡ଼ିକର ଭିତ୍ତିଭୂମିର ବିକାଶ, ରୋଗୀଙ୍କୁ ଉତ୍ତମ ସ୍ୱାସ୍ଥ୍ୟସେବା ଯୋଗାଣ ଦିଗରେ ରାଜ୍ୟ ସରକାର ବହୁ ଯୋଜନା ପ୍ରଣୟନ, ଅର୍ଥବ୍ୟୟ କରି ବ୍ୟାପକ ପଦକ୍ଷେପ ଗ୍ରହଣ କରୁଥିବା ନେଇ ଡିଣ୍ଡିମ ପିଟୁଥିବାବେଳେ ପୁରୀ ଜିଲା ନିମାପଡ଼ା ବ୍ଲକ ଅଧୀନ ଚାରିଛକ ସରକାରୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଏହାର ବ୍ୟତିକ୍ରମ ଦେଖାଦେଇଛି। ଦୀର୍ଘଦିନ ହେଲା ସ୍ୱାସ୍ଥ୍ୟକେନ୍ଦ୍ର ବହୁବିଧ ସମସ୍ୟା ଭିତରେ ବୁଡ଼ି ରହିଛି। ସ୍ଥାନୀୟ ଅଞ୍ଚଳବାସୀଙ୍କ ବାରମ୍ବାର ଦାବି ସତ୍ତ୍ୱେ ସମସ୍ୟାଗୁଡ଼ିକର ସମାଧାନ ହେଉନାହିଁ। ବହୁ ପୁରାତନ ୩୦ ଶଯ୍ୟା ବିଶିଷ୍ଟ ଏହି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରଟି ଏବେ ଅବହେଳିତ ଅବସ୍ଥାରେ ରହିଥିଲେ ମଧ୍ୟ ସମସ୍ୟାର ପ୍ରତିକାର ଦିଗରେ ଆଦୌ ଦୃଷ୍ଟି ଦିଆଯାଉ ନ ଥିବାରୁ ଚାରିଛକ ଅଞ୍ଚଳବାସୀ ଅସନ୍ତୋଷ ପ୍ରକାଶ କରିଛନ୍ତି। ଏହି ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ନିମାପଡ଼ା, ଗୋପ, କାକଟପୁର, ଅସ୍ତରଙ୍ଗ, ନିଆଳି ବ୍ଲକ ଅଞ୍ଚଳର ବାସିନ୍ଦା ଚିକିତ୍ସା ପାଇଁ ନିର୍ଭର କରନ୍ତି। ହେଲେ ସ୍ୱାସ୍ଥ୍ୟକେନ୍ଦ୍ରଟିରେ ଆନୁଷଙ୍ଗିକ ଚିକିତ୍ସା ସୁବିଧାର ବ୍ୟବସ୍ଥା ନ ଥିବାରୁ ଶହ ଶହ ରୋଗୀ ଏଠାରୁ ନିରାଶ ହୋଇ ଅଧିକ ଖର୍ଚ୍ଚାନ୍ତ ହୋଇ ପୁରୀ, ଭୁବନେଶ୍ୱର, କଟକ ଆଦି ମେଡିକାଲକୁ ଯାଉଛନ୍ତି। ଏହି ସ୍ୱାସ୍ଥ୍ୟକେନ୍ଦ୍ରରେ ଦୀର୍ଘ ୮ ବର୍ଷ ହେଲା ସର୍ଜରୀ ଡାକ୍ତର, ୫ ବର୍ଷ ହେବ ଶିଶୁ ରୋଗ ବିଶେଷଜ୍ଞ, ୨ ବର୍ଷ ହେବ ସ୍ତ୍ରୀ ଓ ପ୍ରସୂତି ବିଭାଗ ଡାକ୍ତର, ଦୀର୍ଘ ଦିନ ହେବ ମେଡିସିନ ବିଭାଗର ବିଶେଷଜ୍ଞ ନାହାନ୍ତି। କେବଳ ୨/୩ ଜଣ ହାତଗଣତି ଡାକ୍ତର, ଜଣେ ଆୟୁଷ ଡାକ୍ତରଙ୍କୁ ନେଇ ଏହି ସ୍ୱାସ୍ଥ୍ୟକେନ୍ଦ୍ର ଚାଲିଛି। ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ଏହି ଚାରିଛକ ସ୍ୱାସ୍ଥ୍ୟକେନ୍ଦ୍ର ପୁରୀ ଜିଲାର ଦ୍ୱିତୀୟ ବୃହତମ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ହୋଇଥିଲେ ହେଁ ଏଠାରେ ବିଶେଷଜ୍ଞ ଡାକ୍ତର ପଦବୀ ଶୂନ। ଅନ୍ୟପକ୍ଷରେ ଏଠାରେ ଡେଣ୍ଟାଲ କେୟାର ନ ଥିବାବେଳେ ଏକ୍ସରେ ମେଶିନ ଦୀର୍ଘ ଦିନ ହେବ ଅଚଳ ହୋଇପଡ଼ିଥିବାରୁ ଏକ୍ସରେ ପାଇଁ ରୋଗୀ ହଟହଟା ହେଉଛନ୍ତି। ରକ୍ତ ପରୀକ୍ଷା ପାଇଁ ବହୁ ଉନ୍ନତମାନର ମେଶିନ ଥିଲେ ମଧ୍ୟ କର୍ମଚାରୀଙ୍କ ଅଭାବରୁ ତାହା ରୋଗୀଙ୍କ କାର୍ଯ୍ୟରେ ଲାଗି ପାରୁନାହିଁ। ଏହି ସ୍ୱାସ୍ଥ୍ୟକେନ୍ଦ୍ରର ବିକାଶ ପାଇଁ ସରକାର କୋଟି କୋଟି ଟଙ୍କା ବ୍ୟୟ କରୁଥିଲେ ମଧ୍ୟ ଏହାର ଭିତ୍ତିଭୂମିରେ ଆଶାନୁରୂପ ବିକାଶ ହୋଇପାରୁନି। ଏହାକୁ ବିଭିନ୍ନ ଦୃଷ୍ଟିକୋଣରୁ ଦୁଇ ଦୁଇ ଥର କାୟାକଳ୍ପ ପୁରସ୍କାର ମିଳିଛି, ହେଲେ ମଧ୍ୟ ଏଠାରେ ଚିକିତ୍ସା ସୁବିଧା ପୂରା ଠପ।

> ମେଡିକାଲର ବିଭିନ୍ନ ସମସ୍ୟା ଓ ଡାକ୍ତର ପଦବୀ ଖାଲି ପଡ଼ିଥିବା ସମ୍ପର୍କରେ ବାରମ୍ବାର ଗଣଶିକ୍ଷା ମନ୍ତ୍ରୀ ଓ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଅବଗତ କରିଛି। ହେଲେ ଉକ୍ତ କର୍ତ୍ତୃପକ୍ଷଙ୍କ ପକ୍ଷରୁ କୌଣସି ନିଷ୍ପତ୍ତି ନିଆଯାଇ ନାହିଁ।
> **-ଡା. ପି.କେ. ସାମନ୍ତରାୟ, ସ୍ୱାସ୍ଥ୍ୟକେନ୍ଦ୍ରର ମୁଖ୍ୟ ଚିକିତ୍ସାଧିକାରୀ।**

> ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶଙ୍କ ଆନ୍ତରିକ ଉଦ୍ୟମ ଓ ପ୍ରଚେଷ୍ଟାର ଅଭାବ ଯୋଗୁ ଚାରିଛକ ସ୍ୱାସ୍ଥ୍ୟକେନ୍ଦ୍ରର ଆଶାନୁରୂପକ ବିକାଶ ହୋଇପାରୁ ନାହିଁ।
> **– ସନ୍ତୋଷ ପ୍ରଧାନ, ନିମାପଡ଼ା ସୂଚନା ଅଧିକାରୀ ଅଭିଯାନର ଆବାହକ**

> ଚାରିଛକ ଭଳି ଏକ ପୁରାତନ, ବୃହତ୍ତମ ସ୍ୱାସ୍ଥ୍ୟକେନ୍ଦ୍ରରେ ଜଣେ ହେଲେ ବିଶେଷଜ୍ଞ ଡାକ୍ତର ନ ଥିବା ଅତ୍ୟନ୍ତ ଲଜ୍ଜା ଓ ଦୁର୍ଭାଗ୍ୟଜନକ ବିଷୟ। ବିଶେଷଜ୍ଞ ଡାକ୍ତରଙ୍କୁ ତୁରନ୍ତ ନିଯୁକ୍ତି ଦିଆ ନ ଗଲେ ଦଳିତ ଅଧିକାର ସଂଗଠନ ପକ୍ଷରୁ ଦୁର୍ବାର ଗଣ ଆନ୍ଦୋଳନ ହେବ।
> **– ଅଶୋକ ରାଉତ, ପୁରୀ ଜିଲା ଦଳିତ ଅଧିକାର ସଂଗଠନର ଆବାହକ।**

> ଏହି ସ୍ୱାସ୍ଥ୍ୟକେନ୍ଦ୍ରରେ ଦୀର୍ଘଦିନ ହେଲା ବହୁ ଡାକ୍ତର ପଦବୀ ଖାଲି ପଡିଥିବା ଯୋଗୁ ସ୍ୱାସ୍ଥ୍ୟସେବା ବିପର୍ଯ୍ୟୟ ହୋଇପଡିଛି। ଚିକିତ୍ସା ସୁବିଧାରୁ ରୋଗୀମାନେ ବଞ୍ଚିତ ହେଉଛନ୍ତି। ତୁରନ୍ତ ଖାଲି ପଦବୀ ପୂରଣ ସହ ବିଶେଷଜ୍ଞ ଡାକ୍ତରଙ୍କୁ ନିଯୁକ୍ତି ଦିଆଯିବା ଦିଗରେ ସ୍ୱାସ୍ଥ୍ୟ ବିଭାଗ ଉଚ୍ଚ କର୍ତ୍ତୃପକ୍ଷ ପଦକ୍ଷେପ ନେବାକୁ ଦାବି କରିଛନ୍ତି।
> **– ପ୍ରଫୁଲ୍ଲ କର, ପ୍ରେସକ୍ଲବ ସଭାପତି।**

> ୫ଟି ବ୍ଲକର କେନ୍ଦ୍ରସ୍ଥଳରେ ଥିବା ଚାରିଛକ ଭଳି ଏକ ଗୁରୁତ୍ୱପୂର୍ଣ୍ଣ ମେଡିକାଲ କଲେଜରେ ରୋଗୀସେବା ଏକରକମ ଠପ୍ ହୋଇପଡିଛି। ଏହି ସ୍ୱାସ୍ଥ୍ୟକେନ୍ଦ୍ରରେ ଖାଲି ପଡ଼ିଥିବା ଡାକ୍ତର ଓ ଫାର୍ମାସିଷ୍ଟ ପଦବୀଗୁଡ଼ିକ ପୂରଣ କରାଯିବା, ବିଶେଷଜ୍ଞ ଡାକ୍ତରଙ୍କୁ ନିଯୁକ୍ତି ଦିଆଯିବାକୁ ଗଣଶିକ୍ଷା ମନ୍ତ୍ରୀ ଦାଶଙ୍କ ନିକଟରେ ଦୃଢ ଦାବି କରିଛନ୍ତି।
> **– ମହେନ୍ଦ୍ର ନାୟକ, ଚାରିଛକ ବ୍ୟବସାୟୀ ସଂଘ ସଭାପତି।**

### ବସ୍- ବାଇକ୍ ଧକ୍କା: ଜଣେ ମୃତ, ଜଣେ ଗୁରୁତର

ପୁରୀ ଅଫିସ, ୧୨।୫: ପୁରୀ ସଦର ଥାନା ଅନ୍ତର୍ଗତ ଗିରଳ ଛକ ନିକଟରେ ଶୁକ୍ରବାର ଏକ ବସ୍ ଓ ବାଇକ ମଧ୍ୟରେ ମୁହାଁମୁହିଁ ଧକ୍କା ହେବାରୁ ଜଣଙ୍କର ମୃତ୍ୟୁ ଘଟିଥିବାବେଳେ ଜଣେ ଗୁରୁତର ଆହତ ହୋଇଛନ୍ତି। ଆହତ ବ୍ୟକ୍ତିଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି।ସୂଚନା ଅନୁଯାୟୀ, ପୁରୀ ଜିଲା ବ୍ରହ୍ମଗିରି ଥାନା ଅନ୍ତର୍ଗତ ବେଣ୍ଟପୁର ଭୋଇସାହିର ବିକ୍ରମ ଭୋଇ କୌଣସି କାର୍ଯ୍ୟରେ ତାଙ୍କ ସାଙ୍ଗ ସାହସପୁରର ମହେନ୍ଦ୍ର ସ୍ୱାଇଁଙ୍କ ସହିତ ନିଜ ବାଇକ୍ (ନଂ. ଓଡି ୧୩ ଆର୍ ୮୧୬୧) ଯୋଗେ ପୁରୀ ଆସୁଥିଲେ। ଅନ୍ୟପକ୍ଷରେ ଏହି ସମୟରେ ପୁରୀରୁ ବ୍ରହ୍ମଗିରିକୁ ଓମ୍ ମା' ନାମକ ବସ୍ (ଓଆର୍ ୦୫ ଏଡି ୫୨୫୭) ଯାତ୍ରୀଙ୍କୁ ନେଇ ବ୍ରହ୍ମଗିରି ଯାଉଥିଲା। ଗିରଳ ଛକ ନିକଟରେ ବସ୍ ଓ ବାଇକ୍ ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଥିଲା। ଫଳରେ ଘଟଣାସ୍ଥଳରେ ବିକ୍ରମଙ୍କ ମୃତ୍ୟୁ ଘଟିଥିଲା। ଖବର ପାଇ ପୋଲିସ ପହଞ୍ଚି ଆହତ ମହେନ୍ଦ୍ରଙ୍କୁ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲା। ସେହିପରି ପୋଲିସ ଉକ୍ତ ଗାଡ଼ି ଦୁଇଟିକୁ ଜବତ କରିଛି। ଏଥିସହ ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ପଠାଇଛି।



ନିମାପଡା ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ ଅବସରରେ ସ୍ୱାସ୍ଥ୍ୟ ବିଭାଗର ଷ୍ଟେଟ୍ ଇଣ୍ଟିଗ୍ରେଟେଡ ମନିଟରିଂ ଟିମ୍ ସହ ଅନ୍ୟମାନେ ।

## ଷ୍ଟେଟ୍ ଇଣ୍ଟିଗ୍ରେଟେଡ ମନିଟରିଂ ଟିମ୍‌ର ନିମାପଡ଼ା ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ

ନିମାପଡ଼ା,୧୨।୫(ଡି.ଏନ୍.ଏ.)

ସ୍ୱାସ୍ଥ୍ୟ ବିଭାଗର ଷ୍ଟେଟ୍ ଇଣ୍ଟିଗ୍ରେଟେଡ ମନିଟରିଂ ଟିମ୍‌ର ଏକ ୫ଜଣିଆ ବରିଷ୍ଠ ଅଧିକାରୀ ମଣ୍ଡଳୀ ଶୁକ୍ରବାର ନିମାପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ନିମାପଡ଼ା ନିକଟସ୍ଥ ପାଟପୁରସ୍ଥିତ ସବ୍‌ସେଣ୍ଟର ଅଚାନକ ପରିଦର୍ଶନ କରିଥିଲେ। ଏହି ଟିମ୍‌ର ଅଧିକାରୀମାନେ ସ୍ୱାସ୍ଥ୍ୟକେନ୍ଦ୍ରରେ ରୋଗୀ ସେବା, ସ୍ୱାସ୍ଥ୍ୟକେନ୍ଦ୍ରର ଗୁଣାବଳୀ, ଚିକିତ୍ସା ସମ୍ପର୍କିତ ଗୁଣାବତ୍ତା, ଟିବି ଓ ଏଚ୍‌ଆଇଭି ଚିକିତ୍ସା ସମ୍ପର୍କରେ ତଦାରଖ କରିବା ସହ ମେଡିକାଲର କାଗଜପତ୍ର, ରେଜିଷ୍ଟର ଆଦି ଦେଖି ବିଭିନ୍ନ କାର୍ଯ୍ୟ, ରୋଗୀ ସେବା ସମ୍ପର୍କରେ ସ୍ୱାସ୍ଥ୍ୟକେନ୍ଦ୍ରର ମୁଖ୍ୟ ଚିକିତ୍ସାଧିକାରୀ ଡା.କ୍ଷମାନିଧି ସେଠୀ, ଫାର୍ମାସିଷ୍ଟ ଆଇ.ତ୍ରିନାଥ ପାତ୍ରଙ୍କ ସମେତ ବିଭିନ୍ନ ବିଭାଗର କର୍ମଚାରୀମାନଙ୍କ ସହ ବିଶଦ ଆଲୋଚନା କରିଥିଲେ। ଷ୍ଟେଟ୍ ଇଣ୍ଟିଗ୍ରେଟେଡ ମନିଟରିଂ ଟିମ୍‌ର ଆକାଉଣ୍ଟସ ମ୍ୟାନେଜର ମଳୟ କୁମାର ପାଣିଗ୍ରାହୀ, ଷ୍ଟେଟ୍ ଟିବି ଓ ଏଚ୍‌ଆଇଭି ବିଭାଗର କନସୁଲଟାଣ୍ଟ ଅଧିକାରୀ ଡ.ବିକାଶ ପଟ୍ଟନାୟକ, କ୍ୱାଲିଟି କନ୍‌ସୁଲଟାଣ୍ଟ ସରୋଜ କୁମାର ପାଣିଗ୍ରାହୀ, ଆର୍‌ବିଏସ୍‌କେର କନସୁଲଟାଣ୍ଟ ନିହାର ରଞ୍ଜନ ସ୍ୱାଇଁ, ଷ୍ଟେଟ ଡାଟା ମ୍ୟାନେଜର ଶଶିଭୂଷଣ ଜେନା, ପୁରୀ ଜିଲା ପକ୍ଷରୁ ମାଧୁରୀ ସ୍ୱାଇଁ ପ୍ରମୁଖ ଏହି ଟିମ୍‌ରେ ଗସ୍ତ କରି ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ କରି ବିଭିନ୍ନ କାର୍ଯ୍ୟର ସମୀକ୍ଷା କରିଥିଲେ। ସ୍ୱାସ୍ଥ୍ୟକେନ୍ଦ୍ରଠାରେ ଆୟୋଜିତ ସମୀକ୍ଷା ବୈଠକରେ ନିମାପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମୁଖ୍ୟ ଚିକିତ୍ସାଧିକାରୀ ଡ. ସେଠୀ, ଫାର୍ମାସିଷ୍ଟ ପାତ୍ର, ନର୍ସିଂ ଅଫିସର ସାଧନା ମହାପାତ୍ର, ଆକାଉଣ୍ଟାଣ୍ଟ ଅଧିକାରୀ ପଇଁଠୁ କୁମାର ବେହେରା, ବହୁ ନର୍ସ, ସ୍ୱାସ୍ଥ୍ୟକର୍ମୀ, ବିଭିନ୍ନ ବିଭାଗର କର୍ମଚାରୀମାନେ ଯୋଗଦେଇଥିଲେ। ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ ଓ ସମୀକ୍ଷା ବେଳେ ଷ୍ଟେଟ୍ ଇଣ୍ଟିଗ୍ରେଟେଡ ମନିଟରିଂ ଟିମ୍‌ର ୫ଜଣିଆ ଅଧିକାରୀମାନେ ବେଶ୍ ସନ୍ତୋଷ ପ୍ରକାଶ କରିଥିବା ଜଣାପଡ଼ିଛି।

### କଣାସରୁ ଅପହୃତା ମହିଳା ଆଇନଜୀବୀ ସମ୍ବଲପୁରରୁ ଉଦ୍ଧାର

କଣାସ,୧୨।୫(ସ୍ୱ.ପ୍ର): ପୁରୀ ଜିଲା କଣାସ ଥାନା ଅନ୍ତର୍ଗତ ନୂଆଜଗନ୍ନାଥ ସଡକର ବରୁଣଛକ ନିକଟରେ ୨୯ବର୍ଷ ବୟସ୍କା ମହିଳା ଆଇନଜୀବୀଙ୍କୁ ୧୦ତାରିଖରେ ଅପହରଣ କରିନେଇଯାଇଥିବା ତାଙ୍କ ବାପା ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ପାଇ ପୁରୀ ଏସ୍‌ପି ଡ. କେ. ବିଶାଲ ସିଂ ଏବଂ କଣାସ ଥାନା ଆଇଆଇସି ସୁଜିତ ଦାସଙ୍କ ନିର୍ଦ୍ଦେଶକ୍ରମେ ମଦାରବସ୍ତ ଫାଣ୍ଡି ଅଧିକାରୀ ତୁଷାରକାନ୍ତ ନାୟକଙ୍କ ନେତୃତ୍ୱରେ ଏକ ଟିମ୍ ତଦନ୍ତ ଭାର ନେଇ ଶୁକ୍ରବାର ସମ୍ବଲପୁରର ଏକ ହୋଟେଲ୍‌ରୁ ଅପହୃତା ଆଇନଜୀବୀ ଓ ଅପହୃତକାରୀଙ୍କୁ ଧରିଛନ୍ତି। ଉଭୟଙ୍କୁ କଣାସକୁ ଅଣାଯାଉଥିବା ପୋଲିସ କହିଛନ୍ତି। ପ୍ରକାଶ ଯେ, ହରଷପଡା ସାମିଲି ମାଳିସାହିର ମହିଳା ଆଇନଜୀବୀ ପ୍ରତି ଦିନ ଗ୍ରାମରୁ କଣାସକୁ ଓକିଲାତି କରିବାକୁ ଯାଉଥିଲେ। ଗତ ବୁଧବାର ସ୍କୁଟିରେ ଆଇନଜୀବୀ କଣାସ ଯାଉଥିବା ସମୟରେ ବରୁଣଛକ ନିକଟରେ ଏକ କାର୍ ଆସି ତାଙ୍କୁ ଅଟକାଇଥିଲା। କାରରୁ ଦୁଇଜଣ ଯୁବକ ଆସି ଆଇନଜୀବୀଙ୍କୁ ଜବରଦସ୍ତ ଧରି କାରଭିତରେ ପୂରାଇ ନେଇଯାଇଥିଲେ। ଏ ନେଇ ମହିଳା ଆଇନଜୀବୀଙ୍କ ବାପା ଥାନାର ଦ୍ୱାରସ୍ଥ ହୋଇଥିଲେ।

## ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା କ୍ଷେତ୍ରରେ ସ୍ୱେଚ୍ଛାସେବୀଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ

ପୁରୀ ଅଫିସ, ୧୨।୫: ପ୍ରାକୃତିକ ବିପର୍ଯ୍ୟୟକୁ ରୋକାଯାଇ ନ ପାରେ, କିନ୍ତୁ ପୂର୍ବ ପ୍ରସ୍ତୁତି ଦ୍ୱାରା କ୍ଷତିକୁ ହ୍ରାସ କରାଯାଇପାରିବ। ଏ କ୍ଷେତ୍ରରେ ସ୍ୱେଚ୍ଛାସେବୀମାନଙ୍କର ସହଯୋଗ ଗୁରୁତ୍ୱପୂର୍ଣ୍ଣ ବୋଲି ଅତିରିକ୍ତ ଜିଲାପାଳ (ରାଜସ୍ୱ) କୈଳାସ ଚନ୍ଦ୍ର ନାୟକ ମତ ଦେଇଛନ୍ତି। ଶୁକ୍ରବାର ସର୍କିଟ ହାଉସ୍‌ରେ ଆଗାମୀ ପ୍ରାକୃତିକ ବିପର୍ଯ୍ୟୟର ମୁକାବିଲା ପାଇଁ ସରକାରୀ ଅଧିକାରୀ ଏବଂ ସ୍ୱେଚ୍ଛାସେବୀ ସଂଗଠନଗୁଡ଼ିକର କର୍ମକର୍ତ୍ତାଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅତିରିକ୍ତ ଜିଲାପାଳ ନାୟକ ଅଧକ୍ଷତା କରି କହିଥିଲେ ଯେ, ୧୯୯୯ ମସିହାର ମହାବାତ୍ୟା ପରେ ରାଜ୍ୟ ସରକାରଙ୍କ ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା ସମଗ୍ର ବିଶ୍ୱରେ ଆଦୃତ ହୋଇଛି। ସେହି ମଡେଲ ଆଧାରରେ ଯେପରି କ୍ଷୟକ୍ଷତିକୁ କମାଯାଇ ପାରିବ ଓ ପ୍ରତିଟି ମୂଲ୍ୟବାନ ଜୀବନକୁ ରକ୍ଷା କରାଯାଇପାରିବ ସେଥିପାଇଁ ପ୍ରତ୍ୟେକ ସ୍ତରରେ ପଦକ୍ଷେପ ନିଆଯାଉଛି। ସେହିପରି ଅତିରିକ୍ତ ଜିଲାପାଳ (ପ୍ରୋଟୋକଲ) ଡ. ଶରତ ଚନ୍ଦ୍ର ମହାପାତ୍ର ଯୋଗଦେଇ କହିଥିଲେ, କେବଳ ସରକାର ବା ପ୍ରଶାସନ ବିପର୍ଯ୍ୟୟର ମୁକାବିଲା କରିବା ସମ୍ଭବ ନୁହେଁ। ଏଥିପାଇଁ ପ୍ରତ୍ୟେକ ସ୍ୱେଚ୍ଛାସେବୀ ସଂଗଠନର ସହଯୋଗ ଆବଶ୍ୟକ ଥିବାବେଳେ ପ୍ରତ୍ୟେକ ବ୍ୟକ୍ତିଙ୍କୁ ପ୍ରଶିକ୍ଷିତ କରାଇବାକୁ ସେ ମତ ଦେଇଥିଲେ। ସଭାକାର୍ଯ୍ୟ ପ୍ରାରମ୍ଭରେ ଡେପୁଟି କଲେକ୍ଟର ଜିତେନ୍ଦ୍ର ପାତ୍ର ସମସ୍ତଙ୍କୁ ସ୍ୱାଗତ ଜଣାଇ କହିଥିଲେ, ପୁରୀ ଜିଲାର ୧୧ ବ୍ଲକ ୨୬୮ ପଞ୍ଚାୟତର ୧୭୩୭ ଗ୍ରାମ ମଧ୍ୟରୁ ୧୪୨ ପଞ୍ଚାୟତର ୬୪୦ ଗ୍ରାମ ବନ୍ୟା ପ୍ରଭାବିତ ହେବାର ସମ୍ଭାବନା ଅଛି। ସେହିପରି ୮୮ଟି ଗ୍ରାମ ଓ ପୁରୀ ପୌରାଞ୍ଚଳର ୨୨ଟି ୱାର୍ଡ ସୁନାମୀ ପ୍ରଭାବିତ ହେବା ସମ୍ଭାବନା ରହିଛି। ୨୦୦ ଆପଦ ମିତ୍ର ସ୍ୱେଚ୍ଛାସେବୀ ରହିଥିବାବେଳେ ୯ଟି ବହୁମୁଖୀ ବାତ୍ୟା ଆଶ୍ରୟ ସ୍ଥଳ ଓ ୩୭୨ଟି ବିକଳ୍ପ ଆଶ୍ରୟ ସ୍ଥଳର ବ୍ୟବସ୍ଥା ଅଛି ବୋଲି ପାତ୍ର ସୂଚନା ଦେଇଥିଲେ। ଏହି ବୈଠକରେ ବିଭିନ୍ନ ବିଭାଗର ଅଧିକାରୀ, ବିଭିନ୍ନ ସ୍ୱେଚ୍ଛାସେବୀ ସଂଗଠନର କର୍ମକର୍ତ୍ତା ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।








**ପୁରୀ:** ଶୁକ୍ରବାର ଚକଡେରା ନୀତି ପାଇଁ ପୂଜାପଣ୍ଡା ସାମନ୍ତମାନେ ରଥଖଳାକୁ ମହାପ୍ରଭୁଙ୍କ ଆଜ୍ଞାମାଳ ନେଉଛନ୍ତି । କମାର ସେବକମାନେ ରଥ ଚକରେ ଯୋଖା ସଂଯୋଗ କରୁଛନ୍ତି । ଜଗନ୍ନାଥ ବଲ୍ଲଭ ପରିସରରେ ଅନୁଷ୍ଠିତ ଚନ୍ଦନ ମହୋତ୍ସବରେ ଭକ୍ତିସଙ୍ଗୀତ ପରିବେଷଣ କରାଯାଉଛି।

## ଶ୍ୱଶୁରଘର ଗ୍ରାମରୁ ସ୍ୱାମୀଙ୍କ ମୃତଦେହ ଜବତ

ଡେଲାଙ୍ଗ,୧୨।୫(ଡି.ଏନ୍.ଏ.)

**ମୃତ୍ୟୁ ପୂର୍ବରୁ ସ୍ତ୍ରୀଙ୍କ ସହ ଝଗଡ଼ା ଲାଗିଥିଲା**

ଡେଲାଙ୍ଗ ଥାନା ଅଧୀନ ଅମାଲଙ୍ଗ ଗ୍ରାମରେ ଶୁକ୍ରବାର ଶ୍ୱଶୁରଘର ଗ୍ରାମରୁ ସ୍ୱାମୀଙ୍କ ମୃତଦେହକୁ ପୋଲିସ ଜବତ କରିଛି। ମୃତକ ହେଲେ ପିପିଲି ଥାନା ଅନ୍ତର୍ଗତ ମଙ୍ଗଳପୁର ଅଞ୍ଚଳର ଗଦାଧର ବେହେରା (୪୦)। ମୃତକଙ୍କ ହାତରେ ଓ ପିଠିରେ ଶକ୍ତ ଅଘାତ ଲାଗିଥିବା ବେଳେ ବେକରେ ରଶିର ଦାଗ ରହିଛି। ଶରୀରର ବିଭିନ୍ନ ସ୍ଥାନରେ କ୍ଷତଚିହ୍ନ ରହିଥିବା ବେଳେ ତାଙ୍କ ମୃତ୍ୟୁକୁ ନେଇ ସନ୍ଦେହ ଘନୀଭୂତ ହେଉଥିବାରୁ ପୋଲିସ ତଦନ୍ତ ଜାରି ରଖିଛି। ଏନେଇ ପୋଲିସ ନଂ.୫/୨୩ରେ ଏକ ମାମଲା ରୁଜୁ କରିବା ସହ ମୃତଦେହକୁ ବ୍ୟବଚ୍ଛେଦ ନିମନ୍ତେ ପୁରୀ ମୁଖ୍ୟ ଚିକିତ୍ସାଳୟ ପଠାଯାଇଥିବା ଥାନା ଅଧିକାରୀ ଅନିଲ କୁମାର ମହାନ୍ତି କହିଛନ୍ତି। ମିଳିଥିବା ସୂଚନା ଅନୁଯାୟୀ, ଗଦାଧର ପ୍ରାୟ ୧୩ ବର୍ଷ ତଳେ ଅମାଲଙ୍ଗ ଗ୍ରାମର ସଦାନନ୍ଦ ବେହେରାଙ୍କ ଝିଅ ରେବତୀଙ୍କୁ ବିବାହ କରିଥିଲେ। ସଦାନନ୍ଦଙ୍କର କେହି ଉତ୍ତରାଧିକାରୀ ନ ଥିବା ବେଳେ ରେବତୀ ପ୍ରାୟତଃ ବାପଘରେ ରହୁଥିଲେ। ତାଙ୍କର ୨ଟି ପୁଅ ଓ ଗୋଟିଏ ଝିଅ ରହିଛି। ଗଦାଧର ବେଳେ ବେଳେ ସ୍ତ୍ରୀ ଓ ପିଲାଙ୍କୁ ଦେଖାକରିବା ପାଇଁ ଶ୍ୱଶୁର ଘରକୁ ଯିବାଆସିବା କରନ୍ତି। ଅନେକ ସମୟ ସ୍ତ୍ରୀ ବାପଘରେ ରହୁଥିବାରୁ ଉଭୟ ସ୍ୱାମୀ ଓ ସ୍ତ୍ରୀଙ୍କ ମଧ୍ୟରେ ଝଗଡ଼ା ହେଉଥାଏ। ଗୁରୁବାର ମଧ୍ୟ ଗଦାଧର ଶ୍ୱଶୁର ଘରକୁ ଆସିଥିବାବେଳେ ରାତିରେ ଏହି କଥାକୁ ନେଇ ପୁଣି ଝଗଡ଼ା ହୋଇ ତାହା ଉଗ୍ରରୂପ ନେବାରୁ ଗଦାଧର ରାଗରେ ତମ ଘରୁ ଯାଉଛି ବୋଲି କହି ଘରୁ ବାହାରକୁ ଚାଲିଯାଇଥିଲେ। ଶୁକ୍ରବାର ସକାଳେ ତାଙ୍କ ଶ୍ୱଶୁର ଶୌଚହେବାକୁ ଯିବା ସମୟରେ ନିକଟସ୍ଥ ପୋଖରୀ ହୁଡାରେ ଥିବା ଗଛରେ ସ୍ୱାମୀ ଗଦାଧର ନିଜ ପିନ୍ଧା ଶାର୍ଟ ବେକରେ ଲଗାଇ ମୁମୂର୍ଷୁ ଅବସ୍ଥାରେ ଝୁଲୁଥିବା ଦେଖିଥିଲେ। ସେଠାରୁ ତାଙ୍କୁ ଉଦ୍ଧାର କରି ଡେଲାଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ନେଇଥିଲେ ହେଁ ଡାକ୍ତର ମୃତ ଘୋଷଣା କରିଥିଲେ। ଖବରପାଇ ଡେଲାଙ୍ଗ ହାଟ ଫାଣ୍ଡି ଅଧିକାରୀ ଧନପତି ପିଙ୍ଗ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିଥିବା ବେଳେ ଡେଲାଙ୍ଗ ପୋଲିସ ମଧ୍ୟ ଆସିଥିଲା।

## ତ୍ରିଲୋଚନପୁର ପ୍ରିମିୟର ଲିଗ୍ କ୍ରିକେଟ୍ ମ୍ୟାଚ ଉଦ୍‌ଘାଟିତ

**ଗୋପୀନାଥ ଇଲେଭେନ୍ ବିଜୟୀ**

କଣାସ,୧୨।୫(ସ୍ୱ.ପ୍ର): କଣାସ ବ୍ଲକ ଅନ୍ତର୍ଗତ ତ୍ରିଲୋଚନପୁର ପଞ୍ଚାୟତର ତ୍ରିଲୋଚନପୁର ଖେଳପଡିଆରେ ଶୁକ୍ରବାର ତ୍ରିଲୋଚନପୁର ପ୍ରିମିୟର ଲିଗ୍ କ୍ରିକେଟ୍ ମ୍ୟାଚ ଆରମ୍ଭ ହୋଇଯାଇଛି। ଏଥିରେ ସାମାଜିକ କର୍ମୀ ପ୍ରଭାତ କୁମାର ଦାସ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଉଦ୍‌ଘାଟନୀ ମ୍ୟାଚ ସଂଗ୍ରାମ ଇଲେଭେନ୍ କଣାସ ଏବଂ ଗୋପୀନାଥ ଇଲେଭେନ୍ ତ୍ରିଲୋଚନପୁର ମଧ୍ୟରେ ହୋଇଥିଲା। ଗୋପୀନାଥ ଇଲେଭେନ୍ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ୧୨ଓଭର ଖେଳି ୬ଟି ଉଇକେଟ୍ ହରାଇ ୧୫୮ରନ୍ ସଂଗ୍ରହ କରିଥିଲା। ଜବାବରେ ସଂଗ୍ରାମ ଇଲେଭେନ୍ ୧୨ଓଭର ଖେଳି ୪ଟି ଉଇକେଟ୍‌ରେ ୧୨୭ରନ୍ କରି ପରାଜୟ ହୋଇଥିଲା। ଗୋପୀନାଥ ଇଲେଭେନ୍‌ର ସୌମ୍ୟରଞ୍ଜନ ନାୟକ ୧୮ଟି ବଲ୍ ଖେଳି ୫୫ରନ୍ କରିଥିବାରୁ ମ୍ୟାନ ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ସୁନୀଲ୍ ତ୍ରିପାଠୀ, ମିନାକୀ ଦାସ ଖେଳ ପରିଚାଳନା କରିଥିଲେ। ଅନ୍ୟତମ ଅତିଥି ଭାବେ ବରିଷ୍ଠ ସାମ୍ବାଦିକ ବିଭୂତି ଭୂଷଣ ତ୍ରିପାଠୀ, ନାଏବ ସରପଞ୍ଚ ବସନ୍ତ କୁମାର ଆଚାର୍ଯ୍ୟ, ଶିକ୍ଷକ କାଶିନାଥ ବେହେରା ଓ ଭୂପତି ଭୂଷଣ ତ୍ରିପାଠୀ ପ୍ରମୁଖ ଯୋଗଦେଇଥିଲେ।



ତ୍ରିଲୋଚନପୁର ପ୍ରିମିୟର ଲିଗ୍ କ୍ରିକେଟ୍ ମ୍ୟାଚ ଉଦ୍‌ଘାଟନ ଅବସରରେ ଉପସ୍ଥିତ ଅତିଥି, ଖେଳାଳି ଏବଂ ଆୟୋଜକମାନେ ।

## ଇସ୍ତଫା ଦେଲେ ନାଏବ ସରପଞ୍ଚ

ବାରଙ୍ଗ (ଡି.ଏନ୍.ଏ.): ବାରଙ୍ଗ ବ୍ଲକ ୩୨ ନମ୍ବର ଜୋନର ମୁଣ୍ଡଳୀ ପଞ୍ଚାୟତର ନାଏବ ସରପଞ୍ଚ ସସ୍ମିତା ଦଳାଇ ବ୍ୟକ୍ତିଗତ କାରଣକୁ ନେଇ ନିଜ ପଦରୁ ଇସ୍ତଫା ଦେଇଛନ୍ତି। ସେ ତାଙ୍କ ଇସ୍ତଫାପତ୍ର ବାରଙ୍ଗ ବ୍ଲକ ବିଡିଓଙ୍କୁ ଭେଟି ପ୍ରଦାନ କରିଛନ୍ତି। ସୂଚନାଯୋଗ୍ୟ, ମୁଣ୍ଡଳି ପଞ୍ଚାୟତର ୨ ନମ୍ବର ୱାର୍ଡ ସଭ୍ୟା ସସ୍ମିତା ଦଳାଇ ନିଜର ବ୍ୟକ୍ତିଗତ କାରଣ ଓ ପାରିବାରିକ ସମସ୍ୟା ଦର୍ଶାଇଥିବା ଇସ୍ତଫା ଦେଇଥିବା ନେଇ ଇସ୍ତଫା ପତ୍ରରେ ଉଲ୍ଲେଖ କରିଛନ୍ତି।

## ସଂକ୍ଷେପରେ

### ନମ୍ବରବିହୀନ ରଙ୍ଗବୋଳା ପିକ୍ଅପ୍ ଜବତ, ଚାଳକ ଫେରାର



ଭୁବନେଶ୍ୱର,୧୨।୫(ବ୍ୟୁରୋ): ଚନ୍ଦ୍ରଶେଖରପୁର ଥାନା ପୋଲିସ ଗୁରୁବାର ବିଳମ୍ବିତ ରାତିରେ ଏକ ନମ୍ବରବିହୀନ ରଙ୍ଗବୋଳା ପିକ୍ଅପ୍‌କୁ ଜବତ କରିଛି। ତେବେ ଗାଡି କେହି ଦୁର୍ବୃତ୍ତ ଚୋରି କରିନେଉଥିବା ପୋଲିସ ସନ୍ଦେହ କରିଛି। ଅନ୍ୟପଟେ ପୋଲିସକୁ ଦେଖି ଚାଳକ ଗାଡି ଛାଡି ଫେରାର ହୋଇଯାଇଛି। ସୂଚନାନୁସାରେ ଗୁରୁବାର ବିଳମ୍ବିତ ରାତିରେ ଭିଏସ୍ଏସ ନଗର ରାସ୍ତାରେ ଏକ ପିକ୍ଅପ୍ ଭ୍ୟାନ ଯାଉବେଳେ ଗାଡିର ନମ୍ବର ପ୍ଲେଟ ନ ଥିଲା ଏବଂ ଗାଡିଟିରେ ବିଭିନ୍ନ ପ୍ରକାର ରଙ୍ଗବୋଳା ଯାଇଥିଲା। ଯାହାକୁ ଦେଖି ପିସିଆର ଭ୍ୟାନ କର୍ମଚାରୀଙ୍କ ସନ୍ଦେହ ବଢିଥିଲା। ତେଣୁ ଗାଡିକୁ ଅଟକାଇବା ପାଇଁ କହିବାରୁ ଚାଳକ ଦ୍ରୁତଗତିରେ ସୈନିକ ସ୍କୁଲ ପଟକୁ ନେଇଯାଇଥିଲେ। ପିସିଆର୍ ଗାଡି ମଞ୍ଚେଶ୍ୱର ରେଳୱେ କଲୋନୀ ପର୍ଯ୍ୟନ୍ତ ଯିବାରୁ ଭ୍ୟାନର ଚାଳକ ଚନ୍ଦ୍ରଶେଖରପୁର ଅଞ୍ଚଳ ଆଡକୁ ନେଇଥିଲେ। ଏପରିକି ପରେ ପ୍ରତି ଛକରେ ଥିବା ପିସିଆର୍‌କୁ କହି ୭ଟି ପିସିଆର ଉକ୍ତ ଗାଡ଼ିଟିକୁ ପିଛା କରିଥିଲେ। ଦୀର୍ଘ ସମୟର ଛକାପଞ୍ଝା ପରେ ଶେଷରେ ଉକ୍ତ ଗାଡିଟିକୁ ପଣ୍ଡାପାର୍କରେ ରହି ଚାଳକ ଫେରାର ହୋଇଯାଇଥିଲା। ଏହାପରେ ଚନ୍ଦ୍ରଶେଖରପୁର ଥାନା ପୋଲିସ ଉକ୍ତ ଗାଡିକୁ ଜବତକରି ଥାନାକୁ ଆଣିଛି। ଗାଡିରେ ମାରଣାସ୍ତ୍ର ସହିତ ଏକ ଗ୍ୟାସ କଟର ରହିଛି। ଗାଡିର ଚେଚିସ ନମ୍ବରକୁ ଆଧାରକରି ପୋଲିସ ତଦନ୍ତ ଆରମ୍ଭ କରିଛି। ତେବେ ଗାଡିଟି କାହାର ରିପୋର୍ଟ ଲେଖା ହେଲା ବେଳକୁ ଜଣାପଡି ନାହିଁ।

### ଅଲାରନାଥଙ୍କ ଚନ୍ଦନ ବେଶ



ବ୍ରହ୍ମଗିରି,୧୨।୫(ଡି.ଏନ୍.ଏ.): ପବିତ୍ର ଭଉଁରୀ ଯାତ ଉପଲକ୍ଷେ ଶୁକ୍ରବାର ବ୍ରହ୍ମଗିରିର ପ୍ରଭୁ ଅଲାରନାଥ ସର୍ବାଙ୍ଗ ଚନ୍ଦନ ବେଶ ଅନୁଷ୍ଠିତ ହୋଇଯାଇଛି। ପ୍ରଭୁ ଅଲାରନାଥଙ୍କ ବିଭିନ୍ନ ବେଶ ମଧ୍ୟରୁ ଏହି ସର୍ବାଙ୍ଗ ଚନ୍ଦନ ବେଶ ଅନ୍ୟତମ। ଶ୍ରୀକ୍ଷେତ୍ର ଭଉଁରି ଦିନ ପ୍ରଭୁ ଅଲାରନାଥ ସର୍ବାଙ୍ଗ ଚନ୍ଦନ ବେଶ ହୋଇ ଶ୍ରଦ୍ଧାଳୁଙ୍କୁ ଦର୍ଶନ ଦେଇଥାନ୍ତି। ଅଲାରନାଥଙ୍କ ଭଉଁରି ଯାତ ବା ୨୧ଦିନ ଚାପ ଖେଳ ପରେ ଶୁକ୍ରବାର ହେଉଛି ଶେଷ ଚାପଖେଳ। ସକାଳର ସମସ୍ତ ନୀତିକାନ୍ତି ସରିବା ପରେ ୯ କିଲୋ ଚନ୍ଦନ କାଠକୁ ସେବାୟତମାନେ ଘୋରି ସେଥିରେ କର୍ପୂର, ଅଗୁରୁ ଆଦି ସୁବାସିତ ଦ୍ରବ୍ୟମାନ ପକାଇ ଶ୍ରୀଜୀଉଙ୍କୁ ଚନ୍ଦନ ବେଶ କରାଇଥିଲେ। ପରେ ସନ୍ଧ୍ୟାରେ ମହାପ୍ରଭୁଙ୍କ ଚଳନ୍ତି ପ୍ରତିମା ମଦନ ମୋହନଙ୍କୁ ଏକ ବିରାଟ ଶୋଭାଯାତ୍ରାରେ ଚନ୍ଦନ ପୋଖରୀକୁ ନେଇ ଜଳକ୍ରୀଡ଼ା ଅନୁଷ୍ଠିତ ହୋଇଥିଲା।

# ଆଇଟିଆଇ ଛାତ୍ରଙ୍କ ଆତ୍ମହତ୍ୟା

## ଅଧ୍ୟାପକ ମାଡ଼ ମାରିଥିବା ଅଭିଯୋଗ



■ ଥାନାରେ ଏତଲା ଦେଲେ ଛାତ୍ରଙ୍କ ବାପା

■ ମୋବାଇଲ ଜବତ, ପୋଲିସର ଛାନ୍‌ଭିନ

ଭୁବନେଶ୍ୱର,୧୨।୫ (ବ୍ୟୁରୋ)

ମଞ୍ଚେଶ୍ୱର ଥାନା ଅଞ୍ଚଳରେ ଥିବା ଏକ ବୈଷୟିକ ଶିକ୍ଷାନୁଷ୍ଠାନ ହଷ୍ଟେଲରେ ଜଣେ ଆଇଟିଆଇ ଛାତ୍ର ଫ୍ୟାନ୍‌ରେ ଗାମୁଛା ଦ୍ୱାରା ଝୁଲି ଆତ୍ମହତ୍ୟା କରିଛନ୍ତି। ସେ ହେଲେ କେନ୍ଦୁଝର ଜିଲା ନନ୍ଦପଦା ଥାନା ଅନ୍ତର୍ଗତ ହାଟସାହିର ରୁଦ୍ର ମାଧବ ରଣା (୧୬)। ସେ ଏଠାରେ ଇଲେକ୍ଟ୍ରିକାଲ ଟ୍ରେଡ୍‌ର ପ୍ରଥମ ବର୍ଷର ଛାତ୍ର ଥିଲେ। ଗୁରୁବାର ରୁଦ୍ରଙ୍କ ଝୁଲନ୍ତା ମୃତଦେହକୁ ଶିକ୍ଷାନୁଷ୍ଠାନ କର୍ତ୍ତୃପକ୍ଷ ଉଦ୍ଧାର କରି ପୋଲିସକୁ ଖବର ଦେଇଥିଲେ। ତେବେ ସେ ଆତ୍ମହତ୍ୟା କରିଥିବା ପୋଲିସ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଛି। ଅନ୍ୟପକ୍ଷରେ ମୃତ ଛାତ୍ରଙ୍କ ପରିବାର ଲୋକଙ୍କ ପକ୍ଷରୁ ଥାନାରେ ଏତଲା ଦିଆଯାଇଛି। ଅଧ୍ୟାପକ ଭବାନୀ ସାର୍‌ଙ୍କ ମାଡ ଓ ଅସହ୍ୟ ନିର୍ଯାତନା ଯୋଗୁ ରୁଦ୍ର ଏଭଳି ଚରମ ନିଷ୍ପତ୍ତି ନେଇଥିବା ବାପା ନିରଞ୍ଜନ ରଣା ଏତଲାରେ ଉଲ୍ଲେଖ କରିଛନ୍ତି। ପୋଲିସ ଆଇପିସି ଦଫା ୩୦୬ (ଆତ୍ମହତ୍ୟା ପାଇଁ ପ୍ରବର୍ତ୍ତାଇବା)ରେ ଏକ ମାମଲା (ନଂ .୨୦୦/୨୩) ରୁଜୁ କରି ତଦନ୍ତ ଜାରି ରଖିଛି। ଏଥିସହ ରୁଦ୍ରଙ୍କ ମୋବାଇଲ ଫୋନ୍ ଜବତ କରାଯିବା ସହ ବ୍ୟବଚ୍ଛେଦ ରିପୋର୍ଟକୁ ଅପେକ୍ଷା କରାଯାଉଥିବା ଥାନାଧିକାରୀ ସୁଧୀର କୁମାର ସାହୁ କହିଛନ୍ତି।

ସୂଚନା ଅନୁଯାୟୀ, ରୁଦ୍ର ହଷ୍ଟେଲର ୪୦୪ ନଂ. ରୁମ୍‌ରେ ରହୁଥିଲେ। କିନ୍ତୁ ୪୦୫ ନଂ. ରୁମ୍‌ରେ ତାଙ୍କ ମାମୁପୁଅ ରହୁଥିବାରୁ ସେ ସବୁବେଳେ ସେଠାକୁ ଯାଆନ୍ତି। ଗୁରୁବାର କ୍ଲାସ୍ ସାରି ଅପରାହ୍ନ ସାଢ଼େ ୫ଟା ସମୟରେ ରୁଦ୍ର ହଷ୍ଟେଲକୁ ଯାଇଥିଲେ। ନିଜ ରୁମ୍‌ରେ କିଛି ସମୟ ରହିବା ପରେ ୪୦୫ ନଂ.ରୁମ୍‌କୁ ଯାଇଥିଲେ। ସେତେବେଳେ ତାଙ୍କ ଭାଇ ସେଠାରେ ନ ଥିବାବେଳେ ଅନ୍ୟ ୨ଜଣ ସହପାଠୀ ଥିଲେ। ରୁଦ୍ରଙ୍କୁ ଘରେ ଛାଡ଼ି ସେମାନେ ଜଳଖିଆ ଖାଇବା ପାଇଁ ବାହାରକୁ ଯାଇ ସନ୍ଧ୍ୟା ସାଢେ ୬ଟା ବେଳକୁ ଫେରିଥିଲେ। ହେଲେ କବାଟ ବନ୍ଦ ଥିବାରୁ ବହୁତ ଡାକିବା ପରେ ରୁଦ୍ର ଶୁଣି ନ ଥିଲେ। ତେବେ ଝରକା ବାଟେ ଭିତରକୁ ଚାହିଁବାରୁ ରୁଦ୍ର ଫ୍ୟାନ୍‌ରେ ଝୁଲୁଥିବା ସେମାନେ ଦେଖିବାକୁ ପାଇଥିଲେ। ଖବର ବ୍ୟାପିଯିବା ପରେ ସହପାଠୀ ଓ ହଷ୍ଟେଲ କର୍ମଚାରୀ କବାଟ ଭାଙ୍ଗି ରୁଦ୍ରଙ୍କ ମୃତଦେହକୁ ଉଦ୍ଧାର କରି ପୋଲିସକୁ ଖବର ଦେଇଥିଲେ। ଏଥିସହ ସେମାନେ ନିକଟରେ ଥିବା ଏକ ଘରୋଇ ହସ୍ପିଟାଲକୁ ତାଙ୍କୁ ନେଇଯାଇଥିଲେ। ପୋଲିସ ସେଠାରେ ପହଞ୍ଚି ମୃତଦେହ ଜବତ କରି କ୍ୟାପିଟାଲ ହସ୍ପିଟାଲ ପଠାଇଥିଲା। ଶୁକ୍ରବାର ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ମୃତଦେହ ହସ୍ତାନ୍ତର କରାଯାଇଛି। ରୁଦ୍ରଙ୍କ ମା' କହିଛନ୍ତି, କିଛିଦିନ ତଳେ ରୁଦ୍ର ଫୋନ୍ କରି ଭବାନୀ ସାର୍ ପିଟିଥିବା କହିଥିଲେ। ଆଉଥରେ ପିଟିଲେ ସେ ଆତ୍ମହତ୍ୟା କରିଦେବ ବୋଲି ଜଣାଇଥିଲେ। ଏପରି କି ପୁଅଠାରୁ ଫୋନ୍ କଲ ପାଇବା ପରେ ଆମେ ହଷ୍ଟେଲ ୱାର୍ଡେନଙ୍କୁ ଫୋନ କରି ଏ ସମ୍ପର୍କରେ ଜଣାଇଥିଲୁ। ଏହାସହିତ ରୁଦ୍ରଙ୍କୁ ଘରକୁ ଛାଡି ଦେବାକୁ କହିଥିଲୁ। କିନ୍ତୁ କଲେଜ ଅଧକ୍ଷଙ୍କ ବିନା ଅନୁମତିରେ ଛାଡି ହେବନି ବୋଲି ସେ କହିଥିଲେ। ଅପରପକ୍ଷେ ଘଟଣାପରଠୁ କଲେଜରେ ସମ୍ପୃକ୍ତ ଅଧ୍ୟାପକଙ୍କ ଦେଖାନାହିଁ।





ଶିଶୁ ଅନୁକୂଳ ପ୍ରକୋଷ୍ଠକୁ ପୋଲିସ କମିଶନର ସୌମେନ୍ଦ୍ର ପ୍ରିୟଦର୍ଶୀ ଉଦ୍‌ଘାଟନ କରୁଛନ୍ତି। ଜଣେ ଶିଶୁ ଦୋଳିରେ ଝୁଲୁଛନ୍ତି।

## ନୟାପଲ୍ଲୀ ଥାନାରେ ଶିଶୁ ଅନୁକୂଳ ପ୍ରକୋଷ୍ଠ ଉଦ୍‌ଘାଟନ

ଭୁବନେଶ୍ୱର,୧୨।୫(ବ୍ୟୁରୋ)

ଭୁବନେଶ୍ୱର ସହାରାଞ୍ଚଳ ପୋଲିସ ଜିଲା ଅନ୍ତର୍ଗତ ନୟାପଲ୍ଲୀ ଥାନାରେ ଗୁରୁବାର ଏକ ନୂଆ ଶିଶୁ ଅନୁକୂଳ ପ୍ରକୋଷ୍ଠ ଓ ଅଭ୍ୟର୍ଥନା ଗୃହ ଖୋଲାଯାଇଛି। ପୋଲିସ କମିଶନର ସୌମେନ୍ଦ୍ର ପ୍ରିୟଦର୍ଶୀ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ପୋଲିସ କମିଶନର ସୌମେନ୍ଦ୍ର ପ୍ରିୟଦର୍ଶୀ, ଭୁବନେଶ୍ୱର ଡିସିପି ପ୍ରତୀକ ସିଂ, ଜୋନ-୫ ଏସିପି ସଞ୍ଜୀବ ଶତପଥୀଙ୍କ ସମେତ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ। ଏଥିସହ ସ୍ଥାନୀୟ ଶିଶୁମାନେ ମଧ୍ୟ ଉପସ୍ଥିତ ଥିଲେ। ଏହି ନୂତନ ଶିଶୁ ପ୍ରକୋଷ୍ଠରେ ଶିଶୁମାନଙ୍କର ସୁରକ୍ଷାକୁ ଦୃଷ୍ଟିରେ ରଖି ସେମାନଙ୍କର ମନୋରଞ୍ଜନ ପାଇଁ ପୁସ୍ତକ, ଖେଳନା ଆଦି ସାମଗ୍ରୀ ରଖାଯାଇଛି। ଏଥିସହ ଶିଶୁମାନଙ୍କ ପ୍ରତି ଥାନାର ପରିବେଶ କିପରି ଅନୁକୂଳ ରହିବ ସେଥିପ୍ରତି ବିଶେଷ ଧ୍ୟାନ ଦିଆଯାଇଛି। ପ୍ରକୋଷ୍ଠର କାନ୍ଥରେ ବିଭିନ୍ନ ଚିତ୍ର କରାଯାଇଛି। ଅଭିଯୋଗକାରୀଙ୍କ ସହିତ ଆସୁଥିବା ଶିଶୁମାନେ ଏହି ପ୍ରକୋଷ୍ଠରେ ସମୟ ବିତାଇ ମନୋରଞ୍ଜନ କରିପାରିବେ। ସେହିପରି ନୂତନ ଭାବେ ଉଦ୍‌ଘାଟିତ ଅଭ୍ୟର୍ଥନା ଗୃହ ଦ୍ୱାରା ମଧ୍ୟ ପୋଲିସ ବ୍ୟବସ୍ଥା ସୁଦୃଢ଼ ହେବ। ଥାନାକୁ ଆସୁଥିବା ଅଭିଯୋଗକାରୀ ଏବଂ ଅନ୍ୟ ବ୍ୟକ୍ତିମାନେ ଅତି କମ ସମୟ ମଧ୍ୟରେ ସମସ୍ତ ସୁବିଧା ସୁଯୋଗ ପାଇପାରିବେ ବୋଲି କମିଶନରେଟ ପୋଲିସ ପକ୍ଷରୁ କୁହାଯାଇଛି।

## ନାଦବ୍ରହ୍ମ ସଙ୍ଗୀତ ଉତ୍ସବ ଉଦ୍‌ଯାପିତ

ଭୁବନେଶ୍ୱର,୧୨।୫(ବ୍ୟୁରୋ)

**ଆକର୍ଷଣ ସାଜିଲା ଗୁରୁ ଜଗନ୍ନାଥ କୁଅଁରଙ୍କ ଏକକ ମର୍ଦ୍ଦଳ ବାଦନ**

ସାମାଜିକ ଓ ସାଂସ୍କୃତିକ ଅନୁଷ୍ଠାନ ନାଦବ୍ରହ୍ମ ପକ୍ଷରୁ ଆୟୋଜିତ ନାଦବ୍ରହ୍ମ ସଙ୍ଗୀତ ଉତ୍ସବର ଅନ୍ତିମ ସନ୍ଧ୍ୟା ଶୁକ୍ରବାର ଉତ୍କଳ ରଙ୍ଗମଞ୍ଚରେ ଅନୁଷ୍ଠିତ ହୋଇଯାଇଛି। ଶିଶୁ ସାହିତ୍ୟିକ ଦାଶ୍ ବେନେହୁର ଉଦ୍‌ଯାପନୀ ସନ୍ଧ୍ୟାକୁ ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମରେ ଅତିଥି ଭାବେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ଅତିରିକ୍ତ ଶାସନ ସଚିବ ମଧୁସୂଦନ ଦାସ, ବିଭାଗ ଯୁଗ୍ମ ଶାସନ ସଚିବ ସୁବୋଧ ଚନ୍ଦ୍ର ଆଚାର୍ଯ୍ୟ, ସଙ୍ଗୀତ ନାଟକ ଏକାଡେମୀ ସଚିବ ପ୍ରବୋଧ ରଥ, ମର୍ଦ୍ଦଳ ବାଦକ ଗୁରୁ ସଚ୍ଚିଦାନନ୍ଦ ଦାସ, ବ୍ରହ୍ମାନନ୍ଦ ରାଉତ, ଅଭିନେତା ପ୍ରଦୀପ କୁମାର ବେହେରା, ଦୂରଦର୍ଶନର ପୂର୍ବତନ ମୁଖ୍ୟ ନୀଳାଦ୍ରି ମୋହନ ଶତପଥୀ ପ୍ରମୁଖ ଯୋଗଦେଇଥିଲେ। ମାଷ୍ଟର ସଞ୍ଜୟ ଭଞ୍ଜ ଓ ମହାପାତ୍ର ମିନତୀ ଭଞ୍ଜଙ୍କ କାର୍ଯ୍ୟକ୍ରମର ଆୟୋଜନ ଅତ୍ୟନ୍ତ ଶୃଙ୍ଖଳିତ ଥିଲା। ପ୍ରଫେସର ଗୁରୁ ଜଗନ୍ନାଥ କୁଅଁରଙ୍କ ଏକକ ମର୍ଦ୍ଦଳ ବାଦନ ଖୁବ୍ ଆକର୍ଷଣୀୟ ଥିଲା। ପରେ ପରେ କଣ୍ଠଶିଳ୍ପୀ ହରପ୍ରିୟା ସ୍ୱାଇଁ, ଗୁରୁ ନିମାକାନ୍ତ ରାଉତରାୟ, ମହାପାତ୍ର ମିନତି ଭଞ୍ଜ, ରାସବିହାରୀ ନାଥ, ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ, ବିଜୟଲକ୍ଷ୍ମୀ ରାଉତରାୟଙ୍କ ମନୋମୁଗ୍ଧକର ଭୀମଭୋଇ ଭଜନ ପ୍ରେକ୍ଷାଳୟର ଦର୍ଶକଙ୍କ ହୃଦୟକୁ ଛୁଇଁଥିଲା। ଗୁରୁ ଡ. ଜଗନ୍ନାଥ କୁଅଁର ଧନ୍ୟବାଦ ଦେଇଥିଲେ। ଡ. ମୃତ୍ୟୁଞ୍ଜୟ ରଥ ମଞ୍ଚ ପରିଚାଳନା କରିଥିଲେ।

## ଶହୀଦନଗର ଅଞ୍ଚଳ ପରିଦର୍ଶନ କଲେ ଅପରାଜିତା

■ ବରିଷ୍ଠ ନାଗରିକଙ୍କ ସହ ଆଲୋଚନା କଲେ

ଭୁବନେଶ୍ୱର,୧୨।୫(ବ୍ୟୁରୋ)

ଭୁବନେଶ୍ୱର ମହାନଗର ନିଗମ ଅନ୍ତର୍ଗତ ଶହୀଦନଗର ଅଞ୍ଚଳର ପରିଦର୍ଶନ କରିଥିଲେ ଏମ୍‌ପି ଅପରାଜିତା ଷଡଙ୍ଗୀ। ପୂର୍ବରୁ ସୂଚନା ପାଇଥିବା ଶହୀଦ ନଗରର କିଛି ବରିଷ୍ଠ ନାଗରିକଙ୍କ ସମସ୍ୟା ସମ୍ବନ୍ଧରେ ତଥ୍ୟ ନେବା ନିମନ୍ତେ ଏହି ଗସ୍ତ କରିଥିଲେ। ମହର୍ଷି କଲେଜ ରୋଡ ୱେଲଫେୟାର କମିଟିର ସଭାପତି ପ୍ରଫେସର ଶାନ୍ତନୁ କୁମାର ଆଚାର୍ଯ୍ୟ ଓ ଅନ୍ୟ ବରିଷ୍ଠ ସଭ୍ୟଗଣ ଏମ୍‌ପିଙ୍କୁ ସ୍ୱାଗତ କରି ନିଜର ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ମହର୍ଷି କଲେଜ ମୁଖ୍ୟ ରାସ୍ତାର ଦୋହରୀକରଣ ନିମନ୍ତେ ଆବଶ୍ୟକ ୨୦ ଫୁଟ୍ ଜାଗା ଅଧିଗ୍ରହଣ କରାଯିବାର ଯୋଜନା ରହିଛି। ଏଥିପାଇଁ ରାସ୍ତାର ଉଭୟ ପାର୍ଶ୍ୱରୁ ଯଥାକ୍ରମେ ୧୨ଫୁଟ ଏବଂ ୮ଫୁଟ୍ ଅଧିଗ୍ରହଣ ନିମନ୍ତେ ଯୋଜନା କରାଯାଉଥିବା ଚର୍ଚ୍ଚା ହେଉଛି। ଏହାପରେ ସ୍ଥାନୀୟ କର୍ପୋରେଟର ରାଜକିଶୋର ଦାସଙ୍କ ସହାୟତାରେ ମେୟର, ବିଏମ୍‌ସି କମିଶନର ଏବଂ ବିଧାୟକଙ୍କୁ କମିଟି ତରଫରୁ ଅବଗତ କରାଯାଇଛି। କମିଟିର ସଦସ୍ୟଙ୍କ ଦ୍ୱାରା ସମସ୍ତ ଅସୁବିଧାର ଆଲୋଚନା ପରେ ଏମ୍‌ପି ରାସ୍ତା ପରିଦର୍ଶନ କରିଥିଲେ। ଏହି ସମୟରେ କମିଟି ସଭାପତି, ଅନ୍ୟ ବରିଷ୍ଠ ସଦସ୍ୟ ଏବଂ ବ୍ୟକ୍ତିବିଶେଷ ଉପସ୍ଥିତ ଥିଲେ।

## ବିପର୍ଯ୍ୟୟ ସ୍ଥିତିରେ ମହିଳାଙ୍କୁ ମିଳୁନି ପ୍ରଜନନ ସ୍ୱାସ୍ଥ୍ୟସେବା




ଖବରଦାତା ସମ୍ମିଳନୀରେ ଯୋଗଦେଇଥିବା ଏଫ୍‌ପିଏଆଇର ସଦସ୍ୟ ଓ ଅନ୍ୟମାନେ।

ଭୁବନେଶ୍ୱର,୧୨।୫(ବ୍ୟୁରୋ)

ଫ୍ୟାମିଲି ପ୍ଲାନିଂ ଆସୋସିଏଶନ ଅଫ୍ ଇଣ୍ଡିଆ (ଏଫ୍‌ପିଏଆଇ) ଅନୁଷ୍ଠାନ ୧୯୪୯ରୁ ଯୌନ ପ୍ରଜନନ ସ୍ୱାସ୍ଥ୍ୟ ଓ ଅଧିକାରର ସୁରକ୍ଷା ପାଇଁ କାର୍ଯ୍ୟ କରୁଛି। ଜଳବାୟୁ ପରିବର୍ତ୍ତନ ପାଇଁ ସମଗ୍ର ବିଶ୍ୱକୁ ପ୍ରାକୃତିକ ବିପର୍ଯ୍ୟୟର ସମ୍ମୁଖୀନ ହେବାକୁ ପଡୁଛି। ଭାରତ ଏବଂ ଓଡ଼ିଶା ପ୍ରାୟତଃ ବିପର୍ଯ୍ୟୟ ଦ୍ୱାରା କ୍ଷତିଗ୍ରସ୍ତ ହୋଇ ଆସୁଛି। ସାଧାରଣତଃ ସ୍ୱାଭାବିକ ସ୍ଥିତି ତୁଳନାରେ ବିପର୍ଯ୍ୟୟ ସମୟରେ ଯୌନ ପ୍ରଜନନ ସ୍ୱାସ୍ଥ୍ୟର ଆବଶ୍ୟକତା ଅଧିକ ଦେଖାଯାଇଥାଏ। ମାତ୍ର ଏହି ସେବାଗୁଡ଼ିକ ିପଦସଂକୁଳ ଅବସ୍ଥାରେ ଥିବା ଲୋକଙ୍କୁ ଯୋଗାଯାଇପାରୁନାହିଁ। କିମ୍ବା ମିଳୁଥିବା ସେବାଗୁଡ଼ିକ ପାଖରେ ଲୋକମାନେ ପହଞ୍ଚିପାରନ୍ତି ନାହିଁ। ଯାହା ସେମାନଙ୍କ ଜୀବନର ବିପଦକୁ ଦ୍ୱିଗୁଣିତ କରିଦିଏ ବୋଲି ଏଫ୍‌ପିଏଆଇ ଇଣ୍ଡିଆ ପକ୍ଷରୁ ଶୁକ୍ରବାର ଆୟୋଜିତ ବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଛି। ରେଡ୍‌କ୍ରସ ଭବନରେ ଅନୁଷ୍ଠିତ ଏହି ସମ୍ମିଳନୀରେ ଅନୁଷ୍ଠାନର ଭୁବନେଶ୍ୱର ଶାଖା ସଭାପତି ରାଜେଶ କୁମାର ମିଶ୍ର ଯୋଗଦେଇ କହିଲେ, ଜରୁରୀ ପରିସ୍ଥିତିରେ ମହିଳା, ଶିଶୁ, ଯୁବତୀ, ଗର୍ଭବତୀ ଓ ପ୍ରସୂତିମାନେ ଯୌନ ପ୍ରଜନନ ସ୍ୱାସ୍ଥ୍ୟ ଦ୍ୱାରା ଅଧିକ ପ୍ରଭାବିତ ହୋଇଥାନ୍ତି। ଯୌନ ପ୍ରଜନନ ମାତୃ ସାସ୍ଥ୍ୟସେବାଗୁଡ଼ିକ ଉପଲବ୍ଧ କରିପାରନ୍ତି ନାହିଁ। ଜରୁରୀ ସମୟରେ ମହିଳା, ଯୁବତୀମାନେ ଯୌନାଗତ ତାଡନା ଓ ଲିଙ୍ଗ ଭିତ୍ତିକ ହିଂସାର ଶିକାର ହୋଇଥାନ୍ତି। ତେଣୁ ସମ୍ବେଦନଶୀଳ ଅବସ୍ଥାରେ ଥିବା ଲୋକମାନଙ୍କୁ ସୁରକ୍ଷା ପାଇଁ ଯୌନ ପ୍ରଜନନ ସ୍ୱାସ୍ଥ୍ୟ ସେବା ଯଥା ନିରାପଦ ମାତୃତ୍ୱ, ଗର୍ଭସ୍ଥ ଶିଶୁର ସୁରକ୍ଷା, ପରିବାର ନିୟୋଜନ ପଦ୍ଧତି, ଯୌନ ଓ ଲିଙ୍ଗଗତ ହିଂସାରୁ ରକ୍ଷା, ଗର୍ଭପାତରୁ ନିବୃତ୍ତ ରହିବା ଇତ୍ୟାଦି ବିପର୍ଯ୍ୟୟ ସମୟ ଓ ପରିଚାଳନା କ୍ଷେତ୍ରରେ ଯୋଗାଇଦେବା ଏକାନ୍ତ ଜରୁରୀ। ଭବିଷ୍ୟତରେ ବିପର୍ଯ୍ୟୟ ପରିଚାଳନା ଯୋଜନାରେ ଯୌନ ପ୍ରଜନନ ସ୍ୱାସ୍ଥ୍ୟର ମୌଳିକ ସେବାଗୁଡ଼ିକ ସ୍ଥାନ ପାଇଲେ ଯୌନ ପ୍ରଜନନ ସ୍ୱାସ୍ଥ୍ୟ ଓ ଅଧିକାର କ୍ଷୁଣ୍ଣ ହେବନାହିଁ। ତେବେ ଏଫ୍‌ପିଏଆଇର ଏହି ଉଦ୍ୟମକୁ ରୂପାନ୍ତରିତ କରିବା ପାଇଁ ସ୍ଥାନୀୟ ଗୋଷ୍ଠୀ, ସରକାରୀ, ବେସରକାରୀ ଅନୁଷ୍ଠାନ ଓ ଅଂଶୀଦାରମାନଙ୍କ ଭାଗୀଦାର ଓ ସହଯୋଗ ଜରୁରୀ ବୋଲି କୁହାଯାଇଛି। ସମ୍ମିଳନୀରେ ଅନୁଷ୍ଠାନର କୋଷାଧ୍ୟକ୍ଷ ସୁଧୀର କୁମାର ମିଶ୍ର, ବ୍ରାଞ୍ଚ ଏକ୍‌ଜିକ୍ୟୁଟିଭ୍ କମିଟି ମେମ୍ବର ଶିବାନୀ ଦାସ, ସଦସ୍ୟ ମାନସୀ ପାଢ଼ୀ ପ୍ରମୁଖ ଉପସ୍ଥିତ ଥିଲେ।

## ଅନ୍ତର୍ଜାତୀୟ ସେବିକା ଦିବସ ପାଳିତ



ସ୍ୱାସ୍ଥ୍ୟ ସଚିବ ଶାଳିନୀ ପଣ୍ଡିତ ଜଣେ ସେବିକାଙ୍କୁ ପୁରସ୍କୃତ କରୁଛନ୍ତି।

ଭୁବନେଶ୍ୱର, ୧୨।୫ (ବ୍ୟୁରୋ)

ରାଜ୍ୟ ସେବିକା ନିର୍ଦ୍ଦେଶାଳୟରେ ଶୁକ୍ରବାର ଆଲୋକବର୍ତ୍ତିକା ମହିୟସୀ ମହିଳା ଫ୍ଲୋରେନ୍ସ ନାଇଟିଙ୍ଗେଲଙ୍କର ୨୦୩ତମ ସ୍ୱନକ୍ଷତ୍ର ତଥା ଅନ୍ତର୍ଜାତୀୟ ସେବିକା ଦିବସ ପାଳିତ ହୋଇଯାଇଛି। ସ୍ୱାସ୍ଥ୍ୟ ସଚିବ ଶାଳିନୀ ପଣ୍ଡିତଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସେବିକା ନିର୍ଦ୍ଦେଶକ, ସ୍ୱାସ୍ଥ୍ୟ ନିର୍ଦ୍ଦେଶକ, ପରିବାର କଲ୍ୟାଣ ନିର୍ଦ୍ଦେଶକ, ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକଙ୍କ ସହିତ ସ୍ୱାସ୍ଥ୍ୟ ବିଭାଗର ଅନ୍ୟାନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ। ଏହି ଅବସରରେ ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ସେବିକାମାନଙ୍କର ଗୁରୁଦାୟିତ୍ୱ ବିଷୟରେ ଅତିଥିମାନେ ଆଲୋକପାତ କରିଥିଲେ। ସ୍ୱାସ୍ଥ୍ୟ ସଚିବଙ୍କ ଦ୍ୱାରା 'ଧାତ୍ରୀ ଭବିଷ୍ୟତ କାର୍ଯ୍ୟକ୍ରମ' (Midwifery Vision Document) ପୁସ୍ତିକା ଉନ୍ମୋଚିତ ହୋଇଥିଲା। ଏଥିସହ କୃତୀ ସେବିକା ଶିକ୍ଷାନିବିଶମାନଙ୍କୁ ପୁରସ୍କୃତ କରି ସେବାକ୍ଷେତ୍ରରେ ସୁନାମ ଅର୍ଜନ ପାଇଁ ପ୍ରୋତ୍ସାହିତ କରାଯାଇଥିଲା। ସେବିକା ନିର୍ଦ୍ଦେଶାଳୟର ସମସ୍ତ କର୍ମଚାରୀଙ୍କ ସହଯୋଗରେ କାର୍ଯ୍ୟକ୍ରମ ସୁଚାରୁ ରୂପେ ସମ୍ପାଦିତ ହୋଇଥିଲା।

## ୫ ଦଫା ଦାବିରେ ପ୍ରାଥମିକ ଶିକ୍ଷକଙ୍କ ଧାରଣା

ଭୁବନେଶ୍ୱର,୧୨।୫(ବ୍ୟୁରୋ)

୫ଦଫା ଦାବି ନେଇ ମିଳିତ ପ୍ରାଥମିକ ଶିକ୍ଷକ ମହାସଂଘ (ନୂତନ ପେନ୍‌ସନ୍ ଯୋଜନାଭୁକ୍ତ) ପକ୍ଷରୁ ଲୋୟର ପିଏମ୍‌ଜିରେ ଧାରଣା ଦିଆଯାଇଛି। କନିଷ୍ଠ ଶିକ୍ଷକଙ୍କୁ ୨୮୦୦ ଟଙ୍କା ଗ୍ରେଡ ପେ' ଦେଇ ନିୟମିତ କରିବା, ୨୦୧୯ ଏଲିମେଣ୍ଟାରୀ କ୍ୟାଡର ରୁଲ୍‌ରେ ମାଟ୍ରିକ ସିଟି ପଦକୁ ସଂଶୋଧନ କରି +୨ ସିଟି, ଗ୍ରାଜୁଏଟ ସିଟି ବା ବିଏଡ୍ କରିବା, ୨୦୧୨ରୁ ନିଯୁକ୍ତ ଏଲିମେଣ୍ଟାରୀ ଶିକ୍ଷକଙ୍କୁ ୬ଟି ଇନକ୍ରିମେଣ୍ଟ ଦେଇ ଚାକିରିକାଳ ଗଣନା କରିବା ସହ ୨୦୦୧ରୁ ନିଯୁକ୍ତ ଶିକ୍ଷକଙ୍କୁ ଦରମା ସୁରକ୍ଷା, ଉଚ୍ଚ ଯୋଗ୍ୟତାଧାରୀ ଶିକ୍ଷକଙ୍କୁ ମାଧ୍ୟମିକ ଓ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟକୁ ପଦୋନ୍ନତି ଏବଂ ଏଲିମେଣ୍ଟାରୀ ଶିକ୍ଷକଙ୍କ ବଦଳି ନୀତି କୋହଳ କରିବାକୁ ମହାସଂଘ ପକ୍ଷରୁ ଦାବି କରାଯାଇଛି। ମହାସଂଘ ଆବାହକ ପ୍ରବୀଣ କୁମାର ଦାସଙ୍କ ନେତୃତ୍ୱରେ ପ୍ରାଥମିକ ଶିକ୍ଷୟିତ୍ରୀଶିକ୍ଷକ ଖରାରେ ଧାରଣାରେ ବସିଛନ୍ତି। ସରକାର ପ୍ରାଥମିକ ଶିକ୍ଷକଙ୍କ କଥା ସମ୍ପୂର୍ଣ୍ଣ ଭୁଲିଯାଇଛନ୍ତି। ଗତବର୍ଷ ନଭେମ୍ବରରେ ୪ରେ ଶିକ୍ଷକମାନେ ଆନ୍ଦୋଳନ କରିଥିଲେ। ଦାବି ପୂରଣ ନେଇ ବାରମ୍ବାର ଆଲୋଚନା ସତ୍ତ୍ୱେ ସମାଧାନ ହେଉନି। ଦେଶର ପ୍ରାୟ ସବୁ ରାଜ୍ୟରେ ପ୍ରାଥମିକ ଶିକ୍ଷକଙ୍କ ଗ୍ରେଡ ପେ' ୪୨୦୦ ଟଙ୍କା ଥିବାବେଳେ ଓଡ଼ିଶାରେ ଏହାମାତ୍ର ୨୨୦୦ ଟଙ୍କା। ସେହିପରି ଓଡ଼ିଶାରୁ ଠିକା ନିଯୁକ୍ତି ଉଚ୍ଛେଦ ହୋଇଥିବାରୁ ସମସ୍ତ ୨୦୧୮ରୁ ନିଯୁକ୍ତ ସମସ୍ତ ଜେଟି ବା ଜେଟିସିଙ୍କୁ ନିୟମିତ କରାଯାଉ ବୋଲି ମହାସଂଘ ଦାବି କରିଛି। ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଧାରଣା ଚାଲୁ ରହିବ ବୋଲି ମହାସଂଘ ପକ୍ଷରୁ କୁହାଯାଇଛି।




ମିଳିତ ପ୍ରାଥମିକ ଶିକ୍ଷକ ମହାସଂଘ ପକ୍ଷରୁ ଲୋୟର ପିଏମ୍‌ଜିରେ ଧାରଣା ଦିଆଯାଇଛି।

## 'ଗୃହପାଳିତ ପଶୁପକ୍ଷୀଙ୍କ ମୃତଦେହ ବାହାରେ ଫିଙ୍ଗନି'

■ ୱାର୍ଡ ନଂ.୫୯ରେ 'ୱାର୍ଡରେ ଦିନେ'

■ ମେୟରଙ୍କ ଆଗରେ ଦାବି ରଖିଲେ ୱାର୍ଡବାସୀ

ଭୁବନେଶ୍ୱର,୧୨।୫(ବ୍ୟୁରୋ)

ୱାର୍ଡ ନମ୍ବର ୫୯ରେ ଶୁକ୍ରବାର 'ୱାର୍ଡରେ ଦିନେ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମେୟର ସୁଲୋଚନା ଦାସଙ୍କ ଅଧ୍ୟକ୍ଷତାରେ ସାମନ୍ତରାପୁର ସରସ୍ୱତୀ ମଣ୍ଡପରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। କାର୍ଯ୍ୟକ୍ରମରେ କମିଶନର ବିଜୟ ଅମୃତା କୁଲାଙ୍ଗେ ଯୋଗଦେଇ, ଗଙ୍ଗୁଆ ନାଳ ନିକଟରେ ଲୋକମାନେ ଗୃହପାଳିତ ପଶୁପକ୍ଷୀଙ୍କ ମୃତଦେହ ଫୋପାଡି ଦେଉଥିବାରୁ ସେ ଅଞ୍ଚଳରେ ଦୁର୍ଗନ୍ଧ ସହ ପରିବେଶ ନଷ୍ଟ ହେଉଛି। ଗୃହପାଳିତ ପଶୁପକ୍ଷୀଙ୍କ ମୃତଦେହ ଏଣେତେଣେ ନ ଫିଙ୍ଗି ବିଏମ୍‌ସିକୁ ଜଣାଇଲେ ତାହାକୁ ବିଏମ୍‌ସି ଉଠାଇ ନେବ ବୋଲି କମିଶନର କହିଥିଲେ। ଏଥିସହ ପରିମଳର ୨ଟି ମନ୍ତ୍ର ରାସ୍ତାରେ ଅଳିଆ ନ ପକାଇବା ଏବଂ ନିଜର ଅଳିଆକୁ ଓଦା ଶୁଖିଲା ଭାବେ ଅଲଗା କରି ବିଏମ୍‌ସି ସଫେଇ ଗାଡିକୁ ଦେବା ପାଇଁ ଲୋକଙ୍କୁ ବୁଝାଇଥିଲେ। ଏହି ଅବସରରେ ଶ୍ରୀରାମ ନଗରରେ ଦୟା ୱେଷ୍ଟ କେନାଲର ଉନ୍ନତିକରଣ, ଶ୍ରୀରାମ ନଗରକୁ ମୋ ବସ୍ ଚଳାଚଳ, ଶ୍ରୀରାମ ନଗର ୨, ୩ ଓ ୪ ନମ୍ବର ଲେନ୍ ରାସ୍ତାର ଉନ୍ନତିକରଣ, ନିଗମ ବିହାରରେ ରାସ୍ତା ଓ ଡ୍ରେନର ଉନ୍ନତିକରଣ, ଗ୍ୟାରେଜ ଛକ ଅଞ୍ଚଳରେ ସ୍ୱେରେଜ ବ୍ୟବସ୍ଥା, ପୁରୁଣା ଭୁବନେଶ୍ୱର ଓ କ୍ୟାପିଟାଲ ଭିତରେ ରହୁଥିବା ତାରତମ୍ୟକୁ ହ୍ରାସ କରିବା, ଗ୍ୟାରେଜ ଛକରୁ ମନ୍ଦିର ରାସ୍ତା ଚଉଡା କରିବା, ଗ୍ୟାରେଜ ଛକ ଅଞ୍ଚଳରେ ପାର୍କ କରିବା, ବରିଷ୍ଠ ନାଗରିକଙ୍କ ପାଇଁ କମ୍ୟୁନିଟି ସେଣ୍ଟର କରିବା ଆଦି ବିଭିନ୍ନ ଦାବିକୁ ୱାର୍ଡବାସୀ ଉପସ୍ଥାପନା କରାଯାଇଥିଲା। ସେହିପରି ଗୋଟିଏ ବର୍ଷ ମଧ୍ୟରେ ବିଏମ୍‌ସି ପକ୍ଷରୁ ହୋଇଥିବା ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ଯଥା କାସା ଲିଭିଂରୁ ଶ୍ରୀରାମ ନଗର, ଶ୍ରୀରାମ ନଗର ଲେନ୍-୫, ଗାୟତ୍ରୀ ବସ୍ତି, ରବି ଟକିଜ୍ ଛକ ସାମନ୍ତରା କଲୋନୀ ଆଦିରେ ପେଭର ବ୍ଲକ ରାସ୍ତା ନିର୍ମାଣ ବିଭିନ୍ନ କାର୍ଯ୍ୟର ଚିଠା ପ୍ରଦାନ କରାଯାଇଥିଲା।

କାର୍ଯ୍ୟକ୍ରମରେ ସ୍ଥାନୀୟ କର୍ପୋରେଟର ତଥା ବିଏମ୍‌ସି ପରିମଳ ଏବଂ ଜନସ୍ୱାସ୍ଥ୍ୟ ଷ୍ଟାଣ୍ଡିଂ କମିଟି ଅଧ୍ୟକ୍ଷ ବିରଞ୍ଚି ନାରାୟଣ ମହାସୂପକାର, ଜୋନାଲ ଡେପୁଟି କମିଶନର ପ୍ରିୟବ୍ରତ ପାଢୀ, କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ରାମେଶ୍ୱରୀ ଦାସ, ସହକାରୀ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ସୁରଥ ସାହୁ ପ୍ରମୁଖ ଯୋଗଦେଇଥିଲେ। ବୈଠକରେ ଶ୍ରୀରାମ ନଗର, ଗ୍ୟାରେଜ ଛକ, ନିଗମ ବିହାର, ଶାରଦା ମଠ, ସାମନ୍ତରାୟ କଲୋନୀ, ନୂଆଗାଁ, ଗୌରୀ ନଗର, କୋଟି ତୀର୍ଥ ଲେନ୍, ଅନନ୍ତ ବାସୁଦେବ, ସାମନ୍ତରାପୁର ଆଦି ଅଞ୍ଚଳର ପ୍ରତିନିଧିଙ୍କ ସହ ବିଭିନ୍ନ ସାମାଜିକ ସଂଗଠନ ଓ ଏସ୍ଏଚ୍‌ଜି ଗ୍ରୁପର କମକର୍ତ୍ତା ଯୋଗଦେଇଥିଲେ।




'ୱାର୍ଡରେ ଦିନେ' କାର୍ଯ୍ୟକ୍ରମରେ ମଞ୍ଚାସୀନ ମେୟର, ବିଏମ୍‌ସି କମିଶନର ଓ ଅନ୍ୟମାନେ।



ସିବିଏସ୍‌ଇ ୧୦ମ ପରୀକ୍ଷାଫଳ ପ୍ରକାଶ ପାଇବା ପରେ ଉତ୍ତୀର୍ଣ୍ଣ ଛାତ୍ରୀମାନେ ଦିଲ୍ଲୀର ଏକ ସ୍କୁଲରେ ଖୁସି ମନାଉଛନ୍ତି। (ଫଟୋ: ଚମନ ଗୌତମ)

## ଓଡ଼ିଶାର ୩୧ ରେଳଷ୍ଟେଶନରେ ଓଏସ୍‌ଓପି ଆଉଟଲେଟ୍‌କୁ ମଞ୍ଜୁରୀ

**ନୂଆଦିଲ୍ଲୀ, ୧୨।୫**

ସ୍ୱଦେଶୀ ଉତ୍ପାଦକୁ ପ୍ରୋତ୍ସାହନ ଏବଂ ବଞ୍ଚିତ ବର୍ଗଙ୍କ ଅତିରିକ୍ତ ଆୟ ସୁଯୋଗ ସୃଷ୍ଟି ନିମନ୍ତେ ଓଡ଼ିଶାର ୩୧ଟି ରେଳଷ୍ଟେଶନରେ ୱାନ ଷ୍ଟେଶନ ୱାନ୍ ପ୍ରଡକ୍ଟ (ଓଏସ୍‌ଓପି) ଯୋଜନାରେ ଆଉଟଲେଟ୍ ଖୋଲିବା ପାଇଁ ରେଳ ମନ୍ତ୍ରଣାଳୟ ଅନୁମତି ଦେଇଛି। ଏହି ଷ୍ଟେଶନଗୁଡ଼ିକ ମଧ୍ୟରେ ରହିଛି ଭୁବନେଶ୍ୱର, ପୁରୀ, କଟକ, ସମ୍ବଲପୁର, ଅନୁଗୁଳ, ବଲାଙ୍ଗୀର, ବାଲେଶ୍ୱର, ଢେଙ୍କାନାଳ, ରାଉରକେଲା, ରାୟଗଡ଼ା, ଖୋର୍ଦ୍ଧାରୋଡ, ଝାରସୁଗୁଡ଼ା, ହୀରାକୁଦ, ବରଗଡ଼ ରୋଡ। ରାଗି କୁକିଜ୍, ରାଗି ବିସ୍କୁଟ, ରାଗି ଗାଣ୍ଠିଆ, କାଙ୍ଗୁ କୁକିଂ, ପାର୍ଲ ମିଲେଟ କୁକିଂ ଓ କତା ସାମଗ୍ରୀ ଏହି ଆଉଟଲେଟ୍ ଗୁଡ଼ିକରେ ବିକ୍ରି ପାଇଁ ଉପଲବ୍ଧ ହେଉଛି। ୨୦୨୨ ମାର୍ଚ୍ଚ ୨୫ରେ ଏହି ଯୋଜନାରେ ପାଇଲଟ ପ୍ରକଳ୍ପ ଆରମ୍ଭ ହୋଇଥିବାବେଳେ ମେ' ୧ ସୁଦ୍ଧା ୨୧ ରାଜ୍ୟ ଓ ୩ କେନ୍ଦ୍ରଶାସିତ ଅଞ୍ଚଳର ୭୨୮ ରେଳଷ୍ଟେଶନରେ ୭୮୫ ଓଏସ୍‌ଓପି ଆଉଟଲେଟ୍ ଖୋଲାଯାଇଛି। ଏହି ଆଉଟଲେଟ୍‌ଗୁଡ଼ିକରୁ ୨୫,୧୦୯ ଜଣ ସିଧାସଳଖ ଉପକୃତ ହେଉଥିବା ନେଇ ମନ୍ତ୍ରଣାଳୟ ସୂଚନା ଦେଇଛି। କେନ୍ଦ୍ର ସରକାରଙ୍କ 'ଲୋକାଲ ଫର୍ ଭୋକାଲ' ଦୂରଦୃଷ୍ଟିକୁ ପ୍ରୋତ୍ସାହନ ଦେବା ଲକ୍ଷ୍ୟ ନେଇ ଏହି ଯୋଜନା ଆରମ୍ଭ ହୋଇଥିଲା। ଓଏସ୍‌ଓପିର ଆଉଟଲେଟ୍‌ଗୁଡ଼ିକରେ ଆଦିବାସୀଙ୍କ ଦ୍ୱାରା ପ୍ରସ୍ତୁତ କଳାକୃତି, ବୁଣାକାରଙ୍କ ହସ୍ତତନ୍ତ ସାମଗ୍ରୀ ଏବଂ କାଠ ଖୋଦେଇ ଉପକରଣ, ପୋଷାକ, ମସଲାଯୁକ୍ତ ଚା', କଫି ଏବଂ ଅନ୍ୟ ପ୍ରକ୍ରିୟାକରଣ ହୋଇଥିବା ଖାଦ୍ୟସାମଗ୍ରୀ ବିକ୍ରି ପାଇଁ ଉପଲବ୍ଧ ହେଉଛି।

## କେନ୍ଦ୍ର ଅଧୀନ ଓଡ଼ିଶା ପ୍ରକଳ୍ପର ସମୀକ୍ଷା କଲେ ମୁଖ୍ୟମନ୍ତ୍ରୀ

**ନୂଆଦିଲ୍ଲୀ, ୧୨।୫**



କେନ୍ଦ୍ର ସରକାରଙ୍କ ବିଭିନ୍ନ ମନ୍ତ୍ରଣାଳୟ ଅଧୀନରେ ବିଚାରାଧୀନ ଥିବା ଓଡ଼ିଶାର ଅନେକ ପ୍ରକଳ୍ପ ଉପରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶୁକ୍ରବାର ରେସିଡେଣ୍ଟ କମିଶନରଙ୍କ କାର୍ଯ୍ୟାଳୟରେ ସମୀକ୍ଷା କରିଛନ୍ତି। ରେସିଡେଣ୍ଟ କମିଶନରଙ୍କ ଅଫିସ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ନବୀନ ଅର୍ଥ ମନ୍ତ୍ରଣାଳୟ, ଯୋଗାଯୋଗ ମନ୍ତ୍ରଣାଳୟ, ସଡ଼କ ପରିବହନ ଓ ରାଜପଥ, ବେସାମରିକ ବିମାନ ଚଳାଚଳ ସମେତ ଅନ୍ୟ ମନ୍ତ୍ରଣାଳୟଗୁଡ଼ିକରେ ବିଚାରାଧୀନ ଥିବା ପ୍ରକଳ୍ପ ସମ୍ପର୍କରେ ଅନୁଧ୍ୟାନ କରିଥିଲେ। ପ୍ରକାଶ ଯେ, ବୁଧବାର ନୂଆଦିଲ୍ଲୀ ଗସ୍ତ କରିଥିବା ମୁଖ୍ୟମନ୍ତ୍ରୀ ଗୁରୁବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ସାକ୍ଷାତ କରି ଓଡ଼ିଶାର ବିଭିନ୍ନ ଦାବି ଉପସ୍ଥାପନ କରିଥିଲେ। ତୃତୀୟ ସାମ୍ମୁଖ୍ୟରେ ବିଜେଡି ସାମିଲ ହେବା ନେଇ ଉଠୁଥିବା ଚର୍ଚ୍ଚାକୁ ସେ ଖଣ୍ଡନ କରିବା ସହ ଆମେ ସମଦୂରତ୍ୱ ବଜାୟ ରଖିବୁ ବୋଲି ସ୍ପଷ୍ଟ କରିଥିଲେ।

### ମ୍ୟାନ୍‌ମାର ସୈନ୍ୟଙ୍କ ବର୍ବରତା

# ୧୯ ଜଣଙ୍କୁ ମାରି ଜାଳିଦେଲେ


ମ୍ୟାନ୍‌ମାର ସେନାମୁଖ୍ୟ ଜେନେରାଲ ମିନ୍ ଅଙ୍ଗ୍ ଲାଇଙ୍ଗ୍

**ଗଣତାନ୍ତ୍ରିକ ଉପାୟରେ ନିର୍ବାଚିତ ସରକାରର ପତନ ଘଟାଇ ଷ୍ଟେଟ୍ କାଉନ୍‌ସିଲର ଅଙ୍ଗ୍ ସାନ୍ ଶୁ ଚୀଙ୍କୁ କାରାଗାରରେ ବନ୍ଦୀ କରିବାର ୨ ବର୍ଷ ପରେ ମ୍ୟାନ୍‌ମାରରେ ଆଭ୍ୟନ୍ତରୀଣ ସଂଘର୍ଷ ବଢ଼ିବାରେ ଲାଗିଛି। ସାମରିକ ଶାସନରେ ଅତିଷ୍ଠ ଦେଶବାସୀ ଗଣତନ୍ତ୍ର ପ୍ରତିଷ୍ଠା ଦାବିରେ ରାସ୍ତାକୁ ଓହ୍ଲାଇ ଥିବାବେଳେ ସେନା କାହାର ମୁଣ୍ଡ କାଟୁଛି, ତ ଆଉ କାହାକୁ ହତ୍ୟା କରି ଜାଳିଦେଉଛି। ଏଭଳି ଜଘନ୍ୟ ବର୍ବରତାକୁ ଯୁଦ୍ଧ ଅପରାଧ ଭାବେ ବିବେଚନା କରିବା ପାଇଁ ଅନ୍ତର୍ଜାତୀୟ ଅଧିକାର ଗୋଷ୍ଠୀଗୁଡ଼ିକ ଦାବି କରିଛନ୍ତି।**

**ବ୍ୟାଙ୍କକ୍, ୧୨।୫**

ମ୍ୟାନ୍‌ମାରର ସାମରିକ ସରକାର ଅମଳରେ ସେନା ବର୍ବରତା ସୀମା ଲଙ୍ଘିଛି। ସୈନ୍ୟମାନେ ୪ ଶିଶୁଙ୍କ ସମେତ ୧୯ ଗ୍ରାମବାସୀଙ୍କୁ ହତ୍ୟା କରିବା ପରେ ସେମାନଙ୍କ ମୃତଦେହକୁ ଜାଳିଦେଇଛନ୍ତି। ବାଗୋ ଅଞ୍ଚଳର ନ୍ୟାୟୁଙ୍ଗ୍ ପିନ୍ ଥର୍ ଗ୍ରାମରେ ବୁଧବାର ସାମରିକ ଶାସନକୁ ବିରୋଧ କରୁଥିବା ପ୍ରତିରୋଧ ବଳର ଜବାବୀ କାର୍ଯ୍ୟାନୁଷ୍ଠାନରେ ସୈନ୍ୟମାନେ ଏଭଳି କାଣ୍ଡ ଭିଆଇଛନ୍ତି। ରେଡିଓ ଫ୍ରି ଏସିଆ ପକ୍ଷରୁ କୁହାଯାଇଛି, ପିପୁଲ୍ସ ଡିଫେନ୍ସ ଫୋର୍ସ ଏବଂ ସେନା ମଧ୍ୟରେ ସଂଘର୍ଷ ହୋଇଥିଲା। ଏଥିରେ ଡିଫେନ୍ସ ଫୋର୍ସର ସହଯୋଗୀ କରେନ୍ ନ୍ୟାଶନାଲ ଲିବରେଶନ ଆର୍ମିର ବିଦ୍ରୋହୀମାନେ ସାମିଲ ହୋଇଥିଲେ। ରେଜିଷ୍ଟାନ୍ସ ଫୋର୍ସ ୨୦ ସୈନ୍ୟଙ୍କୁ ହତ୍ୟା କରିବା ସହ ୩ ଅଧିକାରୀଙ୍କୁ ପଣବନ୍ଦୀ ରଖିଥିଲା। ସୈନ୍ୟମାନେ ଏଥିରେ ଉତ୍ତ୍ୟକ୍ତ ହୋଇ ୧୯ ଜଣଙ୍କ ମୁଣ୍ଡକୁ ଗୁଳି କରିଥିଲେ। ଗ୍ୟାସୋଲିନ୍ ଓ ଡିଜେଲ ଢାଳି ମୃତଦେହଗୁଡ଼ିକରେ ନିଆଁ ଲଗାଇଦେଇଥିଲେ। ସେମାନେ ଗ୍ରାମର ଏକ ଦୋକାନରୁ ମଦ ନେଇ ପିଇଥିବା ଜଣେ କୃଷକ ଅଭିଯୋଗ କରିଛନ୍ତି। ପ୍ରକାଶ ଯେ, ୨୦୨୧ ଫେବୃୟାରୀ ୧ରେ ଅଙ୍ଗ୍ ସାନ୍ ସୁ ଚୀଙ୍କ ନିର୍ବାଚିତ ସରକାରକୁ ହଟାଇ ସେନା କ୍ଷମତା ଦଖଲ କରିଥିଲା। ଏହାର ପ୍ରତିବାଦରେ ମ୍ୟାନ୍‌ମାରବାସୀ ଆନ୍ଦୋଳନ ଚଳାଇଥିବାବେଳେ ସେନା ପକ୍ଷରୁ ମାତ୍ରାଧିକ ବଳ ପ୍ରୟୋଗ ପୂର୍ବକ ଗଣହତ୍ୟା ଜାରି ରହିଛି, ଯାହାକୁ ଜାତିସଂଘ ନିନ୍ଦା କରିଛି। ଗତ ଫେବୃୟାରୀରୁ ଏପ୍ରିଲ ମଧ୍ୟରେ ସୈନ୍ୟମାନେ ୩୩ ଗ୍ରାମବାସୀଙ୍କୁ ହତ୍ୟା କରିଥିଲେ।


ମ୍ୟାନ୍‌ମାରସ୍ଥିତ ସଗାଇଙ୍ଗରେ ଥିବା ଗ୍ରାମଗୁଡ଼ିକର ସାଟେଲାଇଟ୍ ଚିତ୍ରରେ ଭସ୍ମୀଭୂତ ଘରଗୁଡ଼ିକର ଦୃଶ୍ୟ।

### ବିଦ୍ରୋହୀ ଅସ୍ତ୍ର ତ୍ୟାଗ କଲେ ପୁରସ୍କାର, ଅପରାଧ କ୍ଷମା

ମ୍ୟାନ୍‌ମାର ସେନା ବିଦ୍ରୋହୀମାନଙ୍କୁ ଦମନ କରିବା ପାଇଁ ଏକ ଅଭିନବ ଉପାୟ ଆପଣାଇଛି। ଅସ୍ତ୍ରଶସ୍ତ୍ର ସମର୍ପଣ କଲେ 'ଆତଙ୍କବାଦୀ ଗୋଷ୍ଠୀ' ଏବଂ ପିପୁଲ୍ସ ଡିଫେନ୍ସ ଫୋର୍ସ (ପିଡିଏଫ୍) ସଦସ୍ୟମାନଙ୍କୁ ୭.୫ ନିୟୁତ କ୍ୟାଟ୍ସ (୩୫୭୦ ଆମେରିକୀୟ ଡଲାର) ପ୍ରଦାନ କରାଯିବ ବୋଲି ସେନା ଘୋଷଣା କରିଛି। ଏପରିକି ହତ୍ୟା ଓ ବଳାତ୍କାର ଭଳି ସଙ୍ଗିନ ଅପରାଧ ଘଟାଇଥିବା ସଦସ୍ୟଙ୍କ ଜେଲ ଦଣ୍ଡ ଅବଧି ହ୍ରାସ କରାଯିବ ବୋଲି ସେନା ପକ୍ଷରୁ କୁହାଯାଇଛି। ତେବେ ପିପୁଲ୍ସ ଡିଫେନ୍ସ ଫୋର୍ସ ସାମରିକ ବଳର ଉକ୍ତ ପ୍ରସ୍ତାବକୁ ପ୍ରତ୍ୟାଖ୍ୟାନ କରିଛି।

## ରାହୁଲଙ୍କୁ ଦୋଷୀସାବ୍ୟସ୍ତ କରିଥିବା ସିଜେଏମ୍‌ଙ୍କ ପଦୋନ୍ନତି ସ୍ଥଗିତ

**ନୂଆଦିଲ୍ଲୀ, ୧୨।୫ (ପି.ଟି.)**

**ଗୁଜରାଟର ୬୮ ନ୍ୟାୟିକ ଅଧିକାରୀଙ୍କ ପଦୋନ୍ନତି ଉପରେ ରୋକ ଲଗାଇଲେ ସୁପ୍ରିମକୋର୍ଟ**

କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କୁ ମାନହାନି ମାମଲାରେ ଦୋଷୀସାବ୍ୟସ୍ତ କରିଥିବା ମୁଖ୍ୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ୍ (ସିଜେଏମ୍) ହରିଶ ହସ୍‌ମୁଖଭାଇ ବର୍ମାଙ୍କ ସମେତ ଗୁଜରାଟର ୬୮ ଜଣ ନିମ୍ନ ନ୍ୟାୟିକ ଅଧିକାରୀଙ୍କ ପଦୋନ୍ନତି ଉପରେ ସୁପ୍ରିମକୋର୍ଟ ଶୁକ୍ରବାର ସ୍ଥଗିତାଦେଶ ଜାରି କରିଛନ୍ତି। ଉକ୍ତ ନ୍ୟାୟିକ ଅଧିକାରୀମାନଙ୍କ ପଦୋନ୍ନତି ଗୁଜରାଟ ରାଜ୍ୟ ନ୍ୟାୟିକ ସେବା ନିୟମାବଳୀ, ୨୦୦୫(୨୦୧୧ରେ ସଂଶୋଧିତ)ର ଉଲ୍ଲଂଘନ କରୁଥିବା ଜଷ୍ଟିସ ଏମ୍.ଆର୍. ଶାହା ଏବଂ ସି.ଟି. ରବିକୁମାରଙ୍କ ଖଣ୍ଡପୀଠ କହିଛନ୍ତି। ଉକ୍ତ ନିୟମାବଳୀ ଅନୁଯାୟୀ ମେଧା ତଥା ବରିଷ୍ଠତା ଆଧାରରେ ଏବଂ ଉପଯୁକ୍ତତା ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିଲେ ପଦୋନ୍ନତି ଦିଆଯାଇପାରିବ। ଗୁଜରାଟ ହାଇକୋର୍ଟଙ୍କ ଦ୍ୱାରା ପ୍ରସ୍ତୁତ ତାଲିକା ଏବଂ ରାଜ୍ୟ ସରକାର ଜିଲା ଜଜ୍‌ମାନଙ୍କ ପଦୋନ୍ନତି ପାଇଁ ଦେଇଥିବା ନିର୍ଦ୍ଦେଶନାମା ବେଆଇନ ଏବଂ ସର୍ବୋଚ୍ଚ ଅଦାଲତଙ୍କ ନିଷ୍ପତ୍ତିର ବିରୁଦ୍ଧାଚରଣ କରୁଥିବା ଖଣ୍ଡପୀଠ କହିଛନ୍ତି।

## ୯୫.୨୦% ରଖିଲେ ଏସିଡ୍ ଆକ୍ରମଣ ପୀଡ଼ିତା

**ନୂଆଦିଲ୍ଲୀ, ୧୨।୫**

ଏସିଡ୍ ଆକ୍ରମଣରେ ଦୃଷ୍ଟିଶକ୍ତି ହରାଇଥିବା ଚଣ୍ଡିଗଡ଼ ବ୍ଲାଇଣ୍ଡ ସ୍କୁଲ୍ ଛାତ୍ରୀ କାଫି (୧୫) ସିବିଏସ୍‌ଇ ଦଶମ ଶ୍ରେଣୀ ପରୀକ୍ଷାରେ ୯୫.୨୦ ପ୍ରତିଶତ ନମ୍ବର ରଖି ନିଜ ସ୍କୁଲ୍‌ରେ ଟପ୍ପର ହୋଇଛନ୍ତି। କାଫିଙ୍କ ଘର ହରିୟାଣା ହିସାର ଜିଲାର ବୁଧନା ଗ୍ରାମରେ। ତାଙ୍କୁ ମାତ୍ର ୩ ବର୍ଷ ହୋଇଥିବାବେଳେ ଗାଁର ୩ ଜଣ ପଡୋଶୀ ଈର୍ଷାନ୍ୱିତ ହୋଇ ଏସିଡ୍ ଆକ୍ରମଣ କରିଥିଲେ। ଫଳରେ ତାଙ୍କ ମୁହଁ ଓ ହାତ ପୋଡ଼ିଯିବା ସହ ସେ ଦୃଷ୍ଟିଶକ୍ତି ହରାଇଥିଲେ। ଏହା ସତ୍ତ୍ୱେ ସେ ନିଜର ସ୍ୱପ୍ନ ପୂରଣ କରିବା ପାଇଁ ସଂଘର୍ଷ ଜାରି ରଖିଥିଲେ। ସେ ଆଇଏଏସ୍ ଅଫିସର ହୋଇ ପରିବାରକୁ ଗର୍ବିତ କରିବାକୁ ଚାହାନ୍ତି ବୋଲି କହିଛନ୍ତି।

### ତାରକ ମେହେଟ୍ଟାକା ଉଲ୍‌ଟା ଚଷମା ପ୍ରଯୋଜକଙ୍କ ବିରୋଧରେ ଯୌନ ନିର୍ଯାତନା ଅଭିଯୋଗ



**ମୁମ୍ବାଇ, ୧୨।୫:** ଘରେ ଘରେ ପରିଚିତ ଲୋକପ୍ରିୟ କମେଡ଼ି ଧାରାବାହିକ 'ତାରକ ମେହେଟ୍ଟାକା ଉଲ୍‌ଟା ଚଷମା' ପ୍ରଯୋଜକ ଅଶିତ ମୋଦିଙ୍କ ବିରୋଧରେ ସିରିଏଲ୍ ଅଭିନେତ୍ରୀ ଜେନିଫର ମିସ୍ତ୍ରି ବଶିଂୱାଲ ଯୌନ ନିର୍ଯାତନା ଅଭିଯୋଗ ଆଣିଛନ୍ତି। ଶୁଟିଂ ସେଟ୍‌ରେ ଅଶିତ ତାଙ୍କୁ ଯୌନ ନିର୍ଯାତନା ଦେଇଥିବା ଇନ୍‌ଷ୍ଟାଗ୍ରାମରେ ଏକ ରିଲ୍ସ ଶେୟାର କରି ଜେନିଫର କହିଛନ୍ତି। ଏ ନେଇ ଖବର ପ୍ରସାରଣ ହେବା ପରେ ଜେନିଫରଙ୍କୁ ଶୋ'ରୁ ବାହାର କରିଦିଆଯାଇଛି। ଏ ପ୍ରକାର ଅଭିଯୋଗ ସମ୍ପୂର୍ଣ୍ଣ ଭାବେ ମିଛ ଓ ଭିତ୍ତିହୀନ ବୋଲି ପ୍ରଯୋଜକ ଅଶିତ କହିଛନ୍ତି। ସିରିଏଲ୍‌ରେ ଜେନିଫର ରୋଶନ କୌର ସୋଧି ଚରିତ୍ରରେ ନଜର ଆସୁଥିବାବେଳେ 'ତାରକ ମେହେଟ୍ଟାକା ଉଲ୍‌ଟା ଚଷମା' ଟିମ୍‌ରେ ସେ ୧୫ ବର୍ଷ ଧରି କାମ କରିଛନ୍ତି।

## ପରମବୀରଙ୍କ ବିରୋଧରେ ଅଭିଯୋଗ ପ୍ରତ୍ୟାହାର

**ମୁମ୍ବାଇ, ୧୨।୫ (ଆଇଏଏନ୍‌ଏସ୍)**



**ପୂର୍ବତନ ମୁମ୍ବାଇ ପୋଲିସ କମିଶନରଙ୍କ ଉପରୁ ନିଲମ୍ବନ ଉଠିଲା**

ମୁମ୍ବାଇ ପୋଲିସର ପୂର୍ବତନ କମିଶନର ପରମବୀର ସିଂଙ୍କ ବିରୋଧରେ ଥିବା ସମସ୍ତ ଅଭିଯୋଗକୁ ମହାରାଷ୍ଟ୍ର ସରକାର ପ୍ରତ୍ୟାହାର କରିନେଇଛନ୍ତି। ଏଥିସହ ଶୁକ୍ରବାର ତାଙ୍କ ଉପରୁ ନିଲମ୍ବନ ଆଦେଶକୁ ଉଠାଇଦିଆଯାଇଛି। ଦୁଇବର୍ଷ ପୂର୍ବେ ମହାରାଷ୍ଟ୍ରର ପୂର୍ବତନ ଗୃହମନ୍ତ୍ରୀ ଅନୀଲ ଦେଶମୁଖଙ୍କ ବିରୋଧରେ ପରମବୀର ଲେଖିଥିବା ଚିଠି ରାଜ୍ୟ ରାଜନୀତିରେ ହଇଚଇ ସୃଷ୍ଟି କରିଥିଲା। ତତ୍କାଳୀନ ମହାବିକାଶ ଅଘାଡ଼ି ସରକାର ତାଙ୍କୁ ୨୦୨୧ ଡିସେମ୍ବର ୨ରୁ ଅବସର ତାରିଖ ୨୦୨୨ ଜୁନ୍ ୩୦ ପର୍ଯ୍ୟନ୍ତ ଚାକିରିରୁ ନିଲମ୍ବନ କରିଥିଲେ। ମେ' ୧୦ରେ ଗୃହ ବିଭାଗ ଜାରି କରିଥିବା ନିର୍ଦ୍ଦେଶନାମା ଅନୁଯାୟୀ ସେହି ସମୟରେ ପରମବୀର ଡ୍ୟୁଟିରେ ଥିଲେ ବୋଲି ଧରାଯିବ। ସେ ଅବସର ନେଇସାରିଥିବାରୁ ବର୍ତ୍ତମାନର ନିର୍ଦ୍ଦେଶନାମା ଅନୁଯାୟୀ ସେ ଅନେକ ଅବସରକାଳୀନ ସୁବିଧା ପାଇବାକୁ ହକ୍‌ଦାର ହେବେ। ଏହା ଉପରେ ପ୍ରତିକ୍ରିୟା ପ୍ରକାଶ କରି ଏନ୍‌ସିପି ମୁଖପାତ୍ର କ୍ଲାଇଡ୍ କ୍ରାଷ୍ଟୋ କହିଛନ୍ତି, ଯେଉଁମାନେ ମହାବିକାଶ ଅଘାଡ଼ି ସରକାରକୁ ବଦନାମ କରିଥିଲେ, ସେମାନଙ୍କୁ ଏବେ ୱାଶିଂ ମେଶିନ୍‌ରେ ଧୋଇ ସଫା କରାଯାଉଛି। ପରମବୀରଙ୍କ ପରେ କିଏ ବୋଲି ସେ ପ୍ରଶ୍ନ କରିଛନ୍ତି।

## ଡାକ୍ତର ହତ୍ୟାର ତଦନ୍ତ କରିବ କ୍ରାଇମ୍‌ବ୍ରାଞ୍ଚ୍

**କୋଲାମ, ୧୨।୫ (ପି.ଟି.)**


ବନ୍ଦନା ଦାସ

କେରଳ କୋଲାମ ଜିଲାର ୨୩ ବର୍ଷୀୟା ମହିଳା ଡାକ୍ତର ବନ୍ଦନା ଦାସଙ୍କୁ ଚିକିତ୍ସାଧୀନ ରୋଗୀ ହତ୍ୟା କରିବା ଘଟଣାର ତଦନ୍ତ ଦାୟିତ୍ୱ ଜିଲା କ୍ରାଇମ ବ୍ରାଞ୍ଚ୍ ନେଇଛି। ଆଜିଜିଆ ମେଡିକାଲ କଲେଜ ହସ୍ପିଟାଲର ହାଉସ ସର୍ଜନ ବନ୍ଦନା ତାଙ୍କ ପ୍ରଶିକ୍ଷଣର ଅଂଶ ସ୍ୱରୂପ କୋଟ୍ଟରାକାରା ତାଲୁକ ହସ୍ପିଟାଲରେ କାର୍ଯ୍ୟ କରୁଥିଲେ। ବୁଧବାର ଭୋର ସମୟରେ ପୋଲିସ ଆଣିଥିବା ଜଣେ ଅଭିଯୁକ୍ତଙ୍କୁ ବନ୍ଦନା ଚିକିତ୍ସା କରୁଥିବାବେଳେ ସେ ତାଙ୍କୁ ଛୁରି ଭୁଷି ହତ୍ୟା କରିଥିଲେ। ଡାକ୍ତରଙ୍କୁ ହତ୍ୟା ବ୍ୟବସ୍ଥାଗତ ବିଫଳତାର ପରିଣାମ ବୋଲି ଗୁରୁବାର କେରଳ ହାଇକୋର୍ଟ କହିଥିଲେ। ଅଭିଯୁକ୍ତ ଜି. ସନ୍ଦୀପ ପେସାରେ ଜଣେ ଶିକ୍ଷକ। ତାଙ୍କୁ ବିଚାର ବିଭାଗୀୟ ହାଜତରେ ରଖାଯାଇଥିବାବେଳେ ଜିଲା କ୍ରାଇମ ବ୍ରାଞ୍ଚ ତଦନ୍ତ ଦାୟିତ୍ୱ ନେଇଥିବା ଜଣେ ବରିଷ୍ଠ ପୋଲିସ ଅଧିକାରୀ କହିଛନ୍ତି।

### ବିମାନ କକ୍‌ପିଟ୍‌ରେ ବନ୍ଧୁଙ୍କୁ ବସାଇବାରୁ ପାଇଲଟଙ୍କ ଲାଇସେନ୍ସ ରଦ୍ଦ

**ନୂଆଦିଲ୍ଲୀ, ୧୨।୫:** ଫେବୃୟାରୀ ୨୭ରେ ଏଆଇ ୯୧୫ (ଦିଲ୍ଲୀ-ଦୁବାଇ) ବିମାନର ଜଣେ ପାଇଲଟ ନିଜ ବନ୍ଧୁଙ୍କୁ କକ୍‌ପିଟ୍‌ରେ ବସାଇ ନେଇଥିବା ଅଭିଯୋଗ ହୋଇଥିଲା। ବେସାମରିକ ବିମାନ ଚଳାଚଳ ମହାନିର୍ଦ୍ଦେଶାଳୟ (ଡିଜିସିଏ) ପକ୍ଷରୁ ସମ୍ପୃକ୍ତ ପାଇଲଟଙ୍କ ଲାଇସେନ୍ସକୁ ୩ ମାସ ପାଇଁ ରଦ୍ଦ କରାଯାଇଛି। ଏୟାର ଇଣ୍ଡିଆ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରିବାରୁ ଡିଜିସିଏ କମ୍ପାନୀକୁ ୩୦ ଲକ୍ଷ ଟଙ୍କାର ଜରିମାନା କରିଛନ୍ତି। ଅଦ୍ୟାବଧି ୩ଟି ଘଟଣାକୁ ନେଇ ଏୟାର ଇଣ୍ଡିଆକୁ ଡିଜିସିଆଇ ୭୦ ଲକ୍ଷ ଟଙ୍କାର ଫାଇନ୍ କରିସାରିଛନ୍ତି।

## ଚାର୍ଜଶିଟ୍ ଦାଖଲ ହୋଇ ନ ଥିଲେ ଜାମିନ ଆବେଦନର ବିଚାର କରିପାରିବେ କୋର୍ଟ

**ନୂଆଦିଲ୍ଲୀ, ୧୨।୫(ଆଇଏଏନ୍‌ଏସ୍)**

କୌଣସି ଆପରାଧିକ ମାମଲାରେ ୬୦ କିମ୍ବା ୯୦ ଦିନ ମଧ୍ୟରେ ଚାର୍ଜଶିଟ୍ ଦାଖଲ ହୋଇ ପାରିଲେ ତଳକୋର୍ଟ ଏବଂ ହାଇକୋର୍ଟ ଜାମିନ ଆବେଦନର ବିଚାର କରିପାରିବେ ବୋଲି ସୁପ୍ରିମକୋର୍ଟ ଶୁକ୍ରବାର କହିଛନ୍ତି। ଏହି ମାମଲାରେ ଅଦାଲତଗୁଡ଼ିକ ରିତୁ ଛାବରିଆ ରାୟ ଉପରେ ନିର୍ଭରଶୀଳ ହେବା ଉଚିତ ନୁହେଁ ବୋଲି ସର୍ବୋଚ୍ଚ ଅଦାଲତ ସ୍ପଷ୍ଟ କରିଦେଇଛନ୍ତି। ତଦନ୍ତକାରୀ ସଂସ୍ଥା ଅସମ୍ପୂର୍ଣ୍ଣ ଚାର୍ଜଶିଟ୍ ଦାଖଲ କରିଥିଲେ ଅଭିଯୁକ୍ତ ଜାମିନ ପାଇଁ ଆବେଦନ କରିବାକୁ ହକ୍‌ଦାର ବୋଲି ସୁପ୍ରିମକୋର୍ଟ ପୂର୍ବରୁ ଦେଇଥିବା ରାୟର ପୁନର୍ବିଚାର ପାଇଁ କେନ୍ଦ୍ର ସରକାର ଆବେଦନ କରିଥିଲେ। ଏହାର ଶୁଣାଣି ଅବସରରେ ପ୍ରଧାନ ବିଚାରପତି ଡି.ୱାଇ. ଚନ୍ଦ୍ରଚୂଡ଼ଙ୍କ ଖଣ୍ଡପୀଠ ଉପରୋକ୍ତ ଟିପ୍ପଣୀ ଦେଇଛନ୍ତି।

## ଦରମା ୩୦ ହଜାର, ଘରୁ ମିଳିଲା ୭ କୋଟିର ସମ୍ପତ୍ତି





**ଭୋପାଳ, ୧୨।୫**

ମଧ୍ୟପ୍ରଦେଶ ଲୋକାୟୁକ୍ତ ପୋଲିସର ଏକ ଟିମ୍ ଜଣେ ମହିଳା ଠିକା ଇଞ୍ଜିନିୟରଙ୍କ ଘର ଉପରେ ଚଢ଼ାଉ କରି ୭ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ଆୟ ବହିର୍ଭୂତ ସମ୍ପତ୍ତି ଜବତ କରିଛନ୍ତି। ହେମା ମୀନା ନାମ୍ନୀ ଏହି ଇଞ୍ଜିନିୟରଙ୍କର ୧୦ଟି ଲକ୍‌ଜୁରି କାର, ୩୦ ଲକ୍ଷ ଟଙ୍କା ମୂଲ୍ୟର ସ୍ମାର୍ଟ ଟିଭି ଓ ବିଦେଶୀ କୁକୁର ରହିଛି। ଭୋପାଳ ନିକଟ ବିଲଖିରିଆରେ ତାଙ୍କ ବାପାଙ୍କ ନାଁରେ ୨୦ ହଜାର ବର୍ଗଫୁଟରେ ସେ ନିର୍ମାଣ କରିଥିବା ବଙ୍ଗଳାରେ ୪୦ଟି ପ୍ରକୋଷ୍ଠ ରହିଛି, ଯାହାର ମୂଲ୍ୟ ୧ କୋଟି ଟଙ୍କାରୁ ଅଧିକ। ମଧ୍ୟପ୍ରଦେଶ ପୋଲିସ ହାଉସିଂ କର୍ପୋରେଶନରେ ଠିକାରେ ଆସିଷ୍ଟାଣ୍ଟ ଇଞ୍ଜିନିୟର ଇନ୍‌ଚାର୍ଜ ଥିବା ହେମାଙ୍କ ମାସିକ ବେତନ ୩୦ ହଜାର ଟଙ୍କା। ଆୟ ତୁଳନାରେ ତାଙ୍କ ସମ୍ପତ୍ତି ୨୩୨ ପ୍ରତିଶତ ଅଧିକ ବୋଲି ତଦନ୍ତରୁ ଜଣାପଡ଼ିଛି। ୨୦୨୦ରେ ତାଙ୍କ ବିରୋଧରେ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗ ହୋଇଥିଲା। ଏହାର ତଦନ୍ତ ପରେ ଚଢ଼ାଉ କରାଯାଇଥିଲା ବୋଲି ଲୋକାୟୁକ୍ତ ଏସ୍‌ପି ମନୁ ବ୍ୟାସ କହିଛନ୍ତି।

**ବାରବାଟୀ-କଟକ ନିର୍ବାଚନ ଅନିୟମିତତା ମାମଲା**

# ରିଟର୍ନିଂ ଅଧିକାରୀଙ୍କ ଜେରା ଅସମ୍ପୂର୍ଣ୍ଣ

**୧୮ରେ ପରବର୍ତ୍ତୀ ଶୁଣାଣି**

କଟକ ଅଫିସ,୧୨।୫

ହାଇକୋର୍ଟବିଚାରପତିସଙ୍ଗମ କୁମାର ସାହୁଙ୍କ ଖଣ୍ଡପୀଠରେ ବାରବାଟୀ-କଟକ ନିର୍ବାଚନ ଅନିୟମିତତା ମାମଲାର ଶୁଣାଣି ଶୁକ୍ରବାର ହୋଇଛି। ମାମଲାର ପ୍ରତିପକ୍ଷ ବିଧାୟକ ମହମ୍ମଦ ମୋକିମଙ୍କ ପକ୍ଷରୁ ତତ୍କାଳୀନ ଉପଜିଲାପାଳ ତଥା ନିର୍ବାଚନ ପରିଚାଳନା କରିଥିବା ରିଟର୍ନିଂ ଅଧିକାରୀ ସୁକାନ୍ତ ପ୍ରଧାନଙ୍କୁ ଜେରା କରାଯାଇଛି। ହାଇକୋର୍ଟ ରେଜିଷ୍ଟ୍ରି ପକ୍ଷରୁ ପ୍ରଦତ୍ତ ନିର୍ବାଚନ ସମ୍ପର୍କିତ ନଥିପତ୍ରକୁ ଆଧାର କରି ଜେରା କରାଯାଇଥିଲା। ଜେରା ଅସମ୍ପୂର୍ଣ୍ଣ ରହିଥିବାରୁ ପରବର୍ତ୍ତୀ ତାରିଖରେ ପୁଣି ଜେରା କରାଯିବ ବୋଲି ଜଣାପଡ଼ିଛି। ଆସନ୍ତା ୧୮ରେ ମାମଲାର ପରବର୍ତ୍ତୀ ଶୁଣାଣି ହେବ।

ମାମଲାର ବିବରଣୀରୁ ପ୍ରକାଶ, ଗତ ବିଧାନସଭା ନିର୍ବାଚନରେ ପରାଜିତ ପ୍ରାର୍ଥୀ ଦେବାଶିଷ ସାମନ୍ତରାୟ ବିଜୟୀ ପ୍ରାର୍ଥୀ ମହମ୍ମଦ ମୋକିମଙ୍କ ବିରୋଧରେ ନିର୍ବାଚନରେ ଅନିୟମିତତା କରିଥିବା ନେଇ ହାଇକୋର୍ଟରେ ମାମଲା ଦାଏର କରିଥିଲେ। ଆବେଦନକାରୀ ସାମନ୍ତରାୟ ଓ ପ୍ରତିପକ୍ଷ ବିଧାୟକ ମୋକିମଙ୍କ ସାକ୍ଷ୍ୟ ଗ୍ରହଣ ଶେଷ ହୋଇଛି। ଏଥିସହ ଆବେଦନକାରୀ ସାମନ୍ତରାୟଙ୍କ ପକ୍ଷରୁ ରିଟର୍ନିଂ ଅଧିକାରୀଙ୍କ ସାକ୍ଷ୍ୟ ଗ୍ରହଣ ଗତ ୪ ତାରିଖରେ ଶେଷ ହୋଇ ବିଧାୟକ ମୋକିମଙ୍କ ପକ୍ଷରୁ ରିଟର୍ନିଂ ଅଧିକାରୀଙ୍କୁ ଜେରା ଆରମ୍ଭ ହୋଇଥିଲା। ଅଦାଲତରେ ଦାଖଲ ହୋଇଥିବା ଏହି ମାମଲା ସମ୍ପର୍କିତ ନଥିପତ୍ରର ସାର୍ଟିଫାଏଡ୍ ନକଲ ଉଭୟ ପକ୍ଷଙ୍କୁ ପ୍ରଦାନ କରିବା ନିମନ୍ତେ ହାଇକୋର୍ଟ ରେଜିଷ୍ଟ୍ରିଙ୍କୁ ଗତ ୪ ତାରିଖରେ ନିର୍ଦ୍ଦେଶ ଦେଇଥିଲେ। ଆବେଦନକାରୀ ସାମନ୍ତରାୟଙ୍କ ପକ୍ଷରୁ ଆଇନଜୀବୀ ଗୋପାଳ ଅଗ୍ରୱାଲ ଏବଂ ମୋକିମଙ୍କ ପକ୍ଷରୁ ଆଇନଜୀବୀ ବିଦ୍ୟାଧର ମିଶ୍ର ଓ ତରଣୀକାନ୍ତ ବିଶ୍ୱାଳ ମାମଲା ପରିଚାଳନା କରୁଛନ୍ତି।


## CHIEF DISTRICT MEDICAL & PUBLIC HEALTH OFFICER, KEONJHAR

**(ZILLA SWASTHYA SAMITI (ZSS), KEONJHAR)**

**Advt. Letter No. 512** **Date: 12.05.2023**

### TENDER CALL NOTICE

No. E-104: Sealed tenders are hereby invited from the intending manufacturers or their authorized stockiest/distributors for Printing and supply of Contingency item for MDA, 2023-24. The eligible bidders may submit their tender papers on or before 01.06.2023 by 1.00 P.M. through Registered Post/Speed Post/ Courier only to the undersigned. The Technical Bid documents & Financial Bid will be opened on **02.06.2023 at 11 A.M.** The details of tender document is available in the district website: **www.kendujhar.nic.in**.

The authority will not be responsible for any postal delay. The undersigned reserves the right to reject or cancel any or all the tender without assigning any reason thereof.

**Sd./- Chief District Medical & Public Health Officer, Keonjhar**

OIPR-10033/11/0008/2324

## GOVT. OF ODISHA DEPARTMENT OF WATER RESOURCES

### OFFICE OF THE SUPERINTENDING ENGINEER, MAHANADI NORTH DIVISION-I, JAGATPUR, CUTTACK

E-mail ID :- exengr.mnd@gmail.com

**'e' Procurement Notice No- MND-04/2023-24**

**No. A-125:-** The bid documents consisting of work, estimated cost, cost of tender paper, EMD, time of completion, class of contractor, the set of term & conditions of contract and other necessary documents can be seen in e- procurement portal www.tendersorissa.gov.in. The tender submission process will be completely online.

**BIDDERS REGISTERED THEMSELVES UNDER CDMS PORTAL ONLY CAN PARTICIPATE IN THE BIDDING PROCESS AFTER 31.12.2020 AS PER WORKS DEPTT. LETTER NO- 9100 DATED 17.07.2020.**

1. Nature of Work : **River Embankment & Road Work**
2. Total No. of Works : 3 (Three) works
3. Bid Identification No : MND-04/2023-24
4. Tender Cost : Rs.55.17 Lakhs to Rs.68.01 Lakhs
5. Class of Contractor : "B" Class
6. Period of completion : 9 (Nine) Months
7. Other Details : As noted below
   a) Procurement Officer : Superintending Engineer, Mahanadi North Division-I, Jagatpur, email: exengr.mnd@gmail.com Ph:- 0671-2491546
   b) Availability of Tender On-line for bidding : 10.00 Hours of 15.05.2023 to 17.30 Hours of 29.05.2023
   c) Last date & time of submission of bid document : 17.30 Hours of 29.05.2023
   d) Date, time & place of opening of Technical bid : 30.05.2023 at 11.30 Hours in the O/o the Superintending Engineer, Mahanadi North Division-I, Jagatpur
   e) Date, time & place of opening of Financial bid : After evaluation of Technical Bid
   f) Date of Lottery (if required) : Intimated Later on.

   Further details can be seen from the Govt. website "**https://tendersodisha.gov.in**"

**Sd./- Superintending Engineer, Mahanadi North Division-I, Jagatpur**

OIPR-32003/11/0003/2324

## GOVERNMENT OF ODISHA
### OFFICE OF THE SUPERINTENDING ENGINEER, BIDYADHARPUR CANAL DIVISION, BIDYADHARPUR

**(E-mail Id: eebcdivision@gmail.com)**

**No. A-133** **Bid Identification No. SEBCD - 01/01 of 2023-24**

| Name of the Procurement Office | Name of Work | Bid Id No. | Tender Cost in Lakhs (Appx.) | EMD Cost | Cost of Bid Document (Online) | Availability of Tender | | Date of Opening |
|---|---|---|---|---|---|---|---|---|
| | | | | | | From | To | |
| Superintending Engineer, Bidyadharpur Canal Division, Bidyadharpur | Providing man power services for security arrangement for Salandi Dam at Hadagarh and Salandi Barrage at Bidyadharpur on contract basis through service provider for the period from June 2023 to March 2024. | SEBCD-01/ 01 of 2023-24 | 23.68 | 24000/- | 6000/- | 15.05.23 11.30 hrs. | 25.05.23 17.00 hrs. | 26.05.23 11.30 hrs. |

Further details can be seen from the Govt. website **www.odisha.gov.in / www.dowrodisha.gov.in**. Addendum/Corrigendum/Cancellation if any required will be published in Govt. website only.

**OIPR-32240/11/0002/2324** **Sd./- Superintending Engineer, Bidyadharpur Canal Division, Bidyadharpur**

## Office of the Notified Area Council, Barpali

**No.871/Dt.12.05.2023**

### QUOTATION CALL NOTICE

**No.C-298:-** Sealed Quotations are invited in prescribed format from the registered /reputed firm/Manufactures having up to date GST clearance certificate /PAN card etc. for supply and Installation of **MO LOVE BARPALI** in front of Subala Sahu Park with required specification mentioned in the quotation. The Quotationer shall have to quote the price unit wise including all taxes. The rate quoted documents should be submitted to the undersigned on or before 22.05.2023 up to 11.30 am during office hour through registered post/ speed post or in person drop in tender box and the same will be opened on dated 22.05.2023 at 12.30pm in presence of quotationers or their authorized representative. Beyond the date and time or any postal delay no quotation shall be entertained. The detailed specification of quotation will also be available in district website of Bargarh i.e www.bargarh.nic.in and www.barpali.nic.in. The quotationer shall have to deposit Rs.2,000/- only towards paper cost (Non-Refundable) in shape of Demand Draft in favour of Executive Officer, Barpali NAC payable at Barpali from any Nationalized bank and EMD of Rs.10,000/-(Rupees Ten Thousand) only in shape of Fixed deposit receipt duly pledged in favour of Executive Officer, Barpali NAC which is refundable. The undersigned has the right to reject whole or part of the quotation without assign any reason thereof.

**By the Order of Chairperson**

OIPR-13127/11/0002/2324 **Sd./- Executive Officer, NAC, Barpali**

## TENDER NOTICE FOR MEDICINES, MEDICAL CONSUMABLE & BEDDING CLOTHING ITEMS OF FMMC&H, BALASORE (2023-24)

**Bid Ref. No. 1921/S/FMMCHB** **Date: 12.05.2023**

No. E-106: FMMC&H, Balasore invites sealed tender from registered firm/Agencies/Company for Medicines, Medical consumable & Bedding clothing items for FMMC&H, Balasore. The proposal in the prescribed format along with all supportive documents should reach to the Office of the Superintendent, FMMCH, Balasore by Dt.13.06.2023 upto 5 P.M. through Registered Post/Speed Post/Courier only and the same will be opened on Dt.16.06.2023, 11 A.M. at Office Chamber of Superintendent, FMMCH, Balasore. Application form as well as other details will be available and downloaded from district website **www.baleswar.nic.in / www.blsmch.nic.in**. Authority reserves every rights to reject all or any of the tender without assign any reason thereof.

**Sd./- Superintendent FMMC&H, Balasore**

OIPR-10134/11/0002/2324

## DEOGARH MUNICIPAL COUNCIL, DEOGARH

eo-deogarhmncp@gov.in

**Notice No.: 1010** **Dated: 11.05.2023**

No.C-307:- Deogarh Municipality invites online tender from experienced, competent and eligible Bidders in two envelope system for Conducting Drone Survey, Hydrographic Survey of "Rejuvenation of Water bodies" Under Jurisdiction of Deogarh Municipality" as scheduled under:-

| | |
|---|---|
| Nature of the work | Conducting Drone Survey, Hydrographic Survey |
| No of works | 2nos |
| Cost of Tender document | As per NIT |
| Last Date of Selling Tender Document | Upto 17.00Hrs. on dated 18.05.2023 |
| Last date of offline submission of Technical and Financial Bid | Up to 17.00Hrs. on dated 18.05.2023 |
| Date & time of opening of Technical Bid | At. 11.00 Hrs. on dated 20.05.2023 at Council Hall of Deogarh Municipality |
| Date & time of opening of Financial Bid | At. 11.00 Hrs. on dated 20.05.2023 at Council Hall of Deogarh Municipality |

Further details can be seen from www.deogarh.nic.in

**Sd./- Executive Officer, Deogarh Municipality**

OIPR-13088/11/0003/2324

## OFFICE OF THE NOTIFIED AREA COUNCIL, RAMBHA

**Rambha, NAC, Ganjam, Odisha-761028**

**Tel:06810-278336, E-mail:rambhanac123@gmail.com**

**Letter No.1179/NAC** **Dated 12.05.2023**

**REQUEST FOR PROPOSAL (RFP) FOR CONDUCTING DRONE SURVEY, HYDROGRAPHIC SURVEY FOR "REJUVENATION OF WATERBODIES" UNDER JURISDICTION OF RAMBHA NAC**

**No.C-296:**Proposals are invited to conduct the assignment & submit the deliveries from public sector undertakings/ Autonomous bodies/consulting registered architectural firms that have requisite experience in CONDUCTING DRONE SURVEY, HYDROGRAPHIC SURVEY FOR "REJUVENATION OF WATERBODIES". Details of the bid document can be obtained from the office of Rambha NAC by paying the bid processing fees Rs.1000/-(Rupees one thousand) only (non refundable) during office hours on or before due dates.

The completed application as per instructions in the RFP Document should reach the following address by hand/registered post/speed post/courier latest by 5.00 P.M of 23.05.2023. The undersigned reserves the sole right to accept or reject any or all proposals without assigning any reason thereof.

| | |
|---|---|
| Cost of Bid document | Rs.1000/- (Non-refundable) (Cash/Demand Draft from any scheduled bank should be in favour of Executive Officer, RAMBHA NAC payable at Rambha. |
| Date of Selling Tender Document | From 07.00 Hrs. of 15.05.2023 upto 13.00 Hrs. of date 23.05.2023 |
| Last date of offline submission of Technical Bid | Upto 17.00 Hrs. on dated 23.05.2023 |
| Date & Time of opening of + Technical Bid | At:11.00 Hrs. on dated 24.05.2023 at Council Hall of RAMBHA NAC |
| Date & Time of Opening of Financial Bid | At 11.00 Hrs. on dated 24.05.2023 at Council Hall of Rambha NAC |
| Validity of offer | 90 days after the last date fixed for submission of Bid |

**OIPR-13114/11/0005/2324**

## STATE FOREST HEADQUATERS, ODISHA
### OFFICE OF THE PRINCIPAL CHIEF CONSERVATOR OF FOREST & HOFF, ODISHA

**ARANYA BHAWAN, CHANDRASEKHARPUR, BHUBANESWAR - 23**

**NOTICE No. 467/1F (FU&FP) (FU) - 114/2023**

**Dated, Bhubaneswar the 11th May, 2023**

No. MM-26: In pursuance of G.A. Department Resolution No. 23750/Gen Dt.27.08.2014, applications are invited from intended retired Administrative Officers/Establishment Officers/ SOs personnel for engagement as "Consultant" (Level 11 to 14 under ORSP Rule, 2017) in Protection & Sustainable Management (P&SM) Wing of Office of the Principal Chief Conservator of Froests & Head of Forest Forece, Odisha, with consolidated remuneration as per Govt. of Odisha, Finance Department Office Memorandum No. 24533/F dated 29.09.2022. This engagement shall be initially for a period of One Year, renewable on annual basis depending on assessment of performance. The details of engagement are available in the website of Principal Chief Conservator of Forests & Head of Forest Forece, Odisha i.e. **www.odishaforest.in/forest.odisha.gov.in w.e.f. 16.05.2023**.

The authority reserves the right to accept or reject the applications without assigning any reason thereof.

The last date for receipt of application is 24.05.2023 upto 5.30 P.M.

**Sd./- Chief Conservator of Forests (Protection & Sustainable Management)**

OIPR-08002/11/0005/2324

## DIRECTORATE OF EMPLOYEES' STATE INSURANCE SCHEME, ODISHA, BHUBANESWAR

**Plot No. A/122, Unit - 8, Nayapalli, Bhubaneswar - 751012**

**Ph. No.: 0674-2392497 / E-mail id: directoresis@gmail.com**

**No. 5299/DESI, FE-II-75/2023** **Dated: 12.05.2023**

### ADVERTISEMENT

**RE-ENGAGEMENT OF RETIRED GOVERNMENT PHARMACIST, STAFF NURSE, LABORATORY TECHNICIAN & RADIOGRAPHER TO WORK UNDER DIFFERENT HOSPITALS/DISPENSARIES UNDER EMPLOYEES STATE INSURANCE SCHEME, ODISHA**

No. K-03: Application in the prescribed form is invited from willing and eligible retired Government Pharmacist, Staff Nurse, Laboratory Technician & Radiographer for engagement in different Hospitals/Dispensaries under Directorate of ESI Scheme, Odisha on contractual monthly remuneration basis. Interested applicants under the age 65 years shall submit their filled-in application with requisite self-attested documents, a passport size photograph through Registered Post/Speed Post only, which should reach this Directorate on the abvoe address on or before 30.05.2023 between 5 P.M. The interested persons may download the application form from the Government website **www.odisha.gov.in** from 15.05.2023 onwards.

The authroity reserves the right to reject any or all the applications without assigning any reasons thereof.

**Sd./- Director, ESI Scheme Odisha, Bhubaneswar**

OIPR-17005/11/0002/2324

## Government of Odisha
### Department of Agriculture & Farmers Empowerment
### Directorate of Agriculture & Food Production, Odisha, Bhubaneswar

**Notice No. DE/AGR/ 1148 / Date 12.05.2023**

No. L-28:- **Expression of Interest for empanelment/approval of Manufacturers and Make & Model of improved Implements, Equipment and Machinery relating to Agriculture, Fisheries & Animal Resource Development sector including Kisan Drones (for Agriculture use) for 2023-24, 1st phase for popularization under different schemes of Government of Odisha**

**CORRIGENDUM NO.1 TO THE NOTICE NO. DE/AGR/1072 DTD. 26.04.2023 PUBLISHED IN DIFFERENT EDITIONS OF DHARITRI, SAMBAD & TIMES OF INDIA ON 27.04.2023 IS AS FOLLOWS:**

| | | |
|---|---|---|
| 1. | Offers can be submitted online through the link: | https://forms.gle/FfyrtkmaGdSBJoMA7 or https://forms.gle/6Knh8xUVzvBwv2Gc6. |
| 2. | Last date of submission of EOI in online mode: | 5:00 PM of 24.05.2023 |
| 3. | Last date of submission of hard copies of uploaded documents: | 5:00 PM of 29.05.2023 |
| 4. | Date of opening of EoI: | At 11 :00 A.M. on 30.05.2023 |

**All other terms and conditions of the EoI remain unchanged.**

**Sd./- Development Engineer, OFMRDC, Bhubaneswar**

OIPR-01051/11/0004/2324

## BHUBANESWAR MUNICIPAL CORPORATION

**Phone: 0674-2432081, Mail: cfo@bmc.gov.in**

**No. 22953** **Dated: 10.05.2023**

### TENDER CALL NOTICE

No. C-310: Sealed tenders in conformity to tender schedule are invited from intending authorized registered firms, Manufacturers, suppliers having eligibility criteria as noted below, for supply of office Stationeries to Bhubaneswar Municipal Corporations as to reach the undersigned through Registered Post/Speed Post only upto 4.00 P.M. on Dt.29.05.2023. The tender documents to be obtained from the Cashier, BMC on deposit of the non-refundable cost of the tender paper, in shape of cash by Dt.26.05.2023, subjects to the fulfillment of eligibility criteria. The tenders will be opened at 5.00 P.M. on Dt.29.05.2023 in presence of the bidders or their authorised representatives in the Officer Chamber of Deputy Commissioner (Store), 3rd Floor, BMC Main Building, Satyanagar, will in no way be responsible for any delay in receipt of the tender documents. The envelope should subscribe as "Tender for supply of Office Stationeries".

| Sl. No. | Name of the Work | Cost of Tender Documents | E.M.D. | List of Materials |
|---|---|---|---|---|
| 1 | Supply of Office Stationeries | Rs.1000/- | Rs.10000/- | Annexure - A |

The tender must be accompanied with the required EMD in shape of Bank Drafts/Pay Order/Bankers Cheque from any Nationalized/Scheduled Bank drawn in favour of Commissioner,BMC, failling which the tender shall be rejected outrightly. The tender should also be accompanied with Xerox copy of valid and up-to-date ITCC, PAN Card and GST Clearance Certificate issued by Taxing Officer without which the tender are liable for outright rejection. Mere Procurement of tender document does not guarantee for fulfillment of the eligibility criteria. The authority reserves right to accept or reject any tender without assigning any reason thereof.

By Order,

**Sd./- Deputy Commissioner Bhubaneswar Municipal Corporation**

OIPR-13002/11/0034/2324

## GOVERNMENT OF ORISSA
### OFFICE OF THE EXECUTIVE ENGINEER, RURAL WORKS DIVISION, RAYAGADA

No.O-134

**Email: rw_rayagada@yahoo.co.in; Phone No. 06856-222188**

**E-Procurement Notice** **Bid Identification No.: EERWRGD - Online - 01/2023-24**

**No.1272 Date: 12.5.2023**

**1. Name of the work:** Construction of Building works for the year 2023-24. **2. Total No. of works:** 1 No. (Percentage rate tender). **3. Estimated Cost:** 43.80 lakhs. **4. Class of Contractor:** "B". **5. Time of Completion:** Specified in DTCN. **6. Mode of Submission of Tender:** Tender should be submitted only in online https://www.tendersodisha.gov.in. **7. Other details:** Detailed tender condition specified in DTCN.

| Procurement Officer | Bid Identification No. | No. of Works | Availability of tender On-line for bidding | | Date & Time of opening of Tender |
|---|---|---|---|---|---|
| | | | From | To | |
| 1 | 2 | 3 | 4 | 5 | 6 |
| Executive Engineer, Rural Works Division, Rayagada | **EERWRGD Online-01/ 2023-24** | 01 (One) No. | 20.05.2023 at 11.00 A.M. | 29.05.2023 upto 5.00 P.M. | 30.05.2023 at 11.00 A.M. |

Further details can be seen from the website **www.tendersorissa.gov.in**

OIPR-25072/11/0001/2324 **Sd./- Executive Engineer, R.W. Division, Rayagada**

Classified Display on Every Tuesday and Friday

## Office of the Notified Area Council, Barpali

**No. 775/Dt. 03.05.2023**

### SHORT QUOTATION CALL NOTICE

No.C-294:- Sealed quotations are invited from the reputed firm /organization/ agency for Hydrographic survey for restoration of the water bodies below mentioned under NAC Barpali of Bargarh District.

**1. Khajuri Bandha, 2. Kuka Bandha, 3. Karamunda Bandha, 4. Kadli Bandha, 5. Jugimunda Bandha**

The details of the requirements are given below:-

The Bid documents along with detailed specifications and eligibility criteria of the above works can be downloaded in district website of Bargarh i.e. www.bargarh.nic.in and NAC, Barpali website i.e. www.nacbarpali.in.The bidders are required to submit the Quotation in a sealed envelope superscribed as **"Tender for Hydrographic survey of water bodies"** complete in all respect which should reach at the NAC Barpali of Bargarh District on or before Dtd. 17.05.2023 by 11.30 AM either by hand or by post. The Bid documents will be **opened on Dtd 17.05.2023 at 12.30 PM** in the Office Chamber of Executive Officer, NAC Barpali. All the bidders are requested to remain present personally during Bid opening or send their authorised representative.

The following documents are to be attached without which the document will be treated as non-responsive and rejected:-

- g. **Copy of GST certificate**
- h. **PAN/TAN CARD**
- i. **Address proof**

**Award of contract:-**

The NAC, Barpali will award the contract to the successful bidder whose quotation will be determined to be substantially responsive and who will offer the lowest quotation price.

- u) The successful bidder should make Hydrographic Survey of existing water bodies in NAC, Barpali area for restoration work of water bodies.
- v) The Successful bidder should make the Bathymetric survey and submit the details of longitude, latitude of under clay level and water level, inlet and outlet etc along with 3D map of the existing water bodies.
- w) The selected bidder will bear all the cost of both the survey and submission of report along with the 3D map.
- x) The payment will be made to the successful bidder after submission of details report as per point "b" & "c" along with the bill after certification of concerned nodal officer.
- y) In case more than one bidder quoted with same lowest price for the same item & then the bid accepting authority will finalize the bid through transparent lottery system in presence of bidder or their authorized representative.
- z) The selected bidder will complete the assignment within 7(seven) days from the issue of work order.
- aa) Work order to the successful bidder will be provided by NAC, Barpali.
- bb) In case the service delivered is not satisfactory, penalty up to 25 % shall be levied from the bill amount.
- cc) The weightage will be given to the bidder who has similar type of experience.
- dd) The undersigned reserves the right to accept or reject any or all the bids without assigning reason thereof.

All the bidders are requested to specify the nature of works as mentioned above on the top of the envelope containing the bid documents.

**By the Order of Chairperson**

OIPR-13127/11/0001/2324 **Sd./- Executive Officer, NAC, Barpali**

## MADHUSUDAN DAS REGIONAL ACADEMY OF FINANCIAL MANAGEMENT

**CHANDRASEKHARPUR, BHUBANESWAR – 23,**

**TELE PHONE (0674) – 2300394**

**Website – madhusudanacademy.odisha.gov.in**

**E-Mail: mdrafm@odisha.gov.in**

### TENDER CALL NOTICE

No. S-09:- Sealed quotations are invited from interested Travel Agencies / Tour Operators / Private individuals for providing two vehicles as detailed below on hire basis in accordance with F.D. OM No.30464/F dt.06.09.2019 & No.29819/F., dt.30.11.2022 for official use in Madhusudan Das Regional Academy of Financial Management, Bhubaneswar, Odisha.

**Vehicles Details**

| Sl. No. | Type of vehicle | No. of vehicle required | Maximum Hire charges per month (excluding Fuel cost and GST) | Minimum Average Mileage in KMs per litre |
|---|---|---|---|---|
| 1. | Zest/Tigor/Swift Dzire/ Xcent/ Etios **(Its equivalent, preferably a Cuttack based vehicle & AC Petrol vehicle)** | 1(one) | Rs.26,000.00 (Twenty six thousand) | 17 (Seventeen) |
| 2. | Tiago/Bolt/Celerio (Its equivalent, preferably AC Petrol vehicle) | 1(one) | Rs.20,000.00 (Twenty thousand) | 17 (Seventeen) |

The details of terms and conditions for hiring & bidding and the bid document have been enumerated in the office website: **https://madhusudanacademy.odisha.gov.in** along with the tender call notice. The Sealed quotations completed in all respect are required to reach the undersigned by dt. 27.05.2023 by 5.00 P.M. and the received quotations will be opened on dt. 28.05.2023 at 11.00 A.M. in presence of the interested bidders. The undersigned reserves the right to reject or cancel the tender without any reason thereof.

OIPR-05004/11/0001/2324 **DIRECTOR**

**ଜନ୍ମଦିନର ଶୁଭେଚ୍ଛା**

ନାମ: ................................
ବୟସ:................................
ଜନ୍ମ ତାରିଖ: ............................



ରାନୀ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# କର୍ଣ୍ଣାଟକ ନିର୍ବାଚନ ଫଳ ଆଜି

**ବେଙ୍ଗାଲୁରୁ,୧୨।୫**

କର୍ଣ୍ଣାଟକ ବିଧାନସଭାର ୨୨୪ ଆସନ ପାଇଁ ମେ' ୧୦ରେ ଅନୁଷ୍ଠିତ ନିର୍ବାଚନ ଫଳ ଶନିବାର ପ୍ରକାଶ ପାଇବ। ବୁଧବାର ୭୩.୧୯% ମତଦାନ ହୋଇଥିଲା, ଯାହାକି ରାଜ୍ୟରେ ଅଦ୍ୟାବଧି ସର୍ବାଧିକ। ଏହି ନିର୍ବାଚନରେ ଅଧିକାଂଶ ଆସନରେ ଭାରତୀୟ ଜନତା ପାର୍ଟି (ଭାଜପା), କଂଗ୍ରେସ ଏବଂ ପୂର୍ବତନ ପ୍ରଧାନମନ୍ତ୍ରୀ ଏଚ୍.ଡି. ଦେବେଗୌଡ଼ାଙ୍କ ଧର୍ମନିରପେକ୍ଷ ଜନତା ଦଳ (ଜେଡିଏସ୍) ମଧ୍ୟରେ ତ୍ରିମୁଖୀ ପ୍ରତିଦ୍ୱନ୍ଦ୍ୱିତା ହୋଇଥିବା କୁହାଯାଉଛି। ଉଭୟ ଭାଜପା ଏବଂ କଂଗ୍ରେସ ନିଜ ସପକ୍ଷରେ ଫଳାଫଳ ଆସିବା ଆଶା କରୁଥିବାବେଳେ ଅଧିକାଂଶ ଏକ୍‌ଜିଟ୍ ପୋଲ୍ ବିରୋଧୀ ଦଳକୁ ଅଧିକ ଆସନ ଦେଇଛନ୍ତି। ତଥାପି ଝୁଲା ବିଧାନସଭାର ସଙ୍କେତ ମିଳିଛି। ୨୦୨୪ ଲୋକ ସଭା ନିର୍ବାଚନ ପୂର୍ବରୁ ଏହା ଭାଜପା-କଂଗ୍ରେସ ମଧ୍ୟରେ ସବୁଠୁ ବଡ଼ ଲଢ଼େଇ ହୋଇଥିବାରୁ ଫଳାଫଳ ଉପରେ ସମସ୍ତଙ୍କ ନଜର ରହିବ। ସରକାର ଗଠନ ପାଇଁ ମ୍ୟାଜିକ୍ ନମ୍ବର ୧୧୩। ତେଣୁ ଉଭୟ ଶାସକ ଓ ବିରୋଧୀ ନିଅଣ୍ଟ ପଡ଼ିବାକୁ ଥିବା ସଂଖ୍ୟା ହାସଲ ଲାଗି ବିଜୟ ସମ୍ଭାବନା ଥିବା ସ୍ୱାଧୀନ ବିଧାୟକ ପ୍ରାର୍ଥୀମାନଙ୍କ ସହ ଯୋଗସୂତ୍ର ଆରମ୍ଭ କରିଛନ୍ତି। ଅନ୍ୟପକ୍ଷେ ଜେଡିଏସ୍ ନେତା ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ଏଚ୍.ଡି. କୁମାରସ୍ୱାମୀ 'କିଙ୍ଗ୍ ମେକର' ଭୂମିକାରେ ଅବତୀର୍ଣ୍ଣ ହୋଇପାରନ୍ତି। ତେବେ କୁମାରସ୍ୱାମୀ ଏଥର 'କିଙ୍ଗ୍' ହେବା ନେଇ ଆଶାବାଦୀ ଥିବା କହିଛନ୍ତି। ଶନିବାର ସକାଳ ୮ଟାରେ ଭୋଟ ଗଣତି ଆରମ୍ଭ ହେବ। ଗଣତି ପାଇଁ କଡ଼ା ସୁରକ୍ଷା ବନ୍ଦୋବସ୍ତ କରାଯାଇଛି। ନିର୍ବାଚନ କମିଶନଙ୍କ ୱେବ୍‌ସାଇଟ୍ eci.gov.in.ରେ ଲାଇଭ୍ ଅପ୍‌ଡେଟ୍ ଉପଲବ୍ଧ ହେବ।

# ମହଙ୍ଗା ପଡ଼ିଲା ଅଭିଯୋଗ

## ୨ ମନ୍ତ୍ରୀଙ୍କ ଇସ୍ତଫା

**ଭୁବନେଶ୍ୱର, ୧୨।୫(ବ୍ୟୁରୋ)**

ଭୁବନେଶ୍ୱର, ୧୨।୫(ବ୍ୟୁରୋ)- ବିଜେଡି ସରକାର ତାଙ୍କ ୫ମ ପାଳିରେ ୨ୟ ଥର ଲାଗି ମନ୍ତ୍ରିମଣ୍ଡଳ ଅଦଳ ବଦଳ କରିବାକୁ ଯାଉଛନ୍ତି। ବାଚସ୍ପତି ବିକ୍ରମ କେଶରୀ ଆରୁଖଙ୍କ ସମେତ ରାଜ୍ୟର ଦୁଇ ରାଷ୍ଟ୍ରମନ୍ତ୍ରୀ ସମୀର ରଞ୍ଜନ ଦାଶ ଏବଂ ଶ୍ରୀକାନ୍ତ ସାହୁ ତାଙ୍କ ପଦରୁ ଇସ୍ତଫା ଦେଇଛନ୍ତି। ଆଗକୁ ଆଉ କେତେଜଣ ମନ୍ତ୍ରୀ ଇସ୍ତଫା ଦେବାନେଇ ଚର୍ଚ୍ଚା ହେଉଛି।

ଉଭୟ ସମୀର ଏବଂ ଶ୍ରୀକାନ୍ତଙ୍କ ବିରୋଧରେ ହତ୍ୟା ଓ ନାରୀ ନିର୍ଯାତନା ଭଳି ସଙ୍ଗୀନ ଅଭିଯୋଗ ରହିଛି। ଏହା ସେମାନଙ୍କ ପାଇଁ ମହଙ୍ଗା ପଡ଼ିଛି। ଏଥିପାଇଁ ଉଭୟଙ୍କୁ ମନ୍ତ୍ରିମଣ୍ଡଳରୁ ଇସ୍ତଫା ଦେବାକୁ ପଡ଼ିଥିବା ନେଇ ଚର୍ଚ୍ଚା ହେଉଛି। ନିମାପଡ଼ା ନିର୍ବାଚନମଣ୍ଡଳୀ ଗୋପ ବ୍ଲକ ୧୧ ନମ୍ବର ଜୋନ୍‌ର ପୂର୍ବତନ ଜିଲା ପରିଷଦ ସଦସ୍ୟ ଧର୍ମେନ୍ଦ୍ର ସାହୁଙ୍କ ଆତ୍ମହତ୍ୟା ଘଟଣାରେ ସମୀର ବିବାଦୀୟ ହୋଇପଡିଥିଲେ। ବିରୋଧୀ ଦଳ ଏହି ପ୍ରସଙ୍ଗକୁ ନେଇ ସରକାରଙ୍କୁ କଡା ସମାଲୋଚନା କରିବା ସହ ମନ୍ତ୍ରୀଙ୍କ ଇସ୍ତଫା ଦାବି କରି ଆସୁଛନ୍ତି। ଅନ୍ୟ ପକ୍ଷରେ ମେ ୨ ତାରିଖରେ ଗୋପ ବ୍ଲକର ୧୧ ନମ୍ବର ଜୋନ୍ ଜିଲା ପରିଷଦ ଆସନ ଲାଗି ହୋଇଥିବା ଉପନିର୍ବାଚନରେ ବିଜେଡି ପ୍ରାର୍ଥୀ ଭାଜପା ଠାରୁ ପରାସ୍ତ ହୋଇଛନ୍ତି। ଏହି ପରାଜୟ ସମୀରଙ୍କ ପାଇଁ ଅଡୁଆ ପରିସ୍ଥିତି ସୃଷ୍ଟି କରିଥିଲା। ସମୀରଙ୍କ ଇସ୍ତଫା ପଛରେ ଏହା ଆଉ ଏକ କାରଣ ବୋଲି ଆଲୋଚନା ହେଉଛି।

ସେହିପରି ଗଞ୍ଜାମ ଜିଲାରୁ ପ୍ରଥମ ଥର ମନ୍ତ୍ରୀ ହୋଇଥିବା ଶ୍ରୀକାନ୍ତ ସାହୁ ମଧ୍ୟ ବିବାଦ ଘେରରେ ରହିଛନ୍ତି। ଶ୍ରୀକାନ୍ତଙ୍କ ବିରୋଧରେ ଜଣେ ବିଜେଡି ନେତ୍ରୀ ଯୌନ ନିର୍ଯ୍ୟାତନା ଅଭିଯୋଗ ଆଣିଛନ୍ତି। ସେହି ନେତ୍ରୀ ଜଣଙ୍କ ଭୁବନେଶ୍ୱର ମହିଳା ଥାନାରେ ମଧ୍ୟ ଅଭିଯୋଗ କରିଥିଲେ। ଏହାକୁ ନେଇ ବିରୋଧୀ ତାଙ୍କ ଇସ୍ତାଫା ଦାବି କରି ଆସୁଛନ୍ତି। ନିକଟରେ ସମ୍ପୃକ୍ତ ନେତ୍ରୀ ଜଣଙ୍କ ଶଙ୍ଖ ଭବନ ଉଦ୍‌ଘାଟନୀ ଉତ୍ସବରେ ଯୋଗ ଦେଇଥିବା ବେଳେ ତାଙ୍କୁ ସେଠାରେ କାନ୍ଦୁଥିବା ଦେଖିବାକୁ ମିଳିଥିଲା। ଉକ୍ତ ଅଭିଯୋଗକୁ ଶ୍ରୀକାନ୍ତ ଅସ୍ୱୀକାର କରିଛନ୍ତି। ବିଜେଡି ନେତ୍ରୀଙ୍କ ଅଭିଯୋଗ ଶ୍ରୀକାନ୍ତ ପାଇଁ ମହଙ୍ଗା ପଡିଲା। ଏଥିପାଇଁ ମନ୍ତ୍ରିମଣ୍ଡଳରୁ ତାଙ୍କୁ ଇସ୍ତଫା ଦେବାକୁ ପଡିଥିବା ନେଇ ଚର୍ଚ୍ଚା ହେଉଛି।

ତେବେ ଇସ୍ତଫା ଦେବା ପରେ ଉଭୟ ସମୀର ଓ ଶ୍ରୀକାନ୍ତ ଗଣମାଧ୍ୟମକୁ କହିଛନ୍ତି ଯେ ସାଧାରଣ ନିର୍ବାଚନକୁ ଆଉ କିଛି ମାସ ରହିଛି। ସାଙ୍ଗଠନିକ କାର୍ଯ୍ୟରେ ସମୟ ଦେଇ ପାରୁ ନ ଥିବାରୁ ନିଜ ଆଡୁ ଇସ୍ତଫା ଦେଇଥିବା କଥା କହିଛନ୍ତି। ଅନ୍ୟ ପକ୍ଷରେ ବାଚସ୍ପତି ପଦରୁ ବିକ୍ରମଙ୍କ ଇସ୍ତଫା ଅପ୍ରତ୍ୟାଶିତ ହୋଇଥିଲେ ମଧ୍ୟ ସେ ଗଞ୍ଜାମ ଜିଲାରୁ ନବୀନଙ୍କ ମନ୍ତ୍ରିମଣ୍ଡଳରେ ସ୍ଥାନ ପାଇବା ସମ୍ଭାବନା ରହିଛି। ଏକ ଅସମର୍ଥିତ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ବଡମ୍ବା ବିଧାୟକ ଦେବୀ ପ୍ରସାଦ ମିଶ୍ରଙ୍କୁ ବାଚସ୍ପତି କରିବା ନେଇ ଚର୍ଚ୍ଚା ହେଉଛି। ଅପରପକ୍ଷରେ ଶନିବାର ଝାରସୁଗୁଡା ଉପନିର୍ବାଚନ ଫଳାଫଳ ପ୍ରକାଶ ପାଇବ। ତେବେ ଏହି ଆସନରୁ ନବ ଦାସଙ୍କ ଝିଅ ତଥା ବିଜେଡି ପ୍ରାର୍ଥୀ ଦିପାଳୀ ଯଦି ବିଜୟ ହୁଅନ୍ତି ତେବେ ତାଙ୍କୁ ମନ୍ତ୍ରିମଣ୍ଡଳରେ ସ୍ଥାନ ମିଳିବା ନେଇ ଆଲୋଚନା ହେଉଛି।

# ରାଜସ୍ଥାନରେ ପାଇଲଟ୍‌ଙ୍କ ପଦଯାତ୍ରା, ଦିଲ୍ଲୀରେ କଂଗ୍ରେସର ବୈଠକ



ଆଜମେର ଜିଲାରେ ଜନସଂଘର୍ଷ ଯାତ୍ରାରେ କଂଗ୍ରେସ ନେତା ସଚିନ ପାଇଲଟ୍।

**ନୂଆଦିଲ୍ଲୀ,୧୨।୫:** ରାଜସ୍ଥାନ ମୁଖ୍ୟମନ୍ତ୍ରୀ ଅଶୋକ ଗେହଲଟ ଓ ପୂର୍ବତନ ଉପମୁଖ୍ୟମନ୍ତ୍ରୀ ସଚିନ ପାଇଲଟ୍‌ଙ୍କ ମଧ୍ୟରେ ତୁତୁମେମେ ବଢ଼ିବାରେ ଲାଗିଛି। ସଚିନ ପାଇଲଟ ଗୁରୁବାର ତାଙ୍କର ଜନ ସଂଘର୍ଷ ପଦଯାତ୍ରା ଆରମ୍ଭ କରିଛନ୍ତି। ତାଙ୍କର ଏହି ପଦକ୍ଷେପକୁ ଦେଖି ଶୁକ୍ରବାର ଦିଲ୍ଲୀରେ କଂଗ୍ରେସର ଏକ ବୈଠକ ଅନୁଷ୍ଠିତ ହୋଇଛି। ଏଥିରେ ରାଜସ୍ଥାନ କଂଗ୍ରେସର ପ୍ରଭାରୀ ସୁଖଜିନ୍ଦର ରାନ୍ଧୱାଙ୍କ ସମେତ ରାଜ୍ୟ କଂଗ୍ରେସ କମିଟି ସଭାପତି ଗୋବିନ୍ଦ ସିଂ ଡେଟାସରା ଓ ରାଜ୍ୟର ସହ ପ୍ରଭାରୀ ଥିବା କାଜି ନିଜାମୁଦ୍ଦିନ, ବୀରେନ୍ଦ୍ର ରାଠୋର ଓ ଅମୃତା ଧାୱନ ଉପସ୍ଥିତ ଥିଲେ। ବୈଠକ ପରେ ରାନ୍ଧୱା କହିଛନ୍ତି, ପାଇଲଟ୍‌ଙ୍କର ଏହା ବ୍ୟକ୍ତିଗତ ଯାତ୍ରା। ଆମେ ଏହି ଯାତ୍ରା ଉପରେ ନଜର ରଖିଛୁ। ଏହାକୁ ନେଇ ଆମେ କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେଙ୍କୁ ଅବଗତ କରାଇବୁ। ଯେତେବେଳେ ସେ କର୍ଣ୍ଣାଟକରୁ ଦିଲ୍ଲୀ ଫେରିବେ, ଆମେ ଆମ କଥା ତାଙ୍କୁ କହିବୁ ବୋଲି ସେ କହିଛନ୍ତି।

CLASSIFIED DISPLAY
ALL EDITION - B/W (Everyday)
MORE SPACE • SAME PRICE
TARIFF
For Booking Contact 0674-2580385 8637280816, 7894447167, 9338226625

OFFTC ENTERPRISE BHUBANESWAR
ପର୍ସନାଲ୍ ଲୋନ୍
ହୋମ୍ ଲୋନ୍
ପ୍ରପର୍ଟି ଲୋନ୍
ବିଜ୍‌ନେସ୍ ଲୋନ୍
କୃଷି, ଏଜୁକେଶନ
ସ୍ୱରୋଜଗାର
ଗୋଲ୍ଡଲୋନ୍
Time : 10 AM to 6 PM
Ph: (0674) 2916695, 2916696

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# କଂଗ୍ରେସରେ ଯାଜପୁର ଜିଲା ବିଜେଡି ଉପସଭାନେତ୍ରୀ



ପିସିସି ମୁଖ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ମିଶ୍ରଣ ପର୍ବ।

**ଭୁବନେଶ୍ୱର, ୧୨।୫(ବ୍ୟୁରୋ)**

ଯାଜପୁର ଜିଲା ବିଜେଡି ଉପସଭାନେତ୍ରୀ ଆରତୀ ଦେଓ କଂଗ୍ରେସରେ ସାମିଲ ହୋଇଛନ୍ତି। କଂଗ୍ରେସର ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ ଶୁକ୍ରବାର ଆରତୀଙ୍କ ସମେତ କେତେକ କର୍ମୀ ବିଜେଡି ଛାଡ଼ି କଂଗ୍ରେସ ଦଳରେ ମିଶିଛନ୍ତି। ଏହି ଉପଲକ୍ଷେ ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟଠାରେ ଆୟୋଜିତ ମିଶ୍ରଣ ପର୍ବ କାର୍ଯ୍ୟକ୍ରମରେ ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ଶରତ ପଟ୍ଟନାୟକ ସମସ୍ତଙ୍କୁ ପୁଷ୍ପମାଲ୍ୟ, ଉତ୍ତରୀୟ ପ୍ରଦାନକରି ଦଳକୁ ସ୍ୱାଗତ କରିଛନ୍ତି। ଏହି ଅବସରରେ ଶରତ କହିଛନ୍ତି, ଆରତୀଙ୍କ ଯୋଗଦାନ କଂଗ୍ରେସକୁ ଯାଜପୁର ଜିଲାରେ ସୁଦୃଢ଼ କରିବ। ଯାଜପୁର ଜିଲା କଂଗ୍ରେସ ସଭାପତି ମନୋଜ ରାଉତ ଏହି କାର୍ଯ୍ୟକ୍ରମକୁ ସଂଯୋଜନା କରି ସମସ୍ତଙ୍କୁ ସ୍ୱାଗତ କରିଥିଲେ। ଆରତୀ କହିଛନ୍ତି, ଆଗାମୀ ଦିନରେ କଂଗ୍ରେସକୁ ସୁଦୃଢ଼ କରିବାରେ ସେ ନିଷ୍ଠାପର ଭାବେ ତାଙ୍କ ଉଦ୍ୟମ ଜାରି ରଖିବେ।

# ଚୌକି ପାଇଁ କଂଗ୍ରେସ ନେତା ହାତାହାତି

**ରାଉରକେଲା ଅଫିସ,୧୨।୫**

ଚୌକିରେ ବସିବାକୁ କେନ୍ଦ୍ର କରି ଶୁକ୍ରବାର ରାଉରକେଲା କଂଗ୍ରେସ ଭବନରେ ନେତାଙ୍କ ମଧ୍ୟରେ ହାତାହାତି ହୋଇଛି। ରାଉରକେଲା କଂଗ୍ରେସରେ ନେତାଙ୍କ ଏଭଳି ବିଶୃଙ୍ଖଳିତ ଆଚରଣକୁ ନେଇ ସହରରେ ଚର୍ଚ୍ଚା ଜୋର୍ ଧରିଛି।

ସୂଚନା ଅନୁସାରେ, କଂଗ୍ରେସ ବିଧାୟକ ଚିରଞ୍ଜୀବ ବିଶ୍ୱାଳ ଗତ ୮ତାରିଖରେ ଭୁବନେଶ୍ୱର ସ୍ଥିତ ଜୟଦେବ ଭବନରେ ଅନୁଷ୍ଠିତ ଏକ ସଭାରେ ଯୋଗଦେଇ ଆସନ୍ତା ନିର୍ବାଚନରେ ୧୪୭ ନିର୍ବାଚନ ମଣ୍ଡଳୀରେ କଂଗ୍ରେସକୁ ପ୍ରାର୍ଥୀ ମିଳିବେ ନାହିଁ ବୋଲି ମତ ଦେଇଥିଲେ। ତାଙ୍କର ଏହି ମନ୍ତବ୍ୟକୁ ନେଇ ଶୁକ୍ରବାର ରାଉରକେଲା କଂଗ୍ରେସ ପକ୍ଷରୁ ଏକ ଖବରଦାତା ସମ୍ମିଳନୀ ଆୟୋଜନ ହୋଇଥିଲା। ସମ୍ମିଳନୀରେ କଂଗ୍ରେସ ସଭାପତି ଦେବବ୍ରତ ବିହାରୀ, ବରିଷ୍ଠ କଂଗ୍ରେସ ନେତା ବିରେନ ସେନାପତି, ରବି ରାୟ, ପ୍ରବୋଧ ଦାଶ, ଜ୍ଞାନ ଦାଶ, ନିରୁପମା ବଲିୟାର ସିଂ ଓ ସୂର୍ଯ୍ୟକାନ୍ତ ବାରିକ, ପିସିସି ସଭ୍ୟ ସବିର ହୁସେନ ପ୍ରମୁଖ ମଞ୍ଚାସୀନ ରହି ସୂଚନା ଦେଉଥିଲେ। ଏହି ସମୟରେ ଚୌକିରେ ବସିବାକୁ କେନ୍ଦ୍ର କରି କଂଗ୍ରେସର ଦୁଇ ନେତାଙ୍କ ମଧ୍ୟରେ ପ୍ରବଳ ମାଡପିଟ୍ ହୋଇଥିବା ଦେଖିବାକୁ ମିଳିଥିଲା। ଅବଶ୍ୟ ଅନ୍ୟ ନେତାମାନେ ଘଟଣାରେ ହସ୍ତକ୍ଷେପ କରିବାରୁ ବିବାଦ ଥମିଥିଲା। ଏ ନେଇ ଅଖିଳ ଭାରତୀୟ କଂଗ୍ରେସ କମିଟି ପଛୁଆ ବର୍ଗ ରାଷ୍ଟ୍ରୀୟ ସଂଯୋଜକ କୈଳାସ ସାହୁ ଏହି ଘଟଣାକୁ ନିନ୍ଦା କରିବା ସହ ରାଜ୍ୟ କଂଗ୍ରେସ ସଭାପତିଙ୍କୁ ଅବଗତ କରାଯାଇଥିବା କହିଛନ୍ତି। ସେହିପରି ରାଉରକେଲା କଂଗ୍ରେସ ସଭାପତି ଦେବବ୍ରତ ବିହାରୀଙ୍କୁ ପଚାରିବାରୁ ଆଜିର ଘଟଣା ନିନ୍ଦନୀୟ। ଦଳରେ ବିଶୃଙ୍ଖଳା ସୃଷ୍ଟି କରୁଥିବା ବ୍ୟକ୍ତିଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ଦଳ ମୁଖିଆଙ୍କୁ ଅବଗତ କରାଯିବ ବୋଲି ସେ କହିଥିଲେ।



ଚୌକିକୁ ନେଇ କଂଗ୍ରେସ ନେତାଙ୍କ ମଧ୍ୟରେ ମାଡପିଟ୍ ଦୃଶ୍ୟ।

**Classified Everyday**
0674-2580101, 2549949



REAL ESTATE
SALE

ISO 9001- 2015 ସ୍ୱୀକୃତିପ୍ରାପ୍ତ କମ୍ପାନୀରୁ ନିଜ ମନ ପସନ୍ଦର ପ୍ଲଟ୍ / ଘର କିଣିବା ସହିତ ମାସିକ ରୋଜଗାରର ସୁବିଧା ପାଆନ୍ତୁ । ପ୍ରଥମ ୧୦୦ ଜଣଙ୍କୁ ଅଗ୍ରାଧିକାର ଦିଆଯିବ । ନାମ ପଞ୍ଜୀକରଣ ପାଇଁ ଯୋଗାଯୋଗ କରନ୍ତୁ- 8658992600. D-74851

ପିତାପଲ୍ଲୀରେ immediate ଘର କଲାଭଳି ପ୍ଲଟ୍ road, ଇଲେକ୍ଟ୍ରିସିଟି ଥାଇ ମିଳୁଛି। 8867080780. D-74858

Residential plot for sale just 3.5km from KIIT Square, Bhubaneswar, immediate registration/possession. 8917362239. D-74859

4 BHK luxurious flat for sale at unit -3 Kharavelanagar, behind Ram Mandir Construction work going on contact- 9438362399. D-0263

For sale 2BHK, 2Bath flat in Bhabani Enclave, Saheed Nagar, BBSR. Covered parking 1100sqft. built-up area Club house, Gym, Children's Park, 24/7 security, CCTV, Power backup. 95lakhs. Call- 8763747394. D-71561

4 Bedroom under construction individual duplex house sale at Gita Engineering College, NH-5 Goharia Chhak, Bhubaneswar cost @85lac. Mob-9938867397. D-0338

ଭୁବନେଶ୍ୱର କାଟେଣୀ ନିକଟରେ Bank Loanରେ ପ୍ଲଟ୍ sqft.-980/-ରେ ମିଳୁଛି। 9439668575. D-74850

ଭୁବନେଶ୍ୱର ଟଙ୍କପାଣି ସାଇ ମନ୍ଦିର ନିକଟରେ ଘରବାରି, ପାଚେରି, ପ୍ଲଟ୍ ପଟ୍ଟାରୁ ବିକ୍ରିହେବ। 9827119799. D-0332

ଭୁବନେଶ୍ୱର କଳିଙ୍ଗନଗରରେ ଘର ଉପଯୋଗୀ ପ୍ଲଟ୍ 30' ରାସ୍ତାଥାଇ କିଣନ୍ତୁ ଓ BDA Housing Projectକୁ ଲାଗି sqft. 650/-. 9348767829, 7978850450.- D-74855

PURCHASE

ଭୁବନେଶ୍ୱରରେ ଯେଉଁ flat owners ନିଜର 2/3BHK flat ବିକିବାକୁ ଚାହୁଁଥିବେ 7653898752. D-74308



CONSTRUCTION

Construct your home @ 499/-, 1340/- with branded materials includes architecture, structure 3years FMC, provide BDA plan approval, boring, interiorwork- SNV Construction. 9439295469. D-74842

Construct your Dream home @460/-, 850/-, 1325/- with Branded material along with 3years AMC & 50 years structural guarantee. We provide plan approval, Boring, Bank Estimate. Contact: The Engineering Pvt., Ltd. 9439856856. D-0206




Full body massage in homely atmosphere in all therapy. Mob: 8114881641. D-73429

Full Body Massage by Experience Therapist @999 Only- 9078484455. (Bhubaneswar). D-0339

All types of professional body massage by professional therapy. Contact: 9556924059, 7077933109. D-0332

Relax, Refresh your body, Mind at Saikrupa Spa with best therapies. 8984068077. D-0282

All types hair cutting, body massage by smart lady, one hour 700/-. room services available. Contact. 9668767100. D-71372

Newly open SPA Positively health benefit with expert. Contact: 7749976301. D-74543

Asribada Panchakarma herbal SPA Kesharimall, Bhubaneswar. Contact: 8926173473. D-74680

Newly open health benefits SPA special offer @ 799 Jaydev Vihar. 8018429809. D-75105

All types hair cutting, body massage by smart lady, one hour 700/-, room services available. Contact. 9937833100. D-71373

AFFIDAVIT

By the virtue of an Affidavit sworn in the Court of Executive Magistrate, Bhadrak Policy No.- 597938718, I Swayam Nayak D/o Braja Mohan Nayak, At- Samaraipur, P.O.- Prachinagar, P.S.- Bhadrak declare that Sibani Nayak and Swayam Sampurna Nayak is same and one person. D-0341

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/- ରେ। ରଙ୍ଗୀନ ଟ୪୨୦/- ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**ମନେ ପଡ଼ନ୍ତି**

ଏକାଦଶାହରେ ଶ୍ରଦ୍ଧାଞ୍ଜଳି



୰ଡାକ୍ତର ସୁରଥ କୁମାର ବିଶ୍ୱାଳ
ଆବିର୍ଭାବ: ୧୩।୧୦।୧୯୪୯
ତିରୋଧାନ: ୦୩।୦୫।୨୦୨୩
ସ୍ମୃତିରେ ତୁମେ....
ତୁମ ଅନୁପସ୍ଥିତିର ଅନୁଭବକୁ ପ୍ରକାଶ କରିବାକୁ ଶବ୍ଦ ନାହିଁ। ତୁମ ଅମର ଆତ୍ମାର ସଦ୍‌ଗତି ପାଇଁ ପରମପିତାଙ୍କ ନିକଟରେ ପ୍ରାର୍ଥନା କରୁଛୁ।
ପୁତ୍ର: ଜିତେନ୍ଦ୍ର, ସମରେନ୍ଦ୍ର, କନ୍ୟା: ମଧୁସ୍ମିତା, ପରିବାର ଓ ବନ୍ଧୁବର୍ଗ।
ଧ-୦୩୪୩

ଦ୍ୱିତୀୟ ଶ୍ରାଦ୍ଧବାର୍ଷିକୀ



୰ ନମିତା ବର୍ମନ
ତେଣ୍ଡାକୁଡା, ଜିଲା-କେନ୍ଦ୍ରାପଡା
ଆବିର୍ଭାବ: ୦୫.୦୭.୧୯୫୦
ତିରୋଧା: ୧୩.୦୫.୨୦୨୧
ତୁମର ମଣିଷପଣିଆ, ନିଷ୍କପଟତା, ସରଳତା, ଗଭୀର ଭଗବତ୍ ବିଶ୍ୱାସ, ଦରଦୀ ହୃଦୟ ତଥା ସମସ୍ତଙ୍କୁ ଆପଣାର କରିବାର କଳା ସବୁଦିନ ପାଇଁ ଦିପ୍ତିମାନ ହୋଇ ରହିବ । ତୁମର ଅମ୍ଳାନ ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ପୟରେ ଅନନ୍ତକୋଟି ପ୍ରଣାମ । ତୁମେ ଯେଉଁଠି ଥାଅ ଭଲରେ ଥାଅ ।
ତୁମର ଶୋକସନ୍ତପ୍ତ ସ୍ୱାମୀ, ପୁତ୍ର, ପୁତ୍ରବଧୂ, ଝିଅ ଓ ଜ୍ୱାଇଁମାନେ ତଥା ନାତି ଓ ନାତୁଣୀମାନେ
ଧ-୭୧୦୫୪

ଅଷ୍ଟାଦଶ ଶ୍ରାଦ୍ଧବାର୍ଷିକୀ



୰ସୀତାନାଥ ନନ୍ଦ
ଗାନ୍ଧୀମାର୍ଗ, ଆଠଗଡ଼
ତୁମର ତ୍ୟାଗପୂତ, ସରଳ, ନିରାଡ଼ମ୍ବର, ଆଧ୍ୟାତ୍ମିକ ଜୀବନଶୈଳୀ, କର୍ତ୍ତବ୍ୟନିଷ୍ଠତା, ଅନାବିଳ ସ୍ନେହ, ଶ୍ରଦ୍ଧା, ପରୋପକାର ଆମ୍ଭମାନଙ୍କର ପ୍ରେରଣାର ଉତ୍ସ ହେଉ। ଅଷ୍ଟାଦଶ ଶ୍ରାଦ୍ଧବାର୍ଷିକୀ ଅବସରରେ ତୁମର ପୂଜ୍ୟ ଅମ୍ଳାନ ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଚରଣ କମଳରେ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛୁ।
ଅମୃତମୟ ଆଶୀର୍ବାଦ ଭିକ୍ଷାରେ: ସ୍ତ୍ରୀ, ଝିଅ, ଗୌ, ପୁଅ, ପିଏମ୍, ବାବୁମାନେ, ବୋହୂମାନେ, ନାତିମାନେ, ନାତୁଣୀ ଓ ନାତୁଣୀବୋହୂ।
ଧ-୦୩୩୫

ଦ୍ୱିତୀୟ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



୰ଶ୍ରୀ ପ୍ରଭାକର ଲେଙ୍କା
(ବି.ଜେ.ବି. ନଗର, ଭୁବନେଶ୍ୱର), PL-479
ଆପଣଙ୍କର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ।
ଆପଣଙ୍କର ଶୋକସନ୍ତପ୍ତ: ଧର୍ମପତ୍ନୀ ଓ ଝିଅ: ଜିକି, ରିଙ୍କି ।
ଧ-୦୩୪୨

ପ୍ରଥମ ଶ୍ରାଦ୍ଧବାର୍ଷିକୀ



୰ଅଭିମନ୍ୟୁ ସେନାପତି
ସମାଜସେବୀ ଓ ପୂର୍ବତନ ସରପଞ୍ଚ
ଗାରେଡ଼ିପାଞ୍ଚଣ, ବାଲିପାଟଣା, ଖୋର୍ଦ୍ଧା
ଆବିର୍ଭାବ- ୧୯୩୪ ମସିହା ଜ୍ୟେଷ୍ଠ ଶୁକ୍ଳ ଭଉଁରୀ
ତିରୋଧାନ- ୨୦୨୨ ମସିହା ଜ୍ୟେଷ୍ଠ କୃଷ୍ଣପକ୍ଷ ନବମୀ
ଚାହୁଁଚାହୁଁ ଏକ ବର୍ଷ ବିତିଗଲା, ଆପଣଙ୍କର କର୍ମମୟ ଜୀବନ, ତ୍ୟାଗ, ସ୍ନେହ, ଆଦେଶ ଓ ଭଲପାଇବା ଆମ୍ଭମାନଙ୍କୁ ସବୁବେଳେ ମନେ ପକାଉଛି। ତୁମର ଅନୁପସ୍ଥିତି ଆମକୁ ଅସହ୍ୟ କରୁଛି। ଯେଉଁଠି ଥାଅ ଭଲରେ ଥାଅ । ଆଜିର ପୁଣ୍ୟ ତିଥିରେ ତୁମକୁ ଆମର କୋଟିକୋଟି ପ୍ରଣାମ।
ଶ୍ରଦ୍ଧାଞ୍ଜଳି ସହ: ପୁଅ-ବୋହୂ, ଝିଅ-ଜ୍ୱାଇଁ, ପୁତୁରା-ପୁତୁରାବୋହୂ, ଭାଇ-ଭାଇବୋହୂ, ନାତି-ନାତୁଣୀ, ଅଣନାତି-ନାତୁଣୀ, ବନ୍ଧୁବାନ୍ଧବ ଓ ପରିବାରବର୍ଗ ଇତ୍ୟାଦି।
ଧ-୭୪୬୮୧

ଧରିତ୍ରୀ DHARITRI
Scan & Pay
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ ।
BHIM UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ ।

## ପୋକୋ ଏଫ୍‌୫ ୫ଜି ଉନ୍ମୋଚିତ

**ନୂଆଦିଲ୍ଲୀ:** ସ୍ମାର୍ଟଫୋନ୍ ବ୍ରାଣ୍ଡ ପୋକୋର ଫ୍ଲାଗ୍‌ଶିପ୍ ଏଫ୍-ସିରିଜ୍‌ରେ ସୁସଜ୍ଜିତ ନୂତନ ପୋକୋ ଏଫ୍‌୫ ୫ଜିର ସର୍ବଭାରତୀୟ ଉନ୍ମୋଚନ ସମ୍ପର୍କରେ ଘୋଷଣା କରାଯାଇଛି। ଏପରିକି ପୋକୋ ଏଫ୍‌୫ ୫ଜି ଭାରତରେ ସ୍ନାପଡ୍ରାଗନ୍ ୭+ ଜେନ୍‌୨ର ମଧ୍ୟ ଶୁଭାରମ୍ଭ କରାଯାଇଛି। ବିଶେଷକରି ପୋକୋ ଏଫ୍‌୫ ୫ଜିରେ ଉନ୍ନତ କଣ୍ଟେଣ୍ଟ କ୍ୱାଲିଟି ପାଇଁ ଆଡ୍‌ଜଷ୍ଟେବଲ ୧୨୦ ଏଚ୍‌ଜେଡ୍ ରିଫ୍ରେଶ୍ ରେଟ୍ ସହ ଏକ ୬.୬୭ ଇଞ୍ଚ ଏକ୍ସଫିନିଟି ପ୍ରୋ ଆମୋଲେଡ୍ ଡିସ୍‌ପ୍ଲେ ରହିଛି। ବୋଲି ପୋକୋ ଇଣ୍ଡିଆର କଣ୍ଟ୍ରି ହେଡ୍ ହିମାଂଶୁ ଟଣ୍ଡନ ମତବ୍ୟକ୍ତ କରିଛନ୍ତି।

# ଭବାନୀପାଟଣାରେ ଅରୁନ୍ଧତୀ ଜୁଏଲର୍ସର ନୂତନ ଶୋ'ରୁମ୍

**ଭୁବନେଶ୍ୱର,୧୨।୫**

ରାଜ୍ୟର ପ୍ରମୁଖ ଅଳଙ୍କାର ପ୍ରତିଷ୍ଠାନ ଅରୁନ୍ଧତୀ ଜୁଏଲର୍ସର ସର୍ବବୃହତ୍ ଶୋ'ରୁମ୍ ଶୁକ୍ରବାର କଳାହାଣ୍ଡି ଜିଲାର ଭବାନୀପାଟଣା ନିକଟସ୍ଥ ମା'ମାଣିକେଶ୍ୱରୀ ମନ୍ଦିର ନିକଟରେ ଆନୁଷ୍ଠାନିକ ଭାବେ ଉଦ୍‌ଘାଟିତ ହୋଇଯାଇଛି। ଉଲ୍ଲେଖଯୋଗ୍ୟ, ୫,୦୦୦ ବର୍ଗଫୁଟ ପରିମିତ ସ୍ଥାନରେ ଗଢ଼ି ଉଠିଥିବା ଏହି ଶୋ'ରୁମ୍‌ରେ ସର୍ବୋତ୍ତମ ଡିଜାଇନ ଓ ସମ୍ପୂର୍ଣ୍ଣ ହଲ୍‌ମାର୍କ ଏଚ୍‌ୟୁଆଇଡି ଶୁଦ୍ଧତା ଯୁକ୍ତ ୫୦୦୦ରୁ ଊର୍ଦ୍ଧ୍ୱ ସୁନା ଓ ହୀରା ଗହଣାର ଡିଜାଇନ ଏବଂ ସ୍ୱତନ୍ତ୍ର ଭାବେ ପ୍ରସ୍ତୁତ ରୁପା ଗହଣା ସହ କଳାକୃତିର ବ୍ୟାପକ ସମ୍ଭାର ଉପଲବ୍ଧ। ସେହିଭଳି ଅରୁନ୍ଧତୀର ୫-ଷ୍ଟାର ପ୍ରମିଜ୍ ସେବା ସହ ଆକର୍ଷଣୀୟ ଅଫର ଏଚ୍‌ୟୁଆଇଡି ହଲ୍‌ମାର୍କ ସୁନାଗହଣାର ଗଢ଼ା ମଜୁରି ଉପରେ ୩୫୦୦ ଟଙ୍କା ପର୍ଯ୍ୟନ୍ତ ରିହାତି ମଧ୍ୟ ଦିଆଯାଉଛି। ସେହିପରି ପୁରୁଣା ଗହଣା ଉପରେ ୫୦୦ ଟଙ୍କାର ଏକ୍ସଟ୍ରା ଏକ୍ସଚେଞ୍ଜ ବୋନସ ଏବଂ ହୀରା ଗହଣାର ମୂଲ୍ୟ ଉପରେ ଫ୍ଲାଟ୍ ୨୧% ରିହାତି ପ୍ରଦାନ କରାଯାଉଛି। ଏପରିକି ପ୍ରତି କ୍ରୟରେ ଆକର୍ଷଣୀୟ ଉପହାର ସହ ୫୦୦୦ ଟଙ୍କାର କ୍ରୟ ଉପରେ ମାଗଣା କୁପନ ମଧ୍ୟ ଗ୍ରାହକଙ୍କୁ ଦିଆଯାଉଛି। ଉକ୍ତ ଲକି କୁପନ ଜରିଆରେ ଗ୍ରାହକ ମାରୁତି ଡିଜାୟାର ଭିଏକ୍ସଆଇ, ହିରୋ ଗ୍ଲାମର ମୋଟର ସାଇକେଲ, ହିରୋ ଜୁମ୍ ସ୍କୁଟି ଓ ଲକ୍ଷପତି ହେବାର ବ୍ୟାପକ ସୁଯୋଗ ମଧ୍ୟ ପାଇପାରିବେ।

ଏ ସମ୍ପର୍କରେ ଅରୁନ୍ଧତୀ ଜୁଏଲର୍ସର ପରିଚାଳନା ନିର୍ଦ୍ଦେଶକ ବ୍ରହ୍ମାନନ୍ଦ ମେହେର କହିଛନ୍ତି, ଦୀର୍ଘ ୨୩ ବର୍ଷ ଧରି ନିରନ୍ତର ଓ ନିଷ୍ଠାପର ଭାବେ ଅରୁନ୍ଧତୀର ଗ୍ରାହକମାନଙ୍କୁ ସେବା ଯୋଗାଇ ଆସୁଛୁ। ଏପରିକି ୧୦୦% ହଲ୍‌ମାର୍କ ଶୁଦ୍ଧତା ଯୁକ୍ତ ଓ ସ୍ୱତନ୍ତ୍ର କାରୁକାର୍ଯ୍ୟ ଭରା ସୁନାଗହଣା, ସ୍ୱଚ୍ଛତା ଓ ପାରଦର୍ଶିତା ଭରା ପ୍ରତ୍ୟେକ ବ୍ୟବସାୟିକ ପଦକ୍ଷେପ ଗ୍ରହଣ କରି କାରବାର କରୁଛୁ।



ଭବାନୀପାଟଣାଠାରେ ଶୁକ୍ରବାର ଅରୁନ୍ଧତୀ ଜୁଏଲର୍ସର ନୂତନ ଶୋ'ରୁମ୍‌କୁ ଓଲିଉଡ୍ ଅଭିନେତ୍ରୀ ଅର୍ଚ୍ଚିତା ସାହୁ, ଅରୁନ୍ଧତୀର ପ୍ରତିଷ୍ଠାତା ଗୌରାଙ୍ଗ ମେହେର, ଲକ୍ଷ୍ମୀ ମେହେର ଏବଂ ଅରୁନ୍ଧତୀ ଜୁଏଲର୍ସର ପରିଚାଳନା ନିର୍ଦ୍ଦେଶକ ବ୍ରହ୍ମାନନ୍ଦ ମେହେର ଓ ଅନ୍ୟମାନେ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରୁଛନ୍ତି।

# ଖୁଚୁରା ମୁଦ୍ରାସ୍ଫୀତି ୪.୭%

**ନୂଆଦିଲ୍ଲୀ,୧୨।୫**

ଅନ୍ତଃରାଷ୍ଟ୍ରୀୟ ସ୍ତରର ମାନ୍ଦାବସ୍ଥା ଓ ଜାତୀୟ ସମସ୍ୟା ମଧ୍ୟରେ ଦେଶର ଗ୍ରାହକ ମୂଲ୍ୟ ସୂଚକାଙ୍କ (ସିପିଆଇ) ଆଧାରିତ ମୁଦ୍ରାସ୍ଫୀତି ୧୮ ମାସରେ ସର୍ବନିମ୍ନ ବୋଲି ଶୁକ୍ରବାର ପରିସଂଖ୍ୟାନ ଏବଂ କାର୍ଯ୍ୟକ୍ରମ କାର୍ଯ୍ୟାନ୍ୱୟନ ମନ୍ତ୍ରଣାଳୟ ପକ୍ଷରୁ ବିସ୍ତୃତ ଭାବେ ସୂଚନା ଦିଆଯାଇଛି। ଏପରିକି ୨୦୨୩ ଏପ୍ରିଲରେ ଦେଶର ଖୁଚୁରା ମୁଦ୍ରାସ୍ଫୀତି ହାର ୪.୭%କୁ ହ୍ରାସ ପାଇଛି, ଏପରିକି ୨୦୨୩ ମାର୍ଚ୍ଚରେ ମଧ୍ୟ ଖୁଚୁରା ମୁଦ୍ରାସ୍ଫୀତି ୫.୬୬% ଥିଲା। ସେହିଭଳି ୨୦୨୩ ଏପ୍ରିଲରେ ଖାଦ୍ୟ ମୁଦ୍ରାସ୍ଫୀତି ୩.୮୪ %କୁ ହ୍ରାସ ପାଇଥିବା ବେଳେ ମାର୍ଚ୍ଚ ମାସରେ ଖାଦ୍ୟ ମୁଦ୍ରାସ୍ଫୀତି ହାର ୪.୭୯% ରହିଥିଲା। ତେବେ ଶିଳ୍ପ ଉତ୍ପାଦନର ସୂଚକାଙ୍କ (ଆଇଆଇପି) ୨୦୨୩ ମାର୍ଚ୍ଚରେ ୧.୧%କୁ ହ୍ରାସ ପାଇ ୨୦୨୩ ଫେବୃୟାରୀରେ ୫.୬% ରୁ ହ୍ରାସ ପାଇଛି। ସେହିଭଳି ୨୦୨୩ ମାର୍ଚ୍ଚ ମାସ ପାଇଁ ଇଣ୍ଡଷ୍ଟ୍ରିଆଲ୍ ପ୍ରଡକ୍ସନ୍ (ଆଇଆଇପି) ର ଇଣ୍ଡେକ୍ସ ଅଫ୍ ଇଣ୍ଡେକ୍ସ ଅଫ୍ ବେସ୍ ୨୦୧୧-୧୨ ସହ ୧୫୦.୫ ଅଙ୍କରେ ରହିଛି।

# ଜେଏସ୍‌ଏଲ୍‌କୁ ଇଣ୍ଟରନ୍ୟାଶନାଲ ସେଫ୍ଟି ଆୱାର୍ଡ

**ନୂଆଦିଲ୍ଲୀ,୧୨।୫**

ଦେଶର ପ୍ରମୁଖ ଶିଳ୍ପସଂସ୍ଥା ଜିନ୍ଦଲ ଷ୍ଟେନ୍‌ଲେସ୍ ଲିମିଟେଡ୍ (ଜେଏସ୍‌ଏଲ୍) କୁ ନିକଟରେ ଆଉ ଏକ ଅନ୍ତଃରାଷ୍ଟ୍ରୀୟ ସମ୍ମାନ ପ୍ରଦାନ କରାଯାଇଛି। ବିଶେଷକରି କମ୍ପାନୀ କାର୍ଯ୍ୟକ୍ଷେତ୍ରର ନିରାପତ୍ତାରେ ନୂତନ ମାନଦଣ୍ଡ ସ୍ଥିର କରିବା ସହ କର୍ମଚାରୀମାନଙ୍କ ପାଇଁ ଏକ ନିରାପଦ କାର୍ଯ୍ୟ ପରିବେଶ ନିଶ୍ଚିତ କରିବାକୁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିଛି। ଫଳରେ ବ୍ରିଟିଶ ସୁରକ୍ଷା ପରିଷଦ ପକ୍ଷରୁ କ୍ରମାଗତ ୪ର୍ଥ ବର୍ଷ ପାଇଁ ଜେଏସ୍‌ଏଲ୍‌କୁ ଇଣ୍ଟରନ୍ୟାଶନାଲ ସେଫ୍ଟି ଆୱାର୍ଡ ଦିଆଯାଇଛି। ଉଲ୍ଲେଖଯୋଗ୍ୟ, ମୁମ୍ବାଇଠାରେ ଆୟୋଜିତ ଏକ ପୁରସ୍କାର ବିତରଣ ଉତ୍ସବରେ ଜେଏସ୍‌ଏଲ୍‌କୁ ଇଣ୍ଟରନ୍ୟାଶନାଲ ସେଫ୍ଟି ଆୱାର୍ଡ ପ୍ରଦାନ କରାଯାଇଛି। ଏହି ପରିପ୍ରେକ୍ଷୀରେ ଜେଏସ୍‌ଏଲ୍‌ର ବରିଷ୍ଠ ଅଧିକାରୀ ସୁଧୀର କୁମାର ଏବଂ ଅଶୋକ ରାଣା କମ୍ପାନୀ ପକ୍ଷରୁ ଉକ୍ତ ପୁରସ୍କାର ଗ୍ରହଣ କରିଥିଲେ। ସୂଚନାଯୋଗ୍ୟ, କମ୍ପାନୀ 'ବିଭେଦ'ର ସର୍ବୋଚ୍ଚ ବର୍ଗରେ ଉକ୍ତ ପୁରସ୍କାର ଜିତିଥିଲା। ଏ ସମ୍ପର୍କରେ ଜେଏସ୍‌ଏଲ୍‌ର ପରିଚାଳନା ନିର୍ଦ୍ଦେଶକ ଅଭ୍ୟୁଦୟ ଜିନ୍ଦଲ କହିଛନ୍ତି, କ୍ରମାଗତ ୪ର୍ଥ ଥର ପାଇଁ ଏଭଳି ଏକ ସମ୍ମାନଜନକ ପୁରସ୍କାର ପାଇ ଆମେ ବେଶ୍ ଆନନ୍ଦିତ। ଏପରିକି ଉକ୍ତ ସଫଳତା ଆମର କର୍ମଚାରୀଙ୍କ ସ୍ୱାସ୍ଥ୍ୟ, ନିରାପତ୍ତା ଏବଂ କଲ୍ୟାଣ ସୁନିଶ୍ଚିତ କରିବା ପାଇଁ ଆମର ଅଦମ୍ୟ ପ୍ରତିବଦ୍ଧତାର ଏକ ପ୍ରମାଣ। ସେହିଭଳି କମ୍ପାନୀ ପରିସରରେ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ସହ ସୁରକ୍ଷା ଆମ ପାଇଁ ସର୍ବଦା ଏକ ପ୍ରମୁଖ ପ୍ରାଥମିକତା ବୋଲି ସେ ମତପ୍ରକାଶ କରିଛନ୍ତି। ଅପରପକ୍ଷରେ ଜିନ୍ଦଲ ଷ୍ଟେନ୍‌ଲେସ୍ (ହିସାର ୟୁନିଟ୍) ଉତ୍ପାଦନର ବରିଷ୍ଠ ଉପସଭାପତି ତଥା ମୁଖ୍ୟ ବିଜୟ ବିଦ୍ଦଲିଶ କହିଥିଲେ, ଏହି ମାନ୍ୟତା ଆମର କର୍ମଚାରୀଙ୍କ ପାଇଁ ଏକ ନିରାପଦ କାର୍ଯ୍ୟ ପରିବେଶ ସୃଷ୍ଟି କରିବା ଦିଗରେ ଆମର ନିରନ୍ତର ପ୍ରୟାସର ଏକ ପ୍ରତିଫଳନ।




# ବିପିସିଏଲ୍ ସହ ଟିଏସ୍‌ଏମ୍‌ଏଲ୍‌ର ବୁଝାମଣା

**ଭୁବନେଶ୍ୱର,୧୨।୫**

ଦେଶର ପ୍ରମୁଖ ଘରୋଇ ଶିଳ୍ପସଂସ୍ଥା ଟାଟା ଷ୍ଟିଲ୍ ମାଇନିଂ ଲିମିଟେଡ୍ (ଟିଏସ୍‌ଏମ୍‌ଏଲ୍) ଏବଂ ଭାରତ ପେଟ୍ରୋଲିୟମ କର୍ପୋରେଶନ ଲିମିଟେଡ୍ (ବିପିସିଏଲ୍) ମଧ୍ୟରେ ଏକ ଦ୍ୱିପାକ୍ଷିକ ବୁଝାମଣାପତ୍ର (ଏମ୍‌ଓୟୁ) ସ୍ୱାକ୍ଷର ହୋଇଯାଇଛି। ଟିଏସ୍‌ଏମ୍‌ଏଲ୍‌ର ଯାଜପୁରସ୍ଥିତ ଫେରୋ ଆଲଏଜ୍ କାରଖାନା ପାଇଁ ଦୀର୍ଘମିଆଦୀ ଲିକ୍ୱିଫାଏଡ୍ ନାଚୁରାଲ୍ ଗ୍ୟାସ୍ (ଏଲ୍‌ଏନ୍‌ଜି) ଯୋଗାଣ ଲାଗି ଗୁରୁବାର ଉଭୟ ସଂସ୍ଥାର ପ୍ରମୁଖ ଅଧିକାରୀଙ୍କ ଉପସ୍ଥିତିରେ ଉକ୍ତ ବୁଝାମଣା ହୋଇଥିଲା। ଓଡ଼ିଶା ସରକାରଙ୍କ ଶିଳ୍ପ ସଚିବ ହେମନ୍ତ ଶର୍ମାଙ୍କ ଉପସ୍ଥିତିରେ ଉକ୍ତ ଏମ୍‌ଓୟୁ ହୋଇଥିବା ବେଳେ ଉଭୟ ସଂସ୍ଥାଙ୍କୁ ସେ ପ୍ରଶଂସା କରିଥିଲେ।

ଏ ସମ୍ପର୍କରେ ଟିଏସ୍‌ଏମ୍‌ଏଲ୍‌ର ପରିଚାଳନା ନିର୍ଦ୍ଦେଶକ ପଙ୍କଜ ସତିଜା କହିଛନ୍ତି, ବିପିସିଏଲ୍ ସହ ଆମ ସହଭାଗିତା ଯାଜପୁରସ୍ଥିତ ଫେରୋ ଆଲଏଜ୍ କାରଖାନାକୁ ଦ୍ରୁତ ଏଲ୍‌ଏନ୍‌ଜି ଯୋଗାଣ ସୁନିଶ୍ଚିତ କରିବ। ଏପରିକି ଡିକାର୍ବନାଇଜେଶନ ପ୍ରତି ଆମ ପ୍ରତିବଦ୍ଧତା ଓ ଦୀର୍ଘସ୍ଥାୟୀ ଯୋଜନା ଅନୁସାରେ ଉକ୍ତ ବୁଝାମଣାପତ୍ର ସ୍ୱାକ୍ଷର ହୋଇଛି। ସେହିଭଳି ଆମେ ଭାବୁଛୁ ଯେ ଏହି ସହଭାଗିତା କାର୍ବନ ଫୁଟ୍‌ପ୍ରିଣ୍ଟକୁ ହ୍ରାସ କରିବାରେ ଆମକୁ ସହାୟକ ହେବା ସହ ପରିବେଶ ଉପରେ ସକାରାତ୍ମକ ପ୍ରଭାବ ପକାଇବ। ବିପିସିଏଲ୍‌ର ମୁଖ୍ୟ (ଗ୍ୟାସ୍) ପୂର୍ବ ରୌଫ୍ ଏମ୍ ଖାନ୍ କହିଛନ୍ତି, ଟାଟା ଷ୍ଟିଲ୍ ମାଇନିଂ ସହ ସହଭାଗିତ ସ୍ଥାପନ କରିବା ଏବଂ ସେମାନଙ୍କ ପରିଚାଳନା ପାଇଁ ପ୍ରାକୃତିକ ଗ୍ୟାସ୍ ଯୋଗାଣ କରୁଥିବାରୁ ଆମେ ବହୁତ ଖୁସି। ଏହା ଡିକାର୍ବନାଇଜେଶନ ଲକ୍ଷ୍ୟ ଦିଗ ଆଡ଼କୁ ନିକଟତର କରିବାରେ ଆମକୁ ସକ୍ଷମ କରିପାରିଛି। ଅପରପକ୍ଷରେ ଦୀର୍ଘସ୍ଥାୟୀ ଲକ୍ଷ୍ୟ ହାସଲ କରିବା ଏବଂ ଏକ ସବୁଜ ଭବିଷ୍ୟତ ଆଡ଼କୁ କମ୍ପାନୀର ଉଦ୍ୟମକୁ ଆହୁରି ସୁଦୃଢ଼ କରିବାରେ ଟାଟା ଷ୍ଟିଲ୍ ମାଇନିଂର ଯାତ୍ରା ପ୍ରତି ଏହି ଏମ୍‌ଓୟୁ ହେଉଛି ଏକ ଗୁରୁତ୍ୱପୂର୍ଣ୍ଣ ସଫଳତା।

# ଗୁଣାତ୍ମକ ସାମଗ୍ରୀ ଯୋଗାଇବାକୁ ଗୁରୁତ୍ୱ

**ଭୁବନେଶ୍ୱର,୧୨।୫**

ଦେଶର ପ୍ରମୁଖ ପ୍ଲାଷ୍ଟିକ ସାମଗ୍ରୀ ଉତ୍ପାଦକ ପ୍ୟାରିୱେର ପକ୍ଷରୁ ନିକଟରେ ଏକ ରିଟେଲର୍ସ ମିଟ୍ ଆୟୋଜିତ ହୋଇଯାଇଛି। ବିଶେଷକରି ଓଡ଼ିଶା ବଜାରରେ କମ୍ପାନୀର ଉପସ୍ଥିତି ସହ ଦୃଢ ବ୍ୟବସାୟ ପ୍ରତିଷ୍ଠା କରିପାରିଛି। ଏହି ପରିପ୍ରେକ୍ଷୀରେ କମ୍ପାନୀ ପକ୍ଷରୁ ଭୁବନେଶ୍ୱରସ୍ଥିତ ଏକ ଘରୋଇ ହୋଟେଲରେ ଏକ ରିଟେଲର୍ସ ମିଟ୍ ଆୟୋଜନ କରାଯାଇଥିଲା। ଏହି ଅବସରରେ ରୋକା-ପ୍ୟାରିୱେର୍‌ର ଜୋନାଲ ହେଡ୍ ସୌମନ୍ କୁଣ୍ଡୁ, ଟିଏସ୍‌ଏମ୍ ସୁରଜ୍ କୁମାର ପଟ୍ଟନାୟକ ଏବଂ ମାର୍କେଟିଂ ମ୍ୟାନେଜର ସନ୍ତୋଷ କୁମାରଙ୍କ ସମେତ ପ୍ରାୟ ୮୦ ଡିଲର ପ୍ରମୁଖ ଉପସ୍ଥିତ ଥିଲେ। ଉଲ୍ଲେଖଯୋଗ୍ୟ, ଉକ୍ତ କାର୍ଯ୍ୟକ୍ରମ ଜରିଆରେ କମ୍ପାନୀ ତା'ର ଗ୍ରାହକଙ୍କୁ ଗୁଣାତ୍ମକ ସାମଗ୍ରୀ ଯୋଗାଇବା ସହ ନିରାପଦ ଏବଂ ସ୍ୱଚ୍ଛତା ଉତ୍ପାଦ ପାଇଁ ବ୍ରାଣ୍ଡର ପ୍ରତିବଦ୍ଧତାକୁ ବିସ୍ତୃତ ଭାବେ ଆଲୋକିତ କରାଯାଇଥିଲା। ବିଶେଷ କରି ଗ୍ରାହକଙ୍କ ସନ୍ତୁଷ୍ଟତା ଏବଂ ସୁସ୍ଥତାକୁ ପ୍ରାଧାନ୍ୟ ଦେଇ ବର୍ଦ୍ଧିତ ସୁରକ୍ଷା ସମାଧାନ ଏବଂ ନିରନ୍ତର ସେବା ଯୋଗାଇବା ସହ ବିଶ୍ୱସ୍ତରୀୟ ବାଥ୍‌ରୁମ୍ ଅଭିଜ୍ଞତା ପ୍ରଦାନ କରିବାର ଲକ୍ଷ୍ୟ ସହିତ ଓଡ଼ିଶାର ସମସ୍ତ ପ୍ଲମ୍ବିଂ ଆବଶ୍ୟକତା ପାଇଁ ରୋକା ପ୍ୟାରିୱେର୍ ଟିମ୍ ସର୍ବଦା ୱାନ୍ ଷ୍ଟପ୍ ସୁଲ୍ୟୁସନ ଯୋଗାଇ ଦେବାକୁ ଲକ୍ଷ୍ୟ ରଖିଛି ବୋଲି କମ୍ପାନୀର ବରିଷ୍ଠ ଅଧିକାରୀମାନେ ଡିଲରମାନଙ୍କୁ ଆଶ୍ୱସନା ଦେଇଥିଲେ। ସୂଚନାଯୋଗ୍ୟ ୨୦୧୮ ପରଠାରୁ ପାଇପ୍ ଏବଂ ବାଥ୍‌ରୁମ୍ ଫିଟିଂ ରେଞ୍ଜର ଗୁଣାତ୍ମକ ଉତ୍ପାଦ ଶୁଭାରମ୍ଭ ସହ ବଜାର ପ୍ରବେଶ କରାଇ କମ୍ପାନୀ ଗ୍ରାହକଙ୍କ ବିଶ୍ୱାସଭାଜନ ହାସଲ କରିପାରିଥିଲା। ଏପରିକି ଗତ ବର୍ଷ ମଧ୍ୟ କମ୍ପାନୀ ସାରା ଓଡ଼ିଶାରେ ନୂତନ ଡିଜାଇନ୍ ଓ ଉତ୍ପାଦର ବ୍ୟାପକ ସମ୍ଭାର ବିସ୍ତାର କରିଥିଲା। ଉକ୍ତ ସମ୍ମିଳନୀରେ ଭୁବନେଶ୍ୱରର ପ୍ରାୟ ୮୦ ପ୍ରମୁଖ ରିଟେଲର୍ସମାନେ ଯୋଗଦେଇଥିଲେ।



# କାନାରା ବ୍ୟାଙ୍କର ଭ୍ରାମ୍ୟମାଣ ଏଟିଏମ୍ ସେବା

**ଭୁବନେଶ୍ୱର,୧୨।୫**

କାନାରା ବ୍ୟାଙ୍କର ଭୁବନେଶ୍ୱର ଅଞ୍ଚଳ ପକ୍ଷରୁ ନିକଟରେ ଏକ ଭ୍ରାମ୍ୟମାଣ ଏଟିଏମ୍ ସେବା ଲୋକାର୍ପିତ ହୋଇଯାଇଛି। ଉକ୍ତ ଭ୍ରାମ୍ୟମାଣ ଏଟିଏମ୍ ସେବା ସହରର ପ୍ରମୁଖ ହାଉସିଂ ସୋସାଇଟିଗୁଡିକରେ ଆବଶ୍ୟକ ବ୍ୟାଙ୍କିଙ୍ଗ୍ ସେବା ବ୍ୟାଙ୍କର ଗ୍ରାହକ ତଥା ବରିଷ୍ଠ ନାଗରିକମାନଙ୍କୁ ଯୋଗାଇ ଦେଉଛି। ବିଶେଷକରି ଚଳିତ ଗ୍ରୀଷ୍ମ ପ୍ରବାହ ଯୋଗୁ ଗ୍ରାହକ ଓ ବରିଷ୍ଠ ନାଗରିକମାନେ ବିଭିନ୍ନ ପ୍ରକାର ବ୍ୟାଙ୍କିଙ୍ଗ୍ ସେବା ଓ ଟଙ୍କା ଉଠାଇବା ପାଇଁ ନାନା ସମସ୍ୟାରେ ସମ୍ମୁଖୀନ ହେଉଛନ୍ତି। ସେହିଭଳି ବ୍ୟାଙ୍କିଙ୍ଗ୍ ସେବା ପାଇଁ ଗ୍ରାହକମାନେ ବିଭିନ୍ନ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏପରିକି ଗ୍ରାହକମାନଙ୍କୁ ଉତ୍ତମ ସେବା ଯୋଗାଇଦେବା ସହ ସମସ୍ୟାର ସୁଧାର ଆଣିବା ପାଇଁ ଏଭଳି ଏକ ଅଭିନବ ସେବାର ଶୁଭାରମ୍ଭ କରାଯାଇଛି। ଏହି ପରିପ୍ରେକ୍ଷୀରେ କାନାରା ବ୍ୟାଙ୍କ ପକ୍ଷରୁ ସହରର ପ୍ରମୁଖ ଆବାସିକ ଅଞ୍ଚଳ ଉତ୍କଳ ରୟାଲ ରେସିଡେନ୍ସିଠାରେ ଭ୍ରାମ୍ୟମାଣ ଏଟିଏମ୍ ସେବା ପ୍ରଦାନ କରାଯାଇଥିଲା। ଫଳରେ ବରିଷ୍ଠ ନାଗରିକଙ୍କ ସମେତ ସ୍ଥାନୀୟ ଜନସାଧାରଣ ଉକ୍ତ ସେବାର ଲାଭ ଉଠାଇଥିଲେ। ଉଲ୍ଲେଖଯୋଗ୍ୟ, କାନାରା ବ୍ୟାଙ୍କ ଭୁବନେଶ୍ୱର ଅଞ୍ଚଳର ଅଞ୍ଚଳ ମୁଖ୍ୟ ତଥା ମହାପ୍ରବନ୍ଧକ ଜଗଦୀଶ ଚନ୍ଦରଙ୍କ ସମେତ ବ୍ୟାଙ୍କର ବହୁ ବରିଷ୍ଠ ଅଧିକାରୀ ଉପସ୍ଥିତ ରହି ବରିଷ୍ଠ ନାଗରିକ ଓ ଗ୍ରାହକମାନଙ୍କୁ ଅଭିବାଦନ ଜଣାଇଥିଲେ।

## ଫୁରସତ୍

# ସବୁଠୁ ବଡ଼ କସ୍‌ମିକ୍ ଏକ୍ସପ୍ଲୋଜନ

**ୱାଶିଂଟନ୍**

ମହାକାଶରେ ବର୍ତ୍ତମାନର ସବୁଠୁ ବଡ଼ କସ୍‌ମିକ୍ ଏକ୍ସପ୍ଲୋଜନ୍ (ତାରକା ମଧ୍ୟରେ ଧକ୍କା ହୋଇ ଘଟୁଥିବା ବିସ୍ଫୋରଣ) ହୋଇଥିବା ଜ୍ୟୋତିର୍ବିଜ୍ଞାନୀଙ୍କ ପକ୍ଷରୁ କୁହାଯାଇଛି। ପୃଥିବୀଠାରୁ ୮ ବିଲିୟନ୍ ଆଲୋକ ବର୍ଷ ଦୂରରେ ଏହି ବିସ୍ଫୋରଣ ଘଟିଥିବା ଜଣାପଡ଼ିଛି। ସୁପରନୋଭା (ତାରକାର ଜୀବନକାଳ ଶେଷ ହେବା ସମୟରେ ଏକ ଉଜ୍ଜ୍ୱଳ ବିସ୍ଫୋରଣ ଘଟେ)ରୁ ଉତ୍ପନ୍ନ ଆଲୋକଠୁ ୧୦ ଗୁଣା ଉଜ୍ଜ୍ୱଳ ହେଉଛି କସ୍‌ମିକ୍ ଏକ୍ସପ୍ଲୋଜନ୍‌ର ନିସୃତ ଆଲୋକ। ୨୦୨୦ରେ କାଲିଫର୍ନିଆର ଝୱିକି ଟ୍ରାନ୍‌ଜିଏଣ୍ଟ ଫାସିଲିଟି ପକ୍ଷରୁ ସବୁଠୁ ବୃହତ କସ୍‌ମିକ୍ ଏକ୍ସପ୍ଲୋଜନ ଏଟି୨୦୨୧ଏଲ୍‌ଡବ୍ଲ୍ୟୁଏକ୍ସ ଚିହ୍ନଟ କରାଯାଇଥିଲା। ଏହି ଏକ୍ସପ୍ଲୋଜନ୍‌ର ରାତିର ଘମାଘୋଟ ଆକାଶ କିଛି କ୍ଷଣ ପାଇଁ ଆଲୋକିତ ହୋଇଯାଏ। ସଦ୍ୟ କସ୍‌ମିକ୍ ଏକ୍ସପ୍ଲୋଜନ୍ ଏତେ ବଡ଼ ଥିଲା ଯେ, ଏହାକୁ ଜ୍ୟୋତିର୍ବିଜ୍ଞାନୀମାନେ ସହଜରେ ବିଶ୍ୱାସ କରିପାରି ନ ଥିବା ସାଉଥମ୍ପଟନ୍ ୟୁନିଭର୍ସିଟିର ଜ୍ୟୋତିର୍ବିଜ୍ଞାନୀ ଡ. ଫିଲିପ ୱାଇଜ୍‌ମ୍ୟାନ୍ କହିଛନ୍ତି। ବିସ୍ଫୋରଣର ଫାୟାରବଲ୍‌ଗୁଡ଼ିକର ଆକାଶ ସୌରମଣ୍ଡଳର ୧୦୦ଗୁଣା ବଡ଼ ଓ ସୂର୍ଯ୍ୟଙ୍କଠୁ ଅଧିକ ଉଜ୍ଜ୍ୱଳ ଥିଲା।



# ଅଭିମାନ କରିଛନ୍ତି ଅର୍ମାନ୍

**ମୁମ୍ବାଇ:** ୟଙ୍ଗ୍, ଟ୍ୟାଲେଣ୍ଟେଡ୍ ଆଣ୍ଡ ହ୍ୟାଣ୍ଡସମ୍ ସିଙ୍ଗର ଭାବେ ଜଣାଯାଉଥିବା ଅର୍ମାନ୍ ମଲ୍ଲିକ ବଲିଉଡ୍ ଇଣ୍ଡଷ୍ଟ୍ରି ଉପରେ ଅଭିମାନ କରିଛନ୍ତି। ବଲିଉଡ୍‌ରେ ଆଉ ସେ ଗୀତ ଗାଇବାକୁ ଚାହୁଁ ନ ଥିବା ନିକଟରେ ଦେଇଥିବା ଏକ ସାକ୍ଷାତ୍‌କାରରେ କହିଛନ୍ତି। ତେବେ ଅର୍ମାନ୍‌ଙ୍କ ଏ ପ୍ରକାର ନିଷ୍ପତ୍ତି ପଛରେ ଅନେକ କାରଣ ରହିଛି। ବଲିଉଡ୍‌ରେ ସିଙ୍ଗରମାନଙ୍କୁ ତାଙ୍କ ପାରିଶ୍ରମିକ ମିଳୁ ନ ଥିବାବେଳେ ଅସ୍ପଷ୍ଟ କାରଣ ଦର୍ଶାଇ ସେମାନଙ୍କ ହାତରୁ ପ୍ରୋଜେକ୍ଟ ଛଡ଼ାଇ ନିଆଯାଉଥିବା ଅର୍ମାନ୍ କହିଛନ୍ତି। ବିଗତ ଦିନରେ ଅର୍ମାନ୍‌ଙ୍କ ହାତରୁ ଗୁଡ଼ାଏ ପ୍ରୋଜେକ୍ଟ ଖସିଯାଇଥିବା ନେଇ ସେ ଅବସାଦରେ ଥିବା ରାଜ ଶାମାନିଙ୍କ ପଡକାଷ୍ଟରେ କହିଛନ୍ତି। ବର୍ତ୍ତମାନ ସେ ଫିଲ୍ମରେ ଗୀତ ଗାଇବାକୁ ଅନିଚ୍ଛା ପ୍ରକାଶ କରିଥିବାବେଳେ ନିଜସ୍ୱ ମ୍ୟୁଜିକ୍‌ରେ ଅଧିକ କାମ କରିବେ ବୋଲି କହିଛନ୍ତି। ଅନ୍ୟପକ୍ଷେ କିଛି ଭଲ ସମୟ ବିତାଇବା ପାଇଁ ସେ ନ୍ୟୁଜିଲାଣ୍ଡ ବୁଲିଯିବାକୁ ବାହାରିଛନ୍ତି। ଆମିର ଖାନ୍‌ଙ୍କ ଅଭିନୀତ ଫିଲ୍ମ 'ତାରେ ଜମିନ୍ ପର୍'ର ବମ୍ ବମ୍ ବୋଲେ ଅର୍ମାନ୍‌ଙ୍କ ପ୍ରଥମ ଗୀତ। ଫିଲ୍ମ ହିରୋ, ହେଟ୍ ଷ୍ଟୋରି ୩, ମସ୍ତିଜାଦେରେ ଅର୍ମାନ୍ ଅନେକ ହିଟ୍ ଗୀତ ଗାଇ ପ୍ରଶଂସାର ପାତ୍ର ହୋଇଛନ୍ତି।



# ଅଭିନୟ ଛାଡ଼ିବେ ପ୍ରିୟଙ୍କା



**ମୁମ୍ବାଇ**

ମନୋରଞ୍ଜନ ଦୁନିଆର ଆଗଧାଡିର ଅଭିନେତ୍ରୀ ପ୍ରିୟଙ୍କା ଚୋପ୍ରାଙ୍କ କ୍ୟାରିୟର ଏବେ ଖୁବ ଉଚ୍ଚରେ। କିନ୍ତୁ ପ୍ରିୟଙ୍କା ଚୋପ୍ରାଙ୍କ ପାଇଁ ତାଙ୍କ ପରିବାର ପ୍ରଥମେ ଆସନ୍ତି। ଏକ ସାକ୍ଷାତକାରରେ ପ୍ରିୟଙ୍କା ଚୋପ୍ରା ପ୍ରକାଶ କରିଛନ୍ତି ଯେ ସେ ଖୁସିରେ ତାଙ୍କ ଝିଅ ମାଲତି ପାଇଁ କ୍ୟାରିୟର ଛାଡ଼ିବେ। ତାଙ୍କ ପିତାମାତାଙ୍କ ଉଦାହରଣ ଦେଇ ପ୍ରିୟଙ୍କା କହିଥିଲେ ଯେ ସେମାନେ ତାଙ୍କ ସହ କିପରି ଯାତ୍ରା କରୁଥିଲେ। ତା'ପରେ ପ୍ରିୟଙ୍କା ଚୋପ୍ରା ତାଙ୍କ ନିଷ୍ପତ୍ତି ଗ୍ରହଣ କଲେ। ସେ ଭାବୁଥିଲେ ଯେ ତାଙ୍କ କ୍ୟାରିୟର ଗୁରୁତ୍ୱପୂର୍ଣ୍ଣ। ପିଲାମାନଙ୍କ ପାଇଁ ଆଡଜଷ୍ଟମେଣ୍ଟ କରିବା ପିତାମାତାଙ୍କ ଦାୟିତ୍ୱ। ବର୍ତ୍ତମାନ ଯେତେବେଳେ ପ୍ରିୟଙ୍କାଙ୍କୁ ୪୦ ବର୍ଷ ବୟସ ସେତେବେଳେ ତାଙ୍କ ନିକଟରେ ତାଙ୍କର ଗୋଟିଏ ଝିଅ ବି ରହିଛି। ଏବେ ତାଙ୍କର ମତ ବଦଳି ଯାଇଛି। ସେ ନିଜ ଝିଅ ପାଇଁ କ୍ୟାରିୟର ଛାଡିବାକୁ ମଧ୍ୟ ପ୍ରସ୍ତୁତ। ପ୍ରିୟଙ୍କା କୁହନ୍ତି- ଯଦି କେହି ମୋତେ ମୋର କ୍ୟାରିଅର୍ ଛାଡି ଅନ୍ୟ ଦେଶରେ ବସବାସ କରିବାକୁ କହିଥିଲେ, ମୁଁ ମୋ ଝିଅ ପାଇଁ ବିନା ପ୍ରଶ୍ନରେ ଏହା କରିବି ବୋଲି ପିସି କହିଛନ୍ତି।

# ଜନ୍ମଦିନ ପାଳିଲା ୩୧ ବର୍ଷୀୟ ବୋବି




**ଲିସ୍‌ବର୍ନ:** ବିଶ୍ୱର ସବୁଠୁ ବୟସ୍କ କୁକୁର ବୋବି। ଏ ନେଇ ବୋବି ଗିନିଜ୍ ବୁକ୍ ଅଫ୍ ୱାର୍ଲ୍ଡ ରେକର୍ଡ ମଧ୍ୟ କରିଛି। ଗୁରୁବାର ବୋବିକୁ ୩୧ ବର୍ଷ ବୟସ ହୋଇଛି। ନିକଟରେ ବୋବିର ଜନ୍ମଦିନକୁ ତା' ମାଲିକ ବେଶ୍ ବଡ଼ ଆକାରରେ ପାଳନ କରିଛନ୍ତି। ପରବ୍ରେଡ୍ ରାଫେଇରୋ ଡୋ ଆଲେଣ୍ଟେଜୋ ପ୍ରଜାତିର ବୋବି ୧୯୯୨ ମେ ୧୧ରେ ଜନ୍ମ ହୋଇଥିବା ତା' ମାଲିକ କହିଛନ୍ତି। ପର୍ତ୍ତୁଗାଲର ଲେଓନେଲ କୋଷ୍ଟା ବୋବିକୁ ପିଲାଟି ଦିନରୁ ପାଳିଥିବା କହିଛନ୍ତି। ତେବେ ବୋବି ଜନ୍ମଦିନ ପାଇଁ କରାଯାଇଥିବା କାର୍ଯ୍ୟକ୍ରମରେ ପାଖାପାଖି ୧୦୦ ଜଣ ସାମିଲ ହୋଇଥିବାବେଳେ ସେମାନଙ୍କ ମଧ୍ୟରୁ ବିଦେଶରୁ ମଧ୍ୟ ଅନେକ ଅତିଥି ଆସିଥିବା ଲେଓନେଲ କହିଛନ୍ତି। ବୋବିର ମା' ଗିରା ମଧ୍ୟ ଲେଓନେଲଙ୍କ ପାଖରେ ରହୁଥିଲା। କିନ୍ତୁ ୧୮ ବର୍ଷ ବୟସରେ ଗିରାର ମୃତ୍ୟୁ ଘଟିଥିଲା।

# ଅଲିମ୍ପିକ୍ସ ପଦକ ଶ୍ୱେତାରାଣୀଙ୍କ ସ୍ୱପ୍ନ

**୨୦୨୩ ମେ ୭ରେ ରୁଷିଆର ମସ୍କୋରେ ଅନୁଷ୍ଠିତ ମସ୍କୋ ଉଶୁ ଷ୍ଟାର୍ସ ଚାମ୍ପିୟନଶିପ୍‌ର ସବ୍‌ଜୁନିୟର ବାଳିକା ୪୮ କେଜି ସାଣ୍ଡା (ଫାଇଟ୍‌) ବର୍ଗରେ ସ୍ୱର୍ଣ୍ଣ ପଦକ ଜିତି ରାଜ୍ୟ ଏବଂ ଦେଶକୁ ଗର୍ବିତ କରିଛନ୍ତି ଓଡ଼ିଶାର ଶ୍ୱେତାରାଣୀ ମହନ୍ତ। ମିନାଲ ନାମରେ ପରିଚିତ ଶ୍ୱେତାରାଣୀଙ୍କର ଅନ୍ତର୍ଜାତୀୟ ସ୍ତରରେ ଏହାଥିଲା ପ୍ରଥମ ପଦକ। ପୂର୍ବରୁ ରାଜ୍ୟ ଓ ଜାତୀୟ ସ୍ତରରେ ଅନେକ ପଦକ ଜିତି ସାରିଥିବା ଶ୍ୱେତାରାଣୀ ଅନ୍ତର୍ଜାତୀୟ ପଦକର ସ୍ୱାଦ ପାଇଥିବାରୁ ସ୍ୱାଭାବିକଭାବେ ଖୁସିରେ ବିଭୋର। ତେବେ କଠିନ ପରିଶ୍ରମ କରି ବହୁ ଆଗକୁ ଯିବାକୁ ଅଛି ଏବଂ ଭବିଷ୍ୟତରେ ଅଲିମ୍ପିକ୍ସରେ ଅଂଶଗ୍ରହଣ କରି ପଦକ ଜିତିବା ତାଙ୍କର ଇଚ୍ଛା ବୋଲି ସ୍ୱତନ୍ତ୍ର ସାକ୍ଷାତକାର ଅବସରରେ ପ୍ରକାଶ କରିଛନ୍ତି।**

**ପ୍ର: ଉଶୁ ପ୍ରତି କିପରି ଆଗ୍ରହୀ ହେଲ, କିଏ ଉତ୍ସାହିତ କରିଥିଲେ ?**
ଉ: ମୋ ବାପା ପଙ୍କଜ କୁମାର ମହନ୍ତ ଜଣେ ଇନ୍‌ଡୋର ଏସିଆନ ଗେମ୍ସ ମେଡାଲିଷ୍ଟ। ସେ ଜଣେ ପ୍ରତିଷ୍ଠିତ କୋଚ୍ ମଧ୍ୟ। ତାଙ୍କ ପ୍ରେରଣାରେ ମୁଁ ଉଶୁପ୍ରତି ଆଗ୍ରହୀ ହୋଇଥିଲି।

**ପ୍ରଶ୍ନ: କେବେଠାରୁ ଉଶୁ ଖେଳିବା ଆରମ୍ଭ କଲ ?**
ଉତ୍ତର: ମୁଁ ୭ ବର୍ଷରୁ ଉଶୁ ଆରମ୍ଭ କରିଥିଲି। ସେତେବେଳେ ଷ୍ଟାଣ୍ଡାର୍ଡ ୩ରେ ପଢୁଥିଲି।

**ପ୍ର: କେଉଁଠାରେ ଅଭ୍ୟାସ କରୁଛ ?**
ଉ: ବଡ଼ବିଲରେ ଥିବା ଉଶୁ ଷ୍ଟାଡିୟମରେ ବାପା ଟ୍ରେନିଂ ଦିଅନ୍ତି। ସେଠାରେ ମୁଁ କୋଚିଂ ନେଉଛି। ବାପା ହିଁ ମୋର ପ୍ରଥମ କୋଚ୍ ଏବଂ ଏବେ ମଧ୍ୟ ମୁଁ ତାଙ୍କଠାରୁ କୋଚିଂ ନେଉଛି।

**ପ୍ର: ପରିବାରରୁ କିପରି ସମର୍ଥନ ମିଳୁଛି ?**
ଉ: ବାପା ଜଣେ ଉଶୁ ଏକ୍ସପର୍ଟ ହୋଇଥିବାରୁ ପରିବାରରୁ ମୋତେ ଏହି କ୍ରୀଡ଼ା ପାଇଁ ଭରପୂର ସମର୍ଥନ ମିଳୁଛି। ପରିବାର ଏବଂ ବନ୍ଧୁବର୍ଗ ଆଦି ସମସ୍ତେ ମୋତେ ଉତ୍ସାହିତ କରିଥାନ୍ତି।

**ପ୍ର: ଉଶୁର କେତୋଟି ବିଭାଗ ଅଛି। ତୁମକୁ କେଉଁଟି ଭଲଲାଗେ?**
ଉ: ଉଶୁର ୨ଟି ବିଭାଗ ରହିଛି। ଗୋଟିଏ ହେଲା ସାଣ୍ଡା ଅର୍ଥ ଫାଇଟ୍। ଆଉଗୋଟେ ହେଲା ଟାଓଲୁ, ଯେଉଁଥିରେ ଶୋ' କରାଯାଇଥାଏ। ମୋତେ ସାଣ୍ଡା ଭଲଲାଗେ। ମୁଁ ଫାଇଟ୍ କରିବାକୁ ଭଲପାଏ।

**ପ୍ର: ଟାଓଲୁରେ କେବେ ଭାଗ ନେଇଛ ? ୨ଟା ବିଭାଗରୁ କେଉଁଟା କଷ୍ଟସାଧ୍ୟ?**
ଉ: ମୁଁ କେବେ ଟାଓଲୁରେ ଭାଗ ନେଇନାହିଁ। ୨ ବିଭାଗରୁ ସାଣ୍ଡା ହିଁ କଷ୍ଟକର। ଯେଉଁମାନେ ପାଇଟ୍ କରିପାରନ୍ତି ନାହିଁ ସେମାନେ ଟାଓଲୁରେ ଅଂଶଗ୍ରହଣ କରିଥାନ୍ତି।

**ପ୍ର: ରୁଷିଆ ଅନ୍ତର୍ଜାତୀୟ ପ୍ରତିଯୋଗିତା ପାଇଁ ତୁମେ କିପରି ଯୋଗ୍ୟତା ପାଇଥିଲ ?**
ଉ: ଖେଲୋ ଇଣ୍ଡିଆ ଓମେନ୍ସ ଲିଗ୍‌ରେ ଦେଶର ସବୁ ରାଜ୍ୟରୁ ପ୍ରତିଯୋଗୀ ଭାଗ ନେଇଥାନ୍ତି। ସେଠାରେ ସ୍ୱର୍ଣ୍ଣ ପଦକ ଜିତିଥିବା ପ୍ରତିଯୋଗୀମାନେ ମସ୍କୋ ପ୍ରତିଯୋଗିତା ପାଇଁ ଚୟନ ହୋଇଥିଲେ। ଖେଲୋ ଇଣ୍ଡିଆ ସବ୍‌ଜୁନିୟର ଓମେନ୍ସ ଲିଗ୍ ମାର୍ଚ୍ଚ ୨୭ରୁ ୩୧ ପର୍ଯ୍ୟନ୍ତ ଜମ୍ମୁ-କଶ୍ମୀରରେ ଥିଲା। ମୁଁ ସେଠାରୁ ମନୋନୀତ ହୋଇଥିଲି।

**ପ୍ର: ରାଜ୍ୟ ହେଉ କିମ୍ବା ଜାତୀୟ ପ୍ରତିଯୋଗିତା। ଏହା ପୂର୍ବରୁ ତୁମର ପ୍ରଦର୍ଶନ କିପରି ରହିଛି ?**
ଉ: ମୁଁ ଅନେକଥର ରାଜ୍ୟ ସ୍ତରରେ ସ୍ୱର୍ଣ୍ଣ ପଦକ ହାସଲ କରି ଜାତୀୟ ପ୍ରତିଯୋଗିତାରେ ଭାଗ ନେଇଛି ଏବଂ ସେଠାରେ ମଧ୍ୟ ପ୍ରଭାବୀ ପ୍ରଦର୍ଶନ କରିଛି।

**ପ୍ର: ମସ୍କୋରେ ଅନୁଷ୍ଠିତ ଅନ୍ତର୍ଜାତୀୟ ପ୍ରତିଯୋଗିତା କେତେ ଟପ୍ ଥିଲା ?**
ଉ: ସେଠାରେ ବହୁତ ଦେଶରୁ ଭଲ ପିଲାମାନେ ଭାଗ ନେଇଥିଲେ। ତେଣୁ ପ୍ରତିଯୋଗିତା ବହୁତ ଟପ୍ ଥିଲା।

**ପ୍ର: ଟୁର୍ନାମେଣ୍ଟରେ ତୁମେ କେଉଁ ଦେଶର ପ୍ରତିଯୋଗୀଙ୍କୁ ଭେଟିଥିଲ ?**
ଉ: ମୋର କ୍ୱାର୍ଟର ଫାଇନାଲ ଆଜରବୈଜାନ, ସେମିଫାଇନାଲ ଇଣ୍ଡୋନେସିଆ ଓ ଫାଇନାଲ ରୁଷିଆ ପ୍ରତିଯୋଗୀଙ୍କ ବିପକ୍ଷରେ ଥିଲା। ଏଥିରୁ ଫାଇନାଲର ପ୍ରତିଦ୍ୱନ୍ଦ୍ୱୀ କଡ଼ା ଟକ୍କର ଦେଇଥିଲେ। ମାତ୍ର ମୁଁ ନିଜ କୌଶଳ ବଳରେ ଚାମ୍ପିୟନ ହୋଇଥିଲି।


ଶ୍ୱେତାରାଣୀ ମହନ୍ତ

**ପ୍ର: ଆଗକୁ କ'ଣ କରିବା ଲକ୍ଷ୍ୟ ରହିଛି ?**
ଉ: ମୁଁ ଅଧିକ ପରିଶ୍ରମ କରି ଅଲିମ୍ପିକ୍ସରେ ଦେଶ ପକ୍ଷରୁ ପ୍ରତିନିଧିତ୍ୱ କରିବାକୁ ଇଚ୍ଛା ରଖିଛି। ଅଲିମ୍ପିକ୍ସରେ ସ୍ୱର୍ଣ୍ଣ ପଦକ ହାସଲ ମୋର ଲକ୍ଷ୍ୟ।

**ପ୍ର: ଆଗକୁ ବଢ଼ିବାପାଇଁ ଆଉ କ'ଣ ଆବଶ୍ୟକ ଅଛି ବୋଲି ଅନୁଭବ କରୁଛ ?**
ଉ: ମୁଁ ଭାବୁଛି ବାପାଙ୍କ ପାଖରୁ କୋଚିଂ ନେଇ ହିଁ ଆଗକୁ ବଢ଼ି ପାରିବି। କେବଳ ମୋତେ କଠିନ ପରିଶ୍ରମ କରିବାର ଅଛି।

**ପ୍ର: ଆଦର୍ଶ ଖେଳାଳି କିଏ ?**
ଉ: ମୋ ବାପା ହିଁ ମୋର ଆଦର୍ଶ। ମୋ ପାଇଁ ସେ ହିଁ ସବୁଠାରୁ ଶ୍ରେଷ୍ଠ ଉଶୁ ଖେଳାଳି।

**ପ୍ର: ଓଡ଼ିଶାରେ ଉଶୁର ଉନ୍ନତି ପାଇଁ ଆଉ କ'ଣ ଆବଶ୍ୟକ ଅଛି ?**
ଉ: ଓଡ଼ିଶାରେ ଉଶୁ ଏତେ ଲୋକପ୍ରିୟ ହୋଇ ପାରିନାହିଁ। ଅନ୍ୟ ରାଜ୍ୟରେ ଜାତୀୟ ସବ୍‌ଜୁନିୟରରେ ବିଜୟୀ ହେଲେ ମଧ୍ୟ ସରକାରଙ୍କ ପକ୍ଷରୁ ମୋଟା ଅଙ୍କର ଆର୍ଥିକ ପ୍ରୋତ୍ସାହନ ମିଳିଥାଏ। ମାତ୍ର ଏଠାରେ ଯାହାବି ମିଳୁଛି ତାହା ବହୁତ କମ୍।

**ସଂକ୍ଷେପରେ...**
ଜନ୍ମ: ୨୦୦୮, ଅଗଷ୍ଟ ୧୪
ଘର: ସେଡିଙ୍ଗ୍, ବଡ଼ବିଲ୍, କେନ୍ଦୁଝର
ମା: ସୁଷମା ମହନ୍ତ (କିକ୍‌ବକ୍ସିଂରେ ଜାତୀୟ ମେଡାଲିଷ୍ଟ)
ବାପା ଓ କୋଚ୍: ପଙ୍କଜ କୁମାର ମହନ୍ତ (ଇନ୍‌ଡୋର ଏସିଆନ ଗେମ୍ସ ମେଡାଲିଷ୍ଟ)
ସାନଭାଇ: ସିୟୋନ ମହନ୍ତ (୯ ବର୍ଷରେ ନ୍ୟାଶନାଲ ଉଶୁ ମେଡାଲିଷ୍ଟ)
ଏଜୁକେଶନ: ୧୦ମ ଶ୍ରେଣୀ (ଜିନ୍ଦଲ ସ୍କୁଲ, ବଡ଼ବିଲ)
ପ୍ରତିନିଧିତ୍ୱ: କେନ୍ଦୁଝର ଜିଲା ଉଶୁ ଆସୋସିଏଶନ, ଉଶୁ ଆସୋସିଏଶନ ଅଫ୍ ଓଡ଼ିଶା, ଉଶୁ ଆସୋସିଏଶନ ଅଫ୍ ଇଣ୍ଡିଆ ଏବଂ ସାଇ ଖେଲୋ ଇଣ୍ଡିଆ।

**ପ୍ର: ରାଜ୍ୟରେ ଟ୍ରେନିଂପାଇଁ କିପରି ସୁବିଧା ରହିଛି ?**
ଉ: ଓଡ଼ିଶାରେ ଆମ ଜିଲାର ପିଲାମାନେ ହିଁ ସବୁଠାରୁ ଭଲ ପ୍ରଦର୍ଶନ ଦେଇଥାନ୍ତି। କାରଣ ଏଠାରେ ଉତ୍ତମ ଟ୍ରେନିଂ ଦିଆ ଯାଇଥାଏ। ତେଣୁ ଅନ୍ୟ ଜିଲାରେ ମଧ୍ୟ ଭଲ ଏକାଡେମୀ ହେବା ସହ କୋଚ୍‌ଙ୍କୁ ନିଯୁକ୍ତ କରାଯିବା କଥା।

**-ପ୍ରସ୍ତୁତି ତପନ କୁମାର ସ୍ୱାଇଁ**

## ହୁସାମୁଦ୍ଦିନ, ଦୀପକ, ନିଶାନ୍ତଙ୍କୁ ବ୍ରୋଞ୍ଜ ପଦକ

**ତାଶ୍‌କେଣ୍ଟ, ୧୨।୫ (ପି.ଟି.):** ଭାରତୀୟ ବକ୍ସର ଦୀପକ ଭୋରିଆ (୫୧କେଜି), ମହମ୍ମଦ ହୁସାମୁଦ୍ଦିନ (୫୭କେଜି) ଓ ନିଶାନ୍ତ ଦେବ (୭୧କେଜି) ଏଠାରେ ଚାଲିଥିବା ବିଶ୍ୱ ଚାମ୍ପିୟନଶିପ୍‌ରେ ଗୋଟିଏ ଲେଖାଏ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ଦୀପକ ଲଢୁଆ ପ୍ରଦର୍ଶନ କରି ଦୁଇଥର ବିଶ୍ୱଚାମ୍ପିୟନଶିପ୍ ବ୍ରୋଞ୍ଜ ପଦକ ବିଜେତା ଫ୍ରାନ୍ସର ବିଲାଲ ବେନାମାଙ୍କଠାରୁ ଏକ ବିଭାଜିତ ରାୟ ୩-୪ରେ ହାରିଯାଇଥିଲେ। ଅନ୍ୟପକ୍ଷରେ ହୁସାମୁଦ୍ଦିନ ଆଘାତପ୍ରାପ୍ତ ଥିବାରୁ ବାଉଟ୍‌ରୁ ଓହରିଯିବାକୁ ବାଧ୍ୟ ହୋଇଥିଲେ। ତାଙ୍କ ପ୍ରତିଦ୍ୱନ୍ଦ୍ୱୀ କ୍ୟୁବାର ସେଡେଲ ହୋର୍ଟା ୱାକଓଭର ପାଇ ଫାଇନାଲକୁ ଉନ୍ନୀତ ହୋଇଛନ୍ତି। ବିଶ୍ୱ ଚାମ୍ପିୟନଶିପ୍‌ରେ ପ୍ରଥମ ଥର ଭାଗ ନେଇଥିବା ନିଜାମାବାଦର ୨୯ ବର୍ଷୀୟ ହୁସାମୁଦ୍ଦିନ ବୁଲଗେରିଆର ଜେ. ଡିଆଜ୍ ଇବାନେଜଙ୍କ ବିପକ୍ଷ ତାଙ୍କ କ୍ୱାର୍ଟରଫାଇନାଲ ମୁକାବିଲା ବେଳେ ଆହତ ହୋଇଥିଲେ। ତାଙ୍କୁ ସେମିଫାଇନାଲରେ ଭାଗ ନ ନେବା ଲାଗି ବକ୍ସିଂ ଫେଡେରେଶନ ଅଫ୍ ଇଣ୍ଡିଆ (ବିଏଫ୍‌ଆଇ) ତରଫରୁ ପରାମର୍ଶ ଦିଆଯାଇଥିଲା। ନିଶାନ୍ତ ମଧ୍ୟ ତାଙ୍କ ସେମିଫାଇନାଲ ବାଉଟ ହାରିଯାଇଥିଲେ। ତାଙ୍କୁ ୨୦୨୨ ଏସିଆନ ଚାମ୍ପିୟନ ଓ ୨୦୧୮ ଏସିଆନ ଗେମ୍ସ ରୌପ୍ୟ ବିଜେତା କାଜାଖସ୍ତାନର ଅସ୍‌ଲାନବେକ୍ ସିମ୍ବରଜେନଭ ହରାଇ ଦେଇଥିଲେ।

## ଭୁବନେଶ୍ୱରରେ ଲନ୍ ବଲ୍ସ କର୍ମଶାଳା ୧୭ରୁ

**ଭୁବନେଶ୍ୱର, ୧୨।୫ (କ୍ରୀଡ଼ା ପ୍ରତିନିଧି)**

ଓଡ଼ିଶା ରାଜ୍ୟ ବୋଲିଂ ଆସୋସିଏଶନ ଆନୁକୂଲ୍ୟରେ ଲନ୍ ବଲ୍ସ ଓ କୋଚ୍ ଓ ବୈଷୟିକ ଅଧିକାରୀଙ୍କ କର୍ମଶାଳା ଚଳିତ ମାସ ୧୭ରୁ ୧୯ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏହା ନୟାପଲ୍ଲୀସ୍ଥିତ ରାଜ୍ୟ କ୍ରୀଡ଼ା




ବିଭାଗର ଇନ୍‌ଡୋର ହଲ୍‌ରେ ଆୟୋଜିତ ହେବ। ରାଜ୍ୟ କ୍ରୀଡ଼ା ବିଭାଗ ସହଯୋଗରେ ହେବାକୁ ଯାଉଥିବା କର୍ମଶାଳାରେ ରାଜ୍ୟର ପାଖାପାଖି ୩୦ କୋଚ୍ ଓ ବୈଷୟିକ ଅଧିକାରୀ ଅଂଶଗ୍ରହଣ କରିବାକୁ ମନୋନୀତ ହୋଇଛନ୍ତି। କର୍ମଶାଳା ପରିଚାଳନା ପାଇଁ ୨ ଜଣ ଅନ୍ତର୍ଜାତୀୟ ବୈଷୟିକ ଅଧିକାରୀ ପାରସ ଶର୍ମା ଓ ନୀତୀନ ବିଶ୍ୱାନୀଙ୍କୁ ବୋଲିଂ ଫେଡେରେଶନ ଅଫ୍ ଇଣ୍ଡିଆ ପକ୍ଷରୁ ନିଯୁକ୍ତ କରାଯାଇଛି ବୋଲି ଓଡ଼ିଶା ରାଜ୍ୟ ବୋଲିଂ ଆସୋସିଏଶନ ସମ୍ପାଦକ ସୁମିତ ରଞ୍ଜନ ପୁରୋହିତ ପ୍ରକାଶ କରିଛନ୍ତି।

## ପିକେଙ୍କ ଜନ୍ମଦିନରେ ଏଆଇଏଫ୍‌ଏଫ୍ ଗ୍ରାସ୍‌ରୁଟ୍ ଡେ

**ନୂଆଦିଲ୍ଲୀ, ୧୨।୫ (ପି.ଟି.):** ଭାରତୀୟ ଫୁଟ୍‌ବଲ ଆଇକନ ପ୍ରଦୀପ କୁମାର ବାନାର୍ଜୀଙ୍କ ଜନ୍ମଦିନ ଜୁନ ୨୩ ତାରିଖକୁ 'ଏଆଇଏଫ୍‌ଏଫ୍ ଗ୍ରାସ୍‌ରୁଟ୍ ଡେ' ରୂପେ ଘୋଷଣା କରିଛି ସର୍ବଭାରତୀୟ ଫୁଟ୍‌ବଲ ମହାସଂଘ (ଏଆଇଏଫ୍‌ଏଫ୍)। ଖେଳପ୍ରେମୀଙ୍କ ନିକଟରେ ପିକେ



ନାମରେ ପରିଚିତ ସ୍ୱର୍ଗତ ବାନାର୍ଜୀ ୧୯୬୦ ରୋମ୍ ଅଲିମ୍ପିକ୍ସରେ ଭାରତୀୟ ଦଳର ଅଧିନାୟକତ୍ୱ କରିଥିଲେ। ସେ ତାଙ୍କ ଫୁଟ୍‌ବଲ କ୍ୟାରିୟରରେ କେବଳ ଜଣେ ଖେଳାଳି ହିସାବରେ ନୁହେଁ, ଜଣେ କୋଚ୍ ହିସାବରେ ଉଲ୍ଲେଖନୀୟ ସଫଳତା ହାସଲ କରିଥିଲେ। ଏକ ପ୍ରଶ୍ନର ଉତ୍ତରରେ ଏଆଇଏଫ୍‌ଏଫ୍ ସେକ୍ରେଟାରି ଜେନେରାଲ ଶାଜି ପ୍ରଭାକରନ କହିଛନ୍ତି, ପିକେ ବାନାର୍ଜୀଙ୍କ ଜନ୍ମଦିନକୁ 'ଏଆଇଏଫ୍‌ଏଫ୍ ଗ୍ରାସ୍‌ରୁଟ୍ ଡେ' ରୂପେ ପାଳନ କରାଯିବା ପଛରେ ବିଶେଷ କାରଣ ରହିଛି। ଭାରତୀୟ ଫୁଟ୍‌ବଲ ପ୍ରତି ପ୍ରଦୀପ ଦା'ଙ୍କ ଅବଦାନ ଭୁଲିବାର କଥା ନୁହେଁ। ଖେଳ ଛାଡ଼ିବା ପରେ ପରବର୍ତ୍ତୀ ୩୦ ବର୍ଷ ଜଣେ କୋଚ୍ ହିସାବରେ ଅନେକ ଜାତୀୟ ଓ ଅନ୍ତର୍ଜାତୀୟ ଖେଳାଳି ସୃଷ୍ଟି କରିଛନ୍ତି। ଟାଟା ଫୁଟ୍‌ବଲ ଏକାଡେମୀରେ ତାଙ୍କ ନେତୃତ୍ୱ ଏବଂ ଖେଳର ତୃଣମୂଳସ୍ତରରେ ତାଙ୍କ ଅବଦାନ ଆଦୌ ଭୁଲି ହେବ ନାହିଁ। ସେ ଜଣେ ଦୃଷ୍ଟାନ୍ତମୂଳକ ଫୁଟ୍‌ବଲର ଥିଲେ। ୧୯୬୨ ଏସିଆନ ଗେମ୍ସରେ ଭାରତର ଐତିହାସିକ ସ୍ୱର୍ଣ୍ଣ ପଦକ ସଫଳତା ପଛରେ ତାଙ୍କର ବିଶେଷ ଭୂମିକା ରହିଥିଲା। ୧୯୬୯ରେ ଫିଫା ତରଫରୁ ପ୍ରଥମ ଥର ଜାପାନରେ ଜର୍ମାନୀ କୋଚ୍ ଡେଟ୍‌ମାର କ୍ରାମରଙ୍କ ତତ୍ତ୍ୱାବଧାନରେ ଏକ କୋଚିଂ ପାଠ୍ୟକ୍ରମ ଆରମ୍ଭ କରାଯାଇଥିଲା। ବାନାର୍ଜୀ ଏହି ପାଠ୍ୟକ୍ରମରେ ଯୋଗ ଦେଇଥିଲେ। ସେ ପ୍ରଥମ ଶ୍ରେଣୀ ଡିଗ୍ରୀ ସହ ସେଠାରୁ ଫେରିଥିଲେ। ବାନାର୍ଜୀଙ୍କ ଫୁଟ୍‌ବଲ କୋଚିଂ କୋର୍ସ ବହୁ ବର୍ଷ ଧରି ଦୂରଦର୍ଶନରେ ପ୍ରସାରିତ ହୋଇଥିଲା।

## ଭାରତ ପ୍ରଥମେ ମଙ୍ଗୋଲିଆକୁ ଭେଟିବ

**ଭୁବନେଶ୍ୱର, ୧୨।୫ (କ୍ରୀଡ଼ା ପ୍ରତିନିଧି)**

**ଇଣ୍ଟରକଣ୍ଟିନେଣ୍ଟାଲ କପ୍ ଫୁଟବଲ**

ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମରେ ହେବାକୁ ଯାଉଥିବା ହିରୋ ଇଣ୍ଟରକଣ୍ଟିନେଣ୍ଟାଲ କପ୍ ଫୁଟବଲ ଟୁର୍ନାମେଣ୍ଟର କାର୍ଯ୍ୟସୂଚୀ ଶୁକ୍ରବାର ପ୍ରକାଶ ପାଇଛି। ଏଥିରେ ଭାରତ ସମେତ ଲେବାନନ, ମଙ୍ଗୋଲିଆ ଓ ଭାନୁଆଟୁ ଦଳ ଅଂଶଗ୍ରହଣ କରିବେ। ଜୁନ ୯ ତାରିଖରୁ ପ୍ରତିଯୋଗିତା ଆରମ୍ଭ ହେବ। ଏହି ଦିନ ଅପରାହ୍ନ ୪ଟା ୩୦ରେ ଲେବାନନ ଓ ଭାନୁଆଟୁ ମଧ୍ୟରେ ପ୍ରଥମ ମ୍ୟାଚ ଅନୁଷ୍ଠିତ। ରାତି ୭ଟା ୩୦ରେ ଭାରତ ଏହାର ପ୍ରଥମ ମ୍ୟାଚରେ ମଙ୍ଗୋଲିଆକୁ ଭେଟିବ। ଅଂଶଗ୍ରହଣକାରୀ ୪ ଦଳ ପରସ୍ପରକୁ ଗୋଟିଏ ଲେଖାଏ ମ୍ୟାଚରେ ଭେଟିବେ। ଶୀର୍ଷ ଦୁଇଦଳ ଜୁନ୍ ୧୮ରେ ଫାଇନାଲରେ ପରସ୍ପରକୁ ଭେଟିବେ। କାତାରରେ ହେବାକୁଥିବା ୨୦୨୩ ଏଏଫ୍‌ସି ଏସିଆନ କପ୍ ପାଇଁ ଏହି ଟୁର୍ନାମେଣ୍ଟ ପ୍ରସ୍ତୁତି ସଦୃଶ ହେବ। ଇଣ୍ଟରକଣ୍ଟିନେଣ୍ଟାଲ କପ୍ ପରେ ଭାରତ ସାଫ୍ ଚାମ୍ପିୟନଶିପ୍ ଖେଳିବ। ଏହା ଆସନ୍ତା ଜୁନ୍ ୨୧ରୁ ଜୁଲାଇ ୩ ପର୍ଯ୍ୟନ୍ତ ବେଙ୍ଗାଲୁରୁଠାରେ ଅନୁଷ୍ଠିତ ହେବ। ମୁଖ୍ୟ କୋଚ୍ ଇଗର ଷ୍ଟିମାକଙ୍କ ଅଧୀନରେ ଜାତୀୟ ଦଳ ଚଳିତ ମାସ ୧୫ ତାରିଖରୁ କଳିଙ୍ଗ ଷ୍ଟାଡିୟମରେ ଅଭ୍ୟାସ କରିବ। ଏଥିପାଇଁ ଭାରତୀୟ ଦଳର ଖେଳାଳିମାନେ ଶନିବାରଠାରୁ ଭୁବନେଶ୍ୱରରେ ପହଞ୍ଚିବା ଆରମ୍ଭ କରିବେ। କଳିଙ୍ଗ ଷ୍ଟାଡିୟମରେ ଇଣ୍ଟରକଣ୍ଟିନେଣ୍ଟାଲ୍ କପ୍‌ର ତୃତୀୟ ସଂସ୍କରଣ ଅନୁଷ୍ଠିତ ହେବ। ପୂର୍ବ ୨ ସଂସ୍କରଣ ମୁମ୍ବାଇ (୨୦୧୮) ଓ ଅହମଦାବାଦ (୨୦୧୯)ରେ ଅନୁଷ୍ଠିତ ହୋଇଥିଲା।

**କାର୍ଯ୍ୟସୂଚୀ**
ଜୁନ୍ ୯: **ଲେବାନନ ବନାମ ଭାନୁଆଟୁ**, ଅପରାହ୍ନ ୪ଟା ୩୦
**ଭାରତ ବନାମ ମଙ୍ଗୋଲିଆ** ରାତି ୭ଟା ୩୦
ଜୁନ୍ ୧୨: **ମଙ୍ଗୋଲିଆ ବନାମ ଲେବାନନ**, ଅପରାହ୍ନ ୪ଟା ୩୦
**ଭାରତ ବନାମ ଭାନୁଆଟୁ** ରାତି ୭ଟା ୩୦
ଜୁନ ୧୫: **ଭାନୁଆଟୁ ବନାମ ମଙ୍ଗୋଲିଆ**, ଅପରାହ୍ନ ୪ଟା ୩୦
**ଭାରତ ବନାମ ଲେବାନନ** ରାତି ୭ଟା ୩୦
ଜୁନ୍ ୧୮: ଫାଇନାଲ, ରାତି ୭ଟା ୩୦।


ଓଡ଼ିଶା କ୍ରିକେଟ ଆସୋସିଏଶନ ପକ୍ଷରୁ ଓସିଏ କନ୍‌ଫରେନ୍ସ ହଲ୍‌ରେ ଆୟୋଜିତ ରିଫ୍ରେଶର ପ୍ରୋଗ୍ରାମରେ ଭାଗ ନେଇଥିବା କୋଚ୍‌ଙ୍କ ସହ ଅନ୍ୟମାନେ।

## ଓଡ଼ିଶାରୁ ଭାଗ ନେବେ ୪ ଖେଳାଳି

**ଭୁବନେଶ୍ୱର, ୧୨।୫ (ସ୍ପୋର୍ଟ୍ସ ବ୍ୟୁରୋ)**

୧୯ ବର୍ଷରୁ କମ୍ ମହିଳା ଆନ୍ତଃ ନ୍ୟାଶନାଲ କ୍ରିକେଟ ଏକାଡେମୀ ଟୁର୍ନାମେଣ୍ଟ ଚଳିତ ମାସ ୨୧ରୁ ୩୧ ତାରିଖ ପର୍ଯ୍ୟନ୍ତ ରାଜକୋଟ (ସୌରାଷ୍ଟ୍ର କ୍ରିକେଟ ଆସୋସିଏଶନ)ଠାରେ ଅନୁଷ୍ଠିତ ହେବ। ଏଥିପାଇଁ ଓଡ଼ିଶା କ୍ରିକେଟ ଆସୋସିଏଶନ (ଓସିଏ) ୪ ଖେଳାଳିଙ୍କୁ ମନୋନୀତ କରିଛି। ସେମାନେ ହେଲେ ପ୍ରିୟଙ୍କା ମୃଦୁଳ (ଟିମ୍-ଏ), ସୁଚିସ୍ମିତା ପଣ୍ଡା (ଟିମ୍-ଏ), ଏସ୍. ବି. ଲରେନ୍ସ (ଟିମ୍-ଏଫ୍) ଓ ତନ୍ମୟୀ ବେହେରା (ଟିମ୍-ଡି)। ଏହି ପରିପ୍ରେକ୍ଷୀରେ ଓସିଏ ସଭାପତି ପ୍ରଣବ ପ୍ରକାଶ ଦାସ, ସମ୍ପାଦକ ସଞ୍ଜୟ ବେହେରା ଏବଂ ଓସିଏର ଅନ୍ୟ କର୍ମକର୍ତ୍ତାଗଣ ଆଗାମୀ ଟୁର୍ନାମେଣ୍ଟ ପାଇଁ ମନୋନୀତ ଏହି ଖେଳାଳିମାନଙ୍କୁ ଅଭିନନ୍ଦନ ଜଣାଇବା ସହ ଭଲ ପ୍ରଦର୍ଶନ ପାଇଁ ଶୁଭ କାମନା କରିଛନ୍ତି।

## ସାହାଣୀ କପ୍: କଟକ-କନ୍ଧମାଳ ଫାଇନାଲ

**ଭୁବନେଶ୍ୱର, ୧୨।୫ (କ୍ରୀଡ଼ା ପ୍ରତିନିଧି)**

ଆନ୍ତଃଜିଲା ସାହାଣୀ କପ୍ ଫୁଟବଲ ଟୁର୍ନାମେଣ୍ଟର ୨ଟି ସେମିଫାଇନାଲ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଜୟୀ ହୋଇ କଟକ ଓ କନ୍ଧମାଳ ଦଳ ଫାଇନାଲରେ ପ୍ରବେଶ କରିଛି। କ୍ୟାପିଟାଲ ଫୁଟବଲ ଆରେନାରେ ଅନୁଷ୍ଠିତ ସଂଘର୍ଷପୂର୍ଣ୍ଣ ପ୍ରଥମ ସେମିଫାଇନାଲରେ କଟକ ୪-୩ ଗୋଲରେ ସୁନ୍ଦରଗଡ଼କୁ ପରାସ୍ତ କରିଛି। କଟକ ପକ୍ଷରୁ ସେକ୍ ଫରିଦ ୨ୟ ଓ ୪୭ତମ ମିନିଟରେ ଏବଂ ଦୀନବନ୍ଧୁ ଦାସ ୪୫ ଓ ୫୧ତମ ମିନିଟରେ ୨ଟି ଲେଖାଏ ଗୋଲ ଦେଇଥିଲେ। ସୁନ୍ଦରଗଡ଼ର ସ୍ୱାଧୀନ ବଡ଼େଇ ୧୮, ଦୀପକ ମୁଣ୍ଡା ୬୬ ଓ କିଶୋର ଖାଡ଼ିଆ ୯୦+୪ ମିନିଟରେ ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ଦ୍ୱିତୀୟ ସେମିଫାଇନାଲରେ କନ୍ଧମାଳ ୨-୧ ଗୋଲରେ ବରଗଡ଼କୁ ହରାଇଛି। ବିଜୟୀ ଦଳର ସଞ୍ଜୀବ ଓରାମ ୧୦, ମାନସ ରଞ୍ଜନ ପ୍ରଧାନ ୫୩ ଓ ବରଗଡ଼ ପକ୍ଷରୁ ଫ୍ରାନ୍ସିସ ଲାକ୍ରା ୬୧ତମ ମିନିଟରେ ଗୋଟିଏ ଲେଖାଏ ଗୋଲ ସ୍କୋର କରିଥିଲେ। କଟକ ଓ କନ୍ଧମାଳ ମଧ୍ୟରେ ଡବଲ୍ ଲିଗ୍ ବିଶିଷ୍ଟ ଫାଇନାଲ ହେବ। କଟକ ଚୌଦ୍ୱାରସ୍ଥିତ ଓଟିଏମ୍ ଗ୍ରାଉଣ୍ଡରେ ୧୪ ତାରିଖରେ ପ୍ରଥମ ଏବଂ କଳିଙ୍ଗ ଷ୍ଟାଡିୟମରେ ୧୭ ତାରିଖରେ ଦ୍ୱିତୀୟ ଫାଇନାଲ ଅନୁଷ୍ଠିତ ହେବ।

## ଓଡ଼ିଶା ଏଫ୍‌ସି ସହ ଅମରିନ୍ଦରଙ୍କ ନୂଆ ଚୁକ୍ତି

**ଭୁବନେଶ୍ୱର, ୧୨।୫ (ସ୍ପୋର୍ଟ୍ସ ବ୍ୟୁରୋ)**

ଅମରିନ୍ଦର ସିଂ ଏକ ନୂଆ ଚୁକ୍ତିରେ ସ୍ୱାକ୍ଷର କରିଥିବା ଓଡ଼ିଶା ଏଫ୍‌ସି ପକ୍ଷରୁ ଶୁକ୍ରବାର ଘୋଷଣା କରାଯାଇଛି। ଫଳତଃ ସେ ଏହି କ୍ଲବ ସହ ୨୦୨୬ ପର୍ଯ୍ୟନ୍ତ ରହିବେ। ୨୦୨୩ ହିରୋ ଇଣ୍ଡିଆନ ସୁପର ଲିଗ୍ (ଆଇଏସଏଲ୍)ରେ ଓଡ଼ିଶା ଏଫ୍‌ସି ପାଇଁ ସବୁଠାରୁ ସଫଳ ସିଜନ ରହିଥିଲା। ଦଳ ପ୍ରଥମ ଥର ସୁପର କପ୍ ଟାଇଟଲ ବିଜେତା ହୋଇଥିଲା। ଦଳର ସଫଳତା ପଛରେ ଅମରିନ୍ଦରଙ୍କର ବିଶେଷ ଭୂମିକା ରହିଥିଲା। ସୁପର କପ୍‌ରେ ସେ ଶ୍ରେଷ୍ଠ ଗୋଲ୍‌କିପର ଭାବେ ପୁରସ୍କୃତ ହୋଇଥିଲେ। ତ୍ରିରାଷ୍ଟ୍ରୀୟ ଟୁର୍ନାମେଣ୍ଟରେ ମଧ୍ୟ ଅମରିନ୍ଦରଙ୍କ ପ୍ରଦର୍ଶନ ଉଲ୍ଲେଖନୀୟ ରହିଥିଲା। ସେ ଗୁରପ୍ରୀତ୍ ସିଂ ସାନ୍ଧୁଙ୍କ ସହ ଶ୍ରେଷ୍ଠ ଗୋଲ୍‌କିପର ପୁରସ୍କାର ପାଇଥିଲେ। ୨୯ ବର୍ଷୀୟ ଏହି ଶଟ୍ ଷ୍ଟପର କ୍ଲବ ପାଇଁ ସ୍ଥିର ପ୍ରଦର୍ଶନ କରି ଆସିଥିଲେ। ଏହି ହିରୋ ଆଇଏସ୍‌ଏଲ୍ ସିଜନରେ ସେ କ୍ଲବ ତରଫରୁ ୨୧ ଥର ଖେଳିଛନ୍ତି। ତାଙ୍କର ଗୋଲରକ୍ଷଣ ହାର ୬୨%, କ୍ୟାଚ ସଂଖ୍ୟା ୧୧୨, ନିଖୁଣ ପାସିଂ ହାର ୬୧% ରହିଛି। ପୁନଶ୍ଚ ସେ ଏକମାତ୍ର ଗୋଲକିପର ଭାବେ ଏକ ଗୋଲ୍‌ରେ ସହାୟତା କରିଥିଲେ। ସୂଚନାଯୋଗ୍ୟ, ଜଣେ ଗୋଲକିପର ହିସାବରେ ଅମରିନ୍ଦର ମୁମ୍ବାଇ ସିଟି ସହ ସିଜନ ପଦାର୍ପଣ କରି 'ଗୋଲ୍ଡେନ ଗ୍ଲୋଭ୍' ଜିତିଥିଲେ। ୨୩ଟି ମ୍ୟାଚରେ ତାଙ୍କ କ୍ଲିନ୍ ଶିଟ୍ ସଂଖ୍ୟା ୧୦ ରହିଥିଲା। ଫଳରେ ଲିଗ୍‌ରେ ତାଙ୍କ ମୋଟ୍ କ୍ଲିନ ଶିଟ୍ ସଂଖ୍ୟା ୩୭ରେ ପହଞ୍ଚିଛି।



ଅମରିନ୍ଦର ସିଂ

## ବଟଲରଙ୍କୁ ମ୍ୟାଚ ଫି'ର ୧୦ପ୍ରତିଶତ ଜରିମାନା

**କୋଲକାତା, ୧୨।୫ (ପି.ଟି.):** ଗୁରୁବାର ଇଡେନଗାର୍ଡେନ୍ସଠାରେ କୋଲକାତା ନାଇଟ ରାଇଡର୍ସ (କେକେଆର) ବିପକ୍ଷ ଇଣ୍ଡିଆନ ପ୍ରିମିୟର ଲିଗ୍ ମ୍ୟାଚରେ ଖେଳର ଆଚରଣ ବିଧି ଉଲ୍ଲଂଘନ କରିଥିବାରୁ ରାଜସ୍ଥାନ ରୟାଲ୍ସ ଓପନର ଜୋସ୍ ବଟଲରଙ୍କୁ ତାଙ୍କ ମ୍ୟାଚ ଫି'ର ୧୦ ପ୍ରତିଶତ ଜରିମାନା କରାଯାଇଛି। ମ୍ୟାଚରେ ଯଶସ୍ୱୀ ଜୈସ୍ୱାଲଙ୍କ ସହ ଭୁଲ ବୁଝାମଣା ଯୋଗୁ ବଟଲର ରନ ଆଉଟ ହୋଇଥିଲେ। ଏଥିରେ ସେ ଅସନ୍ତୋଷ ପ୍ରକାଶ କରିଥିଲେ। ଜୈସ୍ୱାଲଙ୍କ ପ୍ରଭାବୀ ବ୍ୟାଟିଂ ସହାୟତାରେ ରୟାଲ୍ସ ଏହି ମ୍ୟାଚ ୯ ଉଇକେଟରେ ଜିତି ନେଇଥିଲା। ବଟଲର ଆଚରଣ ବିଧିର ଧାରା ୨.୨ ଅନୁସାରେ ଲେଭଲ-୧ ଅପରାଧ କରିଥିବା ବିଷୟ ସ୍ୱୀକାର କରିଥିଲେ। ମ୍ୟାଚ ରେଫରିଙ୍କ ନିଷ୍ପତ୍ତି ଚୂଡ଼ାନ୍ତ ଏବଂ ମାନିବା ବାଧ୍ୟତାମୂଳକ।


ସାହାଣୀ କପ୍‌ରେ ଶୁକ୍ରବାର କଟକ ଓ ସୁନ୍ଦରଗଡ଼ ମଧ୍ୟରେ ଅନୁଷ୍ଠିତ ମ୍ୟାଚ।

# କାନ୍ତ ତ ସ୍ୱଭାବେ ମୋ କରୁଣାନିଧି

## ଚେତନ-ଅଚେତନ



ପ୍ରଫେସର ମଣୀନ୍ଦ୍ର କୁମାର ମେହେର

ବିଚିତ୍ର ଓ ରଘୁବୀର ଏବେ ଅଛନ୍ତି କେଉଁଠି? ଅନେକ ସମୟରେ ଏ ପ୍ରଶ୍ନ ମୋତେ ଯେତେବେଳେ ଆନ୍ଦୋଳିତ କରେ, ସେତେବେଳେ ଅନ୍ତର ଭିତରେ ମୁଁ ରୂପାନ୍ତରିତ ହୋଇଯାଉଥାଏ ଅନ୍ୟ ଏକ ଚରିତ୍ରରେ।

ଆମ ପୁରୁଣା ଘର ପାଖରେ ଥିଲା ଛୁଆ ନିନିର ଘର। ରଘୁବୀର ଓ ବିଚିତ୍ର ଏ ଦୁଇଜଣ ମୋର ସମବୟସ୍କ। ମୋତେ ସେତେବେଳେ ହୁଏତ ଛ' ସାତବର୍ଷ ବୟସ ମାତ୍ର ହୋଇଥିବ। ଆମ ତିନିଜଣଙ୍କ ମଧ୍ୟରେ ଗଢ଼ିଉଠିଥିଲା ଏକ ଅପୂର୍ବ ମମତାସିକ୍ତ ସମ୍ପର୍କ। ଆମର ଖେଳଘର ଥିଲା ଛୁଆ ନିନି ଘର ଭିତରର ପ୍ରଶସ୍ତ ମଙ୍ଗାଶାଳ ଅର୍ଥାତ୍ ଯେଉଁଠି ଛୁଆ ନିନିର ବାପା ଲୁଗା ବୁଣୁଥିଲେ। ସେଇ ତନ୍ତଶାଳରେ ହିଁ ଆମର ପାରସ୍ପରିକ ଆତ୍ମୀୟତା ଘନିଷ୍ଠରୁ ଘନିଷ୍ଠତର ହେବାକୁ ଲାଗିଥିଲା। କେଉଁ ମଙ୍ଗଳମୟ ମୁହୂର୍ତ୍ତରେ କିପରି ଏକ ସମାନ ପ୍ରେରଣାରେ ଆମେ ତିନିହେଁ, ଉଦ୍‌ବୁଦ୍ଧ ହେଲୁ ତାହା ଭାବିଲେ ଆଶ୍ଚର୍ଯ୍ୟ ଲାଗୁଛି ଆଜି। ଆମେ ତିନିଜଣ ଯାକ ରାମାୟଣ ସମ୍ପର୍କରେ ଥିଲୁ ସଚେତନ। ମୁଁ ତ ଅତି ଛୋଟବେଳରୁ ଜେଜେଙ୍କ ପାଖରେ ଶୋଇ ଶୁଣୁଥିଲି ରାମାୟଣର କାହାଣୀ। ମୋତେ ତାହା କେତେ ଭାବାପ୍ଲୁତ କରିଥିଲା ତାହା ମୋ' କଳନାର ବାହାରେ। ଅର୍ଥାତ୍ ମୁଁ କହିବାକୁ ଚାହୁଁଛି ଯେ, ମୁଁ ସେ ବିଷୟରେ ଆଜି ବି ଅଜ୍ଞ। ସେହି ଭାବ କିପରି ମୋତେ ଆଚ୍ଛନ୍ନ କରିଥିଲା ତାହା ଯଦି କିଏ ଜାଣେ, ତା'ହେଲେ ସିଏ ମୋର ଅନ୍ତରାତ୍ମା। ଏବେ ବି ଅନ୍ତରାତ୍ମାର ଅବିକଳ ଅନୁଭବକୁ ବ୍ୟକ୍ତ କରିବା ପାଇଁ ମୋର ସାମର୍ଥ୍ୟ ନାହିଁ।

ଛୁଆ ନିନି ଘରେ ଆମ ତିନିଜଣଙ୍କର ଖେଳକୌତୁକ ଅବ୍ୟାହତ ଥିଲାବେଳେ ହିଁ ଏ ପ୍ରସ୍ତାବଟି ସର୍ବସମ୍ମତିକ୍ରମେ ଗୃହୀତ ହୋଇଥିଲା ଯେ ସେଠି ଆମେ ଅଭିନୟ କରିବୁ ରାମାୟଣ ନାଟକର। କିଏ ଏହି ପ୍ରସ୍ତାବ ପ୍ରଥମେ ଦେଇଥିଲା ତାହା ମୋର ମନେନାହିଁ। ବିଚିତ୍ର ଓ ରଘୁବୀର ଅପେକ୍ଷା ମୁଁ ଦେଖାଯାଉଥିଲି ଅଧିକ ସୁକୋମଳ ଓ ନିରୀହ। ସେଥିପାଇଁ ମୁଁ ହିଁ ମନୋନୀତ ହେଲି ସୀତା ଚରିତ୍ରରେ ଅଭିନୟ କରିବା ଲାଗି।

ରାମାୟଣର କାହାଣୀ କାହାକୁ ବା ଅଜଣା! ସେ ବିଷୟରେ ଏଠାରେ ବର୍ଣ୍ଣନା କରିବା ନିଷ୍ପ୍ରୟୋଜନ। ଯେଉଁ ପ୍ରସଙ୍ଗ ହେଉଛି ସବୁଠାରୁ ଆକର୍ଷଣୀୟ, ତାହା ହେଲା ଆମ ତିନିଜଣଙ୍କ ଭିତରେ ଯେଉଁ ଆତ୍ମୀୟତା ଥିଲା, ତାହା ଏହି ଅଭିନୟ ଫଳରେ ହେଲା ପ୍ରଗାଢ଼ରୁ ପ୍ରଗାଢ଼ତର। ଏ ନାଟକ ଅବ୍ୟାହତ ଥିଲା ମାସାଧିକ କାଳ। ଆମେ ସମୟ ପାଇଲା ମାତ୍ରକେ ଉପସ୍ଥିତ ହେଉଥିଲୁ ଛୁଆ ନିନି ଘରର ସେହି ପ୍ରଶସ୍ତ ମାଟିଘରେ। ଆରମ୍ଭ ହେଉଥିଲା ଭାବାବେଗପୂର୍ଣ୍ଣ ରାମାୟଣର ଗୋଟିକ ପରେ ଗୋଟିଏ ଦୃଶ୍ୟ। ଆମର ନିର୍ଦ୍ଦେଶକ କେହି ନ ଥିଲେ। ସେହିପରି କୌଣସି ବହିରୁ ଆମେ ସଂଳାପ ମୁଖସ୍ଥ କରି ନ ଥିଲୁ କିମ୍ବା କୌଣସି ପୁସ୍ତକର ଅନୁକରଣ ବା ଅନୁସରଣ ମଧ୍ୟ କରୁ ନ ଥିଲୁ। ଆପେ ଆପେ ଆମ ମୁହଁରୁ ସ୍ଫୁରିତ ହେଉଥିଲା ସଂଳାପ ପରେ ସଂଳାପ। କିପରି ଯେ ତାହା ଆସୁଥିଲା ହୃଦୟ ଭିତରୁ ତାହା କେବଳ ସେ ହୃଦୟ ହିଁ ଜାଣେ। ଆମ ନାଟକର ବିହ୍ୱଳ ଓ ମୁଗ୍ଧ ଦର୍ଶକ ଥିଲେ ଛୁଆ ନିନି ଓ ତା'ର ବାପା ମାଆ। ବେଳେବେଳେ ଦର୍ଶକଙ୍କ ଅନୁପସ୍ଥିତିରେ ମଧ୍ୟ ଆମ ନାଟକ ସମାନ ଭାବାବେଗପୂର୍ଣ୍ଣ ରୀତିରେ ଥିଲା ଗତିଶୀଳ। ବରଂ ଦର୍ଶକଙ୍କ ଅନୁପସ୍ଥିତିବେଳେ ସେ ଅଭିନୟ ହୋଇଉଠୁଥିଲା ଅଧିକ ଭାବଗର୍ଭକ। ଆମ ତିନିଜଣଙ୍କ ଭିତରର ପାରସ୍ପରିକ ଶ୍ରଦ୍ଧା ହୋଇଯାଉଥିଲା ନିବିଡ଼ରୁ ନିବିଡ଼ତର।

ବିଚିତ୍ର ଯେହେତୁ ଥିଲା ରାମଚନ୍ଦ୍ର, ସେ ହେତୁରୁ ସୀତାଙ୍କ ଉପରେ ସେ ଅଧିକ ଅଧିକାର ସାବ୍ୟସ୍ତ କରୁଥିଲା ସେହି ନିରୋଳା ମୁହୂର୍ତ୍ତଗୁଡ଼ିକରେ। ପ୍ରେମିକ ପ୍ରେମିକା ବା ପତିପତ୍ନୀଙ୍କ ପ୍ରଣୟ ସମ୍ପର୍କରେ ସମ୍ପୂର୍ଣ୍ଣ ଅଜ୍ଞ ଓ ଅବୋଧ ବାଳକ ମୁଁ ସୀତା ଭୂମିକାରେ ରାମଚନ୍ଦ୍ରଙ୍କ ସ୍ନିଗ୍ଧ ଓଠରୁ ପାଉଥିଲି ଅଜସ୍ର ଚୁମ୍ବନ। ସେ ବିଚିତ୍ର ବି କ'ଣ ମୋ' ପରି ଅଜ୍ଞ ନ ଥିଲା? ତଥାପି ସ୍ୱତଃସ୍ଫୂର୍ତ୍ତ ଆବେଗ ଦ୍ୱାରା ଚାଳିତ ହୋଇ ମୋତେ ଯେପରି ସେ ଆଲିଙ୍ଗନବଦ୍ଧ କରୁଥିଲା ଓ ତା' ହୃଦୟର ଅନୁରାଗ ବ୍ୟକ୍ତ କରୁଥିଲା ଭାଷାରେ, ସେତିକିବେଳକୁ ସତକୁ ସତ ସେ ଆଉ ବିଚିତ୍ର ପରି ଲାଗୁ ନ ଥିଲା। ତା'ର ସମ୍ପୂର୍ଣ୍ଣ ମୁଖମଣ୍ଡଳରେ ଫୁଟିଉଠୁଥିଲା ଏକ ଅଦ୍ଭୁତ ସୌକୁମାର୍ଯ୍ୟ। ଦୁଇ ଆଖିରେ ଉଜ୍ଜ୍ୱଳରୁ ଉଜ୍ଜ୍ୱଳତର ହୋଇଉଠୁଥିଲା ତାହାର ପ୍ରୀତିଭରା ପରାଗ। ପୁନଶ୍ଚ ରାମଚନ୍ଦ୍ରଙ୍କ ପରି ଅତ୍ୟନ୍ତ ସଂଯତ ଭାଷାରେ କହୁଥିଲା ସଂଳାପ। ବରଣ କରିନେଇଥିଲା ବନବାସ। ଆଉ ବନବାସ ନିମନ୍ତେ ଅଯୋଧ୍ୟାରୁ ସୀତା ଓ ଲକ୍ଷ୍ମଣଙ୍କୁ ନେଇ ଯିବାବେଳେ ଆଉ ପିତାମାତାଙ୍କୁ ତଥା ଅନ୍ୟ ଦୁଇଭାଇଙ୍କୁ ଛାଡ଼ି ଆସିବା ସମୟରେ ତା'ର ଦୁଇ ଆଖି ଲୋତକାପ୍ଲୁତ ହେବାର ଉପକ୍ରମ କରୁଥିଲେ ମଧ୍ୟ ସେ ଥିଲା ଅପୂର୍ବ ସହନଶୀଳତା ଆଉ ଧୈର୍ଯ୍ୟଧାରଣରେ ପ୍ରଶାନ୍ତ। ରଘୁବୀର ଲକ୍ଷ୍ମଣ ଭୂମିକାରେ ଥିଲା ରାମଚନ୍ଦ୍ରଙ୍କର ସର୍ବଦା ଆଜ୍ଞାଧୀନ। ଆଉ ମୁଁ? ସେହିସବୁ ମୁହୂର୍ତ୍ତରେ ରୂପାନ୍ତରିତ ହୋଇଯାଉଥିଲି ସୀତା ଚରିତ୍ରରେ। କିପରି ମୋ' ତୁଣ୍ଡରୁ ସୁକୋମଳ ଭାଷା ହେଉଥିଲା ସ୍ଫୁରିତ, ତାହା ଜାଣିବାର ଶକ୍ତି ମୋର ନ ଥିଲା।

ରାମାୟଣର କଥାବସ୍ତୁ କିପରି ଗତିଶୀଳ ହୁଏ, ତାହା ପ୍ରତ୍ୟେକଙ୍କ ନିକଟରେ ପରିଚିତ। ଏ ନାଟକ ଥରେ ବା ଦୁଇଥର ନୁହେଁ, ବାରମ୍ବାର ଅଭିନୀତ ହେଉଥିଲା ରବିବାରର ନିଛାଟିଆ ଦି'ପ୍ରହର ବେଳାରେ। ବିଚିତ୍ର କେତେବେଳେ ପିଜୁଳି, କଦଳୀ ଆଉ କୋଳି ଧରି ଆସୁଥିଲା ମୋ' ପାଇଁ ଅତି ସ୍ନେହରେ, ସତେ ଯେମିତି ବଣମୂଳକରୁ ତାକୁ ସେ ସଂଗ୍ରହ କରିଛି।

> ଯେଉଁ ସ୍ଥାନରେ ତପସ୍ୟାରତ ଯୋଗୀ ମହାଯୋଗୀ, କବି ବା ମହାକବି ସେହି ସ୍ଥାନରେ ସୂକ୍ଷ୍ମ ଜଗତରେ ସେମାନଙ୍କ ପ୍ରଭାବ ରହେ ଅକ୍ଷୁଣ୍ଣ ହୋଇ। ଯିଏ ଧ୍ୟାନ ସହକାରେ ହୁଏ ନିବେଦିତ-ଚିତ୍ତ, ତା' ମଧ୍ୟକୁ ସେହି ସୂକ୍ଷ୍ମ ଲୋକର ଭାବଧାରା ଅବତରଣ କରିଆସେ। ତା' ହେଲେ? ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ସୂକ୍ଷ୍ମ ପ୍ରଭା-ବଳୟରେ ରହିଥିବା ବେଳେ ରାମାୟଣର କଥାବସ୍ତୁ ଆମ ତିନିଜଣଙ୍କ ମଧ୍ୟକୁ ଅବତରଣ କରିଆସିଥିଲା କି?




ଆମର ପୁରୁଣା ଘର। ଅର୍ଥାତ୍ ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ପବିତ୍ର ଜନ୍ମପୀଠ। ଗଙ୍ଗାଧରଙ୍କ 'ତପସ୍ୱିନୀ' କାବ୍ୟର ସୁଖ୍ୟାତି ପରିବ୍ୟାପ୍ତ ସମଗ୍ର ଓଡ଼ିଶାରେ। ବୟସ ବଢ଼ିବା ପରେ ଓ ଆମ ପୁରୁଣା ଘର ଓଡ଼ିଶା ସରକାରଙ୍କ ଦ୍ୱାରା ଜାତୀୟକରଣ ଘୋଷିତ ହୋଇଯିବା ପରେ, ସରକାରଙ୍କ ପ୍ରଦତ୍ତ ଅର୍ଥରେ ନିର୍ମିତ ନୂତନ ଘରକୁ ଆମେ ଚାଲିଆସିଥିଲୁ ମୁଁ ତୃତୀୟ ଶ୍ରେଣୀର ଛାତ୍ର ଥିବାବେଳେ। ସେହି ଦିନଠାରୁ ବିଚିତ୍ର ଓ ରଘୁବୀର ସହିତ ସମ୍ପର୍କ ଶିଥିଳ ଓ ଛିନ୍ନ ହୋଇଯାଇଥିଲା ସ୍ୱାଭାବିକ ରୀତିରେ। ବାସ୍ତବରେ ବିଚିତ୍ରର ଘର ବରପାଲିରେ ନ ଥିଲା। ସେ କିଛିଦିନ ପାଇଁ ଆସି ରହୁଥିଲା ତା' ମାମୁଘରେ। ବହୁ ସମୟରେ ତାକୁ ଡାକିବା ପାଇଁ ମୁଁ ସେ ଘରକୁ ଯାଇଛି ଓ ମୋର ଉପସ୍ଥିତି ଦେଖିବା ମାତ୍ରକେ ବିଚିତ୍ର ଯେଉଁ ଅବସ୍ଥାରେ ଥିଲେ ବି ଆବେଗଭରେ ଦୌଡ଼ି ଆସୁଥିଲା ମୋ' ପାଖକୁ। ବେଳେବେଳେ ଶାର୍ଟ ପିନ୍ଧିବାକୁ ମଧ୍ୟ ସେ ସମୟ ପାଉ ନ ଥିଲା ଏହି ଭାବାବେଗ ହେତୁରୁ। ଖାଲି ଦେହରେ କେବଳ ପ୍ୟାଣ୍ଟ ଖଣ୍ଡିଏ ପିନ୍ଧି ଉପସ୍ଥିତ ହୋଇଯାଉଥିଲା ଆମର ରଙ୍ଗମଞ୍ଚରେ। ରଘୁବୀର ଗୋଟିଏ ବାଉଁଶ ତିଆରି ଚୁପୁଲିରେ ଘରୁ ଆଣିଥିବା ମୁଢ଼ି ଅତ୍ୟନ୍ତ ଶ୍ରଦ୍ଧାରେ ନିବେଦନ କରୁଥିଲା ମୋତେ, ଯେମିତି କି ମୁଁ ତାହାର ମାତୃପ୍ରତିମା ସୀତା।

ନୂଆ ଘରକୁ ଆସିବା ପରେ ଆଉ ବହୁ ବର୍ଷ ଅତିକ୍ରାନ୍ତ ହୋଇଯିବା ଉତ୍ତାରୁ ମୁଁ ପଢ଼ିଥିଲି 'ତପସ୍ୱିନୀ' କାବ୍ୟଟିକୁ ସମ୍ପୂର୍ଣ୍ଣ ଭାବରେ। କାବ୍ୟପଠନ ସମୟରେ ଯେଉଁ ଦୃଶ୍ୟସବୁ ମୋ' ଆଖି ଆଗରେ ଉଦ୍ଭାସିତ ହୋଇଉଠୁଥିଲା, ତାହା ସେହି ବାଲ୍ୟକାଳର ରାମାୟଣ ଅଭିନୟ। କାବ୍ୟଟିକୁ ପାଠ କରିବାବେଳେ ପ୍ରତିଟି ଚରିତ୍ରଙ୍କୁ ନିଶ୍ଚିତ ଭାବରେ ହୃଦୟଙ୍ଗମ କରିଛି ମୋର ଶକ୍ତି ଅନୁସାରେ। ମାତ୍ର ସୀତାଙ୍କ ଚରିତ୍ର ମୋତେ ସବୁଠାରୁ ଅଧିକ ଭାବାଚ୍ଛନ୍ନ କରିଛି, ଯେହେତୁ ଦିନେ ସେହି ଭୂମିକାରେ ଅବତୀର୍ଣ୍ଣ ହୋଇଥିଲି ମୁଁ।

'ତପସ୍ୱିନୀ'ରେ ଏକାଦଶଟି ସର୍ଗ ରହିଛି। ପ୍ରତିଟି ସର୍ଗର ବିଷୟ ଉପସ୍ଥାପନ ଶୈଳୀ ମୋତେ କାହିଁକି ସହସ୍ର ସହସ୍ର ପାଠକ ପାଠିକାଙ୍କୁ ମୁଗ୍ଧ କରିଛି। ସୀତା ଯେତେବେଳେ ନିଜ ଆତ୍ମକଥା ବର୍ଣ୍ଣନା କରନ୍ତି ସେତେବେଳେ ମୋର ମନେହୁଏ ସତେ କି ଏହି ସତ ସବୁ କ୍ଷରିତ ହୋଇ ଆସୁଛି ମୋ' ହୃଦୟରୁ। "ବୋଇଲେ ସତୀ ସଖି ମୋ' ଦୁର୍ବିପାକ, ଘଟାଇ ଅଛି ଏକା ମୋ' ଦୁଃଖଯାକ। ମୋ' କର୍ମ ପାଇଁ ଦୋଷୀ ନୁହନ୍ତି ବିଧି, କାନ୍ତ ତ ସ୍ୱଭାବେ ମୋ' କରୁଣାନିଧି...।" ଏହା ପଢ଼ିବାବେଳେ ଅଶ୍ରୁବିଗଳିତ ହୋଇଛି ମୋର ଅନ୍ତଃସତ୍ତା କିପରି ଭାବରେ ତାହା ବୁଝାଇପାରିବା ମୋ' ସୀମିତ କ୍ଷମତାର ବାହାରେ।

ଓଡ଼ିଆ ସାହିତ୍ୟର ତଥା ଇଂରାଜୀ ସାହିତ୍ୟର ମହାନ ଲେଖକ ମନୋଜ ଦାସଙ୍କୁ ନ ଜାଣନ୍ତି କିଏ? 'ଅମୃତଫଳ' ଯେଉଁ ଉପନ୍ୟାସଟି ତାଙ୍କର ହେଉଛି ଶ୍ରେଷ୍ଠ କୃତି, ତାହା ଲେଖିବାର ପ୍ରେରଣା ମନୋଜ ଦାସ ପାଇଲେ କିପରି? ନିଜେ ସେ ଏକଥା ସ୍ୱୀକାର କରିଛନ୍ତି ଯେ, ଭର୍ତ୍ତୃହରିଙ୍କ ଗୁମ୍ଫା ମଧ୍ୟରେ ତାଙ୍କ କିୟତକାଳର ଧ୍ୟାନସ୍ଥ ଅବସ୍ଥାରେ ଏ ବିଷୟ ସଞ୍ଚରିତ ହୋଇ ଆସିଥିଲା ତାଙ୍କ ଆତ୍ମସତ୍ତାକୁ। ମନୋଜ ଦାସ ଅନ୍ୟ ଏକ ସ୍ଥାନରେ ମଧ୍ୟ ବର୍ଣ୍ଣନା କରିଛନ୍ତି ଯେ, ଯେଉଁ ସ୍ଥାନରେ ତପସ୍ୟାରତ ଯୋଗୀ ମହାଯୋଗୀ, କବି ବା ମହାକବି ସେହି ସ୍ଥାନରେ ସୂକ୍ଷ୍ମ ଜଗତରେ ସେମାନଙ୍କ ପ୍ରଭାବ ରହେ ଅକ୍ଷୁଣ୍ଣ ହୋଇ। ଯିଏ ଧ୍ୟାନ ସହକାରେ ହୁଏ ନିବେଦିତ-ଚିତ୍ତ, ତା' ମଧ୍ୟକୁ ସେହି ସୂକ୍ଷ୍ମ ଲୋକର ଭାବଧାରା ଅବତରଣ କରିଆସେ।

ତା' ହେଲେ? ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ସୂକ୍ଷ୍ମ ପ୍ରଭା-ବଳୟରେ ରହିଥିବା ବେଳେ ରାମାୟଣର କଥାବସ୍ତୁ ଆମ ତିନିଜଣଙ୍କ ମଧ୍ୟକୁ ଅବତରଣ କରିଆସିଥିଲା କି? ଆମେ ସେ ସମ୍ପର୍କରେ ଥିଲୁ ଅଚେତନ। ତଥାପି କବି ଆତ୍ମାର କରୁଣା ଆମକୁ ନିର୍ବାଚିତ କରିଥିଲା ତାଙ୍କ ମାଧ୍ୟମ ଭାବରେ ରୂପାନ୍ତରିତ ହୋଇ ତପସ୍ୱିନୀର କଥାବସ୍ତୁକୁ ସେଠାରେ ପ୍ରକଟ କରିବା ପାଇଁ? ଏକଥା ଆଜି ସ୍ମରଣ କଲାବେଳେ ଓ ତପସ୍ୱିନୀ କାବ୍ୟ ପାଠକରି ମୁଗ୍ଧ ହେବା ସମୟରେ ମୋତେ ଲାଗିଛି ସତେ ଯେପରି 'ତପସ୍ୱିନୀ'ରେ ଗୁମ୍ଫିତ ଭାବବସ୍ତୁକୁ ଆମ ନାବାଳକ କଣ୍ଠ ବିବୃତ କରୁଥିଲା ସେଦିନ।

ଆଖି କ୍ଷଣେ ମୁଦ୍ରିତ କରି ଏହି ସୂକ୍ଷ୍ମ ଜଗତକୁ ପ୍ରବେଶ କରିବାବେଳେ ଯେଉଁ ପ୍ରଶ୍ନ ଓ ପ୍ରସଙ୍ଗ ମୋତେ ନିତ୍ୟ ଆଲୋଡ଼ିତ କରୁଛି, ତାହା ହେଲା ଗଙ୍ଗାଧରଙ୍କ ସୂକ୍ଷ୍ମସତ୍ତା ମୋତେ ସେଦିନ ନିର୍ବାଚିତ କରି ନ ଥିଲା ତ ସୀତା ରୂପରେ?

ମୋ: ୯୯୩୭୩୬୫୬୯୮

## ପୁସ୍ତକ ପରିଚୟ

### ବସୁଧା ନନ୍ଦିନୀ




**ଲେଖିକା:** ଶକୁନ୍ତଳା ବଳିଆରସିଂହ
**ପ୍ରକାଶକ:** ପଶ୍ଚିମା ପବ୍ଲିକେଶନ୍ସ, ନୟାପଲ୍ଲୀ, ଭୁବନେଶ୍ୱର
**ପ୍ରଥମ ପ୍ରକାଶ:** ୨୦୨୩, **ମୂଲ୍ୟ:** ଟ.୬୯୯/-

ଆଲୋଚ୍ୟ ଉପନ୍ୟାସଟି ରାମାୟଣର ସୀତାଙ୍କ ପକ୍ଷ ନେଇ ରଚିତ ହୋଇଥିବାରୁ ଏହାର ନାମ 'ବସୁଧା ନନ୍ଦିନୀ' ରଖାଯାଇଛି। ସୀତା ହିଁ ଉପନ୍ୟାସର ନାୟିକା। ଏହି ଉପନ୍ୟାସଟି ଲେଖିବା ପାଇଁ ଲେଖିକା ଅନେକ ରାମାୟଣ ଓ ଆଲୋଚନାଗ୍ରନ୍ଥ ସଂଗ୍ରହ କରି ପଢ଼ିଥିବା କଥା 'କାହିଁକି ଲେଖିଲି' ଶୀର୍ଷକ ଗଦ୍ୟରେ ସୂଚାଇଛନ୍ତି। କିନ୍ତୁ ବହିଟି ପଢ଼ିଲେ ମନେହୁଏ ବଳରାମ ଦାସଙ୍କ 'ଜଗମୋହନ ରାମାୟଣ', ବିଶ୍ୱନାଥ ଖୁଣ୍ଟିଆଙ୍କ 'ବିଚିତ୍ର ରାମାୟଣ' ଓ ଉପେନ୍ଦ୍ର ଭଞ୍ଜଙ୍କର 'ବୈଦେହୀଶ ବିଳାସ' ତାଙ୍କର ଅଧିକ ଧ୍ୟେୟ ହୋଇଛି। ଉପନ୍ୟାସରେ ରହିଛି ମୋଟ ଚାଳିଶଟି ଅଧ୍ୟାୟ। ପ୍ରଚ୍ଛଦଲେଖରେ ଡ. ସଂଘମିତ୍ରା ଭଞ୍ଜ କହନ୍ତି: "ଏକବିଂଶ ଶତାବ୍ଦୀରେ ଯୁଗୀୟ ମୂଲ୍ୟବୋଧକୁ ଆଉ ପାଦେ ଆଗେଇ ନେବାରେ, ସାମାଜିକ ସଂସ୍କାରକୁ ପ୍ରତିଷ୍ଠା ଦେବାରେ 'ବସୁଧା ନନ୍ଦିନୀ' ଏକ ଶକ୍ତିଶାଳୀ ଭୂମିକା ନିର୍ବାହ କରିବ।" ସ୍ଥଳବିଶେଷରେ ଭଞ୍ଜଙ୍କ 'ବିଷ୍ଣୁପଦୀ ବିଷ୍ଣୁପଦ', 'ବିଭୂଷଣ ପୁଷ୍ପେ ଯା'କାନ୍ତି ଜାଣ'; ବଳରାମ ଦାସଙ୍କ 'ଶ୍ରୀରାମହୁଁ ଯେବେ ଆନେ ମନ ଥାଇ/ ବେନିଖଣ୍ଡ ହୋଇ ଫାଟୁ ମୋର ଦେହୀ' (ପାତାଳ ପ୍ରବେଶ ଅବକାଶରେ); ବିଶ୍ୱନାଥ ଖୁଣ୍ଟିଆଙ୍କ 'ହେ ବନଗିରି, ହେ ଲତାଗିରି' ଓ ଦୋଳିଗୀତ 'ଦୋଳି କରେ ରଟରଟ' ଆଦିର ପ୍ରୟୋଗ ବର୍ଣ୍ଣିତ ପ୍ରସଙ୍ଗକୁ ରସାଳ ଓ ଗଭୀର ଭାବମୟ କରିପାରିଛି। 'ପୂର୍ବାଭାସ'ରେ ଶକୁନ୍ତଳା ସୀତାଙ୍କ ଜନ୍ମର ଇତିବୃତ୍ତ ସଂକ୍ଷେପରେ ବର୍ଣ୍ଣନା କରିଛନ୍ତି। ଗ୍ରନ୍ଥାରମ୍ଭରେ 'ଜଗମୋହନ ରାମାୟଣ'ର 'ପୃଥୀରୁ ଉପୁଜି ପୃଥୀରେ ଗୁପତ' ଧାଡ଼ିଟିକୁ ଉଦ୍ଧାର କରି ସମଗ୍ର ଉପନ୍ୟାସଟିକୁ ଏହି ବୀଜମନ୍ତ୍ର ଉପରେ ଅଧିଷ୍ଠିତ କରାଇଛନ୍ତି। ଉପନ୍ୟାସର ପରିଣତି ସୀତାଙ୍କ ବିଦାୟରେ କରୁଣ ହୋଇଉଠିଛି, ଯାହା ପାଠକ ମନରୁ କେବେ ନିଷ୍ପ୍ରଭ ହେବାର ନୁହେଁ।

### ଏମିତି ଚାଲିଥିବ




**ଲେଖକ:** ସୃଷ୍ଟିଧର ପରିଡ଼ା
**ପ୍ରକାଶକ:** ସୁବର୍ଣ୍ଣଶ୍ରୀ ପ୍ରକାଶନୀ, ନେଳିଆବାଗ, ବାଲେଶ୍ୱର
**ପ୍ରଥମ ପ୍ରକାଶ:** ୨୦୨୨, **ମୂଲ୍ୟ:** ଟ.୧୨୦/-

ମୋଟ ଦଶଟି ପରିଚ୍ଛେଦରେ ସମାହିତ ଆଲୋଚ୍ୟ ଉପନ୍ୟାସଟି ସାମ୍ପ୍ରତିକ ସମୟର ଏକ ଛାୟାଛବି, ଯେଉଁଥିରେ ଲେଖକ ରାଜନୀତି ଓ ରାଜନୀତି ସହ ସମ୍ବନ୍ଧିତ ବ୍ୟବସ୍ଥାର ବିଡ଼ମ୍ବିତ ଘଟଣାବଳୀକୁ ରୂପଦେବାର ଚେଷ୍ଟା କରିଛନ୍ତି। 'ନିଜକଥା'ରେ ଲେଖିଛନ୍ତି: "ଯେତେଯେତେ ସାମ୍ପ୍ରତିକ ରାଜନୀତିକୁ ନିରେଖି ଦେଖିଛି, ସେ ମୋତେ ସେତେସେତେ ବିସ୍ମିତ କରିଛି। ବର୍ତ୍ତମାନର ବ୍ୟବସ୍ଥାକୁ ଦେଖି ମୋ' ମନରେ ରାଜନୀତି ପ୍ରତି ବିତୃଷ୍ଣା ଆସିଛି। ଅନେକ କ୍ଷୋଭ, ଦୁଃଖ, କୋହ ଓ ଉଦ୍‌ବେଳନ ଆସିଛି। ତାହା ହିଁ ସ୍ଥାନ ନେଇଛି ମୋର ଏଇ ରାଜନୈତିକ ଉପନ୍ୟାସ 'ଏମିତି ଚାଲିଥିବ'ରେ।" ଅଭିମତ ରଖି ଡ. ଭାଗବତ ବେହେରା କହିଛନ୍ତି: "ଅନେକ ଦିନ ତଳେ ଆମେ ପଢ଼ିଥିଲୁ ଗୋଦାବରୀଶଙ୍କ 'ନିଆଁଖୁଣ୍ଟା' ପତ୍ରିକା। ସେତେବେଳେ ଯଦିଓ ଏତେ ମାତ୍ରାରେ ଭ୍ରଷ୍ଟାଚାର ଏ ଦେଶରେ ବ୍ୟାପି ନ ଥିଲା, ତଥାପି ଯାହା କିଛି ଦୁର୍ନୀତି ହେଉଥିଲା, ସେ ସବୁ ନିର୍ଭୀକ ଭାବରେ ତାଙ୍କ ପତ୍ରିକାରେ ପ୍ରକାଶ ପାଉଥିଲା। 'ଏମିତି ଚାଲିଥିବ' ଉପନ୍ୟାସଟି 'ନିଆଁଖୁଣ୍ଟା' ଦୃଷ୍ଟିକୋଣର ଅନୁରୂପ।" ଉପନ୍ୟାସଟି ପଢ଼ିଲେ ମନେହୁଏ ସମଗ୍ର ସମାଜକୁ କିପରି କ୍ଷମତା, ଅର୍ଥ ଓ ପ୍ରତିପତ୍ତିର କ୍ଷୁଧା ଛତ୍ରେଛତ୍ରେ ଆବୋରି ବସିଛି, ଯାହାର ଜୀବନ୍ତ ଚିତ୍ରକୁ ଲେଖକ ସରଳ ଓ ତିର୍ଯ୍ୟକ୍ ଭାଷାରେ ସାକାର କରିଛନ୍ତି। ଉପନ୍ୟାସର ଚରିତ୍ରଗୁଡ଼ିକୁ କେଉଁଠି ନା କେଉଁଠି ସ୍ୱଚକ୍ଷୁରେ ଦେଖିଛି ନିଶ୍ଚୟ, ଏପରି ମନେକରିବ ପାଠକ। ନିଜର ପ୍ରତିପାଦ୍ୟକୁ ନେଇ ନିଜ ଶକ୍ତିରେ ବହିଟି ବଞ୍ଚିରହିବ ବୋଲି ଆଶା।

## କାଳକାଳକୁ



"ଜୀବନ ବଞ୍ଚିବା ଏକ କଳା,
କଳା ନୁହେଁ ଏକ ତପସ୍ୟା।"
-ମହାବୀର ପ୍ରସାଦ ଦ୍ୱିବେଦୀ

**ମହାବୀର ପ୍ରସାଦ ଦ୍ୱିବେଦୀ**ଙ୍କ ଜନ୍ମ ୧୫ ମେ ୧୮୬୪ରେ ଓ ପରଲୋକ ୨୧ ଡିସେମ୍ବର ୧୯୩୮ରେ, ରାଏବରେଲୀରେ। ସେ ଏକାଧାରରେ ଥିଲେ ଲେଖକ, ସମ୍ପାଦକ ଓ ଅନୁବାଦକ। ହିନ୍ଦୀ ସାହିତ୍ୟର ଚାରି କାଳଖଣ୍ଡ ମଧ୍ୟରୁ ଦ୍ୱିତୀୟ (୧୮୯୩-୧୯୧୮)ଟିର ସେ ଥିଲେ ସବୁଠୁଁ ପ୍ରତିଭାଦୀପ୍ତ ଲେଖକ। ଏହି ଯୁଗଟି ହିନ୍ଦୀ ସାହିତ୍ୟରେ 'ଦ୍ୱିବେଦୀ ଯୁଗ' ଭାବେ ଖ୍ୟାତ। ତାଙ୍କର କେତୋଟି ପ୍ରସିଦ୍ଧ ସାହିତ୍ୟକୃତି ହେଉଛି- 'କାବ୍ୟ ମଞ୍ଜୁଷା', 'କବିତା କଳାପ', 'ସୁଗନ୍ଧ', 'ମେରେ ଜୀବନକୀ ଯାତ୍ରା', 'ସାହିତ୍ୟ ସନ୍ଦର୍ଭ' ଓ 'ବିଚାର ବିମର୍ଶ'। ୧୯୦୩ରୁ ୧୯୨୦ଯାଏ ସେ ଥିଲେ ପ୍ରସିଦ୍ଧ ହିନ୍ଦୀ ମାସିକ ପତ୍ରିକା 'ସରସ୍ୱତୀ'ର ସୁଯୋଗ୍ୟ ସମ୍ପାଦକ। ସେ କୁହନ୍ତି: "ଦହିରେ ଯେତେ ଦୁଧ ଢାଳ, ସେ ଦହି ହିଁ ହେବ। ସେହିପରି ଡରୁଆ ଲୋକ ଭିତରେ କେବଳ ଡର ହିଁ ଜନ୍ମନେବ।"

## କବିତା

### ବଙ୍କର ଜୀବନ

ସଂଜୀବ କୁମାର ପଣ୍ଡା

ଘୃଣାର ପର ଖଞ୍ଜି ଆକାଶରେ
ପଇଁତରା ମାରୁଥିବା ନିଆଁ
ଜାଳି ପୋଡ଼ି ପାଉଁଶ କରିପକାଏ
ଅନେକ ଭବିଷ୍ୟତ ଧ୍ୱଂସ କରିଦିଏ
ଅସଂଖ୍ୟ ସବୁଜ ସପନ।

ଆଲୁଅ ଚୋରି କରିଛି ଧୂସର ଆକାଶ
ଚତୁର୍ଦ୍ଦିଗ ଆବୋରି ନେଇଛି
ଅନ୍ଧକାର ଆଉ ଅନ୍ଧକାର
ମଝିରେ ମଝିରେ ଫାଟି ପଡ଼ୁଛି
କାନ ପରଦା
ଭୟଙ୍କର ଶବ୍ଦ ପରେ ପରେ
ସ୍ତବ୍ଧ ଗଗନ ପବନ।

ନିଃସହାୟ ସମୟ ମୁଣ୍ଡ ପୋତି
ନିର୍ବାକ୍ ବସିଛି
ପାଉଁଶ ସ୍ତୂପ ଉପରେ।
ନିଜକୁ ସମର୍ପି ଦେଇଛି
ଆତତାୟୀର ପାଦତଳେ।

ଶୋଭାଯାତ୍ରାର ସବା ଆଗରେ
ଧ୍ୱଜା ଧରି ଠିଆ ହୋଇ
ଯେଉଁମାନେ ଶାନ୍ତି ମୈତ୍ରୀର
ବାର୍ତ୍ତା ଗାୟନ କରୁଥିଲେ
ସେମାନଙ୍କ ଦର୍ଶନ ନାହିଁ
ଗଲେ କୁଆଡ଼େ?
ଆସନ୍ତେ କି ଥରେ
ହୁ ହୁ ଜଳୁଥିବା ହିଂସାର
ଲେଲିହାନ ଶିଖାକୁ
ବିଶ୍ୱ ଭ୍ରାତୃତ୍ୱର ଜଳ ଛିଞ୍ଚି
ବୁଝାଇ ଦିଅନ୍ତେ ସବୁଦିନ ପାଇଁ।

ଆହୁରି କେତେ ମୁଣ୍ଡ ଗଡ଼ିବା ପରେ
କେଜାଣି!
ହେବ ସେମାନଙ୍କ ଧ୍ୟାନଭଗ୍ନ
ଏବେତ ମଣିଷ ଜିଉଛି
ବଙ୍କର ଜୀବନ।

ମୋ: ୯୬୫୮୭୧୫୨୨୬

### ସଞ୍ଜ ଆସିଛି

ମନୀଷା ପଣ୍ଡା

ସଞ୍ଜ ଆସିଛି
ଠିକ୍ ନୀଡ଼ ବାହୁଡ଼ା
ପକ୍ଷୀଦଳଙ୍କ ପିଛା କରି,
ନୂଆବୋଉର
ଚଉଁରା ଆଳତି ପରେ ପରେ,

ଅଣ୍ଟାରେ ଖୋସି ମଜୁରି
ଦୀନାମାଝି ଘରବାହୁଡ଼ା ବାଟରେ,
ଗୁହାଳ ଶିକୁଳିରେ ଗୋଠରୁ ଫେରି
ଚାନ୍ଦର ମାଆ ଛନ୍ଦି ହେବା ପରେ,

ହେଇ ଦେଖ ଶୁନଗାଡ଼ିର ପ୍ୟାଡେଲ
ଠେଲି ପେଲି ପାଦରେ
ଝୁଡ଼ି ଖାଲି କରି ଫେରୁଛି ସୁଦାମ ହାଟରୁ
ମାତାଲ୍ ବୋଧେ ସଂସାର ନିଶାରେ!

ବତିଖୁଣ୍ଟର ବଡ଼ ଆଲୁଅଟା
ଆଖି ଫାଡ଼ି ସାରିଲାଣି
ଚଟ୍ କରି ଏଇ ପାଖ ସହର ରାସ୍ତାରେ,
ଏମିତି ଗୋଟେ ସଞ୍ଜ ଆସିଛି
ଗାଁରୁ ସହର ସବୁଠି
ଖରା ଲୁଚି ଯିବାପରେ।

ମୋ: ୮୨୪୯୬୮୬୦୯୩

### ଶବ୍ଦ

ଗାୟତ୍ରୀ ସିଂହ

ସବୁଠି ଶବ୍ଦର ଖେଳ
ଜନ୍ମଠାରୁ ଲୁଇଯାଏ
ଶିଶୁର ପାକୁଆ ପାଟିରୁ ଆରମ୍ଭ କରି
ବାର୍ଦ୍ଧକ୍ୟର ପାକୁଆ ପାଟି ପର୍ଯ୍ୟନ୍ତ।

ଅନେକ କିଛି କହିବାର ପ୍ରୟାସ
କିଛି କଥା ଅବୁଝା ରହିଯିବାର ଯେଉଁ ବ୍ୟଥା
ମା'ଟିଏ ବୁଝେ, ବାର୍ଦ୍ଧକ୍ୟରେ ସ୍ତ୍ରୀଟିଏ ବୁଝେ
ଶବ୍ଦ ପାଟିରୁ ଥରେ ଖସିଗଲେ ଫେରେନା
ଶବ୍ଦ ବିନିମୟରେ ସୃଷ୍ଟି ହୁଏ ମଧୁର ସମ୍ପର୍କ
ବେଳେବେଳେ ତିକ୍ତତା ଆସିଯାଏ।

କୁହାଯାଏ ଆଚରଣ ଆଉ
ଉଚ୍ଚାରଣରେ ଯଦି
ସଂଯମତା ଥାଏ ତା'ହେଲେ ସବୁ କିଛି
ନିଜ ଆୟତ୍ତରେ
ଶବ୍ଦରେ ଶବ୍ଦରେ ସୃଷ୍ଟି ହୁଏ
ଶବ୍ଦର ଭଣ୍ଡାର
ଶବ୍ଦର ଇମାରତ୍ ଭିତରେ
ମଣିଷ ଖୋଜିବସେ
ହଜାଇଥିବା ଇତିହାସକୁ।
ହଜିବା ଖୋଜିବା ଭିତରେ
ପ୍ରୟାସ ଜାରିଥାଏ
ଶବ୍ଦର କୋଣାର୍କ ଗଢ଼ିବା ପାଇଁ।

ମୋ: ୭୬୦୬୯୫୭୪୪୫

### ଗୀତି କବିତା

#### ଖରା: ପ୍ରେମ କଥା

ଧନଞ୍ଜୟ ସ୍ୱାଇଁ

ପଳାଶ ପାହାଡ଼େ ତୁମ ମୋ' ପ୍ରେମର
ଗୋପନ ଦିହୁଡ଼ି ଜାଳି
ତୁମକୁ ଦେଖିବା ବାହାନାରେ ଖରା
ଆସେ ନିଆଁ-ନାଚ କରି ॥ ୦ ॥

ଖରା ଲେଉଟାଣି ମଉସୁମୀ ଓଠେ
ଅସରାଏ ଅବା ଶୋଷ
ମଲା ନଈତୁଠେ ଅବଶ ନାଆର
ଦୁଃଖ ଓ ଦୀର୍ଘଶ୍ୱାସ
ତୁମ ପାପୁଲିରେ ଖରା ଫଗୁଣର
ଆରକ୍ତ ଅବିର ପରି
ଗୋପନ ଦିହୁଡ଼ି ଜାଳି...॥ ୧ ॥

ଖରା ନିଦାରୁଣ ବଇଶାଖ ମାସ
ଉଜୁଡ଼ା କ୍ଷେତର ଲୁହ
ଡଙ୍ଗର ଉହାଡ଼େ ନିଆଁଲଗା ଖରା
ମଲା ଝରଣାର କୋହ
ଖରା ଡାକିଆଣେ କଷିମେଘ
ତୁମ ବାଡ଼ିପଟେ ବାନ୍ଧି ଦୋଳି
ଗୋପନ ଦିହୁଡ଼ି ଜାଳି...॥ ୨ ॥

ମୋ: ୯୪୩୭୦୦୦୬୩୬

## ଲଘୁଗଳ୍ପ

# ସୁନାପୁଅ

ସୁଦର୍ଶନ ମହାପାତ୍ର

ଗୁରେଇ ଯାଇଥିଲା କାମକୁ। ନୂଆ ତିଆରି କୋଠାର ପ୍ଲାଷ୍ଟର କାମ ଚାଲିଥିଲା। ଏତିକି ବେଳକୁ ମାଡ଼ିଆସିଲା କାଳବୈଶାଖୀ। ପଶ୍ଚିମ ପଟରୁ ଘୋଟି ଆସିଲା କଳା ଘୁମୁର ବାଦଲ। ଚାହୁଁଚାହୁଁ ଛାଇଗଲା ସାରା ଆକାଶ। ବର୍ଷା ଆରମ୍ଭ ହୋଇଗଲା କ୍ଷଣିକ ମଧ୍ୟରେ। ମିସ୍ତ୍ରି ପାଲର ଗୋଟିଏ ପଟ ରସି ବାନ୍ଧିଦେଲା କୌଣସି ମତେ। ଆରପଟକୁ ବାନ୍ଧିବାକୁ ସୁବିଧା ହେଉ ନଥିଲା। ଏଇ ସମୟକୁ ଆସିଲେ ମାଲିକ। ସଦ୍ୟ ହୋଇଥିବା ପ୍ଲାଷ୍ଟର ଧୋଇଯିବ ଯେ, ଚିଲେଇ ଉଠିଲେ। ମିସ୍ତ୍ରି କ'ଣ ଆଉ ଓଦା ହୋଇଥାନ୍ତା! ତରବର ହୋଇ ଆରପଟ ରସିକୁ ଧରି ଠିଆ ହେଲା ଗୁରେଇ। ନିଜେ ଗୋଟାପଣେ ଓଦା। ବୋଝ ଉପରେ ନଳିତାବିଡ଼ା ଭଳି ବର୍ଷା ସାଙ୍ଗକୁ ଖାଇଲା କୁଆପଥର ମାଡ଼!

ଏସବୁ କେବେଠୁ ଦେହସୁହା ହୋଇ ଗଲାଣି ଗୁରେଇର। ତା' ଜୀବନରେ ଆହୁରି ବିକଟ କାଳବୈଶାଖୀ ଆସି ଚାଲିଯାଇଛି। ପୋଛି ନେଇଛି ତା'ର ମଥାର ସିନ୍ଦୂର। ରିକ୍ତ ହୋଇଛି ଦେହମନ, ସମ୍ବଳ, ଭରସା ଓ ଖୁସି। ଦୁର୍ଘଟଣାରେ ଅପତ୍ତଖର୍ଗିକୁ ଆରପାରିକୁ ଯିବାର ଗୋଟିଏ ବର୍ଷ ହୋଇଗଲାଣି। ସେବେଠୁ ପଦାକୁ ଗୋଡ଼ କାଢ଼ିଛି ଗୁରେଇ। ଅପତ୍ତିର ସନ୍ତକକୁ ଦୁନିଆରେ ମଣିଷ କରି ଠିଆ କରାଇବାକୁ ହେବ ଯେ!

ପରଦିନକୁ ଗୁରେଇ ଦେହରେ ଭର୍ତ୍ତି ଜ୍ୱର। ଦୁର୍ବଳ ଲାଗୁଛି। ତଥାପି ତ ଯିବାକୁ ପଡ଼ିବ। ଠିକାଦାର କାଲି ପଇସା ଦେଇନି। କୌଣସିମତେ ସେଦିନର କାମ ସରିଲା। ସକାଳୁ ମା' ପୁଅ ଦୁହେଁ ଚୁଡ଼ା ମୁଠେମୁଠେ ଖାଇଥିଲେ ଯାହା। ସଞ୍ଜ ହୋଇଗଲା ପଛେ ଠିକାଦାରର ଦେଖା ନଥିଲା। ବଜାର ଛକରେ ଠିଆ ହୋଇଥିବେ ଭାବି ପୁଅକୁ ଧରି ପହଞ୍ଚିଲା ସେଠି। ଏପଟସେପଟ ଚାହିଁଲା ଭିତରେ ଶୁଭିଲା ପୁଅର ବିକଳ ସ୍ୱର।

'ମାଆ...ଭୋକ...!' ଗୁରେଇ ଫେରି ଚାହିଁଲା ପୁଅ ଆଡ଼କୁ। ତା'ର ଆଖି ଜଳଖିଆ ଦୋକାନ ଆଡ଼କୁ ଲମ୍ବି ଯାଇଥିଲା।

ଲୁଗା କାନିରେ ବନ୍ଧା ପାଞ୍ଚଟଙ୍କିଆ କଏନ୍‌ରେ ପୁଅ ପାଇଁ ବିସ୍କୁଟ ପ୍ୟାକେଟ୍‌ଟିଏ କିଣି ଦେଲା। ଜ୍ୱର ପାଇଁ ଔଷଧ କିଣିବାକୁ ପଇସା ନାହିଁ। ଫେରିଲା ଅନାବାଦୀ ଜାଗାରେ ଠିଆ ତା' ଝୁମ୍ପୁଡ଼ିକୁ। ରାତି କେତେ ହେବ କେଜାଣି, ନିଦ ଭାଙ୍ଗିଲା ପୁଅର ଡାକରେ।

- 'ମାଆ, ଭୋକ!' ଧକେଇ ହେଲା ଭଳି ସ୍ୱର। ଗୁରେଇ ପୁଅକୁ ଟାଣିଆଣିଲା ପାଖକୁ।

- "ଭୋକ କଲାଣି ମୋ' ଧନକୁ? ବାପାକୁ କହିଦେ ମା' ମୋତେ ଖାଇବାକୁ ଦେଇନି ବୋଲି।" ମାଆ ଆଖିରେ ଲୁହ।

- "ମାଆ ସେ ତାରା ଆଜି ଦେଖାଯାଉନି ତ!"

- "ଓ ହୋ, ମେଘୁଆ ପାଗ ତ, ତୋ ବାପା ଆଜି ଆକାଶକୁ ବୁଲି ଆସିନାହାନ୍ତି। କାଳେ ଝଡ଼ବର୍ଷା ଆସିବ!" ଲୁହ ପୋଛି କହିଲା ଗୁରେଇ।

- "ବାପା ଯଦି ସେଇ ତାରାର ଆଲୁଅ ହୋଇ ମୋ' ପାଖକୁ ଆସନ୍ତି, ତାହେଲେ ମୋ' ସାଙ୍ଗରେ କଥା ହେଉନାହାନ୍ତି କାହିଁକି?"

- "ସେ ଆସିଲା ବେଳକୁ ତୁ ଶୋଇ ପଡ଼ିଥାଉ। ତୋତେ ଗେହ୍ଲା କରି ଫେରିଯାଆନ୍ତି ପୁଣି।"

- "ମୋ' ପେଣ୍ଟ ଫୁଟିଗଲାଣି। ଜାମା ଛିଣ୍ଡି ଗଲାଣି। ତୁ ବାପାଙ୍କୁ କହୁନୁ ମୋ' ପାଇଁ ନୂଆ ଆଣିବେ।"

- "କହିଛନ୍ତି ଆଣିବେ ବୋଲି ପରା। ତୁ ମନଦେଇ ପାଠ ପଢ଼ିବା ପାଇଁ ବି କହିଛନ୍ତି। ଦି' ଅକ୍ଷର ପାଠ ପଢ଼ିଲେ ସିନା ବାବୁଘର ପିଲାଙ୍କ ଭଳି ଆରାମରେ ରହିବୁ!"

- "ମୋ' ପାଇଁ ବହି, ଖାତା, କଲମ ଆଣିଲେ ସିନା ପାଠ ପଢ଼ିବି।"

- "ଆଣିବି ନା... ଆଣିବି...। ମୋ' ସୁନା ପୁଅ ପାଠ ପଢ଼ିବ...। ଦୁନିଆରେ ମଣିଷ ହୋଇ ଠିଆ ହେବ...। ଦେଶବିଦେଶ ବୁଲି ଦେଖିବ..।"

ମାଆର ଛୁଆଁରେ, ମାଆର ମିଠାମିଠା କଥାରେ ସୁନାପୁଅ ଭୋକ ଭୁଲି ଶୋଇ ପଡ଼ିଥିଲା ପରମ ସୁଷୁପ୍ତିରେ...। ହେଲେ ମାଆ ଆଖିରୁ ଲୁହର ଧାର ବୋହି ଚାଲିଥିଲା ନିଃଶବ୍ଦରେ...।

ମୋ: ୯୪୩୮୧୭୫୫୪୨



# ସୂର୍ଯ୍ୟଙ୍କ ଶତକ: ମୁମ୍ବାଇ ବିଜୟୀ

**ମୁମ୍ବାଇ, ୧୨।୫**

ସୂର୍ଯ୍ୟକୁମାର ଯାଦବଙ୍କ ଶତକ ସହାୟତାରେ ମୁମ୍ବାଇ ଇଣ୍ଡିଆନ୍ସ ଇଣ୍ଡିଆନ ପ୍ରିମିୟର ଲିଗ୍‌ର ଶୁକ୍ରବାର ଅନୁଷ୍ଠିତ ମ୍ୟାଚରେ ଗୁଜରାଟ ଟାଇଟନ୍ସକୁ ୨୭ ରନରେ ପରାସ୍ତ କରିଛି। ସୂର୍ଯ୍ୟଙ୍କ ପ୍ରଥମ ଆଇପିଏଲ୍ ଶତକ ସହାୟତାରେ ମୁମ୍ବାଇ ୨୦ ଓଭରରେ ୫ ଉଇକେଟ ହରାଇ ୨୧୮ କରିଥିଲା। ଜବାବରେ ଗୁଜରାଟ ଦଳ ୨୦ ଓଭରରେ ୮ ଉଇକେଟ ହରାଇ ୧୯୧ ରନ କରି ପାରିଥିଲା। ୧୨ ମ୍ୟାଚରୁ ୭ମ ବିଜୟ ସହ ମୁମ୍ବାଇ ପଏଣ୍ଟ ଟେବୁଲର ତୃତୀୟ ସ୍ଥାନକୁ ଉନ୍ନୀତ ହୋଇଛି। ବଡ଼ ସ୍କୋର ଚାପରେ ଗୁଜରାଟ ମାତ୍ର ୨୬ ରନରେ ୩ଟି ଉଇକେଟ ହରାଇ ବ୍ୟାକ୍‌ଫୁଟକୁ ଚାଲି ଯାଇଥିଲା। ଶେଷ ଭାଗରେ ରଶିଦ ଖାଁ ଆକର୍ଷଣୀୟ ଶଟ୍ ଖେଳି କ୍ୟାରିୟର ଶ୍ରେଷ୍ଠ ୭୯ (୩୨ ବଲ, ୩ ଚୌକା, ୧୦ ଛକା) ରନ କରିଥିଲେ ହେଁ ତାହା ପର୍ଯ୍ୟାପ୍ତ ହୋଇ ନ ଥିଲା। ଡେଭିଡ ମିଲର ୪୧ ଓ ବିଜୟ ଶଙ୍କର ୨୯ ରନ କରିଥିଲେ। ମୁମ୍ବାଇ ବୋଲରଙ୍କ ମଧ୍ୟରେ ଆକାଶ ମାଧ୍ୱାଲ ୩ଟି, ପୀୟୂଷ ଚାୱ୍‌ଲା ଓ କୁମାର କାର୍ତ୍ତିକେୟ ୨ଟି ଲେଖାଏ ଏବଂ ଜାସନ ବେହେରନଡର୍ଫ ଗୋଟିଏ ଉଇକେଟ ନେଇଥିଲେ।

ୱାଙ୍ଖେଡେ ଷ୍ଟାଡିୟମର ବ୍ୟାଟିଂ ଟ୍ରାକ୍‌ରେ ଟସ୍‌ହାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ମୁମ୍ବାଇର ଟପ୍ ଓ ମିଡିଲ ଅର୍ଡର ବ୍ୟାଟର ଚମତ୍କାର ପ୍ରଦର୍ଶନ କରିଥିଲେ। ବ୍ୟାଟିଂ ମେରୁଦଣ୍ଡ ସାଜିଥିଲେ ସୂର୍ଯ୍ୟ। ସେ ବିସ୍ଫୋରକ ବ୍ୟାଟିଂ କରି ୪୯ ବଲ୍‌ରୁ ୧୧ ଚୌକା ଓ ୬ ଛକା ସହାୟତାରେ ୧୦୩ ରନରେ ଅପରାଜିତ ରହିଥିଲେ। ତାଙ୍କ ଷ୍ଟ୍ରାଇକ୍‌ହାର ଥିଲା ୨୧୦.୨୦। ଅଧିନାୟକ ରୋହିତ ଶର୍ମା (୧୮ ବଲ, ୨୯ ରନ, ୩ ଚୌକା, ୨ ଛକା) ଓ ଇଶାନ କିଶନ (୨୦ ବଲ୍‌ରୁ ୩୧ ରନ, ୪ ଚୌକା, ୧ ଛକା) ଓପନିଂ ଯୋଡ଼ିରେ ୩୭ ବଲ୍‌ରୁ ୬୧ ରନକରି ଦଳକୁ ଭଲ ଆରମ୍ଭ ଦେଇଥିଲେ। ନେହାଲ ୱାଧେରା (୧୫) ଫେଲ୍ ମାରିଥିଲେ ହେଁ ବିଷ୍ଣୁ ବିନୋଦ ୨୦ ବଲ୍‌ରୁ ୩୦ (୨ ଚୌକା, ୨ ଛକା) ରନ କରି ସୂର୍ଯ୍ୟଙ୍କୁ ଉପଯୁକ୍ତ ସହଯୋଗ କରିଥିଲେ। ଗୁଜରାଟ ବୋଲରଙ୍କ ମଧ୍ୟରେ ରଶିଦ ଖାଁ ସର୍ବାଧିକ ୪ଟି ଏବଂ ମୋହିତ ଶର୍ମା ଗୋଟିଏ ଉଇକେଟ ନେଇଥିଲେ।



ସୂର୍ଯ୍ୟକୁମାର ଯାଦବ

**ସଂକ୍ଷିପ୍ତ ସ୍କୋର**

ମୁମ୍ବାଇ ଇଣ୍ଡିଆନ୍ସ ୨୦ ଓଭରରେ ୨୧୮/୫ (ସୂର୍ଯ୍ୟକୁମାର ଯାଦବ-୧୦୩*, ଇଶାନ କିଶନ-୩୧, ବିଷ୍ଣୁ ବିନୋଦ-୩୦, ରୋହିତ ଶର୍ମା-୨୯, ରଶିଦ ଖାଁ-୪/୩୦, ମୋହିତ ଶର୍ମା-୧/୪୩)। ଗୁଜରାଟ ଟାଇଟନ୍ସ ୨୦ ଓଭରରେ ୧୯୧/୮ (ରଶିଦ ଖାଁ-୭୯*, ଡେଭିଡ ମିଲର-୪୧, ବିଜୟ ଶଙ୍କର-୨୯, ଆକାଶ ମାଧ୍ୱାଲ-୩/୩୧, ପୀୟୂଷ ଚାୱ୍‌ଲା-୨/୩୬, କୁମାର କାର୍ତ୍ତିକେୟ-୨/୩୭, ଜାସନ ବେହେରନଡର୍ଫ-୧/୩୭)।

### ଆଇପିଏଲ୍ କାର୍ଯ୍ୟସୂଚୀ

(ଆଜିର ମ୍ୟାଚ)

**ହାଇଦ୍ରାବାଦ ବନାମ ଲକ୍ଷ୍ମୌ**
ସ୍ଥାନ:ହାଇଦ୍ରାବାଦ,
ସମୟ: ଅପରାହ୍ନ ୩.୩୦

**ଦିଲ୍ଲୀ ବନାମ ପଞ୍ଜାବ**
ସ୍ଥାନ: ଦିଲ୍ଲୀ,
ସମୟ: ରାତି ୭.୩୦

ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ

### ଆଇପିଏଲ୍ ପଏଣ୍ଟ ଟେବୁଲ

| ଦଳ | ମ୍ୟାଚ | ବିଜୟ | ପରାଜୟ | ପଏଣ୍ଟ | ରନ ହାର |
|---|---|---|---|---|---|
| ଗୁଜରାଟ ଟାଇଟନ୍ସ | ୧୨ | ୮ | ୪ | ୧୬ | +୦.୭୬୧ |
| ଚେନ୍ନାଇ ସୁପର କିଙ୍ଗ୍ସ | ୧୨ | ୭ | ୪ | ୧୫ | +୦.୪୯୩ |
| ମୁମ୍ବାଇ ଇଣ୍ଡିଆନ୍ସ | ୧୨ | ୭ | ୫ | ୧୪ | -୦.୧୧୭ |
| ରାଜସ୍ଥାନ ରୟାଲ୍ସ | ୧୨ | ୬ | ୬ | ୧୨ | +୦.୬୩୩ |
| ଲକ୍ଷ୍ମୌ ସୁପର ଜାଏଣ୍ଟ୍ସ | ୧୧ | ୫ | ୫ | ୧୧ | +୦.୨୯୪ |
| ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର | ୧୧ | ୫ | ୬ | ୧୦ | -୦.୩୪୫ |
| କୋଲକାତା ନାଇଟ ରାଇଡର୍ସ | ୧୨ | ୫ | ୭ | ୧୦ | -୦.୩୫୭ |
| ପଞ୍ଜାବ କିଙ୍ଗ୍ସ | ୧୧ | ୫ | ୬ | ୧୦ | -୦.୪୪୧ |
| ସନ୍‌ରାଇଜର୍ସ ହାଇଦ୍ରାବାଦ | ୧୦ | ୪ | ୬ | ୮ | -୦.୪୭୨ |
| ଦିଲ୍ଲୀ କ୍ୟାପିଟାଲ୍ସ | ୧୧ | ୪ | ୭ | ୮ | -୦.୬୦୫ |

ବି.ଦ୍ର.: ମେ' ୩ରେ ଲକ୍ଷ୍ମୌ ସୁପର ଜାଏଣ୍ଟ୍ସ ଓ ଚେନ୍ନାଇ ସୁପର କିଙ୍ଗ୍ସ ମଧ୍ୟରେ ଅନୁଷ୍ଠିତ ମ୍ୟାଚ ବର୍ଷା ଯୋଗୁ ବାଧାପ୍ରାପ୍ତ ହୋଇ ଫଳାଫଳ ବିହୀନ ରହିଥିଲା।

କୋଷ୍ଠକାଠିନ୍ୟର
ସମାଧାନ
9119788888







4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ